ଓଡ଼ିଆ ଲିପି ଓ ଭାଷା

ଓଡ଼ିଶା ସାହିତ୍ୟ ଏକାଡେମୀ

ଓଡ଼ିଆ ଲିପି ଓ ଭାଷା

ଓଡ଼ିଶା ସାହିତ୍ୟ ଏକାଡ଼େମୀ
ଭୁବନେଶ୍ୱର-୧୪

ଓଡ଼ିଆ ଲିପି ଓ ଭାଷା

ପ୍ରକାଶକ :—ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪

ପ୍ରଥମ ପ୍ରକାଶ—୧୯୮୨

ମୁଦ୍ରଣ :—ଶ୍ରୀ ମା ପ୍ରିଣ୍ଟର୍ସ, ଭୁବନେଶ୍ୱର-୧୪

ମୂଲ୍ୟ :—ଟ ୧୪/- (ଚଉଦ ଟଙ୍କା)

Oriya Lipi O Bhasa

Published by :—Orissa Sahitya Akademi
Bhubaneswar-751014

First Publication :—1982

Printed at :—Shree Maa Printers,
Bhubaueswar-14

Price :—**Rs. 14/-**
(Rupees Fourteen Only)

ଭୂମିକା

ଓଡ଼ିଆ ଲିପି ଓ ଭାଷାର ଅଭିବ୍ୟକ୍ତି ସମ୍ପର୍କରେ ପ୍ରାମାଣିକ ଗ୍ରନ୍ଥ, ଓଡ଼ିଆରେ ବିଶେଷ ଲେଖାଯାଇ ନାହିଁ । ସେହି ଅଭାବ ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ, ଓଡ଼ିଶା ସାହିତ୍ୟ ଅକାଦମୀର ତ୍ରୈମାସିକ ମୁଖପତ୍ର "କୋଣାର୍କ"ରେ ପ୍ରକାଶିତ ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ଓ ଅଧ୍ୟାପକ ଖଗେଶ୍ୱର ମହାପାତ୍ର ପ୍ରମୁଖ ବିଶିଷ୍ଟ ବିଦ୍ୱାନମାନଙ୍କର, ନିବନ୍ଧ ଏଥିରେ ସନ୍ନିବିଷ୍ଟ । ଓଡ଼ିଆ ଭାଷାର ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ସହାୟକ ହେବ, ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ।

ସୁରେନ୍ଦ୍ର ମହାନ୍ତି
ସଭାପତି
ଓଡ଼ିଶା ସାହିତ୍ୟ ଅକାଦମୀ

ସୂଚୀ

କ୍ର: ନଂ	ବିଷୟ	ଲେଖକ	ପୃଷ୍ଠା
୧	ଓଡ଼ିଆ ଲିପି	—ଡଃ ସତ୍ୟନାରାୟଣ ରାଜଗୁରୁ	— ୧
୨	ଓଡ଼ିଆ ଶବ୍ଦ ତତ୍ତ୍ୱ	—ଅଧ୍ୟାପକ ଗିରିଜାଶଙ୍କର ରାୟ	— ୫୯
୩	ଓଡ଼ିଶା ଭାଷା ବିକାଶର ଇତିବୃତ୍ତ (ଅଭିଲେଖରୁ)	—ଡଃ ସତ୍ୟନାରାୟଣ ରାଜଗୁରୁ	— ୧୧୫
୪	ବୌଦ୍ଧଗାନ ଓ ଦୋହା'ର ଭାଷା	—ଡଃ କୁଞ୍ଜବିହାରୀ ତ୍ରିପାଠୀ	— ୧୩୬
୫	ଆମ ଭାଷା ସମସ୍ୟା	—ଡଃ କୃଷ୍ଣ ଚରଣ ବେହେରା	— ୧୪୩
୬	ଅସମୀୟା ଓ ଓଡ଼ିଆଭାଷାର ଏକ ତୁଳନାତ୍ମକ ବିଶ୍ଳେଷଣ	—ଶ୍ରୀ ଫଣୀନ୍ଦ୍ର ନାରାୟଣ ଦତ୍ତବରୁଆ	— ୧୬୬
୭	ଓଡ଼ିଆ ଭାଷାରେ ପର୍ତ୍ତୁଗୀଜ ପ୍ରଭାବ	—ଡଃ ଖଗେଶ୍ୱର ମହାପାତ୍ର	— ୧୯୧

ଓଡ଼ିଆ ଲିପି

ଶ୍ରୀ ସତ୍ୟନାରାୟଣ ରାଜଗୁରୁ

ଓଡ଼ିଆ ଲିପିର ଉତ୍ପତ୍ତି ଓ ସେଥିର କ୍ରମବିକାଶ ସମ୍ବନ୍ଧେ ବିଚାର କରିବାକୁ ହେଲେ କେବଳ ଭାରତବର୍ଷର ନୁହେଁ, ବରଂ ପୃଥିବୀରେ ଅକ୍ଷର ଉଦ୍ଭାବନର ପ୍ରାଚୀନତମ ଯୁଗ ପ୍ରତି ଦୃଷ୍ଟି ଦେବାକୁ ହେବ, କାରଣ ବର୍ତ୍ତମାନ ପ୍ରଚଳିତ ଭାରତୀୟ ବର୍ଣ୍ଣମାଳା ଯାସ୍କଙ୍କ 'ନିରୁକ୍ତ' ତଥା ପାଣିନି ପ୍ରଭୃତି ପ୍ରାଚୀନ ମନୀଷୀ କୃତ ବୈୟାକରଣ—ପଦ୍ଧତି ଅନୁସାରେ ହିଁ ଉଚ୍ଚାରିତ ହୁଏ; କିନ୍ତୁ ସେହି ବର୍ଣ୍ଣମାଳାର ଆକୃତି ସଙ୍ଗେ ଭାରତୀୟ ଲିପିସମୂହ, ବିଶେଷତଃ ଦେବନାଗରୀ ଲିପି ସମ୍ପୂର୍ଣ୍ଣ ପୃଥକ୍ । ଏଥିରୁ ଆଶଙ୍କା ହୁଏ ଯେ, ଓଡ଼ିଆ ବର୍ଣ୍ଣମାଳା ଅତି ପୂର୍ବକାଳରୁ କୌଣସି ଏକ ସ୍ୱତନ୍ତ୍ର ନିୟମରେ ଆପେ ଆପେ ଗଢ଼ି ଉଠିଥିବ; କିନ୍ତୁ ତାହା ଠିକ୍ ନୁହେଁ । ଭାରତୀୟ ଲିପିଗୁଡ଼ିକର ଇତିହାସ ଓ ତାହାର କ୍ରମବିକାଶ ବିଷୟ ପର୍ଯ୍ୟାଲୋଚନା କଲେ ଏ କଥା ସ୍ପଷ୍ଟ ଜଣାଯାଏ ।

ବର୍ଣ୍ଣମାଳାର ଇତିହାସରୁ ବୋଧ ହୁଏ ଯେ, ପୂର୍ବେ ଭାରତରେ ଦୁଇଟି ମାତ୍ର ସ୍ୱତନ୍ତ୍ର ଆକୃତିବିଶିଷ୍ଟ ଲିପି ଥିଲା । ପ୍ରଥମଟି 'ବ୍ରାହ୍ମୀ' ଓ ଦ୍ୱିତୀୟଟି 'ଖରୋଷ୍ଠୀ' । ବ୍ରାହ୍ମୀ ଲିପି ଭାରତର ଅଧିକାଂଶ ପ୍ରଦେଶରେ ବ୍ୟବହୃତ ହେଉଥିଲା; କିନ୍ତୁ ଦ୍ୱିତୀୟୋକ୍ତ ଲିପି (ଖରୋଷ୍ଠୀ) କେବଳ ତକ୍ଷଶିଳା, ଅର୍ଥାତ୍ ଆଧୁନିକ ପଞ୍ଜାବ ସମେତ ଭାରତର ପଶ୍ଚିମୋତ୍ତର ପ୍ରଦେଶରେ ହିଁ

ପ୍ରଚଳିତ ଥିଲା । ମୌର୍ଯ୍ୟ-ବଂଶୀୟ ମହାରାଜ ଅଶୋକ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଭାରତର ବହୁ ଅଞ୍ଚଳ ଜୟ କରି ନେପାଳଠାରୁ ସିଂହଳ ଯାଏ ଏକ ବିଶାଳ ଭୂଖଣ୍ଡର ଅଧୀଶ୍ୱର ହେଲେ । ସେତେବେଳେ ଉପର୍ଯ୍ୟୁକ୍ତ ଦୁଇ ପ୍ରକାର ଲିପି ଭାରତରେ ପ୍ରଚଳିତ ଥିଲା ।

ଶିଳାଫଳକମାନଙ୍କରେ ଖୋଦିତ କେତେକ ଧର୍ମାନୁଶାସନ ଅଶୋକଙ୍କ ରାଜତ୍ୱ କାଳରେ ଭାରତର ବିଭିନ୍ନ ଅଞ୍ଚଳରେ ସ୍ଥାପିତ ହୋଇ ଥିଲା । ସେଥିରୁ କେତୋଟି ଶିଳାଶାସନ ଅଦ୍ୟାବଧି ଆବିଷ୍କୃତ ହୋଇଅଛି; ନିଃସନ୍ଦେହରେ ଅଶୋକଙ୍କ ପୂର୍ବରୁ ଖୋଦିତ କୌଣସି ଲିପି (ଶିଳା ବା ତାମ୍ରଶାସନ) ଦେଖିବାକୁ ମିଳେ ନାହିଁ । ଏଥିପାଇଁ କେହି କେହି ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତ (୧) ଅନୁମାନ କରନ୍ତି ଯେ, ଖ୍ରୀଷ୍ଟପୂର୍ବ ଚତୁର୍ଥ ବା ପଞ୍ଚମ ଶତାବ୍ଦୀ ଆଗରୁ ଏ ଦେଶବାସୀ ଅକ୍ଷର ସଙ୍ଗେ ପରିଚିତ ନ ଥିଲେ । ସେମାନଙ୍କ ଧର୍ମଗ୍ରନ୍ଥ 'ବେଦ' ଗୁରୁଙ୍କ ମୁଖରୁ ଶୁଣି ଶୁଣି ଶିଷ୍ୟମାନେ ଅଭ୍ୟାସ କରୁଥିଲେ ଓ ମନେ ରଖୁଥିଲେ (୨) । ଏପରି ଭାବେ ପୁରୁଷାନୁକ୍ରମେ 'ବେଦ' ଶୁଣି ଶୁଣି ମନେ ରଖିବା ପ୍ରଥା ଥିବାରୁ ତାହା 'ଶ୍ରୁତି' ନାମରେ ପରିଚିତ ହେଲା, କିନ୍ତୁ ଖ୍ରୀଷ୍ଟ-

---

(୧) ଏମାନଙ୍କ ମଧ୍ୟରେ ଭୁଲ୍ହାର୍ (Buhller) ଓ ମକ୍ସମୁଲ୍ହାର୍ (Max mullar)ଙ୍କ ନାମ ଉଲ୍ଲେଖ ଯୋଗ୍ୟ ।

(୨) ଡା· ଫ୍ଲିଟ୍ (Dr. Fleet) କହନ୍ତି—

" Even in our days the Hindus esteem only by Mukha-stha vidya, the learning which the Pandit has imprint ed in his memory··· Its ultimate cause probably is that the beginning of the Hindu Sastras and poetry goes back to a time when writing was unknown, and that a system of oral teaching, aleady traceable in the Rgveda, was fully developed before the introduction of written characters"

(vide the Indian Palaeography by J. F. Fleet in the Indian Antiquary, vol xxxIII, 1904 App. P. 4 ff.)

ପୂର୍ବ ଚତୁର୍ଥ ଶତାବ୍ଦୀରେ ମୌର୍ଯ୍ୟବଂଶୀୟ ରାଜା ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱକାଳରେ ସିକନ୍ଦର ସାହା (ଆଲେକ୍‌ଜାଣ୍ଡର)ଙ୍କ ଭାରତ ଅଭିଯାନବେଳେ ବୈଦେଶିକ ଜାତିମାନଙ୍କ ସଂସ୍ପର୍ଶରେ ଆସି ଏ ଦେଶବାସୀ ଅଭିଲେଖ ବିଦ୍ୟା ଶିକ୍ଷା କଲେ (୩) । ଭାରତରେ ସର୍ବପ୍ରଥମେ ଯେଉଁ ଅକ୍ଷର ସୃଷ୍ଟି ହେଲା ତାହା 'ବ୍ରାହ୍ମୀ-ଲିପି' ନାମରେ ଅଭିହିତ ହୁଏ ।

ଉପର୍ଯ୍ୟୁକ୍ତ ପ୍ରକାରର ମତ ଗୁଡ଼ିକ ପରବର୍ତ୍ତୀ କାଳରେ ମିଥ୍ୟା ବୋଲି ପ୍ରମାଣିତ ହେଲା—ଯେବେ କି ଭାରତର ପଶ୍ଚିମୋତ୍ତରସୀମାନ୍ତ ଅଞ୍ଚଳ, ଅର୍ଥାତ୍ ସୈନ୍ଧବ ପ୍ରଦେଶରୁ (୪) ଖ୍ରୀଷ୍ଟପୂର୍ବ ପ୍ରାୟ ୨୦୦୦ ବା ୩୦୦୦ ବର୍ଷ ଆଗର ଲିପି ମହେଞ୍ଜୋଦାରୋ, ଚହ୍ନୁଦାରୋ, ଏବଂ ହରପ୍ପା ନାମକ ସ୍ଥାନରୁ ଭୂଗର୍ଭଖୋଦନ ଫଳରେ ଆବିଷ୍କୃତ ହେଲା (୫) । ସେହି ପ୍ରାଗୈତିହାସିକ ଯୁଗର ଲିପିସମୂହ ଅଦ୍ୟାପି ପଠିତ ହୋଇ ପାରିନାହିଁ । ତଥାପି, ସେଗୁଡ଼ିକର ଆକୃତିରୁ ବୋଧ ହୁଏ ଯେ, ଏ ସମସ୍ତ ଅଞ୍ଚଳରେ ସେତେବେଳେ ଗୋଟିଏ ସଭ୍ୟ ଶିକ୍ଷିତ ଜାତି ଅବସ୍ଥାନ କରୁଥିଲେ । ଅନେକ ପଣ୍ଡିତଙ୍କ ମତରେ ସେମାନେ ଦ୍ରାବିଡ଼ଶ୍ରେଣୀୟ । ସେମାନେ ସେହି ଆଦିମ ଯୁଗରେ କେତେଗୁଡ଼ିଏ ଚିହ୍ନ ଓ ରେଖା ସାହାଯ୍ୟରେ ମନର ଭାବ ଅଙ୍କିତ କରୁଥିଲେ । ଏ ଦୃଷ୍ଟିରୁ ବିଚାର କଲେ ମନୁଷ୍ୟ ସମାଜରେ ଅକ୍ଷର-ଶିକ୍ଷାର ଆରମ୍ଭ-ଯୁଗ ପ୍ରତି ଦୃଷ୍ଟି-ପାତ କରିବା ଆବଶ୍ୟକ ।

ପୃଥିବୀରେ ଅକ୍ଷରର ଆବିଷ୍କାରକରୂପେ କେଉଁ ଦେଶ ଓ କେଉଁ ଜାତି ମହାନ୍ ଗୌରବର ଭାଗୀ ହେବେ, ତାହା ନିର୍ଣ୍ଣୟ କରିବାକୁ ଯାଇ ବିଭିନ୍ନ

(୩) ଅଧ୍ୟାପକ ଓ୍ୱାସିଲଜ୍ୟୁ (Prof Wassiljew)ଙ୍କ ମତରେ, ଅଶୋକଙ୍କ ଆଦେଶାବଳୀ ଶିଳାଫଳକରେ ଖୋଦିତ ହେବାର ଅଳ୍ପ କିଛି କାଳ ପୂର୍ବରୁ ମାତ୍ର ଭାରତରେ ଲିଖନ ପଦ୍ଧତି ପ୍ରଚଳିତ ହେଲା XXXIII (vide Wasssiljew's Der Buddhismus, P. 30 (28) ff.

(୪) ବର୍ତ୍ତମାନ ଏ ପ୍ରଦେଶଟି ପଶ୍ଚିମ ପାକିସ୍ଥାନର ଅନ୍ତର୍ଭୁକ୍ତ ହୋଇଅଛି ।

(୫) ୧୯୨୨ ଠାରୁ ୧୯୨୭ ମସିହା ମଧ୍ୟରେ sir Jchn Marstallଙ୍କ ଉଦ୍ୟୋଗରେ ମହେଞ୍ଜୋଦାରୋରେ ଖୋଦନକାର୍ଯ୍ୟ ସମ୍ପନ୍ନ ହେଲା ।

ପଣ୍ଡିତ ଭିନ୍ନ ଭିନ୍ନ ମତ ପ୍ରକାଶ କରି ଅଛନ୍ତି । ଆଜକୁ ପ୍ରାୟ ଦୁଇହଜାର ବର୍ଷ ପୂର୍ବେ ସୁବିଖ୍ୟାତ ଗ୍ରୀକ୍ ଲେଖକ ପ୍ଲିନି (Pliny) କହିଛନ୍ତି—"ଲିପିଜ୍ଞାନ ସକାଶେ ଆମ୍ଭେମାନେ ପ୍ରାଚୀନ ଆଶିରିୟ ଜାତି (Assyrians) ପାଖରେ କୃତଜ୍ଞ" ।

ଆଉ କେହି କେହି ପଣ୍ଡିତ ସେ ଉଚ୍ଚ ସମ୍ମାନ ମିଶରବାସୀଙ୍କୁ ଅର୍ପଣ କରିବାକୁ ଇଚ୍ଛୁକ । କାରଣ, ସେ ଦେଶର ଗୋଟିଏ କିମ୍ବଦନ୍ତୀ ଅନୁଯାୟୀ ସେମାନେ ବୁଧ (Mercury) ନାମକ (୬) ଦେବତାଙ୍କଠାରୁ ପ୍ରଥମେ ଅକ୍ଷର ଶିକ୍ଷା କରିଥିଲେ । ପୁଣି ଆଉ କେତେକ ପଣ୍ଡିତ ମଧ୍ୟ ପ୍ରାଚୀନ ସିରିୟନ୍ (Syrians) ମାନଙ୍କୁ ସେ ସମ୍ମାନରେ ଭୂଷିତ କରିବାକୁ ଲାଳାୟିତ । 'ପ୍ଲିନି'ଙ୍କ ମତାନୁଯାୟୀ ଏମାନେ ଆଶୀରିୟନ୍‌ମାନଙ୍କଠାରୁ ସମ୍ପୂର୍ଣ୍ଣ ଗୋଟିଏ ପୃଥକ୍ ଜାତି ବୋଲି ନିରୂପିତ ହୋଇଥିଲେ ସୁଦ୍ଧା, ସେ ଉଭୟ ସମ୍ପ୍ରଦାୟ ପରସ୍ପର ସାଂସ୍କୃତିକ ବିକାଶ ଦିଗରେ ଘନିଷ୍ଠ ସମ୍ପର୍କ ରକ୍ଷା କରି ଚାଲୁଥିଲେ । ଲୁକାନ୍ (Lucan) ନାମକ ଜଣେ ପଣ୍ଡିତ ସେମାନଙ୍କୁ ଶିରିୟା ଦେଶବାସୀ ଫିନିଶୀୟ ଜାତି (Phaenician) ସଙ୍ଗେ ସମାନ କରି ଅଛନ୍ତି । ସେହି ଜାତିମାନଙ୍କ ଉପରେ ବୈଦେଶିକ ପ୍ରଭାବ ପଡ଼ିଥିବା ପ୍ରସଙ୍ଗ ତଦ୍ଦେଶୀୟ କୌଣସି ସ୍ଥାପତ୍ୟ ବା ଅଭିଲେଖରୁ ପ୍ରମାଣିତ ହୋଇ ନାହିଁ । ଯେଉଁ ପ୍ରାଚୀନତମ ଲିପି ସେ ଦେଶରୁ ଏବେ ଆବିଷ୍କୃତ ହୋଇଅଛି, ତାହା ଆଶୀରିୟ ବର୍ଣ୍ଣମାଳାରେ ପ୍ରକଟିତ ହୁଏ । ଅତଏବ, ସେ ଉଭୟ ସମ୍ପ୍ରଦାୟର ପରସ୍ପର ସମ୍ପର୍କରେ ଲୁକନ୍ ସାହେବ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି, ତାହା ମଧ୍ୟ ଅସଙ୍ଗତ ପରି ଜଣାଯାଏ ନାହିଁ । ଏହି ଜାତିମାନଙ୍କ ମଧ୍ୟରେ ସୁପ୍ରଚଳିତ ଲିପିକୁ 'ଶୃଙ୍ଖଳାକ୍ଷର' (Cursior characters) ବୋଲି ନାମିତ କରାଯାଉଛି ।

ଫିନିଶୀୟ ଜାତି ହୁଅନ୍ତୁ, କିମ୍ବା ଅନ୍ୟ କେଉଁ ଜାତି ହୁଅନ୍ତୁ, ଯଦି ଶିରିୟାବାସୀଙ୍କୁ ଅକ୍ଷରର ଉଦ୍ଭାବକରୂପେ ଗ୍ରହଣ କରାଯାଏ, ତା'ହେଲେ ସମ୍ଭବତଃ ସେହି ଆଦିମ ବର୍ଣ୍ଣମାଳା ମଧ୍ୟ-ଆଶିୟାରୁ ପ୍ରାପ୍ତ 'ଶରଶୀର୍ଷ'

(୬) ମିଶର ଅଧିବାସୀ ଏ ଦେବତାଙ୍କୁ 'ଥୋଥ୍' (Thoth) ବା 'ତୌତ୍' (Tout) ନାମରେ ଅଭିହିତ କରନ୍ତି ।

(cuneiform characters) ନାମକ ଲିପିରୁ ସମସାମୟିକରୂପେ ଗୃହୀତ ହେବ । ଏ' ଶୈଳୀର ଲିପିକୁ ପଣ୍ଡିତମାନେ 'ହିଏରେଟିକ୍' (Hieratic) ନାମରେ ମଧ୍ୟ ଅଭିହିତ କରନ୍ତି ।

ଲିପିତତ୍ତ୍ୱ ବିଶାରଦ ପଣ୍ଡିତ ଅଷ୍ଟିନ୍ ହେନ୍‌ରି ଲୟର୍ଡ୍ (Austin Henry Layard) କହନ୍ତି :—

"ଆସୀରିୟନ୍‌ମାନଙ୍କ ମଧ୍ୟରେ ଦୁଇପ୍ରକାର ଅକ୍ଷର ପ୍ରଚଳିତ ଥିଲା । ପ୍ରଥମଟି ମୁଖ୍ୟତଃ ମୂର୍ତ୍ତିମାନଙ୍କ ସମ୍ବନ୍ଧରେ ଚିତ୍ର-ଲିପି (Hieroglyyhic characters)ର ଅନୁରୂପ , ପୁଣି ତାହା ମିଶର ଦେଶରେ ପ୍ରଚଳିତ ବର୍ଣ୍ଣମାଳା ଅନୁକରଣରେ ଗଠିତ । ଏ ଲିପି ସାଧାରଣତଃ 'ଶରଶୀର୍ଷ-ଲିପି' (Cuneifrom କିମ୍ବା Arrow headed characters) ନାମରେ ପରିଚିତ ହୁଏ । ଦ୍ୱିତୀୟୋକ୍ତ ଲିପିକୁ ପଣ୍ଡିତମାନେ 'ଶୃଙ୍ଖଳାକ୍ଷର' (Cursive କିମ୍ବା Hieratic) ନାମରେ ଅଭିହିତ କରନ୍ତି । ଏହି ଦ୍ୱିତୀୟ ପ୍ରକାର ଲିପି ହିଁ ସେ ଦେଶରେ ସର୍ବସାଧାରଣଙ୍କ ମଧ୍ୟରେ ସୁପ୍ରଚଳିତ ଥିଲା । ସେଥି ସଙ୍ଗେ ଫିନିଶିୟନ୍ (Phaenician), ପଲ୍‌ମିରିୟନ୍ (Palmyrene), ବବିଲୋନିୟନ୍ (Bobylonion) ଏବଂ ଜ୍ୟୁ (Jew) ପ୍ରଭୃତି ଜାତି ମଧ୍ୟରେ ପ୍ରଚଳିତ ଅକ୍ଷରା-ବଳୀର ଯଥେଷ୍ଟ ସାମଞ୍ଜସ୍ୟ ବିଦ୍ୟମାନ" (୭) ।

ବାସ୍ତବରେ ଦେଖିବାକୁ ଗଲେ ଉପର୍ଯ୍ୟୁକ୍ତ ଶୈଳୀର ଅକ୍ଷର (ଶୃଙ୍ଖଳା-କ୍ଷର ସାମାନ୍ୟ କିଛି ପରିବର୍ତ୍ତନ ସହ ସେମିଟିକ୍ (Semitic) ଅରମେନ୍ (Aramaen) ଏବଂ ଶୀରିୟୁଆରେବିୟନ୍ ଜାତି-ସମୂହଦ୍ୱାରା ପ୍ରଚଳିତ ଏକ ପରିବାରଭୁକ୍ତ ଭାଷାଗୁଡ଼ିକ ସଙ୍ଗେ ସମ୍ପୃକ୍ତ ଥିଲା । 'ଶୃଙ୍ଖଳାକ୍ଷର' ଓ 'ଶରଶୀର୍ଷ-ଲିପି' ମଧ୍ୟରେ ପ୍ରଧାନ ପାର୍ଥକ୍ୟ ହେଉଛି – ପ୍ରଥମଟି ଡାହାଣରୁ ବାମକୁ ଏବଂ ଦ୍ୱିତୀୟଟି ବାମରୁ ଡାହାଣକୁ ଲେଖାଯାଏ । ଏଥିରୁ ପ୍ରଥମୋକ୍ତ ପଦ୍ଧତି ହିବ୍ରୁ (Hebrew) ଏବଂ ଆରବୀୟ (Arabic) ଭାଷାରେ ପ୍ରଚଳିତ ଲିପିମାଳାର ଅନ୍ତର୍ଭୁକ୍ତ । ଏପରି ଗୋଟିଏ ମୌଳିକ ପ୍ରଭେଦ ରହି ଥିବାରୁ ମନେହୁଏ, ଏ

(୭) Austin Henry Layard's *Nineveh and its remains*, Voi. II, P. 164 ff.)

ଅନ୍ୟ ପ୍ରକାର ଲିପି ସ୍ୱତନ୍ତ୍ରଭାବେ କୌଣସି ମୌଳିକ ଭିତ୍ତିରେ ଆପେ ଆପେ ଆତ୍ମପ୍ରକାଶ କରିଅଛନ୍ତି ।

ପ୍ରଥମେ ଜଣାଯାଉଛି ଯେ, ଆସୀରୀୟମାନଙ୍କଦ୍ୱାରା ପ୍ରଚଳିତ 'ଶୃଙ୍ଖଳାକ୍ଷର'ର ପ୍ରାଚୀନତା 'ଶରଶୀର୍ଷ-ଲିପି' ସଙ୍ଗେ ପ୍ରାୟ ସମାନ । ତଥାପି ସେହି 'ଶୃଙ୍ଖଳାକ୍ଷର' ବା ହାଇରେଟିକ୍ (Hieratic) ଶୈଳୀ ଅଦ୍ୟାବଧି ଆବିଷ୍କୃତ ଆସୀରୀୟ ଦେଶର ପ୍ରାଚୀନ ସ୍ଥାପତ୍ୟମାନଙ୍କରେ ଦେଖିବାକୁ ମିଳେ ନାହିଁ । ସେହି ସ୍ଥାପତ୍ୟମାନଙ୍କ ଉପରେ ଗୋଲାକାର ଅକ୍ଷର ସ୍ଥାନରେ ସରଳରେଖାତ୍ମକ ଅକ୍ଷର ହିଁ ପ୍ରକଟିତ ହୋଇଅଛି । କାରଣ ପ୍ରସ୍ତରଗାତ୍ରରେ ସେପରି ଅକ୍ଷର ଖୋଦିତ କରିବା ସୁବିଧାଜନକ ଓ ସହଜ ।

ନିମ୍ରଣ୍ଡ୍ (Nimrond) ନାମକ ସ୍ଥାନରୁ ପ୍ରାପ୍ତ କେତୋଟି ମୃତ୍ତିକା-ମାତ୍ରୋପରେ ଖୋଦିତ ଲିପିରୁ ପ୍ରମାଣ ମିଳେ ଯେ, ସେଠାରେ 'ଶୃଙ୍ଖଳାକ୍ଷର' ହିଁ ବହୁଳଭାବେ ପ୍ରଚଳିତ ଥିଲା । ତଥାପି ସେଠାରେ ଏକ ଭଗ୍ନ ଫୁଲଦାନୀ ଉପରେ 'ଶରଶୀର୍ଷ' ଶୈଳୀରେ ଖୋଦିତ ଖୋର୍ସାବାଦ୍ (Khorsabad) ରାଜାଙ୍କ ନାମ ଦେଖିବାକୁ ମିଳେ । ସେ ଲିପିଟି ତତ୍ସ୍ଥ ନେବୁଚଦ ନେଜ୍ଜର (Nebuchada Nezzar) ନାମକ ଜଣେ ରାଜାଙ୍କ ରାଜତ୍ୱ କାଳରେ ଖୋଦିତ ହୋଇଥିଲା । ଏ ଲିପିର ନାମକରଣ ସମ୍ବନ୍ଧେ ଲେଖିବାକୁ ଯାଇ ମି: 'ଲେୟାର୍ଡ' କହନ୍ତି ଯେ, କୁନେଫର୍ମ (cuneiform) କୁନେଟିକ୍ (cuneatic) ଶରଶୀର୍ଷ (Arrow-haded) ପୁଣି କୀଳରୂପକ (Wedge-shaped) ଏ ସମସ୍ତ ନାମ ଗବେଷକମାନଙ୍କର ମନମୁତାବକ ନାମ ଧାରଣ କରି ସେହି ଗୋଟିଏ ମାତ୍ର 'ଶରଶୀର୍ଷ'-ଲିପିକୁ ହିଁ ସୂଚିତ କରେ । ତନ୍ମଧ୍ୟରୁ କୁନେଫର୍ମ (cuneiform) ପର୍ଯ୍ୟନ୍ତ ଇଂଲଣ୍ଡରେ ବିଶେଷଭାବେ ବ୍ୟବହୃତ ହୁଏ (୮) । ଏ ଲିପିର ନମୁନା ୧ ନମ୍ବର ପ୍ଲେଟରେ ପ୍ରଦର୍ଶିତ ହେଲା ।

ବବିଲୋନ୍‌ର ପ୍ରାଚୀନ ଅଞ୍ଚଳ ଖୋଦନ ଫଳରେ ଯେଉଁ କେତେକ ଲିପି ସେଠାରୁ ଆବିଷ୍କୃତ ହୋଇଅଛି, ତାହା ୨—କ ଓ ୨—ଖ ନମ୍ବର

(୮) Discoveries at Nineveh, Introduction, P. XI. f.



ପ୍ଲେଟରେ ପ୍ରଦର୍ଶିତ ହେଲା (୯)। କୌଣସି ଜଣେ ଆଶୀରୀୟ ରାଜାଙ୍କ ନାମ ଓ ପ୍ରଶସ୍ତି ସେଥିରେ ଲିପିବଦ୍ଧ ହୋଇଅଛି। ସମ୍ଭବତଃ ସେଥିରେ ବ୍ୟବହୃତ ଅକ୍ଷରଗୁଡ଼ିକ ପ୍ରଥମେ ସରଳ ରେଖାବଳୀରେ ଅଙ୍କିତ ହୋଇଥିଲା। ପରେ ସେଥିର ଶୀର୍ଷ ଦେଶରେ ମୁକୁଟ ତୁଲ୍ୟ ଘନ-ତ୍ରିକୋଣାକୃତି ଚିହ୍ନ ସଂଯୋଗ କରାଗଲା। ମି: ଲୟୂର୍ଡଙ୍କ ମତରେ, ଏ ଲିପି ଏକଦା ପୂର୍ବ-ପ୍ରଚଳିତ ଚିତ୍ରାକ୍ଷର

(୯) The excavatians at Babylon ·by Robert Koldeway
(Translated to English by Agnes S. John in 1914)

ଆଦର୍ଶରେ ଗଠିତ ହୋଇ, କାଳକ୍ରମେ ତାହା ଉତ୍କର୍ଷରୂପେ ପରିବର୍ତ୍ତନ ମଧ୍ୟ ଦେଇ ଗତି କରିବାରୁ ଏମନ୍ତ ଆକୃତି ବହନ କରିଅଛି । ତାଙ୍କର ଏ ସିଦ୍ଧାନ୍ତକୁ ଅନ୍ୟ ଯେଉଁ କେତେକ ପଣ୍ଡିତ ସ୍ୱୀକାର କରନ୍ତି, ତନ୍ମଧ୍ୟରୁ

ନଂ ୨-କ

ବେବିଲୋନର ଶରଶୀର୍ଷ ଲିପି



ମି: ଗ୍ରେ (Mr. Grey) (୧୦) ଏବଂ ମି: ସୋଲୋସ୍ (Mr. Sollos) (୧୧) ଙ୍କ ନାମ ଉଲ୍ଲେଖ ଯୋଗ୍ୟ ।

ପୃଥିବୀର ପ୍ରାଚୀନତମ ଚିତ୍ରଲିପି ସଙ୍ଗେ ପରିଚିତ ହେବାପାଇଁ ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ କେହି ସମର୍ଥ ହୋଇ ପାରି ନ ଥିଲେ, କିନ୍ତୁ ପରିଶେଷରେ ପୃଥିବୀର ସୁବିଖ୍ୟାତ ରୋସେଟ୍ଟା (Rosetta) ଶିଳାଲେଖ ଆବିଷ୍କୃତ ହେଲା । ସେଥିରେ ସେହି ପ୍ରାଚୀନ ସଭ୍ୟଜାତିକର୍ତ୍ତୃକ ଯେଉଁ

(୧୦) The land of the Plainsmen (Rock Paintings in Arizona)

(୧୧) Ancient Hunters

ନଂ ୨-ଖ

ବେବିଲୋନ୍‌ରୁ ପ୍ରାପ୍ତ 'ଶରଶୀର୍ଷ-ଲିପି'



ଏକଟାଟି ଲିପି ଆତ୍ମପ୍ରକାଶ କଲା, ତାହା ସେହି ଅନ୍ଧକାର ଯୁଗର ରହସ୍ୟ ଉଦ୍‌ଘାଟନ କରି ଦେଇଛି । ସେହି ପୃଥିବୀବିଖ୍ୟାତ ରୋସେଟା ଶିଳାଲିପି ବର୍ତ୍ତମାନ ଲଣ୍ଡନରେ ବ୍ରିଟିଶ୍ ମ୍ୟୁଜିୟମରେ ସୁରକ୍ଷିତ ।

୧୭୯୯ ଖ୍ରୀଷ୍ଟାବ୍ଦରେ ଆଫ୍ରିକାର ନୀଳନଦୀ ମୁହାଣରେ ଅବସ୍ଥିତ ରଷୀଦ୍ (ଇଂରାଜମାନେ 'ରୋସେଟା' Rosetta ବୋଲି ଉଚ୍ଚାରଣ କରନ୍ତି) ନାମକ ସହରରୁ ଉପରେ ବର୍ଣ୍ଣିତ ବିଖ୍ୟାତ ଶିଳାଲେଖ ଆବିଷ୍କୃତ ହୋଇଥିଲା । ମିଶର ଗ୍ରୀସ୍‌ରେ ପ୍ରଚଳିତ ଦୁଇଟି ଭିନ୍ନ ଭାଷାରେ ତାହା ଲିପିବଦ୍ଧ ହୋଇଅଛି । ଏତଦ୍‌ବ୍ୟତୀତ ମିଶର ଭାଷାରେ ଲିଖିତ ଅଂଶଟି ସ୍ୱତନ୍ତ୍ର ଦୁଇ ପ୍ରକାର ଆକୃତି-ବିଶିଷ୍ଟ ଲିପିରେ ଖୋଦିତ ହୋଇଅଛି । ପ୍ରଥମ ଲିପିଟି 'ଚିତ୍ରାକ୍ଷର' (Hieroglyphic script) । ଏ ଧରଣର ଲିପି ସେଠାରେ ଅତି ଆଦିମ ଯୁଗରୁ ବ୍ୟବହୃତ ହେଉଥିଲା, ପୁଣି ତାହା ଶାସନତାନ୍ତ୍ରିକ ଲେଖାବଳୀପାଇଁ ଉଦ୍ଦିଷ୍ଟ ଥିଲା । ଏହି ଶିଳାଲେଖରେ ବ୍ୟବହୃତ ଦ୍ୱିତୀୟ ପ୍ରକାର ଲିପି 'ହାଇରେଟିକ୍' (Hieratic), ଯାହାକି ଚିତ୍ରାକ୍ଷରର ପରବର୍ତ୍ତୀ ସଂସ୍କରଣ—

ଶୃଙ୍ଖଳାକାର ଲେଖ (Cursive form of Hieroglyphic writing) । ଏ' ପ୍ରକାର ଅକ୍ଷର ଟଲେମି—ଯୁଗ (Ptolemaic periad) ରେ ସେ ଦେଶରେ ପ୍ରଚଳିତ ଥିଲା । ରୋସେଟ୍ଟା ଶିଳାଲେଖର ତୃତୀୟ ପର୍ଯ୍ୟାୟରେ



ଯେଉଁ ସେହି ବିବରଣୀ ସନ୍ନିବିଷ୍ଟ ତାହା ୫୪ ପଂକ୍ତି ବିଶିଷ୍ଟ ଗ୍ରୀକ-ପ୍ରଚଳିତ ଭାଷା ଓ ଲିପିରେ ଲେଖା ଯାଇଥିବାରୁ ସମୁଦାୟ ଲିପିରପଠନ କାର୍ଯ୍ୟ ସହଜ ଓ ସୁସାଧ୍ୟ ହୋଇ ପାରିଥିଲା । ତଥାପି, ପୃଥିବୀରେ ବିଭିନ୍ନ ଦେଶବାସୀ ବହୁ ଗବେଷକ ସେ ଲିପିର ବିଶୁଦ୍ଧ ପାଠୋଦ୍ଧାର ନିମନ୍ତେ ଅକ୍ଳାନ୍ତ ଅଧ୍ୟବସାୟ କରିଥିଲେ । ଶେଷରେ ଫରାସୀଦେଶୀୟ ଜନ୍ ଫ୍ରେଙ୍କୋଲସ୍ ଶାମ୍ପୋଲିୟନ (Jean Francois champollion) ୧୮୨୨ ମସିହାରେ ସେଥିରେ ଏକ ନିର୍ଭୁଲ ପାଠୋଦ୍ଧାର କଲେ । ତଦ୍‌ଦ୍ବାରା ମିଶର ଦେଶର ପ୍ରାଚୀନତମ ଲିପିମାଳା ପାଠ କରିବା ସହଜ ସାଧ୍ୟ ହେଲା (୧୨) । ରୋସେଟ୍ଟା ଶିଳାଲେଖରେ ବ୍ୟବହୃତ ଅକ୍ଷରର ନମୁନା ୩ ନମ୍ବର ପ୍ଲେଟରେ ଦିଆଗଲା ।

ଆର୍ଯ୍ୟମାନଙ୍କର ଆଦିମ ବାସସ୍ଥାନ ଭୂମଧ୍ୟସାଗରର ପା-

(୧୨) **The Resetta stone.** Published by the trustees of the Britrish Musium, London, 1950.

ମାର୍ଗିକ ଅଞ୍ଚଳରେ ହେବାର ଅନୁମିତ ହୁଏ। ସେଠାରୁ ସେମାନେ ବିଭିନ୍ନ ଯୁଗରେ ପୃଥିବୀର ଭିନ୍ନ ଭିନ୍ନ ପ୍ରଦେଶକୁ ଉଠିଯାଇ ଉପନିବେଶ ସ୍ଥାପନ କଲେ। ଭାରତବର୍ଷରେ ସେମାନଙ୍କ ଆଗମନର ବହୁକାଳ ପୂର୍ବରୁ ଦ୍ରାବିଡୀୟ ସମ୍ପ୍ରଦାୟ ବସତି ସ୍ଥାପନ କରିଥିଲେ। ଏ ଦେଶରେ ପଶ୍ଚିମୋତ୍ତର ଭାଗ, ଅର୍ଥାତ୍ ସିନ୍ଧୁ ନଦୀର ଉପତ୍ୟକା ଅଞ୍ଚଳରେ ପ୍ରଧାନତଃ ସେମାନଙ୍କର ବସତି ସ୍ଥାପିତ ହୋଇଥିଲା।

ପ୍ରଥମେ ଶୁଣାଯାଇଛି ଯେ, ସିନ୍ଧୁ ଉପତ୍ୟକାରେ ମହେଞ୍ଜୋଦାରୋ, ଚାନ୍ହୁଦାରୋ ଏବଂ ହରପ୍ପା ନାମକ ସ୍ଥାନରୁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଖୋଦନ ଫଳରେ ପ୍ରାଗୈତିହାସିକ ଯୁଗର ବହୁ ନୂତନ ତଥ୍ୟ ଆବିଷ୍କୃତ ହୋଇ ପାରିଛି। ତନ୍ମଧ୍ୟରୁ ଦୁର୍ବୋଧ ଚିତ୍ରଲିପି ପ୍ରଧାନ କହିଲେ ଚଳେ; କିନ୍ତୁ, ଅତ୍ୟନ୍ତ ପରିତାପର ବିଷୟ ଏହି ଯେ, ସେହି ଲିପିଗୁଡ଼ିକ ଅଦ୍ୟାପି ପଠିତ ହୋଇ ପାରି ନାହିଁ। ତେଣୁ ସେ ଯୁଗର ଇତିବୃତ୍ତ ଅଦ୍ୟାପି ଘୋର କୁହେଳିକାଗର୍ଭରେ ଲୁକ୍କାୟିତ। ତଥାପି ସେହି ସେହି ସ୍ଥାନରୁ ଆବିଷ୍କୃତ ପ୍ରତ୍ନତାତ୍ତ୍ୱିକ ଉପାଦାନଗୁଡ଼ିକ ପରୀକ୍ଷା କଲେ ଜଣାଯାଏ ଯେ, ଆଜକୁ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବେ ସେଠାରେ ଏକ ଉନ୍ନତ ସଂସ୍କୃତିସମ୍ପନ୍ନ ସଭ୍ୟ ଜାତି ବାସ କରୁଥିଲେ। ଅଧିକାଂଶ ପଣ୍ଡିତଙ୍କ ମତରେ ସେମାନେ ଦ୍ରାବିଡ଼ୀୟଗୋଷ୍ଠୀ। ସେମାନଙ୍କର ଭାଷା ଓ ସଭ୍ୟତାସଙ୍ଗେ ଉଚ୍ଚକୋଟିର କଳାଜ୍ଞାନ, ଧର୍ମ ବିଶ୍ୱାସ ପ୍ରଭୃତି ମାନବିକତାର ସୁଗୁଣାବଳୀ ଅତ୍ୟନ୍ତ ପ୍ରଶଂସନୀୟ।

ସେହି ଦ୍ରାବିଡ଼ୀୟ ଜାତି ସେ ଯୁଗରେ ଯେଉଁ ଲିପି ବ୍ୟବହାର କରୁଥିଲେ ତାହା 'ହରପ୍ପୀୟ ଚିତ୍ରଲିପି' ବୋଲି କହିବା ଯୁକ୍ତିଯୁକ୍ତ। କାରଣ, ମିଶର, ବାବିଲୋନ ପ୍ରଭୃତି ରାଜ୍ୟରୁ ଆବିଷ୍କୃତ ଚିତ୍ରାକ୍ଷର ପରି ମହେଞ୍ଜୋଦାରୋ ଲିପି ମଧ୍ୟ ଚିତ୍ରାକାରରେ ଲେଖା ଯାଉଥିଲା; କିନ୍ତୁ ଉଭୟ ପ୍ରକାର "ଚିତ୍ରଲିପି" ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ। ତା ହୋଇ ନ ଥିଲେ ରୋସେଟ୍ଟା ଶିଳାଲେଖ ସାହାଯ୍ୟରେ ଯେପରି ମିଶରର ଆଦିମଯୁଗର ଲିପିଗୁଡ଼ିକ ପଠିତ ହେଲା, ସେପରି ମିଶରୀୟ "ଚିତ୍ରାକ୍ଷର" ସାହାଯ୍ୟରେ ସିନ୍ଧୁ-ଉପତ୍ୟକାରୁ

ପ୍ରାପ୍ତ ଲିପିସମୂହ ପାଠ କରାଯାଇ ପାରନ୍ତା । ୪ ନମ୍ବର ଟେବୁଲରେ ମହେଞ୍ଜୋଦାରୋ ଲିପିର ନମୁନା ପ୍ରଦର୍ଶିତ ହେଲା ।

ନଂ ୪

ମହେଞ୍ଜୋଦାରୋରୁ ପ୍ରାପ୍ତ କେତେକ ଲିପି



ଭାରତବର୍ଷରେ ଦ୍ରାବିଡ଼ୀୟ ସଭ୍ୟତାର ପ୍ରସାରଯୁଗରେ ଆଶିଆ ମହାଦେଶର ଉତ୍ତର ଏବଂ ପୂର୍ବୋତ୍ତର ଭାଗରେ ଅବସ୍ଥିତ ଚୀନ୍ ଓ ତିବ୍ବତରେ ମଧ୍ୟ ଶିକ୍ଷିତସମ୍ପ୍ରଦାୟ ନିବାସ କରୁଥିଲେ । କାରଣ, ସେଠାରେ ଆଦିମ ସଭ୍ୟ

ମାନବର ଆବିଷ୍କୃତ ଚିତ୍ରଲିପି ପ୍ରଚଳିତ ଥିବା ଅନୁମେୟ । ଏ ସମ୍ପର୍କରେ ଚିକାଗୋ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏଚ୍. ଜି. କ୍ରିଲ୍ (Prof. H. G. Creel) କହନ୍ତି—

"ବହୁ ସମୟରେ ଅକ୍ଷରର ଜନ୍ମବିବରଣୀ ରହସ୍ୟ-ଜାଲରେ ସମାଚ୍ଛନ୍ନ । ଆଦିମ ମାନବ ଏ ବିଦ୍ୟା କି ଉପାୟରେ ଶିକ୍ଷା କଲା, ତାହା ଧାର୍ଯ୍ୟ କରିବା ସମ୍ଭବ ନୁହେଁ । ତଥାପି ଏ' କଥା ସ୍ପଷ୍ଟ ଜଣାଯାଏ ଯେ, ଚିତ୍ରାଙ୍କନ ସାହାଯ୍ୟରେହିଁ ପୃଥିବୀରେ ଆଦ୍ୟତମ ଲିପି ସେଥିରେ ରୂପ ଧାରଣ କଲା । ଚୀନ୍‌ରେ ପ୍ରଚଳିତ ଅକ୍ଷର ତା'ର ଏକ ସ୍ପଷ୍ଟ ନିଦର୍ଶନ । ଅତି ଅଦ୍ଭୁତ ଉପାୟରେ ଶବ୍ଦସାହାଯ୍ୟରେ ମନର ଭାବ ପ୍ରକାଶ କରିବା ଉପାୟ ପ୍ରଥମେ ମନୁଷ୍ୟ କଳ୍ପନା କରିଥିଲା । ଚୀନ୍‌ର ସେହି "ପ୍ରାକ୍—ପ୍ରସ୍ତରଯୁଗ" (Early Neolithic Age)ରେ ନିର୍ମିତ ସୁନ୍ଦର ସୁନ୍ଦର ଆକୃତିବିଶିଷ୍ଟ ମୃଣ୍ମୟ ପାତ୍ରରେ ଅଙ୍କିତ ଚିହ୍ନଗୁଡ଼ିକରୁ ଏଥିର ଆଭାଷ ମିଳେ । ସେହି ଚିହ୍ନଗୁଡ଼ିକ ମଧ୍ୟରୁ କେତୋଟି ପଶୁପକ୍ଷୀ ଓ ମନୁଷ୍ୟର ଗଠନ ନେଇ ରୂପ ଧାରଣ କଲା ।

ଚୀନ୍‌ର ପ୍ରାଚୀନ "ଷାଙ୍ଗ୍" ସମ୍ପ୍ରଦାୟ ତାଙ୍କର ଉତ୍କୃଷ୍ଟ କଳା-କୁଶଳତା ପାଇଁ ଖ୍ୟାତି ଲାଭ କରିଥିଲେ । ସେମାନେ କେତେକ ମୃତ୍ତିକାନିର୍ମିତ ପାତ୍ର, କାଷ୍ଠ; ପାଷାଣ, ଧାତୁ (ପିତ୍ତଳ) ଏବଂ ଅସ୍ଥି ଫଳକରେ ନିର୍ମିତ ସ୍ଥାପତ୍ୟମାନଙ୍କରେ ତାଙ୍କର କଳାକୌଶଳ ପ୍ରକଟିତ କରିଅଛନ୍ତି । ତଦ୍ଦେଶୀୟ କଳାଜ୍ଞାନ ବହୁ ପ୍ରାଚୀନ ଯୁଗରୁ ବିକାଶ ଲାଭ କରିଅଛି । ସେଠାର କଳା-କାରମାନଙ୍କ ତୂଳିକାରେ ଚିତ୍ରଲିପି ଭାବର ଅଭିବ୍ୟଞ୍ଜକରୂପେ ଏତେଦୂର ବିକାଶଲାଭ କଲା ଯେ, ଗୋଟିଏ ଗୋଟିଏ ଅକ୍ଷର ସାହାଯ୍ୟରେ ସେମାନେ ଗୋଟିଏ ଗୋଟିଏ ଶବ୍ଦ କିମ୍ବା ବାକ୍ୟ ଲେଖିବାକୁ ସମର୍ଥ ହେଉଥିଲେ । ତେଣୁ ସେମାନଙ୍କ ଲିପିକୁ ଅଶିକ୍ଷିତ ଆଦିମମାନବର ଏକ ରୁକ୍ଷ ପରିକଳ୍ପନା ବୋଲି ଏଡ଼ାଇ ଦେବା ସମୀଚୀନ ନୁହେଁ ।" (୧୩)

---

(୧୩) **Studies in early chinese culture,** P. 108 ff.
by Prof. Herrlee Glesser Creel

ଚୀନ୍ ରାଜ୍ୟରେ ସର୍ବପ୍ରଥମେ ଶବ୍ଦଲିପି କି ଉପାୟରେ ସୃଷ୍ଟି ହେଲା ସେ ବିଷୟରେ ଗବେଷଣା କରିବାକୁ ଯାଇ ଅଧ୍ୟାପକ ହିଲ୍ କେତୋଟି ଶବ୍ଦାକ୍ଷରର ସମ୍ପୃକ୍ତ ଚିହ୍ନର ବିଶ୍ଳେଷଣ କରିଅଛନ୍ତି । ତାଙ୍କ ଗବେଷଣାମୂଳକରେ ଚୀନ୍‌ର ସୁବିଖ୍ୟାତ ପଣ୍ଡିତ ୟେ-ୟୁ-ଷେନ୍ (Yeh-You-Shen) ଙ୍କର ନିମ୍ନୋକ୍ତ ଅକ୍ଷରେକ ବିଶ୍ଳେଷଣ ସନ୍ନିହିତ :—କେତେକ ଶ୍ରେଣୀୟ ଚିହ୍ନ 'ଚିନ୍' ନାମକ ଗୋଟିଏ ଶବ୍ଦାକ୍ଷରକୁ ଅବଲମ୍ବନ କରି ଗଠିତ । 'ଚିନ୍' ଶବ୍ଦର ଅର୍ଥ ହେଉଛି 'କାଳ' । ସୁତରାଂ, ଏ' ଶବ୍ଦ ସଙ୍ଗେ ବିଭିନ୍ନ ମାତ୍ରାଯୁକ୍ତ ଶବ୍ଦର ସଂଯୋଗ ଦ୍ୱାରା "ଯୁକ୍ତ—ଶବ୍ଦାକ୍ଷର" (Phraseological symbol) ଗଠିତ ହୁଏ । ଉଦାହରଣ ସ୍ୱରୂପ, "ଚିନ୍-ଜିଃ" (Chin-Jih) ନାମକ "ଯୁକ୍ତ-ଶବ୍ଦାକ୍ଷର"ର ଅର୍ଥ ହେଉଛି, "ଆଜଦିନ" । ସେହିପରି 'ଚିନ୍-ଶି" (Chin-shi) ର ଅର୍ଥ 'ଆଜରାତି' । ଈଦୃଶ ଯୁକ୍ତ-ଶବ୍ଦାକ୍ଷର ସମ୍ବଳିତ ଚିହ୍ନଗୁଡ଼ିକ ସେ ଦେଶରେ ପ୍ରସ୍ତୁତ କେତେକ ପ୍ରାଚୀନ ଅସ୍ଥି ଫଳକରେ ଖୋଦିତ ହୋଇ ଥିବାର ଦେଖାଯାଏ । ଷାଙ୍ଗ୍ (Shang) ସମ୍ପ୍ରଦାୟ ତଦ୍ଦେଶୀୟ ଜଳବାୟୁ ପ୍ରଭାବରେ ସେମାନଙ୍କ ଆନୁନାସିକ ଉଚ୍ଚାରଣ ଭଙ୍ଗୀ ଏପରି ଭାବେ ନିୟନ୍ତ୍ରିତ କରନ୍ତି ଯେ ସେପରି ଉଦାହରଣ କରିବା ଉତ୍ତର ଚୀନ୍ କିମ୍ବା ଅନ୍ୟ କେଉଁ ଉଷ୍ଣ ପ୍ରଧାନ ଦେଶବାସୀଙ୍କ ପକ୍ଷରେ ସମ୍ଭବ ନୁହେଁ ।

ଚୀନ୍‌ର ଯୁକ୍ତ ଶବ୍ଦାକ୍ଷରର ଲିଖନ ଭଙ୍ଗୀ କାଳକ୍ରମେ ଏପରି ଗୋଟିଏ ଜଟିଳ ସ୍ୱର-ନିୟମ ଭିତର ଦେଇ ଗଢିକଲା, ପୁଣି ସେଥି ସଙ୍ଗେ ତତ୍‌ସମ୍ପର୍କୀୟ ଚିହ୍ନଗୁଡ଼ିକ ସମ୍ବର୍ଦ୍ଧିତ ହୋଇ ଏପରି ଏକ ଜଟିଳାକୃତି ଧାରଣ କଲା ଯେ, ତାହା ସର୍ବସାଧାରଣଙ୍କ ପକ୍ଷରେ ବୋଧଗମ୍ୟ ହେବା ସହଜସାଧ୍ୟ ନୁହେଁ; ଫଳରେ ସେ ଦେଶର ଜଣେ ଲିପିକାର ଉଚ୍ଚଶ୍ରେଣୀୟ ପଣ୍ଡିତ ବୋଲି ଧାର୍ଯ୍ୟ ହୁଅନ୍ତି ।

ଷାଙ୍ଗ୍‌ଜାତୀୟ ଲିପିକୁ ପଣ୍ଡିତମାନେ ଶବ୍ଦାକ୍ଷର ପ୍ରଚଳନ ଯୁଗର ଶେଷ ଭାଗରେ ସ୍ଥାପନ କରନ୍ତି । (୧୪) ଚୀନ୍‌ରେ ପ୍ରଚଳିତ ଶବ୍ଦାକ୍ଷର ବା ଯୁକ୍ତ-ଶବ୍ଦାକ୍ଷରର ନମୁନା ନଂ ୫ ପ୍ଲେଟରେ ପ୍ରଦର୍ଶିତ ହେଲା ।

---

(୧୪) ୬୬୮ ଖ୍ରୀଷ୍ଟାବ୍ଦରେ ହୁଏନ୍‌ସାଂ ଲେଖିଥିଲେ ଯେ ବ୍ରାହ୍ମୀ ଓ ଖରୋଷ୍ଠୀ ଲିପି ଦେବତାକୃତ, କିନ୍ତୁ 'ସାଂକ' ନାମକ ଲିପି ପକ୍ଷୀ ପ୍ରଭୃତି ଜୀବମାନଙ୍କ ରୂପ

ନଂ ୪

ଚୀନରେ ପ୍ରଚଳିତ ଶବ୍ଦାକ୍ଷର

臣 = ସେବକ (Servant)

見 = ଦେଖିଲା (Saw)

來 = ଆସ (Come)

鳥 = ପକ୍ଷୀ ଗୁଡ଼ିକ (Birds)

自 = ଠାରୁ (From)

東 = ପ୍ରାଚ୍ୟ (The eastern)

林 = ବଗିଚା (Grove)

ପ୍ରଥମେ କୁହାଯାଇଛି ଯେ, ପ୍ରାଗୈତିହାସିକ ଯୁଗରେ ଭାରତୀୟ ଲିପ୍ୟାକ୍ଷର ମହେଞ୍ଜୋଦାରୋ, ଚାନ୍ହୁଦାରୋ ପ୍ରଭୃତି ସ୍ଥାନରେ ଆବିଷ୍କୃତ ହୋଇଥିଲା । ପଣ୍ଡିତମାନଙ୍କ ମତରେ, ତାହା ଦ୍ରାବିଡ଼ୀୟ ଜାତିଦ୍ୱାରା ବ୍ୟବହୃତ ଥିଲା । ରେଭରେଣ୍ଡ ହେରାସ୍ ଜେ (Rev. H. Heras j)ଙ୍କ ମତାନୁସାରେ

ଅନୁସାରେ ଗଠିତ ହୋଇ ଉପରୋକ୍ତ ତଳ ଆକୃତି ଲେଖାଯାଏ । ଏହା ବୋଧହୁଏ 'ହ୍ୟୁଂ କା' ଲିପି ସପ୍ତମ ଶତାବ୍ଦୀର 'ଚୀନ୍ ଲିପି'କୁ ନିର୍ଦ୍ଦେଶ କରିଥିବା ସମ୍ଭବ । (Indian Antiquary vol. XXXIV, P. 21 ff.)

ବେଲୁଚିସ୍ଥାନରେ ବର୍ତ୍ତମାନ ଯେଉଁ 'ବ୍ରାହୁଇ' ନାମକ ଭାଷା ପ୍ରଚଳିତ ହୁଏ, ତାହା ସେହି ପ୍ରାଚୀନ ଯୁଗରେ ସେ ଅଞ୍ଚଳରେ ପ୍ରତିଷ୍ଠିତ ଦ୍ରାବିଡ଼ୀୟ ସଭ୍ୟତାକୁ ସୂଚିତ କରେ । କାରଣ, 'ବ୍ରାହୁଇ' ଭାଷା ସହିତ ସୁଦୂର ଦକ୍ଷିଣ-ଭାରତରେ କଥିତ ତାମିଲ ଭାଷାର ଘନିଷ୍ଠ ସମ୍ପର୍କ ବିଦ୍ୟମାନ । ଏ ଦୃଷ୍ଟିରୁ ବିଚାର କଲେ, ପ୍ରାଚୀନ ଯୁଗରେ ସୈନ୍ଧବ ସଭ୍ୟତାକୁ ଦ୍ରାବିଡ଼ୀୟ ସଭ୍ୟତା ବୋଲି କହିବା ଯୁକ୍ତିଯୁକ୍ତ । ଏଥିପାଇଁ, ରେଭେରେଣ୍ଡ ହେରାସ୍ ସେ ଭାଷା ଅବଲମ୍ବନ କରି ମହେଞ୍ଜୋଦାରୋରୁ ପ୍ରାପ୍ତ ଚିତ୍ରଲିପିର ପାଠୋଦ୍ଧାର କରିବାକୁ ପ୍ରୟାସ କରିଥିଲେ । (୧୫) ତାଙ୍କର ସିଦ୍ଧାନ୍ତ ଅନୁସାରେ, ଉକ୍ତ ଅକ୍ଷରଗୁଡ଼ିକ ଭାରତରେ ପ୍ରଚଳିତ ପ୍ରାଗୈତିହାସିକ-ଯୁଗରେ 'ଧ୍ୱନି-ଚିତ୍ରଲିପି' (Picto-phonic Characters) ଆକାରରେ ଗଠିତ (୧୬); ପୁଣି ଏ' ଚିତ୍ରରେ ଅକ୍ଷରାବଳୀ ସ୍ୱରର ଉଚ୍ଚାରଣ ଭଙ୍ଗୀ ଅନୁଯାୟୀ ଗଠିତ ହୋଇଥିଲା । କାରଣ, ପ୍ରାଚୀନ ଦ୍ରାବିଡ଼ୀୟ ଭାଷାରେ ହିଁ ଏପରି ଧ୍ୱନ୍ୟାତ୍ମକ ଶବ୍ଦସମୂହର ପ୍ରଚଳନ ଲକ୍ଷିତ ହୁଏ ।

ଭାରତବର୍ଷରେ ପ୍ରଚଳିତ ପ୍ରାଗୈତିହାସିକ ଯୁଗରେ ଲିପି ଦୁଇଟି ବିଶିଷ୍ଟ ଆକାରରେ ବିଭକ୍ତ । ଯଥା—(୧) ଚିତ୍ରାକ୍ଷର (Heiroglyph) ଏବଂ (୨) ଭାବାକ୍ଷର (Ideograph) ମିଶ୍ରଣଯୁକ୍ତ ଶୈଳୀରୁ କାଳକ୍ରମେ 'ଭାବାଂଶ ଲିପି'ର (୧୭) ସୃଷ୍ଟି ହୋଇ ସେଥିରୁ ବ୍ରାହ୍ମୀଲିପି ସମ୍ଭୂତ ହେଲା ।

---

(୧୫) Journal of Indian History, Vol. XVI, pt i, Pp. I—12. ff. ବର୍ତ୍ତମାନ କେତେକ ପାଶ୍ଚାତ୍ୟ ପଣ୍ଡିତ ଏହା ସଂସ୍କୃତ ଭାଷା ବୋଲି ପାଠ କରିଛନ୍ତି ।

(୧୬) ୧୯୪୯ ମସିହାରେ ବଲାଙ୍ଗିରଠାରେ, କଳିଙ୍ଗ ଐତିହାସିକ ଗବେଷଣା ପରିଷଦ ପକ୍ଷରୁ ଗୋଟିଏ ସଭାରେ ରେଭେରେଣ୍ଡ ହେରାସ୍ ସଭାପତିତ୍ୱ କରିଥିଲାବେଳେ ଲେଖକ ଓଡ଼ିଶାରୁ ପ୍ରାପ୍ତ ଚିତ୍ରଲିପି ସମ୍ବନ୍ଧେ ଗୋଟିଏ ପ୍ରବନ୍ଧ ପାଠ କରିଥିଲେ । ସଭା ପରେ ହେରାସଙ୍କ ସହ ଓଡ଼ିଶାର ବିକ୍ରମଖୋଲ, ନରାଜ, ଗୁଡ଼ହାଣ୍ଡି ପ୍ରଭୃତି ସ୍ଥାନରୁ ପ୍ରାପ୍ତ ଚିତ୍ରଲିପିଗୁଡ଼ିକ ସମ୍ବନ୍ଧେ ଲେଖକ ଆଲୋଚନା କରି ତାହା ପରବର୍ତ୍ତୀ ଚିତ୍ରଲିପି ବୋଲି ସିଦ୍ଧାନ୍ତ କରିଥିଲେ । ପୁଣି ରେଭେରେଣ୍ଡ ହେରାସ୍ ସେଥିରେ ଏକମତ ହୋଇଥିଲେ ।

ନଂ ୯

(୧)- ଉଜ୍ଜୟିନୀରୁ ପ୍ରାପ୍ତ ପଞ୍ଚମାର୍କ ମୁଦ୍ରା ଗୁଡ଼ିକରେ ନିମ୍ନ ପ୍ରକାରେ ସ୍ୱସ୍ତିକ ଚିହ୍ନ ଦେଖାଯାଏ :-

(୨)- ମହେଞ୍ଜୋଦାରୋରୁ ପ୍ରାପ୍ତ ସ୍ୱସ୍ତିକ ଚିହ୍ନ :-



(୩) ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପିରେ ଥିବା ସ୍ୱସ୍ତିକ ଚିହ୍ନ :-

---

(୧୭) 'ଅଙ୍କଲିପି' ଓ 'ସ୍ଥାନାଙ୍କଲିପି' ସମ୍ବନ୍ଧରେ ସାମାନ୍ୟ କିଛି ସୂଚନା ଦେବା ଆବଶ୍ୟକ। ଅଙ୍କଲିପି ଅନୁଯାୟୀ, ସଙ୍କେତର -- ଗୋଟିଏ ସଂଖ୍ୟାର ଭିନ୍ନ ଅଙ୍କ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନ ପ୍ରକାଶ କରାଯାଉଥିଲା। କିଛିକାଳ ପରେ, ସେହି ସଂଖ୍ୟାଟିକୁ ସଂକ୍ଷିପ୍ତ କରାଯାଇ ତାର ଶୂନ୍ୟଟି ମାତ୍ର ଅଙ୍କ ଦେଇ ସଂଖ୍ୟାର ସ୍ଥାନ ପ୍ରକଟିତ ହେଲା। ସେ ଯୁଗର ଏହିଣ ଲିପିକୁ 'ସ୍ଥାନଲିପି' ବୋଲି କୁହାଯାଏ।

କେତେକ ପଣ୍ଡିତଙ୍କ ମତରେ, ଏ’ ଲିପି ପୂର୍ବେ ଆର୍ଯ୍ୟମାନଙ୍କ କର୍ତ୍ତୃକ ସ୍ୱତନ୍ତ୍ର ପଦ୍ଧତିରେ ସୃଷ୍ଟି ହୋଇଛି । ସମ୍ଭବତଃ ସେମାନେ ଖ୍ରୀଷ୍ଟପୂର୍ବ ୨୦୦୦ ଆଗେ ପାରସ୍ୟ ଓ ବେବିଲୋନିଆ (Babylonia) ଆକ୍ରମଣ କରିଥିଲେ । ସେମାନଙ୍କ ପ୍ରାଚୀନତମ ଲିପି ଏସିଆମାଇନର (Asia minor) ର ଉତ୍ତର ଭାଗରେ ଅବସ୍ଥିତ ବୋଘାଜ୍ କୋଇ (Boghaz koi) ନାମକ ସ୍ଥାନରୁ ମିଳିଥିବାରୁ ଏ’ କଥାର ସତ୍ୟତା ପ୍ରମାଣିତ ହୁଏ ।

ତହିଁରୁ ଲିପିରେ ‘ଟଞ୍ଚାବର୍ତ୍ତନ’; ‘ସତ୍ତବର୍ତ୍ତନ’ (ସପ୍ତାବର୍ତ୍ତନ’) ପ୍ରଭୃତି ସଂସ୍କୃତ ଭାଷାର ଶବ୍ଦାବଳୀ ବ୍ୟବହୃତ ହୋଇଥିବାର ଦେଖାଯାଏ । ସେହିପରି ମଧ୍ୟ, ମିଶରର, ମିତାନ୍ନି (Mitanni) ନାମକ ସ୍ଥାନରୁ ଆର୍ଯ୍ୟ-ଉପନିବେଶର ବହୁ ନିଦର୍ଶନ ମିଳିଅଛି । ଉପର୍ଯ୍ୟୁକ୍ତ ବୋଘାଜ୍-କୋଇ (Boghaz-koi) ଲିପିରୁ ଆହୁରି ମଧ୍ୟ ଜଣା ଯାଇଛି ଯେ, ମିଥ୍ର ମିତ୍ର—ସୂର୍ଯ୍ୟ’, ‘ଇନ୍ଦ୍ର’, ‘ବରୁଣ’, ‘ନାସତ୍ୟ’ ପ୍ରଭୃତି ବେଦୋକ୍ତ ଦେବତାମାନଙ୍କୁ ସେମାନେ ଆରାଧନା କରୁଥିଲେ । ଏତଦ୍‌ବ୍ୟତୀତ ‘ଦଶରତ୍ତ’ (ଦଶରଥ), ‘ଅର୍ତ୍ତମ’ (ଆର୍ଯ୍ୟତମ) ‘ଯଷ୍‌ଦତ’ (ଯଶୋଦତ୍ତ), ପ୍ରଭୃତି ନାମ ସଙ୍ଗେ ଭାରତର ଆର୍ଯ୍ୟସଂସ୍କୃତି-ସମ୍ପନ୍ନ ଶବ୍ଦଗୁଡ଼ିକର ସାମଞ୍ଜସ୍ୟ ବିଦ୍ୟମାନ । ଏଣୁ, ଆର୍ଯ୍ୟ ସମ୍ପ୍ରଦାୟ ଭାରତବର୍ଷରେ

ତା’ପରେ ଆଉ କେତେକାଳ ଉତ୍ତାରୁ ସେହି ହସ୍ତି ଶୁଣ୍ଢକୁ ପୁଣି ସଙ୍କୁଚିତ କରି ଶୁଣ୍ଢର ଅଗ୍ରଦେଶଟି ମାତ୍ର ରଖାଗଲା । ସେତେବେଳେ ତାହା ‘‘ଭାବାଂ ଲିପି’’ ରେ ପରିଣତ ହେଲା । ଏପରି ଲିପି ପ୍ରଚଳିତ ହେଲା ପରେ, ଲୋକେ ମୂଳ ହସ୍ତୀ ଚିତ୍ରକୁ ବିସ୍ମୃତ ହେଲେ । ସେମାନେ ସେତେବେଳେ ଆଉ ବୁଝି ନଥିଲେ ଯେ, ହସ୍ତୀର ଶୁଣ୍ଢ ବା ସେଥିର ଅଗ୍ରଭାଗ ଦ୍ୱାରା ମୂଳ ହସ୍ତୀ ଚିତ୍ରକୁ ସୂଚିତ କରାଯାଇ ସେ ଅକ୍ଷରର ଧ୍ୱନି ପ୍ରକଟିତ ହୋଇଥିଲା । କେତେ ସହସ୍ର ଯୁଗର ପରିବର୍ତ୍ତନ ଫଳରେ ଯେଉଁ ଧ୍ୱନି ବା ସ୍ୱରପାଇଁ ଯେପରି ଅକ୍ଷର ବ୍ୟବହୃତ ହେଲା, ସେଥିରେ ମୌଳିକ ଚିତ୍ରଟି ଅନ୍ୱେଷଣ କରିବାକୁ କେହି ଆଗ୍ରହୀ ନ ଥିଲେ । ଏପରି ଯୁଗ ପରେ ଯୁଗ ଅତିବାହିତ ହୋଇ ‘ଚିତ୍ରଲିପି’ରୁ ‘ଭାବଲିପି’ ପୁଣି ସେଥିରୁ ‘ଭାବାଂଶ ଲିପି ସୃଷ୍ଟି’ ହେଲା ।’ ସମ୍ଭବତଃ ଶେଷୋକ୍ତ ଲିପି ଯେପରି ରହିଗଲା, ତାହା ସରଳ ଓ ବକ୍ରରେଖାରେ ସଜ୍ଜିତ କରି ତତ୍କାଳୀନ ଲିପିକାର ଲେଖିରି ମୁନରେ ସ୍ଥଳିତ କଲା, ଯେଉଁ ଅକ୍ଷରାବଳୀ ବର୍ତ୍ତମାନ ‘ବ୍ରାହ୍ମୀ’ ନାମରେ ପରିଚିତ ।

ଉପନିବେଶ ସ୍ଥାପନ କରିବା ବହୁକାଳ ପୂର୍ବରୁ ମଧ୍ୟ-ଏସିଆରେ ଯେଉଁ ଲିପି ବ୍ୟବହୃତ ହେଉଥିଲା, ତାହାହିଁ ସେମାନେ ଶିକ୍ଷା କରିଥିଲେ; ବୋଧହୁଏ, ସେଥିରୁ 'ବ୍ରାହ୍ମୀ' ନାମକ ଲିପି ସମ୍ଭବ ହେଲା ।

ଋଗ୍‌ବେଦରେ ଗାୟତ୍ରୀ, ଉଷ୍ଣୀର, ଅନୁଷ୍ଟୁଭ୍, ବୃହତୀ, ଜଗତ୍, ତ୍ରିଷ୍ଟୁଭ୍ ଏବଂ ଜଗତୀ ପ୍ରଭୃତି ଛନ୍ଦର ନାମ ଦେଖାଯାଏ । * ବାଜସନେୟୀ ସଂହିତାରେ ମଧ୍ୟ ଏପରି ଆଉ କେତୋଟି ଛନ୍ଦର ନାମ ଦିଆଯାଇଛି । ଯଥା :—ଦ୍ୱିପଦା, ତ୍ରିପଦା, ଚତୁଷ୍ପଦୀ, ଷଟ୍‌ପଦୋ, କକୁଭ୍ ଇତ୍ୟାଦି । * ସଂକ୍ଷେପରେ କହିବାକୁ ଗଲେ, ବେଦ ଓ ସଂହିତାମାନଙ୍କରେ ଛନ୍ଦବିଷୟକ ବର୍ଣ୍ଣନା ବହୁଳଭାବେ ଦେଖିବାକୁ ମିଳେ । ସୁତରାଂ ବୈଦିକଯୁଗରେ ଆର୍ଯ୍ୟମାନଙ୍କ ମଧ୍ୟରେ ଲିପିଜ୍ଞାନ ସମ୍ପ୍ରସାରିତ ହୋଇଥିବା ଅନୁମେୟ । ଗୌରୀଶଙ୍କର ଓଝା ଏ ମତ ପୋଷଣ କରନ୍ତି । +

ଖ୍ରୀଷ୍ଟପୂର୍ବ ପ୍ରାୟ ୫ମ ଶତାବ୍ଦୀରେ ପ୍ରସିଦ୍ଧ ବୈୟାକରଣ ପାଣିନିଙ୍କ ପ୍ରଣୀତ 'ଅଷ୍ଟାଧ୍ୟାୟୀ' ପୁଣି ତାଙ୍କର ପରବର୍ତ୍ତୀ ପାତଞ୍ଜଳିଙ୍କ 'ମହାଭାଷ୍ୟ'ରେ 'ଲିପିକାର' ବା 'ଲିବିକାର' ଶବ୍ଦ ପ୍ରୟୋଗ ଥିବାରୁ ସେତେବେଳେ ଆର୍ଯ୍ୟ-ମାନେ କୌଣସି ପଦ୍ଧତିର ଲିପି ନିଶ୍ଚୟ ବ୍ୟବହାର କରୁଥିଲେ । ପୁଣି, ପାଣିନିଙ୍କ ପୂର୍ବବର୍ତ୍ତୀ ଯାସ୍କଙ୍କ ନିରୁକ୍ତରେ ମଧ୍ୟ ଉପର୍ଯ୍ୟୁକ୍ତ ଶବ୍ଦ ବ୍ୟବହୃତ ହୋଇଅଛି । ଏହା ବ୍ୟତୀତ ତତ୍କାଳୀନ ଆଉ କେତେକ ଗ୍ରନ୍ଥରେ ଅକ୍ଷର, ପଟଳ, ଗ୍ରନ୍ଥପ୍ରଭୃତି ଶବ୍ଦ ବ୍ୟବହୃତ ହୋଇଥିବାରୁ * କେତେକ ପଣ୍ଡିତ ଅକ୍ଷର ପ୍ରଚଳନ ସମ୍ବନ୍ଧରେ ତାହା ପ୍ରମାଣ ବୋଲି ଗ୍ରହଣ କରିଅଛନ୍ତି । ସେ ଯାହାହେଉ, ପାଣିନିଯୁଗରେ ଭାରତବର୍ଷରେ ଯେଉଁ ପଦ୍ଧତିରେ ବର୍ଣ୍ଣମାଳା

---

* ଋଗ୍‌ବେଦ ସଂହିତା, ୧୦, ୧୪, ୧୬, ୧୦, ୧୩୨, ୩, ୪ ଦ୍ରଷ୍ଟବ୍ୟ ।

* ଯଜୁର୍ବେଦ—ବାଜସନେୟୀ ସଂହିତା, ୧୧.୮; ୧୪. ୧୯; ୨୩, ୩୩; ୨୮. ୧୪ ଦ୍ରଷ୍ଟବ୍ୟ ।

+ ଭାରତୀୟ ପ୍ରାଚୀନ ଲିପିମାଳା, ୬-୧୩ ପୃଷ୍ଠା ଦ୍ରଷ୍ଟବ୍ୟ ।

* Goldstucker, Manava Kalpasutra; Intro. 14 ff.

ନିୟନ୍ତ୍ରିତ ହୋଇଥିଲା, ସେପରି ବୈଜ୍ଞାନିକ ନିୟମ ଅନୁଯାୟୀ ଗୋଟିଏ ପରିଶୁଦ୍ଧ ପ୍ରଣାଳୀ ପୃଥିବୀର ଅନ୍ୟ କୌଣସି ଦେଶର ବର୍ଣ୍ଣମାଳାରେ ସମ୍ଭବ ହୋଇ ପାରିନାହିଁ । ଯାସ୍କଙ୍କର ସଠିକ୍ ସମୟ ନିର୍ଦ୍ଧାରିତ ହୋଇ ନ ଥିଲେ ସୁଦ୍ଧା ସେ ପାଣିନିଙ୍କ ପୂର୍ବରୁ ଜୀବିତ ଥିବା ଦୃଷ୍ଟିରୁ × ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀରେ ତାଙ୍କର ସମୟ ନିର୍ଣ୍ଣୀତ ହେବା ଯୁକ୍ତିଯୁକ୍ତ । ପୁଣି, ତାଙ୍କ ପ୍ରଣୀତ 'ନିରୁକ୍ତ'ରେ ସେ ତାଙ୍କ ପୂର୍ବବର୍ତ୍ତୀ କେତେକ ବୈୟାକରଣ ଓ ନିରୁକ୍ତକାରଙ୍କ ନାମୋଲ୍ଲେଖ କରିଅଛନ୍ତି । ଏ ଦୃଷ୍ଟିରୁ ବିଚାର କଲେ ଯାସ୍କଙ୍କର ଜୀବିତକାଳ-ପୂର୍ବରୁ, ଅର୍ଥାତ୍ ଖ୍ରୀ: ପୂ: ୭ମ ଶତାବ୍ଦୀ ଆଗରୁ ଭାରତୀୟ ବର୍ଣ୍ଣମାଳା ସୁସଂଗଠିତ ହୋଇଯାଇଥିଲା । କେବଳ ସେତିକି ନୁହେଁ, 'ଛାନ୍ଦୋଗ୍ୟ ଉପନିଷଦ୍'ରେ 'ଅକ୍ଷର' ଶବ୍ଦ ପ୍ରଥମେ ବ୍ୟବହୃତ ହୋଇଥିବାର ଦେଖାଯାଏ । × ତେବେ ପ୍ରାଚୀନ ସଂସ୍କୃତ ସାହିତ୍ୟ ଅନୁଯାୟୀ, 'ଅକ୍ଷର' କହିଲେ ଧ୍ୱନ୍ୟାତ୍ମକ ଓ ସଂକେତାତ୍ମକ ଏପରି ଉଭୟ ପ୍ରକାର ଭାବ ପ୍ରକାଶ କରୁଥିବାରୁ ଏ' ଶବ୍ଦଟି କେବଳ ସଂକେତାତ୍ମକ ହୋଇ ନିର୍ଦ୍ଦେଶ କରିବା ନିରାପଦ ନୁହେଁ । ତଥାପି, 'ଛାନ୍ଦୋଗ୍ୟଉପନିଷଦ୍' ରଚିତ ହେଲାବେଳେ ବର୍ଣ୍ଣ ବା ଅକ୍ଷରର ସ୍ଥାନ ବ୍ୟାକରଣ-ପଦ୍ଧତି ଅନୁସାରେ ସୁନିର୍ଦ୍ଦିଷ୍ଟ ହୋଇଯାଇଥିଲା । ତା' ନ ହେଲେ ସେହି ଉପନିଷଦ୍‌ରେ କିପରି ବର୍ଣ୍ଣିତ ହୁଅନ୍ତା ଯେ, ଉଷ୍ମ ବର୍ଣ୍ଣଗୁଡ଼ିକରେ ପ୍ରଜାପତି ଏବଂ ସ୍ପର୍ଶବର୍ଣ୍ଣ ଗୁଡ଼ିକରେ ମୃତ୍ୟୁ ବା ଯମ (ଧର୍ମ)ଙ୍କର ଆତ୍ମା ଆରୋପିତ—? ❊

ବର୍ତ୍ତମାନ ପ୍ରଶ୍ନ ହେଉଛି, ବେଦ ଓ ସଂହିତା ଯୁଗରେ ଆର୍ଯ୍ୟ-ସମ୍ପ୍ରଦାୟ ଯେଉଁ ପ୍ରକାର ଲିପି ବ୍ୟବହାର କରୁଥିଲେ, ସେଥିର ଆକୃତି ମିଶର, ବେବିଲୋନ୍ ପ୍ରଭୃତି ଦେଶରେ ପ୍ରଚଳିତ ଚିତ୍ରାକ୍ଷର ସଦୃଶ, କିମ୍ବା ତାହା ସିନ୍ଧୁ ପ୍ରଦେଶରେ ପ୍ରାପ୍ତ ଦ୍ରାବିଡୀୟ ଲିପିମାଳାର କ୍ରମପରିଣତି । ଏଥିର

× ପାଣିନିଙ୍କ ସୂତ୍ରରେ ଉଲ୍ଲେଖ ଅଛି—'ଯାସ୍କାଦିଭ୍ୟୋ ଗୋତ୍ରେ' (୨-୪.୬୩)

❊ "ହିଂକାର ଇତି ପ୍ରତ୍ୟକ୍ଷଂ ପ୍ରସ୍ତାବ ଇତ୍ୟକ୍ଷରଂ ତମୁଦ୍ୟମ୍" (ଛାନ୍ଦୋଗ୍ୟ ଉପନିଷଦ ୨.୧୦ ଦ୍ରଷ୍ଟବ୍ୟ)

❊ "ସର୍ବେଽସ୍ୱରା ଇନ୍ଦ୍ରସ୍ୟାତ୍ମାନଃ ସର୍ବେ ଉଷ୍ମାଣଃ ପ୍ରଜାପତେରାତ୍ମାନଃ; ସର୍ବେ ସ୍ପର୍ଶା ମୃତ୍ୟୋରାତ୍ମାନଃ (ଛାନ୍ଦୋଗ୍ୟ ଉପନିଷଦ୍ ୨, ୨୨.୩) ଐତରେୟ ଆରଣ୍ୟକରେ ମଧ୍ୟ ଏପରି ବର୍ଣ୍ଣନା ଅଛି (ଐ. ଆ. ୩. ୨୧)

ସନ୍ତୋଷଜନକ ଉତ୍ତର ଦେବା ଅଦ୍ୟାପି ସମ୍ଭବ ନୁହେଁ । କାରଣ, ବୈଦିକ-ଯୁଗରେ ଆର୍ଯ୍ୟମାନଙ୍କଦ୍ୱାରା ବ୍ୟବହୃତ ଲିପିର ସ୍ପଷ୍ଟ ସନ୍ଧାନ ଏ ପର୍ଯ୍ୟନ୍ତ ମିଳିନାହିଁ ।

ଏ ସମ୍ପର୍କରେ ଆମ୍ଭେ ମନେ କରୁଁ, ସେତେବେଳେ ଆର୍ଯ୍ୟସମ୍ପ୍ରଦାୟ ଯଜ୍ଞାଦି ନିଷ୍ପାସମ୍ପନ୍ନ କରିବାକୁ ଯାଇ 'ମଣ୍ଡଳ' ନାମକ ବିଭିନ୍ନ ରେଖା ଅଙ୍କିତ କରୁଥିଲେ । ସେହି ପ୍ରାଚୀନ ବିଧି ଅଦ୍ୟାପି ବ୍ରାହ୍ମଣମାନଙ୍କ ମଧ୍ୟରେ ପ୍ରଚଳିତ ଥିବାର ଦେଖାଯାଏ । 'ମଣ୍ଡଳ'ଗୁଡ଼ିକର ଆକୃତିରୁ ମନେହୁଏ, ସମ୍ଭବତଃ ତାହା ଆର୍ଯ୍ୟ-ବ୍ୟବହୃତ କୌଣସି 'ସ୍ୱରବର୍ଣ୍ଣ' ବା 'ସ୍ୱରାଂଶବର୍ଣ୍ଣର' ଅଂଶ-ବିଶେଷ । ତା' ନ ହେଲେ, ଯଜ୍ଞ, ହୋମ ପ୍ରଭୃତି ଅତି ପବିତ୍ର କାର୍ଯ୍ୟରେ କେତେଗୁଡ଼ିଏ ଅର୍ଥଶୂନ୍ୟ ରେଖା ଅଙ୍କନ କରିବା ଆଦୌ ସମ୍ଭବ ହୁଅନ୍ତା ନାହିଁ । କାଳର ଦୀର୍ଘ ବ୍ୟବଧାନ ହେତୁ, ସେହି ବୈଦିକଯୁଗର "ସ୍ୱରାକ୍ଷର" ଦୁର୍ବୋଧ ରେଖାବଳୀରେ ପରିଣତ ହୋଇ "ମଣ୍ଡଳ" ଆଖ୍ୟା ଧାରଣ କଲା* । ମୁରୁଜ ବା ଗୁଣ୍ଡିକ ସାହାଯ୍ୟରେ ସେହି ମଣ୍ଡଳ' ଗୁଡ଼ିକ ଅଙ୍କିତ ହୁଏ । ସମ୍ଭବତଃ "ତନ୍ତ୍ରସାର" ନାମକ ଗୋଟିଏ ଗ୍ରନ୍ଥରେ ଯେଉଁ ପାଞ୍ଚଗୋଟି ଲିପିର ନାମୋଲ୍ଲେଖ ଅଛି, ସେଥିରୁ ଗୋଟିଏ 'ଗୁଣ୍ଡିକା ଲିପି* ମହେଞ୍ଜୋଦାରୋର ସୀଲ ଉପରସ୍ଥ କେତେକ ସ୍ୱସ୍ତିକ ଚିହ୍ନ ସଙ୍ଗେ ବୈଦିକ 'ମଣ୍ଡଳ'ର ସାମ୍ୟ ଦେଖାଯାଏ । ଏପରି ଦୁଇଟି ସ୍ୱସ୍ତିକ ଚିହ୍ନ ଖାରବେଳଙ୍କ ଲିପିରେ ମଧ୍ୟ ଦେଖାଯାଏ ।

ବୈଦିକ ଯୁଗ ପରେ ଭାରତରେ ତନ୍ତ୍ର-ଯୁଗର ଅଭ୍ୟୁଦୟ ହେଲା । ସେତେବେଳେ ଭାରତୀୟ ବର୍ଣ୍ଣମାଳା ସମ୍ବନ୍ଧେ ଯେଉଁ ଧାରଣା ସୃଷ୍ଟି ହୋଇଥିଲା ସେଥିର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

ଶରୀର ଭିତରେ ଯେଉଁ 'କୁଣ୍ଡଳୀ' ନାମକ ନାଡ଼ୀ ଅବସ୍ଥିତ, ତାହା ଚନ୍ଦ୍ର, ସୂର୍ଯ୍ୟ ଓ ଅଗ୍ନିସ୍ୱରୂପା ୪୨ କିମ୍ବା ୫୦ଟି ବର୍ଣ୍ଣରେ ପ୍ରକାଶିତ ହୁଏ ।

---

* ମଣ୍ଡଳାକୃତି କେତେ ସ୍ୱସ୍ତିକଚିହ୍ନ ମହେଞ୍ଜୋଦାରୋରୁ ମିଳିଅଛି ତାହା ୫ ନମ୍ବର ପ୍ଲେଟରେ ଦିଆଗଲା ।

* (୧) ମୁଦ୍ରାଲିପି (୨) ଶିଳ୍ପଲିପି (୩) ଲେଖସମ୍ଭବା ଲିପି (୪) ଗୁଣ୍ଡିକ ଲିପି ଏବଂ (୫) ଘୁଣଲିପି ('ତନ୍ତ୍ରସାର') ।

ସୁତରାଂ, ଏହା ବେଦ ଓ ଶବ୍ଦାର୍ଥର ପ୍ରବର୍ତ୍ତିନୀ ଏବଂ ତ୍ରିପୁଷ୍କର, ଅର୍ଥାତ୍ ଜ୍ୟେଷ୍ଠ, ମଧ୍ୟ ଓ କନିଷ୍ଠଭେଦରେ ସ୍ୱାର୍ଥସମ୍ପୃ ତଥା ଉଦାତ୍ତ, ଅନୁଦାତ୍ତ ପ୍ରଭୃତି ସ୍ୱରସମୂହ ପ୍ରକାଶ କରିବାକୁ ସମର୍ଥ । "ଶାରଦାତିଳକ"ରେ ଉଲ୍ଲେଖ ଅଛି :—

"ଦ୍ୱିଚତ୍ୱାରିଂଶତା ମୂଳେ ଗୁଣିତାବର୍ଣ୍ଣନାତ୍ମିକା
ସା ପ୍ରସୂତେ କୁଣ୍ଡଳିନୀ ଶବ୍ଦବ୍ରହ୍ମମୟୀବିଭୁଃ
ଶକ୍ତିସ୍ତତୋ ଧ୍ୱନିସ୍ତସ୍ମା ନ୍ନାଦସ୍ତସ୍ମାନ୍ନି ରୋଧିକା ।
ତତୋଽର୍ଦ୍ଧେନ୍ଦୁସ୍ତତୋ ବିନ୍ଦୁ ସ୍ତସ୍ମାଦାସୀତ୍ ପରା ତତଃ ।"

ପରା, ପଶ୍ୟନ୍ତୀ, ମଧ୍ୟମା ଓ ବୈଖରୀ ଅବସ୍ଥାଭେଦରେ ବର୍ଣ୍ଣର ଏହି କେତୋଟି ସାଙ୍କେତିକ ସଂଜ୍ଞା ବିଦ୍ୟମାନ । ବର୍ଣ୍ଣ ଯେତେବେଳେ ନାଦରୂପେ ପ୍ରଥମେ ମୂଳାଧାରରୁ ନିର୍ଗତ ହୁଏ, ତା'କୁ ସେ ଅବସ୍ଥାରେ 'ପରା' କୁହାଯାଏ । ସେଥିର ଉତ୍‌ଥାନ କ୍ରିୟାକୁ 'ପଶ୍ୟନ୍ତୀ' ନାମ ଦିଆଯାଇଛି । ସେହି ନାଦ ହୃଦୟରୁ ବାହାରି କ୍ରମେ ବୁଦ୍ଧି ବା ସଙ୍କଳ୍ପ ସଙ୍ଗେ ସଂଯୁକ୍ତ ହେବା ଅବସ୍ଥାର ନାମ 'ମଧ୍ୟମା'; ତା'ପରେ ଯେତେବେଳେ ସେ ବୁଦ୍ଧିରୁ ନିର୍ଗତ ହୋଇ କ୍ରମେ କଣ୍ଠଗତ ହୁଏ, ପୁଣି ମୁଖରେ ପ୍ରକାଶ ପାଏ, ସେତେବେଳେ ତାହା "ବୈଖରୀ" ନାମରେ ପରିଚିତ ହୁଏ । ଏହି ଶେଷୋକ୍ତ ଅବସ୍ଥାପନ୍ନ ନାଦରୁ ହିଁ ବାୟୁ ନିର୍ଗତ ହୋଇ ବର୍ଣ୍ଣସମୂହ ସୃଷ୍ଟି କରେ । 'ପରା' ଓ 'ପଶ୍ୟନ୍ତୀ' ଦଶାପନ୍ନ ବର୍ଣ୍ଣ ଯୋଗୀମାନଙ୍କର ହିଁ ପ୍ରତ୍ୟକ୍ଷୀଭୂତ ବୋଲି ବର୍ଣ୍ଣିତ ଅଛି ।

ଅତଃପର, ବର୍ଣ୍ଣଗୁଡ଼ିକର ସ୍ଥାନ ନିରୂପଣ ସମ୍ବନ୍ଧେ ନିମ୍ନୋକ୍ତ ଶ୍ଳୋକ "ଶିକ୍ଷାସୂତ୍ର" ନାମକ ଗ୍ରନ୍ଥରେ ଦେଖିବାକୁ ମିଳେ :—

"ଅଷ୍ଟୌ ସ୍ଥାନାନି ବର୍ଣ୍ଣାନାମୁରଃ କଣ୍ଠଃଶିରସ୍ତଥା ।
ଜିହ୍ୱାମୂଳଞ୍ଚ ଦନ୍ତାଶ୍ଚ ନାସିକୌଷ୍ଠୌ ଚ ତାଲୁ ଚ ॥"

"ପ୍ରପଞ୍ଚସାର" ନାମକ ଆଉ ଏକ ଗ୍ରନ୍ଥର ଦ୍ୱିତୀୟ ପଟଳରେ ଅଛି ଯେ, ୫୦ଟି ବର୍ଣ୍ଣ ବା ଅକ୍ଷର ପ୍ରଥମେ ଜଗତରେ ସୃଷ୍ଟି ହୋଇଥିଲା । ବର୍ଣ୍ଣାବଳୀ ସମୀର-ସଂଯୁକ୍ତ ହୋଇ ସୁଷୁମ୍ନାନାଡ଼ୀ ରନ୍ଧ୍ର ଦେଇ ବହିର୍ଗତ ହୁଏ । ପରେ ତାହା କଣ୍ଠାଦି ସ୍ଥାନ ଆଲୋଡ଼ିତ କରି ମୁଖରୁ ନିର୍ଗତ ହୁଏ ଏବଂ ବର୍ଣ୍ଣ ପ୍ରକାଶ କରେ । ଉଚ୍ଚ ଉର୍ଦ୍ଧ୍ୱମାର୍ଗବାୟୁରୁ 'ଉଦାତ୍ତ', ନୀଚଗତ ବାୟୁରୁ "ଅନୁଦାତ୍ତ", ଏବଂ ତିର୍ଯ୍ୟକ୍ ଗତିବିଶିଷ୍ଟ ବାୟୁରୁ "ସ୍ୱରିତ" ବର୍ଣ୍ଣ ନିଃସୃତ ହୁଏ ।

ଏପରି ଭାବେ ଏକାର୍ଦ୍ଧ, ଏକ, ଦୁଇ ଓ ତିନି ସଂଖ୍ୟାବିଶିଷ୍ଟ ମାତ୍ରାରେ ଲିପି (ବର୍ଣ୍ଣ) ଗୁଡ଼ିକର ସୃଷ୍ଟି । ଏ, ସବୁ ବ୍ୟଞ୍ଜନ, ହ୍ରସ୍ୱ, ଦୀର୍ଘ ଓ ପ୍ଲୁତ ନାମରେ ଆଖ୍ୟାତ ହୁଅନ୍ତି । ✽

ବର୍ତ୍ତମାନ ପ୍ରଶ୍ନ ହେଉଛି, ବୈଦିକ ଯୁଗ ଓ ପରବର୍ତ୍ତୀ ତନ୍ତ୍ର-ଯୁଗରେ ବ୍ୟବହୃତ ଲିପିର ଆକୃତି କିପରି ଥିଲା ? ସେଥିର କୌଣସି ଠିକ୍ ନିଦର୍ଶନ ନ ମିଳିଲେ ସୁଦ୍ଧା ଖ୍ରୀଷ୍ଟପୂର୍ବ ପ୍ରାୟ ୬ଷ୍ଠ ଶତାବ୍ଦୀର ଓ ତତ୍ପୂର୍ବରୁ ପ୍ରଚଳିତ କେତେକ ଭାରତୀୟ ମୁଦ୍ରା ସାହାଯ୍ୟରେ ସେଥିର କିଛି ଆଭାସ ମିଳେ । ଏହି ମୁଦ୍ରାଗୁଡ଼ିକରୁ ଅଧିକାଂଶ ରୌପ୍ୟଖଣ୍ଡରେ ନିର୍ମିତ, ଏବଂ ପ୍ରତ୍ନତାତ୍ତ୍ୱିକ ପଣ୍ଡିତମାନେ ଏହାକୁ ପଞ୍ଚମାର୍କ ମୁଦ୍ରା (Panch marked Coin) ବୋଲି ନାମିତ କରିଅଛନ୍ତି । X ଭାରତର ବିଭିନ୍ନ ଅଞ୍ଚଳରୁ, ବିଶେଷତଃ ଓଡ଼ିଶାରୁ ଏହି ମୁଦ୍ରାଗୁଡ଼ିକ ପ୍ରଚୁର ପରିମାଣରେ ମିଳିଛି । ପ୍ରତ୍ୟେକ ମୁଦ୍ରା ଉପରେ କେତେ ଗୁଡ଼ିଏ ଭାବବାଚକ ଲିପି ଅଙ୍କିତ ଥିବାର ଦେଖାଯାଏ । ପଣ୍ଡିତମାନେ ଅନୁମାନ କରନ୍ତି ଯେ, ମୌର୍ଯ୍ୟବଂଶୀୟ ରାଜାମାନଙ୍କ ସମୟରେ ଓ ତତ୍ପୂର୍ବରୁ ଏ ଧରଣର ମୁଦ୍ରା ଭାରତର ବିଭିନ୍ନ ପ୍ରଦେଶରେ ବ୍ୟବହୃତ ହେଉଥିଲା । ସେମାନଙ୍କ ମତରେ ଭାରତବର୍ଷ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ ବା ତା' ଆଗରୁ ୧୬ଟି "ମହାଜନପଦ"ରେ ବିଭକ୍ତ ହୋଇଥିଲା । ପ୍ରତ୍ୟେକ ଅଂଶରେ ସ୍ୱତନ୍ତ୍ର ସମାଜତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇ ତାଙ୍କ ନିଜର 'ରୂପ୍ୟକ'✽ (ମୁଦ୍ରା) ସେଠାରେ ସେମାନେ ପ୍ରଚଳନ କରିଥିଲେ । ସେହି ପ୍ରାଦେଶିକ ମୁଦ୍ରା-ଗୁଡ଼ିକରେ ସ୍ୱାତନ୍ତ୍ର୍ୟ ସ୍ୱତନ୍ତ୍ର ଚିହ୍ନ ଦେଖିବାକୁ ମିଳେ; କିନ୍ତୁ ଖ୍ରୀଷ୍ଟପୂର୍ବ ୪ର୍ଥ

✽ "ବିଶ୍ୱକୋଷ" (ବଙ୍ଗଳା ସଂସ୍କରଣ), ୧୭ଶ ଭାଗ, ଦ୍ରଷ୍ଟବ୍ୟ ।

X ଏ ମୁଦ୍ରାର ଭାରତୀୟ ନାମ ବୋଧହୁଏ 'କାର୍ଷାପଣ' 'କାହାପଣ' ଧରଣକମ୍ବା ପୁରାଣ ଥିଲା ।
(Memoiro of the Archaeological Survey of Indiia, No. 59. p. 4. ff.)

✽ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଦ୍ରଷ୍ଟବ୍ୟ । (Translated by R. Shama Sastri, Bibliotheca Sanskrita No, 37 pt. ii, Banglor Government, Press, 1915.)

ଶତାବ୍ଦୀରେ ଯେତେବେଳେ ଭାରତରେ ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନ କରି ମହାରାଜା ଚନ୍ଦ୍ରଗୁପ୍ତ ସେହି ପ୍ରାଚୀନ 'ମହାଜନ ପଦ" ଗୁଡ଼ିକ ଭାଙ୍ଗି ଏକ ବିଶାଳ ସାମ୍ରାଜ୍ୟରେ ସ୍ୱୀୟ ରାଜତ୍ୱ ବିସ୍ତାର କଲେ, ସେତେବେଳେ ସ୍ୱତନ୍ତ୍ରଭାବେ ଚିହ୍ନିତ ତାଙ୍କ ମୁଦ୍ରା ସମଗ୍ର ଦେଶରେ ପ୍ରଚଳିତ ହେଲା । ମହାରାଜ ଅଶୋକଙ୍କ ରାଜତ୍ୱ କାଳରେ ସେହି ମୁଦ୍ରାଙ୍କିତ ଚିହ୍ନଗୁଡ଼ିକ କ୍ରମେ ଦୁର୍ବୋଧ ହୋଇପଡ଼ିଲେ ସୁଦ୍ଧା ମୁଦ୍ରାରେ ତାହା ପ୍ରଚଳିତ ହେଉଥିଲା । ମୌର୍ଯ୍ୟସାମ୍ରାଜ୍ୟ ଯେତେଦୂର ପ୍ରସାର ଲାଭ କରିଥିଲା, ସେ ସମସ୍ତ ଅଞ୍ଚଳରୁ ଯେଉଁ ପଞ୍ଚମାର୍କ ମୁଦ୍ରା (ରୂପ୍ୟକ) ମିଳୁଛି, ସେଗୁଡ଼ିକରେ ପ୍ରାୟ ଏକା ଧରଣର ଚିହ୍ନ ଦେଖିବାକୁ ମିଳେ; କିନ୍ତୁ ମୌର୍ଯ୍ୟବଂଶ ପୂର୍ବର ମୁଦ୍ରାମାନଙ୍କରେ ଭିନ୍ନ ଭିନ୍ନ ସଙ୍କେତ-ବିଶିଷ୍ଟ ଚିହ୍ନ ଅଙ୍କିତ ହୋଇଥିବାରୁ ତାହା ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀ ଆଗରୁ ଏ ଦେଶରେ ପ୍ରଚଳିତ ଥିବା ଅନୁମେୟ । ଏଣୁ କେହି ପ୍ରତ୍ନତତ୍ତ୍ୱବିଦ୍ ପଣ୍ଡିତ ସେହି ମୁଦ୍ରାଗୁଡ଼ିକ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱର ପ୍ରାୟ ୫୦୦ ବା ୬୦୦ ବର୍ଷ ଆଗରୁ ପ୍ରସ୍ତୁତ ହେବା ଅନୁମାନ କରନ୍ତି । କାରଣ, ବୌଦ୍ଧଜାତକ କଥାବଳୀରେ 'କାର୍ଷପଣ', 'କାହାଣ' ପ୍ରଭୃତି ମୁଦ୍ରାଗୁଡ଼ିକର ନାମ ଉଲ୍ଲେଖ ଥିବାରୁ ବୁଦ୍ଧଙ୍କର ଜୀବତ କାଳରେ ସେହି ମୁଦ୍ରାଗୁଡ଼ିକ ଏ ଦେଶରେ ପ୍ରଚଳିତ ଥିଲା । ସୁତରାଂ ସେଥିର ସମୟ ଖ୍ରୀଷ୍ଟପୂର୍ବ ୬୦୦ ବୋଲି ମଧ୍ୟ ସ୍ୱୀକୃତ ହୋଇଅଛି । *

କେତେକ ପଣ୍ଡିତଙ୍କ ମତାନୁଯାୟୀ, ମହେଞ୍ଜୋଦାରୋ ପ୍ରଭୃତି ସ୍ଥାନରୁ ଯେଉଁ ସୀଲ୍ (Seal) ଗୁଡ଼ିକ ଭୂଗର୍ଭରୁ ଆବିଷ୍କୃତ ହୋଇଅଛି, ସେଥିରେ ଥିବା ଲିପି ଚିତ୍ରାକ୍ଷର ସଦୃଶ ଚିହ୍ନ ପଞ୍ଚମାର୍କ ମୁଦ୍ରାଗୁଡ଼ିକରେ ମଧ୍ୟ ଅଙ୍କିତ ଥିବାରୁ ସେ ସମସ୍ତ ଚିହ୍ନ ବା ଅକ୍ଷର ଏ ଦେଶରେ 'ବ୍ରହ୍ମଲିପି' ପ୍ରଚଳନ ପୂର୍ବରୁ ନିଶ୍ଚୟ ବର୍ତ୍ତମାନ ଥିଲା । ସମ୍ଭବତଃ, ବୈଦିକ ଓ ତନ୍ତ୍ର ଯୁଗରେ ପ୍ରଚଳିତ ଲିପିର ସ୍ୱରୂପ ସେଥିରୁହିଁ ପ୍ରକଟିତ ହୁଏ ।

---

* E. H. C. Walsh ଲେଖିଛନ୍ତି –"The Jataka stories although they are of later date, speak of these coirs being current in the life time of Buddha, which would carry them back to 600 B. C." (M. A. S. I. No. 59 p. 4.)

ଓଡ଼ିଶାର କେତେକ ସ୍ଥାନରୁ ପଞ୍ଚମାର୍କ-ରୌପ୍ୟମୁଦ୍ରା ଆବିଷ୍କୃତ ହୋଇଅଛି । ସୋନପୁର, ଜାଗମରା (ଖଣ୍ଡଗିରି ସନ୍ନିକଟ ଗ୍ରାମ) ଏବଂ ସାଲିପୁର (କଟକ ଜିଲ୍ଲା)ର + ଛିଦ୍ରଣ ରୌପ୍ୟମୁଦ୍ରା ପ୍ରଚୁର ପରିମାଣରେ ମିଳିଛି । ସେଗୁଡ଼ିକ ପରୀକ୍ଷା କରିବା ଫଳରେ ଆମ୍ଭର ମଧ୍ୟ ଜଣାଯାଇଛି ଯେ, ତକ୍ଷଶିଳାର ପଞ୍ଚମାର୍କ୍ ମୁଦ୍ରା ପରି ଏଥିରେ ଅଙ୍କିତ କେତେକ ସାଙ୍କେତିକ ଚିହ୍ନ ସଙ୍ଗେ ମହେଞ୍ଜୋଦାରୋ ସୀଲ୍ ଉପରେସ୍ଥ ଚିହ୍ନର ସାମଞ୍ଜସ୍ୟ ବିଦ୍ୟମାନ । ଏହି ସଙ୍କେତମାନଙ୍କ ବ୍ୟତୀତ, ଚିତ୍ରଲିପି-ଯୁଗରେ ଅଙ୍କିତ ହସ୍ତୀ, ବୃକ୍ଷ, ମତ୍ସ୍ୟ, ଶାଖା, ମନୁଷ୍ୟ, ସର୍ପ, ବେଙ୍ଗ, ମୂଷା ଓ ବିରାଡ଼ି ପ୍ରଭୃତି ଚିତ୍ର ସେଥିରେ ଅଙ୍କିତ ହୋଇଅଛି । ମହେଞ୍ଜୋଦାରୋ-ସୀଲ୍‌ମାନଙ୍କରେ ମଧ୍ୟ ହସ୍ତୀ, ବୃକ୍ଷ, ମନୁଷ୍ୟ, ଗଣ୍ଡା, ବ୍ୟାଘ୍ର, ସର୍ପ, ପକ୍ଷୀ, କୁକୁର ପ୍ରଭୃତି ଚିତ୍ର ଦେଖିବାକୁ ମିଳେ । ଏଣୁ ସେହି ଚିତ୍ରଗୁଡ଼ିକର ତାତ୍ପର୍ଯ୍ୟ ବୁଝିବା କଷ୍ଟକର ହେଲେ ହେଁ ଭାରତୀୟ 'ଚିତ୍ରଲିପି' ତଥା 'ଭାବଲିପି' ସଙ୍ଗେ ସେହି ସେହି ଜୀବଗୁଡ଼ିକର ଘନିଷ୍ଠ ସମ୍ପର୍କ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ୍ଭେ ଜାଣେକରୁଁ ବୈଦିକ-ଯୁଗରେ କେତେକ ଋଷିଙ୍କ ସ୍ୱରୂପ ପଶୁ-ପକ୍ଷୀଙ୍କ ଆକୃତି ସଙ୍ଗେ କଳ୍ପିତ ହୋଇଅଛି । ପରବର୍ତ୍ତୀ କାଳରେ ସେମାନେ ହିନ୍ଦୁ ସମାଜରେ ଗୋତ୍ର-ପ୍ରବର୍ତ୍ତକ-ରୂପେ ପରିଚିତ ହୁଅନ୍ତି । ସମ୍ଭବତଃ ଚିତ୍ରଲିପି-ଯୁଗରେ ସେମାନଙ୍କର ନାମ ପଶୁ-ପକ୍ଷୀ ଚିହ୍ନରେ ପ୍ରକାଶ କରାଯାଉଥିଲା । କୌଶିକ, ଭରଦ୍ୱାଜ, କୌଣ୍ଡିନ୍ୟ ପ୍ରଭୃତି ଗୋତ୍ର-ପ୍ରବର୍ତ୍ତକ ଋଷିଙ୍କ ନାମ ଏଠାରେ ଉଲ୍ଲେଖଯୋଗ୍ୟ ।

'ଚିତ୍ରଲିପି' ପରେ 'ଭାବଲିପି' ଓ 'ଭାବାକ୍ଷରଲିପି' ପ୍ରଚଳିତ ହୋଇଥିବା ପ୍ରସଙ୍ଗ ଆଗରେ କୁହାଯାଇଛି । ଏହି ଲିପିଗୁଡ଼ିକ ଖ୍ରୀଷ୍ଟପୂର୍ବ ୫୦୦ ଅବ୍ଦରେ ଭାରତରେ ପ୍ରଚଳିତ ଥିଲା । 'ଭାବଲିପି'ର ଆକୃତି ସଙ୍ଗେ କେତେଗୁଡ଼ିକ ସରଳ ରେଖାଯୁକ୍ତ ଚିହ୍ନ ଯୋଡ଼ିହେବା ଫଳରେ ପ୍ରାଚୀନ ଅକ୍ଷରଗୁଡ଼ିକ କ୍ରମେ ସରଳ କୋଣଯୁକ୍ତ କିମ୍ବା ତ୍ରିକୋଣ ଓ ଚତୁଷ୍କୋଣାକାର ରେଖାରେ ପରିବର୍ତ୍ତିତ ହେଲା । ଏଥିର ନିଦର୍ଶନ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଗୁଡ଼ହାଣ୍ଡି ପାହାଡ଼ର କେତେକ ଗହ୍ୱର ସମ୍ମୁଖରେ ଅଙ୍କିତ ଲିପିରୁ ଦେଖିବାକୁ ମିଳେ । *ଛିଦ୍ରଣ

+ ସାଲିପୁରରୁ ମିଳିଥିବା ମୁଦ୍ରାର ସଂଖ୍ୟା ୩୭୬ । ଏହି ମୁଦ୍ରାଗୁଡ଼ିକ ଓଡ଼ିଶା ଷ୍ଟେଟ ମ୍ୟୁଜିୟମରେ ସଂରକ୍ଷିତ ।

* Journal or kalinga Historical Research Scciety, vol.No.pp.

ଆ ନ୍ତବିଶିଷ୍ଟ ଲିପି ସଙ୍ଗେ କେତେକ ବୈଦେଶିକ ପ୍ରାଚୀନ ଲିପିର ମଧ୍ୟ ସାମଞ୍ଜସ୍ୟ ବିଦ୍ୟମାନ । ଉଦାହରଣସ୍ୱରୂପ, କ୍ରେଟନ୍ (Cretan) ଓ ସେବିଅନ୍ (Sabaean) ଲିପିର କେତୋଟି ଅକ୍ଷର ଦର୍ଶନୀୟ ।

"ଓଡ଼ିଶାର ଆଉ ଦୁଇଟି ସ୍ଥାନରେ ମଧ୍ୟ ଚିତ୍ରଲିପି ଯୁଗର ଅକ୍ଷର ଦେଖିବାକୁ ମିଳେ ତାହା (୧) କଟକ ସନ୍ନିକଟ ନରାଜ ଏବଂ (୨) ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବ୍ରଜରାଜନଗର ସନ୍ନିକଟ ବିକ୍ରମଖୋଲ । ନରାଜଠାରେ ଗୋଟିଏ ବିଶାଳ ପ୍ରସ୍ତର-ଗାତ୍ର ଅଛି । ୧୯୨୭ ମସିହାରେ ଲେଖକ ପ୍ରଥମେ ତାହା ପରୀକ୍ଷା କରିଥିଲେ ଓ ସେଥି ସମ୍ବନ୍ଧେ ଦୁଇଟି ପ୍ରବନ୍ଧ ଓଡ଼ିଆ ଏବଂ ଇଂରାଜୀରେ ପ୍ରକାଶ କରିଥିଲେ । +

ଓଡ଼ିଶାର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଝାରସୁଗୁଡ଼ା ଓ ବ୍ରଜରାଜନଗର ମଧ୍ୟରେ ବିକ୍ରମଖୋଲ ନାମକ ସ୍ଥାନ ଅବସ୍ଥିତ । ସେଠାରୁ ପ୍ରାଗୈତିହାସିକ ଯୁଗର ଯେଉଁ ଲିପି ଆବିଷ୍କୃତ ହୋଇଅଛି, ତାହା ୧୯୩୩ ମସିହାରେ କେ: ପି: ଜୟସ୍ୱାଲ୍ Indian Antiquary ପତ୍ରିକାରେ ପ୍ରକାଶ କରିଥିଲେ । * ଏ ଲିପି ସମ୍ବନ୍ଧେ ସେ ଲେଖିଛନ୍ତି ଯେ, ଗୋଟିଏ ବିଶାଳ ପ୍ରସ୍ତର ଉପରେ ଉଚ୍ଚ ପ୍ରାୟ ଛ ଫୁଟ ଉଚ୍ଚରେ ଲିପିଗୁଡ଼ିକ ବିଦ୍ୟମାନ । ଉକ୍ତ ପ୍ରସ୍ତରର ଲମ୍ବ ୧୧୫ଫୁଟ ଏବଂ ଓସାର ୨୮ ଫୁଟ, ପୁଣି ଲିପିଟି ଯେଉଁ ଅଂଶରେ ବିଦ୍ୟମାନ ସେଥିର ପରିସର ୩୫ × ୭ ଫୁଟ । ଏ' ଲିପିର ସବୁଗୁଡ଼ିକ ଅକ୍ଷର ଖୋଦିତ ନ ହୋଇ କେତେକ ମଧ୍ୟ ବିଭିନ୍ନ ରଙ୍ଗରେ ଚିତ୍ରିତ ହୋଇଅଛି ।

ଜୟସ୍ୱାଲ୍‌ଙ୍କ ମତରେ, ଏହା ଚିତ୍ରାକ୍ଷର ପ୍ରଣାଳୀରେ ଖୋଦିତ ବା ଚିତ୍ରିତ ହୋଇଅଛି । ମହେଞ୍ଜୋଦାରୋର କେତୋଟି ଅକ୍ଷର ବା ସଙ୍କେତ ସଙ୍ଗେ ଏଥିରେ ବ୍ୟବହୃତ ଅକ୍ଷରର ସାଦୃଶ୍ୟ ବିଦ୍ୟମାନ । ସେ ଆହୁରି ମଧ୍ୟ କହନ୍ତି ଯେ, ଏ' ଲିପିର ଲିଖନ-ପଦ୍ଧତି ଡାହାଣରୁ ବାମକୁ ଗତି କରିବା ସମ୍ଭବ; ପୁଣି ସେଥିରେ ହ୍ରସ୍ୱ ଓ ବ୍ୟଞ୍ଜନାବର୍ଣ୍ଣାତ୍ମକ ଅକ୍ଷରାବଳୀ ବୋଧହୁଏ ବ୍ୟବହୃତ

(1) The Prachee (cuttack)

(2) ଉତ୍କଳସାହିତ୍ୟ (ମାସିକ ପତ୍ରିକା, କଟକ)

+ —Indian Antiquary Vol Lxll (1933), pp. 58—60 ff,

ହୋଇଅଛି । ତାଙ୍କର ଅନୁମାନ ଅନୁସାରେ ଏ ଲିପି ଖ୍ରୀଷ୍ଟପୂର୍ବ ପ୍ରାୟ ୧୫୦୦ରେ ଲେଖାହେଉଥିଲା । ଡାକ୍ତର ଜି: ପିକ୍କୋଲି (Dr, Giuseppi Piccoli)ଙ୍କ ମତରେ, ବିକ୍ରମଖୋଲର ଲିପି ସହିତ ସାଧାରଣତଃ ମହେଞ୍ଜୋଦାରୋ 'ଚିତ୍ରାକ୍ଷର'ର ଘନିଷ୍ଠ ସାମଞ୍ଜସ୍ୟ ବିଦ୍ୟମାନ । + ଓଡ଼ିଶାର ଉତ୍ତରସୀମା (ବିହାର ପ୍ରଦେଶ)ରେ ଅବସ୍ଥିତ ସିଂହାଣପୁରଠାରୁ ମଧ୍ୟ ଚିତ୍ରଲିପି ଯୁଗର ଗୋଟିଏ ଦୀର୍ଘ ଶିଳାଲିପି ଆବିଷ୍କୃତ ହୋଇଅଛି; ଏଣ୍ଡରସନ୍ (C. W. Anderson) ତାହା ପ୍ରକାଶ କରିଅଛନ୍ତି ।

କେତେକ ପଣ୍ଡିତଙ୍କ ମତରେ ଅଶୋକଙ୍କ ସମୟରେ ଭାରତରେ ପ୍ରଚଳିତ 'ବ୍ରାହ୍ମୀଲିପି' ପ୍ରାଚୀନ ସିନ୍ଧୁ-ଲିପିର କ୍ରମବିକାଶ ମାତ୍ର ※ । ଏଥି ସହିତ ଆମ୍ଭେ ମଧ୍ୟ ଏକମତ । କାରଣ, ମହେଞ୍ଜୋଦାରୋରୁ ପ୍ରାପ୍ତ ସୀଲ୍ ମାନଙ୍କ ଉପରେ ଯେଉଁ ସାଙ୍କେତିକ ଚିହ୍ନଗୁଡ଼ିକ ଦେଖାଯାଏ, ସେଥିରୁ କେତୋଟି ଚିହ୍ନର ଆକୃତି ସହିତ ଅଧିକାଂଶ ବ୍ରାହ୍ମୀ ଅକ୍ଷରର ସାଦୃଶ୍ୟ ବିଦ୍ୟମାନ । ସେହି ଅକ୍ଷରମାନଙ୍କ ମଧ୍ୟରୁ ଇ, ଏ, ଓ, କ, ଗ, ଜ, ଠ, ଣ, ତ, ଥ, ଧ, ବ, ମ, ର ଏବଂ ବ ଅକ୍ଷରଗୁଡ଼ିକ ଆମ୍ଭେ ମିଳାଇ ପରୀକ୍ଷା କରିବାରେ ଉପର୍ଯ୍ୟୁକ୍ତ ମତର ସତ୍ୟତା ଉପଲବ୍ଧି କରିପାରିଛୁଁ ।

\+ "Conforming Ourselves here to the script found at Mohinjodaro we may note that it contains signs in common with the Vikremakhol inscription....."
(Vide I A. vol—LxII, 1933, p. 213—215 ff.)

※ (୧) ବମ୍ଭୀ, (୨) ଜବଣାଲି, (୩) ଦୋହାପୁରିଆ, (୪) ଖରୋଷ୍ଠୀ, (୫) ପୁକ୍ଖରସାରିଆ, (୬) ଭୋଗବଇଆ, (୭) ପହାରଇଆ) (୮) ଉୟଅଂତରକ୍ଖିଆ, (୯) ଅକ୍ଖର ପଣ୍ଠିଆ, (୧୦) ଦେବତାଇଆ, (୧୧) ଣିହୋଇଆ (୧୨) ଅଙ୍କଲିବି (୧୩) ଗଣିତ ଲିବି (୧୪) ଗଂଧବ୍ବଲିବି, (୧୫) ଆଦଂସଲିବି, (୧୬) ମାହେସରୀ, (୧୭) ଦାମିଳୀ ଏବଂ (୧୮) ପୋଲିଂଦୀ ।

ଭାରତବର୍ଷର ବିଭିନ୍ନ ସ୍ଥାନରୁ ବ୍ରାହ୍ମୀ ଲିପିରେ ଖୋଦିତ ମହାରାଜ ଅଶୋକଙ୍କର ଆଦେଶାବଳୀ ଆବିଷ୍କୃତ ହୋଇଅଛି । ଏ ଲିପିକୁ 'ବ୍ରାହ୍ମୀ' ନାମରେ କାହିଁକି କୁହାଗଲା, ସେ ସମ୍ବନ୍ଧରେ କିମ୍ବଦନ୍ତୀ ଅଛି ଯେ, ନିଜେ ସୃଷ୍ଟି-କର୍ତ୍ତା ବ୍ରହ୍ମା ଏ ଲିପିର ଉଦ୍ଭାବକ । ତେଣୁ, ତାଙ୍କ ନାମରେ ଏ ଲିପି ପରିଚିତ ହେଲା । ତଥାପି କୌଣସି ପ୍ରାଚୀନ ଗ୍ରନ୍ଥରେ ଏ ନାମଟି ଦେଖିବାକୁ ମିଳେ ନାହିଁ । ସୁତରାଂ, ଜୈନ ଗ୍ରନ୍ଥଗୁଡ଼ିକ ଏଥିପାଇଁ ଅବଲମ୍ବନ କରିବାକୁ ଆମ୍ଭେ ବାଧ୍ୟ । ଜୈନଧର୍ମର ପ୍ରାଚୀନ ଗ୍ରନ୍ଥ 'ପନ୍ନବଣା ସୂତ୍ର' ଓ 'ସମବାୟାଙ୍ଗ ସୂତ୍ର'ରେ ୧୮ ପ୍ରକାର ଲିପିର ନାମ ଉଲ୍ଲେଖ ଅଛି * । ସମ୍ଭବତଃ 'ବ୍ରାହ୍ମୀଲିପି'କୁ ଏଥିରେ 'ବଂଭୀ' ନାମରେ ଅଭିହିତ କରାଯାଇଛି ।

ଭାରତରେ ଅକ୍ଷର ପ୍ରଚଳନ ସମ୍ପର୍କରେ ସର୍ବପ୍ରଥମ ନିଦର୍ଶନ ବୋଧହୁଏ 'ବାଶିଷ୍ଠ ଧର୍ମସୂତ୍ର'ରୁ ପ୍ରମାଣିତ ହୁଏ । ଏହି ଧର୍ମସୂତ୍ର କୁମାରିଳଭଟ୍ଟଙ୍କ ମତାନୁଯାୟୀ ଋଗ୍‌ବେଦୀୟଶ୍ରେଣୀୟ; ପୁଣି ତାହା ମାନବ ଧର୍ମଶାସ୍ତ୍ର ପରେ ଓ ମନୁସଂହିତା ପୂର୍ବରୁ ରଚିତ ହୋଇଥିଲା । 'ବାଶିଷ୍ଠଧର୍ମସୂତ୍ର'ରେ ଉଲ୍ଲେଖ ଅଛି ଯେ, ଲିଖିତ ଅନୁଶାସନ (ଦଲିଲ)ହିଁ ନିୟମାନୁଯାୟୀ ଗ୍ରହଣୀୟ । (୧) ଆହୁରି ମଧ୍ୟ ପାଣିନିଙ୍କ ସୂତ୍ରରେ 'ଲିପିକାର' (ଲିବିକାର) ଶବ୍ଦ ଉଲ୍ଲେଖ ଥିବାରୁ (୨) ତାଙ୍କ ଜୀବିତ କାଳ ପୂର୍ବରୁ ଏ ଦେଶରେ ଅଭିଲେଖ ବିଦ୍ୟା ପ୍ରସାରଲାଭ କରିଥିଲା, ଏ ପ୍ରସଙ୍ଗ ଉପରେ ବର୍ଣ୍ଣିତ ହୋଇଅଛି । ପାଣିନିଙ୍କ 'ଅଷ୍ଟାଧ୍ୟାୟୀ ସୂତ୍ର'ର ପରବର୍ତ୍ତୀ ବୌଦ୍ଧଗ୍ରନ୍ଥ 'ଲଳିତବିସ୍ତର'ରେ ୬୪ପ୍ରକାର ଲିପି ବୁଦ୍ଧଦେବ ଶିକ୍ଷା କରିଥିବା ପ୍ରସଙ୍ଗ ଉଲ୍ଲେଖ ଅଛି । (୩) ସେଥିରେ ମଧ୍ୟ 'ବଂଭୀ' ଲିପିର ନାମ ଦେଖିବାକୁ ମିଳେ । 'ଦୃଷ୍ଟିବାଦ' ନାମକ ଗୋଟିଏ ଜୈନ ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ, ବ୍ରାହ୍ମୀଲିପିରେ ୫୦ଟି ୫୧ଟି ଅକ୍ଷର ସ୍ଥାନରେ ୪୬ଟି ମାତ୍ର ଅକ୍ଷର ପ୍ରଚଳିତ ହୁଏ । ପୁଣି ଏହାକୁ 'ସିଦ୍ଧାକ୍ଷର' ବୋଲି ମଧ୍ୟ କୁହାଯାଏ ।

---

(୧) Vasishta in XVI, 10. 14-15 (Vide the Sacred Books of the East 14, XVII ff.)

(୨) ପାଣିନି III. 2. 21

(୩) Buhler's The Indian Palaesgraphy, p. 2. ff. ଚୀନ୍‌ପରିବ୍ରାଜକ ହୁଏନ୍‌ସାଂଙ୍କ ଗ୍ରନ୍ଥରେ ଖ୍ରୀଷ୍ଟୀୟ ୬୬୮ ସାଲରେ ଲଳିତ ବିସ୍ତରୋକ୍ତ ଲିପି ୬୪ ବିଷୟ ଉଲ୍ଲେଖ ଅଛି । ଖରୋଷ୍ଟୀ (କିଅ-ଲୁ-ସେ-ଟୋ) ଲିପିର ନାମ ମଧ୍ୟ ସେଥିରେ ଲେଖା ଅଛି । (Indian Antiquary, vol. XXXIV, P. 21)

ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ ମେଗାସ୍ଥେନିଜ୍ (Megasthenes) ଲେଖିଛନ୍ତି, ଭାରତରେ ବର୍ଷ ଆଦ୍ୟରେ 'ପଞ୍ଜିକା' (ପଞ୍ଚାଙ୍ଗ) ପଠିତ ହୁଏ, ପୁଣି ଜ୍ୟୋତିଷ ବିଷୟକ ଗଣନା ପାଇଁ ମନୁଷ୍ୟର ଜନ୍ମ ସମୟ ନିର୍ଦ୍ଧାରିତ ହୁଏ । (୪) ପଞ୍ଜିକା-ପ୍ରଣୟନ ସଙ୍କାନ୍ତେ, ପୁଣି ଜନ୍ମପତ୍ରିକାରେ ଲଗ୍ନାଦି ଓ ଗ୍ରହସ୍ଥିତି ନିର୍ଣ୍ଣୟ କରିବାକୁ ଯେଉଁ ଦୀର୍ଘ-ଜଟିଳ ଅଙ୍କଗଣନା ଆବଶ୍ୟକ ହୁଏ, ତାହା ଲିପିଜ୍ଞାନ ବ୍ୟତୀତ କପରି ବା ସମ୍ଭବ ହୁଅନ୍ତା ? ସୁତରାଂ, ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀ ପୂର୍ବରୁ ନିଶ୍ଚୟ ଅକ୍ଷର ଓ ଅଙ୍କଗାଣିତର ବହୁଳ ପ୍ରଚାର ଏ ଦେଶରେ ଘଟିଥିଲା ।

ଏ. ୱେବର୍ (A waber)ଙ୍କ ମତରେ ପ୍ରାଚୀନ ଫିନିଶୀୟ ଲିପି (Phoenician script)ରୁ ହିଁ 'ବ୍ରାହ୍ମୀ' ଆତ୍ମପ୍ରକାଶ କରିଛି । କିନ୍ତୁ ଆଇ ଟେଲର (I, Taylor)ଙ୍କ ଅନୁଯାୟୀ ତାହା ଦକ୍ଷିଣ ଆରବର କୌଣସି ଏକ ଲିପିର ପ୍ରଭାବରେ ଗଠିତ ସେବଅନ୍ (Sabaean) ଅକ୍ଷରର କ୍ରମ ପରିଣତି ।



(୧) ଆମ୍ଭେ ୯ ନମ୍ବର ଚିତ୍ରରେ ଦର୍ଶାଇ ଅଛୁଁ ଯେ, ସେବଅନ୍ (Sabaean) ଓ କ୍ରେଟନ୍ (cretan) ଲିପି ସଙ୍ଗେ ବୈଦିକ ଲିପିର ସାମଞ୍ଜସ୍ୟ ବିଦ୍ୟମାନ । ଜେ. ହଲେଭି (J. Halevy) କହନ୍ତି ଯେ ଅରମଇକ୍ (Armaic), ଖରୋଷ୍ଟ୍ରୀ ଓ ଗ୍ରୀକ୍ ଲିପିଗୁଡ଼ିକର ସମ୍ମିଶ୍ରଣ ଫଳରେ ଖ୍ରୀ: ପୂ: ୪ର୍ଥ ଶତକର ଶେଷ ଭାଗରେ 'ବ୍ରାହ୍ମୀ' ଆତ୍ମପ୍ରକାଶ କଲା । ଏଥିର ସତ୍ୟତା ୧୫ ନମ୍ବର ପ୍ଲେଟରୁ ପ୍ରମାଣିତ ହୁଏ ।

---

(୪) Megasthenis' Indica edited by Schwanbeck Fr. I, 42 (P. 91)

(P) The Alphabet 2, p.314 ff.



ଉପରୋକ୍ତ ମତଗୁଡ଼ିକ ପର୍ଯ୍ୟାଲୋଚନା କଲେ ୧୯୦୪ ମସିହାରେ ଡାକ୍ତର ଫ୍ଲିଟ୍ (Dr. J. E. Fleet) ସିଦ୍ଧାନ୍ତ କରିଥିଲେ ଯେ, ଭାରତରେ 'ଚିତ୍ରଲିପି' ଏ ପର୍ଯ୍ୟନ୍ତ ଅନାବିଷ୍କୃତ ହୋଇ ନ ଥିବାରୁ, କାନିଂହାମଙ୍କ ମତ ଗ୍ରହଣୀୟ ହେବା ଅବାଞ୍ଛନୀୟ । (୨) କିନ୍ତୁ ସୈନ୍ଧବ ସଭ୍ୟତା ତଥା ଭାରତୀୟ 'ଚିତ୍ରଲିପି' ୧୯୨୨-୧୯୨୭ ମହେଞ୍ଜୋଦାରୋରେ ଆବିଷ୍କୃତ ହେବା (୩) ଫଳରେ ଫ୍ଲିଟ୍‌ଙ୍କର ସେହି ମତ ପ୍ରତ୍ୟାଖ୍ୟାତ ହୋଇ କାନିଂହାମଙ୍କ ସିଦ୍ଧାନ୍ତ ହିଁ ସାବ୍ୟସ୍ତ ହେଲା ।



୧୨ନମ୍ବର ଚିତ୍ରରେ ବ୍ରାହ୍ମୀଲିପି ସଙ୍ଗେ ସୈନ୍ଧବ-ଲିପିର କେତେକାଂଶ ମେଳ ଥିବାରୁ ସେ ମତ ଏବେ ଅଧିକ ଦୃଢ଼ୀଭୂତ ହୋଇ ସାରିଛି ।

ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଅଶୋକଙ୍କର ଅନୁଶାସନାବଳୀ ଯେଉଁ 'ବ୍ରାହ୍ମୀ-ଲିପି' ସାହାଯ୍ୟରେ ପ୍ରସ୍ତର ଫଳକରେ ଖୋଦିତ କରାଯାଇଛି, ତାହା ଭାରତର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ପ୍ରାୟ ଗୋଟିଏ ଧରଣର ଅକ୍ଷରରେ ହିଁ ପ୍ରକଟିତ ହୁଏ । ସେ' ଲିପିର ବ୍ୟାପକ ବ୍ୟବହାର ହେତୁ ତାକୁ ହିଁ ଭାରତର ଜାତୀୟ ବର୍ଣ୍ଣମାଳା ବୋଲି କହିବା

(2) Indian Antiquary (1904), Appendix, p. 9 f.
(3) Mohenjo-daro and the Indus civilization by Sir John Marshall (1931).

ଯୁକ୍ତଯୁକ୍ତ * । କାଳର ପ୍ରଯାର ସଙ୍ଗେ ସେହି ଲିପିରୁ ଭାରତର ବହୁଳ ପ୍ରଦେଶରେ ଭିନ୍ନ ଭିନ୍ନ ଆକୃତି ବିଶିଷ୍ଟ ଅକ୍ଷର ଜାତ ହେଲା ।



୧୪ନମ୍ବର ପ୍ଲେଟ୍‌ରେ ଅଶୋକାକ୍ଷର ନମୁନା ପ୍ରଦର୍ଶିତ ହୋଇଅଛି । ଏହି ଅକ୍ଷରମାନଙ୍କ ସଙ୍ଗେ ତୁଳନା କରି ଦେଖିବାରେ ଜଣାଯାଇଛି ଯେ; ପାଶ୍ଚାତ୍ୟ ଦେଶରେ ପ୍ରଚଳିତ ପ୍ରାଚୀନ ଫିନଶିଯନ, ହିମିଅରଟିକ୍ ଓ ଅର୍‌ମଇକ୍ ଲିପି ସଙ୍ଗେ ବ୍ରାହ୍ମୀର କେତୋଟି ଅକ୍ଷର ଦେଖିବାକୁ ପ୍ରାୟ ସମାନ । କେବଳ ସେତିକ ନୁହେଁ; ସେହି ସେହି ଅକ୍ଷରର ଉଚ୍ଚାରଣ ମଧ୍ୟ ଉଭୟର ସମାନ । ୧୪ ନମ୍ବର ପ୍ଲେଟ୍‌ରେ ଏପରି ୯ଗୋଟି ଅକ୍ଷରର ସ୍ୱରୂପ ଦିଆଗଲା । ଆଗରୁ ୧୦ ନମ୍ବର ପ୍ଲେଟରେ ପ୍ରମାଣିତ କରାଯାଇଛି ଯେ, ଫିନଶିଯନ୍ ତଥା ହିମିଅରଟିକ୍ (ସେବଅନ୍) ଲିପି ସଙ୍ଗେ ବହୁ ସୈନ୍ଧବଲିପିର ସାମଞ୍ଜସ୍ୟ ବିଦ୍ୟମାନ, ପୁଣି ପ୍ରାଚୀନ ପଞ୍ଚମାର୍କ ମୁଦ୍ରାଗୁଡ଼ିକରେ ଅଙ୍କିତ ଚିହ୍ନ ସଙ୍ଗେ ମଧ୍ୟ ସେଥିର ସାଦୃଶ୍ୟ ଦେଖାଯାଏ । ଏ ଦୃଷ୍ଟିରୁ ବିଚାର କଲେ ସ୍ପଷ୍ଟ ଜଣାଯାଏ ଯେ; ଆଜକୁ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବେ ମଧ୍ୟ-ଏସିଆରେ ଯେଉଁ ସଭ୍ୟତା ଉଜ୍ଜୀବିତ ହୋଇଥିଲା, ସେଥିର ପୂର୍ଣ୍ଣ ପ୍ରଭାବ ଭାରତବର୍ଷରେ ପଡ଼ିଛି ଏବଂ ତାର ଫଳରେ ଏ ଦେଶର ଭାଷା ଓ ଲିପି ମଧ୍ୟ ଗଠିତ ହୋଇ ପାରିଛି; ତେବେ, ସେହି ପ୍ରାଚୀନ ସଭ୍ୟତାର ସଠିକ ଜନ୍ମଭୂମି



* ଅଶୋକଙ୍କ ପୂର୍ବବର୍ତ୍ତୀ ଦୁଇଟି କ୍ଷୁଦ୍ରଲିପି ମିଳିଥିବା ଅନୁମାନ କରାଯାଏ । ଗୋଟିଏ ରାଜସ୍ଥାନରୁ ଏବଂ ଅନ୍ୟଟି ନେପାଳ ଅନ୍ତର୍ଗତ ପିପ୍ରାବା ନାମକ ସ୍ଥାନରୁ ପ୍ରାପ୍ତ ଏକ ବୌଦ୍ଧ ସ୍ତୂପ ଭିତରେ ଥିବା ବୁଦ୍ଧଙ୍କ ଅସ୍ଥିଯୁକ୍ତ ପାତ୍ର ଉପରେ ଖୋଦିତ । ସେଥିରେ ଲେଖାଅଛି, ବୀରାୟ ଭଗବତ (ତ) ଚତୁରାଶିତିବ [ସ] ସମ୍ଭବତଃ ଏହା ମହାବୀର ସମ୍ବତ ୮୪(=୪୪୩ ଖ୍ରୀଷ୍ଟପୂର୍ବ) (vide G H, Osha's "ପ୍ରାଚୀନ ଲିପିମାଳା" ୨-୩ ପୃଷ୍ଠା)

ନିର୍ଦ୍ଦେଶ କରିବା ବର୍ତ୍ତମାନ ଆମ ପକ୍ଷରେ ସହଜସାଧ୍ୟ ନୁହେଁ । ବହୁ ପଣ୍ଡିତଙ୍କ ମତରେ, 'ବ୍ରାହ୍ମୀ-ଲିପି'ହିଁ ପୃଥିବୀରେ ପ୍ରଚଳିତ ଯାବତୀୟ ବର୍ଣ୍ଣମାଳା ମଧ୍ୟରେ ବିଜ୍ଞାନ-ସମ୍ମତ-ପଦ୍ଧତିରେ ଗଠିତ ଓ ସର୍ବଶ୍ରେଷ୍ଠ । କାରଣ; ଏହି ବର୍ଣ୍ଣମାଳା ଅନୁଯାୟୀ ପ୍ରତ୍ୟେକ ଧ୍ୱନି ଉଚ୍ଚାରଣକୁ ଅବଲମ୍ବନ କରି ଗୋଟିଏ ଗୋଟିଏ ଅସନ୍ଦିଗ୍ଧ ସଙ୍କେତ (ଅକ୍ଷର) ଆକାରରେ ବିଦ୍ୟମାନ—ଯାହାକି ଲେଖାଯିବା ପରେ ଠିକ୍ ସେହି ଉଚ୍ଚାରଣ ବ୍ୟତୀତ ଅନ୍ୟ କେଉଁ ଧ୍ୱନିର ସୂଚନା ଦେଇ ପାରେ ନାହିଁ । କେବଳ ସେତିକି ନୁହେଁ, ସେହି ବର୍ଣ୍ଣମାଳାର ପ୍ରତ୍ୟେକ ଉଚ୍ଚାରଣ ସ୍ଥାନ ମଧ୍ୟ ବୈଜ୍ଞାନିକ ପଦ୍ଧତିରେ ପରିକଳ୍ପିତ ହୋଇଥାଏ । ତେଣୁ ଏହା ସଭ୍ୟତାର ଉତ୍କର୍ଷ ଯୁଗରେ କେବଳ ସମ୍ଭବ । କାନିଂହାମ୍ (Gen Cunnigham) ଏହା ସ୍ୱୀକାର କରିଛନ୍ତି । ✻

୧୭୮୪ ମସିହାରେ ସର୍ବ ପ୍ରଥମେ ସାର୍ ଉଇଲିୟମ୍ ଜୋନ୍ସ (Sir William Jones)ଙ୍କ ଉଦ୍ୟମରେ କଲିକତାଠାରେ "ରୟାଲ୍ ଏସିଆଟିକ୍ ସୋସାଇଟି"(Royal Asiatic Society) ନାମରେ ଗୋଟିଏ ଗବେଷଣା ସମିତି ସ୍ଥାପିତହେଲା, ଉକ୍ତ ଅନୁଷ୍ଠାନ ମଧ୍ୟରୁ ଗୋଟିଏ ଉଚ୍ଚକୋଟିର ଗବେଷଣା ସମିତି ପତ୍ରିକା ପ୍ରକାଶ ପାଇବାରୁ ସେଥିରୁ ଆଧୁନିକ ବୈଜ୍ଞାନିକ ରୀତିରେ ଐତିହାସିକ ଭୌଗୋଳିକ ତଥା ବିଜ୍ଞାନବିଷୟକ ବହୁ ତଥ୍ୟାବଳୀ ସହିତ ପ୍ରାଚୀନ ଶିଳାଲିପି ଓ ତାମ୍ରଶାସନ ପ୍ରକାଶିତ ହେଲା । ୧୭୮୫ ମସିହାରେ ଚାର୍ଲସ୍ ଉଇଲକିନ୍ସ (Charles Wilkins) ନାମକ ଜଣେ ଲିପିତତ୍ତ୍ୱବିଶାରଦ ପଣ୍ଡିତ ସର୍ବପ୍ରଥମେ ବଙ୍ଗର ରାଜା ନାରାୟଣ ପାଳଙ୍କର ବଦାଲ୍ ସ୍ତମ୍ଭଲିପି [ଦିନାଜପୁର ଜିଲ୍ଲା]

✻ Gen. Cunningham's Coins of India, vol. I. P. 52 ff. ବମ୍ବେ ଶାଖାର ଏସିଆଟିକ୍ ସୋସାଇଟି ପକ୍ଷରୁ ଆୟୋଜିତ ଗୋଟିଏ ସଭାରେ ଭାଷଣ ଦେଇ ରେଭେରେଣ୍ଡ୍ ହେରାସ ଥରେ କହିଥିଲେ---

The so called Indus Civilization, which was the civilization of the whole of the Pre-Aryan India, is the most ancient civlization of Asia, the originator of the Sumerian civilization which afterwards developed in to Babylonian and Assyrian, and the cause of the Civilization of China that afterwards spread to China and Japan"

ପାଠ କଲେ । ତଦବଧି ବିଭିନ୍ନ ସ୍ଥାନରୁ ପ୍ରାପ୍ତ ଗୁପ୍ତ ଓ ଗୁପ୍ତ-ପରବର୍ତ୍ତୀ ଯୁଗର କେତେକ ଲିପି ପଠିତ ହୋଇପାରିଥିଲା; କିନ୍ତୁ ସେହି ଲିପି ଗୁଡ଼ିକ ସଙ୍ଗେ ଅଶୋକାକ୍ଷରର ସ୍ୱରୂପ ଏବଂ ସେଥିରେ ବ୍ୟବହୃତ ପାଲି ଭାଷା ସଙ୍ଗେ ପରବର୍ତ୍ତୀ ଅକ୍ଷର ଓ ଭାଷାର ତାରତମ୍ୟ ରହିଥିବାରୁ ବହୁ କାଳ ପର୍ଯ୍ୟନ୍ତ ଅଶୋକାକ୍ଷର ପାଠ କରିବା ସହଜ ହେଲା ନାହିଁ । ପରିଶେଷରେ ୧୮୭୩ ମସିହାରେ ବିଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ପ୍ରିନ୍‌ସେପ (Princep) ଅକ୍ଳାନ୍ତ ପରିଶ୍ରମ କରି ପ୍ରାଚୀନ "ବ୍ରାହ୍ମୀଲିପି" ପାଠ କରିବାକୁ ସମର୍ଥ ହେଲେ । ତଦବଧି ଭାରତରୁ ପ୍ରାପ୍ତ ପ୍ରତ୍ୟେକ ଅଞ୍ଚଳରେ ପ୍ରାଚୀନ ଲିପିସମୂହ ପାଠ କରିବା ପଣ୍ଡିତମାନଙ୍କ ପକ୍ଷରେ ସହଜ ହୋଇଗଲା । ଏହା ଫଳରେ ଭାରତବର୍ଷର ସଠିକ ଇତିହାସ ସ୍ଥିରୀକୃତ କରିବା ମଧ୍ୟ ସମ୍ଭବ ହୋଇ ପାରିଛି ।

ଅଶୋକଙ୍କର ଦୁଇଟି ଅନୁଶାସନ ଓଡ଼ିଶାରେ ଅବସ୍ଥିତ । ସେଥିରୁ ଗୋଟିଏ ପୁରୀଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱର ସନ୍ନିକଟ 'ଧଉଳି'ରେ ଏବଂ ଅନ୍ୟଟି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ସନ୍ନିକଟ 'ଜଉଗଡ଼'ଠାରେ ସ୍ଥାପିତ ହୋଇ ଅଛି । ଏଥିରେ ଯେଉଁ ଲିପି ଓ ଭାଷା ବ୍ୟବହୃତ ହୋଇଅଛି, ତାହା ଏ ଦେଶବାସୀ ନିଶ୍ଚୟ ପୂର୍ବେ ବ୍ୟବହାର କରିଥିଲେ । ସେପରି ନ ହେଲେ ତାହା ଶିଳା-ଫଳକରେ ଖୋଦିତ କରି ରଖିବା ଆବଶ୍ୟକ ହୁଅନ୍ତା ନାହିଁ । ଏ ଦୃଷ୍ଟିରୁ ବିଚାର କଲେ, ଓଡ଼ିଶାର ପ୍ରାଚୀନତମ ଲିପି ଏହି ଶିଳାଫଳକ ଦୁଇଟିରୁ ହିଁ ପ୍ରକଟିତ ହୁଏ । କାଳକ୍ରମେ ସେଥିରୁ ବିଭିନ୍ନ ଆକାରର ଲିପି ଜାତ ହୋଇ କ୍ରମେ ତାହା ଆଧୁନିକ ଓଡ଼ିଆ ଲିପିରେ ପରିଣତ ହେଲା ।

ବର୍ତ୍ତମାନ ଯୁଗରେ ପ୍ରଚଳିତ ବିଭିନ୍ନ ଭାରତୀୟ ବର୍ଣ୍ଣମାଳାର ପାରସ୍ପରିକ ସମ୍ବନ୍ଧ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ନିମ୍ନରେ ଅକ୍ଷରର କ୍ରମବିକାଶର ଗୋଟିଏ 'ମାନ' (table) ପ୍ରଦତ୍ତ ହେଲା । ପ୍ରକାଶ ଥାଉ ଯେ, ଏ ଯୁଗର ଯାବତୀୟ ବର୍ଣ୍ଣମାଳା ସେହି ପ୍ରାଚୀନ ଅଶୋକାକ୍ଷର ବ୍ରାହ୍ମୀ-ଲିପିରୁ ହିଁ ସମ୍ଭୂତ ହୋଇଛି । ଖ୍ରୀଷ୍ଟୀୟ ୩ୟ ବା ୪ର୍ଥ ଶତାବ୍ଦୀରେ ଭାରତର ଜାତୀୟ ଲିପି (ବ୍ରାହ୍ମୀ) ଦୁଇଟି ବିଶିଷ୍ଟ ଶାଖାରେ ବିଭକ୍ତ ହେଲା; ଯଥା, ଦାକ୍ଷିଣାତ୍ୟ ଲିପି * ଏବଂ ଉତ୍ତରାପଥ ଲିପି । ଏ ଉଭୟ ପ୍ରକାର ଲିପି ମଧ୍ୟରେ କାଳକ୍ରମେ ଯେଉଁ

* ସ୍ଥୂଳତଃ ବିନ୍ଧ୍ୟର ଦକ୍ଷିଣକୁ ଦାକ୍ଷିଣାତ୍ୟ-ଲିପି ପ୍ରସାରିତ ହୋଇଥିଲା; କିନ୍ତୁ, ଗୁପ୍ତାକ୍ଷରର ପ୍ରଭାବ ପୂର୍ବଭାଗରଯାଏ ସୁବିସ୍ତୃତ ଥିଲା ।

ପାର୍ଥକ୍ୟ ଦେଖାଦେଲା, ସେଥିର ପରେସର ଏତେଦୂର ବଢିଗଲା ଯେ, ଆର୍ଯ୍ୟ ଓ ଦ୍ରାବଡ଼ୀୟ ଭାଷାମଧ୍ୟରେ ଥିବା ପାର୍ଥକ୍ୟ ପରି ଉଭୟ ଲିପି ମଧ୍ୟ ପରସ୍ପର ମଧ୍ୟରେ ଦୁର୍ବୋଧ ହୋଇ ରହିଲେ ।

ଭାରତୀୟ ଅକ୍ଷରମାନଙ୍କ କ୍ରମବିକାଶ ମାନ (Table)

- ବ୍ରାହ୍ମୀ-ଲିପି (ଅଶୋକାକ୍ଷର) (ଖ୍ରୀ: ପୂ: ୩୦୦)
  - ପରବର୍ତ୍ତୀ ବ୍ରାହ୍ମୀ ଲିପି (ଖାରବେଳ ଓ କୁଷାଣ ଲିପି)
    - ଉତ୍ତରାପଥ ଲିପି (ଗୁପ୍ତ ଲିପି (ଖ୍ରୀ: ୩୦୦-୬୦୦)
      - କୁଟୀଳ ଲିପି (ଖ୍ରୀ: ୬୦୦-୯୦୦)
        - ନାଗରୀ
        - ଶାରଦା
        - ବଙ୍ଗଳା
        - ମୈଥିଳୀ
        - ଓଡ଼ିଆ
    - ଦାକ୍ଷିଣାତ୍ୟ ଲିପି
      - ଉତ୍ତରାର୍ଦ୍ଧ (ଖ୍ରୀ: ୫୦୦-୬୦୦)
        - ପେଟିକ ଶିର ଲିପି (କଳିଙ୍ଗ ଓ ଦକ୍ଷିଣ-କୋଶଳ) (ଖ୍ରୀ: ୬୦୦-୭୦୦)
          - କଳିଙ୍ଗ ଲିପି (ଖ୍ରୀ: ୭୦୦-୯୦୦)
          - ତୋଷଳୀ ଲିପି (ଖ୍ରୀ: ୭୦୦-୯୦୦)
      - ଦକ୍ଷିଣାର୍ଦ୍ଧ (ଖ୍ରୀ: ୫୦୦-୯୦୦)
        - ତେଲୁଗୁ
        - ଗ୍ରନ୍ଥ
        - ତାମିଲ
        - ବର୍ତ୍ତୁଲ

ଅଶୋକାକ୍ଷର ପରେ କ୍ରମଶଃ ସେହି ଲିପିର ସାମାନ୍ୟ ପରିବର୍ତ୍ତନ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପିରେ ପରିଲକ୍ଷିତ ହୁଏ । ଖାରବେଳଙ୍କର ସଠିକ ସମୟ ଅଦ୍ୟାବଧି ନିର୍ଣ୍ଣୀତ ହୋଇ ନ ଥିଲେ ସୁଦ୍ଧା, ତାଙ୍କ ସମୟରେ ଯେଉଁ ଅକ୍ଷର କଳିଙ୍ଗରେ ପ୍ରଚଳିତ ହେଲା, ତାହା ପ୍ରାଚୀନ ବ୍ରାହ୍ମୀ-ଲିପିର ଶହେ ବା ଦୁଇଶ ବର୍ଷ ମଧ୍ୟବର୍ତ୍ତୀ ବୋଲି ଜଣାଯାଏ, ଖାରବେଳଙ୍କ ସମୟର ଲିପି ୧୫ନମ୍ବର ପ୍ଲେଟରେ ପ୍ରଦର୍ଶିତ ହୋଇଅଛି । ୧୪ନମ୍ବର ପ୍ଲେଟରେ ପ୍ରଦର୍ଶିତ ଅଶୋକାକ୍ଷର ସଙ୍ଗେ ଏ ଲିପିର ପାର୍ଥକ୍ୟ ମଧ୍ୟରେ ପ୍ରଧାନତଃ ଲକ୍ଷ୍ୟ କରାଯାଉଛି ଯେ, ପରବର୍ତ୍ତୀ ବ୍ରାହ୍ମୀ ଲିପି ମଧ୍ୟରୁ ଅଧିକାଂଶ ଅକ୍ଷରର ଉପରେ ଗୋଟିଏ କ୍ଷୁଦ୍ର ସରଳରେଖା ସଦୃଶ ଚୂଳ ସଂଯୁକ୍ତ ରହେ ପୁଣି ମୂଳଅକ୍ଷରଗୁଡ଼ିକ ସରଳ ନ ହୋଇ କେତେକ ବକ୍ର ବା କୁଟିଳାକୃତି ଧାରଣ କରେ । ଉଦାହରଣସ୍ୱରୂପ, ଗ, ଣ, ତ, ନ, ଭ, ମ, ର, ଳ, ବ, ଶ ପ୍ରଭୃତି ଅକ୍ଷର ଏଠାରେ ଉଲ୍ଲେଖ କରାଯାଇ ପାରେ ।

ଉପରୋକ୍ତ 'ପରବର୍ତ୍ତୀ-ବ୍ରାହ୍ମୀ-ଲିପି' କେବଳ କଳିଙ୍ଗରେ ନୁହେଁ, ବରଂ ଭାରତର ପ୍ରତ୍ୟେକ ପ୍ରଦେଶରେ ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀ ପୂର୍ବରୁ ଆରମ୍ଭ ହୋଇ ବ୍ୟବହୃତ ହେଉଥିଲା । କାରଣ, ଉତ୍ତର ଭାରତରେ, ବିଶେଷତଃ ମଥୁରାରେ, କୁଷାଣବଂଶୀୟ ରାଜାମାନଙ୍କ ସମୟରେ ଠିକ୍ ଏହି ଧରଣର ଲିପି ପ୍ରଚଳିତ ଥିବାର ପ୍ରମାଣ ମିଳେ ।

ଏ' ଲିପି ପ୍ରାୟ ୩୦୦ ବର୍ଷ ପରେ ଦୁଇଟି ଶ୍ରେଣୀରେ ବିଭକ୍ତ ହେଲା । ତାକୁ ଆମେ ଦାକ୍ଷିଣାତ୍ୟ-ଲିପି ଏବଂ ଉତ୍ତରାପଥ ଲିପି ବା ଗୁପ୍ତ ଲିପି ନାମରେ ଅଭିହିତ କରୁଁ । ପ୍ରଥମୋକ୍ତ ଲିପି କୃଷ୍ଣା ଓ ଗୋଦାବରୀ ମଧ୍ୟବର୍ତ୍ତୀ ଅଞ୍ଚଳରୁ ପ୍ରାପ୍ତ ସାଲଙ୍କାୟନ ରାଜାମାନଙ୍କ ପ୍ରଦତ୍ତ ପ୍ରାକୃତ ଭାଷାରେ ଲିଖିତ ତାମ୍ରଶାସନମାନଙ୍କରେ ଦେଖିବାକୁ ମିଳେ (୧) । କଳିଙ୍ଗର ମହେନ୍ଦ୍ର ପର୍ବତ ପାରିପାର୍ଶ୍ୱିକ ଅଞ୍ଚଳରେ ସେତେବେଳେ ଯେଉଁ ମାଠରବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ ତାଙ୍କ ପ୍ରଦତ୍ତ ତାମ୍ରଶାସନ ଗୁଡ଼ିକରେ ମଧ୍ୟ ଏପରି ଲିପି ବ୍ୟବହୃତ ହୋଇଅଛି (୨) । କିନ୍ତୁ, ଓଡ଼ିଶାର ପୂର୍ବୋତ୍ତର ଅଞ୍ଚଳରେ

---

(୧) ୧୬ ନମ୍ବର ପ୍ଲେଟର ଦ୍ରଷ୍ଟବ୍ୟ, ସାଲଙ୍କାୟନ ତାମ୍ର ଲିପିର ଭାଷା ମଧ୍ୟକାଂଶ ପ୍ରାକୃତ ।

(୨) ଅଦ୍ୟାବଧି ମାଠରବଂଶୀୟ ରାଜାମାନଙ୍କର ୧୫ଟି ତାମ୍ରଶାସନ ମହେନ୍ଦ୍ର ପର୍ବତରେ

ଖ୍ରୀଷ୍ଟୀୟ ୪ର୍ଥ, ୫ମ ଓ ୬ଷ୍ଠ ଶତାବ୍ଦୀର ଉତ୍କୀର୍ଣ୍ଣ କେତୋଟି ଶିଳା ଓ ତାମ୍ର ଶାସନ ଏବେ ଆମ୍ଭର ହସ୍ତଗତ ହୋଇଅଛି । ସେଥିରେ "ଉତ୍ତରପଥ ଲିପି" ବା 'ଗୁପ୍ତାକ୍ଷର' ବ୍ୟବହୃତ ହୋଇଥିବାର ପରିଲକ୍ଷିତ ହୁଏ (୧) । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ଖ୍ରୀଷ୍ଟପୂର୍ବଯୁଗରେ ଯେଉଁ 'ଅଶୋକାକ୍ଷର' ଏବଂ 'ଖାରବେଳ ଲିପି' କଳିଙ୍ଗରେ ପ୍ରଚଳିତ ଥିଲା; ତାହା ଏ' ଦେଶରେ ଦୁଇଟି ଶ୍ରେଣୀରେ ବିଭକ୍ତ ହେଲା । ଏପରି ହେବା ମୂଳରେ ମାଠରବଂଶୀୟ ରାଜାମାନଙ୍କ ସଙ୍ଗେ ଶାଳଙ୍କାୟନ ରାଜବଂଶର ବୈବାହିକ ସମ୍ବନ୍ଧ ପୁଣି ଉତ୍ତର-



ଓଡ଼ିଶାରେ ଗୁପ୍ତବଂଶୀ ରାଜାମାନଙ୍କ ରାଜନୈତିକ ପ୍ରଭାବ ବିଦ୍ୟମାନ ବୋଲି ନିର୍ଦ୍ଦେଶ କରାଯାଇ ପାରେ । ୧୭ (କ) ୧୭ (ଖ) ଏବଂ ୧୮ ନମ୍ବର ପ୍ଲେଟରେ ମାଠରବଂଶୀୟ ରାଜା ଉମ ବର୍ମା ଓ ଅନନ୍ତବର୍ମାଙ୍କ ସମୟର ଲିପି ପୁଣି ଓଡ଼ିଶାର ପୂର୍ବୋତ୍ତର ଅଞ୍ଚଳର ରାଜା ଗୋପଚନ୍ଦ୍ରଙ୍କ ସମୟର ଲିପିର ନମୁନା ପ୍ରଦର୍ଶିତ ହେଲା ।

ପାରିପାର୍ଶ୍ୱିକ ସ୍ଥାନରୁ ଆବିଷ୍କୃତ ହୋଇଅଛି । ଯଥା :—(୧) ବିଶାଖ ବର୍ମା (J. Bors. vol. xiv, P, 282) (୨) ଉମବର୍ମା (E. I. XXVI, P. 132) (୩) ଉମବର୍ମା (E. I. XII, P. 4), (୪) ଉମବର୍ମା (O. A. RJ Vol P) (୫) ଉମବର୍ମା (E. I. XXVIII. P 292) (୬) ଅନନ୍ତ ଶକ୍ତିବର୍ମା (E. I. XXVIII, P. 175), (୭) ଅନନ୍ତଶକ୍ତି ବର୍ମା (E. I. XXVIII. P. 22), (୮) ଶକ୍ତିବର୍ମା (E. I. XII, P. I), (୯) ଚଣ୍ଡବର୍ମା (E. I. XXVII P. 33) (୧୦) ଚଣ୍ଡବର୍ମା (IV. P 142), (୧୧) ଅନନ୍ତବର୍ମା (E. I. XXIV, P. 47), (୧୨) ଅନନ୍ତବର୍ମା (E. I. XXIII, P. 56) (୧୩) ନନ୍ଦପ୍ରଭଞ୍ଜନବର୍ମା I. A, Vol, XIII, P. 48) (୧୪) ନନ୍ଦପ୍ରଭଞ୍ଜନବର୍ମା (O. H. R. J Vol. P) (୧୫) ପ୍ରଭଞ୍ଜନବର୍ମା (E. I. XXX, P. 112), ଏହି ତାମ୍ରଶାସନରେ ବ୍ୟବହୃତ ଅକ୍ଷର ଗୁପ୍ତଯୁଗରେ ବ୍ୟବହୃତ ଦାକ୍ଷିଣାତ୍ୟ-ଲିପି ବୋଲି ନିର୍ଦ୍ଦେଶ କରାଯାଇପାରେ ।

(୧) ଭଦ୍ରକାଳୀ ମନ୍ଦିରରୁ ପ୍ରାପ୍ତ ମହାରାଜ ଗଣଙ୍କ ଶିଳାଶାସନ (E. I. P.) (୨) ଜୟରାମପୁର (ବାଲେଶ୍ୱର) ଗ୍ରାମରୁ ପ୍ରାପ୍ତ ମହାରାଜ ଗୋପଚନ୍ଦ୍ରଙ୍କ ସମୟର ତାମ୍ରଶାସନ (O. H. R. J. Vol. No. P.)





ଓଡ଼ିଶାର କେଉଁଝର ଜିଲ୍ଲା ଏବଂ ବାଲେଶ୍ବର ଜିଲ୍ଲାରୁ ବର୍ତ୍ତମାନ ଯେଉଁ କେତୋଟି ଶିଳାଲିପି ଓ ତାମ୍ରଶାସନ ମିଳନ୍ତି, ସେଥିରେ ବ୍ୟବହୃତ ଅକ୍ଷର ସଙ୍ଗେ ଗୁପ୍ତରାଜାମାନଙ୍କ ପ୍ରଚଳିତ ଲିପିର ସାମଞ୍ଜସ୍ୟ ବିଦ୍ୟମାନ । କେଉଁଝର ଜିଲ୍ଲାର କରଞ୍ଜିଆ ସବ୍‌ଡ଼ିଭିଜନ ଅନ୍ତର୍ଗତ ଅଶନପାଟ ନାମକ ଗୋଟିଏ କ୍ଷୁଦ୍ର ଆଦିବାସୀ ବହୁଳ ପଲ୍ଲୀରୁ ବର୍ତ୍ତମାନ ଆବିଷ୍କୃତ ଏକ ପ୍ରସ୍ତରମୂର୍ତ୍ତିରେ ୧୩ ପଂକ୍ତି ବିଶିଷ୍ଟ ଏକ ଲିପି ଦେଖାଯାଏ (୧) । ସେଥିରେ ବ୍ୟବହୃତ ଅକ୍ଷର ୧୯ ନମ୍ବର ପ୍ଲେଟରେ ପ୍ରଦର୍ଶିତ ହେଲା । ଏ' ଲିପି ସଙ୍ଗେ ପ୍ରୟାଗରୁ ପ୍ରାପ୍ତ ଗୁପ୍ତବଂଶୀ ମହାରାଜା ସମୁଦ୍ରଗୁପ୍ତଙ୍କର ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀ ଲିପିର ସାଦୃଶ୍ୟ ବିଦ୍ୟମାନ; (୨) ପୁଣି ସ୍କନ୍ଦଗୁପ୍ତଙ୍କ (ଗୁପ୍ତାବ୍ଦ ୧୪୧) ପର୍ଯ୍ୟନ୍ତ ଏ' ଲିପି ସଙ୍ଗେ ଗୁପ୍ତ ଲିପିର ଘନିଷ୍ଠ ସାମଞ୍ଜସ୍ୟ ଥିବାର ଦେଖାଯାଏ ।



(୧) ଏ' ଲିପିଟି ଅଦ୍ୟାବଧି ପ୍ରକାଶିତ ହୋଇ ନାହିଁ ।

(୨) ଗୌରୀଶଙ୍କର ହୀରାଚାନ୍ଦ ଓଝାଙ୍କର "ଭାରତୀୟ ପ୍ରାଚୀନ ଲିପିମାଳା" ପ୍ଲେଟ ୧୬ ଦ୍ରଷ୍ଟବ୍ୟ



ଉପରୋକ୍ତ ଚନ୍ଦ୍ରଭଞ୍ଜଙ୍କ ସମୟର ଅନେକ ପରେ ଶିଳାଲିପି ବ୍ୟତୀତ ଓଡ଼ିଶାର ବାଲେଶ୍ୱର ଜିଲ୍ଲାରୁ ପ୍ରାପ୍ତ ଦୁଇଟି ଲିପି ଆମ୍ଭର ହସ୍ତଗତ ହୋଇଅଛି । ପ୍ରଥମ ଲିପି ଭଦ୍ରକାଳୀ ମନ୍ଦିର ନିକଟରୁ ପ୍ରାପ୍ତ ଗୋଟିଏ ଶିଳାଶାସନ । ଏହା ଖ୍ରୀଷ୍ଟ ୧ମ ବା ୨ୟ, ଶତାବ୍ଦୀର ବୋଲି ମନେହୁଏ । କାରଣ ଏଥିରେ ବ୍ୟବହୃତ ଭାଷା 'ପାଲୀ' ଏବଂ ଅକ୍ଷର ପ୍ରାୟତଃ ଖାରବେଳଙ୍କ ଲିପିର ଅନୁରୂପ ଅନ୍ୟ ଯେଉଁ ଅର୍ଦ୍ଧ ତାମ୍ର ଶାସନଟି ସେହି ଜିଲ୍ଲାର ଭୋଗରାଇ ଥାନା ଅନ୍ତର୍ଗତ ଜୟରାମପୁର ଗ୍ରାମରୁ ଆବିଷ୍କୃତ ହୋଇଅଛି, ତାହା ମହାରାଜା ଗୋପଚନ୍ଦ୍ର ନାମକ ଜଣେ ରାଜାଙ୍କ ସମୟରେ ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀ ପ୍ରାରମ୍ଭରେ ଖୋଦିତ ହୋଇଥିଲା । ଏଥିରେ ଯେଉଁ ଲିପି ବ୍ୟବହୃତ ହୋଇଅଛି, ତାହା ଗୁପ୍ତବଂଶୀୟ ରାଜା କୁମାରଗୁପ୍ତ ଓ ବୁଦ୍ଧଗୁପ୍ତଙ୍କ ସମସାମୟିକ ଲିପିମାନଙ୍କ ଅନୁରୂପ । ବଙ୍ଗଳାର ପୁଣ୍ଡ୍ରବର୍ଦ୍ଧନରୁ ମିଳିଥିବା କେତେକ ଲିପି ସଙ୍ଗେ ମଧ୍ୟ ଏହା ତୁଳନୀୟ । (୧) ଜୟରାମପୁର ତାମ୍ରଶାସନ ପ୍ରକାଶ କରିବାକୁ ଯାଇ ଆମ୍ଭେ ଖ୍ରୀଷ୍ଟୀୟ ୫ମ ଓ ଷଷ୍ଠ ଶତାବ୍ଦୀରେ ଗୁପ୍ତବଂଶର ପତନ ଯୁଗରେ ପୂର୍ବଭାରତୀୟ ରାଜ୍ୟମାନଙ୍କ ସଙ୍ଗେ ଉତ୍ତର ଓଡ଼ିଶାର କିପରି ରାଜନୈତିକ ସମ୍ବନ୍ଧ ରହିଥିଲା,

୧ । E. I. XV, PP, 129-34ff.

ସେ ବିଷୟର ବିଶଦ ଆଲୋଚନା କରିଛନ୍ତି (୧)। ସମ୍ଭବତଃ, ଗୁପ୍ତ କିମ୍ବା ଗୁପ୍ତ ପ୍ରଭାବିତ ରାଜାମାନଙ୍କ ସଂଯୋଗ ହେତୁ ଓଡ଼ିଶାର ପୂର୍ବୋତ୍ତର ଅଞ୍ଚଳରେ ଏ ଲିପି ପ୍ରସାର ଲାଭ କଲା।

ଏଠାରେ କହି ରଖିବା ଆବଶ୍ୟକ ଯେ, ଗୁପ୍ତଯୁଗରେ ଭାରତବର୍ଷରେ ବହୁ ସାମନ୍ତ ରାଜ୍ୟର ଅଭ୍ୟୁଦୟ ଘଟିଥିଲା। ବିଭିନ୍ନ ରାଜବଂଶକୁ ଆଶ୍ରୟ କରି ସେମାନଙ୍କ ପ୍ରଶସ୍ତ୍ୟାଦି ଲେଖିବା ଉଦ୍ଦେଶ୍ୟରେ ବହୁ ଲେଖକ (କାୟସ୍ଥ) ଓ ବ୍ରାହ୍ମଣଜାତୀୟ ଲୋକଙ୍କୁ ରାଜଦରବାରମାନଙ୍କରେ ସ୍ଥାନ ମିଳିଥିଲା। ସେମାନଙ୍କ ଆଦର ବଢ଼ିବାରୁ ସେହି ଲେଖକମାନେ କୌଣସି ଏକ ରାଜ୍ୟରୁ ଅନ୍ୟ ଏକ ରାଜ୍ୟକୁ ଉଠି ଯାଉଥିଲେ(୨)। ସୁତରାଂ ସେମାନଙ୍କର ବ୍ୟବହୃତ ଲିପି ଓ ଲେଖନଭଙ୍ଗୀ ମଧ୍ୟ ଏକ ପ୍ରଦେଶରୁ ଅନ୍ୟ ପ୍ରଦେଶକୁ ପ୍ରସାରିତ ହେଉଥିଲା। ଉଦାହରଣ ସ୍ୱରୂପ, ମଧ୍ୟ ଭାରତର ପ୍ରାଚୀନ ବାକାଟକ ବଂଶୀୟ ରାଜା ଦ୍ୱିତୀୟ ପ୍ରବରସେନଙ୍କ ତାମ୍ର ଲିପିରେ (୩) ଯେଉଁ 'ପେଟିକାଶିର ଲିପି' ବ୍ୟବହୃତ ହୋଇଅଛି, ଠିକ୍ ସେ ଧରଣର ଲିପି ଦକ୍ଷିଣ କୋଶଳରେ ଶରଭପୁରର ରାଜା ମହାସୁଦେବ ରାଜ (୪), ପାଣ୍ଡୁବଂଶୀୟ ମହାରାଜ ତୀବର-

---

୧। O. H. R. J. vol. XI No. 4 pp. 206—33 ff.
ପ୍ରକାଶ ଥାଉକି ଗୋପଚନ୍ଦ୍ରଙ୍କ ସମସାମୟିକ ଲିପି ସଙ୍ଗେ ଭୂତିବର୍ମାଙ୍କ ସମୟର ବଡଗଙ୍ଗା ଲିପିରେ ବ୍ୟବହୃତ ଅକ୍ଷର ପ୍ରାୟ ସମାନ (E. I. XXX,p. 66) ଭୂତିବର୍ମାଙ୍କ ସମୟ ଖ୍ରୀଷ୍ଟୀୟ ୫୧୮-୫୪୨ ମଧ୍ୟରେ ସ୍ଥାପିତ ହୋଇପାରେ। ଏ ଲିପିର କିଛି ସମୟ ପରବର୍ତ୍ତୀ ଯୁଗର ଲିପି ଭାସ୍କର ବର୍ମାଙ୍କ ସମୟରେ ପୂର୍ବଭାରତରେ ପ୍ରଚଳିତ ଥିବା କଥା ଦୁବି ତାମ୍ରଶାସନରୁ ପ୍ରମାଣିତ ହୁଏ।
(E. I. XXX p. 287)

୨। ଓଡ଼ିଶାରୁ ପ୍ରାପ୍ତ କେତେକ ତାମ୍ର ଶାସନରେ ଏହାର ନିଦର୍ଶନ ମିଳେ।

୩। Fleets Gupta Jnscriptions, C I I. Vol III, p. 243 ff.

୪। Ibid p. 196 ff.



ଦେବ (*) ନନ୍ଦବଂଶୀୟ ରାଜା ଭବଦତ୍ତ ବର୍ମା (୧) ପୁଣି କଳିଙ୍ଗର ଗଙ୍ଗାବଂଶୀୟ ରାଜା ଇନ୍ଦ୍ର ବର୍ମା (୨) ଓ ହସ୍ତି ବର୍ମା (୩)ଙ୍କ ପ୍ରଦତ୍ତ ତାମ୍ର ଶାସନ ଗୁଡ଼ିକରେ ଦେଖିବାକୁ ମିଳେ । ଏ’ ଲିପିର ନମୁନା ୨୦ ନମ୍ବର ପ୍ଲେଟ୍‌ରେ ପ୍ରଦର୍ଶିତ ହେଲା । ଶରଭପୁର ରାଜାମାନଙ୍କର ସମସାମୟିକ ରାଜା ଭୀମସେନଙ୍କ ତାମ୍ରଶାସନ ଆରଙ୍ଗ ନାମକ ସ୍ଥାନରୁ ମିଳିଥିଲା । ସେଥିରେ ଅନ୍ୟପ୍ରକାର ଲିପି ବ୍ୟବହୃତ ହୋଇଅଛି । (୨୧ ନମ୍ବର ପ୍ଲେଟ୍ ଦେଖ ।)

ପୂର୍ବେ ଭାରତରେ ଲିଖନ କର୍ମ ଗୋଟିଏ ଉପଜୀବିକା ଥିଲା । ବୌଦ୍ଧ ଓ ଜୈନ ଗ୍ରନ୍ଥାବଳୀ ସେହି ଲେଖକ ସମ୍ପ୍ରଦାୟଙ୍କ ଦ୍ୱାରା ଜୀର୍ଣ୍ଣ ଗ୍ରନ୍ଥରୁ ନୂତନ ପୁସ୍ତକରେ ଲେଖାଯାଉଥିଲା । କିନ୍ତୁ, କେତେକ ସ୍ଥଳରେ ସେହି ପବିତ୍ର ଗ୍ରନ୍ଥଚୟ ବୌଦ୍ଧ ‘ଭିକ୍ଷୁ’ ଓ ‘ବଜ୍ରାଚାର୍ଯ୍ୟ’ମାନେ ମଧ୍ୟ ଲେଖୁଥିଲେ । ନେପାଳରୁ ପ୍ରାପ୍ତ ଅଧିକାଂଶ ପ୍ରାଚୀନ ପୋଥିର ଲେଖକ ସେହିମାନେ । (୪) ସମ୍ଭବତଃ ଓଡ଼ିଶାରେ ଶୈଳୋଦ୍ଭବ ବଂଶୀୟ ରାଜାମାନଙ୍କ ରାଜତ୍ୱ କାଳରେ (ଖ୍ରୀଷ୍ଟୀୟ ୭ମ ଠାରୁ ୮ମ ଶତାବ୍ଦୀ ମଧ୍ୟରେ) ସେହି ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀ ଲେଖକ ସମ୍ପ୍ରଦାୟ କୋଙ୍ଗଦ ମଣ୍ଡଳରେ ବାସ କରିବାକୁ ଲାଗିଲେ । ସେମାନେ ରାଜକୀୟ ଉପାଧି ଲାଭ କରି କେତେଗୁଡ଼ିଏ ତାମ୍ରଶାସନ ଉତ୍କୀର୍ଣ୍ଣ କରିଥିବା ଜଣାଯାଏ । ଶୈଳୋଦ୍ଭବ ବଂଶୀୟ ରାଜା ଧର୍ମରାଜଙ୍କ ପ୍ରଦତ୍ତ କେତୋଟି ତାମ୍ରଶାସନ ‘ସ୍ଥବିର ବୃଦ୍ଧ’ ନାମକ ବ୍ୟକ୍ତିଙ୍କ-

(*) Ibid p. 291 ff.

୧ । E. I. XIX, P. 100. ff.

୨ । J. A. H. R. S. Vol III, Ptj, p 49 fl.

୩ । E. I. XXIII, p 62 ff.

୪ । I. A. vol. XXXIII, 1904, Appinedix, p. 100 ff.

ଦ୍ୱାରା ଉତ୍କୀର୍ଣ୍ଣ ହୋଇଅଛି । (୧) ଏପରି ନାମ ସମ୍ଭବତଃ ସେତେବେଳେ ବୌଦ୍ଧଭିକ୍ଷୁମାନେ ହିଁ ବ୍ୟବହାର କରୁଥିଲେ ।

ମାଠର ବଂଶୀୟ ରାଜାମାନଙ୍କ ସମୟରେ ତାମ୍ରଶାସନ ଲେଖକମାନଙ୍କୁ 'ଦେଶାକ୍ଷପଟଳ' ଉପାଧିରେ ଭୂଷିତ କରାଯାଉଥିଲା ।(୨ ସେତେବେଳେ ତାମ୍ରଶାସନ ନିଜେ ଲେଖି ବ୍ରାହ୍ମଣଙ୍କୁ ରାଜା ଦାନ କରିବା ଅଧିକ ଧର୍ମକାର୍ଯ୍ୟ ବୋଲି ବିବେଚିତ ହେବାରୁ, ଗୋଟିଏ ଅନୁଶାସନ ଉମବର୍ମା ନିଜେ ଲେଖିଥିବାର ଜଣାଯାଏ । ସେହି ତାମ୍ରଶାସନରେ ନିମ୍ନୋକ୍ତ ପ୍ରକାରେ ଏ ବିଷୟଟି ବର୍ଣ୍ଣିତ ଅଛି :—

"ରାଜ୍ଞା ସ୍ୱହସ୍ତଲିଖିତଂ ଶାସନଂ' ପାଟନୀୟନମ୍"୩

କିନ୍ତୁ, ଏହା ପରେ ସେଥିରେ ଆହୁରି ମଧ୍ୟ ଲେଖା ଅଛି :—

"ପିଷ୍ଟାପୁର ବାସ୍ତବ୍ୟେନ କେଶବଦେବେନ ଲିଖିତମ୍"

ଏଥିରୁ ଜଣାଯାଏ ଯେ, ରାଜା କେବଳ ସେହି ଶାସନରୁ ଅଳ୍ପ କେତେକ ଅଂଶ ବା ଅକ୍ଷର ଲେଖି ସାରିଲେ ପରେ; ତାହା ରାଜ-ନିଯୁକ୍ତ ଲେଖକଙ୍କୁ ଲେଖିବାପାଇଁ ପ୍ରଦତ୍ତ ହେଲା ।

ଦକ୍ଷିଣ-ଓଡ଼ିଶାରେ (କଳିଙ୍ଗରେ) ଲେଖକମାନଙ୍କୁ 'ଦେଶାକ୍ଷପଟଳ' ଆଖ୍ୟା ଦିଆଗଲାବେଳେ ଉତ୍ତର-ଓଡ଼ିଶା, ଅର୍ଥାତ୍ ତୋଷଳ ରାଜ୍ୟର ଲେଖକ ସମ୍ପ୍ରଦାୟ ଅଧିକ ସମ୍ମାନ ଜନକ 'ସାନ୍ଧିବିଗ୍ରହିକ' ଉପାଧିରେ ଭୂଷିତ ହେଉଥିଲେ ।୪

କିନ୍ତୁ ଶୈଳୋଦ୍ଭବ ରାଜ ବଂଶରେ ଅବସ୍ଥିତ ଲେଖକ ସମ୍ପ୍ରଦାୟ 'ଦୂତକ' ଓ 'ମହାକ୍ଷପଟଳ' ୫ ଉପାଧି ବ୍ୟବହାର କରୁଥିଲେ; ଏହି ବିଷୟ

---

୧ । ଧର୍ମରାଜଙ୍କର ପୁରୀ ତାମ୍ରଶାସନ (J.B.O.R.S.Vol. XVI p. 176) ଏବଂ ରଙ୍ଗପୁର ତାମ୍ରଶାସନ (Ins, or Vcl. I, pt. ii, p. 218) ଦ୍ରଷ୍ଟବ୍ୟ ।

୨ । ଉମବର୍ମଙ୍କ ବୃହତ୍ ପ୍ରୋଷ୍ଠା ତାମ୍ରଶାସନ (E. I. XII, p. 4) ଦ୍ରଷ୍ଟବ୍ୟ ।

୩ । E. I. XXVIII, p. 298 ଦ୍ରଷ୍ଟବ୍ୟ ।

୪ । ସୋମଦତ୍ତଙ୍କର ସୋର ତାମ୍ରଶାସନ, E. I. XXIII, p. 202.

୫ । Monier Williamsଙ୍କ Sank-Eng Dicticnary ଅନୁସାରେ 'ଅକ୍ଷପଟଳ''ର ଅର୍ଥ; " a depositor of legal documents",

ନବନାରୁ ପ୍ରାପ୍ତ ଧର୍ମରାଜଙ୍କର ଗୋଟିଏ ତାମ୍ରଶାସନରୁ ଜଣାଯାଏ ।(୧ କିନ୍ତୁ ସେହି ରାଜାଙ୍କର ରଣପୁରରୁ ପ୍ରାପ୍ତ ତାମ୍ର ଶାସନରେ ଲେଖକର ସଂଜ୍ଞା 'ଦୂତକ' ରଖାଯାଇଛି(୨) ।

ଖ୍ରୀଷ୍ଟୀୟ ଷଷ୍ଠ ଓ ସପ୍ତମ ଶତାବ୍ଦୀରେ ଓଡ଼ିଶାର ମଧ୍ୟଭାଗରେ ଯେଉଁ 'ବିଗ୍ରହ' ଉପାଧିଧାରୀ ରାଜାମାନେ ଶାସନ କାର୍ଯ୍ୟ ଚଳାଉଥିଲେ, ସେମାନଙ୍କର ଦାନଶାସନାବଳୀର ଲେଖକ ସମ୍ଭବତଃ 'କରଣିକ' ବା 'ଅଧିକରଣିକ' ଉପାଧି ବହନ କରୁଥିଲେ । (୩ ପରବର୍ତ୍ତୀ କାଳରେ ଏଥିରୁ 'କରଣ' ବା ଲେଖକ ଶ୍ରେଣୀ ଗୋଟିଏ ସ୍ୱତନ୍ତ୍ର ଜାତିରେ ପରିଣତ ହେଲା । ଖ୍ରୀଷ୍ଟୀୟ ୭ମ, ବା ୮ମ ଶତାବ୍ଦୀରେ ଦୂତକ ଓ ଲେଖକ ସମ୍ପ୍ରଦାୟଙ୍କୁ ଉଚ୍ଚ ଜାତୀୟ ବୋଲି ସମ୍ମାନ ପ୍ରଦର୍ଶିତ ହେଉଥିଲା । କେବେ କେବେ ଦୂତକ କାର୍ଯ୍ୟପାଇଁ "ଓଝିଗ୍ ଉପାଧ୍ୟାୟ" ପଦବୀସମ୍ପନ୍ନ ବ୍ରାହ୍ମଣମାନଙ୍କୁ ମଧ୍ୟ ନିଯୁକ୍ତ କରାଯାଉଥିଲା । ଶୈଳୋଦ୍ଭବ ବଂଶୀୟ ରାଜା ମାଧବ ବର୍ମାଙ୍କର ପ୍ରଦତ୍ତ ଗୋଟିଏ ତାମ୍ର ଶାସନରେ ଉଲ୍ଲିଖିତ ନିମ୍ନୋକ୍ତ ଶ୍ଳୋକରୁ ଏହା ପ୍ରମାଣିତ ହୁଏ :—

"ଅଭୂଦ୍ଭଟ୍ଟିଗୁପାଧ୍ୟାୟ ଗୁହଚନ୍ଦ୍ରୋଽସ୍ୟ ଦୂତକଃ ।
ଲିଖିତୋପେନ୍ଦ୍ରସିଂହସ୍ୟ ତନୟଃ କୁଣ୍ଡଭୋଗିନଃ ।"

ନନ୍ଦବଂଶୀୟ ରାଜା ଭଗଦତ୍ତବର୍ମାଙ୍କର ତଥାପୁର ତାମ୍ରଶାସନର ଲେଖକ 'ରହସିକ' (Private Secretary) ଉପାଧି ଲାଭ କରିଥିଲେ ଏବଂ ସେହି ଲିପିଟି ଯେ' ଖୋଦିତ କରିଥିଲେ, ତାଙ୍କର ଉପାଧି ଥିଲା 'ପଢୋପାଧ୍ୟାୟ' (୪)

---

୧ । E. I. XXI, P. 34 ଦ୍ରଷ୍ଟବ୍ୟ ।

୨ । Ins, or Vol. I, pt. ii, p. 218 ଦ୍ରଷ୍ଟବ୍ୟ ।

୩ । O. H. R. J, Vol. I, p. 66 and J. K. H. R. S. Vol, III, p: 261 ଦ୍ରଷ୍ଟବ୍ୟ ।

୪ । E. I. XIX, P. 100 ଦ୍ରଷ୍ଟବ୍ୟ ।

ସେ ଯାହା ହେଉ, 'କରଣିକ' ବା 'ଅଧିକରଣିକ' ସଂଜ୍ଞା ହିଁ ଓଡ଼ିଶାରେ କ୍ରମେ ସ୍ଥାୟୀ ହେଲେ (୧)। ଏହି କାର୍ଯ୍ୟ ସମ୍ପନ୍ନ କରିବାପାଇଁ 'କାୟସ୍ଥ' ଜାତୀୟ ଲୋକେ ନିଯୁକ୍ତି ଲାଭ କରୁଥିଲେ। ଏ ବିଷୟ ମହାରାଜା ଗୋପଚନ୍ଦ୍ରଙ୍କ ସମୟରେ ଜୟରାମପୁର ତାମ୍ରଶାସନରୁ ସ୍ପଷ୍ଟ ପ୍ରମାଣିତ ହୁଏ। ସେହି ତାମ୍ରଶାସନର ଶେଷ ପଂକ୍ତିରେ ଲେଖା ଅଛି—'ଲିଖିତଂ କାୟସ୍ଥ ମାନଦତ୍ତେନେତି'; ଅର୍ଥାତ୍ ମାନଦତ୍ତ ନାମକ କାୟସ୍ଥଙ୍କଦ୍ୱାରା ତାହା ଲିଖିତ ହେଲା। (୨) କାୟସ୍ଥଙ୍କୁ ରାଜାଭୂମି ଦାନ କରିବା ପ୍ରସଙ୍ଗ ନନ୍ଦୋଦ୍ଭବ ବଂଶୀୟ ରାଜା ଦେବାନନ୍ଦଙ୍କ ୧୮୪ ଭୌମ ସମ୍ବତ୍ (R D. ୯୨୦) ତାମ୍ରଶାସନରେ ଉଲ୍ଲେଖ ଅଛି।(୩)

ପୂର୍ବେ ରାଜାମାନେ ଲେଖକଙ୍କୁ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟରେ, ବିଶେଷତଃ ଦାନପତ୍ର ଲେଖିବା କର୍ମରେ ନିଯୁକ୍ତ କଲାବେଳେ ତାଙ୍କର (ଲେଖକଙ୍କର) ବଂଶଗୌରବ ଓ ବ୍ୟକ୍ତିଗତ କ୍ଷମତା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ। କାରଣ, ରାଜକୀୟ ଅଭିଲେଖମାନ ତାମ୍ର ବା ଶିଳା ଫଳକରେ ଖୋଦିତ ହୋଇ ବଂଶପରମ୍ପରା କ୍ରମେ ହେ ହେ ବର୍ଷ ରହିବା ବ୍ୟବସ୍ଥା କରାଯାଉଥିଲା। ଲେଖକ କେଉଁ ବିଧିରେ ଅକ୍ଷର ଲେଖିବା ଉଚିତ, ସେ ବିଷୟରେ ଯାଜ୍ଞବଲ୍କ୍ୟ ସ୍ମୃତି ଓ ମାନବଧର୍ମ ଶାସ୍ତ୍ରରେ ନିମ୍ନ ପ୍ରକାର ବ୍ୟବସ୍ଥା ରହିଛି :—

୧। 'କରଣ' ଶବ୍ଦ ଦଲିଲ ପତ୍ରକୁ ମଧ୍ୟ ବୋଧକରେ।

(Vide Tleet's GII III; P. 242 note.)

୨। O. H. R.J, Vol XI, No. 4 P. 229 FF.

ଏଠାରେ କହିରଖିବା ଉଚିତ ଯେ, ଯାଜ୍ଞବଲ୍କ୍ୟ ସ୍ମୃତି ଅନୁଯାୟୀ 'କାୟସ୍ଥ' ମାନେ ଲିପିକାରେ ବୃତ୍ତି ଅବଲମ୍ବନ କରିଥିଲେ।

(ଯାଜ୍ଞବଲ୍କ୍ୟ ସ୍ମୃତି, I, 335 ଦ୍ରଷ୍ଟବ୍ୟ) ଏମାନେ ଭାରତର ପୂର୍ବ ଓ ପଶ୍ଚିମ ପ୍ରଦେଶ ଅବସ୍ଥିତ। ବୋମ୍ବେରେ "କାୟସ୍ଥ ପ୍ରଭୁ" ବୋଲି ଏମାନଙ୍କୁ କୁହାଯାଏ।

୩। E. I. XXIX, P: 189 FF.

ବର୍ଣ୍ଣବାକ୍ ପ୍ରତିମ୍ବା ଯୁକ୍ତଂ ଅସନ୍ଦିଗ୍ଧଂ ସ୍ଫୁଟାକ୍ଷରମ୍ ।
ଅଗ୍ରାନକସମଚ୍ଛନ୍ନଂ ଚ ଲେଖ୍ୟଂ ତଦ୍ବିଧିମାପ୍ନୁୟାତ୍ ॥

× × ×

ସ୍ଥାନଭ୍ରଷ୍ଟା ସ୍ୱପଂକ୍ତିସ୍ଥାଃ ସନ୍ଦିଗ୍ଧା ଲକ୍ଷଣଚ୍ୟୁତାଃ ।
ଯଦା ତୁ ସଂସ୍ଥିତା ବର୍ଣ୍ଣାଃ କୂଟଲେଖ୍ୟଂ ତଦା ଭବେତ୍ ॥ (୧)

କେବଳ ସୁନ୍ଦର ବର୍ଣ୍ଣଯୁକ୍ତ ଅସନ୍ଦିଗ୍ଧ-ଅକ୍ଷର ବିନ୍ୟାସ କରିଦେଲେ ଲେଖକର ଦାୟିତ୍ୱ ପୂର୍ଣ୍ଣ ହୁଏ ନାହିଁ । ସେ ଧର୍ମଶାସ୍ତ୍ର ଓ ସ୍ମୃତିର ବ୍ୟବସ୍ଥା-ବଳୀ ଅନୁସାରେ ବୁଝି, ରାଜପ୍ରଦତ୍ତ ଶାସନମାନ ଲେଖିବା ଆବଶ୍ୟକ ହେଉ-ଥିଲା । କାରଣ ପୂର୍ବେ ସମସ୍ତପ୍ରକାର ସାମାଜିକ ବିଧି ବ୍ୟବସ୍ଥା ତତ୍କାଳୀନ ସୁପ୍ରଚଳିତ ଧର୍ମଶାସ୍ତ୍ର ବା ସ୍ମୃତି ଉପରେ ହିଁ ନିର୍ଭର କରୁଥିଲା । ପ୍ରାଚୀନ ଭାରତୀୟ ରାଜନୀତିରେ ତାହା ଥିଲା ଏକ ଅପରିହାର୍ଯ୍ୟ ଅଙ୍ଗ । ଏଣୁ ଲେଖକ ମାନେ କେବେ 'ସନ୍ଧି ବିଗ୍ରହୀ' ବା 'ଅମାତ୍ୟ' ରୂପକ ଉଚ୍ଚ ରାଜକୀୟ ସମ୍ମାନ ଲାଭ କରୁଥିଲେ ।

ରାଜପ୍ରଦତ୍ତ 'ଆଜ୍ଞାପନ' ବା ପ୍ରଜ୍ଞାପନ ଯାହାକୁ ବୋଲି ଦିବା ଆବଶ୍ୟକ, ସେ ସମ୍ବନ୍ଧେ ବଶିଷ୍ଠ ଧର୍ମଶାସ୍ତ୍ରରେ ଉଲ୍ଲେଖ ଅଛି :—

ସାମନ୍ତେଷ୍ୱଥ ଭୃତ୍ୟେଷୁ ରାଷ୍ଟ୍ରପାଳାଦିକେଷୁ ବା ।
କାର୍ଯ୍ୟମାଦିଶ୍ୟତେ ଯେନ ତଦାଜ୍ଞାପନ ମୁଚ୍ୟତେ ॥

ଋତ୍ୱିକ୍ ପୁରୋହିତାଚାର୍ଯ୍ୟମାନ୍ୟେଷ୍ୱଭ୍ୟର୍ହିତେଷୁ ଚ ।
କାର୍ଯ୍ୟଂ ନିବେଦ୍ୟତେ ଯେନ ପତ୍ରଂ ପ୍ରଜ୍ଞାପନାୟ ତତ୍ ॥"

ମହତ୍ତ୍ୱପୂର୍ଣ୍ଣ ରାଜଶାସନ ଗୁଡ଼ିକର ଲିଖନଭାର 'ସାନ୍ଧିବିଗ୍ରହିକ' ବା ତତ୍ସମ ଉଚ୍ଚ ରାଜକର୍ମଚାରୀମାନଙ୍କ ଉପରେ ନ୍ୟସ୍ତ ଥିଲା । 'ସ୍ମୃତି ଚନ୍ଦ୍ରିକା'ରେ ଉଲ୍ଲେଖ ଅଛି :—

---

୧ । "ମାନ ଧର୍ମ ଶାସ୍ତ୍ର"IX, 232 ଓ "ଯାଜ୍ଞବଲ୍କ୍ୟ—ସ୍ମୃତି" II, 240 ଦ୍ରଷ୍ଟବ୍ୟ ।

"ସନ୍ଧିବିଗ୍ରହକାରୀ ଚ ଭବେଦ୍ ଯସ୍ତାପି ଲେଖକଃ
ସ୍ୱୟଂ ରାଜ୍ଞା ସମାଦିଷ୍ଟଃ ସଲିଖେଦ୍ ରାଜଶାସନମ୍ ।"

× × ×

"ରାଜସ୍ୱହସ୍ତଚିହ୍ନେନ ରାଜୋଦ୍ଦେଶେନ ସଂଯୁତମ୍ ।
ଯୁକ୍ତଂ ରାଜାଭିଧାନେନ ମୁଦ୍ରିତଂ ରାଜମୁଦ୍ରୟା ॥
ସ୍ଥଳାପ୍ୟନବଂଶଢ୍ୟୋକ୍ତ-ସମ୍ପୂର୍ଣ୍ଣାବୟବାକ୍ଷରମ୍ ।
ଶାସନଂ ରାଜଦତ୍ତଂ ସ୍ୟାତ୍ ସନ୍ଧିବିଗ୍ରହଲେଖକୈଃ ॥"

ଉପରେ କୁହାଯାଇଛି ଯେ, ତୋସଳିର ଲେଖକମାନଙ୍କୁ 'ସନ୍ଧି-ବିଗ୍ରହିକ' ଉପାଧିରେ ଭୂଷିତ କରାଯାଇଛି । ସୁତରାଂ ଏ କାର୍ଯ୍ୟ ସକାଶେ ବ୍ରାହ୍ମଣ ବା କାୟସ୍ଥ ଶ୍ରେଣୀୟ ଲୋକଙ୍କୁ ନିଯୁକ୍ତ କରିବା ଯୁକ୍ତିସଙ୍ଗତ, ଯେହେତୁ ସେମାନେ ଧର୍ମଶାସ୍ତ୍ର ବା ସ୍ମୃତି-ଶାସ୍ତ୍ର ଅଧ୍ୟୟନ କରିବା ଅଧିକାର ପ୍ରାପ୍ତ ହୋଇଥିଲେ ।

ଖ୍ରୀଷ୍ଟୀୟ ୭ମ ଶତାବ୍ଦୀ ପ୍ରାରମ୍ଭରେ ଓଡ଼ିଶାର ଭୌଗୋଳିକ ଓ ରାଜନୈତିକ ପରିସ୍ଥିତି ସ୍ଥୂଳତଃ ଚାରିଭାଗରେ ବିଭକ୍ତ ହୋଇଥିଲା । ଯଥା—(୧) ଉତ୍ତର ଓଡ଼ିଶା ବା ତୋଷଳୀ (୨) ପଶ୍ଚିମ ଓଡ଼ିଶା ବା ଦକ୍ଷିଣ କୋଶଳ (ତ୍ରିକଳିଙ୍ଗ), (୩) ମଧ୍ୟ ଓଡ଼ିଶା ବା କୋଙ୍ଗୋଦ ଏବଂ ୪ ଦକ୍ଷିଣ ଓଡ଼ିଶା ବା କଳିଙ୍ଗ । ଉତ୍ତର-ଓଡ଼ିଶା ଏବଂ ମଧ୍ୟ ଓଡ଼ିଶା ଓ ସେତେବେଳେ ମୌଦ୍‌ଗଳ ଓ ବିଗ୍ରହ ନାମାନ୍ତ ରାଜାମାନଙ୍କଦ୍ୱାରା ଶାସିତ ହେଉଥିଲା । ୧୨ ଓ



୧୩ ନମ୍ବର ପ୍ଲେଟରେ ଯଥା- କ୍ରମେ ମୌଦ୍‌ଗଳ ବଂଶୀ ରାଜା ସୋମଦତ୍ତ ଏବଂ ପୃଥ୍ୱୀ ବିଗ୍ରହଙ୍କ ତାମ୍ର ଶାସନରେ ବ୍ୟବହୃତ ଲିପି ପ୍ରଦର୍ଶିତ ହେଲା । ଏ ଦୁଇଟି

ଲିପି ପ୍ରାୟ ଏକ ଶତାବ୍ଦୀ (ଖ୍ରୀଷ୍ଟୀୟ ୭ମ ଶତାବ୍ଦୀ)ରେ ଏକ ଅଞ୍ଚଳରେ ବ୍ୟବହୃତ ହେଲେ ସୁଦ୍ଧା, ଲିପିକାରର ପାର୍ଥକ୍ୟ ହେତୁ ଉଭୟ ଲିପିର କେତୋଟି ଅକ୍ଷର ମଧ୍ୟରେ ଆକୃତିଗତ ବ୍ୟବଧାନ ଥିବା ଦେଖାଯାଏ । ଏଥି-ପାଇଁ କ, ଚ, ଭ, ଯ,ର ଏହି ଅକ୍ଷରମାନଙ୍କ ମଧ୍ୟରେ ଥିବା ତାରତମ୍ୟ ଅଧିକ ସ୍ପଷ୍ଟ । ତଥାପି, ଖାରବେଳଙ୍କ ଲିପି (ନଂ ୧୫) ତଥା ଅସନପାଟ ଲିପି (ନଂ ୧୯) ସଙ୍ଗେ ଏ ଲିପିଗୁଡ଼ିକୁ ମିଳାଇ ବିଚାର କଲେ ସ୍ପଷ୍ଟ ଜଣାଯାଏ ଯେ ଏ ସମସ୍ତ ସେହି ମୂଳ 'ଚେଦବଂଶୀ-ବ୍ରାହ୍ମୀ' ବା 'ଖାରବେଳ ଲିପି'ର କ୍ରମବିକାଶ ମାତ୍ର । ଏ ଲିପିର ପ୍ରଭାବ ଉତ୍ତର-ଓଡ଼ିଶା ଓ ମଧ୍ୟ-ଓଡ଼ିଶାରେ ମୁଖ୍ୟତଃ ପଡ଼ିଥିବାର ଜଣାଯାଏ । ପଶ୍ଚିମ-ଓଡ଼ିଶାରେ ସେତିକିବେଳେ ଯେଉଁ ଲିପି ବ୍ୟବହୃତ ହେଉଥିଲା, ତାହା ମହାରାଜ ଭୀମସେନଙ୍କ ଆରଙ୍ଗ ତାମ୍ର ଶାସନ (ନଂ ୨୧)ରୁ ପ୍ରମାଣିତ ହୁଏ । ସେ ଲିପିର ସମୟ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀର ଠିକ୍ ପ୍ରାରମ୍ଭିକ ଯୁଗ; କିନ୍ତୁ ତା'ପରେ ପରେ ହଠାତ୍ ସେଠାରେ 'ପେଟିକାଶିର ଲିପି' ଆତ୍ମପ୍ରକାଶ କଲା । ସମ୍ଭବତଃ ବାକାଟକ ବଂଶୀୟ ରାଜାମାନଙ୍କ ବ୍ୟବହୃତ ଲିପିର ଅନୁକରଣରେ ସପ୍ତମ ଶତାବ୍ଦୀରେ ଶରଭପୁରୀୟ ରାଜାମାନେ ଓ ନଳ ବଂଶୀୟ ରାଜାମାନେ ସେ ଅଞ୍ଚଳରେ ବ୍ୟବହାର କଲେ । ତାଙ୍କ ପୂର୍ବର ଠିକ୍ ସେ ଲିପି ସମ୍ଭବତଃ କଳିଙ୍ଗର ପ୍ରାଚୀନ ମାଠର ଓ ଗଙ୍ଗାବଂଶୀୟ ରାଜାମାନେ ମଧ୍ୟ ବ୍ୟବହାର କରୁଥିଲେ (୧୭-କ ନମ୍ବର ପ୍ଲେଟ ଦ୍ରଷ୍ଟବ୍ୟ), ଫଳତଃ ଓଡ଼ିଶାର ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ପୂର୍ବେ ଯେଉଁ ଲିପି ପ୍ରବର୍ତ୍ତିତ ହେଲା, ସେଥିରୁ ଉତ୍ତର-ଓଡ଼ିଶାର ପୂର୍ବ ଏବଂ ମଧ୍ୟ ଅଞ୍ଚଳରେ ବ୍ୟବହୃତ ଲିପି ଭିନ୍ନ ହେଲା । ଦକ୍ଷିଣ ଓଡ଼ିଶାର ରାଜାମାନେ ଦକ୍ଷିଣ ଭାରତୀୟ ଚୋଳ, ଚାଲୁକ୍ୟ, ପ୍ରଭୃତି ଦ୍ରାବିଡ଼ ଭାଷାଭାଷୀ ରାଜାମାନଙ୍କ ସଙ୍ଗେ ବୈବାହିକ ସୂତ୍ରରେ ଆବଦ୍ଧ ଥିଲେ । ତେଣୁ ତାଙ୍କ ଦ୍ୱାରା ବହୁ ଦାକ୍ଷିଣାତ୍ୟ ଲେଖକ ନିଯୁକ୍ତ ହୋଇଥିବା ପ୍ରମାଣ ମିଳେ । ସେମାନଙ୍କ ହସ୍ତରେ କଳିଙ୍ଗ (ଦକ୍ଷିଣ-ଓଡ଼ିଶା)ର ଲିପି ଧୀରେ ଧୀରେ ପରିବର୍ତ୍ତିତ ହେଲା । ପୁଣି ସେହି ଦାକ୍ଷିଣାତ୍ୟ ପ୍ରଭାବ କେବଳ କଳିଙ୍ଗନଗର ଗଙ୍ଗ ନୁହେଁ, ବରଂ ସ୍ୱେତକ-ଗଙ୍ଗମାନଙ୍କ ଉପରେ ପଡ଼ିବାରୁ ତାଙ୍କ ପ୍ରଦତ୍ତ ବହୁ ତାମ୍ର ଶାସନର ଲିପି ଦକ୍ଷିଣ-ଭାରତୀୟ

ତଥା ଦ୍ରାବଡ଼ୀୟ ଲିପିଦ୍ୱାରା ପ୍ରଭାବିତ ହୋଇ ଥିବାର ଦେଖାଯାଏ(୧)। ନଂ ୨୪, ୨୫, ୨୬ ଓ ୨୭ ନମ୍ବର ପ୍ଲେଟରେ ସେହି ଲିପି ଗୁଡ଼ିକର ନମୁନା ପ୍ରଦର୍ଶିତ ହେଲା । ତଥାପି ସେମାନେ ଉତ୍ତର-ଭାରତୀୟ ଅକ୍ଷର ସମ୍ପୂର୍ଣ୍ଣ ରୂପେ ବିସ୍ମୃତ ହୋଇ ନଥିଲେ [୨୭ ନମ୍ବର ପ୍ଲେଟ ଦେଖ]



ଏଠାରେ କହି ରଖିବା ଆବଶ୍ୟକ ଯେ କଳିଙ୍ଗ ସଙ୍ଗେ ଖ୍ରୀଷ୍ଟୀୟ ୭ମ ଓ ୮ମ ଶତାବ୍ଦୀରେ କେତେକ ପୂର୍ବ ଦ୍ୱୀପପୁଞ୍ଜର ବାଣିଜ୍ୟମୂଳକ ସହଯୋଗ ରହିଥିଲା । ଏ, ଦେଶରୁ ବହୁ ବଣିକ 'ସାଧୁ' ପରିବାର ଉଠିଯାଇ ସୁଦୂର ବାଲି, ଜାଭା, ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପରେ ଉପନିବେଶ ସ୍ଥାପନ କରିଥିଲେ । ସେମାନେ ବର୍ତ୍ତମାନ ସୁଦ୍ଧା ସେଠାରେ 'କ୍ଲିଙ୍ଗ୍' [କାଳିଙ୍ଗ] ନାମରେ ପରିଚିତ । ଏ ଦେଶର ସଭ୍ୟତା ଓ ସଂସ୍କୃତି ସଙ୍ଗେ ଲିପି ମଧ୍ୟ ସେହି ଦୂର ଦେଶକୁ ପ୍ରସାର ଲାଭ କଲା । ସେଥିର କେତୋଟି ନିଦର୍ଶନ ବର୍ତ୍ତମାନ ଦେଖିବାକୁ ମିଳେ । ଜାଭା ଦ୍ୱୀପର କେବୋନ୍ କୋପି (Kebon Kopi) ନାମକ ସ୍ଥାନରୁ



୧। Burnell's South Indian Palaesgraphy, pls, V and VI ଦ୍ରଷ୍ଟବ୍ୟ।



E.I. XVIII, P312

ଯେଉଁ ଲିପି ସଙ୍ଗୃହୀତ ହୋଇଅଛି ସେଥିର ଆକୃତି ସହିତ କଳିଙ୍ଗରେ ବ୍ୟବହୃତ ଖ୍ରୀଷ୍ଟୀୟ ୪ମ ଠାରୁ ୭ମ ଶତାବ୍ଦୀ ମଧ୍ୟଯୁଗ ଅକ୍ଷରର ସାଦୃଶ୍ୟ ବିଦ୍ୟମାନ । ତାଭିତର କେତେକ ଲିପିରେ ରାଜା ପୂର୍ଣ୍ଣବର୍ମାଙ୍କର ନାମ ଉଲ୍ଲେଖ ଅଛି । କଳିଙ୍ଗର ମାଠର ଓ ଗଙ୍ଗାବଂଶୀୟ ରାଜାମାନେ 'ବର୍ମା' ଉପାଧି ବ୍ୟବହାର କରୁଥିଲେ[୧]

ତେଣୁ ସେମାନଙ୍କ ରାଜତ୍ୱ କାଳରେ କୌଣସି ଏକ ରାଜବଂଶ କଳିଙ୍ଗରୁ ଉଠିଯାଇ ସେହି ପୂର୍ବ ଦ୍ୱୀପପୁଞ୍ଜରେ ସାମ୍ରାଜ୍ୟବିସ୍ତାର କରିଥିବା ସମ୍ଭବ । କେବଳ ସଂସ୍କୃତି ଓ ସାହିତ୍ୟ ନୁହେଁ ସେଠାରେ ସେତେବେଳେ ଯେଉଁ ବୌଦ୍ଧଧର୍ମ ବିସ୍ତାର ଲାଭ କରିଥିଲା, ତା' ସହ ସେମାନଙ୍କ ଦ୍ୱାରା ଗୃହୀତ ହୋଇ ରାଜକୀୟ ଧର୍ମରେ ପରିଣତ ହେଲା ।



E.I. XXIII, P60.

କେହି କେହି ପଣ୍ଡିତଙ୍କ ମତରେ, ଦକ୍ଷିଣ ଭାରତର ଚୋଳ ଓ ପାଣ୍ଡ୍ୟମାନେ ସେଠାରେ ସମ୍ଭବତଃ ଉପନିବେଶ ସ୍ଥାପନ କରିଥିଲେ; କିନ୍ତୁ ତାହା

୧। ବାର୍ଣ୍ଣେଲ (Burnell) ଲେଖିଛନ୍ତି—"With these inscriptions in view it is imPossible to doubt the general truth of the Jave tradition which derives the civilization of]he islands from Kalinga"

(South Indian Polaeography, p. 131 ff.)

ସମ୍ଭବ ପର ବୋଧ ହେଉ ନାହିଁ । କାରଣ, କଳିଙ୍ଗ ସଙ୍ଗେ ଚୋଳ ଓ ପାଣ୍ଡ୍ୟ ରାଜ୍ୟର ପାରିବାରିକ ଓ ସାମାଜିକ ବନ୍ଧନ ଏତେଦୂର ଦୃଢ ହୋଇଥିଲା ଯେ, ତନ୍ମଧ୍ୟସ୍ଥ ଭାଷା ଏବଂ ଅକ୍ଷର ଏ ଦେଶରେ ଯଥେଷ୍ଟ ପ୍ରଭାବ ପକାଇ ପାରିଥିଲା; ସେ ପ୍ରସଙ୍ଗ ମାଠର ଓ ଗଙ୍ଗାବଂଶୀୟ ରାଜାମାନଙ୍କର ବ୍ୟବହୃତ ଲିପିରୁ ସ୍ପଷ୍ଟ ପ୍ରତିପାଦିତ ହୁଏ । କଳିଙ୍ଗରୁ ଯେଉଁ "କ୍ଲିଙ୍ଗ୍" ନାମକ ଜାତି ଜାଭା ପ୍ରଭୃତି ଦ୍ୱୀପକୁ ଉଠିଯାଇ ଥିଲେ, ସେମାନେ ମଧ୍ୟ ସେହି ଦାକ୍ଷିଣାତ୍ୟ ଭାଷା ଓ ସଂସ୍କୃତ ସଙ୍ଗେ ପରିଚିତ ଥିଲେ । ଏଣୁ, ବର୍ତ୍ତମାନ "କ୍ଲିଙ୍ଗ୍"ମାନଙ୍କ କଥିତ ଭାଷାରେ "ତାମିଲ" ଭାଷାର ପ୍ରଭାବ ପରିଲକ୍ଷିତ ହୁଏ ।

ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ ବ୍ୟବହୃତ ଅକ୍ଷର ଶୈଳୋଦ୍ଭବ ବଂଶୀୟ ରାଜାମାନଙ୍କ ତାମ୍ର ଲିପିରୁ ପ୍ରକଟିତ ହୁଏ । ସେ ବଂଶୀୟ ରାଜା ମାଧବ ବର୍ମା ଓ ଧର୍ମରାଜଙ୍କ ସମୟରେ ଲିପି ୨୮ ଓ ୨୯ ନମ୍ବର ପ୍ଲେଟରେ ଦିଆଗଲା । ଓଡ଼ିଶାର ପୂର୍ବୋତ୍ତର ଅଞ୍ଚଳ ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରେ ଭୌମ ରାଜବଂଶର ହସ୍ତଗତ ହେଲା । ସେମାନଙ୍କର ରାଜଧାନୀ ଗୁହେଶ୍ୱର ପାଟକ ଏବଂ ବିରଜା ନଗର (ଆଧୁନିକ ବିରଜାକ୍ଷେତ୍ର ବା ଯାଜପୁର) ଠାରେ ସ୍ଥାପିତ



* EI. xxiii, p. 129

ହୋଇଥିଲା । ସେଠାରୁ ସେମାନେ ଉତ୍ତର ତୋଷଳୀ ଓ ଦକ୍ଷିଣ ତୋଷଳୀ ସମେତ କୋଙ୍ଗଦ ମଣ୍ଡଳରେ ଶାସନ ବିସ୍ତାର କଲେ । ତାଙ୍କର ଅଧୀନସ୍ଥ ବହୁ ସାମନ୍ତ ରାଜା ଓଡ଼ିଶାରବଭିନ୍ନ ପ୍ରଦେଶରେ ରାଜତ୍ୱ କରୁଥିବା ଜଣାଯାଏ ।



ଭୌମମାନେ ଆସାମ ବା ପ୍ରାଚୀନ ପ୍ରାଗ୍‌ଜ୍ୟୋତିଷ ରାଜ୍ୟରେ ଅବସ୍ଥିତ ଭୌମ ରାଜବଂଶର ଗୋଟିଏ ଶାଖା । ସେମାନେ ନିଜକୁ ନରକ ଓ ଭଗଦତ୍ତ ବଂଶୀୟ ବୋଲି କହନ୍ତି । ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ ମହାରାଜ ହର୍ଷବର୍ଦ୍ଧନଙ୍କ ହସ୍ତରେ କର୍ଣ୍ଣସୁବର୍ଣ୍ଣ (ଗୌଡ଼)ର ମହାରାଜାଧିରାଜ ଶଶାଙ୍କ ପରାସ୍ତ ହେଲାପରେ ଓଡ଼ିଶା ତଥା ପୂର୍ବ ଭାରତୀୟ ରାଜମଣ୍ଡଳରେ ଗୋଟିଏ ଘୋର ପରିବର୍ତ୍ତନ ଦେଖାଦେଲା । ସେତିକିବେଳେ ପ୍ରାଗ୍‌ଜ୍ୟୋତିଷରୁ ଭୌମବଂଶୀୟ ରାଜା ଭାସ୍କର ବର୍ମା କର୍ଣ୍ଣସୁବର୍ଣ୍ଣ ଅଧିକାର କଲେ । ସମ୍ଭବତଃ ତା'ପରେ ଭୌମ ରାଜବଂଶର ଆଉ ଗୋଟିଏ ଶାଖା ଓଡ଼ିଶା ଅଧିକାର କରି ଶୈଳୋଦ୍ଭବ ରାଜବଂଶର ଉଚ୍ଛେଦସାଧନ କଲେ । ସେତେବେଳେ ସେମାନେ ଯେଉଁ କର୍ମଚାରୀମାନଙ୍କୁ ଶାସନକାର୍ଯ୍ୟରେ ନିଯୁକ୍ତ କଲେ, ତାଙ୍କଦ୍ୱାରା ପୂର୍ବଭାରତୀୟ ଲିପି ଓ ସଂସ୍କୃତି ଏ' ରାଜ୍ୟରେ ପରିବ୍ୟାପ୍ତ ହେଲା । ଏହି ଲିପିକୁ "ଭୌମ ଲିପି" ନାମ ଦିଆଯାଇଥିବା ସମ୍ଭବ । କାରଣ, ସେତେବେଳେ ସମଗ୍ର ଭାରତରେ ଯେଉଁ ୧୭ ପ୍ରକାର ଲିପି ପ୍ରଚଳିତ ହେଉଥିଲା * ତନ୍ମଧ୍ୟରୁ "ଭୌମବାହିକ" ନାମକ ଲିପି ହୁଏତ ସେହି ଭୌମବଂଶୀୟ ରାଜମାନଙ୍କଦ୍ୱାରା ବ୍ୟବହୃତ ହେଉଥିଲା ।

---

* ଜୈନଧର୍ମ ଗ୍ରନ୍ଥ "ସମବାୟ ସୂତ୍ର"ରେ ନିମ୍ନ ପ୍ରକାରେ ସେହି ଲିପି ଗୁଡ଼ିକର ନାମ ଉଲ୍ଲେଖ ଅଛି—

(୧) ବ୍ରାହ୍ମୀ (୨) ଯବନାଳି (୩) ଦଶୋଉରିୟା (୪) ପୁଷ୍କରବାଶିକା (୫) ପାହାରିକା (୬) ଉଚ୍ଚର କୁରିକା (୭) ଅକ୍ଷରପୁଷ୍ଟିକା (୮) ଭୌମବାହିକା (୯) ବକ୍ଷେପିକା (୧୦) ନିକ୍ଷେପିକା (୧୧) ଅଙ୍କଲିପି (୧୨) ଗଣିତ ଲିପି (୧୩) ଗନ୍ଧର୍ବ ଲିପି (୧୪) ଆଦର୍ଶକ ଲିପି (୧୫) ମାହେଶ୍ୱର ଲିପି (୧୬) ଦ୍ରାବିଡ଼ୀ ଲିପି ଏବଂ (୧୭) ବୋଲିନ୍ଦ ବା ପୋଲିନ୍ଦ ଲିପି ।

୩୦ ନମ୍ବର ପ୍ଲେଟରେ ଭୌମ ରାଜାମାନଙ୍କ ପ୍ରଦତ୍ତ ତାମ୍ରଶାସନ ଗୁଡ଼ିକରେ ବ୍ୟବହୃତ ଲିପିର ନମୁନା ପ୍ରଦର୍ଶିତ ହେଲା; କିନ୍ତୁ ସେହି ବଂଶୀୟ

୩୦



ରାଜା ଉନ୍ମତ୍ତକେଶରୀଙ୍କ ସମସାମୟିକ ଶ୍ୱେତକ ଗଙ୍ଗାବଂଶୀୟ ରାଜା ଜୟବର୍ମା ଦକ୍ଷିଣ ଓଡ଼ିଶାରେ ଯେଉଁ ପ୍ରକାର ଲିପି ବ୍ୟବହାର କରୁଥିଲେ ତାହା ଦକ୍ଷିଣ-ଭାରତରେ ପ୍ରଚଳିତ ଲିପିମାଳା ଦ୍ୱାରା ପ୍ରଭାବିତ ହୋଇଥିଲା । ଜୟବର୍ମାଙ୍କର ବଡ଼ଖିମୁଣ୍ଡିରୁ ପ୍ରାପ୍ତ ଗୋଟିଏ ତାମ୍ରଶାସନରେ ବ୍ୟବହୃତ ଅକ୍ଷରରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ, ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରେ ଓଡ଼ିଶାର ଲିପିମାଳା ପୂର୍ବ ଭାରତୀୟ ଏବଂ ଦକ୍ଷିଣ ଭାରତୀୟ ଲିପିଗୁଡ଼ିକଦ୍ୱାରା ପ୍ରଭାବିତ ହୋଇ କଳିଙ୍ଗରେ ଏକପ୍ରକାର ମିଶ୍ରିତ ଲିପିର ସ୍ୱରୂପ ଧାରଣ କଲା । ଖ୍ରୀଷ୍ଟୀୟ ୧୧ଶ ଶତାବ୍ଦୀରେ ଗଙ୍ଗାବଂଶୀୟ ରାଜା ବଜ୍ରହସ୍ତଙ୍କ ସମୟରେ ସେହି ଉଭୟ ପ୍ରକାର ଲିପିର ପ୍ରଚଳନ ଏ ଦେଶରେ ଏତେ ଦୂର ପରିଚିତ ହୋଇ ଯାଇଥିଲା ଯେ, ସେତେବେଳର ଲିପିକାରମାନେ ନିଜ ନିଜର ପାରଗତା ପ୍ରତିପାଦନ ଉଦ୍ଦେଶ୍ୟରେ ଏକା ତାମ୍ରଶାସନରେ ବିଭିନ୍ନ ପ୍ରକାର ଅକ୍ଷର ବ୍ୟବହାର କରିଥିବାର ଜଣାଯାଏ । ୩୧ ନମ୍ବର ପ୍ଲେଟ୍‌ରେ ମହାରାଜ ବଜ୍ରହସ୍ତଙ୍କର ଗୋଟିଏ ଦାନପତ୍ରରୁ ସଂଗୃହୀତ ଅକ୍ଷରାବଳୀ ପ୍ରଦର୍ଶିତ ହେଲା ।

୩୧



ଯେଉଁ ସମୟରେ ଗଙ୍ଗବଂଶୀୟ ରାଜାମାନେ କଳିଙ୍ଗରେ ଏପରି ଏକ ମିଶ୍ରିତ ଲିପି ବ୍ୟବହାର କରୁଥିଲେ, ସେତେବେଳେ ଦକ୍ଷିଣ-କୋଶଳ ସମେତ

ଉତ୍କଳରାଜ୍ୟ ସୋମବଂଶୀ ରାଜାମାନଙ୍କ ଅଧିକାରକୁ ଆସିଥିଲା । କାରଣ ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀରେ ଭୌମ ରାଜବଂଶ ଅସ୍ତମିତ ହେଲା ପରେ ସୋମବଂଶୀ ରାଜା ଯଯାତି ତାଙ୍କର ରାଜଧାନୀ ସୁବର୍ଣ୍ଣପୁର (ସୋନପୁର)ରୁ ଉଠାଇ ଯଯାତିନଗର ଠାରେ ମହାନଦୀ କୂଳରେ ତାହା ସ୍ଥାପନ କଲେ । ତଦବଧି ଦକ୍ଷିଣ କୋଶଳ, ତୋଷଳୀ, ଉତ୍କଳ ଓ କୋଙ୍ଗଦ, ଏହି ପ୍ରଦେଶଗୁଡ଼ିକ ଏକ ଶାସନାଧୀନ ହେଲା । ସୋମବଂଶୀ ରାଜାମାନଙ୍କ ଦ୍ୱାରା ଭାରତର ଉତ୍ତରାଞ୍ଚଳରୁ ବହୁ ବ୍ରାହ୍ମଣ ପଣ୍ଡିତ ଓ ରାଜକର୍ମଚାରୀ ଏ ଦେଶରେ ଆସି ରହିଲେ । ତାଙ୍କଦ୍ୱାରା ଉତ୍ତର ପଥର ଲିପି ଓ ସଂସ୍କୃତି ପ୍ରଚୁର ଭାବେ ଏ ଦେଶକୁ ଆନୀତ ହେଲା । ଏଣୁ ତାଙ୍କ ବ୍ୟବହୃତ ଲିପିରେ ଦାକ୍ଷିଣାତ୍ୟ ପ୍ରଭାବ ନ ପଡ଼ି ପୂର୍ବ ଏବଂ ଉତ୍ତର-ଭାରତୀୟ ପ୍ରଭାବ ପଡ଼ିଥିବା ପରିଲକ୍ଷିତ ହୁଏ । ଉଦାହରଣସ୍ୱରୂପ, ଯଯାତିଙ୍କର (ମୁରଙ୍ଗମୂରା) ତାମ୍ରଶାସନରେ ଯେଉଁ ଅକ୍ଷର ବ୍ୟବହୃତ, ପ୍ରାୟ ସେପରି ଅକ୍ଷର ଓ ଲିଖନ ଭଙ୍ଗୀ ଭୌମବଂଶୀ ରାଜା ଶୁଭକରଦେବଙ୍କ ଲିପି (୩୦ ନମ୍ବର ପ୍ଲେଟ)ରେ ଦେଖିବାକୁ ମିଳେ । ଯଯାତିଙ୍କର ତାମ୍ରଶାସନରେ ବ୍ୟବହୃତ ଲିପି ୩୧ ନମ୍ବର ପ୍ଲେଟରେ ପ୍ରଦର୍ଶିତ ହେଲା । ତାଙ୍କର ସମସାମୟିକ କେତେ ଭଞ୍ଜବଂଶୀୟ ରାଜା ମଧ୍ୟ ଘୁମୁସର ଓ ବୌଦ ଅଞ୍ଚଳରେ ସେ ପ୍ରକାର ଲିପି ବ୍ୟବହାର କରୁଥିଲେ । (୩୨ କ ନମ୍ବର ପ୍ଲେଟ ଦ୍ରଷ୍ଟବ୍ୟ)



ସୋମବଂଶୀ ରାଜାମାନଙ୍କଦ୍ୱାରା ନିଯୁକ୍ତ ଲେଖକମାନେ ଉତ୍ତର ଓ ପୂର୍ବଭାରତର ପ୍ରଚଳିତ ୧୦ମଠାରୁ ୧୨ଶ ଶତାବ୍ଦୀର ମଧ୍ୟକାଳୀନ ଲିପି ପ୍ରଚଳନ କରୁଥିଲେ । ସେହି ଅକ୍ଷର ଗୁଡ଼ିକ ମୁଖ୍ୟତଃ ଓଡ଼ିଶାରେ ପ୍ରଚଳିତ ପ୍ରାଚୀନ ଲିପିର କ୍ରମବିକାଶ ମାତ୍ର । ତଥାପି, ଲେଖକ ସମ୍ପ୍ରଦାୟର ରୁଚି ଓ ଲିଖନଭଙ୍ଗୀ ଅନୁସାରେ ସେଗୁଡ଼ିକର ଶୀର୍ଷଦେଶରେ ବିଭିନ୍ନ ପ୍ରକାର ଚୂଳ ଯୁକ୍ତ କରାଯାଉଥିଲା । ଉଦାହରଣସ୍ୱରୂପ ସୋମବଂଶୀ ରାଜା ମହାଭବଗୁପ୍ତ ଜନ୍ମେଜୟଙ୍କ ଲିପିକାରମାନେ ତାଙ୍କ ପ୍ରଦତ୍ତ ୪ଟି ତାମ୍ରଶାସନରେ ବିଭିନ୍ନ

ପ୍ରକାର ଚୂଳ ବ୍ୟବହାର କରିଅଛନ୍ତି । ଏହା ୭୭୬, ୭୭୭, ୭୭୮ ଓ ୭୭୯ ନମ୍ବର ପ୍ଲେଟଗୁଡ଼ିକରେ ପ୍ରଦର୍ଶିତ ହେଲା ।

୭୭୬



୭୭୭



୭୭୮



୭୭୯



ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀପରେ ଓଡ଼ିଶାର ପ୍ରତି ଅଞ୍ଚଳରେ ବ୍ୟବହୃତ ଲିପି କ୍ରମେ ସମାନ ଆକାର ଧାରଣ କଲା । ଏଥିପାଇଁ ବୋଧହୁଏ ତତ୍କାଳୀନ ରାଜନୈତିକ ପରିସ୍ଥିତି ପ୍ରଧାନତଃ ଦାୟୀ । ସୋମବଂଶୀୟ ରାଜାମାନେ ଦକ୍ଷିଣ କୋଶଳ ସଙ୍ଗେ ଉତ୍କଳର ସମ୍ମିଶ୍ରଣ କରି ଯେଉଁ ସାମ୍ରାଜ୍ୟ ପ୍ରତିଷ୍ଠା କଲେ, ସେଥିରେ ମୁଖ୍ୟତଃ ଉତ୍କଳୀୟ ସଂସ୍କୃତିର ମୂଳଦୁଆ ପଡ଼ିଲା କହିଲେ ଚଳେ । ମହାରାଜା ଉଦ୍ୟୋତକେଶରୀଙ୍କ ସମୟରେ ଭୁବନେଶ୍ୱରଠାରେ ବିଶାଳ ଲିଙ୍ଗରାଜଙ୍କ ମନ୍ଦିର ଓ ତାଙ୍କ ମାତା କୋଳାବତୀଙ୍କ ଦ୍ୱାରା ବ୍ରହ୍ମେଶ୍ୱର ମନ୍ଦିର ନିର୍ମିତ ହେଲା । ସେତେବେଳେ ଏ ଦେଶରେ ଲିପି ଯେଉଁ ଆକୃତି ଧାରଣ କଲା, ତାହା ହିଁ ଅଧିକାଂଶ ଓଡ଼ିଆ ଅକ୍ଷରର ଜନକ କହିଲେ ଚଳେ । (୩୪ ନମ୍ବର ପ୍ଲେଟ ଦ୍ରଷ୍ଟବ୍ୟ) । ଏ ବଂଶର ଶେଷ କର୍ଣ୍ଣଦେବଙ୍କୁ ଯୁଦ୍ଧରେ ପରାସ୍ତ କରି



କଳିଙ୍ଗର ଗଙ୍ଗାବଂଶୀୟ ରାଜା ଚୋଡ଼ଗଙ୍ଗ ଦେବ ଉତ୍କଳର ଅଧୀଶ୍ୱର ହେଲେ । ଖ୍ରୀଷ୍ଟୀୟ ୧୨ଶ ଶତାବ୍ଦୀ ପ୍ରାରମ୍ଭ କାଳରେ ଏହା ସମ୍ଭବ ହେଲା । ସେତେ-ବେଳେ କଳିଙ୍ଗ ସଙ୍ଗେ ଉତ୍କଳର ମିଶ୍ରଣ ହୋଇ ଯେଉଁ ବିଶାଳ ସାମ୍ରାଜ୍ୟ ସ୍ଥାପିତ ହେଲା ସେଥିରେ ସୀମା ସାଧାରଣତଃ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଲା । ସୁତରାଂ ସମଗ୍ର ଓଡ଼ିଆ ଅଧ୍ୟୁଷିତ ରାଜ୍ୟରେ ଗଙ୍ଗାବଂଶୀୟ ରାଜନ୍ୟବର୍ଗ ତାଙ୍କର ସୁଦକ୍ଷ ଶାସନକାର୍ଯ୍ୟ ଚଳାଇଲେ । ସେମାନେ ଓଡ଼ିଶାର ପ୍ରାଚୀନ ସଂସ୍କୃତି, ଧର୍ମ ଭାଷା ଓ ଲିପିକୁ ଅକ୍ଷୁର୍ଣ୍ଣ ରଖି ସେ ସବୁର ଯଥେଷ୍ଟ ଉତ୍କର୍ଷ ସାଧନ କଲେ । ଗଙ୍ଗାବଂଶୀୟ ରାଜାମାନେ "ଆର୍ଯ୍ୟ" ଜାତୀୟ ବୋଲି ଚୋଡ଼ଗଙ୍ଗଙ୍କ ସମୟରୁ ଦାବୀ କରନ୍ତି । ତେଣୁ ସେମାନେ ଉତ୍ତର ଭାରତୀୟ ଭାଷା ଓ ଲିପିର ଦୃଢ଼ତା ଏ ଦେଶରେ ବଦ୍ଧମୂଳ କରିବା ଉଦ୍ଦେଶ୍ୟରେ ଓଡ଼ିଆ ଲିପି ପ୍ରତୀକ ଲିପି ଏଠାରେ ବ୍ୟବହାର କରିଥିବା ଜଣାଯାଏ । ମହାରାଜା

ଶ୍ୱେତଗଂଗଙ୍କ ପିତାମହ ଏବଂ ନିଜେ ଶ୍ୱେତଗଂଗଙ୍କ ଯେଉଁ ଉତ୍ତରଭାରତୀୟ ଲିପି ଓ ଭାଷାର ବ୍ୟବହାର କରିଅଛନ୍ତି, ସେଥିର ନମୁନା ୩୫ ଓ ୩୬ନମ୍ବର ପ୍ଲେଟରେ ପ୍ରଦତ୍ତ ହେଲା । ଏହାକୁ ଆମ୍ଭେ ପ୍ରତ୍ନ-ଓଡ଼ିଆ (Proto Oriya) ଲିପିର ଆଦ୍ୟ ରୂପ ବୋଲି ନିର୍ଦ୍ଦେଶ କଲେ ଅସଂଗତ ହେବ ନାହିଁ ।



ଉପରୋକ୍ତ ପ୍ରକାରେ "ପ୍ରତ୍ନ-ଓଡ଼ିଆ-ଲିପି" ପ୍ରତୀକ ଅକ୍ଷର ସୋନପୁର ଅଞ୍ଚଳରେ ମଧ୍ୟ ସୋମବଂଶୀ କୁମାର ସୋମେଶ୍ୱର ଏବଂ ତାଙ୍କ ପରେ ତୈଳ-ବଂଶୀୟ ରାଜା ସୋମେଶ୍ୱର ଦେବ ବ୍ୟବହାର କରିଥିବା ପ୍ରମାଣ ମିଳେ । ୩୭ ଓ ୩୮ ନମ୍ବର ପ୍ଲେଟରେ ସେମାନଙ୍କ ଦ୍ୱାରା ବ୍ୟବହୃତ ଲିପିର ନମୁନା ପ୍ରଦର୍ଶିତ ହେଲା ।







ଓଡ଼ିଶାରେ ଯେଉଁ ପ୍ରନ୍-ଓଡ଼ିଆ ଲିପି ଖ୍ରୀଷ୍ଟୀୟ ୧୨ଶ ଶତାବ୍ଦୀରେ ପ୍ରଚଳିତ ହେଲା, ସେଥିର ପ୍ରଭାବ ଓଡ଼ିଶାରେ ଆବଦ୍ଧ ହୋଇ ରହିଲା ନାହିଁ। ଉତ୍କଳୀୟ ଲେଖକ ଓ ପଣ୍ଡିତମାନେ ସେତେବେଳେ ଦୂର ଦୂରାନ୍ତର ଦେଶରେ ଆଦୃତ ହେଉଥିବାରୁ ସେ ଲିପିର ପ୍ରଭାବ ସୁଦୂର ଆସାମରେ ମଧ୍ୟ ପ୍ରଚଳିତ ହେଲା। କାମରୂପର ରାଜା ବୈଦ୍ୟନାଥଙ୍କର ଗୋଟିଏ ଅନୁଶାସନରୁ ଉତ୍କଳୀୟ ଲିପିର ପ୍ରଭାବ ଅନୁଭୂତ ହୁଏ। ୩୯ ନମ୍ବର ପ୍ଲେଟରେ ସେ ଲିପିର ନମୁନା ପ୍ରଦର୍ଶିତ ହେଲା।



ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀରେ ଓଡ଼ିଶାରେ ଯେତେବେଳେ ମହାରାଜା ୨ୟ, ଅନଙ୍ଗଭୀମଦେବ ଶାସନକାର୍ଯ୍ୟ ଚଳାଉଥିଲେ, ସେତେବେଳେ ଘୁମୁସର ଠାରେ ମହାରାଜା ଯଶଭଞ୍ଜ ଯେଉଁ ତାମ୍ରଶାସନ ଦାନ କରିଅଛନ୍ତି ସେଥିରେ ଲିପି ପ୍ରନ୍-ଓଡ଼ିଆ ଲିପିର ସ୍ପଷ୍ଟ ବିକାଶ ବୋଲି କୁହାଯାଇ ପାରେ। ୪୦ ନମ୍ବର ପ୍ଲେଟରେ ସେଥିର ଉଦାହରଣ ଦିଆଗଲା।



ଏ' ଲିପିରୁ ଖ୍ରୀଷ୍ଟୀୟ ୧୪ଶ ଓ ୧୫ଶ ଶତାବ୍ଦୀରେ ୪ର୍ଥ ନରସିଂହଙ୍କ ସମୟରେ ଯେଉଁ ଅକ୍ଷର ବିକାଶ ଲାଭ କଲା ତାହା ଓଡ଼ିଶାରେ ସୂର୍ଯ୍ୟବଂଶୀ ରାଜା କପିଳେଶ୍ୱର ଦେବଙ୍କ ସମୟରେ ଅଧିକ ମାର୍ଜିତ ଆକାର ଧାରଣ କରିଛି। ପୁଣି ଭୌଇବଂଶୀୟ

ମହାରାଜା ରାମଚନ୍ଦ୍ର ଦେବଙ୍କ ସିରଜାଙ୍ଗ ଶିଳାଲିପିରେ (୧) ତାହା ସ୍ପଷ୍ଟତର ହୋଇଯାଇଛି । ସେଥିରୁ ହିଁ କାଳକ୍ରମେ ପ୍ରାଚୀନ ତାଳପତ୍ର ପୁସ୍ତକରେ ଲେଖାଯାଇଥିବା ପ୍ରାଚୀନ ଅକ୍ଷରଗୁଡ଼ିକର ଜନ୍ମ । ୪୧ ଓ ୪୨ ନମ୍ବର ପ୍ଲେଟ୍ ମାନଙ୍କରେ ସେହି କ୍ରମ-ବିକାଶର ନମୁନା ପ୍ରଦର୍ଶିତ ହେଲା । କପିଳେନ୍ଦ୍ରର ଦେବଙ୍କ ସମୟରେ ବ୍ୟବହୃତ ଓଡ଼ିଆ ଅକ୍ଷର ଓ ମହାରାଜା ମୁକୁନ୍ଦଦେବଙ୍କ ସମୟରେ ବ୍ୟବହୃତ ଓଡ଼ିଆ ଅକ୍ଷର ମଧ୍ୟରେ ଯେଉଁ ତାରତମ୍ୟ ପରିଲକ୍ଷିତ ହୁଏ ସେଥିର ନିଦର୍ଶନ ରୂପେ ୧୦ଟି ଅକ୍ଷରର ଆକୃତି ନିମ୍ନରେ ଦିଆଗଲା :—

୪୧



୪୨



ପ୍ରାଚୀନ-ଓଡ଼ିଆ-ଲିପିରେ ବହୁ ପ୍ରକାର ଆକୃତି ବିଶିଷ୍ଟ ସଂଯୁକ୍ତାକ୍ଷର ବ୍ୟବହୃତ ହେବାର ଦେଖାଯାଏ । ପ୍ରାଚୀନ ତାଳପତ୍ର ପୋଥିରୁ ସଂଗୃହୀତ କେତେକ ସଂଯୁକ୍ତାକ୍ଷର ୪୨ ନମ୍ବର ପ୍ଲେଟ୍‌ରେ ପ୍ରଦର୍ଶିତ ହେଲା ।

ସଂଯୁକ୍ତାକ୍ଷରର ବ୍ୟବହାର ବହୁଳ ପ୍ରାଚୀନ ଓଡ଼ିଆ ଲିପିରେ

୧ । ଏ ଶିଳାଲିପି ବର୍ତ୍ତମାନ ଓଡ଼ିଶା ମ୍ୟୁଜିୟମ, ଭୁବନେଶ୍ବରରେ ସଂରକ୍ଷିତ ।

ଶବ୍ଦକୁଞ୍ଚନ ପ୍ରଥା ସେ ଯୁଗରେ ବୋଧହୁଏ ଲେଖକମାନଙ୍କର ପାରଦର୍ଶିତା ପ୍ରମାଣିତ କରୁଥିଲା । ଏହି ପ୍ରଥା ଅନୁଯାୟୀ 'ଗଜପତି' ଶବ୍ଦ 'ଗଜପ୍ତି' 'ପରମେଶ୍ୱର' ଶବ୍ଦ 'ପ୍ରମେଶ୍ୱର' ବା ପ୍ରମେଶ୍ୱ; 'ତାହା+ଙ୍କର' ଶବ୍ଦ 'ତାଙ୍କ' ଇତ୍ୟାଦି ପ୍ରକାରରେ ଲେଖାଯାଉଥିଲା । (୧)

ଓଡ଼ିଆ ଲିପିର ଲିଖନଭଙ୍ଗୀ ହେଉଛି, ପ୍ରାୟ ପ୍ରତ୍ୟେକ ଅକ୍ଷରକୁ ଗୋଲ ଗୋଲ ଆକୃତିରେ ଲେଖିବା । ଏ ବିଷୟରେ ବିମ୍ (Beem) ସାହେବ ଅନୁମାନ କରନ୍ତି ଯେ, ମଧ୍ୟଭାରତୀୟ କୁଟିଳାକ୍ଷରରୁ ଓଡ଼ିଆ ଲିପି ଜାତ ହୋଇଥିବ । ଓଡ଼ିଶାରେ ତାଳପତ୍ର ଓ ଲୌହ ଲେଖନୀ ସାହାଯ୍ୟରେ ପ୍ରାଚୀନ ଗ୍ରନ୍ଥଗୁଡ଼ିକ ଲେଖାଯାଉ ଥିବାରୁ ତାହା ବର୍ତ୍ତୁଳାକୃତି ଧାରଣ କଲା । (୨)

ପ୍ରନ୍‌-ଓଡ଼ିଆ-ଲିପି ତାଳପତ୍ର ପୋଥିମାନଙ୍କରେ ଲେଖା ହେଉଥିଲା । ସେପରି ପୋଥିର ପରମାୟୁ ଦୁଇଶହ ବା ତିନିଶହ ବର୍ଷରୁ ଊର୍ଦ୍ଧ୍ୱ ନୁହେଁ । ଓଡ଼ିଶାରୁ ପ୍ରାପ୍ତ ପ୍ରାଚୀନ ତାଳପତ୍ର ପୋଥି ରାଜା ମୁକୁନ୍ଦଦେବ (ଖ୍ରୀ: ଅ: ୧୬୮୩) ଙ୍କ ପୂର୍ବରୁ ଲେଖା ହୋଇ ନଥିଲା ବୋଲି ହୋର୍ନଲ୍ ସାହେବ (A. T. R. Hoernle) ତ ପ୍ରକାଶ କରନ୍ତି । ସେ ଆହୁରି ମଧ୍ୟ କହନ୍ତି ଯେ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ପୂର୍ବରୁ ଲିଖିତ ତାଳପତ୍ର ପୋଥି ଓଡ଼ିଶାରେ ନାହିଁ (୩) । କେତେକ ପଣ୍ଡିତଙ୍କ ମତରେ, ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀ ପୂର୍ବରୁ ଓଡ଼ିଆ ଲିପି ଗଠିତ ହୋଇ ନଥିଲା । (୪) ଏହିସ ମତର ଅସାରତା ବର୍ତ୍ତମାନ ପ୍ରମାଣିତ ହୋଇଥିବାରୁ ସେ ସମ୍ବନ୍ଧେ ଅଧିକ କିଛି କହିବା ଅନାବଶ୍ୟକ ।

—※—

୧ । ମତ୍ ପ୍ରଣୀତ "ଓଡ଼ିଆ ଲିପିର କ୍ରମବିକାଶ" ପୃ—୩୦-୩୧ ଦ୍ରଷ୍ଟବ୍ୟ ।

୨ । Comparative Grammar of the Modern Aryan Languages of India, Introduction, P. 63 FF.

୩ । ନଗେନ୍ଦ୍ରନାଥ ବସୁ ମଧ୍ୟ ଏହାସ୍ୱୀକାର କରନ୍ତି । J.A.S.B. Vol LXV(1896), P. 231 ଦ୍ରଷ୍ଟବ୍ୟ ।

୪ । J. A. S. B. 1900, P. 118 ଦ୍ରଷ୍ଟବ୍ୟ ।

ଓଡ଼ିଆ ଶବ୍ଦତତ୍ତ୍ୱ

ଅଧ୍ୟାପକ ଗିରିଜାଶଙ୍କର ରାୟ

ନିଜ ନିଜର ମନୋଭାବର ସୁସ୍ପଷ୍ଟ ପ୍ରକାଶ ନିମନ୍ତେ ମନୁଷ୍ୟମାନେ ଯେଉଁ ସବୁ ଧ୍ୱନି ବା ତାହାର ଲିଖିତ ରୂପ ବ୍ୟବହାର କରନ୍ତି ସେଗୁଡ଼ିକ ଶବ୍ଦ ବୋଲି ପରିଚିତ । ଅନର୍ଥକ କୋଳାହଳ ଧ୍ୱନି ମାତ୍ର, ତାହା ଭାଷାଗତ ଶବ୍ଦ ନୁହେଁ, ସେଥିରେ ଅନ୍ତର୍ନିହିତ ଅର୍ଥ ଥାଇପାରେ, ଭବଦ୍ରକାଟିକା ଶ୍ଳେ ଥାଇ-ପାରେ, ମାତ୍ର ସୁନିୟନ୍ତ୍ରିତ ଓ ସୁବ୍ୟବସ୍ଥିତ ନ ହେଲେ ସେହି ଧ୍ୱନିମାନଙ୍କୁ ଭାଷାଗତ ଶବ୍ଦ ବୋଲି ଗଣନା କରାଯାଏ ନାହିଁ । ଓଡ଼ିଆ ଭାଷାରେ, ଓଡ଼ିଆ ସାହିତ୍ୟରେ ଓଡ଼ିଶାର ନାନା ଅଞ୍ଚଳରେ ଭାବର ଆଦାନ-ପ୍ରଦାନ ନିମନ୍ତେ ଯାହା ସୁସ୍ପଷ୍ଟ-ଭାବରେ ବ୍ୟବହୃତ ସେଗୁଡ଼ିକ ଓଡ଼ିଆ ଶବ୍ଦ; ଅନ୍ୟ ଦିଗରେ ଯେଉଁ ଶବ୍ଦଗୁଡ଼ିକ ଓଡ଼ିଶାରେ ପରିଚିତ ବା ପ୍ରଚଳିତ ନୁହେଁ କିମ୍ବା ଓଡ଼ିଆ ସାହିତ୍ୟରେ ସ୍ଥାନ ପାଇନାହିଁ, ବିଭିନ୍ନ ଭାଷାରେ ବିଭିନ୍ନ ଅର୍ଥ ପ୍ରକାଶ କରୁଥିଲେ ମଧ୍ୟ ସେ ଗୁଡ଼ିକ ଓଡ଼ିଆ ଶବ୍ଦ ନୁହନ୍ତି । ଅବଶ୍ୟ ସମୟ କ୍ରମେ ନାନା ପ୍ରୟୋଜନ ହେତୁରୁ ଓ ପରବର୍ତ୍ତୀ ଯୁଗରେ ନୂତନ ନୂତନ ଭାଷାର ଶବ୍ଦକୁ ସ୍ୱୀକାରକରି ନିଆଯାଇପାରେ କିମ୍ବା ନୂତନଶବ୍ଦ ଗଠିତ ହୋଇପାରେ, ସେତେ-ବେଳେ ସେ ଗୁଡ଼ିକ ଓଡ଼ିଆ ଶବ୍ଦ ବୋଲି ପରିଗଣିତ ହେବ, ମାତ୍ର ବର୍ତ୍ତମାନ ପାଇଁ ସେ ଗୁଡ଼ିକ ଓଡ଼ିଆ ଶବ୍ଦ ନୁହନ୍ତି । ଅନ୍ୟ ଦିଗରେ ଏପରି ଅନେକ ଶବ୍ଦ ଅଛି ଯାହା ପୂର୍ବେ ବ୍ୟବହୃତ ହେଲେ ମଧ୍ୟ ବର୍ତ୍ତମାନ ଅପ୍ରଚଳିତ; ସେ ଗୁଡ଼ିକ ଓଡ଼ିଆ ଶବ୍ଦରାଶିର ଅନ୍ତର୍ଗତ । 'ଅରରୁ' ସଂସ୍କୃତ ଶବ୍ଦ, ତାହା ବଙ୍ଗ ଭାଷାରେ

ମାଇକେଲ୍ ମଧୁସୂଦନଙ୍କ ମେଘନାଦ ବଧ କାବ୍ୟରେ ଶତ୍ରୁ ଅର୍ଥରେ ବ୍ୟବହୃତ ମାତ୍ର ଓଡ଼ିଆ ସାହିତ୍ୟରେ ଏହାର ବ୍ୟବହାର ନାହିଁ । ଏଣୁ ଏହାକୁ ଓଡ଼ିଆ ଶବ୍ଦ ବୋଲି ମନେ କରିବା ଅନୁଚିତ । ଅନ୍ୟ ଦିଗରେ ଦାମ୍ଭିକ, ଦିଗ୍ଧ ପ୍ରଭୃତି କେତେକ ଶବ୍ଦ ପୂର୍ବେ ଓଡ଼ିଆ ସାହିତ୍ୟରେ ବ୍ୟବହୃତ ହୋଇଅଛି, ମାତ୍ର ବର୍ତ୍ତମାନ ଏଗୁଡ଼ିକର ପ୍ରଚଳନ ନ ଥିଲେହେଁ, ଏମାନେ ଓଡ଼ିଆ ଶବ୍ଦ-ରୂପରେ ପରି ଗଣିତ । ଯେ କୌଣସି ସଂସ୍କୃତ ଶବ୍ଦ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇପାରେ; କିନ୍ତୁ ସେପରି ବ୍ୟବହାର ଉଦାହରଣ ନ ଥିଲେ ସଂସ୍କୃତର ଅନନ୍ତ ଭଣ୍ଡାରର ଅକ୍ଷୟ ଶବ୍ଦ ସମ୍ଭାର ମଧ୍ୟରୁ ଶବ୍ଦ ଚୟନ କରି ସେମାନଙ୍କୁ ଓଡ଼ିଆ ଶବ୍ଦ ବୋଲି ପରିଚିତ କରାଇବା ଅସଙ୍ଗତ । କେବଳ ସଂସ୍କୃତ ଭାଷାକ୍ଷେତ୍ରରେ ଯେ ଏହା ପ୍ରଯୋଜ୍ୟ ତାହା ନୁହେଁ । ଇଂରାଜୀ ଜଜ୍ ଶବ୍ଦ ବହୁ ପ୍ରଚଳିତ; ଏଣୁ ଏହା ଓଡ଼ିଆ ଶବ୍ଦ ଓ ଏହି ଶବ୍ଦରୁ ଜାତ ଜଜିଯତି ଶବ୍ଦ ନିଶ୍ଚୟ ଓଡ଼ିଆ, କିନ୍ତୁ ବାଜି ରଖିବା ଅର୍ଥରେ ବେଟ୍ (bet) ବା ଚରମ ପତ୍ରରେ ଦାନ ଅର୍ଥରେ ବିକ୍ୱେଷ୍ଟ (bequest) ଓଡ଼ିଆରେ ପ୍ରଚଳିତ ନୁହେଁ, ତେଣୁ, ସେଗୁଡ଼ିକ ଓଡ଼ିଆ ଶବ୍ଦ ନୁହନ୍ତି; ପରେ ପ୍ରଯୁକ୍ତ ହେଲେ ଏମାନଙ୍କୁ ଓଡ଼ିଆ ଶବ୍ଦ ମଧ୍ୟରେ ସ୍ୱୀକୃତି ଦେବାରେ ବାଧା ନାହିଁ । ଇଂରାଜୀ ଭାଷା ପକ୍ଷରେ ଯାହା କୁହାଗଲା ପୃଥିବୀର ସବୁ ଭାଷା ପକ୍ଷରେ ସେହି ରୀତି ସ୍ୱୀକାର୍ଯ୍ୟ ଅର୍ଥାତ୍ ମାମଲାବାଜ, ଗଜଆନ, ମଜଲିସ୍, ମିସ୍ତ୍ରୀ ପ୍ରଭୃତି ଶବ୍ଦ ବିଦେଶୀ ଭାଷାରୁ ଗୃହୀତ ହେଲେହେଁ ବର୍ତ୍ତମାନ ସେଗୁଡ଼ିକ ଓଡ଼ିଆ ଶବ୍ଦର ଅନ୍ତର୍ଗତ । କ୍ରମଶଃ ଜ୍ଞାନ-ରାଜ୍ୟର ବା ପରିଚୟର ବିସ୍ତୃତି ଯୋଗୁଁ, ପ୍ରୟୋଜନ ଓ ସମ୍ପର୍କର ପ୍ରସାର ଯୋଗୁଁ ନିତ୍ୟ ନୂତନ ଶବ୍ଦ ଓଡ଼ିଶାରେ ସ୍ୱୀକୃତ ହେଉ ଅଛି ଓ ତାହାଦ୍ୱାରା ଭାଷା ସମୃଦ୍ଧ ଓ ପରିପୁଷ୍ଟ ହେଉଅଛି । ପୂର୍ବେ 'ପାସ୍ତୁରୀକରଣ' ଶବ୍ଦର ପ୍ରୟୋଗ ନ ଥିଲା; କିନ୍ତୁ ବର୍ତ୍ତମାନ Pasteurisation ଅର୍ଥରେ ଏହି ଶବ୍ଦ ସରକାରୀ ପାରିଭାଷିକ ଶବ୍ଦ ସଂଗ୍ରହରେ ସ୍ୱୀକୃତ ଓ ବିଜ୍ଞାନରେ ବ୍ୟବହୃତ । ଏଣୁ ଓଡ଼ିଆ ଶବ୍ଦ ମଧ୍ୟରେ ଏହା ସ୍ଥାନ ପାଇପାରେ । ଏହି-ପରି କ୍ରିକେଟ ଖେଳର ପ୍ରସାର କ୍ରମେ 'ଚୌକା' 'ଛକା' ପ୍ରଭୃତି ଶବ୍ଦର ବ୍ୟବହାର ପତ୍ର-ପତ୍ରିକାମାନଙ୍କରେ ଅନୁପ୍ରବିଷ୍ଟ ହେଉଅଛି; ଏଣୁ ଏମାନଙ୍କୁ ଓଡ଼ିଆ ଶବ୍ଦ-ସମ୍ଭାର ମଧ୍ୟରେ ପରିଗଣିତ କରିବା ପ୍ରୟୋଜନ । ଅନ୍ୟ-ପକ୍ଷରେ 'ହିଙ୍ଗାସିବା' ଶବ୍ଦ ବର୍ତ୍ତମାନ ବିଶେଷ ପ୍ରଚଳିତ ନ ଥିଲେ ମଧ୍ୟ ଏହା

ପ୍ରାଚୀନ ଓଡ଼ିଆ ଶବ୍ଦ ('ସକଳ ଲୋକେ ଟିଙ୍ଗାସିଲେ' ଦାର୍ଢ୍ୟତାଭକ୍ତି) ଏଣୁ ଓଡ଼ିଆରେ ଏହା'ର ସ୍ଥାନ ସୁପ୍ରତିଷ୍ଠିତ । ବାସ୍ତବରେ ଭାଷା ନିତ୍ୟ ପ୍ରବନ୍ଧମାନ ଭାବ ବିନିମୟର ଉପାୟ ଓ ଯେଉଁ ସବୁ ଶବ୍ଦ ସାଧାରଣ କଥାବାର୍ତ୍ତାରେ, ପ୍ରାଚୀନ ବା ପ୍ରଚଳିତ ସାହିତ୍ୟରେ, ପ୍ରାଚୀନ ବା ଆଧୁନିକ ଗ୍ରନ୍ଥରେ ବ୍ୟବହୃତ ବା ପ୍ରୟୋଜନ ଅନୁଯାୟୀ ସ୍ୱୀକୃତ ଓ ପ୍ରବର୍ତ୍ତିତ ସେ ସମସ୍ତ ଓଡ଼ିଆ ଶବ୍ଦ । ସାଧାରଣ ଲୋକେ ଭାବ ବିନିମୟ ସକାଶେ ଦୁଇ ତିନି ହଜାର ଶବ୍ଦ ବ୍ୟବହାର କରନ୍ତି; କୌଣସି ବିଶିଷ୍ଟ ସାହିତ୍ୟିକଙ୍କର ଲେଖାରେ ହୁଏତ ଅଠ ଦଶ ହଜାର ଶବ୍ଦ ବ୍ୟବହୃତ ହୁଏ; କିନ୍ତୁ ଓଡ଼ିଶାରେ ଲକ୍ଷାବଧି ଶବ୍ଦ ସ୍ୱୀକୃତ । ଏସବୁ ଶବ୍ଦର ଗଠନ ପ୍ରକ୍ରିୟା, ପ୍ରୟୋଗ-ରୀତି ଓ ଅର୍ଥ ପରିବର୍ତ୍ତନାଦିର ଅନୁଶୀଳନ କରିବା ଭାଷା-ତତ୍ତ୍ୱବିତ୍‌ର କାର୍ଯ୍ୟ ।

ଓଡ଼ିଆ ଭାଷାରେ ସ୍ୱୀକୃତ ଅଧିକାଂଶ ଶବ୍ଦ ସଂସ୍କୃତରୁ ଗୃହୀତ; ସେଥି ମଧ୍ୟରୁ କେତେକ ଅପରିବର୍ତ୍ତିତ କେତେକ ସାମାନ୍ୟଭାବରେ ପରିବର୍ତ୍ତିତ । ପ୍ରତ୍ୟେକ ସଂସ୍କୃତ ଶବ୍ଦ ପୁଣି ବ୍ୟାକରଣର ଧାତୁ-ପ୍ରତ୍ୟୟାଦି ପ୍ରକ୍ରିୟାଦ୍ୱାରା ନିଷ୍ପନ୍ନ । ଏଣୁ ଅନେକେ ମନେ କରନ୍ତି ଯେ ସଂସ୍କୃତମୂଳକ ଶବ୍ଦର ଧାତୁ ପ୍ରତ୍ୟୟର ନିର୍ଦ୍ଦେଶ ଦେଲେ ଓ ଅନ୍ୟ ଶବ୍ଦମାନଙ୍କୁ ଦେଶଜ ଆଖ୍ୟା ଦେଇ ପ୍ରାୟ ଅଣଁଲେଖ୍ୟ କରି ରଖିବା ଦ୍ୱାରା ଶବ୍ଦ ତତ୍ତ୍ୱର ଅନୁଶୀଳନ ସମାପ୍ତ ହେଲା; ମାତ୍ର ଏହା ଭୁଲ୍ । କାରଣ ଶବ୍ଦ ନାନା ପ୍ରକାରର, କେତେକ ଆଞ୍ଚଳିକ ଅର୍ଥାତ୍ ବିଶେଷ ଅର୍ଥରେ ବିଶେଷ ଅଞ୍ଚଳରେ ବ୍ୟବହୃତ, କେତେକ ପାରିଭାଷିକ ଅର୍ଥାତ୍ ବିଦ୍ୟାରେ ବିଶେଷ ଅର୍ଥ ପ୍ରକାଶ କରିବା ନିମନ୍ତେ ସ୍ୱୀକୃତ; କେତେକ ଶବ୍ଦ ଭିନ୍ନ ଭାଷାରୁ ଆହୃତ ଓ ଆହରଣ ସମୟରେ ସେମାନଙ୍କର ନାନାବିଧ ପରିବର୍ତ୍ତନ ଘଟିଅଛି (ଯଥା :—କଲେକ୍ଟର ପରିବର୍ତ୍ତରେ କଲଟର) ଅନ୍ୟ ଅନେକ ଶବ୍ଦ ମୂଳାନୁଗଭାବରେ ଅନୁପ୍ରବିଷ୍ଟ ହୋଇ ଅଛନ୍ତି । ପ୍ରତ୍ୟେକ ଶବ୍ଦ ପୁଣି ନାନା ପ୍ରଣାଳୀର ସମଷ୍ଟି । ଏହି ପ୍ରଣାଳୀମାନଙ୍କର ଲିଖିତ ଲିପିରୂପ ଓ କଥିତ ବା ଧ୍ୱନିରୂପ ମଧ୍ୟ ଅଛି । ଉଚ୍ଚାରଣର ପରିବର୍ତ୍ତନ ହେତୁ ଲିଖିତରୂପ ବା ବନାନର ପରିବର୍ତ୍ତନ ଓ ବନାନର ପରିବର୍ତ୍ତନ ହେତୁ ଉଚ୍ଚାରଣର ପରିବର୍ତ୍ତନ ମଧ୍ୟ ଘଟିଅଛି । ଲିଖିତ ରୂପ ନିମନ୍ତେ ଯେଉଁ ବର୍ଣ୍ଣମାଳା ବ୍ୟବହୃତ ହୁଏ ତାହାର ମଧ୍ୟ ଗୋଟିଏ ଇତିହାସ ଅଛି ଓ ପ୍ରତ୍ୟେକ ଶବ୍ଦର ବ୍ୟାକରଣଗତ ପ୍ରୟୋଗବିଧିର ମଧ୍ୟ ଇତିହାସାନୁଗ ଆଲୋଚନାର ଅବସର

ଅଛି । ପୁଣି ପ୍ରତ୍ୟେକ ଶବ୍ଦ ସହିତ ତାହାର ଅର୍ଥ ସମ୍ପୃକ୍ତ ଓ ନାନାଭାବରେ ଅର୍ଥର ପରିବର୍ତ୍ତନ ସାଧିତ ହେଉଅଛି । ଏହି ପରିବର୍ତ୍ତନର ମଧ୍ୟ ଇତିହାସ ଅଛି । ଶବ୍ଦତତ୍ତ୍ୱର ଅନୁଶୀଳନ ଶବ୍ଦର ରୂପଗତ, ବ୍ୟବହାରଗତ ଅର୍ଥଗତ ଇତିହାସର ଅନୁଶୀଳନ, ଏହା କେବଳ ବ୍ୟୁତ୍ପତ୍ତି ନିର୍ଣ୍ଣୟ ମାତ୍ର ନୁହେଁ ।

ଶବ୍ଦତତ୍ତ୍ୱର ପୂର୍ଣ୍ଣ ଆଲୋଚନା କରିବାକୁ ହେଲେ ଆମ୍ଭମାନଙ୍କୁ ଶବ୍ଦ-ସମ୍ଭାରର ପରିଧି ଏହି ଶବ୍ଦମାନଙ୍କର ଚୟନ, ଗଠନ, ସଂଗ୍ରହ ଓ ଉତ୍ପତ୍ତିର ଇତିହାସ ବିଷୟକ ତଥ୍ୟ, ସେମାନଙ୍କର ଲିଖିତ ଓ ଉଚ୍ଚାରିତ ରୂପ ବିଷୟରେ ଜ୍ଞାନ, ସେମାନଙ୍କ ବ୍ୟାକରଣଗତ ପ୍ରୟୋଗବିଧି ଓ ଅର୍ଥସାମର୍ଥ୍ୟ ନିରୂପଣାଦି ବିଷୟ ଅନୁଶୀଳନ କରିବାକୁ ପଡ଼େ । ମୋଟ ଉପରେ ଶବ୍ଦତତ୍ତ୍ୱ ଶବ୍ଦର ସାମଗ୍ରିକ ଇତିହାସ ବିଷୟକ ଅନୁଶୀଳନ, ଏହା ଅତି ବିରାଟ ବିଷୟ ଓ ଏହି ପ୍ରବନ୍ଧର କ୍ଷୁଦ୍ର ପରିଧିମଧ୍ୟରେ ଏ ବିଷୟର କେବଳ କେତେକ ସୂଚନା ମାତ୍ର ଦେବା ସମ୍ଭବ ।

ଶବ୍ଦ ଗଠନ, ଶବ୍ଦ-ଚୟନ, ଶବ୍ଦର ଉତ୍ପତ୍ତିର ଇତିହାସ

ଓଡ଼ିଆରେ ଯେଉଁ ଲକ୍ଷାବଧି ଶବ୍ଦ ପ୍ରଚଳିତ ଅଛି ସେଗୁଡ଼ିକ ଯେ ହଠାତ୍ ଏକ ସମୟରେ ଓଡ଼ିଶାରେ ବ୍ୟାପ୍ତ ହୋଇଗଲା ତାହା ନୁହେଁ, ବହୁ-ବର୍ଷ ବ୍ୟାପୀ ବହୁ ପରିବର୍ତ୍ତନର ମଧ୍ୟ ଦେଇ ଓଡ଼ିଆ ଭାଷା ବର୍ତ୍ତମାନ ରୂପ ପରିବର୍ତ୍ତନ କରିଅଛି । ଭାଷାରେ ପ୍ରଥମାବସ୍ଥାରେ ନିର୍ଦ୍ଦିଷ୍ଟ ଲିଖିତ ରୂପ ନଥିଲା, ନିର୍ଦ୍ଦିଷ୍ଟ ଶବ୍ଦର ନିର୍ଦ୍ଦିଷ୍ଟ ବ୍ୟବହାର ନ ଥିଲା, ତେଣୁ ଲୋକମୁଖରେ ଭାଷାର ନାନା ପ୍ରକାର ପରିବର୍ତ୍ତନ ଘଟୁଥିଲା; ବର୍ତ୍ତମାନ ଭାଷାର ଅଭିଧାନ ଗ୍ରନ୍ଥମାନ ପ୍ରଚଳିତ ହୋଇ ଅଛି । ଦେଶର ଅଧିକସଂଖ୍ୟକ ଲୋକ ଲେଖିପଢ଼ି ଜାଣୁ-ଛନ୍ତି; ଏଣୁ ବର୍ତ୍ତମାନ ପରିବର୍ତ୍ତନ ଏତେ ଦ୍ରୁତ ନୁହେଁ, ତେବେ ମଧ୍ୟ ଶବ୍ଦ ବ୍ୟବହାରରେ ନାନାପ୍ରକାର ପରିବର୍ତ୍ତନ ବର୍ତ୍ତମାନ ମଧ୍ୟ ଦେଖା ଯାଉଅଛି, ନୂତନ ଶବ୍ଦ ଭାଷାରେ ଅନୁପ୍ରବିଷ୍ଟ ହେଉଅଛି । ନୂତନ ପ୍ରୟୋଜନରେ ନୂତନ ଶବ୍ଦ ଗଢି ଉଠୁଅଛି । ଏହି ପରିବର୍ତ୍ତନର ଅନୁଶୀଳନ କରିବା ଶବ୍ଦତତ୍ତ୍ୱର ଶିକ୍ଷାର ଲକ୍ଷ୍ୟ ।

ଓଡ଼ିଆ ଭାଷା ଆର୍ଯ୍ୟଗୋଷ୍ଠୀଭୁକ୍ତ ଭାଷା, ଆଜିଠାରୁ ପ୍ରାୟ ଦୁଇ ହଜାର ବର୍ଷ ପୂର୍ବେ ଆର୍ଯ୍ୟମାନେ ଓଡ଼ିଶାରେ କ୍ରମଶଃ ପ୍ରବିଷ୍ଟ ହେଲେ। ଅଶୋକଙ୍କ କଳିଙ୍ଗ ବିଜୟ ପରେ ଏହାର ଅନୁପ୍ରବେଶ ଦ୍ରୁତତର ହୋଇଥିବା ସମ୍ଭବ। ଠିକ୍ କେବେ କେଉଁ ମାର୍ଗରେ ଆର୍ଯ୍ୟମାନେ ଓଡ଼ିଶାରେ ବ୍ୟାପକ-ଭାବେ ଅନୁପ୍ରବେଶ କଲେ ତାହାର ତଥ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଅଜ୍ଞାତ। ଆର୍ଯ୍ୟମାନେ ଯେ ତତ୍କାଳୀନ ପାଟଳୀପୁତ୍ରଅଞ୍ଚଳରୁ ଓଡ଼ିଶାକୁ ଆସିଥିଲେ ଏଥିରେ ସନ୍ଦେହ ନାହିଁ। ସେମାନଙ୍କ ପକ୍ଷରେ ଓଡ଼ିଶାକୁ ଆସିବାରେ ତିନିଗୋଟି ବାଟ ଥିଲା। ପ୍ରଥମ ବାଟ ମଧ୍ୟପ୍ରଦେଶ ଭିତର ଦେଇ ମହାନଦୀ ତଟଭାଗ, ଅନ୍ୟଟି ମୟୂରଭଞ୍ଜ ପ୍ରଭୃତିର ମଧ୍ୟ ଦେଇ ଓ ତୃତୀୟଟି ବଙ୍ଗଦେଶର ସମୁଦ୍ରତଟବର୍ତ୍ତୀ ଭୂମି। ଏଥି ମଧ୍ୟରୁ ଏମାନେ ଯେ ବଙ୍ଗଦେଶ ମଧ୍ୟଦେଇ ଆସି ନାହାନ୍ତି ତାହାର ନାନା ପ୍ରମାଣ ଆମ୍ଭେମାନେ ଧ୍ୱନିତତ୍ତ୍ୱ ଆଲୋଚନା କରିବା ସମୟରେ ପାଉଁ, କାରଣ ଓଡ଼ିଆରେ ଯେପରି ଋ ଧ୍ୱନି 'ରୁ' ଆକାରରେ ଉଚ୍ଚାରିତ ହୁଏ, ଳ ଓ ଲ ର ପ୍ରଭେଦ ଦେଖାଯାଏ, ଢ଼ ବ୍ୟବହାର କରାଯାଏ ଓ ସହଚର ଶବ୍ଦ କ୍ଷେତ୍ରରେ "ଫ"ର ବ୍ୟାପକ ବ୍ୟବହାର ଯଥା—(ବାଟ ଫାଟ; ଭାତ ଫାତ) ଅଛି, ବଙ୍ଗଳାରେ ସେ ପରି ନାହିଁ, କିନ୍ତୁ ଆର୍ଯ୍ୟମାନେ ନାନା ଦଳରେ ବିଭକ୍ତ ହୋଇ ପଶ୍ଚିମ ଦିଗରୁ ଓ ଉତ୍ତର ଦିଗରୁ (ମୟୂରଭଞ୍ଜ କେନ୍ଦୁଝର) ବାଟେ ନାନା ସମୟରେ ଓଡ଼ିଶାରେ ଅନୁପ୍ରବେଶ କରିଥିଲେ ଓ ପରବର୍ତ୍ତୀ ସମୟରେ ବଙ୍ଗ ଦେଶରୁ ଆଗତ ଆର୍ଯ୍ୟମାନଙ୍କ ସହିତ ସେମାନଙ୍କର ବ୍ୟାପକ ସମ୍ପର୍କ ସ୍ଥାପିତ ହୋଇଥିଲା; ଏହାହିଁ ସମ୍ଭବପର। ଆର୍ଯ୍ୟମାନଙ୍କ ଅନୁପ୍ରବେଶ ସମୟରେ ସେମାନଙ୍କ ସହିତ ସଂସ୍କୃତ ସାହିତ୍ୟିକ ଶବ୍ଦ, ପ୍ରାକୃତ ବା କଥିତ ଶବ୍ଦ ଓ ଅପଭ୍ରଂଶ ଆଦି ନାନା ଶବ୍ଦ ଓଡ଼ିଶାରେ ଅନୁପ୍ରବେଶ କରିଥିଲା। ଆର୍ଯ୍ୟମାନେ ଯେଉଁ ସଂସ୍କୃତ ଶବ୍ଦ ବ୍ୟବହାର କରୁଥିଲେ ସେଥିମଧ୍ୟରୁ ଅଧିକାଂଶ ପ୍ରାଚୀନ ଆର୍ଯ୍ୟଗୋଷ୍ଠୀର ଭାଷାର ଅନ୍ତର୍ଗତ। କିନ୍ତୁ ସେ ସମୟରେ ମଧ୍ୟ କେତେକ ଦ୍ରାବିଡ଼ ଓ ଅଷ୍ଟ୍ରିକଗୋଷ୍ଠୀର ଶବର ଭାଷାର ଶବ୍ଦ ସଂସ୍କୃତରେ ସ୍ୱୀକୃତ ହୋଇଥିଲା। ଅର୍ଥାତ୍ ପ୍ରାଚୀନ ସଂସ୍କୃତ ଅଶ୍ୱ ସହିତ ଅନ୍ୟ ଭାଷାରୁ ସ୍ୱୀକୃତ ଘୋଟକ ଶବ୍ଦ ମଧ୍ୟ ସଂସ୍କୃତରେ ବ୍ୟବହୃତ ହେଉଥିଲା। ଯାହାହେଉ

ଆର୍ଯ୍ୟ ଗୋଷ୍ଠୀର ଲୋକମାନଙ୍କ ସଙ୍ଗେ ବିଶୁଦ୍ଧ ଓ ଅବିଶୁଦ୍ଧ ସଂସ୍କୃତ ଓ ପ୍ରାକୃତ ଶବ୍ଦଗୁଡ଼ିକ ଓଡ଼ିଶାରେ ପ୍ରବର୍ତ୍ତିତ ହେଲା । ଏହା କିନ୍ତୁ ଓଡ଼ିଶାର ଆଦିମ ଭାଷା ନୁହେଁ ।

ଆର୍ଯ୍ୟମାନେ ଓଡ଼ିଶାକୁ ଆସିବା ସମୟରେ ଓଡ଼ିଶା ଯେ ଜନହୀନ ମରୁ ପ୍ରାନ୍ତର ଥିଲା ତାହା ନୁହେଁ । ଓଡ଼ିଶାରେ ଲୋକବସତି ବହୁ ପ୍ରାଚୀନ ଓ ଆଜିକାଲି ଗବେଷକମାନେ ମହାନଦୀ ଉପତ୍ୟକାରୁ ପ୍ରାକ୍ ଐତିହାସିକ ଲୋକମାନଙ୍କର ପ୍ରସ୍ତର ଯୁଗର ଅସ୍ତ୍ର ଶସ୍ତ୍ରର ନମୁନା ପାଉ ଅଛନ୍ତି । ବାସ୍ତବରେ ଆର୍ଯ୍ୟମାନେ ଓଡ଼ିଶା ପ୍ରବେଶ କରି ଏଠାକାର ଭାଷାର ସଂସ୍ପର୍ଶରେ ଆସିଲେ ଓ ଏଠାରେ ପ୍ରଚଳିତ ଶବ୍ଦମାନଙ୍କ ମଧ୍ୟରୁ ବହୁସଂଖ୍ୟକ ଶବ୍ଦ ଆର୍ଯ୍ୟମାନଙ୍କ ସହିତ ଆଗତ ସଂସ୍କୃତ ମୂଳକ ଶବ୍ଦ ସହିତ ମିଳିତ ହୋଇ ଓଡ଼ିଆ ଭାଷାର ପ୍ରଥମ ସ୍ତରରେ ପ୍ରଯୁକ୍ତ ହୋଇଥିଲା । ଆର୍ଯ୍ୟମାନେ ଆସିବା ପୂର୍ବରୁ ପ୍ରଧାନତଃ ଦୁଇଗୋଟି ଭାଷାଭାଷୀ ଗୋଷ୍ଠୀ ଓଡ଼ିଶାରେ ବାସ କରୁଥିଲେ । ଏମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀର ଭାଷା ଅଷ୍ଟ୍ରିକ କାରଣ ଓଡ଼ିଶା ଆଦିମ କାଳରେ ବିରାଟ ଗଣ୍ଡଓନା ଭୂଭାଗର ଅନ୍ତର୍ଗତ ଥିଲା ଓ ସେହି ଭୂଭାଗରେ ଯେଉଁ ଅଷ୍ଟ୍ରିକ ଭାଷା ବ୍ୟବହୃତ ହେଉଥିଲା ସେଥିମଧ୍ୟରୁ କେତେକ ଶବ୍ଦ ବର୍ତ୍ତମାନ ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ଓ ଦକ୍ଷିଣ ଅଷ୍ଟ୍ରେଲିଆ ଓ ତତ୍‌ସନ୍ନିକଟ ଭୂଭାଗରେ ମଧ୍ୟ ପ୍ରଚଳିତ । ଅନେକଗୁଡ଼ିଏ ଅଷ୍ଟ୍ରିକ ଶବ୍ଦ ସଂସ୍କୃତରେ ଅନୁପ୍ରବିଷ୍ଟ ହୋଇ ଯାଇଥିଲା, ମାତ୍ର କେତେକ ଶବ୍ଦର ବ୍ୟବହାର ସଂସ୍କୃତରେ ଦେଖାଯାଏ ନାହିଁ । ଏଗୁଡ଼ିକ ସମ୍ଭବତଃ ସ୍ଥାନୀୟ ଆଦିବାସୀମାନଙ୍କ ଭାଷାରୁ ସଂଗୃହୀତ । ସଂସ୍କୃତ 'ଟଙ୍କ' ବାସ୍ତବିକ ଗୋଟିଏ ଅଷ୍ଟ୍ରିକ ଶବ୍ଦ; ଏହା ଓଡ଼ିଆରେ ନାନା ଅର୍ଥରେ ପ୍ରଚଳିତ ଯଥା— ବନାନ୍ତେ ପଶିଲି ଯାଇ ଗିରିଟଙ୍କେ (ନନ୍ଦକେଶରୀ) ଏଥିରୁ ଟାଙ୍ଗି, ଟଙ୍କିଳ (ଯା କଟକ ଟେକ ଟଙ୍କିଳ ଛତିଆ—ନନ୍ଦକେଶରୀ) । ଅନ୍ୟାନ୍ୟ ଅଷ୍ଟ୍ରିକ ଶବ୍ଦର ଉଦାହରଣ ମଧ୍ୟ ଓଡ଼ିଆରେ ବିରଳ ନୁହେଁ; ଯଥା ଡଙ୍ଗା, ଯୋର, ଢେଙ୍କି, ଗଣ୍ଡି, ଟାଙ୍ଗିଆ କଉଡ଼ି, ବାଇଗଣ, ଚିଆଁ, କୋଡ଼, ଗଣ୍ଡା, ଘୁଆର ଭଣ୍ଡା, ଚଣ (ସଂଖ୍ୟାବାଚକ) । ଯେଉଁଠି ଅଷ୍ଟ୍ରିକ ଭାଷାର ଶବ୍ଦ ସଂସ୍କୃତରେ ସ୍ୱୀକୃତ ହୋଇଅଛି ସେ କ୍ଷେତ୍ରରେ ମଧ୍ୟ କେତେକ କ୍ଷେତ୍ରରେ

ଅଷ୍ଟ୍ରିକ ଶବ୍ଦ ଓଡ଼ିଆରେ ବିଶେଷ ଆଦୃତ (ଯଥା—କୁକୁର, ଘୋଡ଼ା) କିନ୍ତୁ କେତେକ କ୍ଷେତ୍ରରେ ମୂଳ ସଂସ୍କୃତ ଶବ୍ଦହିଁ ପ୍ରଚଳିତ ଯଥା—ହାତୀ (ହସ୍ତୀ) ଓ ମାତଙ୍ଗ (ଅଷ୍ଟ୍ରିକ ଟଙ୍ଗ = ହାତ) ମଧ୍ୟରୁ ପ୍ରଥମଟି ବିଶେଷ ବ୍ୟବହୃତ ।

ଓଡ଼ିଶାର ପ୍ରାଚୀନ ଅଧିବାସୀମାନଙ୍କର ଅନ୍ୟତମ ଗୋଷ୍ଠୀ ଦ୍ରାବିଡ଼-ବଂଶୀୟ । ଏମାନେ ଓଡ଼ିଶାର ଦକ୍ଷିଣଭାଗରେ ବିରାଟ ଅଂଶରେ ବାସ କରୁଥିଲେ । ଏମାନଙ୍କ ମଧ୍ୟରେ ପ୍ରଚଳିତ ନାନା ଶବ୍ଦ ସଂସ୍କୃତ ମାଧ୍ୟମରେ ଓଡ଼ିଆରେ ସ୍ୱୀକୃତ ହୋଇଅଛି । ଅର୍ଥାତ୍ ଏହି ଶବ୍ଦମାନ ପ୍ରଥମେ ସଂସ୍କୃତରେ ଅନୁପ୍ରବିଷ୍ଟ ହେଲା ପରେ ପ୍ରାକୃତ ମାଧ୍ୟମରେ ଓଡ଼ିଆକୁ ଆସିଅଛି । ‘ପିଲା’ ଏହିପରି ଗୋଟିଏ ଶବ୍ଦ । ଏହି ଶବ୍ଦଟି ତାମିଲ ପିଲ୍ଲେ ଶବ୍ଦରୁ ସଂସ୍କୃତରେ ପିଲ୍ଲିକ ରୂପରେ ସ୍ୱୀକୃତ ହୋଇ ପ୍ରାକୃତମାଧ୍ୟମରେ ପିଲା, ପିଲାଛିଲା; ପିଲାଳିଆ ପ୍ରଭୃତି ଶବ୍ଦର ଉଦ୍‌ଭବସ୍ଥଳ ବୋଲି ମନେ କରାଯାଇ ପାରେ । ଏହିପରି ତାମିଲ ‘କାଲ’ରୁ ସଂସ୍କୃତମାଧ୍ୟମରେ ‘ଖାଲ’ ଶବ୍ଦ ଓଡ଼ିଆରେ ପ୍ରଚଳିତ । ଏହି ଶବ୍ଦରୁ ଖାଲ ଢିପ, ଖାଲ ଖମଣ, ଖାଲୋଲ ପ୍ରଭୃତି ଶବ୍ଦ ମଧ୍ୟ ଜାତ । ଏହିପରି ଆମ୍ଭେମାନେ ବୋଝ ଅର୍ଥରେ ଯେଉଁ ‘ମୋଟ’ ଶବ୍ଦ ବ୍ୟବହାର କରୁଁ ତାହା ମୂଳତଃ ଦ୍ରାବିଡ଼ ଭାଷାରୁ ସଂସ୍କୃତରେ ସ୍ୱୀକୃତ ହୋଇଥିଲା, କିନ୍ତୁ ସଂସ୍କୃତରେ ଅପ୍ରଚଳିତ ହୋଇ ଗଲେହେଁ ଏହି ଶବ୍ଦରୁ ଜାତ ମୋଟ ଶବ୍ଦ ଓଡ଼ିଆ, ବଙ୍ଗଳା ପ୍ରଭୃତି ଭାଷାରେ ବ୍ୟବହୃତ ହେଉଅଛି । ଏ ବିଷୟରେ ଶବ୍ଦତତ୍ତ୍ୱର ସୂତ୍ର ହେଲା ଏହି ଯେ ଯେଉଁ ଶବ୍ଦର ଅନୁରୂପ ଶବ୍ଦ ସଂସ୍କୃତ, ଇଂରାଜୀ ବା ଲାଟିନ୍ ଭାଷାମାନଙ୍କରେ ଦେଖାଯାଏ, ତାହା ନିଶ୍ଚୟ ପ୍ରାଚୀନ ଆର୍ଯ୍ୟଭାଷାରୁ ଜାତ, ଯେଉଁ ଶବ୍ଦଟି କେବଳ ସଂସ୍କୃତରେ ବ୍ୟବହୃତ ତାହା ହୁଏ ଅନ୍ୟ ଦ୍ରାବିଡ଼ ପ୍ରଭୃତି ଭାଷାରୁ ସ୍ୱୀକୃତ କିମ୍ବା କାଳକ୍ରମେ ଓ ପ୍ରୟୋଜନ ଅନୁଯାୟୀ ଗଠିତ, ସେହିପରି ଯେଉଁ ଶବ୍ଦ ଓଡ଼ିଆ, ବଙ୍ଗଳା, ହିନ୍ଦୀପ୍ରଭୃତି ଭାଷାରେ ଦେଖାଯାଏ ତାହା ସଂସ୍କୃତ ଶବ୍ଦମାଧ୍ୟମରେ ଗୃହୀତ ବୋଲି ମନେ କରାଯାଇ ପାରେ (ଯଥା :—ପିଲା, ମୋଟ, ଖାଲ ପ୍ରଭୃତି) ମାତ୍ର ଯେଉଁ ଶବ୍ଦ କେବଳ ଓଡ଼ିଆରେ ବ୍ୟବହୃତ ତାହା ଦ୍ରାବିଡ଼ ବା ଅନ୍ୟାନ୍ୟ ଭାଷାରୁ ସିଧା ସଳଖଭାବେ ଗୃହୀତ ବୋଲି ମନେ କରିବାକୁ ହେବ ଯଥା :—ଟୋଠା ଏହି ମୂଳ ସୂତ୍ରଗୁଡ଼ିକର ବ୍ୟତିକ୍ରମ ମଧ୍ୟ ଅନେକ ସ୍ଥାନରେ ଦେଖାଯାଏ । ଗୋଟିଏ

ଆହୃତ ଶବ୍ଦର ଇତିହାସ ବିସ୍ମୟକର । ତେଲୁଗୁରେ ବ୍ୟବହୃତ 'ଖନ୍ଦା' ମୂଳ ଦ୍ରାବିଡ ଭାଷାରୁ ଗୃହୀତ, ଏହାର ଅର୍ଥ ଗାତ (ଯଥା :—ଶିବକୋଇ ମହାପନ୍ତି ଆପନେ ଖନ୍ଦାଏ ଖୋଳନ୍ତି : ଦାର୍ଢ୍ୟତା ଭକ୍ତି) ଏହି ଅର୍ଥରେ ଖନ୍ଦକ ସ୍ୱୀକୃତ । ଚୁଲ୍ଲି ଅର୍ଥରେ ଖନ୍ଦା ମଧ୍ୟ ଓଡ଼ିଆରେ ପ୍ରଚଳିତ ଓ କିଛିଦିନ ପୂର୍ବେ Trench warfareର ଅନୁବାଦ କରି 'ଖନ୍ଦାଯୁଦ୍ଧ' ଶବ୍ଦ ପ୍ରଚଳିତ କରିବାର ଚେଷ୍ଟା ହୋଇଥିଲା, କିନ୍ତୁ ସଂସ୍କୃତରେ ଏହି ଶବ୍ଦ କୁଣ୍ଡ ରୂପରେ ସ୍ୱୀକୃତ ହୋଇଥିଲା, ସଂସ୍କୃତରେ ଏହାର ମୂଳ ଅର୍ଥ ଅଗ୍ନିରକ୍ଷାର୍ଥ ଭୂମିନିଷ୍ଠ ଗର୍ତ୍ତ (ଯଥା-ହୋମ କୁଣ୍ଡ) ମାତ୍ର ଏଥିରୁ ଲାକ୍ଷଣିକ ପ୍ରୟୋଗରେ ଜାରଜ ପ୍ରଭୃତି ଅର୍ଥମଧ୍ୟ ସ୍ୱୀକୃତ ହୋଇଥିଲା । ସଂସ୍କୃତରୁ ଏହି କୁଣ୍ଡଶବ୍ଦ ଓଡ଼ିଆରେ ପ୍ରଚଳିତ ହେଲା ଓ କୁଣ୍ଡ ଶବ୍ଦରୁ ପୁଣି କୁଣ୍ଡୁଆ ଶବ୍ଦ ପ୍ରଚଳିତ ହେଲା । କୁଣ୍ଡର ଆକୃତି ଅନୁସରଣ କରି କୁଣ୍ଡ ବା କୁଣ୍ଡ ଶବ୍ଦ ପ୍ରମାଣିତ ଦ୍ରବ୍ୟର ବଳପ୍ରାକୃତ ପରିମାଣ ସୂଚିତ କରିବା ନିମନ୍ତେ ବ୍ୟବହୃତ ହେଲା (ଯଥା :—ଘୃତ କୁଣ୍ଡେ ମୋଟ ହୋଇଯାଏ) ଏହିପରି ଗୋଟିଏ ଦ୍ରାବିଡ଼ ଶବ୍ଦରୁ ବିଭିନ୍ନ ଓଡ଼ିଆ ଶବ୍ଦର ଉଦ୍ଭବ ହୋଇ-ଅଛି । ଖନ୍ଦା ଓ କୁଣ୍ଡ ଓଡ଼ିଆ ଭାଷାରେ ସୁପ୍ରଚଳିତ, କିନ୍ତୁ ସେମାନଙ୍କର ମୂଳ ଶବ୍ଦ ଅଜ୍ଞାତ ବୋଲି ସେମାନଙ୍କୁ କେବଳ ଦେଶଜ ବୋଲି ନିର୍ଦ୍ଦେଶିତ କରାଯାଉଅଛି । ପ୍ରତ୍ୟେକ ଶବ୍ଦର ଇତିହାସ ଅଛି ଓ କୌଣସି ଶବ୍ଦର ଦେଶଜ ଆଖ୍ୟା ବାସ୍ତବରେ ସେହି ଶବ୍ଦ ବିଷୟରେ ଆମ୍ଭମାନଙ୍କର ଅଜ୍ଞତାର ପରି-ଚାୟକ ମାତ୍ର ।

ମୂଳ ଓଡ଼ିଆ ଶବ୍ଦ ଅର୍ଥାତ୍ ବିଦେଶୀ ଭାଷାଭାଷୀ ଲୋକମାନଙ୍କ ସହିତ ପୂର୍ଣ୍ଣ ସଂସ୍ପର୍ଶରେ ଆସିବା ପୂର୍ବରୁ ଓଡ଼ିଆରେ ଯେଉଁ ସବୁ ଶବ୍ଦ ବ୍ୟବହୃତ ହେଉଥିଲା ସେଗୁଡ଼ିକ ଅନୁଶୀଳନ କଲେ ଆମ୍ଭେମାନେ ଦେଖୁଁ ଯେ ପାଲିଭାଷାରେ ବ୍ୟବହୃତ ଅନେକ ଶବ୍ଦ ଓଡ଼ିଆରେ ସ୍ୱୀକୃତ ହୋଇଥିଲା । ପାଲି ଅବଶ୍ୟ ପ୍ରାକୃତର ଶାଖା ବିଶେଷରୂପେ ସ୍ୱୀକୃତ ଓ ପ୍ରାକୃତ ଭାଷା-ଗୋଷ୍ଠୀ ସଂସ୍କୃତ ସହିତ ଦୃଢ଼ ସଂପୃକ୍ତ, କିନ୍ତୁ ଓଡ଼ିଆରେ ଏହିପରି ଅନେକ ଶବ୍ଦ ପ୍ରଚଳିତ ଅଛି ଯାହା ପାଲି ଭାଷାରୁ ଗୃହୀତ, ମାତ୍ର ସଂସ୍କୃତରେ ତାହାର ଅନୁରୂପ ଶବ୍ଦ ନାହିଁ । ଏପରି ଗୋଟିଏ ଶବ୍ଦ 'ପାଚିଆ', ବା 'ପାଚ୍ଛିଆ' । ଏହାର ଅର୍ଥ ସାନ ଟୋକେଇ । ଏହାର ମୂଳ 'ପାଚି' ଶବ୍ଦ ପାଲି ଭାଷାରେ

ଥିଲେ ମଧ୍ୟ ସଂସ୍କୃତରେ ଏହାର ସମ୍ପୃକ୍ତ, ଶବ୍ଦର ପରିଚୟ ମିଳେ ନାହିଁ । ପୁଣି 'ଭିର' ଶବ୍ଦ ଭର ସହିତ ସମ୍ପୃକ୍ତ ହେଲେ ହେଁ ଓ ବଙ୍ଗଳାରେ ଏହା ଓଡ଼ିଆରେ ପ୍ରଚଳିତ ଅର୍ଥରେ ବ୍ୟବହୃତ ହେଉଥିଲେ ହେଁ ବାସ୍ତବରେ ସଂସ୍କୃତ ବା ମାଗଧୀ ପ୍ରାକୃତରେ ଏହି ଶବ୍ଦର ଅନୁରୂପ ଶବ୍ଦ ନାହିଁ । ଏହି ଶବ୍ଦଟି ନିଶ୍ଚୟ ଆର୍ଯ୍ୟ ଶବ୍ଦ ଓ 'ଭୃ' ଧାତୁ ସହିତ ସମ୍ପୃକ୍ତ ଓ ଇଂରାଜୀ 'Bear' ସହିତ ଏକାତ୍ମକ; କିନ୍ତୁ ଓଡ଼ିଆରେ ଏହି ଶବ୍ଦ ଯେଉଁ ଅର୍ଥରେ ବ୍ୟବହୃତ ହୁଏ (ଯଥା :—କେହି ନୁହେଁ ବୟସରେ ଭିରି, ରସକଲ୍ଲୋଳ) ଓ 'ଭିରଗୋଳ' ପ୍ରଭୃତି ଗ୍ରାମର ନାମରେ ପ୍ରଯୁକ୍ତ ହୁଏ ତାହା ପାଲିରୁ ଆସେ । ଏହାର ଅନ୍ୟାନ୍ୟ ଉଦାହରଣ 'ବଢାବୋ' 'କଟୁଡ଼ା' (ବଡ଼ ଛଣ ଅର୍ଥରେ) 'ପଦର' ଶବ୍ଦ, ଏଗୁଡ଼ିକର ମୂଳ ପ୍ରକୃତରୂପ ଓ ଅର୍ଥ ପାଲିଭାଷାରେ ମିଳେ, ମାତ୍ର ସଂସ୍କୃତରେ ଏଗୁଡ଼ିକ ପ୍ରଚଳିତ ନଥିଲା । ବାସ୍ତବିକ ବର୍ତ୍ତମାନ କେତେକ ଗ୍ରାମର ନାମରେ ଯେଉଁ 'ପଦର' ଶବ୍ଦର ବ୍ୟବହାର ହୁଏ (ଯଥା :— ସାନ ପଦର, ଘୋଡ଼ା ପଦର ପ୍ରଭୃତି) ସେଥିରୁ ଏହି ଗ୍ରାମ ଗୁଡ଼ିକର ପ୍ରାଚୀନତ୍ୱ ସୂଚିତ ହୁଏ, ଅର୍ଥାତ୍ ଏସବୁ ସ୍ଥାନରେ ପୂର୍ବେ ସାନ ବୃଧା ଜଙ୍ଗଲ ଥିଲା, ପରେ ଏଠାରେ ବସ୍ତି ସ୍ଥାପିତ ହୋଇଅଛି ଓ ପରିସ୍ଥିତିମୂଳକ ନାମକରଣ ହୋଇଅଛି । ପାଲିରେ 'ପଦର' ଶବ୍ଦର ଏହିପରି ବ୍ୟବହାର ଅଛି କିନ୍ତୁ ସଂସ୍କୃତରେ ଏହାର ଅନୁରୂପ ଶବ୍ଦ ନାହିଁ । ବାସ୍ତବରେ ସ୍ଥାନର ନାମ ଯେଣି ଆମ୍ଭେମାନେ ଅନେକ ସମୟରେ ଲୁପ୍ତ ଶବ୍ଦ ଓ ତାହାର ପ୍ରୟୋଗବିଧିର ସନ୍ଧାନ ପାଇଥାଉଁ । ଏହିପରି ଗୋଟିଏ ବିଶିଷ୍ଟ ପ୍ରୟୋଗ ସ୍ଥାନ ନାମରେ 'ଙ୍ଗ'ର ବ୍ୟବହାର (ଯଥା— ତାପଙ୍ଗ, କମଙ୍ଗ ସବଳଙ୍ଗ, ତେଲଙ୍ଗ, ଇତ୍ୟାଦି) । ଏହି 'ଙ୍ଗ' ବର୍ଣ୍ଣ ପ୍ରାଚୀନ ବହୁତ୍ୱସୂଚକ ପ୍ରତ୍ୟୟ, ମାତ୍ର ବର୍ତ୍ତମାନ ଏହା ଅପରିଚିତ ଥିବାରୁ ଏହାର 'ଗ୍ରାମ' ଶବ୍ଦର ଅପଭ୍ରଂଶ 'ଗାଁ' ଶବ୍ଦ ସହିତ ସମ୍ପୃକ୍ତ ବୋଲି ମନେ କରାଯାଉଅଛି; ଏହିପରି, 'କେରୁଆଲଖଣ୍ଡ' ବାସ୍ତବିକ ପ୍ରାଚୀନ ଅଷ୍ଟ୍ରିକ ଭାଷାର 'କେରୁଆଲ' ଶବ୍ଦ ସହିତ ସମ୍ପୃକ୍ତ ଓ ଏହା ଡାଳଯୋଡ଼ାର ନିକଟବର୍ତ୍ତୀ ପ୍ରଗଣା ବିଶେଷ, 'ଡାଳ ଯୋଡ଼ା' ମଧ୍ୟ ଅଷ୍ଟ୍ରିକ-ଭାଷାଭାଷୀ ଅଧ୍ୟୁଷିତ ଅଞ୍ଚଳର ସୂଚନା ଦେଉଅଛି ।

ଓଡ଼ିଆ ଭାଷା ସୁପ୍ରତିଷ୍ଠିତ ହେବା ପରେ ଓ ଏହି ଭାଷାଭାଷୀ ଲୋକେ ବିଦେଶୀମାନଙ୍କ ସହିତ ସଂଯୁକ୍ତ ହେବା ଫଳରେ ନାନା ବିଦେଶୀ ଶବ୍ଦ ଓଡ଼ିଶାରେ ଅନୁପ୍ରବିଷ୍ଟ ହୋଇଅଛି । କିଛିକାଳ କଳିଙ୍ଗ ଏସିଆର ଦକ୍ଷିଣ ପୂର୍ବ ଭୂ-ଭାଗରେ ସାମ୍ରାଜ୍ୟ ପ୍ରତିଷ୍ଠିତ କରିଥିଲା, ନାନା ପର୍ଯ୍ୟାୟରେ ଇସଲାମ-ଧର୍ମାବଲମ୍ବୀମାନଙ୍କର ସଂସ୍ପର୍ଶରେ ଆସି ଆରବୀ ଓ ପାରସୀ ଭାଷା ସହିତ ଓଡ଼ିଶାବାସୀ ପରିଚିତ ହୋଇଥିଲେ, ମୋଗଲ ରାଜଧାନୀରେ ଉର୍ଦ୍ଦୁ ଭାଷା ପ୍ରଚଳିତ ହୋଇଥିବାରୁ ସେ ଭାଷାର ଅନୁଶୀଳନ କରିଥିଲେ, ଇସ୍‌ଲାମଧର୍ମାବଲମ୍ବୀମାନଙ୍କଠାରୁ କେତେକ ତୁର୍କି ପ୍ରଭୃତି ଶବ୍ଦ ସ୍ୱୀକାର କରି ନେଇଥିଲେ; ଇଂରାଜ, ଫରାସୀ, ପୋର୍ତ୍ତୁଗିଜମାନଙ୍କ ସହିତ ସଂସ୍ପର୍ଶରେ ଆସି ନାନା ଇଉରୋପୀୟ ଶବ୍ଦଦ୍ୱାରା ଭାବ ପ୍ରକାଶ କରିବାରେ ଅଭ୍ୟସ୍ତ ହେଲେ । ମରହଟ୍ଟା, ବଙ୍ଗଳା ପ୍ରଭୃତି ନାନା ପ୍ରଦେଶରେ କଥିତ ଭାଷାରୁ କେତେକ ଶବ୍ଦ ଓ ପ୍ରୟୋଗରୀତି ସ୍ୱୀକାର କରି ନିଜ ଭାଷାକୁ ସମୃଦ୍ଧ କରି ପାରିଥିଲେ । ଓଡ଼ିଆରେ ନାନା ବୈଦେଶିକ ଶବ୍ଦ ପ୍ରଚଳିତ, ଏହି ବୈଦେଶିକ ଶବ୍ଦମାନଙ୍କର ମଧ୍ୟ ଇତିହାସ ଅଛି । କେଉଁ ସମୟରେ କିଭଳି ଶବ୍ଦ କି ଅର୍ଥରେ ସ୍ୱୀକୃତ ହେଲା ତାହା ଜାଣିବାକୁ ହେଲେ ଶବ୍ଦର ଇତିହାସ ବିଷୟରେ ଅଭିଜ୍ଞ ହେବାକୁ ପଡ଼େ । ଦୁଃଖର ବିଷୟ ଓଡ଼ିଶାରେ ଏଭଳି ବ୍ୟାପକ ଶବ୍ଦ ଚର୍ଚ୍ଚା ନାହିଁ ତେଣୁ ଆମ୍ଭେମାନେ ଶବ୍ଦ ବ୍ୟବହାର କରିବା ସମୟରେ ଏଥିପ୍ରତି ଦୃଷ୍ଟି ଦେଉନାହିଁ, ବିଦେଶୀ ଶବ୍ଦମାନଙ୍କ ମଧ୍ୟରୁ ଅଧିକାଂଶ ଇସଲାମଧର୍ମାବଲମ୍ବୀମାନଙ୍କଠାରୁ ଗୃହୀତ, ଅନେକ ଶବ୍ଦ ଇଂରାଜୀରୁ ବା ଇଂରାଜୀମାଧ୍ୟମରେ ଅନ୍ୟ ଭାଷାରୁ ସ୍ୱୀକୃତ । ଇସଲାମଧର୍ମାବଲମ୍ବୀମାନଙ୍କ ଭାଷାରୁ ଆଦମସୁମାରି ଖଜଣା, ଦସ୍ତୁର, ଦରବେଶ, ନମାଜ, କିସମିସ ପ୍ରଭୃତି ସହସ୍ରାଧିକ ଶବ୍ଦ, ଇଂରାଜମାନଙ୍କଠାରୁ ଜଜ, କୋର୍ଟ, ଟିକେଟ, ଫୁଟବଲ ପ୍ରଭୃତି ଅନେକ ଶବ୍ଦ ଆସିଅଛି ଓ ଓଡ଼ିଆରେ ପରିଭାଷା ଗଠିତ ଓ ପ୍ରଚଳିତ ନ ହେବା ପର୍ଯ୍ୟନ୍ତ (Gas) ଗ୍ୟାସ ପ୍ରଭୃତି ନାନା ଶବ୍ଦ ଅପରିବର୍ତ୍ତିତ ଭାବେ ସ୍ୱୀକୃତ ହେଉଥିବ । ତାସ୍ ଖେଳର କେତେକ ଶବ୍ଦ (ଯଥା:—ହରତନ, ରୁଇତନ, ଇସ୍କାପାନ, ତୁରୁପ ପ୍ରଭୃତି) ଓଲନ୍ଦାଜମାନଙ୍କଠାରୁ ଗୃହୀତ ହୋଇଅଛି । ଏତଦ୍‌ଭିନ୍ନ (ଗାଡ଼ିର) ବୋମ, ଇସ୍କ୍ରୁପ ଆଦି ଶବ୍ଦ ମଧ୍ୟ ସେହି ଭାଷାରୁ ସ୍ୱୀକୃତ । ପୋର୍ତ୍ତୁଗିଜମାନଙ୍କଠାରୁ ଗୃହୀତ ବାଲତି, ମିସ୍ତ୍ରୀ, ନିଲାମ, ଫିତା, କାମିଜ, ପରାତ ଆଲପିନ୍ ପ୍ରଭୃତି ଶତାଧିକ ଶବ୍ଦ ସେହି ଲୋକମାନଙ୍କ ସହିତ ସଂସ୍ପର୍ଶର ଫଳ । ପିଲାମାନେ ଯେଉଁ ଚକଲେଟ୍ ଖାଆନ୍ତି

ତାହା ମୂଳତଃ ମେକସିକୋରେ ଜାତ ଶବ୍ଦ, ଯେଉଁ ରିକ୍ସା ଗାଡ଼ି ବର୍ତ୍ତମାନ ସବୁ ସହରାଞ୍ଚଳରେ ପ୍ରଚଳିତ ତାହା ମୂଳତଃ ଜାପାନୀ ଶବ୍ଦ, ଯେଉଁ ଗୋଦାମ ଘରେ ଆମ୍ଭେମାନେ ଜିନିଷପତ୍ର ରଖୁ ତାହା ମୂଳତଃ ମାଳୟଦେଶୀୟ ଶବ୍ଦ, ଷ୍ଟାଇଣ୍ଡ ଲମ୍ବା ଆମ୍ଭମାନଙ୍କର ପରିଚିତ, ସ୍ପେନଦେଶୀୟ କର୍କ ଶବ୍ଦ ଆମ୍ଭେମାନେ ନିତ୍ୟ ବ୍ୟବହାର କରୁଁ ଓ ରୁଷ ଦେଶୀୟ 'ସୋଭିଏଟ୍' ଶବ୍ଦ ଆମ୍ଭମାନଙ୍କର ମିତ୍ରସ୍ଥାନୀୟ; କିନ୍ତୁ ଏହି ସବୁ ବିଦେଶୀ ଶବ୍ଦ ଇଂରାଜୀ ମାଧ୍ୟମରେ ଓଡ଼ିଆରେ ଅନୁପ୍ରବିଷ୍ଟ ହୋଇ ଅଛନ୍ତି; ଏଣୁ ସେମାନଙ୍କର ସାମାନ୍ୟ ରୂପାନ୍ତର ମଧ୍ୟ ଆମ୍ଭମାନଙ୍କ ଭାଷାରେ ସ୍ୱୀକୃତ ।

ବିଦେଶୀ ଶବ୍ଦଗୁଡ଼ିକୁ ଅନେକ କ୍ଷେତ୍ରରେ ଓଡ଼ିଆରେ ଆତ୍ମସାତ୍ କରାଯାଇ ଓଡ଼ିଆ ଶବ୍ଦରୂପେ ବ୍ୟବହାର କରାଯାଉଅଛି ଏହାର ନିତ୍ୟ ଉଦାହରଣ ଆମ୍ଭେମାନେ ପାଉଁ, ଆଜିକାଲି 'ବେଷ୍ଟାଇଲ୍'ରେ କାହାରି ଦେଖା ମିଳେ ନାହିଁ, 'ହାଇକୋଟିଆ' ଲୋକଙ୍କଠାରୁ ସାବଧାନରେ ରହ, 'ଫି ହପ୍ତା' ମଜୁରି ଓ ଭଡ଼ା ଛୁଣ୍ଡାଇ ନଦେଲେ ଗୋଦାମବାଲା 'ବେ ହାତ' ହୋଇ ଯାଆନ୍ତି, 'ମାମଲାବାଜ' ଲୋକଙ୍କୁ ସମସ୍ତେ ଡରନ୍ତି ।

ଶବ୍ଦ ବାସ୍ତବରେ ଭାବର ବାହକ ମାତ୍ର । ଏହାର ପ୍ରତୀକ ଉଚ୍ଚାରଣ ଅଛି ପ୍ରତୀକ ଲିପି ଅଛି । ଅତି ପ୍ରାଚୀନ କାଳରେ କେବଳ ଆବେଗସୂଚକ ଧ୍ୱନିଦ୍ୱାରା ଭାବ ପ୍ରକାଶିତ ହେଉଥିଲା, କ୍ରମେ ବିଶେଷ ଧ୍ୱନି ସହିତ ବିଶେଷ ଅର୍ଥର ସଂଯୋଗ ହେଲା । ଧ୍ୱନି ସୁସ୍ପଷ୍ଟ ହେଲେ କ୍ରମେ ବର୍ଣ୍ଣମାଳାର ପ୍ରବର୍ତ୍ତନ ହୋଇ ଲିଖିତ ରୂପଦ୍ୱାରା କଥିତ ଧ୍ୱନିର ସାମଞ୍ଜସ୍ୟ ସାଧିତ ହେଲା ଓ ତହିଁରୁ ଭାଷା ଓ ପରେ ସାହିତ୍ୟର ଉଦ୍ଭବ ହେଲା; ସହସ୍ର ସହସ୍ର ବର୍ଷର ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ଭାବ ବିନିମୟର ବାହନସ୍ୱରୂପ ସଭ୍ୟ ଜାତିମାନଙ୍କରେ ଭାଷା ଓ ସାହିତ୍ୟ ପ୍ରବର୍ତ୍ତିତ ହୋଇଅଛି । ଏହି ଦୀର୍ଘ ଇତିହାସ ବିଷୟରେ ସମ୍ପୂର୍ଣ୍ଣ ଆଲୋଚନା କଲେ ଆମ୍ଭେମାନେ ଯଥାଯଥଭାବରେ ଶବ୍ଦ ତତ୍ତ୍ୱବିଷୟକ ଜ୍ଞାନ-ଲାଭ କରିପାରିବୁ । ବର୍ତ୍ତମାନ ମଧ୍ୟ ଏପରି ଜାତି ଅଛନ୍ତି ଯେଉଁମାନଙ୍କର ସୁସ୍ପଷ୍ଟ ଭାଷା ନାହିଁ । ଏପରି ଅନେକ ଜାତି ଅଛନ୍ତି ଯେଉଁମାନଙ୍କର ଲିପି ବା ବର୍ଣ୍ଣମାଳାର ଲିଖିତ ରୂପ ନାହିଁ । ଓଡ଼ିଆ ଭାଷା କେଉଁ ସମୟରେ ସୁସ୍ପଷ୍ଟ ଆକାର ଧାରଣ କରି ସାହିତ୍ୟର ବାହକ ରୂପେ ବ୍ୟବହୃତ ହେଲା । ଓଡ଼ିଆ

ଭାଷାର ବର୍ଣ୍ଣମାଳା କେଉଁ ଭାବରେ ଉଦ୍ଭୂତ ହେଲା ଓ କେଉଁ ବିବର୍ତ୍ତିତ ହୋଇ ବର୍ତ୍ତମାନ ଆକାର ଧାରଣ କଲା ସେ ବିଷୟରେ ଗାଢ଼ ଆଲୋଚନା କରିବା ବର୍ତ୍ତମାନ ପ୍ରବନ୍ଧରେ ସମ୍ଭବ ନୁହେଁ, କିନ୍ତୁ ଏହା ପଛରେ ଅନ୍ତତଃ ଦୁଇହଜାର ବର୍ଷର ଇତିହାସ ଅଛି। ସାମାନ୍ୟତଃ ଏତିକି ମାତ୍ର ବୋଲାଯାଇପାରେ ଯେ ଓଡ଼ିଆ ଭାଷା ଆର୍ଯ୍ୟଭାଷାଗୋଷ୍ଠୀ ଅନ୍ତର୍ଗତ ପୂର୍ବ ମାଗଧୀ ପ୍ରାକୃତରୁ ଉଦ୍ଭୂତ ହୋଇଅଛି ଓ ତାହାର ଲିପି ବ୍ରାହ୍ମୀ ଲିପିରୁ ଜାତ ହୋଇ ଅଛି। ସହସ୍ର ବର୍ଷ ଧରି ଭାଷା-ସ୍ରୋତ ପ୍ରବାହିତ ହେଉଥିବା ସମୟରେ ଅନ୍ୟ ଭାଷାରୁ ନାନା ଉପାଦାନ ସଂଗ୍ରହ କରିଅଛି। ନାନା ଭାଷା ସ୍ରୋତଦ୍ୱାରା ପୁଷ୍ଟି ଓ ସ୍ଫୀତ ହୋଇ ଅଛି ପୁଣି ନାନା ଆଞ୍ଚଳିକ ଭାଷାକୁ ଜନ୍ମ ମଧ୍ୟ ଦେଇଅଛି। ଭାଷାର ଏହି ବିରାଟ ଇତିହାସ ବିଷୟରେ ସମ୍ୟକ ଜ୍ଞାନ ଲାଭ କରିବାକୁ ହେଲେ ନିଷ୍ଠାପର ଚର୍ଚ୍ଚା ଓ ଆଲୋଚନାର ଏକାନ୍ତ ପ୍ରୟୋଜନ।

ଯେଉଁ ଶବ୍ଦମାନ ଆଜିକାଲି ବ୍ୟବହୃତ ତା' ମଧ୍ୟରୁ ଅନେକ ଶବ୍ଦ ଅତି ପରିଚିତ ହେଲେ ମଧ୍ୟ ତାହାର ବିରାଟ ଇତିହାସ ଅଛି। ଠାକୁର ଶବ୍ଦ ଅତି ପ୍ରଚଳିତ, ଏହି ଶବ୍ଦରୁ ଠାକୁରାଣୀ ପ୍ରଭୃତି ଶବ୍ଦ ଉଦ୍ଭୂତ, ପୁଣି ଠାକୁର ରାଜା ପ୍ରଭୃତି ଶବ୍ଦ ମଧ୍ୟ ପ୍ରଚଳିତ। ଏହି ଠାକୁର ଶବ୍ଦ କିନ୍ତୁ ମୂଳ ତୁର୍କୀ ତିଗିର୍ ଶବ୍ଦରୁ ଜାତ, ଏହି ଶବ୍ଦରୁ ଅଧୁନା ଲୁପ୍ତ ସଂସ୍କୃତ ଠକ୍କୁର ଓ ପ୍ରାକୃତ ଠକ୍କୁର ମାଧ୍ୟମରେ ଠାକୁର ଶବ୍ଦ ଓଡ଼ିଆରେ ପ୍ରଚଳିତ ହୋଇଅଛି। ଶବ୍ଦର ଇତିହାସ ବାସ୍ତବରେ ଅତି ବିଚିତ୍ର। ଓଡ଼ିଶାର ଗ୍ରାମ ପ୍ରାନ୍ତରେ ଲୋକେ ଡେଙ୍ଗୁଜର ବଦଳରେ ଟେଙ୍ଗାଜର କହନ୍ତି। କାରଣ ଟେଙ୍ଗା ପରିଚିତ, ଡେଙ୍ଗୁ ଅପରିଚିତ। ମୂଳତଃ ଏହା ସଂସ୍କୃତ 'ଶୃଙ୍ଗବେର' ଶବ୍ଦରୁ ଜାତ। ଶୃଙ୍ଗବେରର ଅର୍ଥ ଅଦା, ଅଦାର ପ୍ରତ୍ୟେକ ପବରୁ ଶୃଙ୍ଗାକାର ଗଜା ବାହାରୁଥିବାରୁ ଏହାର ନାମ ଶୃଙ୍ଗବେର ଆରବମାନଙ୍କ ଦ୍ୱାରା ଏହି ଶୃଙ୍ଗବେର ଆଫ୍ରିକା ଓ ଇଉରୋପକୁ ନୀତ ହୋଇଥିଲା ଓ ଆରବ ବ୍ୟବସାୟୀମାନେ ଗୋଟିଏ ଦ୍ୱୀପର ନାମ ଆରବ ଭାଷାର ଉଚ୍ଚାରଣ ପଦ୍ଧତି ଅନୁଯାୟୀ ଜାଞ୍ଜିବର (Zanzibar) ବୋଲି ରଖିଥିଲେ। ଇଂରାଜୀରେ ମଧ୍ୟ ଶୃଙ୍ଗବେରରୁ ginger ଶବ୍ଦ ପ୍ରବର୍ତ୍ତିତ ହୋଇଥିଲା। ଜାଞ୍ଜିବର ଦ୍ୱୀପବାସୀ ସ୍ୱାହିଲି ଉପଜାତିମାନଙ୍କ ମଧ୍ୟରେ ମଦ୍ୟ ପ୍ରବର୍ତ୍ତିତ ଅଦା ବିସ୍ୱାଦ କଟୁ ଓ ଜିହ୍ୱା ପକ୍ଷରେ କ୍ଳେଶକର

ଥିବାରୁ ସେମାନେ ଅନ୍ଧା ଅର୍ଥରେ ଢ଼ଙ୍ଗ ଶବ୍ଦକୁ ଅନ୍ଧ ଲୋକଙ୍କର ଅବସ୍ଥା ସୂଚିତ କରିବା ନିମନ୍ତେ ବ୍ୟବହାର କଲେ ଓ ଏଥିରୁ ସ୍ପେନଦେଶୀୟମାନଙ୍କ ମଧ୍ୟରେ ଢେଙ୍ଗୁ ଲୋକଜନଙ୍କ ରୋଗରୂପେ ପରିଚିତ ହେଲା ଓ ଡାକ୍ତରୀ ଶବ୍ଦରୂପେ ଏକ ବିଶେଷ ପ୍ରକାର ଜ୍ୱରର ସୂଚନା ଦେଲା, ଯେଉଁଥିରୁ ଓଡ଼ିଆରେ ପ୍ରଚଳିତ ବା ଡେଙ୍ଗୁଜ୍ୱର । ଅନ୍ୟ ଗୋଟିଏ ଅତି ପରିଚିତ ଶବ୍ଦ ଶତରଞ୍ଜି । ସଂସ୍କୃତରେ ଚତୁରଙ୍ଗ ଶବ୍ଦ ଶତରଞ୍ଜି । ସଂସ୍କୃତରେ ଚତୁରଙ୍ଗ ଶବ୍ଦର ପ୍ରଚଳନ ଥିଲା, ଏହା ଏକ ବିଶେଷ ପ୍ରକାରର ପଶାଖେଳ । ଏହି ଖେଳ ଯେତେବେଳେ ଆରବମାନଙ୍କ ଦ୍ୱାରା ଇଉରୋପରେ ପ୍ରଚଳିତ ହେଲା ସେତେବେଳେ ଆରବ ଭାଷାରେ ଚ ଓ ଗ ଧ୍ୱନିର ପ୍ରଚଳନ ନ ଥିବାରୁ ସେମାନେ ଏହି ଖେଳକୁ ଶତରଞ୍ଜି ଆଖ୍ୟା ଦେଇଥିଲେ । ଏହି ଖେଳପାଇଁ ଉଦ୍ଦିଷ୍ଟ ଚଦର ସତରଞ୍ଜୀ । ଆମ୍ଭେମାନେ କିନ୍ତୁ ମନେ କରୁ ଯେ କୌଣସି ବହୁବର୍ଣ୍ଣ ରଞ୍ଜିତ ମୋଟ ଆସ୍ତରଣ 'ଶତରଞ୍ଜି' କାରଣ—ଏହା ବହୁବର୍ଣ୍ଣରେ ରଞ୍ଜିତ । ବାସ୍ତବରେ ନାନା (ଶତ) ବର୍ଣ୍ଣରେ ରଞ୍ଜିତ ବୋଲି ଏହା ଶତରଞ୍ଜି ନୁହେଁ, ଚତୁରଙ୍ଗ ଖେଳପାଇଁ ଉଦ୍ଦିଷ୍ଟ ମୋଟ ଆସ୍ତରଣ ହିଁ ସତ୍ରଞ୍ଜୀ । ଦୋକାନକୁ ଯାଇ ପତଲୁନ୍ କନା କିଣିବାକୁ ଚାହିଁଲେ ଦୋକାନୀ ପାତଳା ପ୍ୟାଣ୍ଟ କନା ଆମକୁ ଦେଖାଏ; କିନ୍ତୁ ପତଲୁନ ସହିତ ପତଳାର କୌଣସି ସମ୍ବନ୍ଧ ନାହିଁ । ପୂର୍ବେ ଭେନିସର Saint pantaleon ଯେ ପ୍ରକାର ଜାମା ଓ ପ୍ୟାଣ୍ଟ ପିନ୍ଧୁଥିଲେ ତାହାହିଁ Pantaloon ଓ ଏହି ପ୍ୟାଣ୍ଟାଲୁନ୍ ଶବ୍ଦ ପତଲୁନରେ ରୂପାନ୍ତରିତ ହୋଇଅଛି । ଏହି ଶବ୍ଦରୁ Paint (ପ୍ୟାଣ୍ଟ) ମଧ୍ୟ ପରେ ପ୍ରଚଳିତ ହୋଇଅଛି । ଦୋକାନକୁ ଗଲେ ଆମ୍ଭେମାନେ ଦରଦାମ କରୁଁ, ମାତ୍ର ଏହି ଅତି ସାଧାରଣ 'ଦାମ' ଶବ୍ଦର ମଧ୍ୟ ଇତିହାସ ଅଛି । ଗ୍ରୀକମାନଙ୍କ ମଧ୍ୟରେ drachm ଶବ୍ଦ ମୁଦ୍ରାର ଏକକରୂପେ ପ୍ରଚଳିତ ଥିଲା । ଗ୍ରୀକମାନଙ୍କ ସହିତ ବାଣିଜ୍ୟ ସମ୍ବନ୍ଧ ସ୍ଥାପିତ ହେବାରୁ ସଂସ୍କୃତରେ ଦ୍ରମ୍ମ ଶବ୍ଦ ମୁଦ୍ରା ଅର୍ଥରେ ପ୍ରଚଳିତ ହେଲା । ଏହି ଦ୍ରମ୍ମ ଶବ୍ଦରୁ ପରବର୍ତ୍ତୀ କାଳରେ ମୂଲ୍ୟ ନିରୂପଣ ମୁଦ୍ରା ଅର୍ଥରେ ଦାମ ଶବ୍ଦ ଓଡ଼ିଆରେ ପ୍ରଚଳିତ ହେଲା ଓ ଇସ୍ଲାମିକ ଭାଷାର ଦର୍ ଶବ୍ଦ ସହିତ ବ୍ୟବହୃତ ହୋଇ ଦରଦାମ ଶବ୍ଦର ଉଦ୍ଭବ ଘଟାଇଥିଲା । 'ମନୋହର' ଆଉ ଗୋଟିଏ ଶବ୍ଦ ଏ ଭେଟି ମନହାର, ମନୋର ଇତ୍ୟାଦି ନାନା ରୂପରେ ଲିଖିତ ହୁଏ ମୂଳତଃ ଏହି ଶବ୍ଦ ବଡ଼ ବଡ଼ ଯୁଦ୍ଧ-ପୋତ ସହିତ ସଂପୃକ୍ତ । ଏହିପରି ଯୁଦ୍ଧ-ପୋତକୁ 'Man O'war' ବୋଲାଯାଉଥିଲା, ଏଣୁ

ମେଥିରେ ଅଣାଯାଉଥିବା ବିଶେଷ ପ୍ରକାର ପଣ୍ୟଦ୍ରବ୍ୟର ନାମ 'ମନିଆରି' ବୋଲି ପ୍ରଚଳିତ ହେଲା ଓ ସେହି ପଣ୍ୟର ବିକ୍ରୟ କେନ୍ଦ୍ରମାନଙ୍କୁ ମନିହାରୀ ଦୋକାନ ବୋଲି କୁହାଯାଉଥିଲା । ମାତ୍ର ମନିହାରି ଶବ୍ଦ ଅପରିଚିତ ଅଥଚ ବିଦେଶରୁ ଆନୀତ ଏହି ବିଶେଷ ପ୍ରକାର ପଣ୍ୟ ଦ୍ରବ୍ୟର ଶିଳ୍ପକଳାମୟ ମନୋହର ରୂପକୁ ଅନୁସରଣ କରି ଏମାନଙ୍କୁ ମନୋହର ମନୋହରି ଦ୍ରବ୍ୟ ବୋଲି କୁହାଗଲା; ଅର୍ଥାତ୍ ଶବ୍ଦର ଇତିହାସ ବିସ୍ମୃତ ହୋଇ ଅତି ପରିଚିତ ଅନ୍ୟ ଶବ୍ଦ ସହିତ ଏହାର ସମ୍ପର୍କ ସ୍ଥାପିତ ହେଲା । ଓଡ଼ିଆରେ 'ଦାଢ଼ିଆଣୀ' ବୋଲି ଗୋଟିଏ ବିଚିତ୍ର ଶବ୍ଦ ଅଛି (ଯଥା :—ଗଣ୍ଡ ଜାଗା ଥିବାରୁ ଏଠାରେ ଦାଢ଼ିଆଣୀ ଢଉଅଛି ତ ପଶେ : ଛ ମାଣ ଆଠଗୁଣ୍ଠ), ଶବ୍ଦଟି ଦେଖିବାକୁ ସ୍ତ୍ରୀଲିଙ୍ଗବାଚକ; କିନ୍ତୁ ଦାଢ଼ି ଶବ୍ଦ ସହିତ ଅନ୍ୱିତ ହୋଇଥିବାରୁ ଏହା ଅସଙ୍ଗତ ବୋଧ ହେବା ସ୍ୱାଭାବିକ । ବାସ୍ତବରେ ଏହା ଦଂଷ୍ଟ୍ରା ଶବ୍ଦରୁ ଜାତ ଓ ଏହାର ଅର୍ଥ ବଡ଼ ବା ସ୍ଥୂଳଦାନ୍ତ ଏହି ଅର୍ଥର ଆଭାସ ବର୍ତ୍ତମାନ ମଧ୍ୟ 'ଦାମୁଡ଼ିଟାର ଦାଢ଼ି ଟାଇଗଲାଣି' ବାକ୍ୟରେ ଦେଖାଯାଏ । ଏଣୁ ଦାଢ଼ିଆଣୀର ଅର୍ଥ ବଡ଼ ବଡ଼ ଦନ୍ତପଂକ୍ତିଶୋଭିତ ଠେଣ୍ଟିଆ କୁମ୍ଭୀର, ଦାଢ଼ିର ଏହି ଅର୍ଥ ବର୍ତ୍ତମାନ ଅପ୍ରଚଳିତ ହୋଇ ଯିବାରୁ ବର୍ତ୍ତମାନ ଦାଢ଼ିଆଣୀ ଶବ୍ଦର ଅର୍ଥ ଭେଦ କରିବା କଷ୍ଟକର ହେଉଅଛି, ତଥାପି 'ଦାଡ଼ମସ୍ତୀ' ରୂପେ ପ୍ରଚଳିତ କୃଷି ଯନ୍ତ୍ରରେ ଏହି ଅର୍ଥ ରକ୍ଷିତ ହୋଇଅଛି । ସମ୍ଭବତଃ ଏହି ଶବ୍ଦଟି ବୁଢ଼ିଆଣୀ ଶବ୍ଦର ଅନୁକରଣରେ ଗଠିତ, କିନ୍ତୁ ତା'ହେଲେ ଏହା ଦାଢ଼ିଆଣୀ ନ ହୋଇ ଦାଢ଼ିଆଣି ହେବା ସଙ୍ଗତ । 'ପାଉଁରୋଟି' ଆମ୍ଭମାନଙ୍କର ସୁପରିଚିତ, ମାତ୍ର ଏହି ଅତି ପ୍ରଚଳିତ ଶବ୍ଦ ପଛରେ ଯେଉଁ ଇତିହାସ ଅଛି ତାହା କୌତୂହଳୋଦ୍ଦୀପକ । Latin ଭାଷାରେ ପ୍ରଚଳିତ 'Panis' ଶବ୍ଦର ଅର୍ଥ ରୋଟି; Company ଶବ୍ଦରେ ଏହି Panis ଶବ୍ଦ ପ୍ରଚ୍ଛନ୍ନ ରହିଅଛି କାରଣ Companyର ମୂଳ ଅର୍ଥ ଯେଉଁମାନେ ରୋଟି ବା ଲଭ୍ୟାଂଶ ଭାଗକରି ଖାଆନ୍ତି । ଏହି Company ଶବ୍ଦକୁ ଆମ୍ଭେମାନେ 'କୁମ୍ପାନି' 'କାମ୍ପାନି' ପ୍ରଭୃତି ଶବ୍ଦରେ ପରିଣତ କରିଅଛୁଁ । Latin ଭାଷାରେ ବ୍ୟବହୃତ Panis ଶବ୍ଦ ପର୍ତ୍ତୁଗିଜ ଭାଷାରେ 'Pas' ରୂପରେ ବ୍ୟବହୃତ ହୁଏ ଓ ପୋର୍ତ୍ତୁଗିଜମାନଙ୍କର ଭାରତ ସହିତ ସମ୍ପର୍କ ସ୍ଥାପିତ ହେବା ଦିନରୁ ପାଓ' ସହିତ ଉଚ୍ଚାରଣ ସୌକର୍ଯ୍ୟାର୍ଥ ଆନୁନାସିକ ବର୍ଣ୍ଣର ସଂଯୋଗ ଘଟି ପାଓଁ ଶବ୍ଦ ପ୍ରଚଳିତ ହେଲା; କିନ୍ତୁ 'ପାଓଁ' ଶବ୍ଦର ଅର୍ଥ ଯେ ରୋଟୀ

ତାହା ସ୍ପଷ୍ଟ ପ୍ରଣୀତ ନ ହେବାରୁ ବର୍ତ୍ତମାନ ଆମ୍ଭେମାନେ 'ପାଉଁରୋଟି' ଶବ୍ଦ ବ୍ୟବହାର କରୁଅଛୁଁ ଓ ତାହା ପାଉଁରୋଟିଠାରୁ ପୃଥକ୍ ଭାବି ନାନା କାଳ୍ପନିକ ବ୍ୟାଖ୍ୟା ମଧ୍ୟ ଦେଉଅଛୁଁ । ବାସ୍ତବରେ ପାଉଁରୋଟି ଶବ୍ଦର ଅର୍ଥ ରୋଟି+ରୋଟି; କିନ୍ତୁ କେବଳ 'ପାଉଁ' ଶବ୍ଦର ବ୍ୟବହାର ନ ଥିବାରୁ ଏ ଶବ୍ଦର ଇତିହାସ-ଗତ ପରିଚୟ ପାଇବା ସମ୍ଭବ ହୁଏ ନାହିଁ ।

ବାସ୍ତବରେ ଯେଉଁ ଶବ୍ଦ ଯେତେ ଅଧିକ ପ୍ରଚଳିତ ତା' ପଛରେ ତେବେ ବଡ଼ ଇତିହାସ ଥିବା ସମ୍ଭବ । ଆମ୍ଭେମାନେ ସମସ୍ତେ ପୋଥି ଶବ୍ଦ ସହିତ ପରିଚିତ । ଏହି ପୋଥି ଶବ୍ଦ ସଂସ୍କୃତ ପୁସ୍ତିକାର ପ୍ରାକୃତ ରୂପ ପୁଥିଆରୁ ଗୃହୀତ, 'ପୁଥିଆ'ର ପରବର୍ତ୍ତୀ ରୂପ ପୋଥି ଓଡ଼ିଆରେ ସ୍ୱୀକୃତ ହୋଇଅଛି ଓ ବଙ୍ଗଳାରେ ପୁଥି ବା ପୋଥା (କହି ବସିଲେ ହୋଇବ ପୋଥାଃ ରସକଲ୍ଲୋଳ)ର ବ୍ୟବହାର ଦେଖାଯାଏ । ଶବ୍ଦଟି ବାସ୍ତବରେ ପହ୍ଲବୀରେ ବ୍ୟବହୃତ ପୁସ୍ତ ବା 'ପୋସ୍ତ' (ଲେଖିବାର ଚମଡ଼ା)ରୁ ଗୃହୀତ ଅର୍ଥାତ୍ ଏକ ସମୟରେ ମିଶରୀୟ ଓ ଅସୂରୀୟ (Assyrians) ମାନଙ୍କର ଯୁଦ୍ଧ ହେବାରୁ ମିଶରୀୟମାନେ 'ପାପିରସ' (ଯହିଁରୁ paper = କାଗଜ)ର ବିଦେଶକୁ ପଠାଇବା ବାରଣ କରି ଦେବାରୁ ଇରାନୀମାନେ ମେଷ ଚର୍ମରେ ଲେଖିବାର ବ୍ୟବସ୍ଥା ପ୍ରଚଳିତ କଲେ ଓ ତାଙ୍କ ଭାଷାରେ ଏହାକୁ ପୁସ୍ତ ବୋଲି କହୁଥିଲେ । ଏହି ଚମଡ଼ାର ଆଚ୍ଛାଦନ ବ୍ୟବହାର ପ୍ରଚଳିତ ଥିବାରୁ ସଂସ୍କୃତରେ ପୁସ୍ତିକା ଶବ୍ଦର ଉଦ୍ଭବ ହୋଇଥିଲା ଓ ଏହାର ବ୍ୟବହାରରୁ ପରବର୍ତ୍ତୀ କାଳରେ ପୋଥି ଶବ୍ଦ ଓଡ଼ିଆରେ ବ୍ୟବହୃତ ହେଲା । ବଜାରରେ ଆମ୍ଭେମାନେ ଯେଉଁ ସିମେଇ ବିକ୍ରୟ ହେବା ଦେଖୁ ତାହା ଗ୍ରୀକ୍ ସେମିଦାଲିସ୍ (ମଇଦା) ରୁ ଉତ୍ପନ୍ନ, ସଂସ୍କୃତ ସମିତା ମାଧ୍ୟମରେ ଭାରତରେ ବିଶେଷ ପ୍ରକାର ମଇଦାଜାତ ବସ୍ତୁ ସୂଚିତ କରିବା ନିମନ୍ତେ ବ୍ୟବହୃତ । ଆମ୍ଭେମାନେ ଷଣ୍ଡାମାର୍କା ଲୋକଙ୍କୁ ଭୟ କରୁଁ । ଶୁକ୍ରାଚାର୍ଯ୍ୟଙ୍କର ଦୁଇପୁତ୍ର ଷଣ୍ଡ ଓ ଅମର୍କ ପ୍ରହ୍ଲାଦଙ୍କର ଶିକ୍ଷକ ଥିଲେ ଓ ତାଙ୍କୁ ନାନା ପ୍ରକାର ନିର୍ଯ୍ୟାତିତ କରିଥିଲେ । ଏହି ଶବ୍ଦରୁ ଷଣ୍ଡା-ମାର୍କା ଶବ୍ଦର ଉତ୍ପତ୍ତି, ଅର୍ଥ—ନିର୍ଯ୍ୟାତନାକାରୀ ଶିକ୍ଷକ; କିନ୍ତୁ ପୌରାଣିକ କଥା ସହିତ ଅପରିଚୟ ଯୋଗୁଁ ଆମ୍ଭେମାନେ ପରିଚିତ ମାର୍କା ଶବ୍ଦ ସହିତ ଏହାର ସମ୍ପର୍କ ସ୍ଥାପିତ କରି ଓ ପରିଚିତ ଷଣ୍ଡ ଶବ୍ଦର ବ୍ୟବହାର ଦେଖି

ବର୍ତ୍ତମାନ ମନେ କରୁ ଅଛୁ ଯେ ଷଣ୍ଢପରି ବଳବାନ୍ ଓ ଯଥେଚ୍ଛାଗାମୀ ଲୋକଙ୍କୁ ଷଣ୍ଡାମାର୍କା, ଅର୍ଥାତ୍ ଗୋଟିଏ ପୌରାଣିକ ଗଳ୍ପ ଉପରେ ପ୍ରତିଷ୍ଠିତ ଶବ୍ଦକୁ ସମ୍ପୂର୍ଣ୍ଣ ନୂତନ ଅର୍ଥରେ ନୂତନ ଭାବରେ ପ୍ରୟୋଗ କରୁଅଛୁଁ ।

ଓଡ଼ିଆରେ ପ୍ରଚଳିତ ବା ପ୍ରବର୍ତ୍ତିତ ନାନା ଶବ୍ଦର ଇତିହାସ ଅନୁସରଣ କଲେ ଆମ୍ଭେମାନେ ନାନା ଐତିହାସିକ ତଥ୍ୟର ସନ୍ଧାନ ପାଉଁ । ଶର୍କରା ଶବ୍ଦଟି ସଂସ୍କୃତ; ଏହିଥିରୁ 'ଶାକର' ବା 'ସାକର' ଶବ୍ଦ ଓଡ଼ିଆରେ ବ୍ୟବହୃତ ହୋଇଅଛି, ପରବର୍ତ୍ତୀ କାଳରେ ସାକରା କହିଲେ ଅମ୍ଳରସ ଯୁକ୍ତ ବ୍ୟଞ୍ଜନ ସୂଚିତ ହେଉଥିଲା, କାରଣ ତହିଁରେ ଶର୍କରାର ସଂଯୋଗ କରିବାକୁ ପଡ଼େ । ଏହି ଶାକରର ସମାର୍ଥକ ଚିନି ବା ମିଶ୍ରୀ ଶବ୍ଦର ରୂପରୁ ସ୍ପଷ୍ଟ ପ୍ରମାଣିତ ଯେ ଏଥିମଧ୍ୟରୁ ଗୋଟିଏ ଚୀନ୍ ଦେଶରୁ ଓ ଅନ୍ୟଟି ମିଶର ଦେଶରୁ ଆଗତ । ଓଡ଼ିଶାରେ ଯାହା ପ୍ରଚଳିତ ଥିଲା ତାହା କନ୍ଦ ବା ଖଣ୍ଡ (ଯଥା : ଖଣ୍ଡଶ୍ରୀ, ଖଣ୍ଡ ମୋଦକ, ଖଣ୍ଡ ଶାକର) ଚୀନ ଦେଶ ସହିତ ସମ୍ପର୍କର ଇତିହାସ ଚୀନା (ଧାନ), ଚୀନାଂଶୁକ, ଚୀନାବାଦାମ, ଚୀନା ସିନ୍ଦୁର ପ୍ରଭୃତି ଶବ୍ଦରେ ସୁସ୍ପଷ୍ଟ । ଆଜିକାଲି କଥା-କଥାକେ ଲୋକେ ହରତାଳ କରନ୍ତି, ଏହା ଗୋଟିଏ ନୂତନ ପ୍ରବର୍ତ୍ତିତ ଶବ୍ଦ ଓ ଏହା ଗୁଜରାଟରେ ବ୍ୟବହୃତ ଶବ୍ଦର ପ୍ରତିଧ୍ୱନି ଏହି ଶବ୍ଦର ମୂଳ 'ହଟ୍ଟତାଳ' ବା ତହିଁର ଉତ୍ପନ୍ନ ହଡ଼ତାଳ ଅର୍ଥାତ୍ ଯେଉଁଦିନ ହାଟ ବଜାର ସବୁ ବନ୍ଦ; କିନ୍ତୁ ହରତାଳ ଶବ୍ଦ ଅପରିଚିତ ଓ ଅପ୍ରଚଳିତ ଥିବାରୁ ତାହାର ଅର୍ଥ ଗ୍ରହଣରେ ଅସୁବିଧା ଘଟିଲା ଓ ଲୋକେ ମନେକଲେ ଯେ ଏହା 'ହରତାଳ' ଶବ୍ଦ ସହିତ ସଂପୃକ୍ତ । ଅର୍ଥାତ୍ କୌଣସି ବିପଦବେଳେ 'ହରି ରଖେ, କି ହରିତାଳ ରଖେ' ଏହି ବାକ୍ୟକୁ ଅନୁସରଣ କରି ରାଜନୈତିକ ବିପଦ ବେଳେ ଅମୋଘ ଔଷଧ ବୋଲି କଳ୍ପିତ ଏକ କାର୍ଯ୍ୟକ୍ରମକୁ ହରତାଳ ବୋଲି ମନେକରି ଥିଲେ, ଅର୍ଥଟି କାଳ୍ପନିକ ଓ ଭ୍ରାନ୍ତ ହେଲେ ମଧ୍ୟ ଅଜ୍ଞତା ଘୋଡ଼ାଇବା ପାଇଁ ଯଥେଷ୍ଟ ଥିଲା । ଅପରିଚୟ ଦ୍ୱାରା ବିଭ୍ରାନ୍ତ ହୋଇ ଜଗନ୍ନାଥ ମନ୍ଦିରର ବହିଃପାବଚ୍ଛକୁ ଅଜ୍ଞ ଲୋକେ ବାଇଶି ପାହାଚରେ ପରିଚିତ କରି ଅଛନ୍ତି, ମାତ୍ର ସେଠି ବାଇଶିସଂଖ୍ୟକ ପାହାଚ ନାହିଁ, ମନ୍ଦିର ବେଢ଼ା ତିଆରି ପୂର୍ବରୁ ଏହା ବାହାରକୁ ଯିବାର ପାହାଚ ମାତ୍ର । ପ୍ରୟୋଜନବୋଧରେ ଶବ୍ଦ ଗଠନ ସବୁ ଭାଷାରେ ପ୍ରଚଳିତ, ଅନ୍ୟଭାଷାରୁ ଶବ୍ଦ ସଂଗ୍ରହ

ବା ଶବ୍ଦର ଆତ୍ମୀୟ କାରଣ ମଧ୍ୟ ପ୍ରଚଳିତ । ବିଜ୍ଞାନର ଅଗ୍ରଗତି ଓ ସଭ୍ୟତାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ନାନା ପାରିଭାଷିକ ଶବ୍ଦର ପ୍ରଚଳନ ଏହାର ପ୍ରକୃଷ୍ଟ ଉଦାହରଣ । ସଂସ୍କୃତ ଭାଷାର ଅନନ୍ତ ଶବ୍ଦ-ଭଣ୍ଡାରରୁ ନାନା ଶବ୍ଦ ସଂଗ୍ରହ କରିବାର ସୁବିଧା ଥିଲେ ମଧ୍ୟ ସଂସ୍କୃତ ଶବ୍ଦ ସହିତ ଅପରିଚିତ ଥିବାରୁ ଆମ୍ଭ-ମାନଙ୍କୁ ନାନା ଭାବରେ ନାନା ଭାଷାରୁ ଶବ୍ଦ ସଂଗ୍ରହ କରିବାକୁ ପଡୁଅଛି । ଜ୍ଞାନ ବିଜ୍ଞାନର ଅଧିକାଂଶ ବିଷୟ ଇଂରାଜୀ-ମାଧ୍ୟମରେ ପଠିତ ହେଉଥିବାରୁ ସଂସ୍କୃତ ଶବ୍ଦ ସହିତ ପରିଚୟ କ୍ରମଶଃ ଛିନ୍ନ ହୋଇ ଯାଉଅଛି । ଆଜିକାଲି ଆମ୍ଭେମାନେ ଚେକ୍ ବ୍ୟବହାର କରୁଁ ଧନାଦେଶ ଶବ୍ଦ ଅପ୍ରଚଳିତ, ଏହିପରି 'ଯୋଗକ୍ଷେମ' ଅପରିଚିତ, ବୀମା ଇନସ୍ୟୁରାନ୍ସ ପ୍ରଭୃତି ପରିଚିତ; ପୁଣି ଆୟନମଣ୍ଡଳ (Ionesphere) ରାଷ୍ଟ୍ରମଣ୍ଡଳ (Commonwealth), ସମ-ସ୍ଥାନିକ (Isctope) ପ୍ରଭୃତି ଶବ୍ଦ ନୂତନ ଗଠିତ ହେଉଅଛି । କେତେକ କ୍ଷେତ୍ରରେ ସଂସ୍କୃତମୂଳକ ପାରିଭାଷିକ ଶବ୍ଦ ଅପରିଚିତ ଥିବାରୁ ଇଂରାଜୀମୂଳକ ଶବ୍ଦର ପ୍ରଚଳନ ହୋଇଅଛି ଯଥା— Lacarbonisstion ର ପ୍ରତିଶବ୍ଦ । ବ୍ୟଙ୍ଗାରଣ ସ୍ଥାନରେ 'ବିକାର୍ବନୀ କରଣ'କୁ ସ୍ୱୀକାର କରା ଯାଉଅଛି । ଅନେକ ସ୍ଥାନରେ ବିଦେଶୀ ଶବ୍ଦ ଅବିକୃତ ଭାବରେ ଭାଷାରେ ସ୍ୱୀକୃତ ହେଉଅଛି ଯଥା —ଟ୍ରେନ, ନମ୍ବର, ବଲ୍, ବସ, ସାଇକେଲ୍, ମେମ୍ବର, ଟ୍ରକ ପ୍ରଭୃତି କେତେକ ସ୍ଥାନରେ ପୁଣି ଶବ୍ଦକୁ ନାନାଭାବରେ ବିକୃତ କରାଯାଇ ଅଛି । 'ବୋମ୍ବର' ଶବ୍ଦର ଉଚ୍ଚାରଣ କଠିନ ବୋଲି ବୋମାରୁ ଶବ୍ଦ ପ୍ରବର୍ତ୍ତିତ ହୋଇଅଛି ଓ ନଜରବନ୍ଦୀ କରି ରଖିବା ଅର୍ଥରେ ବ୍ୟବହୃତ 'ଇଣ୍ଟର୍ନ' କରିବା ଶବ୍ଦର ଅନୁକରଣରେ ଅନ୍ତରୀଣ ଶବ୍ଦ ମଧ୍ୟ ପ୍ରଚଳିତ କରା ଯାଇଅଛି । ରେଲୱେ ପରିବର୍ତ୍ତରେ ରେଲ୍‌ବାଇ ଓ ୱାଗନ ଶବ୍ଦ ବଦଳରେ 'ବାଗିନ' ଶବ୍ଦ ପ୍ରଚଳିତ ଅବଶ୍ୟ wagon ଅର୍ଥରେ ଡବା ମଧ୍ୟ ପ୍ରଚଳିତ ଓ ମାଲ୍‌ଡବା, ମେଲ୍‌ଡବା ପ୍ରଭୃତି ଶବ୍ଦ ବ୍ୟବହୃତ । Municipality (ମୁନିସିପାଲିଟି)ର ଉଚ୍ଚାରଣ କଠିଣ ଏଣୁ ଆମ୍ଭେମାନେ ତାକୁ ମିନିସିପାଲିଟିରେ ପରିବର୍ତ୍ତିତ କରିଅଛୁ । ପୁଣି 'Artichoke' (ଆର୍ଟିଚୋକ) ଅତ୍ୟନ୍ତ ଅପରିଚିତ ଥିବାରୁ ଆମ୍ଭେମାନେ ତାହା ପରିବର୍ତ୍ତେ ସହଜରେ ଉଚ୍ଚାର୍ଯ୍ୟ ଓ ପରିଚିତ 'ହାତିଚୋକ' ଶବ୍ଦ ବ୍ୟବହାର କରୁଅଛୁ । Snperintendent (ସୁପରିନ୍‌ଟେଣ୍ଡେଣ୍ଟ) ବର୍ତ୍ତମାନ ସୁପ୍ରିଣ୍ଟ । କଲେକ୍ଟର ବର୍ତ୍ତମାନ କଲଟର, Small causes court ବର୍ତ୍ତମାନ କାଜକୋର୍ଟ ବା ପୁଚିପରିଷ୍ଟି

ଅନୁସାରେ କାଜକୋନ୍ ଏବଂ Causeway ବର୍ତ୍ତମାନ କାଜ ଓ Pamper 'ପାପଡ'ରେ ପରିଣତ । ଶବ୍ଦ ଚୟନ ସମୟରେ ଏହିପରି ଉଚ୍ଚାରଣଗତ ପରିବର୍ତ୍ତନ ଯେ କେବଳ ଇଂରାଜୀରୁ ଗୃହୀତ ଶବ୍ଦମାନଙ୍କ କ୍ଷେତ୍ରରେ ଘଟିଅଛି ତାହା ନୁହେଁ, ସବୁ ବିଦେଶୀ ଭାଷାର ଅପରିଚିତ ଶବ୍ଦକୁ ପରିଚିତ ଓ ସହଜ ରୂପ ଦେବାର ଚେଷ୍ଟା କରାଯାଇ ଅଛି । ବିଦେଶୀ ଭାଷାରେ ଜ୍ଞାନର ମାତ୍ରା ବଢ଼ିବା ସଙ୍ଗେ ସଙ୍ଗେ ସ୍ୱୀକୃତ ଶବ୍ଦମାନଙ୍କୁ ଯଥାଯଥ ଭାବରେ ଉଚ୍ଚାରଣ ଓ ପ୍ରୟୋଗ କରିବାର ଚେଷ୍ଟା ସବୁ ଭାଷାରେ ହୋଇଥାଏ । ଏହି କାରଣରୁ ପ୍ରେସିଡେଣ୍ଟ, କ୍ରିକେଟ, ବେୟୋନେଟ ପ୍ରଭୃତି ଶବ୍ଦ ବର୍ତ୍ତମାନ ବହୁ ପ୍ରଚଳିତ । ଅତୀତ କାଳରେ ମଧ୍ୟ ଆଳୁ, ତୋଟା, ମିସ୍ତ୍ରୀ, ଗାରଦ ପ୍ରଭୃତି ଶବ୍ଦ ଏହିପରି ଭାବରେ ସଂଗୃହୀତ ଓ ପ୍ରବର୍ତ୍ତିତ ହୋଇଥିଲା ।

ଅନେକ ସମୟରେ ବିଦେଶୀ ଶବ୍ଦର ଅନୁବାଦ କରି ବ୍ୟବହାର କରିବାର ପ୍ରୟାସ ମଧ୍ୟ ଦେଖାଯାଏ । ଫୁଟବଲ, କ୍ରିକେଟ, ଟେନିସ, ଭଲି-ବଲ ପ୍ରଭୃତି ଅପରିବର୍ତ୍ତିତ ବିଦେଶୀ ଶବ୍ଦ; କିନ୍ତୁ ଅନେକ କ୍ଷେତ୍ରରେ ଅନୁବାଦ ଦ୍ୱାରା ବିଦେଶୀ ଶବ୍ଦ ଓ ତାହାର ରୀତିକୁ ଆତ୍ମସ୍ଥ କରାଯାଏ । 'ଅଗ୍ନି ମୂଲ୍ୟ' ନିଜସ୍ୱ ଶବ୍ଦ, 'କଳାବଜାର' ବିଦେଶୀ ଶବ୍ଦର ଅନୁବାଦ । ଏହିପରି ଇଂରାଜୀର ଅନୁକରଣରେ ଓ ଅନୁବାଦକ୍ରମେ ଆମ୍ଭେମାନେ କହୁ ସୁବର୍ଣ୍ଣ ସୁଯୋଗ, ସ୍ୱର୍ଣ୍ଣ-ଯୁଗ ପ୍ରଭୃତି, ଏଗୁଡ଼ିକ ପ୍ରାଚୀନ ଶବ୍ଦ, କିନ୍ତୁ ଇଂରାଜୀର ଅନୁକରଣରେ ବ୍ୟବହୃତ । କେତେକ ସ୍ଥଳରେ ଅନୁବାଦ କରିବା ସମୟରେ ଅର୍ଥଗତ ପାର୍ଥକ୍ୟ ମଧ୍ୟ ସୂଚିତ ହୁଏ । ମୁଖ୍ୟ, ପ୍ରମୁଖ, ପ୍ରଧାନ ଏକାର୍ଥବାଚକ, କିନ୍ତୁ ସବୁ ପ୍ରଦେଶ ପରି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ସାରା ଭାରତରେ କେବଳ ମାତ୍ର ପ୍ରଧାନ ମନ୍ତ୍ରୀ ଓ କିଛିଦିନ ପୂର୍ବେ ରାଜସ୍ଥାନ ଆଦିରେ ରାଜପ୍ରମୁଖ ପଦର ପ୍ରଚଳନ ଥିଲେ ମଧ୍ୟ ବର୍ତ୍ତମାନ ଆଉ ସେ ଶବ୍ଦ ପ୍ରଚଳିତ ନୁହେଁ । ଏଥି ସଙ୍ଗେ ସଙ୍ଗେ ଚିଫଜଷ୍ଟିସ୍ (Chief Justice) ପଦରେ ସମାର୍ଥକ ଚିଫ୍ ଶବ୍ଦ ଅପରିବର୍ତ୍ତିତ ଭାବରେ ଇଂରାଜୀରୁ ଗୃହୀତ ହୋଇଅଛି । ଚିଫ୍ ଇଞ୍ଜିନିୟର ପଦରେ ମଧ୍ୟ ଏହି ଚିଫ୍ ଶବ୍ଦର ବ୍ୟବହାର ଅପରିବର୍ତ୍ତିତ । ଏସବୁ କ୍ଷେତ୍ରରେ ରୀତି ଅନୁସାରେ ଶବ୍ଦର ବ୍ୟବହାର କରିବାକୁ ହୁଏ । ଅର୍ଥାତ୍ ଚିଫ୍ ଜଷ୍ଟିସ୍ ସ୍ଥାନରେ ପ୍ରମୁଖ ନ୍ୟାୟାଧୀଶ ଶବ୍ଦର ବ୍ୟବହାର ଅଚଳ । ଏହିପରି ଭାରତର

ପ୍ରେସିଡ଼େଣ୍ଟ ରାଷ୍ଟ୍ରପତି; କୌଣସି ସଭାର ପ୍ରେସିଡ଼େଣ୍ଟ ପୁରୋଧା ବା ସଭାପତି, କଂଗ୍ରେସ ପ୍ରେସିଡ଼େଣ୍ଟ ଦଳପତି ଅନ୍ୟତ୍ର ପ୍ରେସିଡ଼େଣ୍ଟ ଅଧ୍ୟକ୍ଷ ମାତ୍ର । ସେହିପରି Prime numberର ଅନୁବାଦ ଅଭାଜ୍ୟସଂଖ୍ୟା Prime meridianର ଅନୁବାଦ ଆଦ୍ୟ ରେଖାଂଶ, Prime Cost ର ଅର୍ଥ ପହିଲ ଲେଖ ଓ Primemoverର ଅନୁବାଦ ପ୍ରଥମ ଚାଳକ, ଅର୍ଥାତ୍ ଏ ସବୁ କ୍ଷେତ୍ରରେ ଗୋଟିଏ ଇଂରାଜୀ ଶବ୍ଦର ନାନା ପ୍ରକାର ଖଣ୍ଡଗତ ଅର୍ଥ ସ୍ୱୀକୃତ ହୋଇଅଛି । ଏସବୁ ଶବ୍ଦ ଖଣ୍ଡଗତ ପ୍ରୟୋଗ ଓ ଏକାର୍ଥକ ବିଭିନ୍ନ ଶବ୍ଦର ପ୍ରୟୋଗକୁ ନିୟନ୍ତ୍ରିତ କରିବାର ଚେଷ୍ଟାରୁ ଉଦ୍ଭୂତ ।

ଶବ୍ଦ ଗଠନ ଓ ବ୍ୟବହାର ସମୟରେ ଭୁଲ ହେବା ସ୍ୱାଭାବିକ । ଏପରି ଭୁଲ ଅତି ପ୍ରାଚୀନ କାଳରେ ମଧ୍ୟ ଘଟିଥିଲା, ପ୍ରାଚୀନ ସଂସ୍କୃତରେ ଊର୍ଣ୍ଣ ବା ଉ ଯୁ) ଶବ୍ଦ ଥିଲା, ଏହାର ଅର୍ଥ ଯେ ତନ୍ତୁ ବୟନ କରେ, ମାତ୍ର ପରବର୍ତ୍ତୀ ସମୟରେ ଲୋକେ ନାଭି ଶବ୍ଦ ସହିତ ପରିଚିତ ଥାଇ ମନେକଲେ ଯେ ଏମାନେ ନିଜ ନାଭି ଦେହରୁ ଊର୍ଣ୍ଣ ବାହାର କରି ପାରନ୍ତି ଅର୍ଥାତ୍ ଏମାନେ ଊର୍ଣ୍ଣନାଭି, ଏଣୁ ଏହି ଭ୍ରମାତ୍ମକ ଊର୍ଣ୍ଣନାଭି ଶବ୍ଦ ଭାଷାରେ ପ୍ରଚଳିତ ହେଲା । ଓଡ଼ିଆରେ ମଧ୍ୟ ଏହିପରି 'ଆନ୍ତଃ ବିଶ୍ୱବିଦ୍ୟାଳୟ' 'ଆନ୍ତଃପ୍ରାଦେଶିକ' ପ୍ରଭୃତି ପଦର ବ୍ୟବହାର ଭ୍ରମାତ୍ମକ, କାରଣ ଆନ୍ତଃ ପ୍ରାଦେଶିକ କହିଲେ Inter provincial ବା Inter state ସୂଚିତ କରେ ନାହିଁ, ଏହାର ଅର୍ଥ ପ୍ରଦେଶ-ମଧ୍ୟସ୍ଥ, ଏଠାରେ ବାସ୍ତବରେ inter ର ଧ୍ୱନିସାମ୍ୟ ଅନୁସରଣ କରି 'ଆନ୍ତଃ' ଶବ୍ଦର ପ୍ରୟୋଗ ଘଟିଅଛି, ସଂସ୍କୃତର ଅନୁକରଣରେ ଭ୍ରମାତ୍ମକ ଶବ୍ଦ ସମୀ-କ୍ଷୁ'ର ବ୍ୟବହାର ଦେଖା ଯାଉଅଛି, ବରଂ ଏବଂ ବ୍ୟପଦେଶ, ଅବଦାନ ପ୍ରଭୃତି ବହୁ ଶବ୍ଦର ଭ୍ରାନ୍ତ ବ୍ୟବହାର ଓଡ଼ିଆରେ ନିତ୍ୟ ଦେଖାଯାଏ ।

ବାସ୍ତବରେ ଓଡ଼ିଆ ଶବ୍ଦ କହିଲେ ଦେଶୀ ହେଉ ବା ବିଦେଶୀ ହେଉ, ସଂସ୍କୃତ ମାଧ୍ୟମରୁ ଆସୁ ବା ଅନ୍ୟ ମାଧ୍ୟମରୁ ଆସୁ, ପରିବର୍ତ୍ତିତ ରୂପରେ ହେଉ ବା ଅପରିବର୍ତ୍ତିତ ରୂପରେହେଉ, ମୂଳାନୁଗ ଅର୍ଥରେ ହେଉ ବା ପରିବର୍ତ୍ତିତ ଅର୍ଥରେ ହେଉ ଯେ କୌଣସି ଶବ୍ଦ ଓଡ଼ିଆ ଭାଷାରେ ଓଡ଼ିଶାର ଗ୍ରାମ ଓ ସହରାଞ୍ଚଳରେ, ଓଡ଼ିଆ ସାହିତ୍ୟରେ ବା ସାଧାରଣ କଥାବାର୍ତ୍ତାରେ

ବ୍ୟବହୃତ, ସେ ସମସ୍ତ ଓଡ଼ିଆ ଶବ୍ଦ ଓ ଏମାନଙ୍କ ତଥ୍ୟ ବା ଇତିହାସ ଅନୁଶୀଳନ କରିବା ଶବ୍ଦ-ତତ୍ତ୍ୱବିଚାରର ମୂଳ ଲକ୍ଷ୍ୟ ।

ଓଡ଼ିଆ ଶବ୍ଦର ରୂପ ଓ ପ୍ରୟୋଗ ରୀତି

ଶବ୍ଦ ତତ୍ତ୍ୱର ବିଚାର କରିବା ସମୟରେ ପ୍ରତ୍ୟେକ ଶବ୍ଦର ରୂପ ଓ ପ୍ରୟୋଗ ରୀତିରେ ଆଲୋଚନା କରିବାକୁ ପଡ଼େ, କାରଣ ଭାବବିନିମୟ ନିମନ୍ତେ ଶବ୍ଦର ରୂପଗତ ବା ବ୍ୟବହାରଗତ ପାର୍ଥକ୍ୟ ଥିଲେ ଭାବର ପାର୍ଥକ୍ୟ ମଧ୍ୟ ଅବଶ୍ୟମ୍ଭାବୀ । ବିଷ କହିଲେ ଆମ୍ଭେମାନେ ଯାହା ବୁଝୁଁ, ବିଶ କହିଲେ ତାହା ବୁଝୁନାହୁଁ ଅଥଚ ଉଭୟ ଶବ୍ଦର ଉଚ୍ଚାରଣ ପ୍ରାୟ ଏକ । ପୁଣି ଖଣ୍ଡେ କହିଲେ 'ଖଣ୍ଡେ' ଯେଉଁ ଅର୍ଥ ସୂଚିତ କରେ 'ଦଶ ଟଙ୍କା ଖଣ୍ଡେ' ଶବ୍ଦରେ 'ଖଣ୍ଡେ' ସେହି ଅର୍ଥରେ ପ୍ରଯୁକ୍ତ ହୁଏ ନାହିଁ । ଶବ୍ଦର ଅପପ୍ରୟୋଗ ହେଲେ ଭାବ ବିନିମୟରେ ବାଧା ଘଟିବା ସ୍ୱାଭାବିକ ।

ପ୍ରତ୍ୟେକ ଶବ୍ଦର ଦୁଇଗୋଟି ରୂପ ଅଛି । ଗୋଟିଏ ତାହାର ଲିଖିତ ଅର୍ଥାତ୍ ଲିପିରୂପ, ଅନ୍ୟଟି ତାହାର ଉଚ୍ଚାରଣ ବା କଥାରୂପ । ଲିଖିତ ରୂପ କହିଲେ ଆମ୍ଭେମାନେ ସାଧାରଣତଃ ବୁଝୁଁ ଶବ୍ଦର ବନାନ ଅର୍ଥାତ୍ ବର୍ଣ୍ଣମାଳାର ଯଥାଯଥ ବିନ୍ୟାସଦ୍ୱାରା ଶବ୍ଦର ରୂପ ନିର୍ଦ୍ଦେଶ କରିବ । ଲିପିଦ୍ୱାରା ଶବ୍ଦର ବନାନ ସହିତ ପରିଚୟ ଘଟେ ବର୍ଣ୍ଣମାଳାର ଅବଶ୍ୟ ଅତି-ଦୀର୍ଘ ଇତିହାସ ଅଛି । ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷର ସହସ୍ର ସହସ୍ର ବର୍ଷର ବିବର୍ତ୍ତନର ଫଳ । ଓଡ଼ିଆ ବର୍ଣ୍ଣମାଳା ଯେ ମୂଳତଃ ବ୍ରାହ୍ମୀ ବର୍ଣ୍ଣମାଳାରୁ ଉଦ୍ଭୂତ ଏଥିରେ ସନ୍ଦେହ ନାହିଁ ଓ ଶିଳାଲିପି, ତାମ୍ରଫଳକ ଲିପି ଓ ହସ୍ତ-ଲିଖିତ ପୋଥି ପ୍ରଭୃତିରେ ବ୍ୟବହୃତ ଲିପିର ଆଲୋଚନା କଲେ ଆମ୍ଭେମାନେ ଏ ବିଷୟରେ ସୁସ୍ପଷ୍ଟ ଜ୍ଞାନଲାଭ କରିପାରୁଁ କିନ୍ତୁ ଏହି ବ୍ରାହ୍ମୀ ଲିପି କେଉଁ ଆଦିତମ ଲେଖାରୁ କଳ୍ପିତ ସେ ବିଷୟରେ ବର୍ତ୍ତମାନ ମଧ୍ୟ ସ୍ଥିର ସିଦ୍ଧାନ୍ତ କରିବା ସମ୍ଭବ ହୋଇନାହିଁ । ଏ ସବୁର ପୂର୍ଣ୍ଣ ବା ବିଶଦ ଆଲୋଚନା ଏ ପ୍ରବନ୍ଧରେ କରିବା ସମ୍ଭବ ନୁହେଁ । କେବଳ ଓଡ଼ିଆ ଶବ୍ଦମାନଙ୍କର ଲିଖିତ

ବନାନ ଓ ଉଚ୍ଚାରଣ ବିଷୟରେ କେତେକ ସୂଚନା ମାତ୍ର ଦିଆ ଯାଇ ପାରେ ।

ଓଡ଼ିଆରେ ପ୍ରଚଳିତ ଶବ୍ଦମାନଙ୍କ ମଧ୍ୟରୁ ବହୁସଂଖ୍ୟକ ଶବ୍ଦ ଅପରିବର୍ତ୍ତିତ ଭାବରେ ସଂସ୍କୃତରୁ ଗୃହୀତ ହୋଇଅଛି । ଏହି ସବୁ ଶବ୍ଦକୁ ସାଧାରଣତଃ ତତ୍ସମ ଶବ୍ଦ ବୋଲାଯାଏ । ଏହି ଶବ୍ଦମାନଙ୍କର ବନାନ ସଂସ୍କୃତ ଭାଷାର ପ୍ରଚଳିତ ନିୟମ ଅନୁସାରେ ହେବାହିଁ ବିଧି । ସଂସ୍କୃତରେ ହ୍ରସ୍ୱ ଓ ଦୀର୍ଘଇକାର ବା ଉକାର ଧ୍ୱନି ପ୍ରଚଳିତ । ଦୁଇଗୋଟି ଜ ଧ୍ୱନି ଓ ତିନିଗୋଟି ଶ ଧ୍ୱନି ସୂଚକ ଲିପି ସ୍ୱୀକୃତ । ଯେଉଁ ସଂସ୍କୃତ ଶବ୍ଦ ଅବିକୃତଭାବରେ ଓଡ଼ିଆରେ ପ୍ରବର୍ତ୍ତିତ ହୋଇଅଛି ସେଥିରେ ସଂସ୍କୃତ ବନାନର ରୀତିକୁ କୌଣସିରୂପେ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ ଅର୍ଥାତ୍ ଶଶାଙ୍କ କୁ ସସାଙ୍କ ବା ହସ୍ତୀକୁ ହସ୍ତିରେ ପରିଣତ କରିବା ଅସମୀଚୀନ ଓ ଅଜ୍ଞାନତାପ୍ରସୂତ ବୋଲି ମନେ କରିବାକୁ ହେବ; କିନ୍ତୁ ଓଡ଼ିଆ ଶବ୍ଦମାନଙ୍କ ମଧ୍ୟରୁ ଯେଉଁ ଶବ୍ଦ ଗୁଡ଼ିକ ସିଧା ସଳଖ ସଂସ୍କୃତରୁ ଆସି ନାହିଁ, କିମ୍ବା ମୂଳତଃ ସଂସ୍କୃତ ହେଲେହେଁ ପ୍ରାକୃତ ପ୍ରଭୃତି ଭାଷାର ମାଧ୍ୟମରେ ପ୍ରଚଳିତ ହୋଇଅଛି ! ସେମାନଙ୍କ ବନାନ ବିଷୟରେ ନାନାପ୍ରକାର ବିଶୃଙ୍ଖଳା ଦେଖାଯାଏ । 'ନଇ' ନଦୀ ଶବ୍ଦରୁ ଉଦ୍ଭୂତ, କିନ୍ତୁ ପ୍ରାକୃତ ମାଧ୍ୟମରେ ସ୍ୱୀକୃତପ୍ରାକୃତରେ 'ଈ'ର ବ୍ୟବହାର ନ ଥିଲା ଏଣୁ 'ନଇ' ଶବ୍ଦ ପ୍ରଚଳିତ ଥିଲା, କିନ୍ତୁ ବର୍ତ୍ତମାନ ସଂସ୍କୃତ ଜ୍ଞାନପ୍ରତି ଆଦର ବଢିବାରେ ଓ ଓଡ଼ିଆରେ ଅନ୍ୟ ଅର୍ଥରେ ନଇ ଶବ୍ଦ ପ୍ରଚଳିତ ଥିବାରୁ ଆମ୍ଭେମାନେ 'ନଇ' ଉଚ୍ଚାରଣ କରି ମଧ୍ୟ (ଯଥା—ନଇଶୁଆ) ନଦୀ ବୋଲି ଲେଖିବା ଶୁଦ୍ଧ ମନେ କରୁଁ; ଅଥଚ ଏହାର ବାସ୍ତବିକ ଶୁଦ୍ଧ ରୂପ ନଇ । ଗାଈ ଶବ୍ଦ ମଧ୍ୟ, ଏହିପରି ମୂଳତଃ ଗବୀ ଶବ୍ଦରୁ ଉଦ୍ଭୂତ ହେଲେ ହେଁ ପ୍ରାକୃତ ଭାଷାରୀତି ଅନୁସାରେ ତାହାର ଶୁଦ୍ଧ ବନାନ ଗାଇ; କିନ୍ତୁ ସଂସ୍କୃତ ଭାଷାର ଅନୁକରଣରେ ଓ 'ଗାଇ ଗାଇ ଗଲେ ଗୀତ' ରେ ବ୍ୟବହୃତ 'ଗାଇ' ଶବ୍ଦଟାରୁ ପାର୍ଥକ୍ୟ ସୂଚିତ କରିବା ନିମନ୍ତେ 'ଗାଈ' ଲେଖିବା ଶୁଦ୍ଧ ବୋଲି ବିଚାର କରୁଁ, ମାତ୍ର 'ଗାଇ ଗୋରୁ' ପ୍ରଭୃତି ଶବ୍ଦରେ ସ୍ପଷ୍ଟ 'ଗାଇ' ଉଚ୍ଚାରଣ କରୁଁ । ଏହିପରି ଷୋହଳ ଶବ୍ଦ ପ୍ରାକୃତ ମାଧ୍ୟମରେ ଆସିଥିବାରୁ ତାହାର ରୂପ "ସୋଳ ବା ସୋହଳ" ହେବା

ଉଚିତ (ପ୍ରାକୃତ'ସୋଲହ') ମାତ୍ର ଅନ୍ୟ ଅର୍ଥରେ ବ୍ୟବହୃତ 'ସୋଲ' (ଭସିଲି ସୋଲ ଭେଲା ଯଥା :—ଦାଢ୍ୟତାଭକ୍ତି) ସହିତ ବିଭ୍ରାନ୍ତି ଘଟିବା ଭୟରେ ଏଠାରେ ଷୋଳ ଶବ୍ଦର ପ୍ରଚଳନ ଘଟିଅଛି । 'ଜାଉ' 'ଯବାଗୁ' ଶବ୍ଦରୁ ଉତ୍ପନ୍ନ ମାତ୍ର ଏହାର ମୂଳ ଶବ୍ଦ ସେତେ ପରିଚିତ ନ ଥିବାରୁ ଅନେକେ ଜାଉ ଲେଖନ୍ତି, ଅନେକ 'ଯାଉ' ମଧ୍ୟ ଲେଖନ୍ତି । ' ହାଉ ହାଉ ' ଶବ୍ଦରେ ଧ୍ୱନ୍ୟାତ୍ମକ ସହଚର ଶବ୍ଦର ବନାନରେ ମଣି ଏହାର ପ୍ରଭାବ ପଡ଼ି 'ହାଉ ଯାଉ' ଉଭୟ ବନାନ ସ୍ୱୀକୃତ ହୁଏ । ଏହିପରି 'ଜାଆଁଳା 'ଯାଆଁଳା' ଜାଆ' (ବା'ଜା') ଓ 'ଯାଆ', 'ଯାଇ' ଓ ଜାଉ (ଜାତ ଶବ୍ଦଜ 'ଜୁଆଳି' 'ଯୁଆଳି' ଯୁଗ ଶବ୍ଦଜ) ଉଭୟ ପ୍ରକାର ବନାନଗୁଡ଼ିକ ପ୍ରଚଳିତ । ଆମ୍ଭେମାନେ ହାତିଆଳି, ହାତିଖେଦା ଲେଖାକୁ ଭ୍ରାନ୍ତ ମନେ କରୁଁ ଓ 'ହସ୍ତିଶାଳ'ରୁ ଜାତ ଶବ୍ଦକୁ ଶୁଦ୍ଧ କରି ହାତିଶାଳରେ ପରିଣତ କରୁଁ । 'ଶାଟି' ଶବ୍ଦର ଅନୁକରଣରେ କେହି କେହି ଲେଖନ୍ତି ଶାଢ଼ୀ ଅନ୍ୟ କେତେକ ପୁଣି ପ୍ରାକୃତର ଅନୁସରଣ କରି ଲେଖନ୍ତି 'ସାଢ଼ୀ' (ଇନ୍ଦୀବରେକ୍ଷଣା ପିନ୍ଧିଲି କନକ କୁସୁମିତ ଝିନ ସାଢ଼ୀ ମୋହିତକେଶରୀ) । ଧ୍ୱନ୍ୟାତ୍ମକ ସହଚର ଶବ୍ଦ କ୍ଷେତ୍ରରେ ଏପରି ବ୍ୟବହାର ଖୁବ ପ୍ରଚଳିତ ଅଛି କିନ୍ତୁ 'ଠାଠ ଶାଠ' ଠିକ କି 'ଠାଠସାଠ' ଠିକ୍ ଏହା କହିବା ଦୁଷ୍କର । ଠାଠ ଶାଠରେ 'ଶଠ୍ୟ'ର ଆଭାସ ଥିବାରୁ 'ଶାଠ' ସମୀଚୀନ, ମାତ୍ର ରାଧାନାଥ ବିବେକୀରେ 'ସାଠ'ର ବ୍ୟବହାର କରିଅଛନ୍ତି (ସେମାନେ ଠାଠରେ ଯାହା କରିବେ ମୁଁ ସାଠରେ ତାହା କରିବି)କେବଳ ଧ୍ୱନିର ଅନୁକରଣରେ । କେଉଁ ଶବ୍ଦର ଠିକ୍ କିଭଳି ରୂପ ପ୍ରଚଳିତ ହେବା ଉଚିତ ଏ ବିଷୟରେ ଅନେକ ସମୟରେ ସ୍ଥିର ନିଷ୍ପତ୍ତି ନ ଥିବାରୁ ବିଭ୍ରାନ୍ତ ହୁଅନ୍ତି । ଓଡ଼ିଆ ଭାଷାରେ ଅନେକ ସ୍ଥଳରେ ଶବ୍ଦର ବନାନ ବିଷୟରେ ସ୍ଥିର ନିଷ୍ପତ୍ତି ନ ଥିବାରୁ ସେଭଳି ବିଶୃଙ୍ଖଳା ଘଟେ ତାହାର ପ୍ରକୃଷ୍ଟ ଉଦାହରଣ ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଏହିକ୍ଷଣି ଶବ୍ଦର ପ୍ରାୟ ୬ ଗୋଟି ବିଭିନ୍ନ ବନାନ (ଏକ୍ଷଣି, ଏଇକ୍ଷଣି, ଏଇଛୁଣି ପ୍ରଭୃତି)ରୁ ସହଜରେ ଅନୁମେୟ;କିନ୍ତୁ ଏସ୍ଥଳରେ କୋଷକାର ନିରୁପାୟ । ଯାହା ଭାଷାରେ ସ୍ୱୀକୃତ ତାକୁ କୋଷରେ ଗ୍ରହଣ କରିବା ଭିନ୍ନ ଅନ୍ୟ ଉପାୟ ନାହିଁ କାରଣ କୋଷଗ୍ରନ୍ଥ ଶବ୍ଦ ସଂଗ୍ରହକାରୀ ଗ୍ରନ୍ଥମାତ୍ର । ଶବ୍ଦ ନିୟନ୍ତ୍ରଣର ଅଧିକାର ତା'ର ନାହିଁ ।

ଓଡ଼ିଆରେ ଅନେକ ସ୍ଥଳରେ ସ୍ୱରକୁ ପ୍ରୟୋଜନ ଅନୁସାରେ ଭଙ୍ଗ କରି ବ୍ୟବହାର କରାଯାଏ ଯଥା:—ସନ୍ଧେ ସ୍ଥାନରେ ସନ୍ଧଇ ବ୍ୟବହାର ସୁପ୍ରଚଳିତ । ଏହିପରି ଯୌତୁକ ସ୍ଥଳେ ଯଉତୁକ, ଯୌବନ ସ୍ଥାନରେ ଯଉବନ ମଧ୍ୟ ପଦ୍ୟରେ ଦେଖାଯାଏ । ଅନ୍ୟ କେତେକ ସ୍ଥଳରେ ଗୋଟିଏ ପଦର ନାନା ପ୍ରକାର ରୂପ ମଧ୍ୟ ଦେଖାଯାଏ ଯଥା:-ରଉଆନା, ରଓୟାନା, ରବାନା, ରମନା ପ୍ରଭୃତି । ସବୁ ପଦ ଯେ ଶୁଦ୍ଧ ତାହା ନୁହେଁ, ମାତ୍ର ନିତ୍ୟ ବ୍ୟବହୃତ ଏହି ଶବ୍ଦମାନଙ୍କର ବନାନଗତ ବିଶୃଙ୍ଖଳା ଦୂର କରିବା ଉଚିତ୍ । ପାଶ୍ଚାତ୍‌ବର୍ତ୍ତୀ ସ୍ୱରର ପ୍ରଭାବରୁ ପୂର୍ବ ସ୍ୱରର ପରିବର୍ତ୍ତନ ଓଡ଼ିଆରେ ସୁପ୍ରଚଳିତ । ଏହି କାରଣରୁ ପ୍ରେରଣାର୍ଥକ କ୍ରିୟା କ୍ଷେତ୍ରରେ ଦୁଇ ପ୍ରକାର ଭିନ୍ନ ପଦ ବ୍ୟବହୃତ ହୋଇଥାଏ ଯଥା:-ଦେଖାଇବା,ଦେଖେଇବା, ରଙ୍ଗାଇବା ରଙ୍ଗେଇବା,ବୁଲାଇବା, ବୁଲେଇବା କରାଉଛି, କରେଉଛି, ରଙ୍ଗାଉଛି, ରଙ୍ଗୋଉଛି ପ୍ରଭୃତି । ପୂର୍ବ ସ୍ୱରର ଏମନ୍ତ ପରିବର୍ତ୍ତନ ଭାଷାତତ୍ତ୍ୱାନୁମୋଦିତ ଓ ଏହାକୁ 'ଅଭିଶ୍ରୁତି' ବୋଲାଯାଏ । ଓଡ଼ିଆ ଭାଷାରେ ଏଭଳି ଅଭିଶ୍ରୁତି ଥିବା ପଦରେ ଦୁଇ ପ୍ରକାର ଉଚ୍ଚାରଣ ଓ ତଦନୁଯାୟୀ ଦୁଇ ପ୍ରକାର ବନାନ ସ୍ୱୀକୃତ ।

ପ୍ରାଚୀନ ଓଡ଼ିଆ ପଦ୍ୟରେ ଶବ୍ଦମାନଙ୍କର ନିରଙ୍କୁଶ ବ୍ୟବହାର ପ୍ରଚଳିତ ଥିଲା । ସେହି କାରଣରୁ ଉଦ୍ଭାସିତ ସ୍ଥାନେ ଉଭାସିତ (ଉଭାସିତ ହୋଇ ପ୍ରଭୁ ବସନ୍ତି ମୁରାରି; ନୃସିଂହ ପୁରାଣ) ଜ୍ୟୋତ୍ସ୍ନା ସ୍ଥାନରେ ଜୋଛନା (ଜୋଛନା ନ ପଡ଼ଇ ଅନଳ ଚନ୍ଦ୍ର ସୂର୍ଯ୍ୟ; ନୃସିଂହପୁରାଣ) ଦର୍ପିଷ୍ଠ ସ୍ଥାନରେ ଦ୍ରପିଷ୍ଠ, ଦୁଷ୍ଟ (ଦ୍ରପିଷ୍ଠ ହେଲେକ ବ୍ରହ୍ମାଣ୍ଡ ଯାକେ ଥିଲେ; ନୃସିଂହପୁରାଣ) ପରାକ୍ରମ ସ୍ଥାନରେ ପ୍ରାକର୍ମ (ବୃଷଭ ଖଗେନ୍ଦ୍ର ସିଂହ ଐରାବତେ କପିଙ୍କ ପ୍ରାକର୍ମ; ବୈଦେହୀଶବିଳାସ) ରାଜସୂୟ ସ୍ଥାନରେ ରାଜୁସି (ତହିଁ ରାଜୁସି ଯଜ୍ଞକାଳେ; ଭାଗବତ) ସୀତା ସ୍ଥାନରେ ସୀତସ୍ଥା (ବିଷ୍ଣୁ ଅବତାରେ ସୀତାସ୍ଥା ହେବ ସହି; ନୃସିଂହ ପୁରାଣ) ସହସ୍ର ସ୍ଥାନରେ ସସ୍ର (ସଗରନାମେ ରାଜନ ଷାଠିଏ ସସ୍ର ନନ୍ଦନ, ବଳଙ୍କା ରାମାୟଣ) କୁନ୍ତୀ ସ୍ଥାନେ କୁଇନ୍ତା ବା କୋଇନ୍ତା (ଦୁର୍ବାସା ବୋଇଲେ ଶୁଣ ଦେବି କୁଇନ୍ତେ; ସାରଳା ମହାଭାରତ) କୋଇନ୍ତା ମାଦ୍ରୀପେ ଦୁଇନାରୀଙ୍କ ହକାରି; ସାରଳା), ଲକ୍ଷଣ ସ୍ଥାନେ 'ଲଇକ୍ଷଣ' (ରାମ ଲଇକ୍ଷଣ ସେ ଗଲେ ତପୋବନକୁ) ବ୍ୟତିରେକ ସ୍ଥାନରେ 'ବ୍ୟସକେ' (ବ୍ୟସକେ ଏଥିକି କାହିଁ ଆନ

ମାର୍ଗଣ- ବୈଦେହୀଶବିଳାସ) ପ୍ରଭୃତି ନାନା ଶବ୍ଦ ପ୍ରାଚୀନ ପଦ୍ୟମାନଙ୍କରେ ଦେଖାଯାଏ, ମାତ୍ର ଆଧୁନିକ ଭାଷାରେ ଏହା ଅପ୍ରଚଳିତ । କୋଷ ଗ୍ରନ୍ଥରେ ଏ ସବୁ କେବଳ ସ୍ଥାନ ପାଇଲେ ମଧ୍ୟ ଶବ୍ଦତତ୍ତ୍ୱ ବିଷୟର ସମସ୍ୟାରେ ଏପରି ବିକୃତିର ଭାଷା ତତ୍ତ୍ୱାନୁଗ କାରଣ ଅନୁସନ୍ଧାନ କରିବାକୁ ପଡ଼େ; ଅର୍ଥାତ୍ ଲକ୍ଷଣରେ ଯେ 'ଇ' ସ୍ୱର ବାସ୍ତବରେ ଗୋଟିଏ glide sound ବା ଶ୍ରୁତି-ଧ୍ୱନି ଏଥିରେ ସନ୍ଦେହ ନାହିଁ । ଏହିପରି ଚେଷ୍ଟା ସ୍ଥାନରେ ଚେଇଷ୍ଟା (ଅନେକ କାଳର ଯେ ଅଟେ ବୃଦ୍ଧୀଗୋଷ୍ଠୀ, ତାହାଠାରେ ହେଲା ମୋର ଏତେକ ଚେଇଷ୍ଟା : ସାରଳା ମହାଭାରତ) ବ୍ରହ୍ମଚର୍ଯ୍ୟ ସ୍ଥାନରେ 'ବ୍ରହ୍ମ-ଚଇର୍ଯ୍ୟ' (ବ୍ରହ୍ମ ଚଇର୍ଯ୍ୟ ସ୍ୱରୂପେ ଛନ୍ତି ଦେହ ଧରି--ନୃସିଂହ ପୁରାଣ) ବ୍ୟବହାରର କାରଣ ମଧ୍ୟ ଏହି ଶ୍ରୁତିଧ୍ୱନି ଅର୍ଥାତ୍ ଏଗୁଡ଼ିକ କବିମାନଙ୍କର ଭ୍ରମାତ୍ମକ ବ୍ୟବହାରର ନିଦର୍ଶନ ନୁହେଁ, ଏହା ପଛରେ ଭାଷା-ତତ୍ତ୍ୱାନୁଗ କାରଣ ବିଦ୍ୟମାନ । ଶ୍ରୁତିଧ୍ୱନିର ପ୍ରକୃଷ୍ଟ ଉଦାହରଣ ପଦ ମଧ୍ୟରେ 'ଯ୍' ବା 'ହ୍' ର ଆଗମରୁ ଦେଖାଯାଏ । ଯଥା କନିଆର ସ୍ଥାନରେ କନିୟାର (ମାଳ କୁସୁମ ପଦ୍ମସାର, ସୁଗନ୍ଧ ପୁଷ୍ପ କନିୟାର : ଭାଗବତ) ଏହିପରି ବଳିଆର ସ୍ଥାନରେ ବଳିୟାର; ବଇଆର ସ୍ଥାନରେ ବଇୟାର, ପୁଆଣି ସ୍ଥାନରେ ପୁହାଣି, ପେଁକାଳି ସ୍ଥାନରେ ପେହେଁକାଳୀ (ହାତିଏ ରଡ଼ି ଦେଲେ ପେହେଁକାଳୀ ପରି : କୃଷ୍ଣସିଂହ ମହାଭାରତ ପହ୍ନି, ଚହ୍ଲା, ଓଗେହ୍ଲା, ଟେହଲା ପ୍ରଭୃତି ପଦରେ 'ହ'ର ଅନୁରୂପ ପ୍ରୟୋଗ ଲକ୍ଷଣୀୟ । କନ୍ଦଳିଆ, କପାଳିଆ ପ୍ରଭୃତି ଶବ୍ଦରେ ପ୍ରଚ୍ଛନ୍ନଭାବରେ 'ଯ୍' ବ୍ୟବହୃତ ହୁଏ, ଅର୍ଥାତ୍ 'ଯ୍' ଉଚ୍ଚାରିତ ହୁଏ, ମାତ୍ର ବନାନରେ ଲେଖାଯାଏ ନାହିଁ । କେତେକ କବି ଅବଶ୍ୟ ନିରଙ୍କୁଶ-ଭାବରେ ଶବ୍ଦର ରୂପ ପରିବର୍ତ୍ତନ କରି ଅଛନ୍ତି ଯଥା---ଶୋଣିତ ସ୍ଥାନରେ ଶ୍ରୋଣି (ପଦପାଦରୁ ପୂଜ ଶ୍ରୋଣି; ଆପ୍ୟାନ କରେ ସେହି ପ୍ରାଣୀ : ମାଘ ମାହାତ୍ମ୍ୟ) କଳ୍ପ ପ୍ରଳୟ ସ୍ଥାନରେ ପ୍ରଳେ ବ୍ୟବହାର (ଯାବତ ସୃଷ୍ଟି ପ୍ରଳେ ହେଲେ, ମୁଁ ସତ୍ୟ ନ ଲଙ୍ଘଇ ଭଲେ--ଦାର୍ଢ୍ୟତାଭକ୍ତି)ର ଶବ୍ଦ ତତ୍ତ୍ୱାନୁଗ ବ୍ୟାଖ୍ୟା ଦେବା ସମ୍ଭବ । ସଂସ୍କୃତ କଙ୍କଣ ଶବ୍ଦରୁ ଆମ୍ଭେମାନେ କଇଁଛ ଶବ୍ଦ ପାଉ ଅଛୁଁ, କାଞ୍ଚ ଶବ୍ଦରୁ କାଇଁଚ ଶବ୍ଦ ମଧ୍ୟ ପ୍ରଚଳିତ (କାଇଁଚ କଙ୍କଣ

ଙ୍କରେ, କାଇଁଚ ମାଳା ହୃଦରେ : ରସକଲ୍ଲୋଳ) ଉଭୟ କ୍ଷେତ୍ରରେ 'ଇ' ଧ୍ୱନି କେବଳ ଶ୍ରୁତ ଧ୍ୱନିମାତ୍ର, ଏହିପରି କାଉଳ ଶବ୍ଦରେ 'ଉ' ମଧ୍ୟ ଶ୍ରୁତ ଧ୍ୱନି ।

ଉଚ୍ଚାରଣକୁ ସୁକର କରିବା ନିମନ୍ତେ ଶ୍ରୁତଧ୍ୱନିମାନଙ୍କର ବ୍ୟବହାର ହୁଏ । 'ମ' ଓ 'ର' ବା 'ଳ' ମଧ୍ୟରେ 'ବ' ଏହିପରି ଗୋଟିଏ ଶ୍ରୁତଧ୍ୱନି ରୂପେ ବହୁ ପ୍ରାଚୀନ କାଳରୁ ଓ ଆର୍ଯ୍ୟ ଗୋଷ୍ଠୀ ଭୁକ୍ତ ବହୁ ଭାଷାରେ ପ୍ରଚଳିତ । ଏହିପରି 'ନ' ଓ 'ର' ମଧ୍ୟରେ 'ଦ' ର ଆଗମ ମଧ୍ୟ ନାନା କ୍ଷେତ୍ରରେ ଦେଖାଯାଏ । ଓଡ଼ିଆରେ ଏହାର ଉଚ୍ଚାରଣ ଆମ୍ବ, ତମ୍ବା ଅମ୍ବିଳା (ଅମ୍ଳ ଶବ୍ଦରୁ) ଜାମ୍ବୁର, ଜାମ୍ବୁ; ସୁନ୍ଦର (ସୁନ୍ଦର ଶବ୍ଦରୁ), ହୁନ୍ଦର (କାହିଁ ସେ ହୁନ୍ଦର, ଯେ ହୁନ୍ଦର ବଳେ ପୁରୁଷ ହେବ ରମଣୀ : ଯଯାତିକେଶରୀ । ଏହି ଶବ୍ଦଟି (ଗାଁ = ହୁନ୍ଦର = ଭାଷତାରୁ ଉଦ୍ଭୁତ) ଉଚ୍ଚାରଣ ସୌକର୍ଯ୍ୟାର୍ଥେ ଆମ୍ଭେ-ମାନେ ଅନ୍ୟ ନାନା ଭାବେ ଶବ୍ଦକୁ ବିକୃତ କରିଥାଉଁ (୧) ଶବ୍ଦର ପ୍ରଥମରେ ଗୋଟିଏ ସ୍ୱରବର୍ଣ୍ଣ ଯୋଗକରି ଯଥା :— ଇସ୍କୁଲ, ଅସ୍ତାବଲ, ଇଷ୍ଟେସନ, ଇସପିସଲ ପ୍ରଭୃତି । (୨) ପଦର ମଧ୍ୟଭାଗରେ ମଧ୍ୟ ଏହିପରି ସ୍ୱରବର୍ଣ୍ଣ ଯୁକ୍ତ କରାଯାଏ ଯଥା-- ଶିଲଟ, ଶିରାବଣ (ଦେଖ ୧ମ ଚିତ୍ରଣ; ଜଳ ତେଜେ ଅନୁକ୍ଷଣ) । ଶବ୍ଦର ଉଚ୍ଚାରଣକୁ ସୁକର କରିବାର ଗୋଟିଏ ବିଶିଷ୍ଟ ଉଦା-ହରଣ ଏ ।ନର ଦିଆଯାଇ ପାରେ, 'ଅଜଗମର' ଗୋଟିଏ ବଡ଼ ଶବ୍ଦ । ଏହାର ଉଚ୍ଚାରଣକୁ ସହଜ କରିବା ନିମନ୍ତେ ଓଡ଼ିଆରେ ଅଜାଗର (ଉହ୍ୱଳ ଅଜାଗର ହୋଇ : ଦାର୍ଢ୍ୟତାଭକ୍ତି) ଓ ଅଜାମର (ସାଧନ୍ତେ ଅଜାମର ହୋଇବ ଖର ଦେହୀ, ନୃସିଂହ ପୁରାଣ) ଉଭୟବିଧ ଶବ୍ଦ ଗଠିତ ହୋଇଅଛି । ଅଜ-କାଲି ଅବଶ୍ୟ ମୁଦ୍ରାଯନ୍ତ୍ରର ପ୍ରଚଳନ ଯୋଗୁଁ ଓ ଅଭିଧାନ ଗ୍ରନ୍ଥମାନଙ୍କର ପ୍ରଭାବରେ ଏଭଳି ଯଥେଷ୍ଟ ଶବ୍ଦ ଗଠନ କରିବା ସମ୍ଭବପର ହେଉ ନାହିଁ । ଶବ୍ଦର ବନାନଗତ ବିଶୃଙ୍ଖଳାର ଗୋଟିଏ ଉଦାହରଣ ସଂସ୍କୃତ 'କୁରେଶାଣି' । ଏହି ଶବ୍ଦ ଓଡ଼ିଆ ପ୍ରାଚୀନ କାବ୍ୟରେ କୁରୈସୁଣୀ, କୁରଇସୁଣୀ, କୁଳେଇସୁଣୀ କୁଲାଇସଣୀ ପ୍ରଭୃତି ବହୁ ବନାନରେ ବ୍ୟବହୃତ । ଅନ୍ୟ ଦିଗରେ ଶବ୍ଦ-ତତ୍ତ୍ୱାନୁଗ ପରିବର୍ତ୍ତନର ଦୃଷ୍ଟାନ୍ତ ମଧ୍ୟ ପ୍ରାଚୀନ କାବ୍ୟମାନଙ୍କରେ ଦେଖଯାଏ ।

ସାରଳା ମହାଭାରତରେ ସଂସ୍କୃତ ଧ୍ୱଜଭଙ୍ଗ 'ଧ୍ୱଙ୍ଗାସ'ରେ ପରିଣତ ହୋଇଛି । ଯଥା- - (ଧ୍ୱଙ୍ଗାସେ ଦାନବ ହୋଇ ମରେ ହେଲୁ ବଣ) ପରବର୍ତ୍ତୀ କାଳରେ ଏହି ଶବ୍ଦରୁ ଢିଙ୍ଗାସ ଶବ୍ଦ ଜାତ ହୋଇଅଛି । ବର୍ତ୍ତମାନ ଢିଙ୍ଗାସ ମଧ୍ୟ ଅପ୍ରଚଳିତ ।

ଓଡ଼ିଆ ଶବ୍ଦର ଉଚ୍ଚାରଣ ରୀତିର ଆଲୋଚନା କରିବା ସହଜ, କାରଣ ଉଚ୍ଚାରଣ ବନାନ- ଅନୁଗାମୀ । ଓଡ଼ିଆରେ ପ୍ରତ୍ୟେକ ବର୍ଣ୍ଣର ସ୍ପଷ୍ଟ ଉଚ୍ଚାରଣ କରିବାହିଁ ବିଧି ଓ ଶବ୍ଦାନ୍ତ ସ୍ଥିତ ଅକାରାନ୍ତ ଶବ୍ଦର ହସନ୍ତ ଉଚ୍ଚାରଣ ଅପ୍ରଚଳିତ; କିନ୍ତୁ ଓଡ଼ିଆରେ ଏ ଦିଗରେ ମଧ୍ୟ କେତେକ ବ୍ୟତିକ୍ରମ ଦେଖାଯାଏ । 'ସେ ଦିନକୁ ଦିନ ଶୁଖିଯାଉଛି' ଓ 'ସେ ଦିନ ଦିନ ଶୁଖି ଯାଉଛି' ବା 'ମୁଁ ଦିନ ଆଣେ ଦିନ ଖାଏ' ବାକ୍ୟମାନଙ୍କରେ 'ଦିନ' ଶବ୍ଦ ଅକାରାନ୍ତ ଓ ହସନ୍ତ ଉଭୟବିଧ ଉଚ୍ଚାରଣ ଦେଖାଯାଏ । ଲେଖିଲାବେଳେ କିନ୍ତୁ ସାଧାରଣତଃ ହସନ୍ତର ଚିହ୍ନ ଦେଖାଯାଏ ନାହିଁ । ଏହିପରି 'ସଭାକୁ ପାଞ୍ଚଜଣ ଲୋକ ଆସିଥିଲେ- ବା କାରେ ପାଞ୍ଚ ଓ ଦଶ ଶବ୍ଦର ଉଚ୍ଚାରଣ ଅକାରାନ୍ତ ମାତ୍ର 'ତରକାରୀ ନେଲେ ସେ ପାଞ୍ଚ ଦଶଟଙ୍କା ଦେଇ ଦେବ' ବା କାରେ 'ପାଞ୍ଚ' 'ଦଶ' ହସନ୍ତ । ସଂଖ୍ୟାବାଚକ 'ବାର' ଶବ୍ଦ ଅକାରାନ୍ତ ମାତ୍ର ଦିନବାଚକ 'ବାର' (ସୋମବାର, ବୁଧବାର ଇତ୍ୟାଦି) ହସନ୍ତ । ବାସ୍ତବିକ ଓଡ଼ିଆ ଅକାରାନ୍ତ ଶବ୍ଦମାନଙ୍କର ହସନ୍ତ ଉଚ୍ଚାରଣ ବିଷୟରେ କେତେକ ସୁସ୍ପଷ୍ଟ ରୀତି ଅଛି । ବୈଦେଶିକ ଶବ୍ଦମାନଙ୍କ କ୍ଷେତ୍ରରେ ଏଗୁଡ଼ିକ ହସନ୍ତ ଶବ୍ଦରୂପରେ ପରିଚୟ ହେବାହିଁ ବିଧି ଯଥା- ଜଜ, କାଲଟର, ରେଲ, ଟ୍ରେନ, ବରଫ, ଇନସାଫ, ସରପ, ଶାଲ; ଆଲୁଅନ । ଏ କ୍ଷେତ୍ରରେ ମଧ୍ୟ ସାଧାରଣ ଲୋକେ କେତେକ ସମୟରେ ଏସବୁ ଶବ୍ଦର ଅକାରାନ୍ତ ଉଚ୍ଚାରଣ କରିଥାନ୍ତି (ଯଥା :- ସାହେବ ଆସିଗଲେ, କାଗଜ ଆଣ ଇତ୍ୟାଦି) କିନ୍ତୁ ବିଦେଶୀ ଶବ୍ଦର ହସନ୍ତ ଉଚ୍ଚାରଣ ହିଁ ରୀତି । ଦ୍ୱିତୀୟରେ ଅନାଦରାର୍ଥେ ବା ନୀଚ ସ୍ତରର ବ୍ୟକ୍ତିକୁ ଅନୁଜ୍ଞା ଦେବାରେ ହସନ୍ତର ବ୍ୟବହାର ପ୍ରଚଳିତ ଯଥା- ତୁ ବସ୍ ତୁ ଦେଖ, ଦେଖ କାଲି ସକାଳୁ ଆସିବୁ ଇତ୍ୟାଦି । ଅପର ଦିଗରେ ତୁମେ ବସ, ତୁମେ ଦେଖ ଇତ୍ୟାଦି । ଆମ୍ଭମାନେ କହୁଁ ଶିଖ ତୁମ ଗୁରୁସ; କିନ୍ତୁ ରଖ୍ ତୋ କଥା ଇତ୍ୟାଦି । ତୃତୀୟରେ ଧ୍ୱନ୍ୟନୁକରଣରୁ ଜାତ ଶବ୍ଦମାନଙ୍କ କ୍ଷେତ୍ରରେ ହସନ୍ତ

ଧ୍ୱନି ପ୍ରଚଳିତ ଯଥା— ଘୁଣ୍ଟ୍ ଫାଣ୍ଟ୍, ଢୁଲ୍ ଢାଲ୍; ବଲ୍ ବଲ୍ କରି ଅନାଇ ରହିଲା, ଗଳ ଗଳ କରି ରକ୍ତ ବାହାରିଲା, ଲଟ୍‌କିନା ଶୋଇ ପଡ଼ିଲା, ଦୁମ୍‌କିନା ପଡ଼ିଗଲା । ଅନେକ କ୍ଷେତ୍ରରେ ପୁଣି ସହଚର ଶବ୍ଦର ବ୍ୟବହାର ଥିଲେ ହସନ୍ତ ଉଚ୍ଚାରଣହିଁ ବିଧି ଯଥା—ଶୁନ୍‌ଶାନ୍, ବସ୍‌ଉଠ୍ (ମୁଁ ସେ ଘରେ ବସ ଉଠ କରୁଚି), ଧମକ୍‌ଧକ୍ ପ୍ରଭୃତି, ଉଚ୍ଚାରଣ ଶୈଥିଲ୍ୟ ଯୋଗୁଁ ବା ଶବ୍ଦର ଅର୍ଥ-ପାର୍ଥକ୍ୟ ନିର୍ଦ୍ଦେଶ କରିବାକୁ ମଧ୍ୟ ହସନ୍ତ ଓ ଅକାରାନ୍ତ ଶବ୍ଦର ଉଚ୍ଚାରଣଗତ ପାର୍ଥକ୍ୟ ଦେଖାଯାଏ : ଯଥା—ଖରାପ ତୁ ହେଲୁଣିରେ, ମାତ୍ର ଖରାପ କଥା କହନାହିଁ, ମୋ ଛୁରିରେ ଧାର ନାହିଁ, ମାତ୍ର ମୁଁ ଧାର-ଉଧାର କରି ଚଳୁଚି, ଉଚ୍ଚାରଣ ଶୈଥିଲ୍ୟ ଯୋଗୁଁ ମଶଲା ମଶ୍‌ଲାରେ ପରିଣତ ହୋଇଛି । କୋତରା ଓ କତରାର ବ୍ୟବହାରରେ ହସନ୍ତ ସ୍ପଷ୍ଟ ଦେଖାଯାଉଅଛି । 'ବାହାର' ବିଦେଶୀ ଶବ୍ଦ, ଏହାର 'ର' ହସନ୍ତ ଉଚ୍ଚାରଣ ପ୍ରଚଳିତ; କିନ୍ତୁ ରାଧାନାଥଙ୍କ ମେଘଦୂତ ଅନୁବାଦରେ ଏହି ଶବ୍ଦକୁ ସ୍ପଷ୍ଟ ଅକାରାନ୍ତ କରାଯାଇଅଛି ଯଥା:— 'ସୁରେନ୍ଦ୍ର ଗୃହ ଯେହ୍ନେ ଦିଶେ ବାହାର । ପୁଣି ସଂଖ୍ୟାବାଚକ ଶବ୍ଦମାନଙ୍କ କ୍ଷେତ୍ରରେ ଏହିଭଳି ହସନ୍ତ ଉଚ୍ଚାରଣ ମଧ୍ୟ ପ୍ରଚଳିତ ଯଥା—ଏକ୍‌ମାଟିଆ, ଏକତରଫା, ସାତ ଆଠ ଟଙ୍କା ପଡ଼ିବ, ଶହେ ପଚିଶ୍ ଗଣିଦେବ ପ୍ରଭୃତି । ଗୋଟିଏ କ୍ଷେତ୍ରରେ ଉଚ୍ଚାରଣଗତ ବିଶୃଙ୍ଖଳା ଯୋଗୁଁ ଅତି କୌତୂହଳୋଦ୍ଦୀପକ ଶବ୍ଦର ଉଦ୍ଭବ ହୋଇଅଛି । ଆମ୍ଭମାନଙ୍କର ଜାତୀୟତାର ଜଣେ ପ୍ରଧାନ ପୁରୁଷ ହେଉଛନ୍ତି ଶିବାଜୀ; ବାସ୍ତବରେ ସେ ଶିବାଜୀ ଅର୍ଥାତ୍ ତାଙ୍କ ନାମ ଶିବ ଓ ଦ୍ରୁତ ଉଚ୍ଚାରଣ ଯୋଗୁଁ ଏହା ଶିବ୍‌ଜୀରୂପେ ଉଚ୍ଚାରିତ ଇଂରାଜରେ ଏହି ଶବ୍ଦର ଅନୁଲିଖନରେ 'Shivayi' ବୋଲି ଲିଖିତ ହେଲା ଓ ଭ୍ରାନ୍ତିବଶତଃ ଆମ୍ଭେମାନେ ପୁନରନୁଲେଖନ ସମୟରେ ଏହାକୁ ଶିବାଜୀରେ ପରିଣତ କଲୁଁ ଓ ଧୂର୍ତ୍ତତାର ପ୍ରତୀକ ଶିବା ସହିତ ଏହାର ସମନ୍ୱୟ ସାଧିତ କରି ଏହାଙ୍କୁ ମୋଗଲ ସାମ୍ରାଜ୍ୟର ଅତି ଧୂର୍ତ୍ତ ବିନାଶକାରୀ ରୂପେ କଳ୍ପିତ କରି ଶିବାଜୀଙ୍କଠାରେ ଗୁଣାନୁଯାୟୀ ନାମ ଆରୋପ କଲୁଁ । ବାସ୍ତବରେ ଶିବାଜୀ ଆମ୍ଭମାନଙ୍କର ପରିଚିତ ନେତା, ଶିବ୍‌ଜୀ ଆମ୍ଭମାନଙ୍କ ପକ୍ଷରେ ଅପରିଚିତ ।

ଦ୍ରୁତ ଉଚ୍ଚାରଣଯୋଗୁଁ କେତେକ ଶବ୍ଦରେ ଧ୍ୱନି ବିପର୍ଯ୍ୟସ୍ତ ହୋଇ ଯାଇଅଛି । ଏହାର ପ୍ରକୃଷ୍ଟ ଉଦାହରଣ ସଂସ୍କୃତ 'ସିଂହ' ଶବ୍ଦ କାରଣ ତାହା

'ହଂସ' ଧାତୁରୁ ନିଷ୍ପନ୍ନ । ଓଡ଼ିଆ ଏହାର ଉଦାହରଣ 'ଦହ' କାରଣ ଏହି ଶବ୍ଦଟି ହ୍ରଦରୁ ସ୍ୱୀକୃତ । ପୂର୍ବେ କେତେକ ଓଡ଼ିଆ କବିତାରେ ପଗୃଣ' ଶବ୍ଦ ପିଶାଚ ଶବ୍ଦର ପରିବର୍ତ୍ତରେ ଲିଖିତ ହେଉଥିଲା (ଯଥା:-ଏ ପାଞ୍ଚକନ୍ୟା ବ୍ରହ୍ମ ଋଷି ହେଲେ ଯେ ପିଗୃଣ ପିଗୃଣୀ; ମାଘ ମହାତ୍ମ୍ୟ) ମାତ୍ର ପିଗୃଣ ବର୍ତ୍ତମାନ ଅପ୍ରଚଳିତ ବର୍ଣ୍ଣ-ବିପର୍ଯ୍ୟର ଅନ୍ୟ ଗୋଟିଏ ଉଦାହରଣ ଚରକା-କାରଣ ଏହା ଚକ୍ରରୁ ଜାତ । ବିଦେଶୀ ଚକ୍‌କର ଓ ଅନ୍ତ ପରିଚିତ ଚକୁଳି ପିଠିରେ ମଧ୍ୟ ଚକ୍ରର ମୂଳରୂପ କେହି କେହି ଆରୋପ କରନ୍ତି, ମାତ୍ର କୋଷଗ୍ରନ୍ଥରେ ଚକୁଳି ଶବ୍ଦ ଶଙ୍କୁଲି ଶବ୍ଦରୁ ଆଗତ ବୋଲି ସ୍ୱୀକୃତ । ବେମାର ଓ ବେଗମ ଉଭୟ ପ୍ରକାର ଶବ୍ଦ ସ୍ୱୀକୃତ ଓ ଭରଦ୍ୱାଜ ପକ୍ଷୀ ଭଦଳିଆରେ ପରିଣତ ହୋଇଅଛି । ଏ ସବୁ ବ୍ୟତିକ୍ରମ ଥିଲେ ମଧ୍ୟ ଓଡ଼ିଆ ଉଚ୍ଚାରଣ ମୂଳତଃ ଲିଖିତ ରୂପକୁ ଅନୁସରଣ କରେ ଏଥିରେ ସନ୍ଦେହ ନାହିଁ ।

ଓଡ଼ିଆରେ ନିତ୍ୟ ବ୍ୟବହୃତ ହାଲୁକା ଶବ୍ଦରେ ମଧ୍ୟ ବର୍ଣ୍ଣ ବିପର୍ଯ୍ୟୟର ସନ୍ଧାନ ମିଳିପାରେ, କାରଣ ଶବ୍ଦଟି ବାସ୍ତବରେ ସଂସ୍କୃତ ଲଘୁକ, ଏହି ଶବ୍ଦ ପ୍ରାକୃତମାଧ୍ୟମରେ (ଲହୁକ) 'ହଲୁକ'ରେ ପରିବର୍ତ୍ତିତ ହୋଇ ଓଡ଼ିଆରେ ହାଲୁକାରେ ପରିଣତ ହୋଇଅଛି । ହଳଦୀ ଆକାର ଧାରଣ କରିଅଛି ଅର୍ଥାତ୍ ଏହି ଶବ୍ଦରେ 'ଇ'କାର ପୂର୍ବବର୍ତ୍ତୀ ବର୍ଣ୍ଣରୁ ସ୍ଥାନାନ୍ତରିତ ହୋଇ ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତ ହୋଇଅଛି ।

ଓଡ଼ିଆରେ ଶବ୍ଦମାନଙ୍କର ପ୍ରୟୋଗରୀତିରେ କେତେକ ବିଶେଷତ୍ୱ ଦେଖାଯାଏ । ଅନିଶ୍ଚୟତା ସୂଚିତ କରିବା ନିମନ୍ତେ କେତେକ ବିଶେଷ ପ୍ରୟୋଗରୀତି ଓଡ଼ିଆରେ ସ୍ୱୀକୃତ । ଦଶ ତାରିଖ ବେଳକୁ (ବା ଆଡ଼କୁ) ଆସିବୁ କହିଲେ ଅନିଶ୍ଚୟତା ଜ୍ଞାପିତ ହୁଏ ଅର୍ଥାତ୍ ଦଶ ତାରିଖ ବା ତହିଁର ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ଦୁଇ ତିନି ଦିନ ମଧ୍ୟରେ ଆସିବୁ ଏହି ଅର୍ଥ ସୂଚିତ ହୁଏ, ମାତ୍ର ଦଶ ତାରିଖରେ ଆସିବୁ କହିଲେ ଠିକ୍ ଦଶ ତାରିଖର ଅର୍ଥାତ୍ ଦଶ ତାରିଖର ନିଶ୍ଚୟତା-ଜ୍ଞାପନ ଅର୍ଥ ଗ୍ରହଣ କରାଯାଏ । ଏହିପରି ପାଞ୍ଚଟା ବେଳକୁ କହିଲେ ପାଞ୍ଚଟାବାଜିବାର ଏପାଖ ସେପାଖ କିଛି ସମୟ ମଧ୍ୟରେ ଅନିଶ୍ଚୟତାସୂଚକ ଅର୍ଥରେ ଗ୍ରହଣ କରାଯାଏ; ମାତ୍ର ପାଞ୍ଚଟା ବେଳେ ଆସିବୁ

କହିଲେ ନିଶ୍ଚିତ ପାଞ୍ଚଟା ସୂଚିତ କରେ । ଏହିପରି ବାକ୍ୟରେ ସଂଖ୍ୟାବାଚକ ଶବ୍ଦର ସ୍ଥାନ ପରିବର୍ତ୍ତନ ଦ୍ୱାରା ମଧ୍ୟ ନିଶ୍ଚିତତା, ଅନିଶ୍ଚିତତା ସୂଚିତ ହୋଇପାରେ ଯଥା:— ପାଞ୍ଚଜଣ ଆସିଥିଲେ (ନିର୍ଦ୍ଦିଷ୍ଟ ପାଞ୍ଚଜଣ), ଜଣ ପାଞ୍ଚ ଲୋକ ଆସିଥିଲେ (ଅନିର୍ଦ୍ଦିଷ୍ଟ ଅଳ୍ପସଂଖ୍ୟକ) ଏହିପରି ଦେହେଜଣ ଲୋକ ଆସିଥିଲେ କହିଲେ ନିର୍ଦ୍ଦିଷ୍ଟ ଦେହେଜଣ, ମାନ ଜଣ ଦେହେ ଲୋକ କହିଲେ ପ୍ରାୟ ଅର୍ଥାତ୍ ଅନିର୍ଦ୍ଦିଷ୍ଟ ଦେହେଜଣ ସୂଚିତ ହୋଇପାରେ ଯଥା:- ଚାରିପାଞ୍ଚଜଣ ଲୋକ ଆସିଥିଲେ, ଚାରି ଛ' ଟଙ୍କା ଦାମ ପଡ଼ିବ, ପାଞ୍ଚ ଦଶଟଙ୍କା ଦିଅ, ଇତ୍ୟାଦି । ଦୁଇ ସଂଖ୍ୟାର ବିପରୀତ କ୍ରମରେ ବ୍ୟବହାର କରାଗଲେ ଅନିର୍ଦ୍ଦେଶ ଆହୁରି ସ୍ପଷ୍ଟ ଭାବରେ ପ୍ରକାଶିତ ହୁଏ ଯଥା:- ଏତେ ସାତ ପାଞ୍ଚ' କଣ ଭାବୁଚୁ ? ମୁଁ ଏତେ ନଅ ଛଅ ଜାଣେ ନାହିଁ, ଦରକାର ପଡ଼ିଲେ ସେ ଶହ ପଚାଶ ଗଣି ଦେବ, ଦଶ ପାଞ୍ଚ ଟଙ୍କା ଦରକାର ପଡ଼ିଲେ ସେ ଦେଇଦେବ । କ୍ରମ ଥାଇ ମଧ୍ୟ ଦୁଇଗୋଟି ବିଯୁକ୍ତ କ୍ରମ ସଂଖ୍ୟା ପ୍ରୟୋଗ କରାଯାଇ ଏହିପରି ଅନିର୍ଦ୍ଦେଶ ସୂଚିତ କରାଯାଏ ଯଥା; - ସେଠାରେ ଚାରି ଆଠଦିନ ରହି ଆସିବି, ସେ ସାତ ସତର କଥା ବଖାଣିଲା । ଏଠି ବି ଦଶଦିନ ରହିଯାଅ ଇତ୍ୟାଦି; ମାତ୍ର କେତେକ ସଂଖ୍ୟାବାଚକ ଶବ୍ଦ କ୍ଷେତ୍ରରେ ଏପରି ପ୍ରୟୋଗରୀତି ଦେଖାଯାଏ । ସବୁ ସଂଖ୍ୟା ଏପରି ଭାବରେ ପ୍ରଯୁକ୍ତ ହୁଏ ନାହିଁ । 'ବାର ତେର' 'ତେର ଚୌଦ' ବ୍ୟବହାର ପ୍ରଚଳିତ, ମାତ୍ର ଏଗାର ତେର ପ୍ରଚଳିତ ନୁହେଁ କିମ୍ବା ଦଶ ବାରଦିନ ପରିବର୍ତ୍ତେ ସାତ ନଅ କହି ହେବ ନାହିଁ କିମ୍ବା ଦଶ ପାଞ୍ଚଟଙ୍କା ବଦଳରେ ଛଅ କଥା ବ୍ୟବହାର କରିବା ଭୁଲ; କିନ୍ତୁ ଦଶ ବାର ଜଣ ପ୍ରଚଳିତ ହେଲେ ହେଁ ଏଗାର ବାରଜଣ ପ୍ରଚଳିତ ନୁହେଁ । ପାଞ୍ଚ ଛଅଜଣ ପାଞ୍ଚ ସାତଜଣ ଉଭୟ ଅନିର୍ଦ୍ଦିଷ୍ଟ ସଂଖ୍ୟା ଜ୍ଞାପନାର୍ଥେ ବ୍ୟବହୃତ କିନ୍ତୁ ଅନିର୍ଦ୍ଦିଷ୍ଟ ସଂଖ୍ୟାର ମାତ୍ରା ମଧ୍ୟରେ ତାରତମ୍ୟ ରହିଯାଏ । ପାଞ୍ଚ ଆଠଜଣ ବା ନଅ ଏଗାର ଜଣ ଏପରି ପ୍ରୟୋଗ ରୀତି ବିରୁଦ୍ଧ ଓ ଭ୍ରାନ୍ତ ।

ଅନିଶ୍ଚିତତା ସୂଚିତ କରିବା ନିମନ୍ତେ ଖଣ୍ଡେ ଶବ୍ଦର ବ୍ୟବହାର ମଧ୍ୟ ଓଡ଼ିଆରେ ପ୍ରଚଳିତ । ପାଞ୍ଚଜଣ ଖଣ୍ଡେ କହିଲେ ପ୍ରାୟ ପାଞ୍ଚଜଣ ଏହି ଅର୍ଥ ସୂଚିତ ହୁଏ ଅର୍ଥାତ୍ ସଂଖ୍ୟା ବିଷୟରେ ଅନିଶ୍ଚିତତା ସୂଚିତ ହୁଏ ଦଶଟଙ୍କା ଖଣ୍ଡେ କହିଲେ ଆନୁମାନିକ ଦଶଟଙ୍କା ସୂଚିତ ହୁଏ । 'ଖଣ୍ଡ'

ଶବ୍ଦର ଦ୍ୱିତ୍ୱ ବ୍ୟବହାର ମଧ୍ୟ ସୁପ୍ରଚଳିତ । ପାଞ୍ଚଖଣ୍ଡ ଖଣ୍ଡେ ଲୁଗା ପାଇଲି କହିଲେ ଅନିର୍ଦ୍ଦିଷ୍ଟ ପାଞ୍ଚଖଣ୍ଡ ଅର୍ଥ ସୂଚିତ ହୁଏ, ଅର୍ଥାତ୍ ଏହାର ଅର୍ଥ 'ତିନି ଚାରି ଖଣ୍ଡ ମଧ୍ୟ ହୋଇପାରେ କିନ୍ତୁ ପାଞ୍ଚଖଣ୍ଡରୁ ଅଧିକ ନୁହେଁ' ଏହି ଅର୍ଥ ସମୀଚୀନ । ଏହିପରି ଦଶଖଣ୍ଡ ଖଣ୍ଡେ ବହି ଆଣ, ବାର ଖଣ୍ଡ ଖଣ୍ଡେ ପୁରି, କୋଡିଏ ଖଣ୍ଡ ଖଣ୍ଡେ ଦଲିଲ ଇତ୍ୟାଦି । ଏସବୁ କ୍ଷେତ୍ରରେ 'ଖଣ୍ଡେ' ମାତ୍ରା ସୂଚିତ କରେ । ଅନିଶ୍ଚୟତା ସୂଚିତ କରିବା ନିମନ୍ତେ କ୍ରିୟା ପଦର ମଧ୍ୟ କେତେକ ରୂପଗତ ପରିବର୍ତ୍ତନ କରାଯାଇ ଥାଏ, ଯଥା—ଖାଇ ସାରିବଣି କହିଲେ ଖାଇ ସାରିବା ସମ୍ଭବ ମାତ୍ର ଅନିର୍ଦ୍ଦିଷ୍ଟ । ଏହାହିଁ ସୂଚିତ ହୁଏ । ଏହିପରି ରେଲ ଆସିଯିବଣି । ସେମାନେ ବସିବେଣି । (ବା ବସିଯିବେଣି) ଏହିପରି ପ୍ରୟୋଗଦ୍ୱାରା କେବଳ ସମ୍ଭାବନା ହିଁ ପ୍ରକାଶିତ ହେଉଅଛି, କିନ୍ତୁ ଏତେକ୍ଷଣ ଆସିଯାଇଥିବ ଓ ଏତେକ୍ଷଣ ଆସି ଯିବଣି ଏହି ବାକ୍ୟମାନଙ୍କରେ ବିଭିନ୍ନ ପ୍ରକାରର ଅନିଶ୍ଚୟତା ସୂଚିତହୁଏ । ଧ୍ୱନିବିଷୟକ ଅନିଶ୍ଚୟତା ସୂଚିତ କରିବା ନିମନ୍ତେ 'କନି' ଶବ୍ଦର ବ୍ୟବହାର ଘଟିଥାଏ, 'କନିରେ' 'କନା' ଏହି ସମ୍ଭାବନାକୁ ମାତ୍ର ସୂଚିତ କରେ । 'ଠୋ କନି ଫାଟିଲି'ରେ 'କନି' ଅନିର୍ଦ୍ଦିଷ୍ଟ ଓ ସମ୍ଭାବନା ସୂଚକ,ମାତ୍ର 'ଠୋ କରି ଫାଟିଲି' କହିଲେ 'ଠୋ'ଧ୍ୱନିର ନିଶ୍ଚୟତା ସ୍ୱୀକୃତ ଅର୍ଥାତ୍ ଏହି'କନି' କ୍ରିୟାସହିତ ଯୁକ୍ତ 'ଣି'ର ସମଗୋତ୍ରୀୟ ଓ ଉଭୟେ 'ନା' ଶବ୍ଦ ସହିତ ସମ୍ପୃକ୍ତ । କିନ୍ତୁ 'କନି' ଶବ୍ଦ ନିଶ୍ଚୟତା; ଜ୍ଞାପକ ଭାବରେ ମଧ୍ୟ ବ୍ୟବହୃତ ହୁଏ ଓ 'କିନ୍ତୁ' ଶବ୍ଦରୁ ଗତ ବୋଲି ଗଣନା କରାଯାଏ ଯଥା;- (କେତେକୁ ସେ ବି ମୋତେ କରିବ ଭଜନା,କେତେବେଳେ ସେ ପ୍ରାଣୀ ଶୁକ୍ଳତହୁଏ କନା : ନାମରତ୍ନ ଗୀତା) । ଓଡ଼ିଆ ଶବ୍ଦମାନଙ୍କର ଏ ପ୍ରକାର ଅନିର୍ଦ୍ଦେଶ ସୂଚକ ପ୍ରୟୋଗ ଅନ୍ୟ ଭାଷାରେ ପ୍ରାୟ ଦେଖାଯାଏ ନାହିଁ । 'ନା' ଶବ୍ଦର ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଗୋଟିଏ ଗୁଣ ସ୍ୱୀକୃତ ହୁଏ । ମୂଳତଃ ଏହା ନିଷେଧାର୍ଥକ ଓ 'ନାହିଁ' ଏହି ଅର୍ଥ ସୂଚିତ କରେ; କିନ୍ତୁ ଏହାର ନିଶ୍ଚୟାତ୍ମକ ବା ଅସ୍ତ୍ୟର୍ଥକ ବ୍ୟବହାର ମଧ୍ୟ ଦେଖାଯାଏ, ବରଂ ଦୁଇଥର 'ନା' ଶବ୍ଦର ପ୍ରୟୋଗଦ୍ୱାରା ନିଶ୍ଚୟାତ୍ମକ ଦୃଢତା ସୂଚିତ ହୋଇ ପାରେ । 'ସକଳ-ଜୀବେ ପଡ଼ଦାତା, ତୁମ୍ଭଠାଁ ନାହିଁ ନା କରତା' (ଦାର୍ଢ୍ୟତାଭକ୍ତି)ରେ 'ନାହିଁ ନା'ର ଅର୍ଥ ନିଶ୍ଚୟ ନାହିଁ । ତୁ ଯିବୁ ନା ? ସାମାନ୍ୟତଃ ସମ୍ଭାବନାସୂଚକ ପ୍ରଶ୍ନ, କିନ୍ତୁ' ତୁ ଯିବୁନା'ର ଭିନ୍ନ ଉଚ୍ଚାରଣଦ୍ୱାରା ଯିବାର ନିଶ୍ଚୟତା-ଜ୍ଞାପକ

ନିର୍ଦ୍ଦେଶ । ଏଥିରେ ଅବଶ୍ୟ ଉଚ୍ଚାରଣଗତ ବିଶେଷ ପ୍ରୟୋଗବିଧି ଅଛି, ମାତ୍ର ଲିଖିତ ଆକାରରେ ଏହି ପ୍ରୟୋଗବିଧି ଦେଖାଇବା ସମ୍ଭବ ନୁହେଁ । ପୁଣି, ନାହିଁ ନାହିଁ ଆଜି ବର୍ଷା ହେଲା । ଏଠାରେ ଗୋଟିଏ ବିଶେଷ ଅର୍ଥ ପ୍ରକାଶିତ ହେଉଅଛି । ବର୍ଷା ହେବା ସମ୍ଭବ ମାତ୍ର ଭଗବାନ ଜାଣନ୍ତି ଯେପରି ବର୍ଷା ନ ହୁଏ ଏହିପରି ଅର୍ଥ ସୂଚିତ ହେଉଅଛି । ଅର୍ଥାତ୍ ନାହିଁ । ଶବ୍ଦର ନଞର୍ଥକ ବ୍ୟବହାର ମଧ୍ୟ ଅର୍ଥ ଜ୍ଞାପକ ନିମନ୍ତେ ନାନା ପ୍ରକାର ପ୍ରୟୋଗବିଧି ପ୍ରଚଳିତ ଅଛି । ଶବ୍ଦତତ୍ତ୍ୱର ଅନୁଶୀଳନ କରିବା ସମୟରେ ଶବ୍ଦର ଅର୍ଥ-ପ୍ରକାଶିକା ଶକ୍ତି ବିଷୟରେ ମଧ୍ୟ ଅନୁସନ୍ଧାନ କରିବାକୁ ହୁଏ । ଭାଗବତରେ—କୃଷ୍ଣର ନିକଟର ଲାଗି; ନିପୁଣ ହୋଇଛ ସୁହାଗୀ, 'ଏଠାରେ' ନ'ର ବ୍ୟବହାର ମଧ୍ୟରେ ଅସ୍ତ୍ୟର୍ଥର ଦ୍ୟୋତନା ଅଛି ତାହା କେବଳ ନଞର୍ଥକ ନୁହେଁ ।

ଶବ୍ଦ ନାନା ପ୍ରକାରର । କେତେକ ଶବ୍ଦ ଧ୍ୱନ୍ୟାତ୍ମକ । କେତେକ ପୁଣି ମୂଳତଃ ଧ୍ୱନି-ମୂଳକ ହେଲେ ମଧ୍ୟ ବର୍ତ୍ତମାନ ନାନା ଅର୍ଥରେ ବ୍ୟବହୃତ; ଅନେକ ଶବ୍ଦ ସଂସ୍କୃତ ଭାଷାରୁ ଗୃହୀତ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଅପରିବର୍ତ୍ତିତ ହେଲେ ମଧ୍ୟ ଅନେକ ଶବ୍ଦ ପରିବର୍ତ୍ତିତ ଆକାରରେ ପାଲି ପ୍ରାକୃତ-ପ୍ରଭୃତି ଭାଷାମାଧ୍ୟମରେ ସ୍ୱୀକୃତ; ଅନେକ ଶବ୍ଦ ନାନା ସମୟରେ ନାନା ବିଦେଶୀ ଭାଷାରୁ ଗୃହୀତ, ଅଧିକାଂଶ ଶବ୍ଦ ବ୍ୟାକରଣର ନିୟନ୍ତ୍ରଣ ସ୍ୱୀକାର କରି ବିଶେଷ ଭାବ ପ୍ରକାଶ କରି ପାରନ୍ତି, ଅନ୍ୟ ଅନେକ ଶବ୍ଦ କେବଳ ଅନ୍ୟ ଶବ୍ଦ ସହିତ; ସହଚର ଓ ଅନୁସର୍ଗ ଶବ୍ଦରୂପେ ଯୁକ୍ତ ହୋଇ ପାରନ୍ତି । ସେମାନଙ୍କର ପୃଥକ ବ୍ୟବହାର ସମ୍ଭବପର ନୁହେଁ, କେତେକ ଶବ୍ଦ ସାଧୁଶବ୍ଦ ରୂପେ ପରିଚିତ । ଅନ୍ୟ କେତେକ ଶବ୍ଦ କେବଳ କଥ୍ୟ ଭାଷା ମାତ୍ରରେ ବ୍ୟବହୃତ, ଅଧିକାଂଶ ଶବ୍ଦ ପୃଥକ୍‌ଭାବରେ ବା ସ୍ୱାଧୀନରୂପେ ବ୍ୟବହୃତ ହୋଇ ପାରନ୍ତି, କେତେକ ଶବ୍ଦ ଅନ୍ୟଶବ୍ଦ ସହିତ ଯୁକ୍ତ ହୋଇ ତାହାର ଅର୍ଥ ପରିବର୍ତ୍ତନ କରି ପାରନ୍ତି ମାତ୍ର ସ୍ୱାଧୀନ ଭାବରେ ବ୍ୟବହୃତ ହେଲେ ସେମାନଙ୍କର ଅର୍ଥ ପୃଥକ ଆକାର ଧାରଣ କରେ । ଓଡ଼ିଆ ଭାଷାରେ ପ୍ରଚଳିତ ଲକ୍ଷାଧିକ ଶବ୍ଦକୁ ଏହିପରି ଭାବରେ ବିଭକ୍ତ ଓ ବିନ୍ୟସ୍ତ କରାଯାଇ ପୃଥକ ଭାବରେ ସେମାନଙ୍କର ବିଚାର କରାଯାଇ ପାରେ । ଏ ପ୍ରବନ୍ଧରେ ଏ ବିଷୟରେ କେବଳ ଶବ୍ଦ-ତତ୍ତ୍ୱାନୁଗ କେତେକ ସୂଚନା ମାତ୍ର ଦିଆଯିବା ସମ୍ଭବ ।

ଠଂ, ଠକ୍, ଠୋ, ଫଟ୍ ପ୍ରଭୃତି ଶବ୍ଦ ଧ୍ୱନ୍ୟାତ୍ମକ ଅର୍ଥାତ୍ ବିଶେଷ ଧ୍ୱନିଦ୍ୱାରା ବିଶେଷ ଅବସ୍ଥାଜ୍ଞାପିତ କରନ୍ତି, ମଧୁସୂଦନଙ୍କ 'ଧ୍ୱନି' କବିତାରେ ଜଗତର ନାନା ଧ୍ୱନିମୟ କୋଳାହଳର ବର୍ଣ୍ଣନା ଦିଆଯାଇଛି, କେତେକ ଶବ୍ଦ ପୁଣି ଶବ୍ଦର ଅନୁକରଣରେ ଉଦ୍ଭୂତ ହୋଇଥିଲେ ହେଁ ଅନେକ ସମୟରେ ଧ୍ୱନି ନ ଥାଇ ବ୍ୟବହୃତ ହୋଇଥାଏ; ଯଥା—ଘରଟା ଖାଁ ଖାଁ କରୁଛି ବନ-ରାଜି ଝଙ୍କାରିଲା ଝାଇଁ ଝାଇଁ ରବେ (ଦଶରଥ ବିୟୋଗ), ଦେଖିଣ ବିରୂପ ରାମ ଟହ ଟହ ହସେ (ବିଚିତ୍ର ରାମାୟଣ) ପ୍ରଭୃତି। ପତ୍ର ମୂଳତଃ ଧ୍ୱନ୍ୟାତ୍ମକ ଚଢ଼େଇ ଉଡ଼ିବା ସମୟରେ ତାହାର ପକ୍ଷ ସଞ୍ଚାଳନ ଶବ୍ଦରୁ ଅନୁକୃତ; କିନ୍ତୁ ଏହି ଶବ୍ଦରୁ ପରବର୍ତ୍ତୀ କାଳରେ ପତ୍ର, ପତତ୍ର, ଇଂରାଜୀ feather, Pen ପ୍ରଭୃତି ନାନା ଶବ୍ଦ ଜାତ ହୋଇଥିଲା ଓ ଏସବୁ ଶବ୍ଦ ଯେ ମୂଳତଃ ଧ୍ୱନିର ଅନୁକରଣ ତାହା ବର୍ତ୍ତମାନ ଆମ୍ଭେମାନେ ଭୁଲିଯାଇ ଅଛୁଁ ବାସ୍ତବରେ ବହୁ ଶବ୍ଦ ଏପରି ଭାବରେ ଧ୍ୱନିର ଅନୁକରଣରୁ ଜାତ। ବର୍ତ୍ତମାନ ସେଗୁଡ଼ିକର ମୂଳରୂପ ଅଜ୍ଞାତ।

ଓଡ଼ିଆ ଶବ୍ଦମାନଙ୍କୁ ସାଧାରଣତଃ ତତ୍ସମ୍, ତଦ୍ଭବ, ଦେଶୀ ଓ ବିଦେଶୀ ଏହି ଚାରି ଭାଗରେ ବିଭକ୍ତ କରାଯାଏ। ଯେଉଁ ଶବ୍ଦଗୁଡ଼ିକୁ ତତ୍ସମ ଆଖ୍ୟା ଦିଆଯାଏ, ଯଥା—ରାତ୍ରି, ଦିବା ଶୟନ, ପଠନ ଇତ୍ୟାଦି। ଯେଉଁ ସଂସ୍କୃତ ଶବ୍ଦଗୁଡ଼ିକ ପ୍ରାକୃତ ପ୍ରଭୃତି ଭାଷାର ମାଧ୍ୟମରେ ଓଡ଼ିଆରେ ପ୍ରଚଳିତ ହୋଇଅଛି ସେଗୁଡ଼ିକୁ ତଦ୍ଭବ ଶବ୍ଦ ବୋଲିଯାଏ ଯଥା— ରାତି, ପିଠି ହାଣ୍ଡି; ନଈ ପ୍ରଭୃତି। ଯେଉଁ ଶବ୍ଦଗୁଡ଼ିକ ବିଦେଶୀ, ଯଥା—ଯାବନିକ, ଇଂରାଜୀ, ପୋର୍ତ୍ତୁଗିଜ ପ୍ରଭୃତି ନାନା ଭାଷାରୁ ଅବିକୃତ ବା ବିକୃତଭାବେ ସ୍ୱୀକୃତ ହୋଇ ଅଛି କିମ୍ବା ସେମାନଙ୍କ ଧ୍ୱନିର ଅନୁକରଣରେ ଗଠିତ ହୋଇଅଛି; ସେଗୁଡିକ ବିଦେଶୀ ଶବ୍ଦ; ଯଥା— ମଜଲିସ, ଭୁରୁପ, ଫୁଟବଲ, କମ୍ପାଉଣ୍ଡ୍, ବୋମାରୁ ପ୍ରଭୃତି। ଏସବୁ ପଦ ଭିନ୍ନ ଯେଉଁ ଶବ୍ଦମାନଙ୍କର ଜନ୍ମ ଅଜ୍ଞାତ ଓ ସେମାନଙ୍କ ଉତ୍ପତ୍ତି ବିଷୟରେ ଆମ୍ଭମାନଙ୍କ ମନରେ କୌଣସି ସ୍ପଷ୍ଟ ଧାରଣା ନାହିଁ ସେ-ଗୁଡ଼ିକୁ ଆମ୍ଭେମାନେ ଦେଶଜ ବୋଲି କହୁଥାଉ। ଶବ୍ଦତତ୍ତ୍ୱ ବିଷୟରେ ଆଲୋଚନା କଲେ ଏମାନଙ୍କ ମଧ୍ୟରୁ ଅନେକ ଶବ୍ଦ ମୂଳ ଅଷ୍ଟ୍ରୀୟ ଭାଷାରୁ ଆଗତ ବୋଲି ଜଣାଯାଇ ପାରିବ, ଯଥା— ଟାଙ୍ଗିଆ, ଗଣ୍ଡି ପ୍ରଭୃତି, ଅନ୍ୟ

ଅନେକ ଶବ୍ଦ ନାନା ସମୟରେ ସଂସ୍କୃତ ବା ଅନ୍ୟ ଭାଷାରୁ ଗୃହୀତ । ଏହାର ପ୍ରକୃଷ୍ଟ ଉଦାହରଣ ଅଛି ଦେଶଜ ଶବ୍ଦ ଢିହ । ଏହି ଶବ୍ଦ ଓଡ଼ିଆ...ବଙ୍ଗଳା ପ୍ରଭୃତି ଭାଷାରେ ଦେଖାଯାଏ, ମାତ୍ର ସଂସ୍କୃତ ଭାଷାରେ ଏ ଶବ୍ଦର ବ୍ୟବହାର ନାହିଁ ବୋଲି କୋଷକାରମାନେ ଏ ଶବ୍ଦକୁ ଦେଶଜ ବୋଲି ମନେ କରନ୍ତି, ମାତ୍ର ଏହି ଶବ୍ଦ ପ୍ରାଚୀନ ସଂସ୍କୃତରେ ଦିହ ଆକାରରେ ପ୍ରଚଳିତ ଥିଲା ଓ ଏହି ଶବ୍ଦଟି ପ୍ରାଚୀନ ଆର୍ଯ୍ୟ ଭାଷାରେ ବ୍ୟବହୃତ Dheigh ଧାତୁରୁ ଇଂରାଜୀରେ **dig, dyke, ditch** ପ୍ରଭୃତି ଶବ୍ଦର ଜନ୍ମ ଦେଇଅଛି । ଯେଉଁ ସ୍ଥାନକୁ କୃତ୍ରିମଭାବରେ ଖୋଳି ବା ଉଚ୍ଚକରି ବସବାସର ଉପଯୁକ୍ତ କରାଯାଏ ତାହାହିଁ ଢିହ । ଅତଏବ ଏହି ଶବ୍ଦକୁ ଦେଶଜ ବୋଲି ଉଲ୍ଲେଖ କରିବା ଅନୁଚିତ ।

ଭାଷାରେ ବ୍ୟବହୃତ ଅଧିକାଂଶ ଶବ୍ଦ ସ୍ୱାଧୀନ ଭାବରେ ବ୍ୟାକରଣ ନିୟମକୁ ଅନୁସରଣ କରି ବ୍ୟବହୃତ ହୁଏ, ମାତ୍ର କେତେକ ଶବ୍ଦ ପୃଥକ୍ ଭାବରେ ବ୍ୟବହୃତ ହୋଇ ପାରେ ନାହିଁ, କେବଳ ନିରର୍ଥକ ସହଚର ଶବ୍ଦ-ରୂପରେ ବା ଅନୁସର୍ଗ ଶବ୍ଦରୂପରେ ବ୍ୟବହୃତ ହୋଇଥାନ୍ତି । ଯଥା—'କଥା-ବାର୍ତ୍ତା' ଶବ୍ଦରେ ବାସ୍ତବିକ ଦୁଇଟି ଶବ୍ଦ ଅଛି । ଏ ଉଭୟେ ପୃଥକଭାବେ ବ୍ୟବହୃତ ହୋଇ ପାରନ୍ତି କେବଳ ସଂଶ୍ଳେଷିତ ହୋଇ ଗୋଟିଏ ଅର୍ଥ ସୂଚିତ କରୁଅଛନ୍ତି, ମାତ୍ର ତୋ କଥାପଥା ଶୁଣିବି ନାହିଁ । ଏଠାରେ ପଥା ନିରର୍ଥକ, ଏହିପରି ଶୁନ୍‌ଶାନ୍‌ରେ ଶାନ୍ ନିରର୍ଥକ, ତାଙ୍କଦେଇ ଏ କାମ ହେବ ନାହିଁ ବାକ୍ୟରେ ଦେଇ କେବଳ ମାତ୍ର ଅନୁସର୍ଗ, ତେବେ ଯାଇ ତୋ କଥା ରହିବ ବାକ୍ୟରେ 'ଯାଇ' ଅନୁସର୍ଗ; ଏହିପରି ଏତେକରି କହିଲି 'କରି' କେବଳ ବିଶେଷ ବ୍ୟବହୃତ । ଧଡ଼୍ କରି କବାଟ କିଳିଦେଲା ବାକ୍ୟରେ କରି ପୃଥକ୍-ଭାବରେ ବ୍ୟବହୃତ ହେବା ଅସମ୍ଭବ । ଏମାନଙ୍କ ମଧ୍ୟରୁ ଅନେକ ଓଡ଼ିଆ ଭାଷାର ବିଶେଷ ସ୍ୱାତନ୍ତ୍ର୍ୟର ନିଦର୍ଶନ ।

ଓଡ଼ିଆରେ ପକାଇବା, ଦେବା, ନେବା, ଯିବା; ହେବା ପ୍ରଭୃତି କେତେକ ଅର୍ଥ ଥିବା ଶବ୍ଦକୁ ଅନ୍ୟ ଶବ୍ଦର ଅର୍ଥକୁ ପ୍ରଭାବିତ କରିବା ନିମନ୍ତେ ବ୍ୟବହାର କରାଯାଏ ଓ ସେପରି କ୍ଷେତ୍ରରେ ସେମାନଙ୍କର ନିଜସ୍ୱ ଅର୍ଥ ଅନେକ ସମୟରେ ଲୋପ ପାଇଯାଏ । ଯଥା—ଖାଇପକା' ଖାଇଦେ, ଖାଇନେ' ଖାଇ ଗଲା ପ୍ରଭୃତି ଶବ୍ଦର ଅର୍ଥ ଆଲୋଚନା କଲେ ଆମ୍ଭେମାନେ ପକା, ଗଲା ପ୍ରଭୃତି

ଶବ୍ଦର ଅର୍ଥ ଗ୍ରହଣ ନ କରି ଉଭୟ ଶବ୍ଦର ସଂଶ୍ଳିଷ୍ଟ ରୂପକୁ ଗୋଟିଏ ବିଶିଷ୍ଟ ଅର୍ଥରେ ବ୍ୟବହୃତ କରନ୍ତି । ଏହି ଧ୍ୱନ୍ୟନ୍ତିକ୍ରିୟା ପଦର ସମନ୍ୱିତରୂପ ବାସ୍ତବରେ ଦ୍ରାବିଡ଼ ଭାଷାର ପ୍ରଭାବରୁ ଓଡ଼ିଶାରେ ପ୍ରବର୍ତ୍ତିତ ହୋଇଅଛି ଓ ଓଡ଼ିଶାର ସ୍ୱଭାବଗତ ବ୍ୟବହାରରୂପେ ପ୍ରଚଳିତ ହୋଇଅଛି । ଖାଇ ଯାଉଛି କହିଲେ ଯିବାର ଦ୍ୟୋତନା କିଛି ନାହିଁ । କେବଳ ଖାଇବାର ବିଶେଷ ଅର୍ଥମାତ୍ର ସୂଚିତ ହେଉଅଛି । ଏହିପରି ଖାଇଦେବ ଖାଇଦେଇଥିବ ପ୍ରଭୃତିର ବ୍ୟବହାର ମଧ୍ୟ ସ୍ୱୀକୃତ । କେତେକ ବିଶେଷ ଶବ୍ଦ ଭିନ୍ନ ଅନ୍ୟ ଶବ୍ଦ ଏହିପରି ଭାବରେ ବ୍ୟବହୃତ ହୁଏ ନାହିଁ ଓ ଅସମାପିକା କ୍ରିୟା ସହିତ ଏମାନଙ୍କ ପ୍ରଯୁକ୍ତିଦ୍ୱାରା ନାନାପ୍ରକାର ଅର୍ଥ ସୂଚିତ ହୁଏ । ଦେଖିକରି ଯିବୁ ଓ ଦେଖି ଯିବୁରେ ଅର୍ଥ ଯେ ଭିନ୍ନ ତାହା କହିବା ବାହୁଲ୍ୟ, 'ବହୁତ କରି କହିଲି' ଓ 'ବହୁତ କହିଲି' ମଧ୍ୟରେ ଅର୍ଥଗତ ପାର୍ଥକ୍ୟ ସୁସ୍ପଷ୍ଟ ।

ଓଡ଼ିଆ ଶବ୍ଦମାନଙ୍କ ସହିତ ଉପସର୍ଗ ବା ଉପପଦ ଓ ପ୍ରତ୍ୟୟ ବା ଅନୁସର୍ଗ ଯୋଗ କରାଯାଇ ତାହାର ଅର୍ଥ ସ୍ଥିରଭାବରେ ନିର୍ଦ୍ଦେଶିତ ହୁଏ । ଅଧିକାଂଶ ଉପସର୍ଗ ସଂସ୍କୃତରୁ ଗୃହୀତ; ଯଥା—ପ୍ରହାର, ଆହାର, ସମାହାର, ବିହାର ପ୍ରଭୃତି; କିନ୍ତୁ ଉପସର୍ଗବତ୍ ବ୍ୟବହୃତ ଅନ୍ୟ ଅନେକ ଶବ୍ଦ ଅନ୍ୟାନ୍ୟ ଭାଷାରୁ ସଂଗୃହୀତ । ଯଥା—ବେଧଡ଼କ, ବେକସୁର, ବେଗୁଲ ପ୍ରଭୃତିରେ ବ୍ୟବହୃତ 'ବେ' ଯାବନିକ ଭାଷାରୁ ସ୍ୱୀକୃତ ଓ ବହୁଶବ୍ଦର ଆଦ୍ୟରେ ବ୍ୟବହୃତ । ସେହିପରି ମୁଁ ଦରଖିଆ କରେଣ୍ଟିକୁ ଗୃହଆସିଲି । ବାକ୍ୟରେ 'ଦର' ଉପପଦରୂପେ ବ୍ୟବହୃତ, ଅନୁରୂପ ଭାବେ ଦରସିଝା, 'ଦରପାଚିଲା' ଦରହାସା ଦରହାସି ! ଡାକୁଛାଇଛି ଧିଅ କରି ଆଦର : ସୁଭଦ୍ରା ପରିଣୟ) ଦରପୋଡ଼ା ଦରମରା ପ୍ରଭୃତି ଶବ୍ଦରେ ମଧ୍ୟ 'ଦର' ଉପପଦଭାବେ ବ୍ୟବହୃତ ହୋଇଅଛି । ଯାବନିକ ଫି ମଠ ଏହିପରି ଅଳ୍ପ କେତେକ ଶବ୍ଦରେ ଉପପଦରୂପେ ସ୍ୱୀକୃତ, ଯଥା—ଫି ମାସ, ଫି ବର୍ଷ ଫି ସନ ଇତ୍ୟାଦି । ଏହାର ଅର୍ଥ ପ୍ରତ୍ୟେକ ଓଡ଼ିଆରେ 'ହର' (ସବୁ ଅର୍ଥରେ) ଉପସର୍ଗ ଭାବରେ ବ୍ୟବହୃତ ହୁଏ, ଯଥା—ହରଘଡ଼ି, (ଉତ୍ତମ ପାତ୍ରେ ଦେଉ ଥାଏ ହରଘଡ଼ି: କୃଷ୍ଣସିଂହ ମହାଭାରତ) ହରଦିନ, ହରକିସମ ପ୍ରଭୃତିରେ ମଧ୍ୟ ବ୍ୟବହୃତ । ଏହିପରି

ଭାବରେ କେତେକ ଇଂରାଜୀ ଶବ୍ଦ ମଧ୍ୟ ଉପସର୍ଗରୂପେ ଓଡ଼ିଆରେ ପ୍ରଚଳିତ, ଯଥା—ହାଫ୍‌ଦରଜା, ହାଫ୍‌ପ୍ୟାଣ୍ଟ, ହେଡ୍ ମିସ୍ତ୍ରୀ, ହେଡ୍‌ମାଷ୍ଟର ହେଡ୍ କିରାଣୀ ଇତ୍ୟାଦି, ଏହି ଉପସର୍ଗମାନ ଓ ଉପସର୍ଗୋପମ ବ୍ୟବହୃତ ଶବ୍ଦମାନ ଶବ୍ଦର ଆଦ୍ୟରେ ବ୍ୟବହୃତ ହୁଏ ଓ ଶବ୍ଦର ଅର୍ଥକୁ ପ୍ରଭାବିତ କରେ ।

ଶବ୍ଦର ଅନ୍ତରରେ ଯେଉଁ ଶବ୍ଦମାନ ବ୍ୟବହୃତ ହୁଏ ସେଗୁଡ଼ିକ ହୁଏ ପ୍ରତ୍ୟୟ ଅଥବା ଅନୁସର୍ଗ । ପ୍ରତ୍ୟୟ ଓ ଅନୁସର୍ଗର ପାର୍ଥକ୍ୟ ଏହି ଯେ ପ୍ରତ୍ୟୟ ଶବ୍ଦ ସହିତ ସମ୍ପୂର୍ଣ୍ଣ ଯୁକ୍ତ ହୋଇଯାଏ, ମାତ୍ର ଅନୁସର୍ଗ ପୃଥକ୍ ଶବ୍ଦ ରୂପେ ବ୍ୟବହୃତ ହୁଏ ଓ ନିଜେ ଅର୍ଥହୀନ ଥାଇ ଶବ୍ଦର ଅର୍ଥକୁ ପ୍ରଭାବିତ କରେ । ବେଷ ଶବ୍ଦରୁ ଆମ୍ଭେମାନେ ବେଷେଇୟା ଶବ୍ଦପାଇଁ ଏଠାରେ 'ଇଆ' ପ୍ରତ୍ୟୟ, ଏହିପରି ଶଙ୍ଖରୁ ଶଙ୍ଖାରି, ଚୈତରୁ ଚୈତାଳି, ହାଣ୍ଡି ଶବ୍ଦରୁ ହାଣ୍ଡି-ଆଳ ଏହିପରି ନାନା ପ୍ରତ୍ୟୟ ଓଡ଼ିଆରେ ସ୍ୱୀକୃତ ହୁଏ । ସେଗୁଡ଼ିକ ପୃଥକ୍ ଶବ୍ଦ ନୁହେଁ, ମାତ୍ର ଅନ୍ୟ ଶବ୍ଦ ସହିତ ଯୁକ୍ତ ହୋଇ ରହେ, ମାତ୍ର 'ତାଙ୍କଦେଇ ଏ କାମ ହେବ ନାହିଁ' ବାକ୍ୟରେ 'ଦେଇ' ଗୋଟିଏ ପୃଥକ୍ ଶବ୍ଦ ଓ 'ତାଙ୍କ' ପଦରେ ବିଭକ୍ତି ଚିହ୍ନ ଥିବାରୁ 'ଦେଇ' ପୃଥକ୍ ଭାବେ ବ୍ୟବହୃତ; କିନ୍ତୁ ପୂର୍ବ ଶବ୍ଦର ଅର୍ଥକୁ ପ୍ରଭାବିତ କରୁଅଛି । 'ରାମଠେଇଁ କିଛି କାମ ନାହିଁ', 'ହରିଦ୍ୱାରା ଏ କାମ ହେବ ନାହିଁ', 'ବଳଦଠାରୁ ଉପକାରୀ ଜନ୍ତୁ ନାହିଁ' ପ୍ରଭୃତି ବାକ୍ୟରେ ଠେଇ, ଦ୍ୱାରା, ଠାରୁ ପ୍ରଭୃତି ଶବ୍ଦ ଅନୁସର୍ଗ ଓ ଏହି ଶବ୍ଦଗୁଡ଼ିକର ପୂର୍ବ ପଦରେ ବିଭକ୍ତି ଚିହ୍ନଲୋପ କରାଯାଇ ଅନୁସର୍ଗପଦଠାରେ ବିଭକ୍ତିଚିହ୍ନ ସ୍ଥାନବିଶେଷରେ ଯୋଗ କରାଯାଇ ଅଛି । ଅସମାପିକା କ୍ରିୟାପଦ ସହିତ ଅନୁସର୍ଗ ଯୋଗ କରାଯାଇ ନାନା ବିଶେଷ ଅର୍ଥସୂଚିତ କରାଯାଏ । ସାଧାରଣତଃ ନେବା; ଦେବା କରିବା, ହେବା ପକାଇବା ପ୍ରଭୃତି କ୍ରିୟାପଦରୁ ଏଭଳି ଅନୁସର୍ଗ ଶବ୍ଦ ସୃଷ୍ଟି ହୋଇଥାଏ । ଯଥା ଖାଇ ପକା, କରି ଦେବ, ଖାଇନେ, ଦେଖିକରି; ଯାଇହବା । ଏଗୁଡ଼ିକ ବାସ୍ତବରେ ଯୌଗିକ ବା ଯୁକ୍ତ କ୍ରିୟାପଦ । ସମୟ-ସମୟରେ ବିଶେଷ୍ୟ ପଦ ସହିତ 'ହୋଇ' 'ଦେଇ' ପ୍ରଭୃତି ଅନୁସର୍ଗପଦରୂପେ ବ୍ୟବହୃତ ହୋଇଥାଏ । ତା' ଘରଦେଇ ଯିବୁ, [illegible] ହୋଇ ଦିଲ୍ଲୀ ଯିବୁ । ଏହି ଅନୁସର୍ଗପଦମାନଙ୍କର ବିଶିଷ୍ଟ

ସନ୍ଦଗତ ପ୍ରୟୋଗ ସ୍ୱୀକୃତ । ଓଡ଼ିଆରେ କାରକ-ବିଭକ୍ତିସୂଚକ ବହୁ ପ୍ରକାର ଅନୁସର୍ଗ ଶବ୍ଦ ବ୍ୟବହୃତ ହୁଏ, ମାତ୍ର ଅନୁସର୍ଗ ଶବ୍ଦ ନିଜେ ବିଭକ୍ତି ନୁହେଁ ବା ବିଭକ୍ତି ସ୍ଥାନୀୟ ମଧ୍ୟ ନୁହେଁ, ତାହା ଅବ୍ୟୟଭାବେ ବ୍ୟବହୃତ । 'ଟା ପିଲା ହେଲାଣି' । ଏଠାରେ ଟା ବିଶେଷ୍ୟ, ମାତ୍ର, 'ଗାଁଟାରୁ' ଶାମ ଭଲ ଏଠାରେ 'ଟାରୁ' ଅବ୍ୟୟ; କିନ୍ତୁ ସେଥିରେ ପଞ୍ଚମୀ ବିଭକ୍ତିସୂଚକ 'ରୁ' ଯୁକ୍ତ ହୋଇଅଛି ।

ଅନୁସର୍ଗ ଭିନ୍ନ ଅନେକ ପ୍ରକାର ପର ପ୍ରୟୋଗ ମଧ୍ୟ ଓଡ଼ିଆ ଶବ୍ଦରେ ଦେଖାଯାଏ; ଏଥିମଧ୍ୟରୁ ଅନେକଗୁଡ଼ିଏ ସଂସ୍କୃତରୁ ଗୃହୀତ (ଯଥା:—ଧର୍ମିଷ୍ଠ, କର୍ମକାର) ଇତ୍ୟାଦି ଅନେକ ଗୁଡ଼ିଏ ଓଡ଼ିଆର ନିଜସ୍ୱ(ଯଥା :— ପିଲାକିଆ, ବୁଢାଟିଆ ପ୍ରଭୃତି) ମାତ୍ର ଅନେକଗୁଡ଼ିଏ ବିଦେଶୀ ଭାଷାରୁ ସଂଗୃହୀତ (ଯଥା— ମାମଲାବାଜ; ବାବୁଗିରି, ଲାଭଖୋର, ହକ୍‌ଦାର ଇତ୍ୟାଦି) ଏ ସବୁ କ୍ଷେତ୍ରରେ ମଧ୍ୟ ଅନେକ ପ୍ରକାର ଅପପ୍ରୟୋଗ ଦେଖାଯାଏ । 'ଅଂଶୀ-ଦାର' ଶବ୍ଦ ଭୁଲ୍ କାରଣ ଶବ୍ଦଟି ବାସ୍ତବରେ ହେବା ଉଚିତ ଅଂଶଧାର (ଯାହାର ଅଂଶ ଅଛି), ସେହିପରି ଭାଗୀଦାର ମଧ୍ୟ ଭୁଲ; ସମ୍ଭବତଃ ଏହା ଅଂଶୀଦାରର ଅନୁକରଣରେ ବ୍ୟବହୃତ । ନିପାବାଦ ଶବ୍ଦ କେବଳ ଜିନ୍ଦାବାଦ ବା ମୁର୍ଦାବାଦ ଶବ୍ଦ ଅନୁକରଣରେ ଗଠିତ । ବାସ୍ତବିକ୍ ଏହା ଅତ୍ୟାଧୁନିକ ଶବ୍ଦ ଓ ଏହାର ବ୍ୟବହାରଗତ କୌଣସି କାରଣ ନାହିଁ । କର୍ତ୍ତମାନ ଗିରିରେ ଗୋଟିଏ ପର ପ୍ରୟୋଗ ପରେ ଆଉ ଗୋଟିଏ ପର ପ୍ରୟୋଗ ଘଟିଅଛି, କିନ୍ତୁ ଏହି ଶବ୍ଦକୁ ଅନ୍ୟ ପ୍ରକାର ମଧ୍ୟ ବ୍ୟାଖ୍ୟା କରାଯାଇ ପାରେ । ଲକ୍ଷ୍ୟ କରିବା ବିଷୟ ଏହି ଯେ ଯାବନିକ ପୂର୍ବ ବା ପର ପ୍ରୟୋଗ ଭିନ୍ନ ଅନ୍ୟ ଭାଷାରୁ ବହୁଳ ପରିମାଣରେ ଏପରି ପ୍ରୟୋଗ ସ୍ୱୀକୃତ ହୋଇ ନାହିଁ । ଇଂରାଜୀରୁ କେବଳ 'dak' ଶବ୍ଦ ଏପରିଭାବରେ ବ୍ୟବହୃତ ହୁଏ ଯଥା—ଡାକଗାଡ଼ି, ଡାକ ପାଲିକି, କିନ୍ତୁ ଏହି ଡାକ ଶବ୍ଦ ମଧ୍ୟ ଅନ୍ୟ ଭାଷାରୁ ଇଂରାଜୀରେ ସ୍ୱୀକୃତ ହୋଇଅଛି ।

ଭାଷାରେ ଯେଉଁ ଶବ୍ଦଗୁଡ଼ିକ ପ୍ରଚଳିତ, ବ୍ୟାକରଣାନୁଯାୟୀ ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଶେଷ୍ୟ ବା କ୍ରିୟା । ବସ୍ତୁର ପରିଚୟ ଦେବା ନିମନ୍ତେ ବିଶେଷ୍ୟର ପ୍ରୟୋଜନ ହୁଏ । ପୁଣି ତାହାର କାର୍ଯ୍ୟ ସୂଚିତ କରିବା

ନିମନ୍ତେ କ୍ରିୟାପଦର ପ୍ରୟୋଜନ ଘଟେ । ଘୋଡ଼ା, ହାତୀ, ଗ୍ରାମପ୍ରଭୃତି ବିଶେଷ୍ୟ ଓ ଯିବା, ଖାଇବା ବସିବା ପ୍ରଭୃତି କ୍ରିୟା । ବିଶେଷ୍ୟର ଗୁଣବାଚକ ଶବ୍ଦ ବିଶେଷଣ ଓ କ୍ରିୟାର କୌଣସି ଗୁଣକୁ ବିଶେଷିତ କରୁଥିବା ପଦ କ୍ରିୟା-ବିଶେଷଣ । କେବଳ ବିଶେଷଣ ପଦ ବ୍ୟବହାର କରିବା ଅସମୀଚୀନ, କାରଣ ଭଲ କହିଲେ ଭଲପିଲା ହୋଇପାରେ, ଭଲ ବହି ମଧ୍ୟ ହୋଇପାରେ । ଏଣୁ ବ୍ୟାକରଣଗତ ବ୍ୟବହାରରେ ବିଶେଷ୍ୟ ହିଁ ପ୍ରଧାନ, ବିଶେଷଣ ତାହାର ଗୁଣ ନିର୍ଦ୍ଦେଶ କରେ ମାତ୍ର, କିନ୍ତୁ ଓଡ଼ିଆରେ ଏପରି ଅନେକ ଶବ୍ଦ ଅଛି ଯହିଁରେ ବିଶେଷ୍ୟ ପଦ ଲୁପ୍ତ ହୋଇଥାଇ କେବଳ ବିଶେଷଣ ପଦ ମାତ୍ର ରହି ଯାଇଅଛି । ଓଡ଼ିଶାରେ ସୁପରିଚିତ ପଖାଳ ଏହିପରି ଗୋଟିଏ ଶବ୍ଦ; କାରଣ ଏହା ବାସ୍ତବରେ ପ୍ରକ୍ଷାଳିତ ଅନ୍ନମାତ୍ର; କିନ୍ତୁ, ଏହି ଶବ୍ଦରୁ 'ଅନ୍ନ' ଲୁପ୍ତ ହୋଇଯାଇ ଅଛି ଓ କେବଳ ବିଶେଷଣ ପଦ 'ପଖାଳ' ଅବଶିଷ୍ଟ ରହି ବିଶେଷ ପ୍ରକାର ଜଳମିଶ୍ରିତ ଅନ୍ନକୁ ସୂଚିତ କରୁଅଛି । ଏହିପରି 'ମୋପାଇଁ ଦି'ଟା ଅରୁଆ ଫୁଟାଇ ଦେ' କହିଲେ ଅରୁଆ ଚାଉଳ ସୂଚିତ ହୁଏ । ଏହି ପରି ବର୍ତ୍ତମାନ ଜଗନ୍ନାଥଙ୍କର ଶୀତଳ ହେବ । କହିଲେ ଶୀତଳ ଭୋଗ ବୁଝାଏ । ବର୍ମାରୁ ଖୁଦ କିଣା ହେବ କହିଲେ 'କ୍ଷୁଦ୍ର ଶସ୍ୟ' ଅର୍ଥ ଗ୍ରହଣ କରିବାକୁ ହେବ ଓ ସେ ଆହ୍ନିକ ସାରି ଉଠିକେଣି କହିଲେ ଆହ୍ନିକ କୃତ୍ୟ ବା ନିତ୍ୟ ପୂଜା ବୁଝିବାକୁ ହେବ । ଏପରି ନାନା ଶବ୍ଦ ମଧ୍ୟରେ ଥୋଡ଼ ଗୋଟିଏ ବିଚିତ୍ର ଶବ୍ଦ । ବାସ୍ତବରେ 'ସ୍ଥୂଳହସ୍ତ' ଅର୍ଥରେ ହାତୀର ଶୁଣ୍ଢ ବା ତଦନୁରୂପ ବସ୍ତୁ ସୂଚିତ କରିବା ନିମନ୍ତେ ଏହି ଶବ୍ଦ ବ୍ୟବହୃତ ହୁଏ । ସ୍ଥୂଳ ଏହି ବିଶେଷଣ ପଦରୁ ଥୋର ଓ ଥୋଡ଼ ଉଦ୍ଭୂତ ହୋଇଛି, ଶାରଳା ମହାଭାରତରେ 'ଥୋଡ ହସ୍ତ' ଅର୍ଥାତ୍ ବିଶେଷଣ ସ୍ପଷ୍ଟ ଭାବରେ ଦିଆଯାଇଅଛି ଯଥା—(କେତେ ହାତୀ-ମାନ ରଥକୁ ଥୋଡ଼ହସ୍ତେ, ଝିଙ୍କିନେଲେ ଦେଖୁଥିଲେଟି ସମସ୍ତେ । କ୍ରମଶଃ 'ହସ୍ତ' ଲୁପ୍ତ ହୋଇ ଥୋଡ଼ ଶବ୍ଦର ବ୍ୟବହାର ପ୍ରଚଳିତ ହେଲା ଓ ହସ୍ତୀ ଶୁଣ୍ଢାକାର କଦଳୀ ଗଛର ଭିଣ୍ଡା ବାହାରିଲା ବେଳେ ତାହାର ମଞ୍ଜି ପାକଳ ହେବାରୁ ତାକୁ ଥୋଡ଼ ଆଖ୍ୟା ଦିଆଗଲା । କ୍ରମଶଃ ଏହି ଶବ୍ଦ ଅନ୍ୟାନ୍ୟ ଶସ୍ୟର କେଣ୍ଡା ବାହାରି ନ ଥିବା କାଣ୍ଡ ଅର୍ଥରେ ବ୍ୟବହୃତ ହେଲା ଓ ଅନେକ କ୍ଷେତ୍ରରେ ଏପରି କାଣ୍ଡରେ ଚଅଁର ପରି ଶୁଣ୍ଢଳ କେଶର ଅନୁରୂପ ପଦାର୍ଥ

ଦେଖି ଏହି ଭେଦାଗ୍ର ଦାଢି ବା ଶବ୍ଦକ ମଧ୍ୟ ସୂଚିତ ହେଉଥିଲ । ଯଥା :— (ମିଠି ମିଠି ଗୁହାଁଗ୍ର ଟାଣିଲା ଥୋଡ ବହି-ନୃସିଂହ ପୁରାଣ) କଥାବାର୍ତ୍ତା ସମୟରେ ଆମ୍ଭେମାନେ କ୍ରିୟାକୁ ଲୁପ୍ତ ରଖି କେବଳ କ୍ରିୟା ବିଶେଷଣରେ ମଧ୍ୟ ବ୍ୟବହାର କରିଥାଉଁ; କିନ୍ତୁ ଏଭଳି ଭାବରେ କୌଣସି କ୍ରିୟାବିଶେଷଣ ହେ ଓଡ଼ିଆରେ ବିଶେଷ ପ୍ରଚଳିତ ହୋଇ ନାହିଁ ।

ବ୍ୟାକରଣଶାସ୍ତ୍ର ଅନୁଯାୟୀ ବିଶେଷ୍ୟ ଶବ୍ଦମାନଙ୍କର ଲିଙ୍ଗ, ବଚନ ଓ କାରକର ସନ୍ଧାନ ନେବାକୁ ପଡ଼େ । ଏଥିମଧ୍ୟରେ କାରକ ବ୍ୟାକରଣ ଦ୍ୱାରା ନିୟନ୍ତ୍ରିତ । ଭାଷାତତ୍ତ୍ୱ ବିଚାର ସମୟରେ ସେମାନଙ୍କର ବିଚାର କରାଯାଇ-ପାରେ, ମାତ୍ର ଶବ୍ଦତତ୍ତ୍ୱ ବିଚାର କରିବା ସମୟରେ ଏମାନଙ୍କର ବିଚାର କରିବା ନିଷ୍ପ୍ରୟୋଜନ । ଓଡ଼ିଆ ଭାଷାରେ ଶବ୍ଦର ଲିଙ୍ଗ ବିଷୟରେ ଆଲୋଚନାର ମଧ୍ୟ ବିଶେଷ ପ୍ରୟୋଜନ ନାହିଁ । କାରଣ ଓଡ଼ିଆ ଶବ୍ଦର ଲିଙ୍ଗ ବ୍ୟାକରଣ-ଧର୍ମୀ ନୁହେଁ; ସ୍ୱଭାବ ଧର୍ମୀ । ଓଡ଼ିଆରେ ପୁଂଲିଙ୍ଗ ଓ କ୍ଲୀବଲିଙ୍ଗର ଶବ୍ଦମାନଙ୍କ ବ୍ୟବହାରରେ ବିଶେଷ ପାର୍ଥକ୍ୟ ଦେଖାଯାଏ ନାହିଁ ଓ ବିଶେଷଣର ବ୍ୟବ-ହାରରେ ମଧ୍ୟ ଲିଙ୍ଗାନୁଗ ପରିବର୍ତ୍ତନ ସାଧିତ ହୁଏ ନାହିଁ । 'ସୁଦେଶୀ ନାରୀ' କହିଲେ ବ୍ୟାକରଣଗତ ଭ୍ରମ ସୂଚିତ ହୋଇପାରେ, କିନ୍ତୁ ଏପରି ପ୍ରୟୋଗ ସାହିତ୍ୟରେ ସୁପ୍ରଚଳିତ ବୋଲି ଯାଇପାରେ, କିନ୍ତୁ ରୂପବତୀ ନାରୀ ସ୍ଥାନରେ ରୂପବାନ୍ ବ୍ୟବହୃତ ହୁଏ ନାହିଁ । ମୋଟ ମଣିଷ, ମୋଟ ନାରୀ, ଧଳା ଲୋକ, ଧଳା ଗଧ ଓ ଧଳା ଗାଈ ଇତ୍ୟାଦିରେ ପ୍ରଚଳିତ, କିନ୍ତୁ ଏହାର ବିଚାର ଭାଷା-ତତ୍ତ୍ୱରେ ବ୍ୟାକରଣ ଆଲୋଚନା କରିବା ସମୟରେ କରାଯାଇ ପାରେ । ଶବ୍ଦ-ତତ୍ତ୍ୱରେ ଏହାର ବିଶଦ ଆଲୋଚନା ଅପ୍ରାସଙ୍ଗିକ ।

କିନ୍ତୁ ଶବ୍ଦତତ୍ତ୍ୱ ଆଲୋଚନା କରିବା ସମୟରେ ବସ୍ତୁର ଏକତ୍ୱ ଓ ବହୁତ୍ୱ ସୂଚକ ଶବ୍ଦମାନଙ୍କର ଆଲୋଚନା କରାଯାଇ ପାରେ । ବହୁତ୍ୱ ଦୁଇ-ପ୍ରକାର । ସାଧାରଣ ବା ସଂଖ୍ୟାଗତ ବହୁତ୍ୱ ଓ ସାମଗ୍ରିକ ବା ସାମୁହିକ ବହୁତ୍ୱ । ମନୁଷ୍ୟମାନେ କହିଲେ ସାଧାରଣ ବହୁତ୍ୱ ସୂଚିତ ହୁଏ; କିନ୍ତୁ ମନୁଷ୍ୟଗୁଡ଼ିକ କହିଲେ ସାମଗ୍ରିକ୍ ବହୁତ୍ୱ ଜଣାଯାଏ । ଅନେକ ସ୍ଥାନରେ ଏକ-ବଚନରେ ବ୍ୟବହୃତ ପଦ ଏହିପରି ସାମଗ୍ରିକ ବହୁତ୍ୱ ସୂଚିତ କରିଥାଏ,

ଯଥା—ମନୁଷ୍ୟ ବୁଦ୍ଧିଜୀବୀ କହିଲେ ସାମଗ୍ରିକଭାବରେ ସବୁ ମନୁଷ୍ୟଙ୍କୁ ନିର୍ଦ୍ଦେଶିତ କରେ । ଯାହାକୁ ବସ୍ତୁବାଚକ ଶବ୍ଦ କେହି କେହି ଏମାନଙ୍କର ଏକତ୍ୱ ସୂଚକ ବ୍ୟବହାର ସାମଗ୍ରିକ ବହୁତ୍ୱର ସୂଚନା ଦେଇଥାଏ, ଯଥା—ଧାନଆଣ, ଟଙ୍କା ଆଣ ଇତ୍ୟାଦି; କିନ୍ତୁ ଏପରି ଅନେକ ଶବ୍ଦ ଅଛି ଯେଉଁଥିରେ ସାମଗ୍ରିକ ବହୁତ୍ୱ ଛଡ଼ା ଆନୁଷଙ୍ଗିକ ବହୁତ୍ୱ ମଧ୍ୟ ସୂଚିତ ହୁଏ; ଯଥା—ମୁଁ ଭାତ ଖାଇ ଆସିଲିଣି । ଏହି ବାକ୍ୟରେ ଭାତ ସହିତ ବ୍ୟଞ୍ଜନାଦି ମଧ୍ୟ ଲକ୍ଷିତ । ସେହିପରି 'ଲୁଗା ଆଣ' କହେରେ ଯିବ କହିଲେ ସାର୍ଟ କୋଟ ପ୍ରଭୃତି ମଧ୍ୟ ସୂଚିତ ହୋଇ ପାରେ । 'ପାନ' ମଧ୍ୟ ସେହିପରି ଚୂନ, ଖଇର ମସଲ ଆଦି ଯୁକ୍ତ ପାନ୍ଗ୍ର ପନକୁ ସୂଚିତ କରେ, କେବଳ ପତ୍ରମାତ୍ରକୁ ସୂଚିତ କରେ ନାହିଁ । ଜାତିବାଚକ ବିଶେଷ୍ୟ ପଦ ଅନେକ ସମୟରେ ବହୁତ୍ୱ ସୂଚକ ପ୍ରତ୍ୟୟ ନଥାଇ ମଧ୍ୟ ବହୁ ସଂଖ୍ୟାରେ ଧାରଣା ଜନ୍ମାଏ, ଯଥା—'ଇଂରେଜ ଏ ଦେଶରୁ ଗଲେ ଗଲେଣି । ସେମାନେ (ବହୁବଚନରେ ସର୍ବନାମ ଇଂରେଜମାନଙ୍କର ବହୁତ୍ୱ ସୂଚିତ କରୁ-ଅଛି) ଫେରି ନ ଆସିଲେ ଭଲ, ଚଢ଼େଇ ଧାନ ଖାଇଗଲା, ଧାନ ଗଛ ଝଡ଼ରେ ମରିଗଲା ଇତ୍ୟାଦି; ଅର୍ଥାତ୍ ଏ ସବୁ କ୍ଷେତ୍ରରେ ବହୁସୂଚକ ବିଶେଷ୍ୟର ସ୍ଥିତି ଅନୁସୃତ ହୁଏ । 'ମାନେ', 'ଗୁଡ଼ିକ'; 'ସବୁ', ବହୁତ୍ୱ ସୂଚକ ଶବ୍ଦ କିନ୍ତୁ ଅନେକଗୁଡ଼ିଏ, 'ବହୁତଗୁଡ଼ିଏ', ଶବ୍ଦ ମଧ୍ୟ ପ୍ରଚଳିତ । ଏ ସ୍ଥାନରେ 'ଗୁଡ଼ିଏ' ଏହି ବହୁର ବହୁ ସୂଚିତ ବହୁତ୍ୱ ସୂଚକ ଶବ୍ଦ ହୋଇଲେହେଁ ଯଥା—(ସେଠି ଗୁଡ଼ିଏ ଲୋକ ଜମା ହେଲେ) କରିବାର ପ୍ରୟାସ ଦେଖାଯାଏ, ଯଥା—(ଅନେକ ଗୁଡ଼ିଏ ଆମ୍ବ ଝଡ଼ି ପଡ଼ିଲା) ସାଧାରଣତଃ ଏ ସବୁ କ୍ଷେତ୍ରରେ ପଦାର୍ଥ ମାନଙ୍କର ବହୁତ୍ୱ ମାତ୍ର ଭିନ୍ନତା ସୂଚିତ ହୁଏ । ଏଣୁ 'ଅନେକ କଥା କହିଲି', 'ଗୁଡ଼ିଏ କଥା କହିଲି' । 'ଅନେକଗୁଡ଼ିଏ କଥା କହିଲି' ବହୁତ ଗୁଡ଼ିଏ କଥା କହିଲି । ଏ ସବୁ ବାକ୍ୟର ଅର୍ଥ ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ଥିବା ସ୍ୱାଭାବିକ । ଏହିପରି 'ସବୁ କଥା କହିଲି' ଓ ସବୁ କଥା କହିଲିର ଅର୍ଥଗତ ପାର୍ଥକ୍ୟ ମଧ୍ୟ ଲକ୍ଷଣୀୟ । ସାଧାରଣ ବ୍ୟବହାରରେ ଏହିପରି ଅର୍ଥଗତ ସୂକ୍ଷ୍ମ ପାର୍ଥକ୍ୟ ରକ୍ଷିତ ହୁଏ ନାହିଁ ।

ବିଦେଶୀ ଶବ୍ଦ କ୍ଷେତ୍ରରେ ଏପରି ପ୍ରୟୋଗ ଦେଖାଯାଏ । 'ଜିନିଷାତ୍' ବାସ୍ତବରେ ବହୁବଚନ ଅର୍ଥାତ୍ ଏଥିରେ ବହୁତ୍ୱସୂଚକ 'ଆତ୍' ପ୍ରତ୍ୟୟ କରାଯାଇ ଅଛି; କିନ୍ତୁ ଫକୀରମୋହନଙ୍କ ଲେଖାରେ 'ଜିନିଷାତ୍‌ମାନ'

ବ୍ୟବହୃତ । 'ଅନୁହାରେ' ବହୁବଚନ; କିନ୍ତୁ କଚେରିଆ ଦଲିଲମାନଙ୍କରେ 'ଅନୁହାରେମାନ' ବ୍ୟବହୃତ ହୁଏ । ଫ୍ୟାସେସାନ ଏହିପରି ଓ୍ୟାରେସର ବହୁବଚନ ମାତ୍ର 'ଫ୍ୟାସେସାନମାନେ' ଅପ୍ରଚଳିତ ନୁହେଁ; 'ଆଲ୍‌ଓ୍ୟାନ ଗୋଟିଏ ବିଶେଷ ଶବ୍ଦ । ଆରବିକ 'ଲଉନ' ଶବ୍ଦର ଅର୍ଥ ରଙ୍ଗ, ନାନା ରଙ୍ଗର ସମନ୍ୱୟ ଥିବା ଶବ୍ଦର ବା ଆସ୍ତରଣ ଅଲ୍‌ଓ୍ୟାନ ମାତ୍ର ଭାଷାରେ 'ଶାଲ ଆଲଓ୍ୟାନମାନ' ବ୍ୟବହୃତ । କିଛିଦିନ ପୂର୍ବେ ଗୋଟିଏ ନିଲାମ ଇସ୍ତାହାରରେ Members of the Trust committee ଅର୍ଥରେ 'ଅଟ୍ଟ ସମିତି ମେମ୍ବରାନ୍‌ମାନେ' ଏହି ଶବ୍ଦର ପ୍ରୟୋଗ ଦେଖାଯାଇ ଥିଲା; କିନ୍ତୁ 'ମେମ୍ବରାନ୍ ବାସ୍ତବରେ ଅପ୍ରଚଳିତ ଅନୁରୂପ ଆଉ ଗୋଟିଏ ବହୁବଚନାନ୍ତ ଶବ୍ଦ 'ଗୃହକରାନ' ବର୍ତ୍ତମାନ ବିଶେଷଣ ରୂପେ ବ୍ୟବହୃତ ହେଉଅଛି ଯଥା—ଗୃହକରାନ୍ କାଗିଜ, ଏହା ଅପରିଚିତରୁ ଯାଇଅଛି ।

ବିଦେଶାଗତ ଅନେକ ଶବ୍ଦ ଦ୍ୱୈତ ଶବ୍ଦର ଉତ୍ପାଦନ ଯୋଗାଇ ଅଛି, ମାତ୍ର ସେଥିମଧ୍ୟରେ ପୁଣି କେତେକ ବହୁବଚନାନ୍ତ ଶବ୍ଦ ପ୍ରଚ୍ଛନ୍ନ ଭାବରେ ରହି ଯାଇଅଛି— ଯଥା—ଗୁରୁବା ଶବ୍ଦ ଗରିବର ବହୁବଚନ; କିନ୍ତୁ 'ଗରିବ; ଗୁରୁବା' କହିଲେ ବାସ୍ତବିକ ଗରିବ ଲୋକର ବହୁତ୍ୱ ସୂଚିତ ହେଉଥିଲେ ହେଁ ଆମ୍ଭମାନେ ଗୁରୁବା ଶବ୍ଦ ସହିତ ଅପରିଚିତ ଥିବାରୁ 'ଗରିବ ଗୁରୁବାମାନେ ଅକଥ୍ୟ ଦୁର୍ଦ୍ଦଶା ଭୋଗ କରୁଅଛନ୍ତି, ଏହିପରି ଲେଖା ଦେଖୁଁ । ଅନୁରୂପ ଖାଏରାତ ଶବ୍ଦ ବହୁ ବଚନାନ୍ତ; କିନ୍ତୁ ଓଡ଼ିଆରେ 'ଦାନଖଏରାତ୍‌ମାନ, ଅପ୍ରଚଳିତ ନୁହେଁ । 'ଉମରା' ଶବ୍ଦ ବହୁବଚନାନ୍ତ 'କିନ୍ତୁ ଅମୀର ଉମରାମାନେ ନାନା ଅତ୍ୟାଚାର କରୁଥିଲେ' ଏପରି ଲେଖା ଅଶୁଦ୍ଧ ବୋଲି ବିବେଚିତ ହୁଏ ନାହିଁ । 'ହାକିମ-ହୁକୁମା'ରେ ମଧ୍ୟ ହୁକୁମା ବହୁବଚନାନ୍ତ କିନ୍ତୁ ହାକିମ ହୁକୁମାମାନେ ସୁପ୍ରଚଳିତ । ଓଡ଼ିଆରେ ଶବ୍ଦମାନଙ୍କର ଦ୍ୱିତ୍ୱ କରାଯାଇ ବହୁତ୍ୱ ସୂଚିତ କରାଯାଏ ଏହି ଦ୍ୱିତ୍ୱ ଏକ ଶବ୍ଦର ଦୁଇଥର ବ୍ୟବହାର (ଯଥା—ଗରମ ଗରମ କଥା) କିମ୍ବା ଏକାର୍ଥକ ଦୁଇଗୋଟି ଭିନ୍ନ ଶବ୍ଦର (ଯଥା—ମାମଲା ମୋକଦ୍ଦମା) ବ୍ୟବହାର ପ୍ରଚଳିତ । ଏ କ୍ଷେତ୍ରରେ ମଧ୍ୟ ନାନା ପ୍ରକାର ବିଶେଷତ୍ୱ ଦେଖାଯାଏ । ବଡ଼ ବଡ଼ ତୋପ ଖଞ୍ଜାଯାଇଛି କହିଲେ ଅନେକ ତୋପ, ପ୍ରତ୍ୟେକଟି ବଡ଼ ଅର୍ଥ ବୁଝାଏ । ଏହିପରି ଗରମ ଗରମ ପୁରିର

ଅର୍ଥ ଅନେକ ପୁଷ୍ପ ପ୍ରତ୍ୟେକଟି ଗରମ । ଏସବୁ କ୍ଷେତ୍ରରେ ଗୋଟିଏ ବିଶେଷଣ ପଦର ଦୁଇଥର ବ୍ୟବହାର ଦ୍ୱାରା ବହୁତ୍ୱ ସୂଚିତ ହେଉଅଛି । କିନ୍ତୁ କୌଣସି ବସ୍ତୁ ପୂର୍ବରେ ଏହିପରି ଦ୍ୱୈତ ଶବ୍ଦର ବ୍ୟବହାର କରା ନ ଗଲେ ତାହାଦ୍ୱାରା ଅଳ୍ପତା ସୂଚିତ ହୁଏ, ଅର୍ଥାତ୍ ପିତା ପିତା ଔଷଧ ! କହିଲେ ଅନେକ ଔଷଧ ପ୍ରତ୍ୟେକଟି ପିତା, କିନ୍ତୁ ଔଷଧ ପିତା ପିତା ଲାଗୁଛି, କହିଲେ ସାମାନ୍ୟ ପିତା ଏହି ଅର୍ଥ ସୂଚିତ ହୁଏ । ଅନବଧାନତା ଯୋଗୁଁ ଆମ୍ଭେମାନେ ଅନେକ ସମୟରେ ଏପରି ବ୍ୟବହାରଗତ ପାର୍ଥକ୍ୟ ଭୁଲିଯାଉ । କେତେକ ସ୍ଥଳରେ ଅବଶ୍ୟ ଦ୍ୱୈତ୍ୟ ଶବ୍ଦ କେବଳ ମାତ୍ର ବହୁତ୍ୱ ସୂଚିତ କରେ, ବସ୍ତା ବସ୍ତା ଗୁଡ଼ିକ (ଅର୍ଥାତ୍ ଅନେକ ବସ୍ତା), 'ଥଳି ଥଳି ଟଙ୍କା ରଖିଗଲେ'ର ଅର୍ଥ ଅନେକ ଥଳି, ଅର୍ଥାତ୍ କେବଳ ଆଧାରର ସଂଖ୍ୟାଗତ ବହୁତ୍ୱ ସୂଚିତ କରିବା ଦ୍ୱାରା ଆଧେୟର ବହୁତ୍ୱ ମଧ୍ୟ ଲକ୍ଷିତ ହେଉଅଛି ।

ଓଡ଼ିଆ ଶବ୍ଦମାନଙ୍କରେ ବହୁତ୍ୱ ସୂଚିତ କରିବା ନିମନ୍ତେ 'ପତ୍ର' ଅନୁସର୍ଗ ଶବ୍ଦ ରୂପେ ବ୍ୟବହୃତ ହୁଏ ଓ ତାହାଦ୍ୱାରା ସାମଗ୍ରିକ ବା ସାମୂହିକ ବହୁତ୍ୱ ସୂଚିତ ହୋଇଥାଏ, ଯଥା—ବହିପତ୍ର, ବାସନପତ୍ର, କାଗଜପତ୍ର ଇତ୍ୟାଦି । ବହିପତ୍ର କହିଲେ ବହି, କାଗଜ ପେନ୍‌ସିଲ୍ ପ୍ରଭୃତି ଲେଖାପଢ଼ାର ସମସ୍ତ ଆନୁଷଙ୍ଗିକ ପଦାର୍ଥ ବୁଝାଏ । କାଗଜପତ୍ର କହିଲେ ନାନାବିଧ କାଗଜର ସମନ୍ୱୟ ଅର୍ଥ ଗ୍ରହଣ କରିବାକୁ ହୁଏ । ନାନା ପ୍ରକାର ପୁଞ୍ଜି (ସଞ୍ଚିତ ବା ରାଶୀକୃତ ଅର୍ଥ)ର ସମନ୍ୱୟ ବୁଝାଇବା ନିମନ୍ତେ ପୁଞ୍ଜିପଟା ଶବ୍ଦ ବ୍ୟବହୃତ ହୁଏ । ଏହି ପଟା ବାସ୍ତବରେ ପତ୍ରର ସମଗୋତ୍ରୀୟ, ମାତ୍ର ଲୁଗାପଟା ପ୍ରଭୃତି ଅଳ୍ପ କେତେକ ଶବ୍ଦ ଭିନ୍ନ ପଟା ଶବ୍ଦ ବ୍ୟବହାର ହୁଏ ନାହିଁ ଅଥଚ ପତ୍ର ଶବ୍ଦ 'ଲୁଗା' ଛଡ଼ା ନାନାବିଧ ଶବ୍ଦ ସହିତ ବ୍ୟବହୃତ ହୋଇପାରେ । ଯଥା ବିଛଣାପତ୍ର, ଗଣ୍ଠିଲିପତ୍ର, ଅଳଙ୍କାରପତ୍ର ଇତ୍ୟାଦି । ଅନିର୍ଦ୍ଦିଷ୍ଟ ବହୁତ୍ୱ ସୂଚିତ କରିବା ନିମନ୍ତେ 'ହେରିକା' ଶବ୍ଦ ବ୍ୟବହୃତ ହୁଏ ଯଥା-ରାମହେରିକା, ଏହାର ବାସ୍ତବିକ ଅର୍ଥ ପ୍ରଭୃତି ଓ ଏହାର ମୂଳ ଅଜ୍ଞାତ ।

ଓଡ଼ିଆରେ ଏକାର୍ଥକ ସହଚର ଶବ୍ଦର ବ୍ୟବହାର କରାଯାଇ ସାମୂହିକ ବହୁତ୍ୱ ନିର୍ଦ୍ଦେଶିତ ହୁଏ ଯଥା—ମାମଲା-ମୋକଦ୍ଦମା (ଅର୍ଥାତ୍

ସମସ୍ତ ପ୍ରକାରର ବନ୍ଦୋବସ୍ତ ମାମଲା), ଅଫିସ ଅଦାଲତ (ଅର୍ଥାତ୍ ଅଫିସ-ଜାତୀୟ ସବୁ ସରକାରୀ ସଂସ୍ଥା), ହାଟ-ବଜାର (ସବୁ ପ୍ରକାର ବିପଣନ କେନ୍ଦ୍ର) ଇସ୍କୁଲ କଲେଜ (ସମସ୍ତ ପ୍ରକାର ଶିକ୍ଷା ଅନୁଷ୍ଠାନ), ଶିକ୍ଷା ଦୀକ୍ଷା (ସମସ୍ତ ପ୍ରକାରର ସାଂସ୍କୃତିକ ବ୍ୟାପାର) ଏ କ୍ଷେତ୍ରରେ ମଧ୍ୟ ଓଡ଼ିଆରେ କେତେକ ଶବ୍ଦଯୁଗ୍ମିକ ବ୍ୟବହାର ଦେଖାଯାଏ । ଯଥା 'ଜମିବାଡ଼ି' 'ଜମିଜମା', ଏସବୁ ଶବ୍ଦରେ ଜମିର ସାମୁହିକ ବସ୍ତୁତ୍ୱ ସୂଚିତ ହେଲେ ମଧ୍ୟ ଏମାନଙ୍କ ଅର୍ଥ-ଦ୍ୟୋତନାରେ କିଞ୍ଚିତ୍ ପାର୍ଥକ୍ୟ ଲକ୍ଷଣୀୟ । ଅନେକ ସମୟରେ ବିପରୀତାର୍ଥକ ସହଚର ଶବ୍ଦର ବ୍ୟବହାର ମଧ୍ୟ ଦେଖାଯାଏ ଓ ଏହାର ବ୍ୟବହାର ଦ୍ୱାରା ସାମୂହିକ ବସ୍ତୁତ୍ୱ ସୂଚିତ ହୁଏ, ଯଥା—ଟିଲ୍‌ଟିଲା, ବଡ଼ସାନ; କଳାଗୋରା, ଦଳମଳ ପ୍ରଭୃତି । ନିରର୍ଥକ ସହଚର ଶବ୍ଦର ବ୍ୟବହାରଦ୍ୱାରା ବସ୍ତୁତ୍ୱର ଅନିର୍ଦ୍ଦେଶ୍ୟତା ସୂଚିତ ହୁଏ; ଅର୍ଥାତ୍ ବହିପତ୍ରର ବସ୍ତୁତ୍ୱ ଓ ବହିଫହିର ବସ୍ତୁତ୍ୱ ଠିକ୍ ଏକଜାତୀୟ ନୁହେଁ । ଏପରିକି ଲୁଗାପଟା ଓ ଲୁଗାଫୁଗାର ଅର୍ଥଗତ ପାର୍ଥକ୍ୟ ମଧ୍ୟ ସ୍ୱୀକୃତ, ଅର୍ଥାତ୍ ଲୁଗାପଟା ସାମୁହିକ ବସ୍ତୁ; କିନ୍ତୁ ଲୁଗାଫୁଗା ଅନିର୍ଦ୍ଦିଷ୍ଟ ବସ୍ତୁ ।

ବାସ୍ତବରେ ଓଡ଼ିଆରେ ସ୍ୱୟଂସମ୍ପୂର୍ଣ୍ଣ ବ୍ୟାକରଣ ବା କୋଷଗ୍ରନ୍ଥ ନ ଥିବାରୁ ଆମ୍ଭେମାନେ ଏହି ଅନୁକାର ବା ପ୍ରତିଧ୍ୱନି ଶବ୍ଦର ପ୍ରୟୋଗବିଧି ବା ଅର୍ଥସଙ୍କେତ ବିଷୟରେ ଅଜ୍ଞ ରହିଯାଉ । ଖତଫାତ କହିଲେ ଠିକ କ'ଣ ଅର୍ଥ କରିବାକୁ ହେବ । ଗୁ ଫା କହିଲେ ଆମ୍ଭେମାନେ କ'ଣ ବୁଝୁଁ । ଏ ସବୁ ବିଷୟରେ ସ୍ପଷ୍ଟ ଧାରଣା ନ ଥିବାରୁ ଆମ୍ଭେମାନେ ଶବ୍ଦ ପ୍ରୟୋଗ କରି ଗୋଟିଏ ଅନିର୍ଦ୍ଦେଶ ଭାବ ସୂଚିତ କରୁଁ । କେତେକ ଯୁଗ୍ମ ଶବ୍ଦ ଇଙ୍ଗିତମାତ୍ର ଦିଏ, ଅର୍ଥାତ୍ କିଛି ସ୍ପଷ୍ଟ ଅର୍ଥ ସୂଚିତ କରେ ନାହିଁ, ଯଥା—ମୋ ଦେହଟା ଜର-ଜର ଲାଗୁଛି, ବର୍ଷା ହବ ହବ କରୁଛି, ପାଣିଟା ଥଣ୍ଡା ଥଣ୍ଡା ଜଣାପଡୁଛି । ଏ ସବୁରେ କେବଳ ଗୋଟିଏ ଇଶାରା ବା ଇଙ୍ଗିତମାତ୍ର ଦିଏ, କିନ୍ତୁ କିଛି ସ୍ପଷ୍ଟ କରି କହେ ନାହିଁ । ଅନୁକାର ବା ପ୍ରତିଧ୍ୱନି ଶବ୍ଦର ବ୍ୟବହାରରେ ଅନ୍ୟ ଏକ ରୀତି ଅଛି ତାହାର ଉଦାହରଣ ଶୁନ୍‌ଶାନ, ଭୁଲ-ଭାଲ, ଚୁପ୍‌ଚାପ୍, ଧାରଧୁର, ଦେଖା ଦେଖି, ବୁଲି ବୁଲି ଏସବୁ ଶବ୍ଦର ପ୍ରୟୋଗରେ ମଧ୍ୟ ନାନା

ଗତି ସୂଚକ, ନାନା ଅର୍ଥ ସ୍ୱୀକୃତ, ଏଗୁଡ଼ିକର ଯଥାଯଥ ବିନ୍ୟାସ ଓ ପ୍ରୟୋଗ ରୀତି ନିର୍ଦ୍ଧାରଣ କରାଯାଇ ନାହିଁ । କେବଳ କଥାବାର୍ତ୍ତାର ଅନୁସରଣ କରି ଏ ସବୁର ପ୍ରୟୋଗ କରାଯାଏ । ଏଠାରେ କେବଳ ଏହି ଯୁକ୍ତ ଶବ୍ଦମାନଙ୍କ ବିଷୟରେ ଅଳ୍ପ କେତେକ ସୂଚନାମାତ୍ର ଦିଆଗଲା ।

ଓଡ଼ିଆରେ ବିଶେଷଣ ପଦର ଆଲୋଚନା କଲେ ଆମେ ଦେଖୁଁ ଯେ କେବଳ ସଂସ୍କୃତ ତତ୍ସମ ଶବ୍ଦ କ୍ଷେତ୍ରରେ ବିଶେଷ୍ୟର ଲିଙ୍ଗ ସ୍ୱୀକୃତ ହୋଇ ବିଶେଷଣ ବିଶେଷ୍ୟର ଲିଙ୍ଗାନୁଗ ହୋଇଥାଏ । ଓଡ଼ିଆରେ ସ୍ତ୍ରୀଲିଙ୍ଗ ଓ ପୁଂଲିଙ୍ଗ ଶବ୍ଦମାନଙ୍କ ମଧ୍ୟରେ ପାର୍ଥକ୍ୟ ନାହିଁ ଓ ବିଶେଷ୍ୟ ଶବ୍ଦମାନଙ୍କର ଲିଙ୍ଗ ବ୍ୟାକରଣାନୁଗ ନ ହୋଇ ସ୍ୱଭାବାନୁଗ ହୋଇଥିବାରୁ ବିଶେଷଣ ପ୍ରୟୋଗ-କ୍ଷେତ୍ରରେ ବିଶେଷ ଅସୁବିଧା ଦେଖା ଯାଏ ନାହିଁ; କିନ୍ତୁ କାଳ୍ପନିକ ଲିଙ୍ଗ ସ୍ୱୀକାର କରି ସ୍ୱର୍ଣ୍ଣପ୍ରସବିନୀ ଭାରତବର୍ଷ, ହିମକିରୀଟିନୀ ଭାରତ, ସର୍ବ ବିଧ୍ୱଂସିନୀ ଅଗ୍ନ୍ୟୁତ୍ପାତ ପ୍ରଭୃତିର ପ୍ରୟୋଗ ଦେଖାଯାଏ । ବିଶେଷଣକୁ କେତେକ କ୍ଷେତ୍ରରେ ବିଶେଷ୍ୟ ପରି ପ୍ରୟୋଗ କରାଯାଏ, ଯଥା— କଳା ଗୋରାରେ ତଫାତ୍ କ'ଣ ? ନରମ ଗରମ-ଦିପଦ କହିଦିଅ, ତରଳ ଗଣ୍ଡାଏ ଖାଇବାକୁ ଦିଅ ଇତ୍ୟାଦି; କିନ୍ତୁ ଏପରି ପ୍ରୟୋଗ ଅଧିକ ଦେଖାଯାଏ ନାହିଁ । ଅଳ୍ପ କେତେକ କ୍ଷେତ୍ରରେ ବିଶେଷଣରେ ଅତିଶୟିତ ଶବ୍ଦ ସାଧାରଣ ବିଶେଷଣ-ରୂପରେ ମଧ୍ୟ ପ୍ରଯୁକ୍ତ ହୁଏ ଯଥା—ତାଙ୍କ ମଧ୍ୟରେ ଗୁରୁତର ମତଭେଦ ଦେଖାଯାଏ । ଶ୍ରେଷ୍ଠତମ ପଦ ସଂସ୍କୃତରେ ବ୍ୟବହୃତ, ଓଡ଼ିଆରେ ମଧ୍ୟ ପ୍ରଚଳିତ । ସାଧାରଣତଃ ବିଶେଷ୍ୟ ପଦରେ ଅପାଦାନ ବିଭକ୍ତିଯୁକ୍ତ ଅନୁ-ସର୍ଗର ସଂଯୋଗ କରାଯାଇ ବିଶେଷଣର ଅତିଶୟନ କରାଯାଏ, ଯଥା—ସେ ସମସ୍ତଙ୍କଠୁଁ ବଡ଼; ସେ ସଭିଠୁଁ ସାନ, ତାଳଠୁଁ ନଡ଼ିଆ ଡେଙ୍ଗା ଇତ୍ୟାଦି ।

କ୍ରିୟାବାଚକ ଶବ୍ଦ କ୍ଷେତ୍ରରେ ଆମ୍ଭେମାନେ ଦେଖୁଁ ଯେ ଅନେକ କ୍ରିୟା କାର୍ଯ୍ୟଜ୍ଞାପକ ମୂଳ ଶବ୍ଦରୁ ଉତ୍ପନ୍ନ, ଯଥା— ଶୋଇବା, ଖାଇବା, ଦେଖିବା, କେତେକ କ୍ରିୟାବାଚକ ଶବ୍ଦ ପୁଣି ବିଶେଷ୍ୟ ପଦରୁ ସୃଷ୍ଟ, ଯଥା—ଆଣ୍ଠୁଳିବା, ହାତେଇବା, ମୂଳେଇବା, ଗୋଡ଼େଇବା (ଅର୍ଥାତ୍

ଗୋଡ଼େ ଗୋଡ଼େ ଅନୁସରଣ କରିବା), ମୁଣ୍ଡାଇବା; କାଟିବା (ଅର୍ଥାତ୍ ବଧାଦି ବିଷୟରେ କୃତ୍ୟ କରିବା) ଯଥା—ନିତ୍ୟ ଏମିତି ଆଳନେଇ କାଳିନ୍ଦୀ ନଦୀରେ କାଟନ୍ତି' ଭାଗବତ)

କ୍ରିୟାବାଚକ ଶବ୍ଦର କାଳ ଓ ଭାବ ସୂଚିତ ହୁଏ । ଓଡ଼ିଆ କ୍ରିୟା ବାଚକ ଶବ୍ଦର ତିନୋଟି କାଳ ସ୍ୱୀକୃତ—ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ । ଅଛି, ବର୍ତ୍ତମାନକାଳ ସୂଚକ, 'ଥିଲି' ଅତୀତ କାଳର ସୂଚକ; 'ଥିବି' ଭବିଷ୍ୟତ୍ କାଳର ସୂଚକ, କିନ୍ତୁ କ୍ରିୟାପଦ ସହିତ 'ଇ' ଓ 'ଉ' ଯୁକ୍ତ ହୋଇ ମଧ୍ୟ କାଳଗତ ପାର୍ଥକ୍ୟର ସୂଚନା ଦିଏ, ଯଥା—ଯାଉଅଛି, ଯାଇଅଛି, କରିଥିଲି, କରୁଥିଲି ଇତ୍ୟାଦି । 'ଅଛି' ବା ଛି (ବା କଥ୍ୟ ଉଚ୍ଚାରଣରେ ତି), ଥିଲିବା ଲି (ଯଥା କଲି), ଥିବ ବା ବ (କରିବ) ଏଗୁଡ଼ିକ କାଳସୂଚନା ନିମନ୍ତେ ପ୍ରଯୁକ୍ତ । ଏଗୁଡ଼ିକର ପୂର୍ଣ୍ଣ ବିଚାର ଭାଷା-ତତ୍ତ୍ୱର ବିଚାରରେ ସମ୍ଭବ, ଶବ୍ଦତତ୍ତ୍ୱର ବିଚାରରେ ଏହାର ବିଚାର ସମ୍ଭବ ନୁହେଁ ।

କେତେକ କ୍ଷେତ୍ରରେ ବିଶେଷ୍ୟ ପଦ ସହିତ କ୍ରିୟାବାଚକ ପଦର ଯୋଗ କରାଯାଇ ଯୌଗିକ କ୍ରିୟାଶବ୍ଦ ସୃଷ୍ଟି କରାଯାଏ । ଯଥା :—ଦିବସରେ ନିଦ୍ରା ଯାଇ ଅଛନ୍ତି ସେ ଗୋସାଇଁ । (ସାରଳା ମହାଭାରତ) ମୋ ଜୀବନ ଦାନ କଲୁ ନିଦାନ (ବିଦଗ୍ଧ ଚିନ୍ତାମଣି) ଯୌଗିକ କ୍ରିୟାର ବ୍ୟବହାର ଅସମାପିକା କ୍ରିୟା ସହିତ ଅନ୍ୟ କେତେକ ବିଶିଷ୍ଟ କ୍ରିୟାପଦର ସଂଯୋଗରୁ ଜାତ ହୁଏ, ଯଥା—ଖାଇ ପକାଅ; ଖାଇନିଅ, ଖାଇଦିଅ, ଖାଇଯାଅ ଇତ୍ୟାଦି । ଏ ସବୁ କ୍ଷେତ୍ରରେ ଗୋଟିଏ ଅସମାପିକା କ୍ରିୟାପଦ ସହିତ ଆଉ ଗୋଟିଏ କ୍ରିୟାପଦ ଯୁକ୍ତ ହୋଇ ସମ୍ପୂର୍ଣ୍ଣ ଅର୍ଥ ସୂଚିତ କରୁଅଛି । ଏହା ଗୋଟିଏ ଶୈଳୀଗତ ବ୍ୟବହାର । ସଂସ୍କୃତ ଭାଷାରୁ ଓଡ଼ିଆରେ ସ୍ୱୀକୃତ । ବିଶେଷ୍ୟପଦ ସହିତ ମଧ୍ୟ ଏହିପରି କ୍ରିୟା ସଂଯୋଗ ଘଟିଥାଏ ଯଥା—ନିଦ୍ରା ଗଲେ ଦିନମଣି, ଲମ୍ଫ ଦେଇ ସାଗର ପାରେ ଗଲେ, ଇତ୍ୟାଦି ।

ସର୍ବନାମ ଓ କ୍ରିୟାବିଶେଷଣ ପଦ ବାସ୍ତବରେ ବ୍ୟାକରଣଗତ ବ୍ୟବହାର ଶବ୍ଦତତ୍ତ୍ୱରେ ଯୁଗ୍ମ ଅସମାପିକା କ୍ରିୟାପଦର କ୍ରିୟା ବିଶେଷଣ-ରୂପେ ବ୍ୟବହାର, ଯଥା--ଦେଖି ଦେଖି ଯିବ, ଖାଉ ଖାଉ ବାରଟା ବାଜିବ । ଦେଖି ଶୁଣି କାମ କଲେ ବିପଦ ନ ପଡ଼ଇ ଭଲେ ପ୍ରଭୃତି, ଓ ଯୁଗ୍ମ ସର୍ବନାମ ଜାତ ଶବ୍ଦର ବିଶେଷଣ ବା କ୍ରିୟାବିଶେଷଣରୂପେ ବ୍ୟବହାରର ଉଲ୍ଲେଖ କରାଯାଇ ପାରେ, କାରଣ ସେଥିରୁ ନୂତନ ଶବ୍ଦ ଭାଷାରେ ସ୍ୱୀକୃତ ହୋଇଅଛି । ଯଥା—ଏମନ୍ତ (ଯଥା--କପାଇଁ ସ୍ୱାର୍ଥ ନୋହିବ ଏମନ୍ତ ବିଗ୍ରହ : କୋଟି ବ୍ରହ୍ମାଣ୍ଡସୁନ୍ଦରୀ), ଏସନ; ଯେସନ; ଯେମିତି, ଏତେକ, ଏଲଗ; ଏଥି ଇତ୍ୟାଦି । ଏହି ସବୁ ପଦ ନିତ୍ୟ ବ୍ୟବହୃତ ମାତ୍ର । ଏମାନଙ୍କର ଉତ୍ପତ୍ତି ବିଷୟରେ ଯଥେଷ୍ଟ ଜ୍ଞାନ ନଥିବାରୁ ଏମାନଙ୍କର ରୂପଗତ ପ୍ରୟୋଗ ମଧ୍ୟ ଯଥେଚ୍ଛ ହୋଇ-ଦେଉଛି, ଯଥା ଏଲଗେ, ଏହିଲଗେ, ଇଲଗେ ଇତ୍ୟାଦି । ଶବ୍ଦର ପ୍ରୟୋଗଗତ ବିଚାର ମୁଖ୍ୟତଃ ବ୍ୟାକରଣରେ କରାଯାଏ; ଉତ୍ପତ୍ତିଗତ ବା ରୂପଗତ ବିଚାର ଶବ୍ଦତତ୍ତ୍ୱର ମୁଖ୍ୟ ଆଲୋଚ୍ୟ--ଏଠାରେ କେତେକ ସୂଚନାମାତ୍ର ଦିଆଗଲା ।

ଓଡ଼ିଆରେ ସଂଖ୍ୟାବାଚକ ନାନା ଶବ୍ଦ ପ୍ରଚଳିତ : ମୂଳତଃ ଏମାନେ ସଂସ୍କୃତରୁ ଉଦ୍ଭୂତ; କିନ୍ତୁ ଗଣ୍ଡା, ପଣ, କୋଡ଼ିଏ, ହଜାର ପ୍ରଭୃତି ଶବ୍ଦ ସଂସ୍କୃତ ଭାଷାରୁ ଗୃହୀତ; ହଜାର ସମ୍ଭବତଃ ପାରସିକ ଶବ୍ଦ ଏବଂ ଓଡ଼ିଆରେ ସହସ୍ରର ବ୍ୟବହାର ସୁପ୍ରଚଳିତ ଥିଲେ ହେଁ ହଜାର ଶବ୍ଦ ଅବାଧରେ ବ୍ୟବହୃତ । ଦ୍ୱିସୂଚକ ସଂସ୍କୃତ ଦ୍ୱି ଶବ୍ଦରୁ 'ବ' ବା 'ବା' ମାତ୍ର ଅବଶିଷ୍ଟ ରହି ସଂଖ୍ୟା ସୂଚିତ କରୁଅଛି ଯଥା---ବାର, ବାଇଶ, ବୟାଳିଶ, ଏସବୁ କ୍ଷେତ୍ରରେ ପାଳିରେ ପ୍ରଚଳିତ ଶବ୍ଦକୁ ଅନୁସରଣ କରି ଏସବୁ ଶବ୍ଦ ଗଠିତ ହୋଇଅଛି । କେତେସ୍ଥାନରେ ଯେଉଁ ଚୌ (ଯଥା---ଚୌକାଠ, ଚୌପିଠିଆ ଇତ୍ୟାଦି) ବ୍ୟବହୃତ ହୁଏ ତାହା ସଂସ୍କୃତ ଚତୁଃ ଶବ୍ଦରୁ ଜାତ, ଏହିପରି-ଭାବରେ ସାଧାରଣ ସଂଖ୍ୟା ବାଚକ ଶବ୍ଦମାନଙ୍କର ଉତ୍ପତ୍ତିରେ ବିଶେଷ ଲକ୍ଷଣୀୟ କିଛି ନାହିଁ । ଏକତ୍ୱ ବାଚକ 'ପହିଲ' ଶବ୍ଦ ମଧ୍ୟ ମୂଳତଃ ସଂସ୍କୃତରୁ ଗୃହୀତ ।

କିନ୍ତୁ ପ୍ରୟୋଗକ୍ଷେତ୍ରରେ ସଂଖ୍ୟାବାଚକ ଯୁଗ୍ମ ଶବ୍ଦର ବ୍ୟବହାରଗତ କେତେକ ବିଶେଷତ୍ୱ ଦେଖାଯାଏ । ତିନି ତିନି ଜଣ ଆସି କହିଲେ ପ୍ରତ୍ୟୟର

ଭିନ୍ନ ସଂଖ୍ୟା; କିନ୍ତୁ ଏପରି ବହୁ ଭିନ୍ନ ସଂଖ୍ୟା ସୂଚିତ ହୁଏ । ଚାରି ଚାରି ଜଣ ଲୋକ ଯାଉଛନ୍ତି, ବାକ୍ୟରେ ଚାରି ସଂଖ୍ୟାରେ ସୀମିତ, ମାତ୍ର ଏହି ସଂଖ୍ୟାର ଅନୈଶ୍ଚିତ୍ୟ ସୂଚନାର୍ଥେ ଶିତ ହୋଇଅଛି । ଅର୍ଥାତ୍ ଚାରିଜଣ ଲୋକ ଯିବା ଉଚିତ୍ ନ ଥିଲା, ଏହାପରି ତିନି ତିନି ଖଣ୍ଡ ବହି ଶେଷ କଲଣି ବାକ୍ୟରେ ବିସ୍ପଷ୍ଟ ପ୍ରକାଶିତ ହୋଇଅଛି । ସଂଖ୍ୟାର କ୍ରମାଗତ ଦ୍ୱୈତ୍ୱ ଓ ଅନିଶ୍ଚିୟତା ଆଦି ପ୍ରକାଶ ସାମର୍ଥ୍ୟ ବିଷୟରେ ଏଥି ପୂର୍ବେ କଥିତ ହୋଇଅଛି । ଅନିଶ୍ଚୟତା ସୂଚନା ଦେବା ନିମନ୍ତେ ସଂଖ୍ୟାବାଚକ ଶବ୍ଦ କ୍ଷେତ୍ରରେ ଅନ୍ୟାନ୍ୟ ରୀତି ମଧ୍ୟ ସ୍ୱୀକୃତ; ଯଥା—ଜଣଚାରି ମଣିଷ, ଶହ ଚାରି ଟଙ୍କା; ସେର ପାଞ୍ଚ ଘିଅ ଏସବୁ ଭାଷାର ବିଶେଷ ରୀତି । ସଂଖ୍ୟା ନଥାଇ ସଂଖ୍ୟା ଶବ୍ଦ ଦ୍ୱାରା ଅନେକ ସମୟରେ କେବଳ ବହୁତ୍ୱ ସୂଚିତ ହୋଇଥାଏ । ଏପରି ପ୍ରୟୋଗ 'ପାଞ୍ଚ ଓ ସାତ' ଶବ୍ଦ ବ୍ୟବହାରରେ ସୁନିଶ୍ଚିତ । 'କଥାଟା ପାଞ୍ଚ ଜଣଙ୍କ ଆଗରେ ହେଉ' କହିଲେ ଠିକ୍ ସଂଖ୍ୟାସୂଚକ ପାଞ୍ଚଜଣ ସୂଚିତ ହୁଏ ନାହିଁ । ବହୁ ଲୋକ ବା ପ୍ରକାଶ୍ୟରେ ଏହି ଅର୍ଥ ସୂଚିତ ହୁଏ । ଏହିପରି 'ସାତ ତୁଣ୍ଡରାଳୁଗା' 'ସାତରେ ତୋଳକ ! ଘର ଧନ ନେଲେ ସାତପର, ଘୋଟିଲା ଚଉପାଶେ ଜାଳଭସୁଙ୍କର, ଅକାଳ କୋଇଲି) 'ସାତଭାଇ ଆଖୋଡ଼ା' 'ମୋ ନାଁରେ ସାତ ସତର ଲଗେଇ କହିଲା' । ସତ କଥାରେ କଥାଏ' ପ୍ରଭୃତି ପ୍ରୟୋଗରେ କେବଳ ବହୁତ୍ୱ ସୂଚିତ କରିବା ନିମନ୍ତେ 'ସାତ' ସଂଖ୍ୟାବାଚକ ଶବ୍ଦର ବ୍ୟବହାର ହୋଇଅଛି । ପୁଣି ସେ ସାତ ଘରରେ ଆସି ଆଗ ଚୌକିରେ ବସିଲା, ବାକ୍ୟରେ 'ସାତ'ର ଅର୍ଥ ବହୁ ଅର୍ଥାତ୍ ସମସ୍ତଙ୍କ ପଛରେ ଆସି ମଧ୍ୟ ଏହି ଅର୍ଥର ସୂଚନା ମିଳେ । କ୍ୱଚିତ୍ 'ଦଶ' 'ବାର' ସଂଖ୍ୟାବାଚକ ଶବ୍ଦ ମଧ୍ୟ କେବଳ ବହୁତ୍ୱ ସୂଚିତ କରିବା ନିମନ୍ତେ ବ୍ୟବହୃତ ହୁଏ । 'ସେ ମୋତେ ଦଶ କଥା ଶୁଣାଇ ଦେଲା' 'ବାର ଭାଇ ଆଖଡ଼ା' 'ତା ନାଁରେ ବାରଲୋକ ବାର କହୁଛନ୍ତି' 'ବାରଦ୍ୱାର ଶୁଣି ପିଣ୍ଡା' ପ୍ରଭୃତିରେ ଓଡ଼ିଆ ବାକ୍ୟରୀତି ଅନୁସାରେ ଅନିଶ୍ଚିତ ବହୁତ୍ୱ ସୂଚିତ କରିବା ନିମନ୍ତେ 'ଶହ ଶହ' (ବା ଶତ ଶତ), 'ହଜାର ହଜାର' (ବା ସହସ୍ର ସହସ୍ର), 'ଲକ୍ଷ ଲକ୍ଷ' 'କୋଟି କୋଟି' ପ୍ରଭୃତି ସଂଖ୍ୟାବାଚକ ଶବ୍ଦର ବ୍ୟବହାର କରାଯାଏ, ଅନ୍ୟ ସଂଖ୍ୟାବାଚକ ଶବ୍ଦର ବ୍ୟବହାର କରାଯାଏ, ଅନ୍ୟ ସଂଖ୍ୟାବାଚକ ଶବ୍ଦର ଏଭଳି ବ୍ୟବହାର ଅପ୍ରଚଳିତ । ପୁଣି ଏକାଧିକ ବ୍ୟକ୍ତିର ଏକତ୍ରରେ କୌଣସି କାର୍ଯ୍ୟ କରିବା ସୂଚିତ କରିବା ନିମନ୍ତେ 'ନହିଁ' ଅନୁସର୍ଗର ପ୍ରୟୋଗ ମଧ୍ୟ ସୁବିଦିତ, ଯଥା—

ଦୂତହେଁ, ଚିନ୍ତହେଁ, ଗୃହହେଁ ଗାଙ୍ଗହେଁ (ଗାଙ୍ଗହେଁ ପ୍ରଦାନ ଦୂଅ ଦୃନ୍ଦ କୃପାସ୍ତ୍ର, ସାରଳା ମହାଭାରତ, କିନ୍ତୁ ଅନ୍ୟ ସଂଖ୍ୟାବାଚକ ଶବ୍ଦର ଏପରି ବ୍ୟବହାର ଅପ୍ରଚଳିତ ।

ସର୍ବନାମ ବା କ୍ରିୟା ବିଶେଷଣ ପ୍ରଭୃତିର ବିଶଦ ଆଲୋଚନା ଏଠାରେ କରାଯାଉ ନାହିଁ, କାରଣ ଏପରି ଆଲୋଚନା ଭାଷା ତାତ୍ତ୍ୱିକ ତତ୍ତ୍ୱର ଉପରେ ପ୍ରତିଷ୍ଠିତ ।

ଶବ୍ଦର ଅର୍ଥ

ମାନସିକ ଚିନ୍ତାକୁ ସୁପ୍ରକଟ କରିବା ନିମନ୍ତେ ଆମ୍ଭେମାନେ ଶବ୍ଦର ବ୍ୟବହାର କରୁଁ, ଏଣୁ ଶବ୍ଦତତ୍ତ୍ୱର ଆଲୋଚନା କରିବା ସମୟରେ ତା'ର ଅର୍ଥ ପ୍ରତି ଦୃଷ୍ଟି ଦେବା ସ୍ୱାଭାବିକ । ବର୍ତ୍ତମାନ ଅଭିଧାନ ଆଦି ପ୍ରଚଳିତ ହୋଇ ଥିବାରୁ ଶବ୍ଦର ରୂପ ଓ ଅର୍ଥ ମଧ୍ୟ ସ୍ଥିର ହୋଇ ଯାଇଅଛି ଓ କୌଣସି ଶବ୍ଦକୁ ଭିନ୍ନ ଅର୍ଥରେ ବ୍ୟବହାର କଲେ ସମାଜରେ ହାସ୍ୟାସ୍ପଦ ହେବାକୁ ପଡ଼େ । ତେବେ ହେଁ ଶବ୍ଦର ଅର୍ଥ ଅଲକ୍ଷିତ ଭାବରେ ପରିବର୍ତ୍ତିତ ହେଉଅଛି ଓ ଏପରି ପରିବର୍ତ୍ତନ ଦ୍ୱାରା ଶବ୍ଦ ନାନା ନୂତନ ଭାବ ସୂଚିତ କରୁଅଛି । ବହୁଦିନଧରି ବହୁ ଲୋକର ବ୍ୟବହାର ଦ୍ୱାରା ଶବ୍ଦର ଅର୍ଥଗତ ପରିବର୍ତ୍ତନ ସାଧିତ ହୁଏ କିନ୍ତୁ ଏ ସବୁ କ୍ଷେତ୍ରରେ କେତେକ ରୀତି ମଧ୍ୟ ସ୍ୱୀକୃତ । ଶବ୍ଦର ଅର୍ଥଗତ ପରିବର୍ତ୍ତନ ମଧ୍ୟରେ ଅର୍ଥର ସଂକୋଚ ଓ ଅର୍ଥର ପ୍ରସାର ପ୍ରଧାନ । ଜଗନ୍ନାଥଙ୍କ ପାଖରେ ଅନ୍ନଭୋଗ ହୁଏ ଅନ୍ୟତ୍ର ହୁଏନାହିଁ, କିନ୍ତୁ ଅନ୍ନର ବାସ୍ତବ ଅର୍ଥ 'ଯାହା ଖାଦ୍ୟ ରୂପେ ବ୍ୟବହୃତ ହୋଇପାରେ' କେବଳ ତଣ୍ଡୁଳଜାତ ଖାଦ୍ୟ ନୁହେଁ । 'ମିଷ୍ଟାନ୍ନ' ଶବ୍ଦରେ ଅନ୍ନର ଏହି ବ୍ୟାପକ ଅର୍ଥ ସ୍ୱୀକୃତ ପୁଣି ଅନ୍ନବଳୀ କହିଲେ ଆମ୍ଭେମାନେ ସବୁପ୍ରକାର ଖାଦ୍ୟର ଉଦରରେ ପ୍ରବେଶ ଏଥ ବୁଝୁଁ କିନ୍ତୁ ଅନ୍ନ ଶବ୍ଦର ବ୍ୟାପକ 'ଖାଦ୍ୟ' ଅର୍ଥ କ୍ରମଶଃ ସଙ୍କୁଚିତ ହୋଇ ବର୍ତ୍ତମାନ କେବଳ ତଣ୍ଡୁଳଗତ ଖାଦ୍ୟରେ ପର୍ଯ୍ୟବସିତ ହୋଇଅଛି । ଶିଶୁର ଅନ୍ନ-ପ୍ରାଶନକୁ ଆମ୍ଭେମାନେ ପ୍ରଥମ ଭାତଖିଆ ବୋଲି ମନେ କରୁଁ; ବାସ୍ତବରେ ଏହାର ଅର୍ଥ ମାତୃଦୁଗ୍ଧ ଭିନ୍ନ ଅନ୍ୟ ଆହାର୍ଯ୍ୟ ଗ୍ରହଣ; ଏଣୁ ଅନ୍ନ ପ୍ରାଶନର ପରିବର୍ତ୍ତେ ଆମ୍ଭେମାନେ ଖିରିଚଟା ଶବ୍ଦ ମଧ୍ୟ ପ୍ରୟୋଗ କରୁଁ । ଏହାପରି ପାନ

ଶବ୍ଦର ପ୍ରକୃତ ଅର୍ଥ ପାତ୍ରସ୍ଥ ରଖିବାର ଆଧାର; ଏହି ଅର୍ଥ ସମ୍ପ୍ରସାରିତ ହୋଇ ଯେ କୌଣସି ଆଧାର ଅର୍ଥରେ ବ୍ୟବହୃତ ହେଲା ଓ ଏଥିରେ ବ୍ୟବହୃତ 'ପା'ର ପାନ କରିବା ଅର୍ଥ ସହିତ ରକ୍ଷା କରିବାର ଅର୍ଥ ମଧ୍ୟ କ୍ରମରେ ସଂଶ୍ଳେଷିତ ହେଲା । ପରବର୍ତ୍ତୀ କାଳରେ ଏହି ଶବ୍ଦର ଅର୍ଥ ସଙ୍କୁଚିତ ହୋଇ କନ୍ୟା ସମ୍ପ୍ରଦାନ ପାଇଁ ଉପଯୁକ୍ତ ଆଧାର ଅର୍ଥାତ୍ ସ୍ୱାମୀ ଅର୍ଥରେ ବ୍ୟବହୃତ ହେଲା ଓ ପୁରୁଷ କ୍ଷେତ୍ରରେ ଉପଯୁକ୍ତ ଆଧାର ରୂପେ କନ୍ୟାକୁ ମଧ୍ୟ ପାତ୍ର ଆଖ୍ୟା ଦିଆଗଲା । ଏଣୁ ପାତ୍ରୀ ଶବ୍ଦ ପ୍ରଚଳିତ ଥିଲେ ମଧ୍ୟ ଆମ୍ଭେମାନେ ବରପାତ୍ର ଓ କନ୍ୟାପାତ୍ର ଉଭୟ ବାଚୀ ଶବ୍ଦର ବ୍ୟବହାର ଦେଖୁଁ ।

ଭାଷାରେ ବ୍ୟବହୃତ ଶବ୍ଦମାନଙ୍କର ଅର୍ଥଗତ ବିକାରର ନାନା ଉଦାହରଣ ଭାଷାରେ ପାଇବା ସ୍ୱାଭାବିକ, କିନ୍ତୁ ଭାଷା ବ୍ୟବହାର କ୍ଷେତ୍ରରେ ଆମ୍ଭେମାନେ ଏ ସବୁ ପ୍ରତି ସଜାଗ ରହୁନାହିଁ । 'କାଳି'ର ପ୍ରକୃତ ଅର୍ଥ ଯାହା କଳା ବା ମସୀବର୍ଣ୍ଣ କିନ୍ତୁ ଆଜି କାଳି ନାଲି କାଳି, ସବୁଜ କାଳି ପ୍ରଭୃତି ନାନା ପ୍ରକାର କାଳିର ବ୍ୟବହାର କରୁଁ । କାଳିର ପ୍ରକୃତ ଅର୍ଥ ପୂର୍ବେ ଏଭଳି ବିକୃତ ହୋଇ ନଥିଲା ଯଥା :—କି କର୍ମ କଲୁ ଏହୁ ବାଳୀ, ବଂଶେତ ଲଗାଇଲୁ କାଳି (ଦାର୍ଢ୍ୟତାଭକ୍ତି), ଅନ୍ଧ ଗିରି ପୋଡ଼ିଣ ଯେ ଚୂରିକଲୁ କାଳି (ନାମରତ୍ନ ଗୀତା) ବ୍ୟବହୃତ ମାତ୍ର ଧାର ଅର୍ଥରେ ବ୍ୟବହୃତ କାଳି ଶବ୍ଦ ଯେ ଏହି ଅର୍ଥରୁ ଜାତ ତାହା ଭୁଲି ଯାଉଁ, ପୂର୍ବେ ଦୋକାନର ଲିଖିତ ହିସାବ ରଖିବାର ପଦ୍ଧତିର ପ୍ରଚଳନ ନ ଥିବାରୁ ନଗଦ ଦାମ ଭିନ୍ନ ଧାର ସୂତ୍ରରେ ଦେବା ନେବାର ସ୍ମାରକ ଲେଖି ରଖିବାର ବିଧି ପ୍ରଚଳିତ ଥିବାରୁ ଏହି ଲିଖିତ ସ୍ମାରକ ଅର୍ଥକୁ ଅନୁସରଣ କରି, ଲିଖିତ ସ୍ମାରକ ଥାଉ ବା ନଥାଉ ସମସ୍ତ ପ୍ରକାର ଧାର କରିବାକୁ କାଳି ବୋଲାଗଲା ଓ 'କାଳିବାସି' ପ୍ରଭୃତି ଶବ୍ଦରେ ବିଳମ୍ବରେ ଦେୟ ବୋଲି 'କାଳି' ଶବ୍ଦ ସହିତ ସମ୍ପର୍କ ଘଟି ଏହାର ମୂଳ ଅର୍ଥ ଲୁପ୍ତ ହୋଇ ଯାଇଅଛି । କାଳିର ସହଚର ଶବ୍ଦ 'କଲମ' କ୍ଷେତ୍ରରେ ମଧ୍ୟ ଏହିପରି ଅର୍ଥଗତ ବିକାର ଘଟିଅଛି । 'କଲମ' ମୂଳତଃ କୌଣସି ବୃକ୍ଷ ଶାଖାରୁ ପ୍ରସ୍ତୁତ ଲେଖନୀ ଅର୍ଥାତ୍ ବର୍ତ୍ତମାନ ଯାହା 'କାଠି କଲମ' ବୋଲି ପରିଚିତ ତାହାହିଁ ବାସ୍ତବରେ କଲମ, ମାତ୍ର ଆଜିକାଲି ନାନା ଉପାଦାନରେ ପ୍ରସ୍ତୁତ ନାନା ପ୍ରକାର କଲମ ପ୍ରଚଳିତ । ସରସ୍ୱତୀ ପୂଜାରେ ଆମ୍ଭେମାନେ

ନାଠି କଲମର ପୂଜା କରୁଁ । କିନ୍ତୁ ଏବେ ଦରକଲମରେ ଲେଖନ୍ତି, ଗ୍ରନ୍ଥମାନେ ନବ କଲମ ବ୍ୟବହାର କରନ୍ତି, ପରୀକ୍ଷାର୍ଥୀମାନେ ଝର କଲମରେ ପ୍ରଶ୍ନମାନଙ୍କର ଉତ୍ତର ଲେଖନ୍ତି । ଅନୁରୂପ ଭାବରେ 'ଗିଲାସ' ଶବ୍ଦର ମଧ୍ୟ ଅର୍ଥ ପରିବର୍ତ୍ତନ ଘଟିଅଛି । ମୂଳତଃ 'ଗିଲାସ' ଇଂରାଜୀ Glassରୁ ଗୃହୀତ କାଚ ନିର୍ମିତ ପାନୀୟ ଜଳ ଆଧାର, ଅର୍ଥାତ୍ 'ଗିଲାସ' କେବଳ କାଚ ଗିଲାସ, ମାତ୍ର ଆଜିକାଲି କଂସା ଗିଲାସ, ଷ୍ଟିଲ ଗିଲାସ, ରୂପା ଗିଲାସ, ଏନାମେଲ ଗିଲାସ ପ୍ରଭୃତି ବହୁ ଉପାଦାନରେ ପ୍ରସ୍ତୁତ ପାନୀୟ ଜଳାଧାରର ପ୍ରଚଳିତ ହୋଇ ଥିବାରୁ 'କାଚ' ଧାରା ବହିଷ୍କୃତ ହୋଇ ସମାର୍ଥକ 'ଗିଲାସ'ର ବ୍ୟବହାର ଦେଖା ଦେଇଅଛି । ଅର୍ଥାତ୍ ଗିଲାସ ଯେ ସ୍ୱତଃ କାଚ ନିର୍ମିତ ଏହା ଆମ୍ଭେମାନେ ଭୁଲି ଯାଉଛୁଁ । ପୁଣି 'ଗିଲାସକୁ' ମଦ୍ୟ ପାନାର୍ଥ ବ୍ୟବହୃତ କାଚର ପାନ ପାତ୍ର ରୂପେ ସ୍ୱୀକାର କରି, ମଦ୍ୟ ପାନର ଆନୁଷଙ୍ଗିକ ବିଶେଷ ଭାବରେ ପାକ କରାଯାଇଥିବା ମାଂସକୁ 'ଗିଲାସୀ' ଆଖ୍ୟା ମଧ୍ୟ ଦିଆଯାଏ । ଆମ୍ଭେମାନେ ଶବ୍ଦର ମୂଳ ଅର୍ଥ ସହିତ ଅପରିଚିତ ଥିବାରୁ ଯେପରି ବ୍ୟାପକ ଭାବରେ କଲମ ବା ଗିଲାସ ଶବ୍ଦର ବ୍ୟବହାର କରୁ ସେହିପରି ପେନ୍ (Pen) ଶବ୍ଦର ମଧ୍ୟ ବ୍ୟବହାର କରିଥାଉଁ । ସଂସ୍କୃତ ପକ୍ଷ ସହିତ ସମ୍ପୃକ୍ତ ଏହି ପେନ ଶବ୍ଦର ମୂଳ ଅର୍ଥ ପର କଲମ ଓ ପକ୍ଷୀ ବିଶେଷର ପରଦେହରୁ ଲେଖନୀ ପ୍ରସ୍ତୁତ କରିବାର ବିଧି ପ୍ରଚଳିତ ଥିଲା ମାତ୍ର ଆଜିକାଲି ଷ୍ଟିଲପେନ୍, ଫାଉଣ୍ଟେନ ପେନ୍, ଡ୍ରିପ୍ଟିଂ ପେନ୍ ପ୍ରଭୃତି ବହୁ ପ୍ରକାରର ପେନ ସହିତ ପେନ ଶବ୍ଦର ବ୍ୟବହାର କରିଥାଉଁ । 'ତେଲ' ଶବ୍ଦ କ୍ଷେତ୍ରରେ ମଧ୍ୟ ଅନୁରୂପ ଅର୍ଥଗତ ବିଭ୍ରାଟ ଦେଖାଯାଏ । 'ତେଲ' ତିଳ ବା ଖସାର ନିର୍ଯ୍ୟାସ୍ ବର୍ତ୍ତମାନ ନାନା ଜାତୀୟ ସ୍ନେହ ପଦାର୍ଥକୁ ତେଲ ବୋଲି ଯାଉଅଛି; ଯଥା—ସୋରିଷ ତେଲ, ବାଦାମ ତେଲ, ନଡ଼ିଆ ତେଲ ଇତ୍ୟାଦି । ଏପରିକି କିରାସିନ ତେଲ ମଧ୍ୟ ସୁପରିଚିତ ଓ ମାଛତେଲ ମଧ୍ୟ ଅପରିଚିତ ନୁହେଁ । ଏହିପରି ବ୍ୟାପକ ଅର୍ଥ ସୂଚିତ ହେଉଥିବାରୁ ଆମ୍ଭେମାନେ ତିଳ ତୈଳ ଶବ୍ଦର ବ୍ୟବହାର କରିବାକୁ ବାଧ୍ୟ ହେଉଅଛୁ । ଅନ୍ୟ ପକ୍ଷରେ ଘାସର ପ୍ରାଚୀନ ଅର୍ଥ ଖାଦ୍ୟ ବର୍ତ୍ତମାନ ଏହାର ଅର୍ଥ ପଶୁମାନଙ୍କର ଖାଦ୍ୟ ତୃଣାଦି । ଏହିପରି ପର୍ଣ୍ଣ ଶବ୍ଦରୁ ଜାତ 'ପାନ' ବର୍ତ୍ତମାନ କେବଳ ଗୋଟିଏ ବିଶେଷପ୍ରକାର ପତ୍ରକୁ ସୂଚିତ କରୁଅଛି ।

କାଠି କଲମ୍, କାଚ ଗିଲସ୍, କଳାକାଳି, ଖଳ (ବା ଖସା) ତେଲ ପ୍ରଭୃତିରେ ଯେପରିଭାବରେ ଶବ୍ଦର ମୂଳ ଅର୍ଥ ବିଷୟରେ ସୂଚନା ଦିଏ ସେହିପରି ବିଦେଶୀ ଭାଷା ସହିତ ସମ୍ୟକ୍ ପରିଚୟ ନ ଥିବାରୁ ଆମ୍ଭେମାନେ ଏକାଡେମି ଇସ୍କୁଲ୍ (ଯଥା :—'ସମାଜ' ୬-୫-୭୭ ଏକାଡ଼େମୀ ସ୍କୁଲର ଆଉ ଗୋଟିଏ ଭୁଲ), ଫ୍ଲାଟ ଘର ଟାଇଫଏଡ଼ ଜର ପ୍ରଭୃତି ଶବ୍ଦ ମଧ୍ୟ ବ୍ୟବହାର କରୁ ଅର୍ଥାତ୍ ଏକାଡେମୀ ଯେ ନିଜେ 'ଇସ୍କୁଲ୍' ସେ କଥା ଭୁଲିଯାଉ ।

ଅନେକ କ୍ଷେତ୍ରରେ ଶବ୍ଦର ଅର୍ଥଗତ ଉନ୍ନୟନ ଘଟିଅଛି । ଅନ୍ୟ ଅନେକ କ୍ଷେତ୍ରରେ ଅର୍ଥଗତ ଅବନମନ ମଧ୍ୟ ଘଟିଅଛି । 'ମନ୍ଦିର' ଶବ୍ଦର ମୂଳ ଅର୍ଥ ଗୃହ, ଯେ କୌଣସି ବାସସ୍ଥାନ ବା ଯେ ସ୍ଥାନରେ ନିରାପଦରେ ମନୁଷ୍ୟ ରାତିରେ ଶୋଇରହିପାରେ ଏପରି ଘର; କିନ୍ତୁ ବର୍ତ୍ତମାନ ମନ୍ଦିରର ଅର୍ଥ କେବଳ ଦେବଦେବୀଙ୍କର ଅଧିଷ୍ଠାନ ଗୃହ । 'ସାହସ'ର ପୂର୍ବ ଅର୍ଥ ଥିଲା ମନ୍ଦ କାର୍ଯ୍ୟ; ସହସାକୃତ କାର୍ଯ୍ୟ, ବା ଦଣ୍ଡ ଯୋଗ୍ୟ କାର୍ଯ୍ୟ ବର୍ତ୍ତମାନ ଏହାର ଅର୍ଥ ଉନ୍ନୀତ ହୋଇ ନିର୍ଭୀକତା ଓ କର୍ତ୍ତବ୍ୟ ସମ୍ପାଦନରେ ବିକ୍ରମ ବା ଉତ୍ସାହାଦି ସୂଚିତ କରେ ଅର୍ଥାତ୍ ଏହାର ଅର୍ଥଗତ ଉନ୍ନତି ସାଧିତ ହୋଇଅଛି । ଅନ୍ୟ ଦିଗରେ 'ଫାଜିଲ' ବର୍ତ୍ତମାନ ଲୋକଙ୍କୁ ଗାଳିଦେବା ଅର୍ଥରେ ବ୍ୟବହୃତ; କିନ୍ତୁ ଏହାର ମୂଳ ଅର୍ଥ ବୁଦ୍ଧିଦୀପ୍ତ ଅର୍ଥାତ୍ ଜ୍ଞାନସମ୍ପନ୍ନ । ଏହାର ମୂଳ ଫଜଲ୍ ଶବ୍ଦ ଫଜଲି ଆମ୍ବ, ମୌଲବୀ ଫଜଲ ପ୍ରଭୃତି ଶବ୍ଦରେ ପାଇଥାଉଁ । 'ନାଗର'ର ବାସ୍ତବ ଅର୍ଥ ନଗରର ଅଧିବାସୀ ମାତ୍ର ଏହି ଶବ୍ଦର ଅର୍ଥର ଅବନତି ଘଟି ବର୍ତ୍ତମାନ ପ୍ରେମିକ, ଉପପତି ବା ବ୍ୟସନୀ ବ୍ୟକ୍ତି ପ୍ରଭୃତି ଅର୍ଥ ସୂଚିତ କରୁଅଛି । 'ରକ୍ଷିତା' ଶବ୍ଦର ମୂଳ ଅର୍ଥ ଅନ୍ୟର ପାଳିତା, ମାତ୍ର ଏହାର ବର୍ତ୍ତମାନ ଅର୍ଥ ଅନ୍ୟର ଉପପତ୍ନୀ, ସମାଜଗତ କେଉଁ ପରିବେଶରେ ଶବ୍ଦମାନଙ୍କର ଏପରି ଅର୍ଥଗତ ଅବନତି ଘଟିଲା ତାହା ବାସ୍ତବରେ ବିଚାର୍ଯ୍ୟ । ବର୍ତ୍ତମାନ 'ଜୟ କିଷାନ' ଧ୍ୱନି ଦିଆଯାଉ ଥିଲେ ହେଁ ଓ ଗ୍ରାମୀଣ ଜୀବନ ଯାତ୍ରାର ଶାନ୍ତିପ୍ରଦ ପରିବେଶ ତଥା ଗୁଣୀଙ୍କର ପ୍ରବନ୍ଧରେ ଲିଖିତ ହେଉଥିଲେ ହେଁ ମଫସଲ ଚଷା ପ୍ରଭୃତି ଶବ୍ଦ ସହିତ ଯେଉଁ ତାଚ୍ଛିଲ୍ୟ ଓ ଅବଜ୍ଞାଜଡ଼ିତ ରହିଅଛି (ଯଥା :- କରଣ ଉପରେ ବସାଏ ଚଷାକୁ : ଦରବାର) ତାହା ଶବ୍ଦାର୍ଥ ବିଚାର

ସମସ୍ୟରେ ଆଲୋଚ୍ୟ । ଅନୁରୂପଭାବରେ ମାନ୍ୟାର୍ଥକ ବେହେରା ଶବ୍ଦ ଅଜି-କାଲି 'Peon' ଅର୍ଥରେ ବ୍ୟବହୃତ (ଯଥା—ବାବୁ ଘରେ ଦୁଇ ବସାଇ ବେହେରା, ଦରବାର) 'ବୋଲଣୀ'ର ସାଧାରଣ ଅର୍ଥ କଥା କହିବା ମାତ୍ର ଏହାର ଅର୍ଥଗତ ଅବନତି ଘଟି ନିନ୍ଦା ବା ଭର୍ତ୍ସନା ଅର୍ଥରେ ବ୍ୟବହୃତ ହେଉଅଛି । (ଆମ୍ଭେ ଯେ ମହତ ବୋଲୁଉଁ, ପଛକୁ ବୋଲଣା ନ ଚାଉଁ : ଦାର୍ଢ୍ୟତାଭକ୍ତି ।)

ସାମାଜିକ ପରିବେଶରେ ପରିବର୍ତ୍ତନ ଯୋଗୁଁ ଶବ୍ଦର ଅର୍ଥ ପରି-ବର୍ତ୍ତନର ନାନା ଉଦାହରଣ ଆମ୍ଭେମାନେ ପାଇଥାଉ । ଏହାର ଗୋଟିଏ ଉଦାହରଣ 'ସାହେବ' ଏହି ଶବ୍ଦର ମୂଳ ଅର୍ଥ ପ୍ରଭୁ । ଏହା ଯାବନିକ ଶବ୍ଦ ଓ ଖାଁ ସାହେବ ପ୍ରଭୃତି ଉପାଧିରେ ବ୍ୟବହୃତ । ପରବର୍ତ୍ତୀ କାଳରେ ପ୍ରଭୁତ୍ୱ-ସୂଚକ ପ୍ରତ୍ୟେକ କ୍ଷେତ୍ରରେ ଇଂଲଣ୍ଡୀୟମାନେ ପ୍ରତିଷ୍ଠିତ ହେବାରୁ ଏ ଶବ୍ଦର ଅର୍ଥ ହେଲା ଇଂରାଜ ବା ଇଉରୋପୀୟ ଶ୍ୱେତକାୟ ବ୍ୟକ୍ତି ଓ ସାହେବ କହିଲେ ଆମ୍ଭେମାନେ ବୁଝିଲୁ 'ଗୋରାଲୋକ' ଓ ଭେଣ୍ଡି ପ୍ରଭୃତି କେତେକ ଗଛ ଅପୁଷ୍ଟିଜନିତ ଶ୍ୱେତ ରୋଗରେ ଆକ୍ରାନ୍ତ ହେଲେ ଆମ୍ଭେମାନେ 'ସାହେବ' ହୋଇଗଲା ଶବ୍ଦ ବ୍ୟବହାର କରୁ । ଏହି କାରଣରୁ ସାହେବି ପୋଷାକ କହିଲେ ଇଉରୋପୀୟ ଢଙ୍ଗର ପୋଷାକ ଓ ସାହେବୀନା କହିଲେ ଇଉରୋପୀୟମାନଙ୍କ ଚାଲିଚଳନ ବୁଝୁ । ଆଜିକାଲି ପୁଣି ଅଫିସ ଅଦାଲତ ପ୍ରଭୃତିରେ ଇଉରୋପୀୟ ବ୍ୟକ୍ତିବର୍ଗ ପରିବର୍ତ୍ତରେ ଭାରତୀୟ ବ୍ୟକ୍ତିମାନେ ପ୍ରଭୁ ପଦରେ ପ୍ରତିଷ୍ଠିତ ହେବାରୁ 'ସାହେବ ଆସି ନାହାନ୍ତି କହିଲେ ଅଫିସର କର୍ତ୍ତା ମାତ୍ରକୁ ସୂଚିତ କରେ ଓ କିରାଣୀ ସାହେବ, ମେନେଜର ସାହେବ, ପ୍ରଭୃତି ପଦ ମଧ୍ୟ ପ୍ରଚଳିତ । ଅର୍ଥର ଏ ପରିବର୍ତ୍ତନ 'ବର' ଶବ୍ଦରେ ମଧ୍ୟ ଦେଖା-ଯାଏ । 'ବର'ର ମୌଳିକ ଅର୍ଥ ଯେ କନ୍ୟା ନିର୍ବାଚନ କରେ; କନ୍ୟା ନିର୍ବାଚକ ସ୍ୱୟଂ ବିବାହାର୍ଥୀ ନ ହୋଇପାରେ । ପରବର୍ତ୍ତୀ କାଳରେ ଯେ ବିବାହାର୍ଥୀ ସେହି ବର ଓ ବିବାହାର୍ଥୀ ବ୍ୟକ୍ତିର ସାମାଜିକ ମର୍ଯ୍ୟାଦା ଉନ୍ନତ-ତର ହେବାରୁ ଏହାର ଅର୍ଥ ହେଲା ଯାହାକୁ ବରଣ କରାଯାଏ, ତଦନୁଯାୟୀ 'ବର' ଓ 'ବରପାତ୍ର' ଶବ୍ଦଗୁଡ଼ିକ ମଧ୍ୟ ପ୍ରଚଳିତ ହେଲା, ବିବାହାର୍ଥୀ ପୁରୁଷ ଉପସ୍ଥିତ ନ ଥିଲେ ମଧ୍ୟ ବର (ଯଥା—ମୁଁ ସାଲେପୁରରେ ଗୋଟିଏ ବର

ଚିକଣା କେଶ) ଓ ଅନେକ ବର ମଧ୍ୟରୁ ଗୋଟିକ ସଙ୍ଗେ ବିବାହ ସମ୍ଭବ ହେଲା । ପରବର୍ତ୍ତୀ କାଳରେ ବିବାହାର୍ଥ ଉପସ୍ଥିତ ବ୍ୟକ୍ତି ହିଁ ବର ଅର୍ଥାତ୍ ବର ଅସିଲେଣି କହିଲେ ବିବାହାର୍ଥୀ ବ୍ୟକ୍ତି ବିବାହମଣ୍ଡପେ ଉପସ୍ଥିତ ଏହା ହିଁ ସୂଚିତ ହେଲା; କିନ୍ତୁ ଏହି ବର ସହିତ ବିବାହ ନ ଘଟିଲେ ହିଁ ସେହି ବ୍ୟକ୍ତି ବର (ଯଥା—କନ୍ୟାର ଅବଗୁଣ ଶୁଣି ବର ବାଟରୁ ଫେରି-ଗଲେ), ପରବର୍ତ୍ତୀ କାଳରେ ପୁଣି ବର ଶବ୍ଦର ଅର୍ଥ ହେଲା ସଦ୍ୟ ବିବାହିତ ବ୍ୟକ୍ତି (ଯଥା—ବର କନ୍ୟା ଆଜି ବିଦାୟ ହେବେ) ଅଥବା କେବଳ ବିବାହିତା ସ୍ତ୍ରୀର ସ୍ୱାମୀ (ଯଥା—ତୋ ବର କାହିଁ ?) ଶବ୍ଦତତ୍ତ୍ୱର ଆଲୋ-ଚନା ସମ୍ପର୍କରେ ଶବ୍ଦର ଅର୍ଥଗତ ପରିବର୍ତ୍ତନ ଓ ତହିଁର କାରଣର ସନ୍ଧାନ ନେବାକୁ ପଡ଼େ ।

'ପାଷାଣ୍ଡ' ଶବ୍ଦର ଅର୍ଥାବନତି ଚମତ୍କାର । ମୂଳତଃ ଏହାର ଅର୍ଥ ଥିଲା ଗୋଟିଏ ବୌଦ୍ଧ ସାଧୁ ସମ୍ପ୍ରଦାୟ, ଏହି ଅର୍ଥରେ ଏହା ଅଶୋକ-ଙ୍କର ଅନୁଶାସନରେ ବ୍ୟବହୃତ ଏଥିରେ ନିନ୍ଦନୀୟ କିଛି ନ ଥିଲା ମାତ୍ର ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ପ୍ରଥମରେ ଅବିଶ୍ୱାସୀ ଓ ପରେ ମନ୍ଦସ୍ୱଭାବପନ୍ନ କଦାଗ୍ରହୀ ନିଷ୍ଠୁର ଲୋକବୋଲି ବୁଝାଯାଇ ଅର୍ଥର ସମ୍ପୂର୍ଣ୍ଣ ଅବନତି ସାଧିତ ହୋଇ-ଅଛି । ବର୍ତ୍ତମାନ କାହାକୁ ପାଷଣ୍ଡ କହିଲେ ମାନହାନିର ଦାୟରେ ପଡ଼ି-ବାକୁ ହେବ ।

ଅନେକ ଶବ୍ଦ ପୂର୍ବେ କେବଳ ସ୍ଥାନ ବା ବ୍ୟକ୍ତି ସହିତ ସମ୍ପୃକ୍ତ ଥିଲା; କିନ୍ତୁ ମୂଳ ଅର୍ଥର ଅପରିଚୟ ଯୋଗୁଁ ଏମାନଙ୍କ ଅର୍ଥଗତ ପରିବର୍ତ୍ତନ ସାଧିତ ହୋଇଅଛି । ଆମ୍ଭେମାନେ ଯେଉଁ ପଞ୍ଜାବୀ ପିନ୍ଧୁ ତହିଁରେ ମୂଳତଃ ପଞ୍ଜାବର ଲୋକପ୍ରିୟ ଥିଲେ ମଧ୍ୟ ଯାହା ସହିତ ବର୍ତ୍ତମାନ ପଞ୍ଜାବର କୌଣସି ସମ୍ବନ୍ଧ ନାହିଁ । ଏହିପରି ଚିନା ସହିତ ଚୀନର ସମ୍ପର୍କ ନାହିଁ କିମ୍ବା ବାତାପି ଲେମ୍ବୁ ସହିତ 'ବାଟାଭିଆ' ସ୍ଥାନର ସମ୍ବନ୍ଧ ନାହିଁ । ଏହିପରି ପହଲମାନ ମୂଳତଃ ଇରାନ ଦେଶାନ୍ତର୍ଗତ 'Pehlav'ର ଅଧିବାସୀ । ଏମାନେ ପ୍ରଭୂତ ବଳଶାଳୀ ଓ କୁସ୍ତି ପ୍ରଭୃତିରେ ଖ୍ୟାତ ଥିବାରୁ ଏମାନେ ଆଜି ପହଲ୍‌ମାନ, କିନ୍ତୁ

ବର୍ତ୍ତମାନ ପ୍ରଥମ ବା ପହଲୁର ଅର୍ଥ ସହିତ ଏହାର ସମ୍ପର୍କ ସ୍ଥାପିତ ହୋଇ ଏହାକୁ 'ଶ୍ରେଷ୍ଠ' ଅର୍ଥବାଚକ ବୋଲି ଗ୍ରହଣ କରାଯାଉଅଛି । ଏହିପରି ଲେଡ଼ିକେନି ସୁମିଷ୍ଟ ଛେନାଜାତ ମିଷ୍ଟାନ୍ନ, କାନ୍ତୁ ଇଂରାଜ ରାଜପ୍ରତିନିଧି Lord Canning)ଙ୍କ ସ୍ତ୍ରୀଙ୍କ ନାମରେ ନାମିତ । କଳିଙ୍ଗ ଦେଶ ପୂର୍ବ ସୁଦ୍ଧା ସବଳ ଲୋକଙ୍କର ବାସସ୍ଥାନ ରୂପେ ବିଖ୍ୟାତ ଥିଲା (ଯଥା—କଳିଙ୍ଗାଃ ସାହସିକାଃ) ତେଣୁ କଳିଙ୍ଗ ବାଙ୍କୁଶ ଶବ୍ଦ ପ୍ରଚଳିତ ହୋଇଅଛି, ଏହାର ଅର୍ଥ ବଡ଼ ସୁସ୍ଥକାୟ ବାଙ୍କୁଶ । ଇଉରୋପୀୟମାନେ ଯେତେବେଳେ ବଙ୍ଗ ଦେଶରେ ନିଜର ପ୍ରାଧାନ୍ୟ ସ୍ଥାପିତ କଲେ ସେତେବେଳେ ସେଠାରେ ପ୍ରଚଳିତ ତୃଣାଚ୍ଛାଦିତ ଗୃହକୁ ବଙ୍ଗଳାଘର ନାମ ଦେଲେ । ଏହିପରି ଘରର ଆକାର ଓ ଆଚ୍ଛାଦନ ପ୍ରଭୃତିରେ ପରିବର୍ତ୍ତନ ହେଲେ ମଧ୍ୟ ଆମ୍ଭେମାନେ ବର୍ତ୍ତମାନ 'ବଙ୍ଗଳା ଘର' ଶବ୍ଦର ବ୍ୟବହାର ଦେଖୁଅଛୁଁ; ଯଥା—ତଦାରଖ ବଙ୍ଗଳା (Inspection Bunglow) ଜଙ୍ଗଲ ମହକୁମା ବଙ୍ଗଳା (Forest Bonglow) ପ୍ରଭୃତି; ବଙ୍ଗଳା ପ୍ରାସାଦୋପମ ଘର ମଧ୍ୟ ହୋଇପାରେ । ଜାପାନି କାଗଜ, ଚିନାମାଟି ବାସନ, ବିଲାତି ଆଳୁ ବ୍ୟବହାର କରୁଁ ମାତ୍ର ସେଗୁଡ଼ିକର ଚୀନ, ଜାପାନ, ବିଲାତ ସହିତ କୌଣସି ସମ୍ବନ୍ଧ ନାହିଁ । ମିଶ୍ରି ଯେଣୁ ମିଶର ଦେଶରୁ ଆଗତ ନୁହେଁ ତାହା ସ୍ୱତଃସିଦ୍ଧ ।

ଆଳଙ୍କାରିକ ବ୍ୟବହାର ଦ୍ୱାରା ଅନେକ ଶବ୍ଦର ଅର୍ଥ ପ୍ରସାରିତ ହୋଇଅଛି । ମନୁଷ୍ୟର ଗୋଡ଼ ଉପରେ ତାହାର ଦେହର ସମସ୍ତ ଭାର ସ୍ଥାପିତ 'ପା' ଶବ୍ଦ ପ୍ରାକୃତ ଓ ଓଡ଼ିଆରେ ମଧ୍ୟ ଗୋଡ଼ ଅର୍ଥରେ ବ୍ୟବହୃତ ; ଯଥା—ପାଟଳ ପା ଟଳି ଯାଏ ଶ୍ରୁତି ଦେଖି ; ବିଦଗ୍ଧ ଚିନ୍ତାମଣି) ଏହି ପା ସହିତ ତୁଳିତ ହୋଇ ଖଟର ପାୟା, ଘରର ପାହଆ ପ୍ରଭୃତି କଳ୍ପିତ ହୋଇଅଛି । ଆଳଙ୍କାରିକ ଭାଷା ବ୍ୟବହାର କରି ଓଡ଼ିଆରେ ପାଣିଦେଇ ଦେବା ବାକ୍ୟ ବ୍ୟବହୃତ, ଏହାର ଅର୍ଥ ଏହା ନୁହେଁ ଯେ, କେବଳ ପାଣି ପିଇବାକୁ ଦେବା । ନାଦମାଡ଼ିବା, ମାଡ଼ ଖାଇବା, ଟପିଁତାରା କଶିବା ପ୍ରଭୃତି ବାକ୍ୟରେ ଏହିପରି ଆଳଙ୍କାରିକ ଭାଷାଗତ ଅର୍ଥ ନିର୍ଦ୍ଦେଶ ସୁସ୍ପଷ୍ଟ । 'ଭଲ ବଚିଲାଣି' 'ଆମ୍ଭ ତୋଟାରେ ମଧ୍ୟାହ୍ନ ମିତ ବସାଇ' (ଯଯାତି କେଶରୀ) ଅଳଙ୍କାର ଶୀତଳେଇବା ପ୍ରଭୃତି ବାକ୍ୟରେ ସୁଭାଷଣାର୍ଥ ବିପରୀତାର୍ଥବୋଧକ ଶବ୍ଦର ବ୍ୟବହାର କରା-

ଯାଇଅଛି, ଅବମଚୌକି ଶବ୍ଦଟି ବାସ୍ତବିକ ଅପପ୍ରୟୋଗ, ମୂଳରେ ହାତବାଲା ଚୌକି (arm chair) ମାତ୍ର arm ସହିତ ଆରମର ଧ୍ୱନିଗତ ସାମ୍ୟହେତୁରୁ ଶବ୍ଦଟି ଆରାମଚୌକିରେ ପରିଣତ ହୋଇଅଛି । 'ଗୁଡ଼ାଖୁ' ଏହିପରି ଗୋଟିଏ ଅପପ୍ରୟୋଗ ଜନିତ ଶବ୍ଦ, ଗୁଡ଼, ଆମର ପରିଚିତ; ଆଖୁ ମଧ୍ୟ ପରିଚିତ, ମାତ୍ର ଗୁଡ଼ାଖୁ ଶବ୍ଦ ସହିତ ଏହାମାନଙ୍କର କୌଣସି ସମ୍ପର୍କ ନାହିଁ, ବାସ୍ତବରେ 'ଗୁଡ଼ାକା' ଶବ୍ଦର ଅର୍ଥ ନିଦ୍ରା, ଏହା ସଂସ୍କୃତ ଶବ୍ଦ, ଅର୍ଜ୍ଜୁନ 'ଗୁଡ଼ାକେଶ' କାରଣ ସେ ଜିତନିଦ୍ର ଅତି ପରିଶ୍ରମୀ ଯୋଦ୍ଧା । ପ୍ରଥମେ ନିଦ୍ରାକାରୀ ବ୍ୟସନ-ରୂପେ ତମାଖୁର ପ୍ରଚଳନ ହେଲା, ମାତ୍ର ଗୁଡ଼ାକୁର ଅର୍ଥ ଅପରିଚିତ ଥିବାରୁ ଓ ଗୁଡ଼ାଖୁରେ ଗୁଡ଼ର ବ୍ୟବହାର କରାଯାଉଥିବାରୁ କ୍ରମେ ତାକୁ ପରିବର୍ତ୍ତନ କରି ଗୁଡ଼ାଖୁରେ ପରିଣତ କରାଯାଇଅଛି ।

କେତେକ ଶବ୍ଦର ବ୍ୟବହାରରେ ଓଡ଼ିଆ ସାମାଜିକ ପ୍ରଥାର ରୂପ ସୁସ୍ପଷ୍ଟ । ଶଙ୍ଖୁଳିବା ଶବ୍ଦର ଅର୍ଥ କୁଟୁମ୍ବ ଘରକୁ ଯାଇ ଶୁଭ ସମ୍ବାଦ ବା ତତ୍ତ୍ୱନେବା । ସାଧାରଣତଃ ଏପରି କ୍ଷେତ୍ରରେ ଜଣେ ଶଙ୍ଖୁଆ ଶଙ୍ଖ ବଜାଇ ଆଗରେ ଗଲେ ଓ ପଛେ ପଛେ ମିଷ୍ଟାନ୍ନାଦି ଆସେ, ଏହିପରି ଭାବରେ ଭେଟିର ପ୍ରଭୃତିକୁ ମାଙ୍ଗଳିକ ଶଙ୍ଖ ବଜାଇ ନେଇଯିବାରୁ ତାକୁ ଶଙ୍ଖୁଳା ବୋଲାଯାଏ ଓ ମିଷ୍ଟ ଦ୍ରବ୍ୟର ଭାରମାନଙ୍କୁ ଶଙ୍ଖୁଳା ଭାର ନାମ ଦିଆଯାଇ ଥାଏ । ଅନୁ-ରୂପ ସାମାଜିକ ପ୍ରଥାଯୋଗୁଁ ସନ୍ଦେଶ ସମ୍ବାଦ ନେବା ଅର୍ଥ ପରିବର୍ତ୍ତେ ଗୋଟିଏ ବିଶିଷ୍ଟ ମିଷ୍ଟଦ୍ରବ୍ୟ ରୂପେ ବ୍ୟବହୃତ ହେଉଅଛି । ଅର୍ଥାତ୍ ଖାବର ଅର୍ଥକ ଶବ୍ଦ ଖାଇବାର ବସ୍ତୁକୁ ସୂଚିତ କରୁଅଛି । 'ବେଭାର' ଏହିପରି ଗୋଟିଏ ସାମାଜିକ ରୀତି ପ୍ରସୂତ ଶବ୍ଦ । ଏହାର ମୂଳ ଅର୍ଥ ରୀତି ବା ଆଚରଣ (ଯଥା—କପଟୀ ସହିତେ ଯୁକ୍ତି କପଟ ବେଭାର : ବେଣୀ ସଂହାର) ପରେ ମର୍ଯ୍ୟାଦା ଦେଖାଇବା ନିମନ୍ତେ ଉପଢ଼ୌକନାଦିକୁ ବେଭାର ବୋଲାଗଲା (ଯେ ଯେମନ୍ତ ତେମନ୍ତ ବେଭାର ଦେଲେ ଆଣି : ବିଚିତ୍ର ରାମାୟଣ) କାରଣ ଏପରି ଉପ-ଢୌକନ ଦେବା ସାମାଜିକ ଆଚରଣର ଅନ୍ତର୍ଗତ । ଓଡ଼ିଶାରେ ପ୍ରଚଳିତ 'ସୁନିଆଁ' ଶବ୍ଦ ମଧ୍ୟ ଏହିପରି ସାମାଜିକ ରୀତି ସୂଚିତ କରୁଅଛି । ପୂର୍ବ

ଗଜପତି ମହାରାଜାମାନେ ପ୍ରତ୍ୟେକ ନୂତନ ବର୍ଷରେ ନୂତନ ସୁବର୍ଣ୍ଣମୁଦ୍ରା ପ୍ରଚଳିତ କରୁଥିଲେ । ଏହି ମୁଦ୍ରାର ନାମ ସୁବର୍ଣ୍ଣିକା ଓ ସୁନିଆ ଶବ୍ଦର ମୂଳ ଅର୍ଥ ସୁବର୍ଣ୍ଣ ମୁଦ୍ରା (ଯଥା—ସିନିଆ ଦେଖାଇ ଠାକିଲେ କୁଞ୍ଜ : ରସ ପଞ୍ଚକ) ଓ ଓଡ଼ିଆ ରାଜାଙ୍କ ଅଙ୍କ ପରିବର୍ତ୍ତନ ଦିନ ନୂତନ ସୁବର୍ଣ୍ଣ ମୁଦ୍ରାର ପ୍ରଚଳନକୁ ଅନୁସରଣ କରି ସେହି ଦିନର ନାମ ସୁନିଆ ହୋଇଅଛି :

ଶବ୍ଦର ଇତିହାସ ଓ ଅର୍ଥ ବିବର୍ତ୍ତନର ଧାରା ନ ଜାଣି ଶବ୍ଦର ବ୍ୟୁତ୍ପତ୍ତି ନିର୍ଣ୍ଣୟ କରିବାକୁ ଯାଇ କିପରି ଭ୍ରମଜାତ ହୋଇଥାଏ ତାହାର ପ୍ରକୃଷ୍ଟ ଉଦାହରଣ ଅସୁର ଓ ବିଧବା 'ଅସୁରର ବାସ୍ତବିକ ଅର୍ଥ ଦେବତା' ପ୍ରାଣବାନ୍ ପ୍ରାଣଦାତା ଦିବ୍ୟ ପୁରୁଷ । ପାରସିକ ଭାଷାରେ ଏହି ଶବ୍ଦ ଅଦ୍ୟାବଧି 'ଅହୁର' ରୂପେ ଦେବତାମାନଙ୍କୁ ସୂଚିତ କରୁଅଛି । 'ଅହୁର ମାଜଦା'ର ଅର୍ଥ ମହା ଅସୁର ଅର୍ଥାତ୍ ଦେବପ୍ରଧାନ । ବେଦରେ 'ଇନ୍ଦ୍ର, ବରୁଣ; ଅଗ୍ନି, ସବିତୃ, ରୁଦ୍ର ପ୍ରଭୃତି ମହା ପରାକ୍ରାନ୍ତ ଦେବତାମାନଙ୍କୁ ଅସୁର ଆଖ୍ୟା ଦିଆଯାଇଅଛି । ବେଦର ପରବର୍ତ୍ତୀ ଖଣ୍ଡରେ ଓ ବ୍ରାହ୍ମଣ ପ୍ରଣୀତ ହେବା ସମୟରେ ଏହି ଶବ୍ଦର ଅର୍ଥ ବିଷୟରେ ସନ୍ଦେହ ହେବାରୁ 'ଅସୁର'ର 'ଅ' କୁ ନଞ୍‌ର୍ଥକ କଳ୍ପନା କରି ସୁର ଶବ୍ଦର ଉତ୍ପତ୍ତି ଅଜ୍ଞାତ ଥିବାରୁ ପଣ୍ଡିତମାନେ ନାନା କାଳ୍ପନିକ ନିରୁକ୍ତ ଦେଇ ଅଛନ୍ତି ଅର୍ଥାତ୍ ଯେଉଁମାନେ ସୁରା ବା ସୋମରସ ଖାଆନ୍ତି ବା ସୃଷ୍ଟି ବାଞ୍ଛିତ ଫଳ ଦିଅନ୍ତି ସେମାନେ ସୁର ଅର୍ଥାତ୍ ଦେବତା, ଏହିପରି କଳ୍ପିତ ବ୍ୟାଖ୍ୟାଦେଇ ଅଛନ୍ତି । ଶବ୍ଦତତ୍ତ୍ୱ ନ ଜାଣି ଶବ୍ଦର ବ୍ୟୁତ୍ପତ୍ତି ନିରୂପଣ କରିବାରେ ଭ୍ରମର ଆଉ ଗୋଟିଏ ଉଦାହରଣ ବିଧବା, ଏହି ଶବ୍ଦର 'ବି'କୁ ବିଗତ ଅର୍ଥ କରି ପରବର୍ତ୍ତୀ କାଳରେ ଧବ ଶବ୍ଦର ସୃଷ୍ଟି କରାଗଲା । ଭ୍ରାନ୍ତ ଶବ୍ଦର ଗୋଟିଏ ପ୍ରକୃଷ୍ଟ ଉଦାହରଣ ଗୋଲାପ, ବାସ୍ତବରେ ଏହି ଶବ୍ଦର ଅର୍ଥ ଗୋଲାପ ଫୁଲର ଅତର ବା ନିର୍ଯ୍ୟାସକାରଣ ଗୋଲାପ ଫୁଲ ଓ ଏହା ଗୁଲ୍- ନାମରେ ପରିଚିତ । ଏହି ଗୁଲ୍‌ର ସୁଗନ୍ଧକୁ ଏ ଦେଶରେ ପ୍ରଚଳିତ କରିବା ଉଦ୍ଦେଶ୍ୟରେ ଏହାକୁ ଜଳସିକ୍ତ କରି ସେହି ଜଳ (ଆବ୍) ଅଣାଯାଉଥିଲା ଏଣୁ ଗୋଲାପର ଅର୍ଥ ଗୁଲର ଜଳ, ମାତ୍ର ପରବର୍ତ୍ତୀ କାଳରେ ଏହି ଫୁଲର ଗଛ ଭାରତରେ ରୋପିତ ହୋଇ ଯେଉଁ ଫୁଲ ଉତ୍ପାଦନ କଲା ତାକୁ ମଧ୍ୟ ଲୋକେ ଭ୍ରମରେ ଗୋଲାପ ବୋଲି କହିଲେ ଓ ଗୋଲାପଜଳ, ଗୋଲାପ ପାଣି, ଗୋଲାପି

ଅତର ପ୍ରଭୃତି ଶବ୍ଦର ପ୍ରଚଳନ ହେଲା । ଅନ୍ୟ ଦିଗରେ ଗୋଲାପ ନିର୍ଯ୍ୟାସର ସାରକ ଗୁଣଥିବାରୁ ଇଉରୋପରେ ଇସ୍ଲାମୀୟ ହକିମମାନଙ୍କଦ୍ୱାରା ଏହା ସାରକଭାବେ ବ୍ୟବହୃତ ହେଉଥିଲା ଓ ସେଠାରେ ଏହା guleP ଶବ୍ଦରେ ପରିଣତ ହୋଇ ପରବର୍ତ୍ତୀ କାଳରେ 'ଜୋଲାପ' ନାମରେ ଭାରତରେ ପ୍ରଚଳିତ ହେଲା ଅର୍ଥାତ୍ ଜୋଲାପ ବାସ୍ତବରେ ଗୋଲାପ ବା 'ଗୁଲ'ର ନିର୍ଯ୍ୟାସ କିନ୍ତୁ ବର୍ତ୍ତମାନ ଆମ୍ଭେମାନେ ଯେ କୌଣସି ଭେଷଜ ଔଷଧିକୁ ଜୋଲାପ ବା ଯୋଲାପ ବୋଲି କହୁଁ ।

ସଂସ୍କୃତରେ ବ୍ୟବହୃତ ନାନା ଶବ୍ଦର ଅର୍ଥ ଅନବଧାନତା ଯୋଗୁଁ ପରିବର୍ତ୍ତିତ ହୋଇଅଛି । ଅବଦାନ, କୃଷ୍ଟି, ବ୍ୟପଦେଶ ପ୍ରଭୃତି ନାନା ଶବ୍ଦ ଭିନ୍ନ ଅର୍ଥରେ ଓଡ଼ିଶାରେ ପ୍ରଚଳିତ । ପୁଣି ଅନେକ ନୂତନ ଶବ୍ଦର ନୂତନ ଅର୍ଥ-ମଧ୍ୟ ସ୍ୱୀକୃତ ହୋଇଅଛି । ଅନେକ ସ୍ଥାନରେ ବ୍ୟାକରଣଗତ ନିୟମର ବ୍ୟତିକ୍ରମ ମଧ୍ୟ ଦେଖାଯାଇ ଅଛି; କିନ୍ତୁ ଏସବୁ ଦ୍ୱାରା ଭାଷାର ବୈଚିତ୍ର୍ୟ ସାଧିତ ହେଉଅଛି । କେବଳ ଶବ୍ଦତତ୍ତ୍ୱର ଆଲୋଚନା କରିବା ସମୟରେ ଏସବୁ ଭ୍ରମ ପ୍ରତି ଦୃଷ୍ଟି ଆକୃଷ୍ଟ ହୁଏ ଓ 'ସକ୍ଷମ' ସଠିକ' ପ୍ରଭୃତି ଭ୍ରାନ୍ତ ପଦକୁ ଶୁଦ୍ଧ କରିବା ନିମନ୍ତେ ନାନାପ୍ରକାର କାରଣ ପ୍ରଦର୍ଶିତ ହୁଏ । ପ୍ରତିଭାବାନ୍ ଲେଖକ ନାନା ଶବ୍ଦକୁ ନାନାଭାବେ ପ୍ରଯୁକ୍ତ କରି ଥାଆନ୍ତି ଓ କାଳକ୍ରମେ ତାହା ଶବ୍ଦ-ସମ୍ପଦ ମଧ୍ୟରେ ସ୍ୱୀକୃତ ହୁଏ । ଏହାହିଁ ରୀତି ।

ଉପସଂହାର

ଓଡ଼ିଆରେ ଲକ୍ଷାବଧି ଶବ୍ଦ ପ୍ରଚଳିତ ଅଛି, ସେମାନଙ୍କର ବ୍ୟାକରଣଗତ ପ୍ରୟୋଗ ଅର୍ଥାତ୍ ଇତିହାସର ଅନୁସନ୍ଧାନରେ ବର୍ତ୍ତମାନ ପର୍ଯ୍ୟନ୍ତ କେହି ବ୍ୟାପକଭାବରେ ବ୍ରତୀ ହୋଇ ନାହାନ୍ତି, ତେଣୁ ଆମ୍ଭେମାନେ କେବଳ ଶବ୍ଦର ବ୍ୟବହାର କରୁଁ ମାତ୍ର ଶବ୍ଦତତ୍ତ୍ୱର ଅନୁଶୀଳନ କରୁ ନାହିଁ । ଅନନ୍ତ ଶବ୍ଦ ଶାସ୍ତ୍ରର କେବଳ କେତେକ କୌତୂହଳୋଦ୍ଦୀପକ ତଥ୍ୟମାନ ଏ ପ୍ରବନ୍ଧରେ ଦେବା ସମ୍ଭବ ହୋଇଅଛି, ମାତ୍ର ବାସ୍ତବିକ ଶବ୍ଦମାନଙ୍କର ପୂର୍ଣ୍ଣ ବିଚାରର ଅବକାଶ ଏଭଳି କ୍ଷୁଦ୍ର ପ୍ରବନ୍ଧରେ ସମ୍ଭବପର ନୁହେଁ ।

—*—

ଓଡ଼ିଶା ଭାଷା ବିକାଶର ଇତିବୃତ୍ତ
(ଅଭିଲେଖରୁ)

ଡଃ ସତ୍ୟନାରାୟଣ ରାଜଗୁରୁ

ଓଡ଼ିଶା ପରି ଏକ ପ୍ରାଚୀନ ରାଜ୍ୟର ଭୌଗୋଳିକ ପରିସ୍ଥିତି ସେଠା ଅଧିବାସୀଙ୍କର ଭାଷା ଏବଂ ସଂସ୍କୃତିକୁ ଯୁଗ ଯୁଗ ଧରି ଇତିହାସରେ ବର୍ଣ୍ଣାଢ଼୍ୟ କରି ରଖିଛି । ଉତ୍ତର-ଭାରତ ଓ ଦାକ୍ଷିଣାତ୍ୟର ବିଭିନ୍ନ ସଂପ୍ରଦାୟ ମଧ୍ୟରେ ଏକତା ସମ୍ପାଦନ କରି ତାଙ୍କ ଧର୍ମ ଓ ଭାଷା ଯେଉଁମାନଙ୍କ ଉଦ୍ୟମରେ ଦୃଢ଼ତା ଲାଭକଲା, ସେ ହେଉଛନ୍ତି ଏହି କଳିଙ୍ଗ-କୋଙ୍ଗଦ-ଉତ୍କଳର ଶିକ୍ଷିତ ସଂପ୍ରଦାୟ । କେବଳ ଭାରତରେ ଗୋଟିଏ ଅଂଶରେ କଳିଙ୍ଗର ଭାଷା, ସାହିତ୍ୟ ଓ ସଂସ୍କୃତି ଆବଦ୍ଧ ନ ଥିଲା, ସେଥିର ପ୍ରବାହ ସୁଦୂର ସିଂହଳ, ଜାଭା, ବାଲି, ବୋର୍ଣ୍ଣିଓ, ଥାଇଲେଣ୍ଡ, କାମ୍ବୋଜ, ଜାପାନ, ତିବ୍ବତ ଓ ଚୀନ ପ୍ରଭୃତି ରାଜ୍ୟମାନଙ୍କୁ ମଧ୍ୟ ପ୍ରସାରିତ ହେଲା । ରାଜନୈତିକ ଅଭିଯାନସମେତ ସାମାଜିକ ଏବଂ ଅର୍ଥନୈତିକ ବ୍ୟାପାରରେ କଳିଙ୍ଗ ସଙ୍ଗେ ସେହି ବୈଦେଶିକ ରାଜ୍ୟମାନଙ୍କର ଅବାଧ ସମ୍ପର୍କ ହେତୁ ଏ ଦେଶର ଭାଷା ଓ ସାହିତ୍ୟ ବୈଦେଶିକ ଭାଷାକୁ ପ୍ରଭାବିତ କଲା । ସେପରି ବିଦେଶୀୟ ଭାଷା ଧର୍ମ ଓ ସାହିତ୍ୟର ଉତ୍ସ ଏ ଦେଶବାସୀଙ୍କୁ ଉତ୍ଫୁଲ୍ଲିତ କରିଛି । କେବଳ ଭାଷା ଓ ସାହିତ୍ୟ ନୁହେଁ, ଲୋକଙ୍କର ରୀତି, ନୀତି ବେଶ-ଭୂଷା, ଆଚାର ବ୍ୟବହାର, କଳା ଓ ବିଜ୍ଞାନ ପ୍ରଭୃତି ବିକାଶ ମୂଳକ ବିଷୟ ଏ ଦେଶବାସୀ ବିଦେଶରୁ ଆହରଣ କରି ତାଙ୍କ ସଂସ୍କୃତିକୁ ପରିପୁଷ୍ଟ କରି ଗଢ଼ିଥିଲେ ।

ବୌଦ୍ଧ ଧର୍ମ ସଙ୍ଗେ ଯେଉଁ ସମୟରେ ଭାଷାଗତ ବିପ୍ଳବ ଭାରତ ଓ ପାରିପାର୍ଶ୍ୱିକ ରାଜ୍ୟମାନଙ୍କରେ ଦେଖା ଦେଲା ପୁଣି ସଂସ୍କୃତ ପରିବର୍ତ୍ତେ ଧର୍ମ

ଗ୍ରନ୍ଥମାନ ପାଲି ପ୍ରାକୃତ ଭାଷାରେ ରଚିତ ହେଲା, ସେତିକି ବେଳେ ସିଂହଳ ତଥା ପୂର୍ବ ଦ୍ୱୀପପୁଞ୍ଜ ସଙ୍ଗେ କଳିଙ୍ଗର ଘନିଷ୍ଠ ସମ୍ପର୍କ ସ୍ଥାପିତ ହେବାରୁ ଏ ଦେଶର ଭାଷା ସଙ୍ଗେ ବୈଦେଶିକ ଭାଷାର ଆଦାନ ପ୍ରଦାନ ସମ୍ଭବ ହେଲା। ନାଟ୍ୟଶାସ୍ତ୍ରରେ ତାହାହିଁ 'ଉଡ୍ର ବିଭାଷା' ନାମରେ ଆଖ୍ୟାତ ହୋଇଛି । ଅନ୍ତ ଏ ଦେଶରେ ବ୍ୟବହୃତ ସେହି ଭାଷା ଉପରେ କାଳ ଯେଉଁ ପରିବର୍ତ୍ତନ ସୃଷ୍ଟି କରିଛି ପୁଣି ବିଭିନ୍ନ ଜାତି ଓ ସମ୍ପ୍ରଦାୟଙ୍କ ଆଗମନ ଫଳରେ ଯୁଗେ ଯୁଗେ ଭାଷାର ଯେଉଁ କ୍ରମ-ପରିବର୍ତ୍ତନ ଘଟିଛି ସେଥିର ଇତିବୃତ୍ତି ଅଦ୍ୟାପି ଅନ୍ଧକାର ଗର୍ଭରେ ଲୁଚିଛି କହିଲେ ଚଳେ । କଦାଚିତ ଅଭିଲେଖମାନଙ୍କରୁ ସ୍ୱଳ୍ପ ପରିମିତ ପ୍ରାଚୀନ ଶବ୍ଦ-ସମ୍ଭାର ଆତ୍ମପ୍ରକାଶ କରି ସେହି ପ୍ରାକୃତ ଭାଷାର କ୍ଷୀଣ ଆଭାଷ ଦେଇଥାଏ ।

ଏଠାରେ କହିବା ଆବଶ୍ୟକ ଯେ, ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀରେ ମହାରାଜ ଖାରବେଳ ଯେଉଁ ଦୀର୍ଘ ଶିଳାଲେଖ ଉଦୟଗିରିର ହାତୀଗୁମ୍ଫାରେ ଖୋଦିତ କରାଇଥିଲେ ସେଥିରେ ଭାଷାହିଁ ଦୁଇ ହଜାର ବର୍ଷ ପୂର୍ବେ ଏ ଦେଶବାସୀ ବ୍ୟବହାର କରୁଥିଲେ । ତା' ହୋଇ ନଥିଲେ, ସେପରି ଭାଷା ଖାରବେଳଙ୍କ ଶିଳାଲେଖରେ ବ୍ୟବହୃତ ହେବା ଅର୍ଥଶୂନ୍ୟ । ଅଶୋକଙ୍କ ସମୟରେ ଯେଉଁ ପାଲି ପ୍ରାକୃତ ଏ ଦେଶରେ ପ୍ରଚଳିତ ଥିଲା, ଖାରବେଳଙ୍କ ରାଜତ୍ୱ ବେଳକୁ ପ୍ରାୟ ୨୦୦ ବର୍ଷ ମଧ୍ୟରେ ସେଥିରେ ପରିବର୍ତ୍ତନ ଦେଖା ଦେଲା । ପାଲି ଓ ଅର୍ଦ୍ଧ-ମାଗଧୀ ଭାଷା ମଧ୍ୟରେ ଥିବା ସମ୍ବନ୍ଧ ନେଇ କେତେକ ପଣ୍ଡିତଙ୍କ ଗବେଷଣା ପ୍ରଣିଧାନ ଯୋଗ୍ୟ (୧)

କଳିଙ୍ଗ ଉତ୍କଳରୁ ଯେଉଁମାନେ ବାଣିଜ୍ୟ (୨) କିମ୍ବା ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ବର୍ମା, ଥାଇଲେଣ୍ଡ, କାମ୍ବୋଡ଼ିଆ ଉପକୂଳରେ ପହଞ୍ଚିଲେ, ସେମାନଙ୍କର ବ୍ୟବହୃତ ସଂସ୍କୃତ ଓ ପ୍ରାକୃତ ଭାଷା କିପରି ସେଠାର କଥିତ ଭାଷାକୁ ପ୍ରଭାବିତ କରିଛି, ଥାଇଲେଣ୍ଡ ଭାଷାରେ ପ୍ରଚଳିତ କମ୍ବୋଜ ଶବ୍ଦ-ଗୁଡ଼ିକ ସେଥିର ପ୍ରମାଣ ଦିଏ ।

---

(1) Ind. His Qv., Vol-IV, P.23

(2) Merchant and Navigators from Kaling.
(J. B.O R.S, Vol-X, P.235)

ଥାଇ ଭାଷା	ଭାରତୀୟ ସଂସ୍କୃତ-ପ୍ରାକୃତ ଭାଷା
ବିଶ୍ୱକମ୍	ବିଶ୍ୱକର୍ମା
ବିଶ୍ୱ କମସତ୍	ବିଶ୍ୱକର୍ମା ଶାସ୍ତ୍ର
କସେତ୍ କମ	କୃଷି କର୍ମ
ପିଛକନିତ	ବୀଜଗଣିତ
ସ୍ଥାପତୟ କମ	ସ୍ଥାପତ୍ୟ କର୍ମ
ପରମନୁ	ପରମାଣୁ
କମ୍ମକାନ	କର୍ମକାର
ପ୍ରସିତ	ପ୍ରସିଦ୍ଧ
ମାହା ବନ୍ଦିତ	ମହାପଣ୍ଡିତ

ଇତ୍ୟାଦି

କଳିଙ୍ଗ ସଙ୍ଗେ ସିଂହଳର ଘନିଷ୍ଠ ସମ୍ବନ୍ଧ ଖ୍ରୀଷ୍ଟ ୩ୟ ଶତାବ୍ଦୀରୁ ପ୍ରତିଷ୍ଠା ଲାଭ କରିଥିଲା । କଥିତ ଅଛି; ସିଂହପୁରରୁ ବାହୁ ବଂଶୀୟ ରାଜାମାନେ ସେଠାରେ ପ୍ରଥମ ରାଜତ୍ୱ କଲେ । କଳିଙ୍ଗର ମାଠରବଂଶୀୟ ରାଜାମାନଙ୍କ ମୁଖ୍ୟ ରାଜଧାନୀ ରୂପେ ସିଂହପୁର ଇତିହାସରେ ପ୍ରସିଦ୍ଧି ଲାଭ କରିଛି । ସିଂହପୁର ନିକଟବର୍ତ୍ତୀ ଦନ୍ତପୁର ଠାରେ ମଧ୍ୟ ଗୋଟିଏ ବୌଦ୍ଧ ଧର୍ମ କେନ୍ଦ୍ର ପ୍ରତିଷ୍ଠା ଲାଭ କରିଥିଲା । ବୁଦ୍ଧଦେବଙ୍କ ନିର୍ବାଣ ପରେ ତାଙ୍କର ଗୋଟିଏ ପବିତ୍ର ଦନ୍ତ ସେଠାରେ ପୂଜିତ ହେଲା । ପରେ କଳିଙ୍ଗ ରାଜା ତାହା ସିଂହଳକୁ ପଠାଇଲେ । ଅଦ୍ୟାପି ତାହା ଅନୁରାଧାପୁର ମହାଚୈତ୍ୟରେ ସଂରକ୍ଷିତ ହୋଇଅଛି । ତଦସ୍ଥ ମହାରାଜା ନିଃଶଙ୍କମ ବାହୁ ସ୍ୱୀୟ ଅଭିଲେଖରେ ଗର୍ବର ସହିତ ଉଲ୍ଲେଖ କରିଛନ୍ତି । ତାଙ୍କ ଧମନୀରେ କଳିଙ୍ଗ ରାଜବଂଶ ରକ୍ତ ପ୍ରବାହିତ । ସିଂହଳ ଦ୍ୱୀପରେ ଥିବା ସେହି ଅଭିଲେଖରେ କେତେକ ଉଡ଼୍

ପ୍ରାକୃତ ଶବ୍ଦର ସନ୍ଧାନ ମିଳେ । ସେହି ଭାଷା ଓ ଶବ୍ଦ ସଙ୍ଗେ ବର୍ତ୍ତମାନ ପଶ୍ଚିମ ଉପକୂଳରେ ପ୍ରଚଳିତ ଭାଷାର ସମ୍ବନ୍ଧ ଥିବା ମଧ୍ୟ ଜଣାଯାଏ । (୧)

ବୋର୍ଣ୍ଣିଓ, ଜାଭା, ବାଲି ପ୍ରଭୃତି ପୂର୍ବ ଦ୍ୱୀପପୁଞ୍ଜରେ ଯେଉଁ କ୍ଲିଙ୍ଗ୍ (୨) ନାମକ ଜାତି ବାସ କରୁଥିଲେ ସେମାନେ ନିଶ୍ଚିତ ଭାବରେ କଳିଙ୍ଗରୁ ଉଠିଯାଇ ସେଠାରେ ଉପନିବେଶ ସ୍ଥାପନ କଲେ । ସେଠାରେ କେତେକ ଭଗ୍ନ ମନ୍ଦିର, ଦେବଦେବୀ ଏବଂ ଅଭିଲେଖ ରହିଛି, ଯାହା ପରୀକ୍ଷା କରିବାରୁ ଜଣାଯାଉଛି ଯେ, କଳିଙ୍ଗରେ ବ୍ୟବହୃତ ପ୍ରାଚୀନ ଅକ୍ଷର ମଧ୍ୟ ସେଠାରେ ପ୍ରଚଳିତ ଥିଲା । ଯେଉଁ ସମୟରେ ୟୁରୋପୀୟ ପଣ୍ଡିତମାନେ ତହିଁସ୍ଥ ପ୍ରତ୍ନତାତ୍ତ୍ୱିକ ବସ୍ତୁ ସମୂହ ଅନୁଶୀଳନ କରି ସେଠା ଅଭିଲେଖ ଗୁଡ଼ିକ ସୁଦୂର ପାଣ୍ଡ୍ୟ ଓ ପଲ୍ଲବ ରାଜ୍ୟରେ ପ୍ରଚଳିତ ଲିପି ସଙ୍ଗେ ତୁଳନୀୟ ବୋଲି ମତ କରୁଥିଲେ, ସେତେବେଳେ କଳିଙ୍ଗ, ମାଠର, ପ୍ରାଚୀନ-ଗଙ୍ଗ ଓ ଶୈଳୋଦ୍ଭବ ବଂଶୀୟ ରାଜାମାନଙ୍କ ସମ୍ବନ୍ଧେ ବିଶେଷ ତଥ୍ୟ ଆବିଷ୍କୃତ ହୋଇ ନଥିଲା । ବର୍ତ୍ତମାନ ପୂର୍ବ ଦ୍ୱୀପ-ପୁଞ୍ଜର ଲିପି ସଙ୍ଗେ ତୁଳନା କରି ଆମ୍ଭେ ଜାଣି ପାରିବୁ ଯେ, ବୋର୍ଣ୍ଣିଓ ଦ୍ୱୀପରୁ ଆବିଷ୍କୃତ ଖ୍ରୀ : ୮ମ, ୯ମ, ଓ ୧୦ମ ଶତାବ୍ଦୀର ବହୁ ଲିପି ସଙ୍ଗେ ତତ୍କାଳୀନ ଓଡ଼ିଶାରେ ବ୍ୟବହୃତ ଅକ୍ଷରର ଘନିଷ୍ଠ ସାମଞ୍ଜସ୍ୟ ବିଦ୍ୟମାନ । କେବଳ ସେତିକି ନୁହେଁ ମାନବ-ଧର୍ମ ଶାସ୍ତ୍ରୋକ୍ତ ପଦ୍ଧତି ଅନୁସାରେ ଆମ ଦେଶରେ ଯେଉଁ ପରି ଦାନ ଶାସନ ଗୁଡ଼ିକ ପ୍ରଦତ୍ତ ହେଉଥିଲା, ସେପରି ଇଣ୍ଡୋନେସିଆର ଅଭିଲେଖମାନଙ୍କରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସୃତ ହେଉଥିଲା ।

ଭାରତର ପୂର୍ବ ଉପକୂଳର ଯେଉଁମାନେ ସେହି ଦ୍ୱୀପପୁଞ୍ଜକୁ ନୌକାରେ ଯାତ୍ରା କରୁଥିଲେ, ସେମାନେ ପ୍ରଥମେ ବର୍ମା ଉପକୂଳରେ ରହି ସେଠାରୁ

---

(୧) Simhalese Etymological Dictionary (I H Q. Vol-V, P-349) କାମ୍ବୋଜର କେତେକ ଅଭିଲେଖରେ ଜୟ ବର୍ମା ଓ ଇନ୍ଦ୍ରବର୍ମା ନାମକ ରାଜାଙ୍କର ନାମ ଉଲ୍ଲେଖ ଅଛି (I. H. Q. Vol-VI, P-102)

(୨) ଏ' ନାମ ସେଠାରେ 'ତେଲିଙ୍ଗ', ଓ 'କଲେଙ୍ଗ' କ୍ଲିଙ୍ଗ' ରୂପେ ଉଚ୍ଚାରିତ ହୁଏ, PP41-109

Indian Antiquary, Vol-XLII, PP-4-109

ଅନ୍ୟାନ୍ୟ ସ୍ଥାନକୁ ଯିବା ହେତୁ ବର୍ମାକୁ 'ଶ୍ରୀକ୍ଷେତ୍ର' ନାମରେ ଅଭିହିତ କରାଯାଇଛି । ରେଭେରେଣ୍ଡ ଏସ ବିଲ (Rev.S.Beal) ଇତ୍ ସିଂ (I-tsing)ଙ୍କ ଯାତ୍ରାପଥ ସମ୍ବନ୍ଧେ ଲେଖିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ଭାରତ ବର୍ଷର ନାଳନ୍ଦା ମହାବିହାରର ପୂର୍ବକୁ ୫୦୦ ଯୋଜନ ଦୀର୍ଘ ପଥରେ ସେ ତାଙ୍କ ଯାତ୍ରା ଆରମ୍ଭ କଲେ । ତାହା ପୂର୍ବ ସୀମାନ୍ତ ନାମରେ ପରିଚିତ ହୁଏ । ସେଥିର ଶେଷ ସୀମାରୁ ତୁ-ଫାନ (Tu-fan) ନାମକ ରାଜ୍ୟ ଆରମ୍ଭ ହୁଏ । ଏହା ଜେ-ଚୁଆନ (Sze-chuan) ରାଜ୍ୟର ଦକ୍ଷିଣ ପଶ୍ଚିମ ଦିଗରେ ଅବସ୍ଥିତ । ସେଠାରୁ ଦକ୍ଷିଣ ପୂର୍ବକୁ ପ୍ରାୟ ଏକ ମାସ ପଥଯାତ୍ରା କରି ସେ 'ଝି' ଲିଙ୍ଗ (Sz-ling) ରାଜ୍ୟରେ ପ୍ରବେଶ କରିଥିଲେ । ତାହା ସମୁଦ୍ର ଉପକୂଳରେ ଅବସ୍ଥିତ । ସେ ରାଜ୍ୟକୁ 'ଶ୍ରୀକ୍ଷେତ୍ର କୁହାଯାଏ । ସେଠାରୁ ଦକ୍ଷିଣ-ପୂର୍ବ ଦିଗରେ କମଲଙ୍କା (Kamalnka) ଏବଂ ତାର ପୂର୍ବକୁ ଦ୍ୱାରାପତି । ସେଠାରୁ ପୂର୍ବ ସୀମାରେ ଲିନ୍-ଇ(lin-i)ବା ଚମ୍ପା ନାମକ ରାଜ୍ୟ ଅବସ୍ଥିତ ।

ଇତ୍ ସିଂ ଅନ୍ୟତ୍ର ତାଙ୍କର ଭ୍ରମଣ ବୃତ୍ତାନ୍ତରେ ଲେଖିଛନ୍ତି---ପଶ୍ଚିମରେ ଥିବା ପୋଲୁ-ସେ (Po-lu-sse) ରାଜ୍ୟ ବା ସୁମାତ୍ରା (ଦ୍ୱୀପ) ପରେ ମଳୟ ଦେଶ ଅବସ୍ଥିତ । ତା ପରେ 'ମହା-ସିନ୍' (Maha sin) ରାଜ୍ୟ ବା ସିଂହପୁର (ଶିଙ୍ଗାପୁର) ତା' ପରେ କଳିଙ୍ଗ Linga) ରାଜ୍ୟରେ ପ୍ରବେଶ କରିବାକୁ ହୁଏ ❊

ଇତ୍ ସିଂ ଯେଉଁ ପଥ ଦେଇ ନୌକାରେ ଭାରତକୁ ଯାତ୍ରା କରିଥିଲେ ସେଇ ପଥ ହିଁ କଳିଙ୍ଗର ପ୍ରଧାନ ବାଣିଜ୍ୟପଥ ଥିଲା । ସମ୍ଭବତଃ ଚିଲିକା ହ୍ରଦ ସମେତ ତାଳଚେରୀ, କଳିଙ୍ଗପଟ୍ଟନ, ଦନ୍ତପୁର, ତାମ୍ରଲିପ୍ତି ପ୍ରଭୃତି ପ୍ରସିଦ୍ଧ ବନ୍ଦର ଗୁଡ଼ିକ ଏ ଦେଶର ନୌ-ଯାତ୍ରୀମାନଙ୍କ ଯାତ୍ରା ସ୍ଥଳ ହୋଇଥିଲା । ସେଠାରେ ଏବଂ ଚମ୍ପା, କାମ୍ବୋଡ଼ିଆ, ଲାଓସ୍ ପ୍ରଭୃତି ରାଜ୍ୟରେ ସେମାନେ ଉପନିବେଶ ସ୍ଥାପନ କରି ସେହି ସେହି ରାଜ୍ୟରେ ଭାରତୀୟ ଧର୍ମବୋଧ ସଙ୍ଗେ ସାମାଜିକ ଜୀବନ ପଦ୍ଧତି ପ୍ରବର୍ତ୍ତିତ କଲେ । ମହାଯାନ ପନ୍ଥୀ ବୌଦ୍ଧମାନେ ବେଦ-ବିରୋଧୀ ହୋଇ ସୁଦ୍ଧା ବେଦାଶ୍ରିତ ଧର୍ମ ସଂପୂର୍ଣ୍ଣ ରୂପେ ବର୍ଜନ କରି

❊ Ind.Ant. Vol-X, P-74

ନ ଥିଲେ । ତା’ ହୋଇ ନଥିଲେ ଯେଉଁମାନେ ଭାରତରୁ ଯାତ୍ରା କରି ସେହି ଦେଶମାନଙ୍କରେ ଉପନିବେଶ ସ୍ଥାପନ କଲେ, ତାଙ୍କ ମଧ୍ୟରେ ବିଭିନ୍ନ ସମ୍ପ୍ରଦାୟ ଓ ମତବାଦର ଲୋକ ଥିବାରୁ ନିଶ୍ଚୟ ସାମାଜିକ ସଂଘର୍ଷ ଦେଖା ଦେଇଥାନ୍ତା । କିନ୍ତୁ ବୌଦ୍ଧଧର୍ମ ବିନମ୍ର ଉପାୟରେ ଅଶାନ୍ତି ସୃଷ୍ଟି କରିବା ମତ ବର୍ଜନ କରିଥିଲା । ଯେଉଁ ବ୍ରାହ୍ମଣ ଧର୍ମାବଲମ୍ବୀମାନେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ରହିଲେ ସେମାନେ ତାଙ୍କର ପୂର୍ବ ଆଚରଣ ଓ ସଂସ୍କୃତି ଏକାବେଳକେ ବର୍ଜନ କଲେ ନାହିଁ । ଫଳରେ ଭାରତର ଦେବଭାଷା ସଂସ୍କୃତ ସଙ୍ଗେ ପ୍ରାକୃତ ଭାଷାରେ ଧର୍ମଶାସ୍ତ୍ରର ବ୍ୟାଖ୍ୟାନ କରି ସାହିତ୍ୟ ବିକାଶ ପଥରେ ଅଗ୍ରସର ହେଲା । ପଣ୍ଡିତମାନଙ୍କ ମତରେ ଭାରତର ପ୍ରସିଦ୍ଧ ଧର୍ମ ଶାସ୍ତ୍ର ପ୍ରଣେତା ବୌଧାୟନ ଓ ଆପସ୍ତମ୍ଭ କଳିଙ୍ଗରେ ନିବାସ କରୁଥିଲେ । [୧] ଏ ପରି-ପ୍ରେକ୍ଷିରେ ବିଚାର କଲେ ଆମ୍ଭେ ଅତି ଏହି ସିଦ୍ଧାନ୍ତରେ ଉପନୀତ ହେବୁ ଯେ କଳିଙ୍ଗ, କୋଙ୍ଗଦ, ଉତ୍କଳ ବା କୋଶଳ ରାଜ୍ୟରୁ ଯେଉଁମାନେ ବର୍ମା-ଉପକୂଳ ଦେଇ ପୂର୍ବ-ଦ୍ୱୀପପୁଞ୍ଜରେ ଉପନିବେଶ ସ୍ଥାପନ କରିଥିଲେ, ସେମାନଙ୍କର ଭାଷା ଓ ସାହିତ୍ୟକୁ ଏ’ ଦେଶର ସମସାମୟିକ ଭାଷା ଓ ଲିପି ନିଶ୍ଚୟ ପ୍ରଭାବିତ କଲା । ଏଥିର ଅନୁଶୀଳନ କରିବା ପୂର୍ବରୁ ଖ୍ରୀ. ୧୦ମ ଶତାବ୍ଦୀ ପୂର୍ବରୁ ଆମ ଦେଶରେ ଯେଉଁ ଭାଷା ପ୍ରଚଳିତ ଥିଲା ସେଥିରେ ସନ୍ଧାନ ନେବା ଆବଶ୍ୟକ ।

ଇ.କୁହୁ (E Kuhu) ତାଙ୍କ ‘ପାଲି-ବ୍ୟାକରଣ’ରେ ଲେଖି ଅଛନ୍ତି— ପାଲି ଭାଷାରେ ମାଗଧୀ ପ୍ରାକୃତର ଅସ୍ତିତ୍ୱ ବିଶ୍ୱାସଯୋଗ୍ୟ ନୁହେଁ । ଅତ ମଧ୍ୟ ଯେଉଁ ବୌଦ୍ଧ-ଗ୍ରନ୍ଥ ଗୁଡ଼ିକ ସିଂହଳକୁ ପ୍ରଥମେ ଭାରତରୁ ନୀତ ହୋଇଥିଲା ତାହା ମାଗଧୀ-ପ୍ରାକୃତ ଭାଷାରେ ଲେଖାଥିଲା ଏବଂ ସେଠା ଲୋକଙ୍କ ଦ୍ୱାରା ବର୍ତ୍ତମାନ ‘ପାଲି’ ନାମରେ ଭାଷାନ୍ତରିତ କରାଗଲା । କାରଣ ପ୍ରାଚୀନ ସିଂହଳର ଭାଷା, ଯାହାକି ଅଭିଲେଖମାନଙ୍କରୁ ପ୍ରକଟିତ ହେଉଛି, ତାହା ମାଗଧୀ ପ୍ରାକୃତ ସଙ୍ଗେ ସମାନ; କିନ୍ତୁ ପାଲି ଭାଷାରୁ ପୃଥକ ଥିବା ସ୍ପଷ୍ଟ ଜଣାଯାଏ । [୨]

---

(୧) Indian Antiquary, Voj-XLI, P-230

(୨) E-Kuhu,Beittrage Zur Palt-Grammatik-P-7

[Little as we can believe that in the pali we have the Magadhi language it self, as little can we assume that the Buddhist texts were originally brought to ceylon in Magadhi, and there, under the influence of the Simhalese, the language became changed into its present forms, known as pali language, for the ancient Simhaless language as we at present Know it from inscriptions-agrees with the Magadhi in same of these very points which distinguish the Magadhi from the pali.]

ସିଂହଳରୁ ପ୍ରାପ୍ତ 'ଦାଠ ବଂଶ' ନାମକ ପ୍ରାକୃତ ଭାଷାରେ ଲିଖିତ ବୌଦ୍ଧ ଗ୍ରନ୍ଥର ପ୍ରଣେତା ଧର୍ମ କୀର୍ତ୍ତି (୧) ଙ୍କ ଆଶ୍ରମ କଳିଙ୍ଗରେ ଥିଲା । ବର୍ତ୍ତମାନ କୋରାପୁଟ ଜିଲ୍ଲା ଗୁଣୁପୁର ସନ୍ନିକଟ ଜଗମଣ୍ଡା ପାହାଡ଼ରୁ ଧର୍ମ-କୀର୍ତ୍ତିଙ୍କ ନାମ ସମ୍ବଳିତ ଗୋଟିଏ ଶିଳାଲେଖ ମିଳୁଛି ।

ମହାରାଜା ଖାରବେଳଙ୍କ ହାତୀ ଗୁମ୍ଫା ଲିପିର ଭାଷାରେ ଯେଉଁ ପ୍ରାକୃତ ଶବ୍ଦାବଳୀର ପ୍ରୟୋଗ ହୋଇଛି, ସେଥି ସଙ୍ଗେ ସ୍ଥାନୀୟ ଓଡ଼ିଆ ପ୍ରାକୃତର ସମ୍ବନ୍ଧ ବିଦ୍ୟମାନ । ଯଥା :—'ସିରି ଖାରବେଳ ସ ଅଗ-ମହିସି'— (ସଂସ୍କୃତ—ଶ୍ରୀ ଖାରବେଳସ୍ୟ ଅଗ୍ରମହିଷୀ) ଏଥିରେ 'ଅଗ୍ର' ଶବ୍ଦର ପ୍ରାକୃତ ପର୍ଯ୍ୟାୟ ଓଡ଼ିଆରେ ବ୍ୟବହୃତ 'ଅଗ' ଶବ୍ଦ ସଙ୍ଗେ ସମାନ । ତେଣୁ ତାହା ସେ ଭାଷାର ଆଦିମ ବ୍ୟବହାରକୁ ସୂଚିତ କରେ । ସର୍ପ ଗୁମ୍ଫା ଓ ପବନ ଗୁମ୍ଫାରେ ବ୍ୟବହୃତ 'କୋଠା' ଶବ୍ଦ ସଂସ୍କୃତ 'କୋଷ୍ଠ' ବା 'ପ୍ରକୋଷ୍ଠ' ସଙ୍ଗେ ତୁଳନୀୟ । ଏବେ ସୁଦ୍ଧା ଓଡ଼ିଆରେ 'ଗୃହ' ଅର୍ଥରେ 'କୋଠା' ବ୍ୟବହୃତ ହୁଏ । ଖାରବେଳଙ୍କ ହାତୀ ଗୁମ୍ଫା ଶିଳାଲେଖାରେ ଯେଉଁ ପ୍ରାକୃତ ଭାଷା ବ୍ୟବହୃତ ହୋଇଅଛି, ସେଥିରେ କେତେକ ଓଡ଼ିଆ ଶବ୍ଦର ପ୍ରୟୋଗ ପରିଦୃଷ୍ଟ ହୁଏ । ଯଥା :—

୧ । Ep. Ind., vol. xxix, pp-169-174 ff

ପ୍ରାକୃତ	ସଂସ୍କୃତ	ପ୍ରାକୃତ	ସଂସ୍କୃତ
ବଂସ	ବଂଶ	ପଛିମ	ପଶ୍ଚିମ
ସୁଭ	ଶୁଭ	ଚ	ଷଟ୍
ସିରି	ଶ୍ରୀ	ସତମ	ସପ୍ତ
ଚଦର	ଚତୁର୍ଦଶ	ଅଠମ	ଅଷ୍ଟମ
ସଗାର	ଶଗାର	ପବତ	ପର୍ବତ
ଦୁତିୟ	ଦ୍ୱିତୀୟ	ପୁତ	ପୁତ୍ର
ଘର	ଗୃହ	ସିଳାଥଂବ	ଶିଳାସ୍ତମ୍ଭ
ବମ୍ହଣ	ବ୍ରାହ୍ମଣ	ଚକ	ଚକ୍ର
ଅଠତିସ	ଅଷ୍ଟତ୍ରିଂଶ	ସତ	ଶତ
ଏକାଦସ	ଏକାଦଶ	ଦସ	ଦଶ
ରତନ	ରତ୍ନ	ଧମ	ଧର୍ମ
ବାର	ଦ୍ୱାଦଶ	ଗୁଣବିସେସ	ଗୁଣବିଶେଷ
ଉତର	ଉତ୍ତର	ସବ	ସର୍ବ
ହଥୀ	ହସ୍ତୀ	କୁସଳ	କୁଶଳ
ତେର	ତ୍ରୟୋଦଶ		

ମହାରାଜ ଖାରବେଳଙ୍କ ପରେ ଅଳ୍ପ କେତୋଟି ପ୍ରାକୃତ ଭାଷାରେ ଲେଖା ହୋଇଥିବା ଶିଳାଲେଖ ଓଡ଼ିଶାରୁ ମିଳୁଛି । ସେଥି ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ପ୍ରାପ୍ତ ' ଭଦ୍ରକାଳୀ ମନ୍ଦିର ଶିଳାଲେଖ' ଉଲ୍ଲେଖ ଯୋଗ୍ୟ । *ଲିପି-ତତ୍ତ୍ୱ ଦୃଷ୍ଟିରୁ ତାହା ଖ୍ରୀ. ୨ୟ ଶତାବ୍ଦୀ ହୋଇପାରେ । ଠିକ୍ ସେତିକିବେଳେ କଳିଙ୍ଗର ଦକ୍ଷିଣ ଭାଗରେ ଇକ୍ଷ୍ୱାକୁବଂଶୀୟ ରାଜାମାନେ ଯେଉଁ ପ୍ରାକୃତ ଭାଷାରେ ତାମ୍ରଶାସନ ଗୁଡ଼ିକ ଲେଖାଇଥିଲେ ସେଥିରେ ଭାଷା ମଧ୍ୟ କଳିଙ୍ଗରେ ପ୍ରଚଳିତ ତତ୍କାଳୀନ ପ୍ରାକୃତ ଭାଷାର ଅନୁରୂପ ।

---

* Ep. Ind., Vol-XXIX, PP 169-174ff.

ପ୍ରାକ୍-ମଧ୍ୟଯୁଗରୁ ଆରମ୍ଭକରି ବହୁ ଶତାବ୍ଦୀ ପର୍ଯ୍ୟନ୍ତ ପୂର୍ବ ଭାରତରେ ବର୍ଣ୍ଣମାଳାର ଆକାର ଓ ଲିଖନ ପଦ୍ଧତିରେ ସାମ୍ୟ ଯେପରି ଅକ୍ଷୁର୍ଣ୍ଣ ଥିଲା ଓ କାଳର ପ୍ରସାର ସଙ୍ଗେ ଧୀରେ ଧୀରେ ବିଭିନ୍ନ ଅଞ୍ଚଳରେ ପରିବର୍ତ୍ତନ ସୃଷ୍ଟି ହେଲା, ଠିକ୍ ସେପରି ପ୍ରାଚୀନ ମାଗଧୀ-ପ୍ରାକୃତ ଭାରତର ଆଞ୍ଚଳିକ ଭିତ୍ତିରେ ଧୀରେ ଧୀରେ ପରିବର୍ତ୍ତିତ ହେବାକୁ ଲାଗିଲା । ଖ୍ରୀ: ୭ମ ଶତାବ୍ଦୀ ଶେଷରେ ଓଡ଼ିଶାରୁ ପ୍ରାଜ୍ଞ ନାମକ ଜଣେ ବୌଦ୍ଧ ପଣ୍ଡିତ ଗଣ୍ଡବ୍ୟୂହର 'ଅବ-ତଂଶକ' ନାମକ ଗ୍ରନ୍ଥ ଚୀନ ସମ୍ରାଟ ତେ-ତ୍ସୁଙ୍ଗଙ୍କୁ ଉପଢୌକନ ଦେଇଥିଲେ । ଯେଉଁ ଭାଷାରେ ତାହା ଲେଖା ଯାଇଥିଲା ତାହା ସେଠାରେ କେହି ଜଣେ ପଣ୍ଡିତ ବୁଝି ନପାରିବାରୁ ଚୀନ ଲୋକଙ୍କ ପାଇଁ ତାହା ଭାଷାନ୍ତରିତ ହୋଇ ପାରିଲା । ଓଡ଼ିଶାର ବହୁ ତାମ୍ରଶାସନରେ ସେତେବେଳେ ଯେଉଁ ବ୍ରାହ୍ମଣମାନେ ଭୂମି-ଦାନ ଗ୍ରହଣକରି ଏ ଅଞ୍ଚଳରେ ସ୍ଥାୟୀ ବାସିନ୍ଦା ହୋଇ ରହିଲେ ସେମାନଙ୍କ ମୂଳ ବାସସ୍ଥାନ ଥିଲା ଭାରତର ମଧ୍ୟ ଦେଶ ଓ ପୂର୍ବୋତ୍ତର ଅଞ୍ଚଳ ଯଥା— ଶ୍ରାବସ୍ତି (୧), ହସ୍ତିପଦ (୨), ଟକ୍କ (୩), ପୁଣ୍ଡ୍ରବର୍ଦ୍ଧନ (୪), କୋଲାଞ୍ଚ (୫ ଏବଂ ରାଢ଼ । ସେହି ରାଜ୍ୟମାନଙ୍କରେ ଯେଉଁମାନେ ବାସ କରୁଥିଲେ, ତାଙ୍କ କଥିତ ଭାଷା ହିଁ ଅଧିକାଂଶ ବୌଦ୍ଧଗ୍ରନ୍ଥରୁ ପ୍ରକଟିତ ହୁଏ । କାରଣ

---

୧ । ମହାଶିବ ଗୁପ୍ତ ଯଯାତିଙ୍କ ପାଟଣା ତାମ୍ରଶାସନ (JBORS, Vol-I (1905) P- 7) ମହାଶିବ ଗୁପ୍ତ ଯଯାତି (୨ୟ)ଙ୍କ ତାମ୍ର ଶାସନ (O.H.R.J., Vol XII) ସିଂହଧ୍ୱଜ ରାମଦେବ (ଭୌମକର) ବାଙ୍କି ତାମ୍ର ଶାସନ (ଅପ୍ରକାଶିତ)

୨ । ମହାଭବ ଗୁପ୍ତଙ୍କ କୁଲପଲ ତାମ୍ର ଶାସନ (Ep. Ind., Vol-IV-P-254 ଜନମେଜୟ ମହାଭବ ଗୁପ୍ତଙ୍କ କାଳିଭନା ତାମ୍ରଶାସନ (Ind. His. Qr. Vol-XX, P.245)

ମହାଶିବ ଗୁପ୍ତ ଯଯାତିଙ୍କ ବଟେଶିଙ୍ଗଡ଼ାଙ୍କ ତାମ୍ରଶାସନ (JBORS., Vol-P45)

୩ । ଦଣ୍ଡି ମହାଦେବୀଙ୍କ ସାନ୍ତର ଗ୍ରାମ ତାମ୍ରଶାସନ (Ep. Ind., XXIX. p-79.

୪ । ଦଣ୍ଡି ମହାଦେବୀଙ୍କ ଅରୁଆଲ ତାମ୍ରଶାସନ (ଅପ୍ରକାଶିତ)

୫ । କରବଂଶୀୟ ମହାରାଜା ସିଂହଧ୍ୱଜଙ୍କ ବାଙ୍କି ତାମ୍ରଶାସନ (ଅପ୍ରକାଶିତ) ଧର୍ମା ମହାଦେବୀଙ୍କ ତାମ୍ରଶାସନ JASB (1915), Vol. XVII, No. 3, P-245

ଧର୍ମା ମହାଦେବୀଙ୍କ ତାଲଚେର ତାମ୍ରଶାସନ I. H. Q., Vol-XXI, P-213

ବୌଦ୍ଧ ଧର୍ମର ପ୍ରଧାନ କେନ୍ଦ୍ର ଗୁଡ଼ିକ ସେହି ଅଞ୍ଚଳରେ ଥିବାରୁ ବହୁ ତୀର୍ଥ-ଯାତ୍ରୀ ଓ ପଣ୍ଡିତ ସେଠାରେ ସମବେତ ହେଉଥିଲେ । ଏହା ପୂର୍ବରୁ ଆର୍ଯ୍ୟାବର୍ତ୍ତର ନୈଷ୍ଠିକ ସ୍ମୃତିକାର ଏ ଅଞ୍ଚଳ ଯାତ୍ରାପାଇଁ ନିଷିଦ୍ଧ କରିଥିଲେ ସୁଦ୍ଧା ମଧ୍ୟ-ଯୁଗରେ କେତେକ ବୈଦେଶିକ ବିଧର୍ମୀଙ୍କ ଆଗମନ ଫଳରେ ତାହା କାର୍ଯ୍ୟକାରୀ ହେଲନାହିଁ ।

'ମହାଭାରତ' ଆଦିପର୍ବ ୧୦୪ ଅଧ୍ୟାୟରେ କଳିଙ୍ଗ ସଙ୍ଗେ ଅଙ୍ଗ, ବଙ୍ଗ ଓ ସୁହ୍ମ ରାଜ୍ୟର ଲୋକଙ୍କୁ ଏକତ୍ରିତ କରି ଯାଇଛି । ଧର୍ମଶାସ୍ତ୍ରୋକ୍ତ ନିଷେଧାଦେଶ ସତ୍ତ୍ୱେ ବନ-ପର୍ବରେ ପାଣ୍ଡବମାନେ ତୀର୍ଥଯାତ୍ରା ଉଦ୍ଦେଶ୍ୟରେ ବୈତରଣୀ ଠାରେ ବହୁ ତପସ୍ୱୀ ଓ ସିଦ୍ଧ ପୁରୁଷଙ୍କୁ ଦର୍ଶନ କରି କଳିଙ୍ଗର କେନ୍ଦ୍ରରେ ଥିବା ମହେନ୍ଦ୍ରାଚଳକୁ ଯାତ୍ରା କରିଥିବା ଓ ବେଦି ବେଦୀ ଆରୋହଣ କରିଥିବା ପ୍ରସଙ୍ଗ ବର୍ଣ୍ଣିତ ହୋଇଅଛି । (ବନପର୍ବ, ପ୍ରଥମ ଅଧ୍ୟାୟ ୪ର୍ଥ)

ପ୍ରାକୃତ ଭାଷା ସଙ୍ଗେ ଅର୍ଦ୍ଧମାଗଧୀ ବିକାଶ ଲାଭକରି ଏ ଦେଶର ଭାଷା ଓ ସାହିତ୍ୟକୁ ରୂପ ଦେଉଥିବା ସମୟରେ ଶ୍ରାବସ୍ତି, ହସ୍ତିପଦ, କୋଲାଞ୍ଚ, ପୁଣ୍ଡ୍ରବର୍ଦ୍ଧନରୁ ବ୍ରାହ୍ମଣ ପଣ୍ଡିତମାନେ ଆସି ଓଡ଼ିଶାରେ ବସତି ସ୍ଥାପନ କଲେ । ତତ୍କାଳୀନ ରାଜ ଦରବାରରେ ସେମାନେ ପ୍ରାଧାନ୍ୟ ବିସ୍ତାର କରିବା ଫଳରେ ବିଭିନ୍ନ ଅଞ୍ଚଳର ସାହିତ୍ୟ ଏ ଦେଶର ଭାଷାକୁ ପରିପୁଷ୍ଟ କଲା । କିନ୍ତୁ ପ୍ରାକୃତ ଭାଷାରେ ଲିଖିତ ଗ୍ରନ୍ଥଗୁଡ଼ିକ ମଧ୍ୟଯୁଗରେ ଓଡ଼ିଶାରୁ ବିଲୁପ୍ତ ହୋଇଗଲା । ଯେତେବେଳେ ସଂସ୍କୃତ ସଙ୍ଗେ ବ୍ରାହ୍ମଣ୍ୟ ଧର୍ମର ପୁନ-ରୁତ୍ଥାନ ହୋଇ ବୌଦ୍ଧଧର୍ମର ପତନ ଯୁଗ ଆରମ୍ଭ ହେଲା; ପୂର୍ବ ଭାରତରେ କର୍ଣ୍ଣ ସୁବର୍ଣ୍ଣର ମହାରାଜା ଶଶାଙ୍କ ପୂର୍ବୋପକୂଳଠାରୁ ଗଙ୍ଗାତଟ ପର୍ଯ୍ୟନ୍ତ ସମସ୍ତ ବୌଦ୍ଧ ମନ୍ଦିର ବିଧ୍ୱସ୍ତ କରିଥିଲେ । ଏ ପ୍ରସଙ୍ଗ 'ଆର୍ଯ୍ୟ ମଞ୍ଜୁଶ୍ରୀ ମୂଳ କଳ୍ପ' ନାମକ ବୌଦ୍ଧଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି । ଶଶାଙ୍କ ରାଜାଙ୍କ ପ୍ରଭୁତ୍ୱ ଗଞ୍ଜାମର ମହେନ୍ଦ୍ରାଚଳ ପର୍ଯ୍ୟନ୍ତ (କୋଙ୍ଗଦ) ବିସ୍ତାର ଲାଭ କରିଥିବାରୁ ଓଡ଼ିଶା ଉପକୂଳ ଅଞ୍ଚଳରେ ବହୁସଂଖ୍ୟାରେ ବୌଦ୍ଧ ମନ୍ଦିରକୁ ଶୈବ ମନ୍ଦିରରେ ପରିଣତ କରାଗଲା ।

ଶୈଳୋଦ୍ଭବ, ଭୌମକର, ସୋମ ଓ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ କାଳରେ ସଂସ୍କୃତରେ ତତ୍କାଳୀନ ସାହିତ୍ୟ ଯଥେଷ୍ଟ ପରିମାଣରେ ସମୃଦ୍ଧ ହେବାରୁ ପ୍ରାକୃତ ଭାଷାକୁ ଏ ଦେଶର ପଣ୍ଡିତମାନେ ଘୃଣା ଓ ତାଚ୍ଛଲ୍ୟ କଲେ । ସମ୍ଭବତଃ ଖ୍ରୀ: ୧୫ଶ ଶତାବ୍ଦୀରେ ଓଡ଼ିଶାର ଆଦିକବି ସାରଳା ଦାସଙ୍କ ପର୍ଯ୍ୟନ୍ତ ପ୍ରାକୃତ ଭାଷାରେ ପୁରାଣ ଓ ଧର୍ମଗ୍ରନ୍ଥ ଲେଖିବାକୁ ଓଡ଼ିଶାର କେହି ସାହସ କଲେନାହିଁ । ରାଜକୀୟ ଶାସନ ବ୍ୟାପାରରେ ସଂସ୍କୃତ ଭାଷାହିଁ ମୁଖ୍ୟସ୍ଥାନ ଅଧିକାର କଲା । କିନ୍ତୁ ଓଡ଼ିଶାରେ ଗୋଟିଏ ମାତ୍ର ଧର୍ମାନୁଷ୍ଠାନ ରହିଲା—ଯେଉଁଥିରେ ପ୍ରାକୃତ ଭାଷାକୁ କି ରାଜା, କି ପଣ୍ଡିତ, କେହି ହେଲେ ଉଚ୍ଛେଦ କରି ପାରିଲେ ନାହିଁ । ସେ ହେଉଛି ପୁରୀର ଶ୍ରୀଜଗନ୍ନାଥ ମନ୍ଦିର; ସେଥିରେ ଶ୍ରୀ ଜଗନ୍ନାଥଙ୍କ ନିତି ନିୟମ ସମ୍ପୃକ୍ତ ଯାବତୀୟ ବିଷୟ ମାଦଳା-ପାଞ୍ଜିରେ ଲେଖା ହୋଇ ଏ ଦେଶର ନିତ୍ୟ ବ୍ୟବହୃତ ପ୍ରାକୃତ ଭାଷାକୁ ପରିଚ୍ଛନ୍ନ କଲା । ଅତ୍ୟନ୍ତ ପରିତାପର ବିଷୟ; ବିଭିନ୍ନ ଧର୍ମାବଲମ୍ବୀଙ୍କ ଅତ୍ୟାଚାର ଫଳରେ ମୂଳ 'ମାଦଳାପାଞ୍ଜି' ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇ ତା'ସ୍ଥାନରେ ଗୋଟିଏ କିମ୍ବଦନ୍ତୀ ଭିତ୍ତିକ 'ମାଦଳା' ପରବର୍ତ୍ତୀ କାଳରେ ଆତ୍ମ ପ୍ରକାଶ କରି ଐତିହାସିକଙ୍କୁ ବିଭ୍ରାନ୍ତ କରୁଛି ।

ନେପାଳ ଦରବାର ଲାଇବ୍ରେରୀରୁ ୧୯୦୦ ମସିହାରେ ମହା ମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ଯେଉଁ "ବୌଦ୍ଧଗାନ ଓ ଦୋହାଁ" ପୁଣି ଚର୍ଯ୍ୟାଗୀତିଗୁଡ଼ିକ ସଂଗ୍ରହ କରି ୧୯୧୦ରେ ପ୍ରକାଶ କଲେ, ତାହା ପୂର୍ବ ଭାରତୀୟ ଭାଷାମାନଙ୍କର, ବିଶେଷତଃ ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ବହନ କରି ଭାଷାବିତ୍‌ମାନଙ୍କ ସମ୍ମୁଖରେ ବହୁ ସମସ୍ୟା ସୃଷ୍ଟି କରିଛି । ପଣ୍ଡିତ-ମାନେ ଏ ସମ୍ବନ୍ଧେ ଗବେଷଣା କରି ବିଭିନ୍ନ ମତ ପ୍ରକାଶ କରି ଅଛନ୍ତି । କେତେକଙ୍କ ମତରେ ତାହା ମୈଥିଳୀ* କିମ୍ବା ବଙ୍ଗୀୟଭାଷାର ଆଦିମ ସ୍ୱରୂପ । କିନ୍ତୁ ପରିତାପର ବିଷୟ, ତାଙ୍କ ମଧ୍ୟରୁ ଅଧିକାଂଶ ବୋଧହୁଏ ବିଚାର କରି ନ ଥିଲେ ଯେ ପୂର୍ବ ଭାରତରେ ପ୍ରଚଳିତ ପ୍ରାକୃତ ଭାଷା ଅର୍ଥାତ୍ ମାଗଧୀ-ପ୍ରାକୃତ ହିଁ ଚର୍ଯ୍ୟାଗୀତି ଏବଂ 'ବୌଦ୍ଧଗାନ ଓ ଦୋହାଁ' ଲେଖା

---

* Dr. J. K. Mishra, History of the Maithali-Literature, Pt. I

ହେବା ସମୟରେ ମୂଳ ଅର୍ଦ୍ଧ-ମାଗଧୀରେ ପ୍ରାଦେଶିକ ଭେଦ ସୃଷ୍ଟି କରିଥିବାରୁ ବିଭିନ୍ନ ଅଞ୍ଚଳର ସୁପ୍ରସିଦ୍ଧ ଗୁରୁ ବା ସମ୍ପ୍ରଦାୟଙ୍କ ଦ୍ୱାରା ଲେଖା ଯାଇଥିବା ଗାନଗୁଡ଼ିକ ପରବର୍ତ୍ତୀ କାଳରେ ଏକତ୍ରିତ କରି ଗୋଟିଏ ବା କେତୋଟି ଗ୍ରନ୍ଥରେ ସୁରକ୍ଷିତ କରା ଯାଇଥିଲା । ଏ ଦୃଷ୍ଟିରୁ ବିଚାର କଲେ ସେଥିର ଭାଷା ବିଷୟକ ତଥ୍ୟ ଓ ସେ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ବିଚାର ଆମେ ପାଇ ପାରନ୍ତୁ । ଏହା ବ୍ୟତୀତ ପୂର୍ବ ଭାରତର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଭାଷାକୁ ଆଧାର କରି ସେଥିର କେଉଁ କେଉଁ ଅଂଶ ପ୍ରଣୀତ ହୋଇଛି ସେ ବିଷୟ ମଧ୍ୟ ଆବିଷ୍କୃତ ହୋଇ ପାରନ୍ତା । ଉଦାହରଣ ସ୍ୱରୂପ ଶବରୀପା ଓ ପର୍ଣ୍ଣଶବରୀ* ନାମକ ଯେଉଁ ଆଦିମଜାତି ଓଡ଼ିଶାରେ ବାସ କରନ୍ତି ସେମାନେ ଅନ୍ୟତ୍ର ଦେଖାଯାନ୍ତି ନାହିଁ । ତେଣୁ ତତ୍କାଳୀନ ସମାଜରେ ନିମ୍ନ ଶ୍ରେଣୀରେ ଥିବା ଜାତିମାନଙ୍କୁ ଲକ୍ଷ୍ୟ କରି କେତେକ ସାଧାରଣ ଗାନ ସାହାଯ୍ୟରେ ତାଙ୍କୁ ଧର୍ମ ପ୍ରତି ଆକୃଷ୍ଟ କରିବା ପାଇଁ ବୌଦ୍ଧାଚାର୍ଯ୍ୟମାନଙ୍କ ଦ୍ୱାରା ଗୃହୀତ ହୋଇଥିଲା । ଡା: କରୁଣାକର କର ତାଙ୍କ ଗବେଷଣାତ୍ମକ ପୁସ୍ତକରେ ଏ ସମ୍ବନ୍ଧେ ବହୁ ପ୍ରମାଣ ଦେଇ ସାବ୍ୟସ୍ତ କରିଛନ୍ତି ଯେ ବୌଦ୍ଧଗାନ ଓ ଦୋହାଁର ଭାଷାରେ ଓଡ଼ିଆ ଭାଷାର ଆଦିମ ସ୍ୱରୂପ ଚିହ୍ନିତ ହୁଏ । ସେପରି ଜେ. କେ. ମିଶ୍ର ତାଙ୍କୁ ମୈଥିଳୀ ବୋଲି ଦାବି କରନ୍ତି । ଡା: ଏସ୍. କେ. ଚାଟର୍ଜୀ ପ୍ରମୁଖ ବଙ୍ଗୀୟ ପଣ୍ଡିତମାନେ ବଙ୍ଗ ଭାଷାର ତାହା ମୂଳ ବୋଲି ମଧ୍ୟ କହନ୍ତି । ଏଠାରେ ଚର୍ଯ୍ୟାଗୀତିର ଗୋଟିଏ ଦୁଇଟି ଉଦାହରଣ ଦିଆଯାଇ ପାରେ—

(ଡୋମ୍ବି-ଚର୍ଯ୍ୟା)

ନଗର ବାହିରେ ରେ ଡୋମ୍ବି ତୋହରି କୁଡ଼ିଆ
ଛୋଇ ଛୋଇ ଜାହ ସୋ ବ୍ରାହ୍ମଣ ନାଡ଼ିଆ

ଓଡ଼ିଆ ରୂପାନ୍ତର-ନଗର ବାହରେ ରେ ଡୋମ୍ବି ତୋହରି କୁଡ଼ିଆ
ଛୁଇଁ ଛୁଇଁ ଯାଏ ସେ ବ୍ରାହ୍ମଣ ନାଣ୍ଡିଆ*

---

* Dr. S. K. Chatterjee, Origin and Development of Bengali Language

* Origin of Parnasabari, Indian Antiquary, Vol-LI-P-143.

* ଅଧ୍ୟାପକ ଖଗେଶ୍ୱର ମହାପାତ୍ର, 'ଚର୍ଯ୍ୟାଗୀତିକା' ପୃ-୧୪୪ ।

(ଶବର ଶବର ଶବରୀ ପ୍ରେମଚର୍ଯ୍ୟା)

ଉଁଚ୍ଚ ଉଁଚ୍ଚ ପାବତ ତହିଁ ବସଇ ସବରୀ ବାଳୀ
ମୋ ରଙ୍ଗୀ ପିଚ୍ଛ ପରହିଣ ସବରୀ ଗୀବତ ଗୁଞ୍ଜରୀ ମାଳୀ

ଓଡ଼ିଆ ରୂପାନ୍ତର—

ଉଁଚ୍ଚ ଉଁଚ୍ଚ ପର୍ବତ ତହିଁ ବସଇ ଶବରୀ ବାଳୀ
ମୟୂର ପୁଚ୍ଛ ପରିଧାନ ଶବରୀ ଗ୍ରୀବାରେ ଗୁଞ୍ଜରୀ ମାଳୀ ।*

ଶବର, ହାଡ଼ି, ରେଲି ବା ଗୁଟଡ଼, ଡମ୍ବ ବା ପାଣ ଜାତିରେ ଏବେ ସୁଦ୍ଧା ଯେଉଁ ପ୍ରାକୃତ ଭାଷା ପ୍ରଚଳିତ ହେଉଛି, ସେଥିରେ ଚର୍ଯ୍ୟାଗୀତିର ବହୁ ଶବ୍ଦର ସାମଞ୍ଜସ୍ୟ ଥିବା ଜଣାଯାଏ । ଦକ୍ଷିଣ-ଓଡ଼ିଶାରେ ଡମ୍ବ ବା ପାଣ ଏବଂ ରେଲି ବା ଗୁଟଡ଼ ଜାତି ସେମାନଙ୍କ ମଧ୍ୟରେ ଯେଉଁ ପ୍ରାକୃତ ଶବ୍ଦ ପ୍ରୟୋଗ କରି କଥା କହନ୍ତି, ତାହା ଅନ୍ୟାନ୍ୟ ଅଞ୍ଚଳର ଓଡ଼ିଆଙ୍କ ପକ୍ଷରେ ବୁଝିବା ମଧ୍ୟ କଷ୍ଟକର । ଅଥଚ ସେମାନଙ୍କ କଥିତ ଭାଷାରେ ତେଲୁଗୁ କିମ୍ବା ଅନ୍ୟ କେଉଁ ଭାରତୀୟ ଭାଷାର ପ୍ରଭାବ ପଡ଼ିନାହିଁ । ଏଣୁ ଚର୍ଯ୍ୟାଗୀତି ତଥା ବୌଦ୍ଧଗାନ ଓ ଦୋହାର ଭାଷା ସଙ୍ଗେ ସେହି ଅନୁନ୍ନତଶ୍ରେଣୀୟ ଲୋକଙ୍କ ଭାଷାକୁ ତୁଳନାତ୍ମକ ଭାବେ ଅନୁଶୀଳନ କଲେ ବହୁ ନୂତନ ତଥ୍ୟ ପ୍ରକାଶ ପାଇପାରେ । ମନେ ରଖିବାକୁ ହେବ ଯେ ଆଧୁନିକ ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ସେମାନେ ତାଙ୍କର ପ୍ରାଚୀନ ପ୍ରଚଳିତ ଭାଷା ଧୀରେ ଧୀରେ ଭୁଲିବାକୁ ଆରମ୍ଭ କଲେଣି । ତେଣୁ ସେମାନଙ୍କ କଥିତ ଭାଷାକୋଷ ଶୀଘ୍ର ଲେଖିବା ଆବଶ୍ୟକ ।

ଖ୍ରୀ. ୭ମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ଯେଉଁ ସମୟରେ କୋଙ୍ଗଦ ଓ କଳିଙ୍ଗରେ ପ୍ରବିଷ୍ଟ ହୋଇ ସେଠାରେ ଭାଷା ସମ୍ବନ୍ଧେ ଲେଖିଲେ,—କୋଙ୍ଗଦର ଲୋକେ ଉତ୍ତର ଭାରତୀୟଙ୍କ ପରି ଭାଷା କହନ୍ତି

* ଅଧ୍ୟାପକ ଖଗେଶ୍ୱର ମହାପାତ୍ର 'ଚର୍ଯ୍ୟାଗୀତିକା' ପୃ-୧୧୮

ଏବଂ କଳଙ୍ଗର ଲୋକେ ଯେଉଁ ଭାଷା ବ୍ୟବହାର କରନ୍ତି ତାହା ଶୀଘ୍ର ଓ ସ୍ପଷ୍ଟ ରୂପେ ଉଚ୍ଚାରିତ ହୋଇଥାଏ । ଆଧୁନିକ ପୁରୀ ଓ ଗଞ୍ଜାମର ଉତ୍ତରାଞ୍ଚଳକୁ ମିଶାଇ ' କୋଙ୍ଗଦ ' ଗୋଟିଏ କ୍ଷୁଦ୍ର ରାଜ୍ୟ ଥିଲା ଏବଂ ଶୈଳୋଦ୍ଭବ ବଂଶୀୟ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା । ତାଙ୍କ ରାଜ୍ୟରେ ବହୁ ଲବ୍ଧ ପ୍ରତିଷ୍ଠିତ ସଂସ୍କୃତ ପଣ୍ଡିତଙ୍କ ଅବସ୍ଥିତ ହେତୁ ସେପରି ସଂସ୍କୃତ ବହୁଳ ପ୍ରାକୃତ ଭାଷାର ବ୍ୟବହାର ହେଉଥିଲା । ତେଣୁ ଉତ୍ତର-ଭାରତର ଭାଷା ସଙ୍ଗେ ହୁଏନ୍‌ସାଂ ତାହା ତୁଳନୀୟ ବୋଲି ଲେଖିଲେ । କିନ୍ତୁ କୋଙ୍ଗଦରୁ ଦକ୍ଷିଣକୁ ଯାଇ ସେ ଯେଉଁ ପ୍ରାକୃତ ଭାଷା ଲୋକଙ୍କ ମୁହଁରୁ ଶୁଣିଲେ ତାହା ସ୍ପଷ୍ଟ ଓ କ୍ଷିପ୍ର ଭାବେ ଉଚ୍ଚାରିତ ହେବା କଥା ସେ ଲେଖି ଅଛନ୍ତି । ଏହାହିଁ ନିଶ୍ଚିତଭାବେ କଳିଙ୍ଗରେ ପ୍ରଚଳିତ ପ୍ରାକୃତ ଭାଷା, ଯେଉଁ ଭାଷାର ଶବ୍ଦାବଳୀ କେବେ କେବେ ପ୍ରାଚୀନ ତାମ୍ର-ଶାସନମାନଙ୍କରେ ଆତ୍ମ-ପ୍ରକାଶ କରିଛି । କେତୋଟି ତାମ୍ରଶାସନକୁ ଅବଲମ୍ବନ କରି ନିମ୍ନରେ ସେହି ଶବ୍ଦ ସମୂହର ନମୁନା ରୂପେ ଏକ ତାଲିକା ଦିଆଗଲା :—

ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀ ପୂର୍ବର ଅଭିଲେଖମାନଙ୍କରେ କେତେକ ପ୍ରାକୃତ ଶବ୍ଦ ପରିଦୃଷ୍ଟ ହୁଏ । ପ୍ରାଚୀନ ତାମ୍ର ଶାସନରେ ପ୍ରୟୋଗ ହୋଇଥିବା ଓଡ଼ିଆ ଶବ୍ଦର କେତୋଟି ନମୁନା :—

(୧) ଶୈଳୋଦ୍ଭବ ବଂଶୀୟ ମହାରାଜ ଧର୍ମରାଜଙ୍କ ନିବନା ତାମ୍ରଶାସନ—

(Ep-Ind., vol. XXI. P-24)

ଆଉମା-ପାଦ	?
ବନରାଇ	ବନରାଜି
ଉତ୍ତର କୋଣେହି	ଉତ୍ତର କୋଣେଽପି
ପୂବ	ପୂର୍ବ
ଦଖିଣ	ଦକ୍ଷିଣ
ପୂବଦେସହି	ପୂର୍ବଦେଶୋଽପି
ପୂବ-ଦଖିଣ-କୋଣହି	ପୂର୍ବ-ଦକ୍ଷିଣ-କୋଣୋଽପି

ବାଘ ଗୁହ	ବ୍ୟାଘ୍ର ଗୁହ
ନବଦ୍ଧମିଳ	ପର୍ବତ ଶିଳା
ଗାଡ଼	ପ୍ରସ୍ରବଣ
ତାମ୍ବ	ତାମ୍ର
ବଂସ	ବଂଶ

(୨) ପ୍ରାଚୀନ ଗଙ୍ଗାବଂଶୀୟ ମହାରାଜା ବଜ୍ରହସ୍ତଙ୍କ ତାମ୍ର ଶାସନ
(EP. Ind., vol III, P-220)

ଓଡ଼ ବିସଇ	ଓଡ୍ର-ବିଷୟୀ
ବଦଗଧ	ବଦଗ୍ଧ
ଇନ୍ଦନନ୍ଦଣ	ଇନ୍ଦ୍ର ନନ୍ଦନ
ସାହାସ	ଶ୍ରାଦ୍ଧ
ମିଳନ୍ତ ଦିନ	ମିଳନ ଦିବସ
ଗାମ	ଗ୍ରାମ
ଗଡ଼୍ଡ଼	ପ୍ରସ୍ରବଣ

(୩) ଗଙ୍ଗାବଂଶୀ ମଧୁକାମାର୍ଣ୍ଣବଙ୍କ ତାମ୍ର ଶାସନ
(JBORS., XVIII, P-272)

ଗାଡ଼	ଗର୍ଭ
ବଡ଼	ବୃହତ୍
ଦୋଳ	ଦୋଳା
ଯୋଡ଼ୀ ଭୋଇ	ଭାରବାହକ ଦ୍ୱୟ
ବେଣ୍ଟ	ପାର୍ଶ୍ୱ -
ଚୂନ ଯୋଡ଼ କୂପ	ଚୂର୍ଣ୍ଣୋପଲ କୂପମ୍
ଉତକଚିତ	ଉତ୍କୀରିତମ୍

(୪) କଦମ୍ବବଂଶୀ ରାଜା ଉଦୟଖେଡ଼ଙ୍କ ତାମ୍ର ଶାସନ—
(JBORS,, Vol-XXXV, P-I)

ଅଖେୟ ବଟ	ଅକ୍ଷୟ ବଟ
ଦେଉ ବୃତ	ଅଷ୍ଟାଧିକ ମେକ-ବୃତ୍ତି
ଦତ	ଦତ୍ତ

(୫) କଦମ୍ବବଂଶୀ ଧ୍ରୁମ ଖେଡଙ୍କ ତାମ୍ର ଶାସନ

(E. I., XXXI, P-45)

ଭିତରେ	ଅଭ୍ୟନ୍ତରରେ
ସଠିଂବସ୍ସ	ଷଷ୍ଟିଂ ବର୍ଷ
ଦସା	ଦଶଂ
ପାଥର	ପ୍ରସ୍ତର
ଛେଳ	ଶୈଳ
ସୀଳା	ଶିଳା
ନୌକ୍ୟାକଣ୍ଟାକା	ନୌବାହକ-କଣ୍ଟକ
ଇସାନ	ଐଶାନ୍ୟ

(୬) କଦମ୍ବ ବଂଶୀ ଉଦୟାଦିତ୍ୟଙ୍କ ତାମ୍ରଶାସନ

(J.Bom, His, So, Vol-IV, P-27)

ବୃକ୍ଷ ତଳେ	ବୃକ୍ଷ ପାଦେ
ସୀଳା	ଶିଳା
ମାଢ଼ ଦୁଇ	ଦ୍ୱି ମାଢ଼ଂ
ଦୋଳୀ	ଦୋଳା
ବଡ଼ ବେଣ୍ଟ	ବୃହତ ପାରଧି
ଦୁଇଜଣଙ୍କ	ଦ୍ୱୟୈ

(୭) ପୂର୍ବଗଙ୍ଗାବଂଶୀ ଅନନ୍ତବର୍ମ (ଗଙ୍ଗାବ୍ଦ ୩୫୮)ଙ୍କ ତାମ୍ର ଶାସନ—

(E. I., XXVI, P-17)

ଉପାକତଂ	ଉପାର୍ଜିତଂ
ସୂର୍ଜ୍ଜ ଗ୍ରହୋପରଗେ	ସୂର୍ଯ୍ୟଗ୍ରହୋପରାଗେ
ଦେବଣ	ଦେବନ
ସଦ ହଳ ଭୂମି	ଷଡ୍‌ହଳ ପରିମିତ ଭୂମିଂ
ସବଛର	ସବତ୍ସର

(୮) କଦମ୍ବବଂଶୀ ଧର୍ମ ଖେଡ଼ଙ୍କ ମଞ୍ଜୁଷା ତାମ୍ର ଶାସନ

(JBORS., XVII, P-175)

ପଞ୍ଚପାଣ ବାସୟୁ	ପଞ୍ଚପାଣ ବଷୟୁ
ମଝି ପଥର ଖଣ୍ଡ	ମଧ ପ୍ରସ୍ତର ଖଣ୍ଡଂ
ଜଣକ	ଏକ ବ୍ୟକ୍ତିଂ
ତମ୍ବ	ତାମ୍ର
କାସ୍ମୁଲ	?
ଉଭାଇ	ଉଭୟୁ
ଗାଡ଼ା	ପ୍ରସ୍ରବଣ
ଭିତରୁ	ଅଭ୍ୟନ୍ତରାତ୍
ପନ୍ଦର	ପଞ୍ଚଦଶ

(୯) ଭୌମକରବଂଶୀୟା ରାଣୀ ଦଣ୍ଡି ମହାଦେବୀଙ୍କର କୁମୁରଙ୍ଗା ତାମ୍ରଶାସନ (JBORS Vol-V, P-564)ରେ ଗ୍ରାମର ସୀମାନିର୍ଦ୍ଦେଶ କରିବାକୁ ଯାଇ 'ପାହାଡ଼' ସ୍ଥାନରେ 'ପସ୍ୱାଡ଼' ଶବ୍ଦ ବ୍ୟବହୃତ ହୋଇଅଛି । ସେପରି ବକୁଳ ମହାଦେବୀଙ୍କ ତାମ୍ରଶାସନ (EP-Ind, vol-xxxvi, P-307) ରେ 'ବ୍ରାହ୍ମଣ' ସ୍ଥାନରେ 'ବାହ୍ମାଣ' ପ୍ରାକୃତ ଶବ୍ଦ ବ୍ୟବହୃତ ହୋଇଅଛି ।

ସର୍ବପ୍ରଥମ ଓଡ଼ିଆ ଭାଷା ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡରୁ ଆବିଷ୍କୃତ କୁମାର ସେଣଙ୍କ ପ୍ରସ୍ତର ମୂର୍ତ୍ତି ତଳେ ଖୋଦିତ ହୋଇଥିବା ଦୁଇପଂକ୍ତି ଶିଳାଲେଖରୁ ପ୍ରକଟିତ ହୋଇଛି * । ଖ୍ରୀ:୧୦ମ ଓ ୧୧ଶ ଶତାବ୍ଦୀରେ ବ୍ୟବହୃତ ଅକ୍ଷରରେ ନିମ୍ନପ୍ରକାରେ ସେଥିରେ ଲେଖା ଯାଇଛି—

"ଦେବ ଦହ୍ମ ଭଗତ କରୁଣ
ଅଛନ୍ତ ଭେ କୁମାର ସେଣ" ।

ଏହା ଓଡ଼ିଆ ପଦ୍ୟରେ ରଚିତ ଦୁଇଟି ପଂକ୍ତି ମାତ୍ର । ସେହି ଲିପିଟି ପ୍ରକାଶ କରିବାକୁ ଯାଇ ଏ ଲେଖକ ଦର୍ଶାଇଛି; ଉଗ୍ରାଦିତ୍ୟଙ୍କ 'କଲ୍ୟାଣ-କାରକା ନାମକ ଗୋଟିଏ ଆୟୁର୍ବେଦ ଗ୍ରନ୍ଥର ପରିଶିଷ୍ଟାଧ୍ୟାୟରେ ଉଗ୍ରାଦିତ୍ୟ ନିଜକୁ

* O, H. R, J Vol II , No 2, PP21-22ff

ଜଣେ ମହାଗୁରୁ ପଣ୍ଡିତ, ମୁମ୍ମାନ୍ ଓ ପୁସ୍ତକ ଗଚ୍ଛ ବୋଲି କହିଅଛନ୍ତି । ସେ 'କୁନ୍ଦ କୁନ୍ଦ' କୁଳରେ ଜନ୍ମଲାଭ କରିଥିଲେ । ଓଡ଼ିଶାର ଭୌମବଂଶୀୟ ରାଣୀ ଦଣ୍ଡି ମହାଦେବୀଙ୍କ ସନ୍ଧିବିଗ୍ରହୀ (ମନ୍ତ୍ରୀ ରୂପେ) ଉଗ୍ରାଦିତ୍ୟ ନିଯୁକ୍ତ ହୋଇଥିବା ପ୍ରସଙ୍ଗ ତାଙ୍କ ଗଞ୍ଜାମ ତାମ୍ର ଶାସନରେ ଉଲ୍ଲେଖ ଅଛି* । ଦଣ୍ଡି ମହାଦେବୀ ଭୌମାବ୍ଦ ୧୮୦, ଅର୍ଥାତ୍ ଖ୍ରୀ: (୧୮୦+୭୩୬=) ୯୧୬ରେ * ଉକ୍ତ ତାମ୍ରଶାସନ ଦାନ କରିଥିଲେ । ଯଦି 'କଲ୍ୟାଣ କାରିକା' ଗ୍ରନ୍ଥକର୍ତ୍ତାଙ୍କୁ ଦଣ୍ଡି ମହାଦେବୀଙ୍କ ସନ୍ଧିବିଗ୍ରହୀ ଉଗ୍ରାଦିତ୍ୟଙ୍କ ସଙ୍ଗେ ଚିହ୍ନିତ କରାଯାଏ, ତେବେ ସେ ସମୟରେ କିମ୍ବା ତତ୍ପୂର୍ବରୁ କୁମାରସେଣ ଜୀବିତ ଥିବା ସମ୍ଭବ । ଏଣୁ ତାଙ୍କ ସମୟ ଖ୍ରୀ: ୧୦ମ ଶତାବ୍ଦୀ ଆରମ୍ଭ କାଳରେ ନିର୍ଦ୍ଦେଶ କରିବା ସମୀଚୀନ । ଉପରୋକ୍ତ ଶିଳାଲେଖ ଠିକ୍ ସେହି ସମୟର ବୋଲି ଲିପିତତ୍ତ୍ୱ ଦୃଷ୍ଟିରୁ ପ୍ରମାଣିତ ହେଉଛି । ସୁତରାଂ ଓଡ଼ିଆ ଭାଷା ଏବଂ ସେଥିରେ ନବାକ୍ଷରୀ ଛନ୍ଦର ଉତ୍ପତ୍ତି କାଳ ଖ୍ରୀଷ୍ଟୀୟ ନବମ ଶତାବ୍ଦୀକୁ ନିର୍ଦ୍ଦେଶ କଲେ ବୋଧହୁଏ ଅଯୌକ୍ତିକ ହେବ ନାହିଁ ।

ତାମ୍ର ଓ ଶିଳା ଶାସନମାନଙ୍କରେ କେବେ କେବେ ଓଡ଼ିଆଙ୍କ ବ୍ୟବହାର କରାଯାଉଥିଲେ ସୁଦ୍ଧା ରାଜକୀୟ ଦପ୍ତରରେ ସଂସ୍କୃତହିଁ ମୁଖ୍ୟ ଭାଗ ନେଉଥିଲା କିନ୍ତୁ ଗଙ୍ଗବଂଶୀୟ ମହାରାଜା ଚତୁର୍ଥ ନରସିଂହ ଦେବ ତାଙ୍କର କେନ୍ଦୁଲି* ତାମ୍ର ଶାସନରେ ଦାନ ସମ୍ପର୍କରେ ସର୍ବପ୍ରଥମେ ଓଡ଼ିଆ ଭାଷା ପ୍ରଚଳନ କଲେ । ଏହା ୧୩୦୫ ଶକାବ୍ଦ (ଖ୍ରୀ: ୧୩୮୩)ରେ ଖୋଦିତ ହୋଇଅଛି । ସେଥିରେ ବ୍ୟବହୃତ ଓଡ଼ିଆ ଭାଷାର ନମୁନା ନିମ୍ନରେ ଦିଆଗଲା--

"ବାରବେସି କଟକେ ଶୁଭ ବେଦକ* ସମୟେ ଶ୍ରୀଚରଣେ ଭିତର ନବର

---

* Ep. Ind. Vol. VI, P-133-140ff.
* ଭୌମାବ୍ଦର ଆରମ୍ଭକାଳ ଖ୍ରୀ ୭୩୬ରେ ହୋଇଥିବା ଜଣାଯାଏ ।
* O.H.R.J., Vol. No.-V, PP-42-44
* 'ଶୁଭ-ବେଦକ' ଶବ୍ଦର ଅର୍ଥ ଠିକ୍ ଜଣା ଯାଉନାହିଁ । କିନ୍ତୁ ଏହା 'ଅନୁକୂଳ ବା 'ଶୁଭ-ବୋଧକ' ଅର୍ଥରେ ପ୍ରଯୁକ୍ତ ହୋଇଥିବା ସମ୍ଭବ ।

କନ୍ୟାମଣ୍ଡପ ବାଙ୍କିଆଏ* ବଜପୁ ସମସ୍ତେ ଦୁଆର ମଦେଷ ଗଡେଶ୍ୱର ଜେନା ବୁଡ଼ା ଲେଙ୍କା ଲଣ୍ଡୁ ସନ୍ତ ମିଶ୍ର ଭଣ୍ଡୁଆ ଥାଉ ଚୋର ମହେଷ ମହାପାତ୍ର ନରେନ୍ଦ୍ର ଦେବ ଚକ୍ରବର୍ତ୍ତି···ମୁଦଲେନ ମହାପାତ୍ର ନରହରି ଦାସ ବ୍ରହ୍ମଗଜ-କଇ କନର ଗ୍ରାମର ନାମ ବଜପୁ ନରସିଂହପୁର ଚତୁଃସୀମା ସମାନ୍ତାନ୍ତ ଶାସନ କରି ଦେଖ୍ୟା କଲ ସୁର ଉତ୍ତର ଚତୁଃସୀମା କନର ଗ୍ରାମର ନାମ ବଜପୁ ନରସିଂହପୁର । ଗଉତଡ଼ୋ ଚାଖର ସଂବନ୍ଧ କିତ ଛଆଶସ ପଞ୍ଚାସ ମାଡ଼ ୪୫୦ ଗୃନ୍ଦଲୋ ପାଟର ର ସମ୍ବନ୍ଧ ଛଆଶସ ପଞ୍ଚାସ ମାଡ଼ ୪୫୦ ବ୍ରହ୍ମ ଅଂବଦାନ ମଧ କରି କିତ ନଅସ ୯୦୦ ମାଡ଼ କଇ ଦୋରେ-ଶ୍ରୀକରଣ ବଡ଼ ଦାସୀ ମହା ସେନାପତିର ସୀମାକଲ ପ୍ରମାଣେ···” ଇତ୍ୟାଦି ।

ଖ୍ରୀଷ୍ଟ ଚତୁର୍ଦ୍ଦଶ ଶତାବ୍ଦୀଶେଷ ଭାଗରେ ରାଜକୀୟ ଦଲିଲ ପତ୍ର ଓଡ଼ିଆରେ ଲେଖା ହେବା ବ୍ୟବସ୍ଥା ଓଡ଼ିଶାରେ ଗଙ୍ଗବଂଶୀୟ ମହାରାଜା ଚତୁର୍ଥ ନରସିଂହ ଦେବ ପ୍ରବର୍ତ୍ତିତ କଲେ ।

ସୂର୍ଯ୍ୟବଂଶୀୟ ମହାରାଜା କପିଳେନ୍ଦ୍ରଦେବ ତାଙ୍କ ରାଜ୍ୟର ଚତୁର୍ଦ୍ଦିଗରେ ଓଡ଼ିଆ ଭାଷାର ପ୍ରସାର କରିଥିବା ଜଣାଯାଏ । ସେତେବେଳେ କେତେକ ନୂତନ ଶବ୍ଦ ଓଡ଼ିଆ ଶବ୍ଦରେ ପ୍ରବର୍ତ୍ତିତ ହୋଇଥିଲା । ଦୀର୍ଘ ଶବ୍ଦକୁ ସଂକୁଚିତ କରି ଲେଖିବା ପଦ୍ଧତି ଅନୁସୃତ ହେବା ନିଦର୍ଶନ କେତେକ ଶିଳାଲେଖରୁ ମିଳେ । ଯଥା—‘ଗଜପତି’ ସ୍ଥାନରେ ‘ଗଜପ୍ତି’ ‘ଦେବଙ୍କର’ ସ୍ଥାନରେ ‘ଦେବଙ୍କ୍ର’ ‘ରତ୍ନମଣି’ ସ୍ଥାନରେ ‘ରତ୍ନମ୍ଣି’ ‘ପରମେଶ୍ୱର’ ସ୍ଥାନରେ ‘ପ୍ରମେଶ୍ୱର’ ଇତ୍ୟାଦି ।

ମୁଖଲିଙ୍ଗଠାରେ ଶ୍ରୀ ମଧୁକେଶ୍ୱରଙ୍କ ମନ୍ଦିରସ୍ଥ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ଖୋଦିତ ଗୋଟିଏ ଓଡ଼ିଆ ଶିଳାଲେଖର ନମୂନା ନିମ୍ନରେ ଦିଆଗଲା—

* ‘ବାଙ୍କିଆଏ’ ଶବ୍ଦଟି ଓଡ଼ିଶାରେ ତାତ୍କାଳୀନ ପ୍ରାକୃତ, କିନ୍ତୁ ସେଥିର ପ୍ରକୃତ ଅର୍ଥ ଦୁର୍ବୋଧ । ବୋଧହୁଏ ମଣ୍ଡପର କେଉଁ ଅଂଶକୁ ଲକ୍ଷ୍ୟ କରି ଏହା ବ୍ୟବହୃତ ହୋଇଛି ।

"ଶ୍ରୀ ମଧୁକେଶ୍ୱର ଦେବଙ୍କ ପାଦପୂର୍ଣ୍ଣ ବମା ଡେଲ ଜଗମହନ କରି ଖଇଦଲେ ଭ (ଦ୍ଭୋ)ଗେ ଆଟଗଣ୍ଡ ପୁରୁଥିର ସାଇ (ଇଁ) ରଜାଙ୍କ। ଧୀଲ କାବତ କାଳ ଗାଇ ଗଥାତ ଥାଇ ତେତେକାଳ ଏ ଜନ୍ମେ ପାଳୁ ଦୁଧ (ଧ) ଅଭର୍ତ୍ତା ତେତେ କାଳ ଯେତେ ହୋଇ ଏହା ଜେ ହରଇ ପ୍ରମେସ୍ୱରଙ୍କ ଦ୍ରୋହ କରଇ*। ପୁରୀ ଜଗନ୍ନାଥ ମନ୍ଦିର ଲିପିଗୁଡ଼ିକରେ ମଧ୍ୟ ଏପରି ଭାଷା ବ୍ୟବହୃତ ହୋଇଅଛି।

ଖ୍ରୀଷ୍ଟୀୟ ୧୬ଶ ଶତାବ୍ଦୀରେ କୃ ଦ୍ରମୁନ ସାରଳା ଦାସଙ୍କ ମହାଭାରତରୁ ଓଡ଼ିଆ ଭାଷା ଓ ସାହିତ୍ୟରେ ଶବ୍ଦ ପ୍ରୟୋଗ ରୀତି ସ୍ପଷ୍ଟ ପ୍ରକଟିତ ହୋଇଛି।

ଉପରେ ଯେଉଁ ଓଡ଼ିଆ ଶବ୍ଦ-କୁଞ୍ଚନ କଥା କୁହାଗଲା, ତାହା କପିଳେନ୍ଦ୍ରଙ୍କ ବହୁ ଶତାବ୍ଦୀ ପୂର୍ବରୁ ଆମ ଦେଶରେ ଆରମ୍ଭ ହୋଇଥିଲା। କଲିକତା ସଂଗ୍ରହାଳୟରେ ସୁରକ୍ଷିତ ଶ୍ୱେତକ ଗଙ୍ଗ ବଂଶୀୟ ମହାରାଜା ଚନ୍ଦ୍ରବର୍ମାଙ୍କ ତାମ୍ରଶାସନରେ 'ଶ୍ୱେତକ' ଶବ୍ଦଟି ସଂକ୍ଷିପ୍ତ କରି 'ସ୍ୱେତ୍କ' ଲେଖାଯାଇଛି*।

ଶବ୍ଦ ସଂକୁଚନ ସଙ୍ଗେ ସଂସ୍କୃତ ଶବ୍ଦକୁ ପ୍ରସାରିତ କରି ଲେଖିବା ରୀତି ମଧ୍ୟ ଓଡ଼ିଆ ଭାଷାରେ ଅନୁସୃତ ହୋଇଛି।

ଯଥା:—ବଦଗନ୍ଧ = ବଦଗଧ ; ମୁକ୍ତା = ମୁକୁତା ; ଦର୍ଶନ = ଦରଶନ, ବର୍ଷ = ବରଷ ଇତ୍ୟାଦି।

ପ୍ରବନ୍ଧର ଉପସଂହାର ପୂର୍ବରୁ ଆମ୍ଭେ ଭାଷାବିତ୍ ପଣ୍ଡିତମାନଙ୍କୁ ଅନୁରୋଧ କରୁ—

ସୁଦୂର କଳାହାଣ୍ଡି, କୋରାପୁଟ, ସୁନ୍ଦରଗଡ଼ ପ୍ରଭୃତି ଉପାନ୍ତ ଅଞ୍ଚଳରେ କେତେକ ଅନୁନ୍ନତ ଶ୍ରେଣୀୟ ଲୋକଙ୍କ ମୁଖରେ ଯେଉଁ ଓଡ଼ିଆ ଶବ୍ଦଗୁଡ଼ିକ

---

* Ep Ind., Vol. XXVI, PP. 65-171ff.

ଉଚ୍ଚାରିତ ହୋଇ ଚର୍ଯ୍ୟାଗୀତିର ଭାଷା ଆମକୁ ସ୍ମରଣ କରାଇଦିଏ, ସେଥିର ଗୋଟିଏ ତୁଳନାତ୍ମକ ଶବ୍ଦକୋଷ ରଚିତ ହେଲେ ଭାଷା ବିଷୟକ ଗବେଷଣା ସହଜ ଓ ସୁଗମ ହୋଇପାରିବ* । ବର୍ତ୍ତମାନ ସେହି ଅନୁନ୍ନତ ଶ୍ରେଣୀର ଲୋକଙ୍କ ଶିକ୍ଷାର କ୍ଷିପ୍ରତା ହେତୁ ଆଦିମ ଭାଷା ତାଙ୍କ ମୁହଁରୁ ଧୀରେ ଧୀରେ ଲୁପ୍ତ ହେଉଛି । ତେଣୁ ତାହା ପୁସ୍ତକରେ ଏତେବେଳୁ ସୁରକ୍ଷିତ କରି ରଖିବା ଆବଶ୍ୟକ ।

—*—

* ସେମାନଙ୍କ କଥନ ଭଙ୍ଗୀ ଏବଂ ଉଚ୍ଚାରଣ ଏବେ ବଦଳି ଯାଉଥିବାରୁ ତାହା ରେକର୍ଡ କରି ରଖିବା ଉଚିତ, ଭବିଷ୍ୟତରେ ସ୍ୱର ଓ ଧ୍ୱନିତତ୍ତ୍ୱ ଗବେଷଣା ସକାଶେ ତାହା ବ୍ୟବହୃତ ହୋଇ ପାରିବ ।

'ବୌଦ୍ଧଗାନ ଓ ଦୋହା'ର ଭାଷା*

ଅଧ୍ୟାପକ ଡ. କୁଞ୍ଜବିହାରୀ ତ୍ରିପାଠୀ

୧୯୦୭ ମସିହାରେ ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ନେପାଳରୁ ଆବିଷ୍କୃତ ଓ ୧୯୧୬ରେ ତାଙ୍କ ଦ୍ୱାରା ସମ୍ପାଦିତ ହୋଇ 'ବୌଦ୍ଧଗାନ ଓ ଦୋହା' ନାମକ ପୁସ୍ତକ ପ୍ରକାଶିତ ହେଲା । ଏ ପୁସ୍ତକରେ ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ ବା ଆଶ୍ଚର୍ଯ୍ୟ ଚର୍ଯ୍ୟାଚର୍ଯ୍ୟ ବା ଚର୍ଯ୍ୟାପଦ ନାମକ ଗ୍ରନ୍ଥ ଅନ୍ତର୍ଭୁକ୍ତ । ଏହି ଗ୍ରନ୍ଥରେ ଲୁଇପାଦ, କାହ୍ନୁପାଦ ଓ ଶବରପାଦ ପ୍ରଭୃତି ବଜ୍ରଯାନପନ୍ଥୀ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କର ପଚାଶଟି ଗୀତି ବା ଗାନ (ମୁନିଦତ୍ତକୃତ ସଂସ୍କୃତ ବ୍ୟାଖ୍ୟାସମ୍ବଳିତ) ଦେଖିବାକୁ ମିଳେ । ଏହି ଚର୍ଯ୍ୟାପଦର ଭାଷାକୁ ହରପ୍ରସାଦ ଓ ସୁକୁମାର ସେନ ପ୍ରଭୃତି ବଙ୍ଗୀୟ ପଣ୍ଡିତମାନେ ପ୍ରାଚୀନ ବଙ୍ଗଳା ବୋଲି ଅଭିହିତ କରିଛନ୍ତି । ଅନ୍ୟାନ୍ୟ ପଣ୍ଡିତମାନଙ୍କ ମଧ୍ୟରୁ କେତେକ ଏହାକୁ ହିନ୍ଦୀ, କେତେକ ମୈଥିଳୀ, କେତେକ ଆସାମୀ ଓ ଆଉ କେତେକ ଓଡ଼ିଆ ବୋଲି ଗ୍ରହଣ କରିଛନ୍ତି । ହିନ୍ଦୀ ଭାଷାର ଲକ୍ଷଣସ୍ୱରୂପ ସେମାନେ କହନ୍ତି ଚର୍ଯ୍ୟାରେ 'ସୋଇ' (୩), 'ଯୋ'···କାହ୍ନୁପାଦ ୭, ୧୪, ୧୯, ୨୦, 'ସୋ'···୭, ୧• ପ୍ରଭୃତି ଲକ୍ଷଣମାନ ଦେଖାଯାଏ । ଚର୍ଯ୍ୟାର ଗୋଟିଏ ସ୍ଥଳରେ ହିନ୍ଦୀରେ ପ୍ରଚଳିତ ୭ମୀ ବିଭକ୍ତିର 'ମେ' ପ୍ରତ୍ୟୟ ବ୍ୟବହୃତ ବୋଲି

---

* । 'ବୌଦ୍ଧଗାନ ଓ ଦୋହା' ସମ୍ବନ୍ଧରେ ନିମ୍ନଲିଖିତ ଗ୍ରନ୍ଥ ଓ ପ୍ରବନ୍ଧ ଦ୍ରଷ୍ଟବ୍ୟ :—

୧ । **बौध्द गान ओ दोहा** Ed. by H. P. Sastri, **द्वितीय मुद्रण**, 1951, Calcutta.

କରନ୍ତି । ଯଥା (ଶୁଣନ୍ତେ = ଶୂନ୍ୟରେ ୧୩.୧ ତ୍ରୟୋଦଶ ଗୀତର ପ୍ରଥମ ପାଦ) । ଷଷ୍ଠୀ ବିଭକ୍ତିର ଚିହ୍ନ 'କ' ଓ ଅନ୍ୟାନ୍ୟ କେତେକ ଲକ୍ଷଣ ମୈଥିଳୀ ଭାଷାର ଚିହ୍ନ ମଧ୍ୟ ଏଥିରେ ଦେଖିବାକୁ ମିଳେ ।

ଏହି ଚର୍ଯ୍ୟାପଦର ଭାଷାକୁ ପ୍ରଧାନତଃ ମାଗଧୀ ଅପଭ୍ରଂଶ ବୋଲି ନେବା ସମୀଚୀନ ହେବ । ତେଣୁ ଏଥିରେ ଅଳ୍ପାଧିକ ପରିମାଣରେ ମାଗଧୀ ଅପଭ୍ରଂଶରୁ ବିବର୍ତ୍ତିତ ବଙ୍ଗଳା, ମଗହି, ମୈଥିଳୀ, ଆସାମୀ ଓ ଓଡ଼ିଆ ଭାଷାର କେତେକ ଲକ୍ଷଣ ପରିଦୃଷ୍ଟ ହେବା ସ୍ୱାଭାବିକ । ଏହି ପଦକର୍ତ୍ତାମାନଙ୍କ ମଧ୍ୟରୁ କେତେକ ପ୍ରାଚୀନ ବଙ୍ଗଳା, ଓଡ଼ିଶା, ଆସାମ ଓ ମିଥିଳାର ହୋଇପାରନ୍ତି ।

ବର୍ତ୍ତମାନ ଚର୍ଯ୍ୟାପଦର ଭାଷା ସହିତ ଓଡ଼ିଆ ଭାଷାର ସମ୍ପର୍କ ଆଲୋଚ୍ୟ ବସ୍ତୁ । ହରପ୍ରସାଦ ଶାସ୍ତ୍ରୀ 'ବୌଦ୍ଧଗାନ ଓ ଦୋହା' (୨ୟ ସଂସ୍କରଣ)ର ୨.୬ ପୃଷ୍ଠାରେ (ପଦାବଳୀ ଲେଖକ) ଚଉରାଶି ଜଣ ନାଥ ବା ସିଦ୍ଧଙ୍କ ମଧ୍ୟରୁ ପଞ୍ଚସ୍ତର ଜଣଙ୍କର ନାମ ଉଲ୍ଲେଖ କରିଛନ୍ତି । ସେମାନଙ୍କ ମଧ୍ୟରୁ ଗୋରକ୍ଷନାଥ, ମୀନନାଥ, ଚୌରଙ୍ଗୀ ନାଥ, ଶବରନାଥ, ଜାଳନ୍ଧର-ଙ୍କର ନାମ 'ଅମରକୋଷ' ନାମକ ପ୍ରାଚୀନ ଓଡ଼ିଆ ପୋଥି (ଏହି ପୋଥିଟି

---

୨ । Indian Linguistics, Vol. IX, 1946-48 (Parts 2-4) Index Verborum of old Bengali charya songs & fragments by Sukumar Sen, Ibid, Vol X—Old Bengali texts—Charyagiti etc. Ed. & trans. by S. Sen, Calcutta, 1948.

୩ । अपभ्रंश-साहीत्य—डा: हरीबंश कोछड, दील्ली. Pages 300—313

୪ । Charyagiti Kosa Ed. by P. C. Bagchi & Santi Bhiksu, Viswabharati, Santiniketan 1956.

୫ । चर्य्यापद मणीन्द्रमोहन बसु, पुनर्मुद्रण Calcutta, 1959.

୬ । ଆଶ୍ଚର୍ଯ୍ୟଚର୍ଯ୍ୟଚୟ Thesis approved for D. Litt. degree by the Utkal Univl by Dr. K K. Kar.

୭ । Orissa Hist. R. Journal vol. VIII No. 2, Pages 135-138.

୮ । Dr. S. K. Chatterjee—O. D. B. L.

ଅଧ୍ୟାପକ ବଂଶୀଧର ମହାନ୍ତିଙ୍କଠାରେ ଦ୍ରଷ୍ଟବ୍ୟ)ର ପ୍ରଥମ ପଟଳର ପ୍ରାରମ୍ଭରେ ଉଲ୍ଲେଖ ଅଛି । ମତ୍ସ୍ୟେନ୍ଦ୍ର ନାଥ (ଲୁଇଙ୍କର ଅନ୍ୟ ନାମ) ମଧ୍ୟ ଏଥିରେ ଦେଖିବାକୁ ମିଳେ । ଆଉ ମଧ୍ୟ ଲୁଇପାଦଙ୍କର ନାମ ଅଚ୍ୟୁତାନନ୍ଦଙ୍କର ଶୂନ୍ୟସଂହିତା ପ୍ରଭୃତି ଗ୍ରନ୍ଥରେ ଦେଖିବାକୁ ମିଳେ ।

ଉଦାହରଣ ସ୍ୱରୂପ—

" ଲୋହିଦାସ ମଠ କରିଥାନ୍ତି ଏଠାରେ
ଲୟ କରିଥାନ୍ତି ନିରାକାର ପଦଠାରେ ।"

ଏଠାରେ = ପ୍ରାଚୀ ନଦୀ କୂଳରେ

(ଶୂନ୍ୟସଂହିତା, ପଞ୍ଚଦଶ ଅଧ୍ୟାୟ ଗର୍ଗବଟୁଙ୍କ ଦିକ୍ଷାୟ ସମ୍ବରଣ ପୃଷ୍ଠା ୭—୯ ଦ୍ରଷ୍ଟବ୍ୟ)

ଶିଶୁ ଅନନ୍ତ ମଧ୍ୟ ତାଙ୍କ ଗୁପ୍ତ ଟୀକାରେ ଲୁଇପା, କାହ୍ନୁପା, ମୀନନାଥ, ଗୋରଖନାଥ, ବିରୂପାଦ, ତନ୍ତ୍ରିପା ଓ ହାଡ଼ିପା ପ୍ରଭୃତି ସିଦ୍ଧାଚାର୍ଯ୍ୟଗଣଙ୍କ ନାମୋଲ୍ଲେଖ କରିଅଛନ୍ତି ।

ଯଥା :—

" ମାଣ୍ଡବ ଗୌତମ ଆଦ୍ୟ ମୀନ
ମାହେନ୍ଦ୍ର, ଗାର୍ଗବ, ଗୋରେଖ ଜାଣ
ଶାସ୍ତ୍ରନ୍ତନୁକ ସେ ଅନ୍ତ ତନ୍ତ୍ରିପା
ଏ ଷୋଳସିଦ୍ଧ ସରୂପେ ଦାସୁକା" ।

୪ର୍ଥ ଅଧ୍ୟାୟ ୧୫, ୧୬

ପୁନଶ୍ଚ

"କାହ୍ନୁପା, ହାଡ଼ିପା, ବିରୂପା; ଲୁଇ
ସବାଋଷି ବଶିଷ୍ଠ ଜାବାଳି କହି"

୪ର୍ଥ ଅଧ୍ୟାୟ ୨୦ ପଦ

ଚର୍ଯ୍ୟାପଦର କେତେକ ପଦକର୍ତ୍ତା ଓ ଦୋହାକାର ଓଡ଼ିଶା ସହିତ ସମ୍ପୃକ୍ତ ଥିବାର ହରପ୍ରସାଦ, ବୌଦ୍ଧଗାନ ଓ ଦୋହା'ର ମୁଖବନ୍ଧରେ ସ୍ୱୀକାର କରିଅଛନ୍ତି । ଯଥା—"ମୟୂରଭଞ୍ଜେ ଓ ତାହାର (ଲୁଇର) ପୂଜା ହଇୟା ଥାକେ" । ୧୯ ପୃଷ୍ଠା

"ଏକଜନ୍ ପଦକର୍ତ୍ତାର ବାଣୀ ଉଡ଼ିଷ୍ୟା ଦେଶେ
ତାହାର ଗାନ୍‌ଟି ଓଡ଼ିଆ ଭାଷାରେ ଲିଖିତ
ତାହାତେ ଯେଖାନେ ବାଙ୍ଗାଲାୟ
ନିୟୁର ହେଷେ 'ଲ' ଥାକେ ।
ତାହାତେ 'ଲ' ଆଛେ
ଯେମନ···ଗାହିଲ···ଗାଇଲ୍
ସେ ପଦଟିକ ଆମି ଓଡ଼ିଆ ଭାଷାର ପଦ ବୋଲିୟା
ସ୍ଥିର କରିଆଛେ"—୧୭ପୃଷ୍ଠା

"କୃଷ୍ଣାଚାର୍ଯ୍ୟ :—

ତେଙ୍ଗୁରେ ପନର ଜାୟଗାୟ ତାହାକେ ଭାରତବାସୀ ବଲିୟା-ଗିୟେଛେ କେବଲ ଏକ ଜାୟଗାୟ ଲେଖା—ତିନି ବ୍ରାହ୍ମଣ ଉଡ଼ିଷ୍ୟା ହଇତେ ଆଗତ ସେ ଆବାର ତର୍ଜମାକାର ମହାପଣ୍ଡିତ କୃଷ୍ଣ, ତିନି ଗ୍ରନ୍ଥକାର ନହେନ୍ (୨୮ ପୃଷ୍ଠା) "ଉଡ଼ିଷ୍ୟାର ରାଜା ଇନ୍ଦ୍ରଭୂତି ବଜ୍ରଯୋଗିନୀ ଉପାସନା ପ୍ରଚାର କରେନ୍, ତାହାର କନ୍ୟା ଲକ୍ଷ୍ମୀଙ୍କରା, ଏଇ ବିଷୟେ ତାଁହାକେ ବିଶେଷ ସହାୟତା କରିୟାଛିଲେନ୍ ଏବଂ ସଂସ୍କୃତେ ଅନେକ ପୁସ୍ତକ ଲିଖିୟାଛିଲେନ୍ । ଶବରୀଶ୍ୱର ବା ଶବର ସେଇ ଦଲେରଇ ଲୋକ ଛିଲେନ୍ । ୨୯ ପୃଷ୍ଠା) ଉଡ଼ିଷ୍ୟା ନିବାସୀ ତେଲପେର ଏକଖାନ ଦୋଁହାକୋଷ ଛିଲ । (୩୪ ପୃଷ୍ଠା)"

ଓଡ଼ିଆ ଭାଷାର ୨ୟା ଏକବଚନରେ ବ୍ୟବହୃତ ବିଶିଷ୍ଟ ଅନୁସର୍ଗ (Post Position) 'କୁ' ଓ ଷଷ୍ଠୀ ଏକବଚନର ଅନୁସର୍ଗ 'ର' କୃଷ୍ଣାଚାର୍ଯ୍ୟ ଓ ଶବରୀପାଦଙ୍କ ଚର୍ଯ୍ୟାଗାନରେ ଯଥାକ୍ରମେ ମିଳେ ।

ଯଥା—

୧। "ଅବଦ୍ୟା କରକୁଁ ଦମ ଅକାଳେମେଁ" —୯।୪— ଆଧୁନିକ ଓଡ଼ିଆରେ—

"ଅବଦ୍ୟା କରକୁ ଦମ ଅକାଳେସେ"

୨। "ତଳିଲ ବାହିର ମାଝେଁର ଜୋହ୍ନାବାଡ଼ୀ ଉଏଲ" ଆଧୁନିକ ଓଡ଼ିଆରେ— ୫୦।୪

"ତଳିଲା ବାହିର ମାଝରେ ଜହ୍ନବାଡ଼ୀ ଉଇଁଲା।"

ଓଡ଼ିଆ ଭାଷାର ବିଶିଷ୍ଟ ପ୍ରୟୋଗମାନ ଯଥା ୬ଷ୍ଠୀ ବିଭକ୍ତିରେ 'ର' ୫ମୀ ବିଭକ୍ତିରେ 'ରୁ' ଓ ୨ୟା ବିଭକ୍ତିରେ କୁ ପ୍ରଭୃତି କେତେକ ପରିମାଣରେ ଚର୍ଯ୍ୟା ଗ୍ରନ୍ଥରେ ଦେଖିବାକୁ ମିଳେ।

ଯଥା—୬ଷ୍ଠୀ ବିଭକ୍ତିରେ 'ହରିଣୀ'ର—୬।୩

୨ୟା ବିଭକ୍ତିରେ 'ବାନ୍ଧବକେ ପାରଅ'—

ବାନ୍ଧିବାକୁ ପାରନ୍ତି—୮ମ ଚର୍ଯ୍ୟା

୫ମୀ ବିଭକ୍ତିରେ 'କାମରୁ ଯାଅ'—୨।୪ ॥

ଶତୃନ୍ ଅର୍ଥକ କେ ପ୍ରତ୍ୟୟ ମଧ୍ୟ ସ୍ଥଳବିଶେଷରେ ଦେଖାଯାଏ।

ଚର୍ଯ୍ୟାପଦର ଭାଷା ସହିତ ଓଡ଼ିଆ ଭାଷାର କେତେ ଘନିଷ୍ଠ ସମ୍ପର୍କ ତାହା ନିମ୍ନଲିଖିତ କେତୋଟି ମୌଳିକ ପଦ ଓ ତାହାର ଓଡ଼ିଆ ଅନୁବାଦରୁ ଜଣାପଡ଼ିବ।

ଚର୍ଯ୍ୟାପଦ

କାଆ ତରୁବର ପଞ୍ଚବିଡାଳ
ଚଞ୍ଚଳ ଚୀଏ ପଇଠ କାଳ
ଦିଢ଼ କରିଅ ମହାସୁହ ପରିମାଣ
ଲୁଇ ଭଣଇ ଗୁରୁ ପୁଚ୍ଛି ଅଜାଣ ।୧।୧—୨

ତା ଦେଖି କାହ୍ନୁ ବିମନ ହୋଇଲା ।୭। ୧—
ଜେଜେ ଆଇଲା ତେତେ ଗେଲା ।୭। ୪—
ନଗର ବାହିରେଁ ଡୋମ୍ବି ତୋହରି କୁଡ଼ିଆ
ଛୁଇଁ ଛୋଇ ଯାଇ ସେ ବ୍ରାହ୍ମନାଡ଼ିଆ
ହାଥେରେ କାଙ୍କାଣ ମା ଲେଉ ଦାପଣ
ଆପଣେ ଅପା ବୁଝତୁ ନିଅମଣ ।୩୨।—୩
ଜଇ ତୁମ୍ହେ ଲୋଅ ହେ ହୋଇବ ପାରଗାମୀ ।୫।—୫
କହନ୍ତି ଗୁରୁ ପରମାର୍ଥେର ବାଟ

(୧୬ ପୃଷ୍ଠା କୌ. ଗା. ଓ. ଦୋ)

ସାହିତ୍ୟିକ ଓଡ଼ିଆ

କାହ୍ନୁ ତରୁବର ପାଞ୍ଚ ବି ଡ଼ାଳ,
ଚଞ୍ଚଳ ଚିତ୍ତେ ପଇଠ କାଳ ।
ଦୃଢ଼ କର ମହାସୁଖ ପରିମାଣ
ଲୁଇ ଭଣଇ ଗୁରୁ ପୁଚ୍ଛି ଜାଣ ।
ତା ଦେଖି କାହ୍ନୁ ବିମନ ହୋଇଲା
ଯେ ଯେ ଅଇଲା ସେ ସେ ଗଲା ।
ନଗର ବାହାରରେ ଡୋମି ତୋହର କୁଡ଼ିଆ
ଛୁଇଁ ଛୁଇଁ ଯାଇ ସେ ବ୍ରାହ୍ମନାଡ଼ୀ ।
ହାତରେ କଙ୍କଣ ନ ନୋଉ ଦର୍ପଣ
ଆପଣେ ଆପେ ବୁଝି ତୁ ନିଜମନ ।
ଯଦି ତୁମ୍ହେ ଲୋକହେ ହୋଇବ ପାରଗାମୀ ।
କହନ୍ତି ଗୁରୁ ପରମାର୍ଥର ବାଟ ।

ଚର୍ଯ୍ୟାପଦରେ କୈସନ, ଗଉତ ପ୍ରଭୃତି କେତେକ ତଦ୍ଭବ ଶବ୍ଦ ଓ ତଇଲ୍, କେରୁଆଳ ପ୍ରଭୃତି କେତେକ ଦେଶଜ ଶବ୍ଦ ବ୍ୟବହୃତ ଯାହା ଆଧୁନିକ ଓଡ଼ିଆରେ କେବଳ ଚଳୁଥିବାର ଜଣାଯାଏ । ଡାଉଁକପାଦ ତାଙ୍କ ଚର୍ଯ୍ୟାରେ କେତେକ ଅଶ୍ଳୀଳ ଶବ୍ଦ ବ୍ୟବହାର କରିଛନ୍ତି ଯାହା ଆଧୁନିକ ଓଡ଼ିଆରେ କେବଳ ପ୍ରଚଳିତ । ୧୫ଶ ଚର୍ଯ୍ୟାରେ ବୁଲୁଥେଉ (ବୁଲୁଥାଉ) ଓଡ଼ିଆ ଯୌଗିକ କ୍ରିୟାର ଉଦାହରଣ ମିଳେ । ଚର୍ଯ୍ୟା ଗୀତ ଗୁଡ଼ିକର ଭାଷା ପ୍ରାୟ ଖ୍ରୀଷ୍ଟୀୟ ୮ମ, ୯ମ ଶତାବ୍ଦୀ ହେବ । (J, B. O. R. S. 1923 P. 341—347)

—✻—

ଆମ ଭାଷା-ସମସ୍ୟା

ଶ୍ରୀ କୃଷ୍ଣ ଚରଣ ବେହେରା

ଆଚାର୍ଯ୍ୟ ଆର୍ତ୍ତବଲ୍ଲଭ ଆପଣା ମାତୃଭାଷାକୁ ବଡ଼ ସୁଖ ପାଉଥିଲେ । ଜାତୀୟ ଜୀବନ ଗଠନ ତଥା ସାଂସ୍କୃତିକ ସମୃଦ୍ଧି ସକାଶେ ଭାଷାର ଭୂୟିଷ୍ଠ ଭୂମିକା ବିଷୟ ସେ ଭଲଭାବେ ହୃଦୟଙ୍ଗମ କରିଥିଲେ । ସେଥିଲାଗି ମାତୃଭାଷାର ସୌନ୍ଦର୍ଯ୍ୟ ଓ ପୁଷ୍କଳତା ପ୍ରତିପାଦନ ଉଦ୍ଦେଶ୍ୟରେ ସେ ପ୍ରାଚୀନ ସାହିତ୍ୟର ଉଦ୍ଧାର, ସଂଗ୍ରହ, ସଂକଳନ, ସଂପାଦନା ଓ ଗବେଷଣାଦି କାର୍ଯ୍ୟ ଅତି ନିଷ୍ଠାପର ଭାବରେ କରି ଯାଇଛନ୍ତି । ଅନେକାଂଶରେ ତାଙ୍କର ସଦୁଦ୍ୟମ ଫଳରେ ଆଜି ପ୍ରମାଣିତ ହୋଇଛି, ଯେ—ଆମ ଭାଷା ପ୍ରାୟ ଏକ ହଜାର ବର୍ଷ ବୟସର ଗୋଟିଏ ସୁପ୍ରାଚୀନ ଭାଷା; ସ୍ୱକୀୟ ସ୍ୱାତନ୍ତ୍ର୍ୟବଳରେ ଏହା ଆଜି ଭାରତ ଭୂଖଣ୍ଡରେ ଦଣ୍ଡାୟମାନ । ତେଣୁ ଭାଷାସମ୍ପର୍କରେ ଆଲୋଚନାବେଳେ ବିମ୍‌ସ, ଗ୍ରିଅରସନ୍, ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା, ଶ୍ୟାମସୁନ୍ଦର ରାଜଗୁରୁ, ପଣ୍ଡିତ ବିନାୟକ ମିଶ୍ର, ଅଧ୍ୟାପକ ଗିରିଜାଶଙ୍କର ରାୟ ପ୍ରମୁଖଙ୍କ ସହିତ ଆଚାର୍ଯ୍ୟ ଆର୍ତ୍ତବଲ୍ଲଭଙ୍କ ନାମ ଆମ୍ଭମାନଙ୍କର ସ୍ମରଣୀୟ ।

ଏକ ହଜାର ବର୍ଷ ବୟସର ଏହି ପ୍ରାଚୀନ ଭାଷା ଆଜି ବିକାଶ ଓ ଅଭିବୃଦ୍ଧି ଦୃଷ୍ଟିରୁ ବଡ଼ ଅର୍ବାଚୀନ । ଆଉ ପଡ଼ୋଶୀ ଭାଷାମାନଙ୍କ ସହିତ ତୁଳନା କଲାବେଳେ ଏ କଥା ସ୍ପଷ୍ଟ ହୋଇଉଠେ ଏବଂ ତତ୍ ସଙ୍ଗେ ସଙ୍ଗେ ମନରେ ଗଭୀର କ୍ଷୋଭ ଜାତ ହୁଏ । ସଂବିଧାନରେ ସ୍ୱୀକୃତ ଭାରତର ଚଉଦ ଗୋଟି ମୁଖ୍ୟ ଭାଷା ମଧ୍ୟରୁ ଆମର ମାତୃଭାଷା ଅନ୍ୟତମ । ଏହା ପ୍ରାୟ ଦୁଇ କୋଟି ଭାରତୀୟ ନାଗରିକଙ୍କ ତୁଣ୍ଡର ଭାଷା, କିନ୍ତୁ ଏହାର ସାଂପ୍ରତିକ

ସ୍ଥିତି ଅତ୍ୟନ୍ତ ଶୋଚନୀୟ । ସମୃଦ୍ଧି ଓ ସଂଗଠନର ଅଭାବ ସାଙ୍ଗକୁ ଏବେ ପୁଣି ଉତ୍କଟ ଭାବରେ ଦେଖା ଦେଇଛି—ଏହାର ଜୀବନ ଯୁଦ୍ଧ ଏବଂ ଆତ୍ମରକ୍ଷାପାଇଁ ଅଣନିଶ୍ୱାସୀ ସାଧନା । ପଦେ କଥାରେ କହିଲେ—ବର୍ତ୍ତମାନ ଆମ ଭାଷାର ସଙ୍କଟ କାଳ । ପ୍ରାୟ ଶହେ ବର୍ଷ ତଳେ ଭାଷାକ୍ଷେତ୍ରରେ ଏହିପରି ଏକ ସଙ୍କଟ ପଡ଼ିଲା । ସେ ସଙ୍କଟ-ସୃଷ୍ଟି ମୂଳରେ ଥିଲା—ଆମର ଏକ ପଡ଼ୋଶୀ ଭାଷାର ଆଧିପତ୍ୟ, କିନ୍ତୁ ଆଜି ଏ ସଙ୍କଟ-ସୃଷ୍ଟି-ମୂଳରେ ରହିଛି—ଗୋଟିଏ ପଡ଼ୋଶୀ ଭାଷାର ପ୍ରଭାବ ଏବଂ ଗୋଟିଏ ବିଦେଶୀ ଭାଷାର ଆଧିପତ୍ୟ ।

ଆମ ଦେଶରୁ ବ୍ରିଟିଶ୍ କେଶରୀ ମେଲାଣି ନେଇ ଗଲେ, କିନ୍ତୁ ରାଜାନୁଗତ ଧର୍ମ ଏଠାରେ ରହିଗଲା । ସେହି ସୂତ୍ରରେ ଇଂରାଜୀ ଭାଷା ଏ ପର୍ଯ୍ୟନ୍ତ ଏ ଦେଶରେ ଆସନ ମାଡ଼ି ବସି ରହିଛି । ଏକ ଆନ୍ତର୍ଜାତିକ ଭାଷା ହିସାବରେ ଆମେ ଇଂରାଜୀ ଶିଖିବୁ—ଆପତ୍ତି ନାହିଁ । ତାହା ବୋଲି ଇଂରାଜୀର ଆଧିପତ୍ୟ ସହ୍ୟ କରିବୁ କିପରି ? ଆମେ ଏବେ ଇଂରାଜୀ ଭାଷା କହିବାରେ ଓ ଲେଖିବାରେ ଗର୍ବବୋଧ କରୁଛୁ—ଇଂରାଜୀରେ ଚିନ୍ତା କରୁଛୁଁ ମଧ୍ୟ । ସମ୍ଭବତଃ ଖୁବ୍ ଶୀଘ୍ର ଆମର ବାହାପୁଆଣି, ଶ୍ରାଦ୍ଧ ସୂତକ ଓ ଦେବ-ଦେବତା-ପୂଜା ଇଂରାଜୀ ମନ୍ତ୍ରପାଠ ସାହାଯ୍ୟରେ ସମାହିତ ହେବ । ମୁସଲମାନ ମରହଟ୍ଟା ଅମଳରେ ଯେଉଁ ପାରସୀ ଭାଷା ଦୀର୍ଘ ୫୦୦-୬୦୦ ବର୍ଷକାଳ ରାଷ୍ଟ୍ରଭାଷା ହିସାବରେ ଭାରତରେ ଆସନ ମାଡ଼ି ରହିଥିଲା, ବ୍ରିଟିଶ୍-କେଶରୀଙ୍କ କରାମତରେ ସେହି ଭାଷା ମାତ୍ର ପଚିଶ ବର୍ଷ ମଧ୍ୟରେ ଆସନ ଚ୍ୟୁତ ହୋଇଗଲା । ସେପରି-ସ୍ଥଳେ ମୋଟେ ଶହେଟା ବର୍ଷ ଏ ଦେଶରେ ରାଷ୍ଟ୍ରଭାଷା ହୋଇ ରହିଥିବା ଇଂରାଜୀ ଭାଷାକୁ ଆସନଚ୍ୟୁତ କରିବାଲାଗି ଆମେ ଏବେ ଝାଳନାଳ ହୋଇ ଗଲେଣି । ଏଣେ ଦିଲ୍ଲୀ ଦରବାରରେ "ଅଂଗ୍ରେଜୀ ହଟାଓ !" ରବ ଉଠିଲା କ୍ଷଣି ତେଣେ ଦେଶର କେତେକାଂଶରେ 'ଲଙ୍କାପୋଡ଼' କାଣ୍ଡ ଘଟି ଯାଉଛି । ପୁଣି ଏବେ ସୁଦ୍ଧା ଆମର କେତେକ ଶିକ୍ଷିତମ୍ମନ୍ୟ ବ୍ୟକ୍ତିଙ୍କର ଧାରଣା—ଜ୍ଞାନ ବିଜ୍ଞାନର ସକଳ ଗନ୍ତାଘର କେବଳମାତ୍ର ଇଂରାଜୀ-କୁଞ୍ଚିକା ସାହାଯ୍ୟରେ ହିଁ ଉଦ୍‌ଘାଟନ କରି ହେବ । ଭାରତର କୌଣସି ମୁଖ୍ୟ ଆଞ୍ଚଳିକ ଭାଷା ଏଥିଲାଗି ଯୋଗ୍ୟ ନୁହେଁ । ତେଣୁ "ଅଂଗ୍ରେଜୀ ହଟାଓ !" ନୈବ ନୈବ ଚ ।

ଏଇ କୃତ୍ରିମ-ଉଦ୍ବେଗ ଯେ ଅଳ୍ପ କାଳ ସ୍ଥାୟୀ ଏବଂ ଇଂରାଜୀ ଭାଷା ଯେ ଦିନେ ଏ ଦେଶରୁ ହଟିଯିବ—ଏହା ଦିବାଲୋକ ପରି ସୁସ୍ପଷ୍ଟ । କାରଣ ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ରରେ ସର୍ବପ୍ରକାର ସାଂସ୍କୃତିକ ସ୍ୱାଧୀନତା ପ୍ରତ୍ୟେକ ସଚେତନ ନାଗରିକର କାମ୍ୟ । ଭାରତର ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ଭାଷାଭାଷୀ ଲୋକେ ଆନ୍ତରିକଭାବରେ ଇଂରାଜୀ ଭାଷା ଲୋଡ଼ନ୍ତି ନାହିଁ—ଏ ଲେଖକ ବାରମ୍ବାର ଏହା ହୃଦୟଙ୍ଗମ କରିଛି । ତେବେ ପ୍ରଶ୍ନ ଉଠିପାରେ—ବର୍ତ୍ତମାନ ବ୍ୟାଧିର ମୂଳଟା କେଉଁଠି ? "ଇଂରାଜୀ ହଟିଯାଉ !" —ଏହା ସମସ୍ତେ ଲୋଡ଼ୁଥିଲେ ମଧ୍ୟ "ଇଂରାଜୀ ବଦଳରେ କେଉଁ ଭାଷା ?"---ଏଇଟି ରହିଛି ବ୍ୟାଧିର ମୂଳ । ଇଂରାଜୀ ସ୍ଥାନରେ ବର୍ତ୍ତମାନ କେଉଁ ଭାରତୀୟ ଭାଷାର ରାଜ-ଅଭିଷେକ ହେବ ? ---ହିନ୍ଦୀ, ବଙ୍ଗଳା, ତାମିଲ୍ ନା ଓଡ଼ିଆ ? କିମ୍ବା ଆମର ଧର୍ମ ନିରପେକ୍ଷତା ଭଳି ଭାଷା ନିରପେକ୍ଷ ରାଷ୍ଟ୍ର ସ୍ୱୀକୃତ ହେବ ? ଅର୍ଥାତ ସମସ୍ତେ ପ୍ରଧାନ ପ୍ରଧାନ ଆଞ୍ଚଳିକ ଭାଷା ରାଜ-ମର୍ଯ୍ୟାଦା ଲାଭ କରିବ ? ଏଇ ହେଉଛି କଥାର ଗଣ୍ଠି । ଏ ଗଣ୍ଠି ଫେଡ଼ି ଦେବାଲାଗି ବର୍ତ୍ତମାନ ପ୍ରବନ୍ଧଟି ଉଦ୍ଦିଷ୍ଟ ନୁହେଁ । ପ୍ରସଙ୍ଗକ୍ରମେ ଯାହାକିଛି ଉଠୁଛି, ତାହାହିଁ ବୋଲାଯାଉଛି ମାତ୍ର ।

ଇଂରାଜୀ ସ୍ଥାନରେ ଭାରତର ଚଉଦଗୋଟି ମୁଖ୍ୟ ଭାଷାମଧ୍ୟରୁ ହିନ୍ଦୀ ଭାଷାହିଁ ରାଜପଦରେ ଅଭିଷିକ୍ତ ହେବ---ସମ୍ବିଧାନର ସପ୍ତଦଶ ଅନୁଚ୍ଛେଦରେ ଆମେ ଏଇ ସିଦ୍ଧାନ୍ତ ଗ୍ରହଣ କରିଛୁଁ । ବର୍ତ୍ତମାନ ଏଇ ସାମ୍ବିଧାନିକ ସୁବିଧା-ସୁଯୋଗବଳରେ ହିନ୍ଦୀର ହିମାୟତକାରୀ ଅନେକ୍ ବଡ଼ ହଟହଟା କରୁଛି । ଗୋଟାଏ ବିଦେଶୀ ଭାଷାର ଆଧିପତ୍ୟ ସାଙ୍ଗକୁ ଏଇ ଦେଶୀ ଭାଷା ଆଜି ନାନା ପ୍ରତ୍ୟକ୍ଷ ଓ ପରୋକ୍ଷ ଉପାୟରେ ଆମ ଉପରେ ପ୍ରବଳ ପ୍ରଭାବ ବିସ୍ତାର କରିବାରେ ଲାଗିଛି । ରାଷ୍ଟ୍ରଭାଷା ହିସାବରେ ହିନ୍ଦୀର ପ୍ରସାର ହେବା ସ୍ୱାଭାବିକ ଏବଂ ରାଷ୍ଟ୍ରଭାଷା ଶିକ୍ଷା ସକାଶେ କାହାରି କୁଣ୍ଠା ପ୍ରକାଶ କରିବା ମଧ୍ୟ ଅନୁଚିତ; କିନ୍ତୁ ତାହା ସ୍ୱତନ୍ତ୍ର କଥା । ରାଷ୍ଟ୍ରଭାଷା-ପ୍ରଚାର ଅନୁଷ୍ଠାନ, ସ୍କୁଲ-କଲେଜରେ ହିନ୍ଦୀ ଶିକ୍ଷା ଆଦି କ୍ଷେତ୍ରରେ ଏବେ ଯେପରି ସରକାରୀ ଧନ ଓ ଧ୍ୟାନ ବର୍ଷିତ ହେଉଛି, ଆମ ମାତୃଭାଷାରେ ସମୃଦ୍ଧି ଓ ସଂଗଠନ କ୍ଷେତ୍ରରେ ତଦନୁରୂପ

ହେଉଥିବାର ଲାଗୁ ନାହିଁ । ହିନ୍ଦୀ ଚଳଚ୍ଚିତ୍ର ଏ ଦିଗରେ ବେଶ୍ ଭୁନ ଭୁନ ଏକ ଅମୋଘ ଅସ୍ତ୍ରରୂପେ କାର୍ଯ୍ୟ କରିବାରେ ଲାଗିଛି । ଆମ ଦେଶବାସୀ ବିଶେଷତଃ ତରୁଣ ତରୁଣୀମାନଙ୍କ ଉପରେ ଏହାର ନାନା ସୁପ୍ରଭାବ ଓ କୁପ୍ରଭାବ ମଧ୍ୟରୁ ଗୋଟିଏ ଉଲ୍ଲେଖଯୋଗ୍ୟ ହେଉଛି—ହିନ୍ଦୀ ଭାଷା ପ୍ରତି ଅନୁରାଗ ତଥା ପ୍ରବଣତା ସୃଷ୍ଟି ।

ଏହିପରି ଗୋଟାଏ ବିଦେଶୀ ଭାଷା ଓ ଗୋଟିଏ ପଡ଼ୋଶୀ ଭାଷାର ଆଧିପତ୍ୟ ଭିତରେ ନିପୀଡ଼ିତ, ନିର୍ଯ୍ୟାତିତ ହୋଇ ବର୍ତ୍ତମାନ ଆମର ମାତୃଭାଷା ଆତ୍ମରକ୍ଷାନିମନ୍ତେ ଆକୁଳ ହୋଇ ପଡ଼ିଛି । ସରକାରୀ ଦପ୍ତର, ଶିଳ୍ପାଞ୍ଚଳ, ବାଣିଜ୍ୟ ବ୍ୟବସାୟ କେନ୍ଦ୍ର, ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ ସହର ବଜାର ଗୃହଆଡୁ ତଡ଼ା ଖାଇ ଖାଇ ଏହା ଯେପରି ମଫସଲ ପଲ୍ଲୀର ଲାଜକୁଳି ଭୁଆସୁଣୀଙ୍କ କୋଳରେ ବର୍ତ୍ତମାନ ଆଶ୍ରୟ ଗ୍ରହଣ କରିଛି । କିନ୍ତୁ ସେଠି ବି ରକ୍ଷା ନାହିଁ; ବେଳେ ବେଳେ ତାକୁ ଚିଠୁ ମାଡ଼ ନୋହିଲେ ନିଆଁ ଚୁଙ୍କା ସହିବାକୁ ପଡ଼ୁଛି । ହା ମା’ ଉତ୍କଳଭାରତି !

ରାଜ୍ୟର ସରକାରୀ ଭାଷା

ଏଇ ସଙ୍କଟବେଳରେ ଗୁହାରିଆଡ଼ି ଦାବୀ ହେଉଛି—ମାତୃଭାଷା ଆମ ରାଜ୍ୟର ସରକାରୀ ଭାଷା ହେଉ ! ଏ ଦାବୀ ସେଇ ଆତ୍ମରକ୍ଷାର ଆର୍ତ୍ତନାଦ ବ୍ୟତୀତ ଆଉ କ’ଣ ହୋଇପାରେ ? କାରଣ “ମୋ ଘରେ ମୁଁ ମୁରବି ହେବି” ବୋଲି ଦାବୀ ଯେପରି, “ମାତୃଭାଷା ରାଜ୍ୟର ସରକାରୀ ଭାଷା ହେଉ” ବୋଲି ଦାବୀ ସେହିପରି ଅତି ହାସ୍ୟାସ୍ପଦ କଥା । ଗୋଟିଏ ରାଜ୍ୟ ଭାଷାକୁ ସେହି ରାଜ୍ୟର ସରକାରୀ ସ୍ତରରେ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ ଓ ପ୍ରଚଳନ କରାଯିବାରେ ବିଚାର କ’ଣ ? ଏଥିରେ କାହାର କୌଣସି ଆପତ୍ତି ନାହିଁ । କେବଳ ବିଚାର ହେଉଛି—ରାଜ୍ୟବାସୀଙ୍କର ଯାହା ନ୍ୟାଯ୍ୟ ଅଧିକାର, ସେଥିପାଇଁ ନିରର୍ଥକ ଏକ ଦାବୀ କରିବାକୁ ପଡ଼ିଲା ।

ପ୍ରଶ୍ନ ହେଉଛି—ଏପରି ଦାବୀ ଏତେକାଳ ପର୍ଯ୍ୟନ୍ତ କଥା ନଥିଲେ କାହିଁକି ? ଏହାର ଦୁଇଟି କାରଣ ଜଳ ଜଳ କରି ଦିଶି ଯାଉଛି । ଗୋଟିଏ କାରଣ ହେଉଛି—ଆମର ଅହେତୁକ ଇଂରାଜୀପ୍ରୀତି ଏବଂ ଅନ୍ୟଟି—ମାତୃଭାଷା ପ୍ରତି ଆମର ହୀନ-ମନୋଭାବ । ଫଳରେ ମାତୃଭାଷାର ସମୃଦ୍ଧି ଓ ସଂଗଠନ-ନିମିତ୍ତ ଆମେ ଉପଯୁକ୍ତ ଧ୍ୟାନ ଦେଇ ପାରିନାହିଁ । ଏତିକିବେଳେ ପୁଣି ହିନ୍ଦୀ ଭାଷାର ହସ୍ତକ୍ଷେପ—ମାତୃଭାଷା ବ୍ୟତିରେକରେ ପ୍ରସ୍ତାବିତ ରାଜଭାଷାର ପୁଷ୍ଟିସାଧନ । ବଡ଼ ପ୍ରତିକୂଳ ପରିସ୍ଥିତି । ମାତୃଭାଷାର ପ୍ରଶ୍ନ ସହିତ ଉଣାଅଧିକେ ସମସ୍ତଙ୍କର ଭାବପ୍ରବଣତା ଜଡ଼ିତ ଏବଂ ଏ ଲେଖକ ମତରେ ଏପରି ଭାବପ୍ରବଣତା ଅନୁଚିତ ନୁହେଁ ମଧ୍ୟ । ସେଇଥିଲାଗି ଏବେ ଏ ଦାବୀ ଉଠିଛି—ଆତ୍ମରକ୍ଷାର ଆର୍ତ୍ତନାଦ ଶୁଣାଯାଉଛି । ରାଜ୍ୟର ସରକାରୀ ଭାଷା ହୋଇଗଲେ, ଆଶା ଓ ବିଶ୍ୱାସ—ଆମର ମାତୃଭାଷା ଆତ୍ମରକ୍ଷାର କାଯ୍ୟତ୍ ପ୍ରତିଶ୍ରୁତି ପାଇଯିବ, ଜୀବନସଂଗ୍ରାମରେ ହେବ ତାହାର ପ୍ରଥମ ଜୟଲାଭ ।

ଦାବୀ ବା ଅଧିକାର କଥା ତ ଆଜିକାଲି ସବୁଆଡ଼େ ସବୁ କ୍ଷେତ୍ରରେ ଶୁଣା ଯାଉଛି ! ତା' ସଙ୍ଗେ ସଙ୍ଗେ ଏ କ୍ଷେତ୍ରରେ ଆମର କର୍ତ୍ତବ୍ୟ ବା ସ୍ମରଣୀୟ ବିଷୟ ପାସୋରି ଦେଲେ ଚଳିବ ନାହିଁ ।

ଉପସ୍ଥିତ କର୍ତ୍ତବ୍ୟ

ଜୀବନସଂଗ୍ରାମରେ ପୂରାପୂରି ଜୟଲାଭ ନିମିତ୍ତ ମାତୃଭାଷାକୁ ଅବିଳମ୍ବେ ଯୋଗ୍ୟ ହେବାକୁ ପଡ଼ିବ । ସାର୍ଥକଭାବରେ ସନ୍ନଦ୍ଧ ହେବାକୁ ପଡ଼ିବ । କାରଣ ଯୋଗ୍ୟତମର ଉଦ୍‌ବର୍ତ୍ତନ ସଚରାଚର ସାଂସାରିକ ରୀତି । ଯୋଗ୍ୟ ହୋଇ ପାରିଲେ—ଆତ୍ମବଳରେ ବଳୀୟାନ ହୋଇ ନିଜକୁ ଜାହିର୍ କରି ପାରିଲେ, ମାତୃଭାଷା ପ୍ରତି ଆମର ହୀନ-ମନୋଭାବ ଆପେ ଆପେ ଦୂର ହୋଇଯିବ । ଏବଂ ତା'ପରେ ଯେ କୌଣସି ପଡ଼ୋଶୀ ଓ ବିଦେଶୀ ଭାଷାର ପ୍ରଭାବ ବା ଆଧିପତ୍ୟ ଏଡ଼ାଇ ଦେବାକୁ ମାତୃଭାଷା ସମର୍ଥ ହୋଇ ପାରିବ ।

ସମକାଳୀନ ଜଟିଳ ସମାଜରେ ମଣିଷ ମନର ସର୍ବପ୍ରକାର ଭାବ ପ୍ରକାଶନାଇଁ ଗୋଟିଏ ଭାଷା ଯୋଗ୍ୟ ନ ହେଲେ ନ ଚଳେ । ଶିଳ୍ପ, ବିଜ୍ଞାନ, ବୈଷୟିକ ଶିକ୍ଷା, ବାଣିଜ୍ୟ, ବ୍ୟବସାୟ, ଗୃହକଳା ଇତ୍ୟାଦି ବିଭିନ୍ନ ବିଷୟରେ ବ୍ୟାବହାର ତଥା ଭାବପ୍ରକାଶ ଲାଗି ମାତୃଭାଷାକୁ ଉପଯୁକ୍ତ କରିବା ଆଜି ଅତ୍ୟନ୍ତ ଜରୁରି ହୋଇ ପଡ଼ିଛି । ଦୁଃଖର କଥା, ଏବେ ବି ମାତୃଭାଷାର ଏହି ଦିଗଟି ପ୍ରତି ଆମମାନଙ୍କର ବିଶେଷ ଦୃଷ୍ଟି ଆକର୍ଷିତ ହୋଇନାହିଁ । ସାହିତ୍ୟ-ସଭା, ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ଆଜିକାଲି ମାତୃଭାଷାର ସମସ୍ୟା କ୍ୱଚିତ୍ ଆଲୋଚିତ ହୋଇଥାଏ । ପତ୍ର-ପତ୍ରିକା ପୃଷ୍ଠାରେ ଏ ସମ୍ପର୍କରେ ବିଶେଷ ଲେଖାଲେଖି ମଧ୍ୟ ନଜରରେ ପଡ଼େ ନ ଥାଏ ।

ଆଜକୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ତଳେ ରାଜ୍ୟର ଏକ ସୀମାନ୍ତ ଅଞ୍ଚଳରୁ କବିକୁଳ-ହାରକ ଆମକୁ ଚେତାବନୀ ଶୁଣାଇଥିଲେ—

"ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା" ।

ସେ ଚେତାବନୀ ଏହି ସୁପ୍ତ ଓ ଅଚେତନ ନରନାରୀଙ୍କ ନିକଟରେ ନିଷ୍ଫଳ ହୋଇଛି । ଏବେ ଅକସ୍ମାତ୍ ସୌଭାଗ୍ୟବଶତଃ ଆମମାନଙ୍କର କୁମ୍ଭକର୍ଣ୍ଣ-ନିଦ୍ରା ଭାଙ୍ଗିଛି । ଏହି ଅବସ୍ଥାରେ ବାଉଳାବାଉଳି ନ ହୋଇ ସ୍ଥିର ବିଚାରବୁଦ୍ଧି ଓ ସୁଚିନ୍ତିତ ଯୋଜନାଦ୍ୱାରା ମାତୃଭାଷାକୁ ଉଚ୍ଚ କରିବା ଉଦ୍ଦେଶ୍ୟରେ ସର୍ବପ୍ରକାର ଉଦ୍ୟମ କରିବା ଆବଶ୍ୟକ ।

ଏ ଦିଗରେ ଅଭାବ ଆମର ଅନେକ—ଅସୁବିଧା ଅସୁମାରି । ଉଦାହରଣସ୍ୱରୂପ—(୧) ଭାଷାର ଏକ ବିଚାରସିଦ୍ଧ ଓ ବିଜ୍ଞାନସମ୍ମତ ବ୍ୟାକରଣ ପ୍ରଣୟନ, (୨) ସେହିପରି ଏକ ଆଧୁନିକ ଅଭିଧାନ ସଙ୍କଳନ, (୩) ଜ୍ଞାନ-ବିଜ୍ଞାନ ବିଭିନ୍ନ ବିଭାଗରେ ପରିଭାଷା ପ୍ରଣୟନ, (୪) ଟାଇପ

ରାଇଟର୍ ତଥା ମୁଦ୍ରଣ ଶିଳ୍ପ ସକାଶେ ଉପଯୋଗୀ କରି ଲିପିସଂସ୍କାର, (୫) ସୁବିଧାଜନକ ସର୍ଟ୍‌ହ୍ୟାଣ୍ଡ୍ ସୃଷ୍ଟି, (୬) ଅନ୍ତତଃ ବର୍ତ୍ତମାନପାଇଁ ସ୍ନାତକ ସ୍ତର ପର୍ଯ୍ୟନ୍ତ ମାତୃଭାଷାମାଧ୍ୟମରେ ସମସ୍ତ ବିଷୟ ଶିକ୍ଷାଦାନ ତଥା ପରୀକ୍ଷଣ ବ୍ୟବସ୍ଥା, (୭) ଜ୍ଞାନ ବିଜ୍ଞାନର ବିଭିନ୍ନ ବିଷୟରେ ମାତୃଭାଷାରେ ପାଠ୍ୟ-ପୁସ୍ତକ ରଚନା, (୮) ବିଶ୍ୱବିଦ୍ୟାଳୟରେ ଭାଷାତତ୍ତ୍ୱର ବିଭିନ୍ନ ବିଭାଗର ଅଧ୍ୟୟନ ଓ ଅଧ୍ୟାପନା ବ୍ୟବସ୍ଥା, (୯) ଆମ ଭାଷାରେ ଥିବା ଅଳ୍ପ କେତୋଟି ‘ଭାଷା’ (ଉପଭାଷା ବା ଭାଷାର ଆଞ୍ଚଳିକ କଥିତ ରୂପ; ଦୃଷ୍ଟାନ୍ତସ୍ୱରୂପ—ସମ୍ବଲପୁରୀ) ମଧ୍ୟରୁ ବିଭିନ୍ନ ଅର୍ଥବୋଧକ ଶବ୍ଦ ଓ ବିଶିଷ୍ଟ ପ୍ରୟୋଗମାନ ଆହରଣ କରି ଦୀର୍ଘ ପ୍ରସ୍ଥ ସମଗ୍ର ରାଜ୍ୟରେ ଏକ ଆଦର୍ଶ ଭାଷା ପ୍ରଚଳନ, (୧୦) ରାଜ୍ୟର ବିଚ୍ଛିନ୍ନାଞ୍ଚଳରେ ତଥା କଲିକତା, କାଳିମାଟି ଆଦି ପ୍ରବାସ ସ୍କୁଲରେ ଥିବା ଛାତ୍ରମାନଙ୍କ ମେଳରେ ମାତୃଭାଷାର ସୁରକ୍ଷା ଓ ସୁପ୍ରସାର, ଇତ୍ୟାଦି ଇତ୍ୟାଦି । ଏଇଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଅଭାବ-ଅସୁବିଧା ବିଷୟ ସ୍ୱତନ୍ତ୍ରଭାବରେ ତଦ୍‌ବିଦ୍‌ମାନଙ୍କଦ୍ୱାରା ଆଲୋଚନା କରା ଯାଇପାରେ । ଏ ଲେଖକ ସମସ୍ତ ବିଷୟର ଆଲୋଚନା ଲାଗି ଭାଜନ ନୁହେଁ—ତାହାର କ୍ଷେତ୍ର ବି ଏଠି ନାହିଁ ।

ଶେଷରେ ଭାଷାର ଭାବର ଫଳଶ୍ରୁତି—ସାହିତ୍ୟସର୍ଜନା । ଉଚ୍ଚ-କୋଟୀର ମୌଳିକ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତା, ନାଟକାଦି ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଆମଭାଷାର କୌଳୀନ୍ୟ ଓ କରାମତି ଉଭୟ ବୃଦ୍ଧି ପାଇବ । ତେଣୁ ମାତୃଭାଷାର ସମୃଦ୍ଧି ଓ ସଙ୍ଗଠନସକାଶେ ଲେଖକମାନଙ୍କୁ ବି ଟିକିଏ ଟିପି ଟାଣି କରି ଲେଖନୀ ଚଳାଇବାକୁ ପଡ଼ିବ । ବର୍ତ୍ତମାନ ଯେ ଆମର ଉଚ୍ଚ କୋଟୀର ମୌଳିକ ସାହିତ୍ୟ ସୃଷ୍ଟି ନ ହେଉଛି, ତା ନୁହେଁ; କିନ୍ତୁ ଅଧିକାଂଶ ଲେଖକ ସାହିତ୍ୟରେ ପ୍ରଭାବଶାଳୀ ଓ ପ୍ରମାଦହୀନ ଭାଷାବିନ୍ୟାସ ପ୍ରତି ସତର୍କ ଦୃଷ୍ଟି ଦେଉ ନ ଥିବାର ପ୍ରମାଣ ମିଳୁଛି । ଶୁଦ୍ଧ ଅଶୁଦ୍ଧ ପୂରାଲ ଗାଇବାକୁ କିମ୍ବା ଲେଖନକାର ଦୋଷ ନ ଧରିବାକୁ କେତେଜଣ ପାଠକ ଆଜି ପ୍ରସ୍ତୁତ ଅଛନ୍ତି । ବିଶେଷତଃ ଏ ମୁଦ୍ରାଯନ୍ତ୍ର ଯୁଗରେ ଯେତେବେଳେ ସାହିତ୍ୟର ସବୁ କଥା ‘ଶ୍ରାବ୍ୟ’ ପରିବର୍ତ୍ତେ ‘ଦୃଶ୍ୟ’ ହୋଇ

ପଡ଼ୁଛୁ, ସେତେବେଳେ ସିଦ୍ଧ ଓ ଶୁଦ୍ଧ ଭାଷାବିନ୍ୟାସ ଲେଖକମାନଙ୍କ ପକ୍ଷରେ ଅତ୍ୟାବଶ୍ୟକ ।

ଏଉ ସବୁ ଅଭାବ ଅସୁବିଧା ଦୂର ହୋଇଗଲେ, ଆମର ମାତୃଭାଷା ନିଷ୍ଟୟ ଯୋଗ୍ୟ ବା ଉଚ୍ଚ ହୋଇ ପାରିବ । ସରକାରୀ ତଥା ବେସରକାରୀ କ୍ଷେତ୍ରରେ—ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ଉଦ୍ୟମରେ ଏବେ ଏହି ଉଦ୍ଦେଶ୍ୟରେ କେତେକ କାର୍ଯ୍ୟ ଆରମ୍ଭ ହୋଇଥିବା ଅତ୍ୟନ୍ତ ଆଶା ଓ ଆନନ୍ଦର ବିଷୟ । ଅପର ତଥା ଅନୁରୂପ କାର୍ଯ୍ୟ କ୍ରମେ ବହୁମୁଖୀ ଓ ବହୁ-ଗୁଣିତ ହେବ ବୋଲି ବିଶ୍ୱାସ । ଉତ୍କଳ ଭାରତୀଙ୍କର ଜୟ ହେଉ !

—*—

ଉପଭାଷା-ତତ୍ତ୍ୱ

ଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ

'ଭାଷା' ଓ 'ଉପଭାଷା' ଏହି ଦୁଇଟିର ସଂଜ୍ଞା ନିରୂପଣ କରିବା ବଡ଼ କଠିଣ । ପୁଣି ଆମ ଦେଶରେ ଐତିହାସିକ କାରଣରୁ ଏହି ପରିଭାଷାର ବ୍ୟବହାର ସହିତ ପାରସ୍ପରିକ ବିଦ୍ୱେଷ ଓ ତୀବ୍ର ଆଞ୍ଚଳିକ ପ୍ରତିକ୍ରିୟା ଏପରି ଘନିଷ୍ଠଭାବରେ ଜଡ଼ିତ ଯେ, କୌଣସି ବୈଜ୍ଞାନିକ ଆଲୋଚନାରେ ଏହାକୁ ବ୍ୟବହାର କଲାବେଳେ ଯଥେଷ୍ଟ ସାବଧାନତା ଅବଲମ୍ବନ ପ୍ରୟୋଜନ । ତେଣୁ ଉପଭାଷାର ଆଲୋଚନାରେ ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ନିରୂପଣ କରିବା ପରିବର୍ତ୍ତେ ସାମାନ୍ୟ ବ୍ୟାଖ୍ୟା କରି ଏହାର ପରିସର ବୁଝାଇ ଦେବାକୁ ଚେଷ୍ଟା କରାଯିବ ।

ଯେ କୌଣସି ଗୋଟିଏ ଭାଷା କହୁଥିବା ଦୁଇଟି ଲୋକଙ୍କର କଥାକୁ ତନଖି କରି ଦେଖିଲେ ସେମାନଙ୍କର କଥାରେ ପାର୍ଥକ୍ୟ ଧରିହେବ । ଶହ ଶହ ହଜାର ହଜାର ବା ଲକ୍ଷ ଲକ୍ଷ ଲୋକ ବ୍ୟବହାର କରୁଥିବା ଭାଷାରେ ଯେ ପାର୍ଥକ୍ୟ ସୃଷ୍ଟି ହେବ ଏଥିରେ ବୈଚିତ୍ର୍ୟ କ'ଣ ଅଛି ? ଟିକିଏ ଭଲକରି ତନେଇ ଦେଖିଲେ ଏଇ ପାର୍ଥକ୍ୟ ଗୋଟିଏ ଗୋଟିଏ ଅଞ୍ଚଳକୁ ଧରି ସୃଷ୍ଟି ହେଉଥିବାର ଜଣାଯିବ । କଥା ହେଉଚି, ପାରସ୍ପରିକ ବ୍ୟବସାୟ ବାଣିଜ୍ୟ ବା ଅନ୍ୟାନ୍ୟ କାର୍ଯ୍ୟସୂତ୍ରରେ ସମ୍ବନ୍ଧିତ କୌଣସି ଏକ ଅଞ୍ଚଳରେ ଲୋକେ ବହୁ ପରିମାଣରେ ମିଳାମିଶା କରିବା ଫଳରେ ଭାଷାରେ ଏକ ପ୍ରକାର ସମତା ସୃଷ୍ଟି ହୋଇଥାଏ । କିନ୍ତୁ ନଦୀ, ପର୍ବତ ବା ଅନ୍ୟ କୌଣସି ଭୌଗୋଳିକ ପ୍ରତିବନ୍ଧକ ଦ୍ୱାରା ବିଚ୍ଛିନ୍ନ ଅଞ୍ଚଳରେ ସେହି ଏକ ଭାଷା ବ୍ୟବହୃତ ହେଲେହେଁ ତହିଁରେ ଆଞ୍ଚଳିକ ସ୍ୱାତନ୍ତ୍ର୍ୟ ପ୍ରକାଶ ପାଇଥାଏ । ମିଳାମିଶାର ଅଭାବ ଓ ଭାବ ଆଦାନ-ପ୍ରଦାନର

ସ୍ୱଳ୍ପତା ହେତୁ ଭାଷା ବ୍ୟବହାରରେ ଯେଉଁ ଆଞ୍ଚଳିକ ଭିନ୍ନତା ପରିଦୃଷ୍ଟ ହୁଏ, ଏହିପରି ଦୁଇ ଅଞ୍ଚଳ ମଧ୍ୟରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେଲେ ତାହା ଦୁଇ ସ୍ୱତନ୍ତ୍ର ଭାଷା ରୂପେ ଆତ୍ମପ୍ରକାଶ କରିବା ଦୃଷ୍ଟାନ୍ତ ବିରଳ ନୁହେ ।

ଭୌଗୋଳିକ ଆଞ୍ଚଳିକତା ବ୍ୟତୀତ ଉପଭାଷା ଅଧ୍ୟୟନର ଆଉ ଏକ ବିଶେଷ ଦିଗ ରହିଛି । ଜାତି କିମ୍ବା ଶ୍ରେଣୀ ବିଭାଗ ଥିବା ଯେ କୌଣସି ସମାଜରେ ସାଧାରଣତଃ ଉଚ୍ଚ ଓ ନୀଚ ଜାତି ବା ଶ୍ରେଣୀର ଭାଷା ମଧ୍ୟରେ ପାର୍ଥକ୍ୟ ଥିବା କଥା ସହଜେ ଲକ୍ଷ୍ୟ କରାଯାଇପାରେ । ସାଧାରଣତଃ ଏପରି ସମାଜ ବ୍ୟବସ୍ଥାମାନଙ୍କରେ ଉଚ୍ଚ ଜାତି ବା ଶ୍ରେଣୀର ଲୋକମାନଙ୍କର ବିଦ୍ୟାବନ୍ତ ହେବାର ସୁଯୋଗ ଅଧିକ ଥିବାରୁ ସେମାନଙ୍କ ଭାଷାରେ ପାର୍ଥକ୍ୟ ନିମ୍ନ ଜାତି ବା ଶ୍ରେଣୀର ଲୋକଙ୍କ ତୁଳନାରେ ଯଥେଷ୍ଟ କମ୍ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ ଓଡ଼ିଶା କଥା ବିଚାର କଲେ ଏଠି ବିଭିନ୍ନ ଅଞ୍ଚଳରେ ଶିକ୍ଷିତ ଲୋକ (ସାଧାରଣତଃ ଉଚ୍ଚ ଜାତି କିମ୍ବା ଉଚ୍ଚ ଆର୍ଥିକ ଶ୍ରେଣୀର ଲୋକ) ମାନଙ୍କ ଭାଷାରେ ଯେତିକି ସମତା ଦେଖିବାକୁ ମିଳିବ ବିଭିନ୍ନ ଅଞ୍ଚଳର ନିମ୍ନଜାତି ବା ଶ୍ରେଣୀର ଲୋକଙ୍କ ଭିତରେ ସେତିକି ଭିନ୍ନତା ଦେଖିବାକୁ ମିଳିବ । କଟକ, ପୁରୀ, କୋରାପୁଟ ଓ ସମ୍ବଲପୁରର ଶିକ୍ଷିତ ବ୍ରାହ୍ମଣ ବା କରଣ ହୁଏତ ଏକ ପ୍ରକାର ଭାଷା ବ୍ୟବହାର କରନ୍ତି; କିନ୍ତୁ ନିମ୍ନ ଜାତି ବା ଗରିବ ଲୋକଙ୍କ ଭାଷାରେ ପରସ୍ପର ଆଦାନପ୍ରଦାନର ଅଭାବ ହେତୁ ଯେ କୌଣସି ଗୋଟିଏ ଜିଲ୍ଲାରେ ମଧ୍ୟ ପାର୍ଥକ୍ୟ ପରିଲକ୍ଷିତ ହୋଇପାରେ ।

ପୂର୍ବୋକ୍ତ ବିଚାରରୁ ସ୍ପଷ୍ଟଭାବେ ଜଣାଯାଏ ଯେ, ଭାବ ଆଦାନ-ପ୍ରଦାନ ଦୃଷ୍ଟିରେ ସାନ୍ନିଧ୍ୟ ବା ବିଚ୍ଛିନ୍ନତା ଉପଭାଷା ସୃଷ୍ଟିରେ ପ୍ରଧାନ କାରଣ । ଏକପ୍ରକାର ସ୍ଥିତିଶୀଳ ସାମାଜିକ ବ୍ୟବସ୍ଥା ଥିବା ପ୍ରଶସ୍ତ ଅଞ୍ଚଳରେ ଏକ ବ୍ୟାପକ ଉପଭାଷା ପ୍ରଚଳିତ ହୋଇପାରେ । ଜାତି ବା ଶ୍ରେଣୀ ଭେଦରେ ବର୍ଗୀକୃତ ସମାଜରେ ଉପର ସ୍ତରରେ ମଧ୍ୟ ଏକ ବ୍ୟାପକ ଉପଭାଷାର ପ୍ରଚଳନ ହୋଇପାରେ । ଅନ୍ୟଥା ଭାଷା ଚଳଣିରେ ସ୍ୱାତନ୍ତ୍ର୍ୟ ସୃଷ୍ଟି ହୋଇ ବିଭିନ୍ନ ଉପଭାଷାର ସୃଷ୍ଟି ହୋଇଥାଏ । ଏହି ଦୃଷ୍ଟିରୁ ଓଡ଼ିଆ ଭାଷାର ବିଚାର କଲେ ଏଥିରେ ଉପକୂଳ ଓଡ଼ିଆ, ସମ୍ବଲପୁରୀ ଓଡ଼ିଆ, ଗଞ୍ଜାମ ଓଡ଼ିଆ, ବାଲେଶ୍ୱରୀ ଓଡ଼ିଆ ବା କୋରାପୁଟ ଓଡ଼ିଆର ଅଧ୍ୟୟନ

କରିବା ପାଇଁ ଯେପରି ପ୍ରଶସ୍ତ କ୍ଷେତ୍ର ରହିଛି, ସେହିପରି ବିଭିନ୍ନ ଅଞ୍ଚଳର ତେଲି, ତନ୍ତୀ, କେଉଁଟ ବା ହରିଜନମାନଙ୍କର ଭାଷା ଅଧ୍ୟୟନ ପାଇଁ ମଧ୍ୟ କ୍ଷେତ୍ର ଉନ୍ମୁକ୍ତ ହୋଇ ରହିଛି ।

ଉପଭାଷା-ଅଧ୍ୟୟନକାରୀ କେତେକ ନିର୍ଦ୍ଦିଷ୍ଟ ସୂତ୍ର ଅବଲମ୍ବନରେ ସାଧାରଣତଃ କାର୍ଯ୍ୟରେ ଅଗ୍ରସର ହୋଇଥାନ୍ତି । ଭାଷା ଚଳଣିରେ ଭିନ୍ନତା ଭିତ୍ତିରେ କେତେକ ନିର୍ଦ୍ଦିଷ୍ଟ ଗ୍ରାମ ବା ଅଞ୍ଚଳ ପ୍ରଥମେ ବଛାଯାଏ । ତା'ପରେ କେତେକ ନିର୍ଦ୍ଦିଷ୍ଟ ଶବ୍ଦର ତାଲିକା ମଧ୍ୟ ପ୍ରସ୍ତୁତ କରାଯାଏ । ଅନୁସନ୍ଧାନକାରୀ ସ୍ଥିରୀକୃତ ଅଞ୍ଚଳରେ ପୂର୍ବ ପ୍ରସ୍ତୁତ ତାଲିକା ଧରି କାମ ଆରମ୍ଭ କରନ୍ତି । ଏହି ତାଲିକା ପ୍ରଧାନତଃ ଦୁଇଟି ଦୃଷ୍ଟି-କୋଣରୁ ପ୍ରସ୍ତୁତ ହୋଇଥାଏ । ଉଚ୍ଚାରଣ-ଗତ ପାର୍ଥକ୍ୟ (ଗୋଡ଼ : ଗୁଡ଼; ଭୋକ; ଭୁକ ଇତ୍ୟାଦି) ଓ ଶବ୍ଦ ପ୍ରୟୋଗ-ଗତ ପାର୍ଥକ୍ୟ (ଦୁଧ; କ୍ଷୀର, ଓଖର, ଗରା ମାଠିଆ ଇତ୍ୟାଦି) ଦୃଷ୍ଟିରୁ ମୁଖ୍ୟତଃ ଶବ୍ଦ ଓ ସ୍ଥାନ ନିର୍ବାଚନ କରାଯାଇଥାଏ । ଏହିପରି ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଉଚ୍ଚାରଣ ରୀତି ବା ପ୍ରୟୋଗଭେଦର ସୀମାରେଖା ଟାଣିଲେ ଏକାଧିକ ଭିନ୍ନତାସୂଚକ ବିଭିନ୍ନ ଅଞ୍ଚଳ କ୍ରମେ ସ୍ପଷ୍ଟରୂପେ ବାରି ହୋଇ ପଡ଼ିବ । ଅନ୍ୟ କଥାରେ କହିଲେ ଏକାଧିକ ସୀମାରେଖାଦ୍ୱାରା ଚିହ୍ନିତ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଏକ 'ଉପଭାଷା ଅଞ୍ଚଳ' (dilect area) ରୂପେ ନାମିତ କରାଯାଇ ପାରିବ ।

ଉପଭାଷାତତ୍ତ୍ୱ ଗବେଷଣାର ସଂକ୍ଷିପ୍ତ ଇତିହାସ—ଊନବିଂଶ-ଶତକ ଭାଷାସମ୍ବନ୍ଧୀ ବିଚାରର ଆଲୋଚନା କ୍ଷେତ୍ରରେ ଐତିହାସିକ ଭାଷାତତ୍ତ୍ୱ ବିସ୍ତାରର କାଳ । ଏହି ଶତକରେ ହିଁ ବିଧିବଦ୍ଧଭାବରେ ଉପଭାଷାତତ୍ତ୍ୱ ବିଚାରର ବୈଜ୍ଞାନିକ ଭିତ୍ତିସ୍ଥାପିତ ହୋଇଛି । ସାଧାରଣ ଭାବରେ ଏହା ରୋମାଣ୍ଟିକ ଚିନ୍ତାଧାରାର ବ୍ୟାପ୍ତି ଯୁଗରେ ହିଁ ସୃଷ୍ଟ । ତେଣୁ ଉପଭାଷାତତ୍ତ୍ୱ

ବସ୍ତୁର ଆଲୋଚନାକୁ ପ୍ରାଥମିକ କାଳରେ ଏହା ବହୁ ପରିମାଣରେ ଆଚ୍ଛନ୍ନ ଓ ବିଭ୍ରାନ୍ତ କରିଛି । ପ୍ରାରମ୍ଭିକ କାଳର ଆଲୋଚକମାନଙ୍କର ଧାରଣା ଥିଲା ଯେ 'ଉପଭାଷା' କହିଲେ ଅଜ୍ଞାତ ସମ୍ପର୍କିତ ଏକ ଅଦ୍ଭୁତ ରୋମାଣ୍ଟିକ କଥ୍ୟରୂପ, ଭାଷାର ଏକ ପ୍ରାଚୀନ ସ୍ତରର ନମୁନା । ପୁଣି ଅନ୍ୟ କେତେକ ଆଲୋଚକଙ୍କ ଧାରଣାରେ ଏହା ଲୋକପ୍ରବାହ (migration) ସହ ସମ୍ବନ୍ଧିତ । ସେମାନଙ୍କ ମତରେ ବିଭିନ୍ନ ଜାତିର ପ୍ରଥମ ବସତି ସ୍ଥାନରେ ଉପଭାଷା ଏ ପର୍ଯ୍ୟନ୍ତ ମଧ୍ୟ ଅପରିବର୍ତ୍ତିତ ରହିଛି । ଉପଭାଷା-ତତ୍ତ୍ୱ ଆଲୋଚନାରୁ ଐତିହାସିକ ସିଦ୍ଧାନ୍ତ ଗ୍ରହଣର ଯଥାର୍ଥତା ବା ଭ୍ରାନ୍ତ ଆଲୋଚନା ପରେ ଅନୁଧ୍ୟାନ କରାଯିବ । ଏ ସ୍ଥଳରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ରୋମାଣ୍ଟିକ୍ ସିଂହାବଲୋକନ ଉପଭାଷାତତ୍ତ୍ୱ ଆଲୋଚନାରେ ପ୍ରଧାନ ପ୍ରେରଣା ଯୋଗାଇଛି ।

ଉପଭାଷା ତତ୍ତ୍ୱର ପ୍ରଥମ ପ୍ରୟୋଗ ଓ ଆଲୋଚନା ଜର୍ମାନୀରେ ଆରମ୍ଭ ହୋଇଥିଲା । ଜର୍ମାନୀରେ ଉପଭାଷା ତତ୍ତ୍ୱର ବୈଜ୍ଞାନିକ ରୂପାୟନ କରିବାରେ ଯେଉଁମାନେ ସାହାଯ୍ୟ କରିଥିଲେ ସେମାନଙ୍କ ମଧ୍ୟରେ ଶ୍ମିଲର, ଲେସ୍କିଅନ୍, ଭେଙ୍କର, ରେଡେ ଓ ଫିସରଙ୍କ ନାମ ଉଲ୍ଲେଖଯୋଗ୍ୟ । ଭେଙ୍କରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଚାଳିଶ ବାକ୍ୟ ପ୍ରଶ୍ନାବଳୀର ଉତ୍ତର ପ୍ରାୟ ଚାଳିଶ ହଜାର ସ୍କୁଲ ଜିଲ୍ଲା ଓ ବାରହଜାର ଅନ୍ୟାନ୍ୟ ଅଞ୍ଚଳରୁ ମିଳିଥିଲା । ଏହାର ଭିତ୍ତିରେ ସେ ତାଙ୍କର ସହଯୋଗୀମାନଙ୍କ ସହିତ ମିଶି ପ୍ରାୟ ୧୬୦୦ ମାନଚିତ୍ର ପ୍ରସ୍ତୁତ କରିଥିଲେ; କିନ୍ତୁ ଏହି ପ୍ରାଥମିକ ଅବସ୍ଥାରେ ମାନଚିତ୍ରରୁ ଅସଂଖ୍ୟ ରେଖା ମଧ୍ୟରୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଉପଭାଷା ଅଞ୍ଚଳ ସ୍ଥିର କରିବା ବଡ଼ କଠିନ ଥିଲା । ପ୍ରକୃତପକ୍ଷେ ଜର୍ମାନ ଉପଭାଷା ମାନଚିତ୍ର ସର୍ବପ୍ରଥମେ ପ୍ରସ୍ତୁତ ହୋଇଥିଲେ ମଧ୍ୟ ୧୯୨୬ ମସିହାରେ ପ୍ରଥମେ ପ୍ରକାଶିତ ହେଲା । ଏହି ଉପଭାଷା ଅଧ୍ୟୟନର ପ୍ରଧାନ ଦୁର୍ବଳତା ହେଉଛି ଯେ, କୌଣସି ସୁଶିକ୍ଷିତ ଭାଷାବିଜ୍ଞାନୀଙ୍କର ପ୍ରତ୍ୟକ୍ଷ କାର୍ଯ୍ୟ ଦ୍ୱାରା ଏହି ଉପଭାଷା ସମୂହର ନମୁନା ସଂଗ୍ରହ କରାଯାଇ ନଥିଲା । ଅନ୍ୟପକ୍ଷରେ ବ୍ୟାପକ କ୍ଷେତ୍ରରୁ ତଥ୍ୟ ସଂଗ୍ରହ କରି ତାହାର ଉପଯୋଗ କରାଯାଇ ଥିବାରୁ ଅପ୍ରତ୍ୟକ୍ଷ ସଂଗ୍ରହଜନିତ ଦୁର୍ବଳତା ବହୁପରିମାଣରେ ଦୂର ହୋଇଛି ବୋଲି କୁହାଯାଇ ପାରେ । ଜର୍ମାନ ଉପଭାଷା ମାନଚିତ୍ରର ଅନ୍ୟ ଏକ

ଉଲ୍ଲେଖ୍ୟ ଦୋଷ ବା ଗୁଣ ହେଉଛି ଯେ ଏଥିରେ ସଂଗୃହୀତ ତଥ୍ୟ ଗଣିତ କରାଯାଇ ନାହିଁ । ଏହି ତଥ୍ୟ ଭିତ୍ତିରେ ଦୀର୍ଘ ବର୍ଷର ଗବେଷଣାର ଫଳ ଏହି ମାନଚିତ୍ରରେ ଦିଆଯାଇଛି ମାତ୍ର ।

ଜର୍ମାନ ଉପଭାଷା ମାନଚିତ୍ର ବ୍ୟତୀତ ଫରାସୀ, ଇଟାଲିଅନ, ନିଉ ଇଂଲଣ୍ଡ ମାନଚିତ୍ର ଗୁଡ଼ିକ ଉଲ୍ଲେଖ ଯୋଗ୍ୟ । ଫରାସୀ ମାନଚିତ୍ର ପ୍ରସ୍ତୁତିରେ ୬୩୯ଟି ଜାଗାରୁ ପ୍ରତ୍ୟକ୍ଷ ଭାବରେ ତଥ୍ୟ ସଂଗୃହୀତ ହୋଇଥିଲା । ଫରାସୀ ମାନଚିତ୍ରରେ ସଂଗୃହୀତ ଶବ୍ଦଗୁଡ଼ିକ ସନ୍ନିବେଷ୍ଟ ହୋଇଛି । ଏଥିରେ ବର୍ଣ୍ଣାନୁକ୍ରମେ ସଂଗୃହୀତ ତଥ୍ୟ ଦିଆ ଯାଇଥିବାରୁ ଅନେକ ସମୟରେ ସ୍ଥାନରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ପାରେନାହିଁ । ଫରାସୀ ମାନଚିତ୍ର ପ୍ରସ୍ତୁତି କ୍ଷେତ୍ରରେ ଗିଲ୍ୟେରଙ୍କ ନାମ ବିଶେଷଭାବରେ ଉଲ୍ଲେଖଯୋଗ୍ୟ । ତାଙ୍କର ଗ୍ରନ୍ଥମାନେ ଅନ୍ୟାନ୍ୟ ଇଉରୋପୀୟ ଉପଭାଷା ମାନଚିତ୍ର ଅଙ୍କନରେ ଅଗ୍ରଣୀ ହେଉଥିଲେ ।

ଗିଲ୍ୟେଁରଙ୍କ ଶିଷ୍ୟ କାର୍ଲ ଜା ବର୍ଗ ଓ ଜାକବ ଜୁଡ୍ ପ୍ରଥମେ ଉତ୍ତର ଇଟାଲୀରେ ଉପଭାଷା କାର୍ଯ୍ୟ ଆରମ୍ଭ କଲେ । ସେତେବେଳେ ବାର୍ତ୍ତୋଲି ଓ ବାର୍ତ୍ତୋନି ନାମକ ଦୁଇଜଣ ପଣ୍ଡିତ ଦକ୍ଷିଣ ଇଟାଲୀ, ସାର୍ଡ଼ିନିଆ ଓ କର୍ସିକା ଅଞ୍ଚଳରେ କାମ କରୁଥିଲେ; କିନ୍ତୁ ଫାସିଷ୍ଟ ସରକାର ସମସ୍ତ ଇଟାଲୀ ପାଇଁ ଗୋଟିଏ ମାନଚିତ୍ର ପ୍ରସ୍ତୁତି ଉପରେ ଜୋର ଦେଉଥିଲେ । ଫଳରେ ବାର୍ତ୍ତୋଲି ଓ ବାର୍ତ୍ତୋନି ସମ୍ପୂର୍ଣ୍ଣ ମାନଚିତ୍ର ଅଙ୍କନ କରିବାରେ କୃତସଂକଳ୍ପ ହେଲେ । ସେମାନଙ୍କ ମତରେ କୌଣସି ଏକ ଅଞ୍ଚଳର ଭାଷା ଅନୁସନ୍ଧାନ କରିବାକୁ ହେଲେ ସେହି ଭାଷାକୁ ମାତୃଭାଷା ରୂପେ ବ୍ୟବହାର କରୁଥିବା ଲୋକ ପ୍ରୟୋଜନ । ଏହି ମତ ଉପରେ ନିର୍ଭର କରି ସେମାନେ ଜାବର୍ଗ ଓ ଜୁଡ୍ଙ୍କର ଜର୍ମାନ ସହଯୋଗୀମାନଙ୍କୁ କାମରୁ ବାହାର କରି ଦେଇଥିଲେ । କିନ୍ତୁ ଜାବର୍ଗ ଓ ଜୁଡ୍ ସ୍ୱତନ୍ତ୍ରଭାବରେ ସେମାନଙ୍କ କାମରେ ଆଗେଇ ଚାଲିଲେ । ସେମାନେ ତାଙ୍କ କାର୍ଯ୍ୟକୁ ଟିକଏ ଭିନ୍ନଭାବରେ ପରିଚାଳିତ କରି କେନ୍ଦ୍ର ଇଟାଲୀକୁ ତାଙ୍କ ଅନୁସନ୍ଧାନ ଅଞ୍ଚଳର ଅନ୍ତର୍ଭୁକ୍ତ କଲେ । ୧୯୨୩-୨୭ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କଲାପରେ ୧୯୨୮ରେ ସେମାନଙ୍କର ପ୍ରାରମ୍ଭିକ ଖଣ୍ଡ ଓ ୧୯୪୦ ସୁଦ୍ଧା ଆଠ ଖଣ୍ଡରେ ସମ୍ପୂର୍ଣ୍ଣ ମାନଚିତ୍ର ଗ୍ରନ୍ଥ ପ୍ରକାଶ ପାଇଲା ।

ବାର୍ତ୍ତୋଲି ଓ ବାର୍ତ୍ତୋନିଙ୍କର ଜଣେ ସହକାରୀ ଉଗୋପେଲିସ ତଥ୍ୟ ସଂଗ୍ରହ ଧାରାରେ ଭଲ କାମ କରିଥିଲେ; କିନ୍ତୁ ସେ ୧୯୨୩ରେ ମରିଗଲେ । ଏହା ପରେ ବାର୍ତ୍ତୋଲି ଓ ବାର୍ତ୍ତୋନିଙ୍କର ମଧ୍ୟ ମୃତ୍ୟୁ ହେଲା । ଜଣେ ଲୋକଦ୍ୱାରା ପ୍ରତ୍ୟକ୍ଷଭାବରେ ସମସ୍ତ କାର୍ଯ୍ୟ କରାଇବାର ଉଦ୍ୟମର ସମାଧି ହେଲା ଓ ବାର୍ତ୍ତୋଲି ଓ ବାର୍ତ୍ତୋନିଙ୍କ ସଂଗୃହୀତ ତଥ୍ୟ ତୁରେନ ବିଶ୍ୱବିଦ୍ୟାଳୟର ଫାଇଲ ମଧ୍ୟରେ ରହିଲା ।

ଗିଲ୍ୟେରଁଙ୍କର ଅନ୍ୟ ଜଣେ ଶିଷ୍ୟ ବ୍ଲାଙ୍କାର୍ଟ ଡଚ ଉପଭାଷା ମାନଚିତ୍ର ପ୍ରସ୍ତୁତ ଦିଗରେ କାର୍ଯ୍ୟ କରିଥିଲେ । ୧୯୨୫ରେ କାମ ଆରମ୍ଭ ହୋଇଥିଲେ ହେଁ ପ୍ରକୃତ ଶୃଙ୍ଖଳାକ୍ରମ ୧୯୫୨ ମସିହା ବେଳକୁ ଆରମ୍ଭ ହୋଇଥିଲା । ସେ ନିଜେ ପ୍ରତ୍ୟକ୍ଷଭାବରେ ଲୋକଙ୍କୁ ପ୍ରଶ୍ନ ପଚାରି ମାନଚିତ୍ର ପ୍ରସ୍ତୁତି ପାଇଁ କାମ କଲେ । ଧ୍ୱନିଗତ ସାମାନ୍ୟତମ ପରିବର୍ତ୍ତନ ମଧ୍ୟ ଯେପରି ଉପେକ୍ଷିତ ନ ହୁଏ ସେ ଦିଗରେ ସେ ବିଶେଷ ସଜାଗ ଥିଲେ । ସେ ପ୍ରାୟ ୧୪୦ଟି ବାକ୍ୟ ବିଭିନ୍ନ ଅଞ୍ଚଳର କହିବା କଥା ଅନୁଯାୟୀ ଲିପିବଦ୍ଧ କଲେ; କିନ୍ତୁ ଏହା ତାଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ ଅସୁବିଧା ସୃଷ୍ଟି କଲା ବେଶି । ପ୍ରଥମତଃ ଡଚ ଭାଷାରେ ସନ୍ଧିର ଆଧିକ୍ୟ ହେତୁ କେତେକ ଆବଶ୍ୟକ ସମ୍ବାଦ ବାକ୍ୟ-ମାନଙ୍କରୁ ମିଳି ପାରିଲେ ନାହିଁ । ତହିଁରେ ପୁଣି ତରତର କଥା କହିଲାବେଳେ ବାକ୍ୟଗୁଡ଼ିକୁ ଖଣ୍ଡ ଖଣ୍ଡ କରି କାଟିବା ଯେପରି ଅସୁବିଧାଜନକ ସେଗୁଡ଼ିକୁ ମାନଚିତ୍ରରେ ଯଥାର୍ଥରେ ଦର୍ଶାଇବା ସେହିପରି ଅସୁବିଧାଜନକ ପ୍ରତିପନ୍ନ ହେଲା ।

ନିଉଇଂଲଣ୍ଡ ଉପଭାଷା ମାନଚିତ୍ର ପ୍ରସ୍ତୁତିରେ ହାନସକୁରାଥଙ୍କର ନାମ ଉଲ୍ଲେଖ ଯୋଗ୍ୟ । ପୂର୍ବବର୍ତ୍ତୀ ମାନଙ୍କର ଦୋଷ ଦୁର୍ବଳତା ପ୍ରତି ଅବହିତ ରହି ଏହି ନୂତନ ମାନଚିତ୍ର ପ୍ରସ୍ତୁତ ହୋଇଥିବାରୁ ଏଥିରେ ଦୁର୍ବଳତା ଅପେକ୍ଷାକୃତ କମ୍ । ଅନୁସନ୍ଧାନ କରାଯାଉଥିବା ପ୍ରତ୍ୟେକ ଗୋଷ୍ଠୀରୁ ତିନିଜଣ ଲେଖାଏଁ ଲୋକଙ୍କ ଠାରୁ ତଥ୍ୟ ସଂଗ୍ରହ କରାଯାଇଛି । ଜଣେ ବୟସ୍କ, ଜଣେ ମଧ୍ୟମ ବୟସ୍କ ପୁରୁଷ ବା ସ୍ତ୍ରୀ ଓ ଜଣେ ଶିକ୍ଷିତ ଲୋକ ଏହିପରି ଭାବରେ ପ୍ରତ୍ୟେକ ଗୋଷ୍ଠୀରୁ ବଛା ଯାଇଥିବାରୁ ତଥ୍ୟ ଅଧିକ ବିଶ୍ୱାସ୍ୟ ଓ ପ୍ରତିନିଧି ମୂଳକ ହୋଇ ପାରିଛି । ଫରାସୀ ଓ ଇଟାଲିଆନ ମାନଚିତ୍ରରେ ଏଥିରେ ମଧ୍ୟ ସଂଗୃହୀତ ତଥ୍ୟ ପରିବେଷଣ କରା ଯାଇଛି ।

ବିଭିନ୍ନ ପ୍ରକାର ଉପଭାଷା ଅଞ୍ଚଳ—ଏହି ସମସ୍ତ ଗବେଷଣା ଫଳରେ ବହୁ ମୂଲ୍ୟବାନ୍ ନୂତନ ତଥ୍ୟ ଆବିଷ୍କୃତ ହେବା ସଙ୍ଗେ ସଙ୍ଗେ କାର୍ଯ୍ୟ ପଦ୍ଧତିରେ ମଧ୍ୟ ବହୁ ଉନ୍ନତି ଘଟିଛି । ୧୮୭୬ରେ ସିଭର୍‌ସଙ୍କର ଉଚ୍ଚାରଣମୂଳକ ଧ୍ୱନିତତ୍ତ୍ୱ ଆଲୋଚନା ପ୍ରକାଶିତ ହେବା ଦିନଠାରୁ ଧ୍ୱନିବିଜ୍ଞାନରେ ସାଧାରଣ ନିୟମ ଆବିଷ୍କାର କରିବା ଦିଗରେ କାର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଉପଭାଷାତତ୍ତ୍ୱ ବିଗ୍ରହରେ ମଧ୍ୟ ଯଥେଷ୍ଟ ଉନ୍ନତି ଘଟିଛି । ଉଚ୍ଚାରଣ ମୂଳକ ଧ୍ୱନିତତ୍ତ୍ୱର ମୂଳ ସୂତ୍ରକୁ ମାନିନେଇ କାମ ଆରମ୍ଭ କରାଯାଇ ଥିଲେ ସୁଦ୍ଧା ଉପଭାଷାତତ୍ତ୍ୱ ଅନୁସନ୍ଧାନକାରୀମାନେ ଦେଖିଲେ ଯେ ବିଶେଷ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉନାହିଁ । କେତେକ ପ୍ରଶ୍ନ କଲେ, ଏହି ଉଚ୍ଚାରଣ ବୈଭିନ୍ନ୍ୟ କୌଣସି ଏକ ଅଞ୍ଚଳର କେନ୍ଦ୍ରସ୍ଥଳରେ ଦେଖା ନଯାଇ ଉପାନ୍ତ ଅଞ୍ଚଳରେ ବା ସୀମାରେ ଦେଖା ଯାଉଚି କାହିଁକି ? ଏହି ପ୍ରକାର ପ୍ରଶ୍ନର ଉତ୍ତରରେ ଉପଭାଷାତତ୍ତ୍ୱ ବିଗ୍ରହରେ ଏକ ନୂତନ ସିଦ୍ଧାନ୍ତ (hyPothesis)ର ସୃଷ୍ଟି ହେଲା । ତାହା ହେଉଛି, ଭାଷାରେ ଧ୍ୱନିପରିବର୍ତ୍ତନ କୌଣସି ଗୋଟିଏ ସ୍ଥାନରୁ ସୃଷ୍ଟି ହୋଇ କ୍ରମେ ଚାରିଆଡ଼କୁ ବ୍ୟାପେ । କ୍ରମେ ପରିବର୍ତ୍ତିତ ଶବ୍ଦର ଅନୁକରଣରେ ନୂତନ ସୃଷ୍ଟ ହୋଇ ପରିବର୍ତ୍ତିତ ଅଞ୍ଚଳଟିକୁ ଏକ ସ୍ୱତନ୍ତ୍ର ଅଞ୍ଚଳ ରୂପେ ଚିହ୍ନିତ କରେ । ସାଧାରଣତଃ ଗୋଟିଏ ସହର ଗୋଟିଏ ଗୋଟିଏ ଅଞ୍ଚଳର ସାଂସ୍କୃତିକ କେନ୍ଦ୍ର ରୂପେ ଚିହ୍ନି ଉଠେ ଓ ଏହି ସ୍ଥାନରୁ ପରିବର୍ତ୍ତନ ବା ନୂତନ ସୃଷ୍ଟିମାନ ଚାରିଆଡ଼କୁ ବିକୀର୍ଣ୍ଣ ହୁଏ । ଯେଉଁ ଅଞ୍ଚଳରୁ ଏ ପ୍ରକାର ବିକିରଣ ଆରମ୍ଭ ହୁଏ ତାକୁ FOCAL AREA କୁହାଯାଏ । ପରିବର୍ତ୍ତନର ବ୍ୟାପ୍ତି ଏକ ବିଶେଷ ଅଞ୍ଚଳକୁ ଗର୍ଭିତ କରିପାରେ, କିନ୍ତୁ ସେହି ଅଞ୍ଚଳର କୌଣସି ଅଂଶରେ ଯଦି ପ୍ରାଚୀନ ଉଚ୍ଚାରଣ ପଦ୍ଧତିରେ ପରିବର୍ତ୍ତନ ନ ଘଟି ତାହା ପୂର୍ବପରି ଚଳେ ତେବେ ପ୍ରାଚୀନ ରୀତିରେ ଉଚ୍ଚାରିତ ଶବ୍ଦଟିକୁ Relic form ଓ ତାହା ଚଳୁଥିବା ଅଞ୍ଚଳଟିକୁ Relic area କୁହାଯାଏ ।

ପରିବର୍ତ୍ତନ ଗୋଟିଏ ସ୍ଥାନରୁ ଆରମ୍ଭ ହୋଇ ବ୍ୟାପିବା ଭାବନାରୁ Isogloss ଧାରଣା ଏକ ନିର୍ଦ୍ଦିଷ୍ଟ ରୂପ ନେଲା । ଯେ କୌଣସି ଭାଷାଗତ ପ୍ରୟୋଗର ବହିଃସୀମାକୁ ଗୋଟିଏ Isogloss ରୂପେ କଳନା କରି ତାହାର ଭିତରେ ଉପଭାଷା ଅଞ୍ଚଳ ନିର୍ଦ୍ଧାରଣ କରିବା ସୁବିଧାଜନକ ହେଲା । ସବୁ-

ବେଳେ ବିଭିନ୍ନ ପରିବର୍ତ୍ତନ ଏକ ରୈଖିକ ଗଣ୍ଡରେ ଘଟେ ନାହିଁ । ବିଭିନ୍ନ ପରିବର୍ତ୍ତନ କେନ୍ଦ୍ର (Focal area)ର ସୀମାରେଖାର ମିଳନ ଅଞ୍ଚଳକୁ ଅନ୍ତର୍ବର୍ତ୍ତୀ ଅଞ୍ଚଳ (Graded area ବା transition area) ରୂପେ ନାମିତ କରାଯାଇଥାଏ । ଗୋଟିଏ ଚିତ୍ର ସାହାଯ୍ୟରେ ଏହି ଅଞ୍ଚଳଗୁଡ଼ିକ ଦେଖାଇ ଦେଲେ କଥାଟି ଆଉ ଟିକିଏ ପରିଷ୍କାର ହେବ ।



ଯଦି ଏକଥା ଦର୍ଶାଯାଇ ପାରିବ ଯେ ଏକ ସମୟରେ କ ଓ ଖ ଅଞ୍ଚଳ ସମେତ ସମସ୍ତ ସ୍ଥାନରେ ଏକପ୍ରକାର ଭାଷାଗତ ଅବସ୍ଥା ଥିଲା ଓ ପରେ ନୂତନ ପରିବର୍ତ୍ତନ କ ଓ ଖ ଅଞ୍ଚଳ ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳକୁ ଗର୍ଭିତ କଲା, ତେବେ କ ଓ ଖ ଅଞ୍ଚଳକୁ Relic area କୁହାଯିବ । ତାହା ନୋହିଲେ କ ଓ ଖ ଅଞ୍ଚଳରେ ନୂତନ ପରିବର୍ତ୍ତନ ସୃଷ୍ଟି ହୋଇ ତାହା ଅନ୍ୟାନ୍ୟ ଅଞ୍ଚଳରୁ ବିଚ୍ଛିନ୍ନ ଓ ସ୍ୱତନ୍ତ୍ର ହେଲେ ତାହାକୁ Ralic area କହିବାର କୌଣସି କାରଣ ନାହିଁ ।

ଏହି ଅଞ୍ଚଳଗୁଡ଼ିକୁ ଧ୍ୱନି-ପରିବର୍ତ୍ତନ ଓ ତାହାର ବ୍ୟାପ୍ତି ଦୃଷ୍ଟିରୁ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । ଯେଉଁ ଅଞ୍ଚଳରୁ ବିଭିନ୍ନ ନୂତନ ଭାଷାଗତ ବିଭାବର ବିକିରଣ ହୁଏ ସେହି ଅଞ୍ଚଳକୁ Active area କୁହାଯାଏ । ଅନ୍ୟପକ୍ଷରେ ଯେଉଁ ଅଞ୍ଚଳ ପରିବର୍ତ୍ତନ ବା ନୂତନ ପ୍ରୟୋଗ ଗ୍ରହଣରେ ସମ୍ପୂର୍ଣ୍ଣ ବୀତସ୍ପୃହ, ସେହି ଅଞ୍ଚଳକୁ Passive area କୁହାଯାଇ ପାରେ । ଗୋଟିଏ ଦୃଷ୍ଟିରୁ ଦେଖିଲେ ଏଇ passive area ହେଉଛି relic area, କିନ୍ତୁ ମନେ ରଖିବାକୁ ହେବ ଯେ ଏ ଦୁଇ ପ୍ରକାର ବିଭାଗୀକରଣର ଆଭିମୁଖ୍ୟ ଭିନ୍ନ ।

ଉପଭାଷା-ମାନଚିତ୍ର ଅଙ୍କନ—ପୂର୍ବେ ସୂଚନାରେ କୁହାଯାଇଛି ଯେ ଫରାସୀ, ଇଟାଲୀ ଓ ନିଉଇଂଲଣ୍ଡର ଉପଭାଷା-ମାନଚିତ୍ରରେ ସଂଗୃହୀତ ତଥ୍ୟ ସନ୍ନିବିଷ୍ଟ କରାଯାଇଛି । ସଂଗ୍ରାହକ ଇଚ୍ଛା କରିଥିଲେ ଏଗୁଡ଼ିକ ସ୍ୱତନ୍ତ୍ର ତାଲିକା ଆକାରରେ ଦେଇ ପାରିଥାନ୍ତେ । ଏହି ପ୍ରକାର ମାନଚିତ୍ରରୁ ଅନୁସନ୍ଧାନକାରୀଙ୍କୁ ଆପଣାର ମାନଚିତ୍ର ପ୍ରୟୋଜନମତେ ଆଙ୍କିବାକୁ ପଡ଼ିବ । ଜର୍ମାନ ମାନଚିତ୍ରରେ ବିଭିନ୍ନ ଭାଷାଗତ ପ୍ରୟୋଗର ପାରସ୍ପରିକ ସମ୍ପର୍କର ଏକ Visual representation ଦିଆଯାଇଛି । ମନେ କରାଯାଉ ଯେ 'କ' 'ଣ' କଥାଟିର ତିନି ପ୍ରକାର ଉଚ୍ଚାରଣ ଅଛି । ଆମେ ଏଠାରେ କ୍ ଓ ଣ୍ ମଝିରେ

ଥିବା ସ୍ୱରବର୍ଣ୍ଣ ସହିତ ସଂପୃକ୍ତ ବୋଲି ଧରି ନିଆଯାଉ । ତାହା ହେଲେ [ଅ]ା, [ଅ ଅ] ୦, ଓ [ଆ ଆ] ୦ ରୂପେ ଗ୍ରହଣ କଲେ ନିମ୍ନଲିଖିତ ପ୍ରକାରର ମାନଚିତ୍ର ଅଙ୍କନ କରାଯାଇ ପାରିବ ।



ଏହି ପ୍ରକାର ମାନଚିତ୍ରକୁ ମୁକ୍ତ ମାନଚିତ୍ର (Open map) କୁହାଯାଇ ପାରେ । ଏହା ଅତ୍ୟନ୍ତ ପ୍ରୟୋଜନ, କିନ୍ତୁ ଏଥିରେ ଅସୁବିଧା ହେଉଛି ଯେ ଏକକାଳୀନ ଦୁଇଟି ବା ତତୋଽଧିକ ପରିବର୍ତ୍ତନ ଏଥିରେ ଦେଖା ଯାଇ ପାରିବ ନାହିଁ । ଯଦି କୌଣସି ଗୋଟିଏ ଶବ୍ଦରେ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣ ଉଭୟ ସ୍ଥାନରେ ପରିବର୍ତ୍ତନ ଘଟିଥାଏ, ତେବେ ତାହା ଏ ପ୍ରକାର ମାନଚିତ୍ରରେ ଦେଖାଇବା ସମ୍ଭବ ହେବ ନାହିଁ; କିନ୍ତୁ ବର୍ତ୍ତମାନ ଭାଷାବିଜ୍ଞାନମାନଙ୍କର ଯେଉଁ ମାନଚିତ୍ରରେ ପରିବର୍ତ୍ତନର କେବଳ ଗୋଟିଏ ଲେଖାଏ ବିଭାଗ ଦେଖାଇ ଦିଆଯାଇଥାଏ ତାହାହିଁ ଶ୍ରେଷ୍ଠ ମାନଚିତ୍ର ।

ଉପଭାଷା ଅଞ୍ଚଳ ଦେଖାଇବା ପାଇଁ ଆଉ ଏକ ପ୍ରକାର ମାନଚିତ୍ର ଅଙ୍କନ କରାଯାଇ ପାରେ ଯାହାକୁ କି ସାଧାରଣତଃ ଆବଦ୍ଧ ମାନଚିତ୍ର (Close map) ରୂପେ ଅଭିହିତ କରାଯାଏ । ଯଦି କୌଣସି ଅଞ୍ଚଳରେ ଅଗ୍ରସ୍ୱର ଓ

ପଶ୍ଚସ୍ୱରର ବ୍ୟାପ୍ତି ଦେଖାଯାଏ ତେବେ ହୁଏ ତ ନିମ୍ନଲିଖିତ ରୂପେ ଏକ ଚିତ୍ର ଅଙ୍କନ କରାଯାଇ ପାରିବ ।

ଏ ପ୍ରକାର ମାନଚିତ୍ର କେତେକ ଦୃଷ୍ଟିରୁ ପ୍ରୟୋଜନ ହୋଇ ପାରେ; କିନ୍ତୁ ବହୁ ସମୟରେ ଏଥିରେ ଆବଶ୍ୟକ ତଥ୍ୟ ପରିସ୍ଫୁଟ ଭାବରେ ପ୍ରକାଶ ପାଏ ନାହିଁ । X ଗ୍ରାମରେ ପଶ୍ଚସ୍ୱରର ଚଳଣି ଥାଇ ପାରେ; କିନ୍ତୁ ଉକ୍ତ ଗ୍ରାମରେ ହୁଏତ ଆଲୋଚିତ ଶବ୍ଦଟି ଆଦୌ ବ୍ୟବହୃତ ହୁଏନାହିଁ । ତାହା ହେଲେ ଏପରି ମାନଚିତ୍ରରୁ ସ୍ପଷ୍ଟ ଚିତ୍ର ଅଙ୍କନ କରିବାରେ ଅସୁବିଧା ଯେ ରହିଛି ଏକଥା ସ୍ୱୀକାର କରିବାକୁ ହେବ ।

ଉପଭାଷା ଭୂଗୋଳ ଓ ତୁଳନାତ୍ମକ ଭାଷାବିଜ୍ଞାନପଦ୍ଧତି-
ଭାଷାବିଜ୍ଞାନରେ ତୁଳନାତ୍ମକ ପଦ୍ଧତି କେତେକ ମୂଳସୂତ୍ର ଗ୍ରହଣ କରି ଆଲୋଚନାରେ ଅଗ୍ରସର ହୋଇଥାଏ । ଏହି ସୂତ୍ର ଗୁଡ଼ିକର କାର୍ଯ୍ୟକାରୀ ପ୍ରୟୋଜନ ଥିଲେ ସୁଦ୍ଧା ପ୍ରତ୍ୟେକଟି ଆଂଶିକ ସତ୍ୟ । ପ୍ରଥମତଃ ଗ୍ରହଣ କରି ନିଆଯାଏ ଯେ ପୁନର୍ଗଠିତ ଆଦି ଭାଷାର ସ୍ୱରୂପ ଏକକ ଓ ଭିନ୍ନତା ବର୍ଜିତ

ଜନ୍ତୁ ପୃଥିବୀରେ କୌଣସି ଭାଷା ଭିନ୍ନତା ବର୍ଜିତ ନୁହେଁ । ଯେଉଁମାନେ ଭାରତ-ଇଉରୋପୀୟ ଆର୍ଯ୍ୟଭାଷା ଆଲୋଚନା କରନ୍ତି, ସେମାନେ ଜାଣନ୍ତି ଯେ କେଣ୍ଟୁମ୍ ଓ ଶତମ୍ ଭେଦରେ ମୂଳ ଭାରତୀୟ ଆର୍ଯ୍ୟଭାଷାର ବିଭାଗ, ଭାଷାରେ ଉପଭାଷା ବିଭାଗ ସ୍ୱୀକାର ବ୍ୟତୀତ ଅନ୍ୟ କିଛି ନୁହେଁ । ଯେ କୌଣସି ସାମ୍ପ୍ରତିକ ଭାଷା ଆଲୋଚନା କଲେ ମଧ୍ୟ ସେହି ଏକ କଥା ଦେଖିବାକୁ ମିଳିବ । ଓଡ଼ିଆଭାଷା କହିଲେ ବିଭିନ୍ନ ଉପଭାଷା ଅଞ୍ଚଳକୁ ବାଦ୍ ଦେଇ କୌଣସି ଏକ ନିଷ୍ଠିତ ଅପରିବର୍ତ୍ତନୀୟ ଭାଷାଭାଷୀଙ୍କୁ ବୁଝିବା ଅସମ୍ଭବ ।

ତୁଳନାତ୍ମକ ଭାଷା-ବିଜ୍ଞାନର ଅନ୍ୟ ଏକ ଗୃହୀତ ସୂତ୍ର ହେଉଛି ଭାଷାରେ ହଠାତ୍ ସ୍ୱତନ୍ତ୍ରତା ସୃଷ୍ଟି । ଭାଷାକୁ ଗଭୀରଭାବରେ ଅଧ୍ୟୟନ କଲେ ଦେଖାଯିବ ଯେ ଭାଷା ବିକାଶରେ ବିଭିନ୍ନତା ସୃଷ୍ଟି ଏକ କ୍ରମିକ ପ୍ରକ୍ରିୟା । ଯେଉଁମାନେ ପରସ୍ପର ନିରପେକ୍ଷ ଏକ ଭାଷା ପରିବାରଭୁକ୍ତ ଭାଷାମାନଙ୍କର କଳ୍ପନା କରନ୍ତି ସେମାନେ ନିତାନ୍ତ ଅବାସ୍ତବ ପରିକଳ୍ପନା କରନ୍ତି, ଏଥିରେ ସନ୍ଦେହ ନାହିଁ । ତଳେ ଦିଆଯାଇଥିବା ଚିତ୍ରରୁ ସହଜେ ଜାଣି ହେବ ଯେ ଖ ଓ ଗ ଭାଷା ପରସ୍ପର ସହିତ ଯେପରି ଘନିଷ୍ଠ ଭାବରେ ସମ୍ପୃକ୍ତ ଉଭୟଙ୍କ



କ ଖ ଗ



ମଧ୍ୟରୁ କେଉଁ କ ଭାଷା ସହିତ ସେପରି ଘନିଷ୍ଠ ଭାବରେ ସମ୍ପୃକ୍ତ ନୁହନ୍ତି । ଐତିହାସିକ ପ୍ରମାଣ ବ୍ୟତିରେକେ ଏପରି ଏକ ସିଦ୍ଧାନ୍ତରେ ଉପନୀତ ହେବା କିଛି ଆଶ୍ଚର୍ଯ୍ୟ ନୁହେ । ମନେ ରଖିବାକୁ ହେବ ଯେ ଘନିଷ୍ଠଭାବରେ ସମ୍ପର୍କିତ ଦୁଇଟି ଉପଭାଷାର ସମ୍ପର୍କ ନିର୍ଣ୍ଣୟ ଓ ପ୍ରଦର୍ଶନ କରିବାରେ ତୁଳନାତ୍ମକ ପଦ୍ଧତି ସବୁଠାରୁ ଶ୍ରେଷ୍ଠ ପନ୍ଥା ନୁହେଁ । ଉପଭାଷା ଭୂଗୋଳ-ସୂତ୍ରରେ ମାନଚିତ୍ର ଅଙ୍କନ କରି ଏହି ସମ୍ପର୍କକୁ ଅଧିକ ପରିସ୍ଫୁଟ ଓ ଅର୍ଥବନ୍ତଭାବରେ ପ୍ରକାଶ କରାଯାଇ ପାରେ ।

ଉପଭାଷାତତ୍ତ୍ୱ ଅଧ୍ୟୟନରୁ କେତେକ ପଣ୍ଡିତ ନାନାପ୍ରକାର ଐତିହାସିକ ସିଦ୍ଧାନ୍ତରେ ପହଞ୍ଚିବାକୁ ଚେଷ୍ଟା କରିଛନ୍ତି । ନୃତତ୍ତ୍ୱବିଦ୍‌ମାନେ ଲୋକପ୍ରବାହ (Migration) ଦୃଷ୍ଟିରୁ Age area hypothesis ନାମକ ଏକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଭାଷାବିଜ୍ଞାନରେ ଏହାର ସମାନ୍ତର ଚିନ୍ତାଧାରା ହେଉଛି ଆଞ୍ଚଳିକ ଭାଷାବିଜ୍ଞାନ (areal linguistics) । ଇଟାଲିଆନ ଉପଭାଷା ମାନଚିତ୍ରର ସ୍ରଷ୍ଟାପ୍ରମୁଖ ପଣ୍ଡିତ ବାର୍ତୋଲି ପ୍ରଥମେ ଏହି ପରିଭାଷା ବ୍ୟବହାର କରିଥିଲେ । ଯେଉଁ ଅଞ୍ଚଳରେ କୌଣସି ଭାଷାଭାଷୀମାନେ ବହୁ ଅଞ୍ଚଳବ୍ୟାପୀ ବସତି ସ୍ଥାପନ କରିଛନ୍ତି ସେମାନଙ୍କୁ ଅପେକ୍ଷାକୃତ ପରବର୍ତ୍ତୀ କାଳର ଅଧିବାସୀ ବୋଲି ଏହି ନିୟମ ଅନୁସାରେ ଗ୍ରହଣ କରିବାକୁ ହେବ । ପୁଣି ଯଦି ଦୂରରେ ବିଚ୍ଛିନ୍ନଭାବରେ ସେହି ଭାଷାଭାଷୀମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଥାଆନ୍ତି, ତେବେ ତାହାକୁ ପ୍ରାଚୀନ ବସତି ଓ ଲୋକପ୍ରବାହର ଗତି ସେହି ସ୍ଥାନରୁ ବହୁଳ ବସତି ଅଞ୍ଚଳକୁ ହୋଇ ଥିବାର ଧରି ନିଆଯାଏ । ଉଦାହରଣ ସ୍ୱରୂପ ଭାରତବର୍ଷରେ ଦ୍ରାବିଡ଼ଭାଷୀ ଅଞ୍ଚଳକୁ ଗ୍ରହଣ କରାଯାଇ ପାରେ । ମୁଖ୍ୟତଃ ଦକ୍ଷିଣ ଭାରତରେ ଦ୍ରାବିଡ଼ଭାଷୀମାନେ ବାସ କରନ୍ତି, କିନ୍ତୁ ଭାରତର ଉତ୍ତରାଞ୍ଚଳରେ ବ୍ରାହୁଇଭାଷୀ ଦ୍ରାବିଡ଼ମାନଙ୍କର ସ୍ଥିତି ସମ୍ବନ୍ଧରେ ଅବହିତ ହେବାପରେ ଉତ୍ତର-ଭାରତରେ ଦ୍ରାବିଡ଼ମାନଙ୍କର ଅବସ୍ଥିତି ଓ ଉତ୍ତରାଞ୍ଚଳରୁ ଦକ୍ଷିଣ ଆଡ଼କୁ ଦ୍ରାବିଡ଼ଭାଷୀ ଲୋକମାନଙ୍କର ଆଗମନ ସମ୍ବନ୍ଧରେ ଭାଷାଭିତ୍ତିରେ ନିଶ୍ଚିତ ସିଦ୍ଧାନ୍ତ କରିବା ସମ୍ଭବପର ହୋଇଛି । ଏଠାରେ ଲକ୍ଷ୍ୟ କରିବାର କଥା ଯେ ଅପେକ୍ଷାକୃତ ବିସ୍ତୃତ ଓ ଘନଭାବରେ ଏକଭାଷାଭାଷୀ ଅଞ୍ଚଳ ଅପେକ୍ଷା ଦୂରସ୍ଥ ଅଞ୍ଚଳରେ ଭାଷାମାନଙ୍କ ମଧ୍ୟରେ

ସାଧାରଣତଃ ଅଧିକ ପାର୍ଥକ୍ୟ ଦେଖାଯାଏ । ଏହି ପାର୍ଥକ୍ୟ ହିଁ ଲୋକପ୍ରବାହର ସୂଚକ । କେତେକ ଉଦାହରଣ ଦେଲେ କଥାଟି ଆଉ ଟିକିଏ ପରିଷ୍କାର ହେବ । ଉତ୍ତର ଆମେରିକାର ମାନଚିତ୍ରଟି ବିଚାର କରାଯାଉ ।



୧ ଓ ୨ ନମ୍ବର ଭାଷା ଖ ଅଞ୍ଚଳର ଭାଷାମାନଙ୍କ ସହ ସମ୍ପୃକ୍ତ । ଖ ଅଞ୍ଚଳରେ ଏକାଧିକ ଭାଷା ଅଛି; କିନ୍ତୁ ସେଗୁଡିକ ପରସ୍ପର ସହ ଯେତେ ଘନିଷ୍ଠଭାବେ ସମ୍ପୃକ୍ତ ୧ ଓ ୨ ପରସ୍ପର ସହ ସେତେ ଘନିଷ୍ଠଭାବେ ସମ୍ପୃକ୍ତ ନୁହନ୍ତି । ଏଥିରୁ ସିଦ୍ଧାନ୍ତ କରାଯାଇ ପାରେ ଯେ ଖ ଅଞ୍ଚଳରେ ଅପେକ୍ଷାକୃତ ପରବର୍ତ୍ତୀ କାଳରେ ଲୋକ ପ୍ରବାହଫଳରେ ବସତି ସ୍ଥାପିତ ହୋଇଛି । ଏହା ଅନ୍ୟାନ୍ୟ ତଥ୍ୟଦ୍ୱାରା ମଧ୍ୟ ସମର୍ଥିତ ।

ଉତ୍ତର-ପଶ୍ଚିମ ଇଣ୍ଡୋଇରାନୀ ଭାଷାଗୁଡ଼ିକ ଭାରତର ଉତ୍ତରାଞ୍ଚଳର ଭାଷା କିମ୍ବା ଇରାନର ପଶ୍ଚିମାଞ୍ଚଳର ଭାଷା ତୁଳନାରେ ପରସ୍ପର ସହିତ ଖୁବ୍ ଶିଥିଳ ଭାବରେ ସମ୍ପର୍କିତ । ଉତ୍ତର-ପଶ୍ଚିମାଞ୍ଚଳର ଲୋକପ୍ରବାହର ସୂଚନା ସ୍ୱରୂପ ଏହି ପ୍ରମାଣକୁ ଗ୍ରହଣ କରାଯାଇ ପାରେ । ସେହିପରି ଭାବରେ ଆଫ୍ରିକାର ବାଣ୍ଟୁ ଅଞ୍ଚଳକୁ ଅପେକ୍ଷାକୃତ ପରବର୍ତ୍ତୀ କାଳର ଲୋକବସତି ରୂପେ ଉପଭାଷା ଭୂଗୋଳ ମାନଚିତ୍ର ସାହାଯ୍ୟରେ ମଧ୍ୟ ଦେଖାଇ ଦିଆଯାଇ ପାରେ ।

ଆଲୋଚନାର ପରିସମାପ୍ତି ପୂର୍ବରୁ ଗୋଟିଏ ଦୁଇଟି ବିଷୟରେ ଆଲୋଚକଙ୍କର ଦୃଷ୍ଟି ଆକର୍ଷଣ କରିବା ପ୍ରୟୋଜନ । ଏକ କାଳରେ ପଣ୍ଡିତ ମାନେ ଉପଭାଷା ଆଲୋଚନାକୁ ଅଶ୍ରଦ୍ଧା ଦୃଷ୍ଟିରେ ଦେଖୁ ଥିଲେ । ବର୍ତ୍ତମାନ ନାନା କାରଣରୁ (ଏବଂ ଏହା ମଧ୍ୟରେ ରାଜନୈତିକ କାରଣ ଏକ ବିଶେଷ ସ୍ଥାନ ଅଧିକାର କରିଛି) ଉପଭାଷା ଅଧ୍ୟୟନ ପ୍ରତି ଆଗ୍ରହ ଅତି ମାତ୍ରାରେ ବଢି ଯାଇଛି । ଫଳରେ ଉପଭାଷାମାନଙ୍କର ବ୍ୟାକରଣଗତ ସାମ୍ୟ ପ୍ରତି ଦୃଷ୍ଟି ନ ରଖି ପଣ୍ଡିତମାନେ ସାମାନ୍ୟତମ ପାର୍ଥକ୍ୟ ଭିତ୍ତିରେ ବିଭିନ୍ନ ଉପଭାଷା ଆଲୋଚନାରେ ବ୍ୟସ୍ତ । ଏତିକି କହିଲେ ପର୍ଯ୍ୟାପ୍ତ ହେବ ଯେ ଯେଉଁମାନେ ଜଙ୍ଗଲକୁ କେବଳ ଗଛ ବୋଲି ବିଚାରନ୍ତି ସେମାନେ ଯେତିକି ପରିମାଣରେ ଭ୍ରାନ୍ତ ଯେଉଁମାନେ ଗଛଟିଏ ଦେଖିଲେ ଜଙ୍ଗଲ ଭ୍ରମ କରନ୍ତି ସେମାନେ ମଧ୍ୟ ସେତିକି ପରିମାଣରେ ଭ୍ରାନ୍ତ ।

ଅସମୀୟା ଓ ଓଡ଼ିଆ ଭାଷାର ଏକ ତୁଳନାତ୍ମକ ବିଶ୍ଳେଷଣ

ଅଧ୍ୟାପକ—ଶ୍ରୀ ଫଣୀନ୍ଦ୍ର ନାରାୟଣ ଦତ୍ତବରୁଆ

କାରକ ଏବଂ ବିଭକ୍ତି

ଅସମୀୟା, ବଙ୍ଗଳା ଏବଂ ଓଡ଼ିଆ ଯେ ଏକ ମାତାର ତିନୋଟି ସନ୍ତାନ ଭାଷାବିତ୍‌ମାନଙ୍କର ଏହି ଉକ୍ତି ବର୍ତ୍ତମାନର ସାହିତ୍ୟ-ଜଗତରେ ସୁପ୍ରତିଷ୍ଠିତ ହୋଇ ସାରିଛି । ତେଣୁ ସେ ବିଷୟରେ ପୁନଃଆଲୋଚନାର ଆବଶ୍ୟକତା ନାହିଁ । ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ଏବଂ ଆସାମ ବଙ୍ଗଳାଦ୍ୱାରା ବିଚ୍ଛିନ୍ନ ହେଲେ ମଧ୍ୟ ଭାଷା ଓ ସଂସ୍କୃତି କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ ପ୍ରଭୂତ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ବର୍ତ୍ତମାନର ଆଲୋଚ୍ୟ ପ୍ରବନ୍ଧ ମଧ୍ୟରେ ଓଡ଼ିଆ ଭାଷା ଓ ଅସମୀୟା ଭାଷାର କାରକ ବିଭକ୍ତି ସମ୍ବନ୍ଧରେ ସମ୍ୟକ୍ ଆଲୋକପାତ କରାଯିବାର ପ୍ରଚେଷ୍ଟା ହୋଇଛି ମାତ୍ର ।

୧ । କର୍ତ୍ତାକାରକ—ପ୍ରଥମା ବିଭକ୍ତି

(କ) ଓଡ଼ିଆ ଭାଷାର କାରକ ଏବଂ ବିଭକ୍ତି ଭଳି ଅସମୀୟା ଭାଷାରେ ମଧ୍ୟ ଛଅଟି କାରକ ଏବଂ ବିଭକ୍ତି ରହିଛି । ଯଥା—କର୍ତ୍ତା, କର୍ମ, କରଣ; ସମ୍ପ୍ରଦାନ; ଅପାଦାନ, ଅଧିକରଣ ଏବଂ ଷଷ୍ଠୀ ବିଭକ୍ତିରେ ସମ୍ବନ୍ଧପଦ ହୁଏ; କିନ୍ତୁ ଏହାସତ୍ତ୍ୱେ ମଧ୍ୟ ଦୁଇ ଭାଷା ମଧ୍ୟରେ

କେତେକ ମୌଳିକ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଉଦାହରଣ-ସ୍ୱରୂପ—କର୍ତ୍ତାକାରକ କ୍ଷେତ୍ରରେ ଅସମୀୟା ଭାଷାର ପଦଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ବିଭକ୍ତି ଚିହ୍ନ ଗ୍ରହଣ କରିଥାନ୍ତି; କିନ୍ତୁ ଓଡ଼ିଆ-ଭାଷାରେ ସେ ଭଳି ପରିଦୃଷ୍ଟ ହୁଏନାହିଁ । ଓଡ଼ିଆ ଭାଷାର ପଦ-ଗୁଡ଼ିକହିଁ କର୍ତ୍ତାକାରକରୂପେ ସୂଚିତ ହୁଅନ୍ତି ।

ଉଦାହରଣ—'ହରିୟେ ଖେଲିଛେ' (ଅସମୀୟା)
ହରି ଖେଳୁଛି (ଓଡ଼ିଆ)

(ଖ) ଅସମୀୟା ଭାଷାରେ ସର୍ବନାମ ଓ ବିଶେଷ୍ୟପଦଗୁଡ଼ିକ କର୍ତ୍ତାକାରକ କ୍ଷେତ୍ରରେ ପୃଥକ୍ ରୂପରେ ପ୍ରକାଶ ପାଇଥାନ୍ତି ।

ଉଦାହରଣ—ଯଦୁଭଟ୍ଟେ, ଲରାଇ, ଦେବାୟେ ।

(ଗ) କର୍ତ୍ତାରୂପରେ ବ୍ୟବହୃତ ବିଶେଷ୍ୟ ପଦଗୁଡ଼ିକ କ୍ରିୟାର ପ୍ରକୃତି ନେଇ ପରିବର୍ତ୍ତିତ ହୋଇଥାଏ । ସାଧାରଣତଃ ଅସମୀୟା ଭାଷାରେ ସକର୍ମକ କ୍ରିୟାର କର୍ତ୍ତା ସହିତ ବିଭକ୍ତି ଯୁକ୍ତ ହୁଏ; କିନ୍ତୁ ଅକର୍ମକ କ୍ରିୟାରେ ସେ ଭଳି ପରିଦୃଷ୍ଟ ହୁଏ ନାହିଁ । ଏହି ସାଧାରଣ ନିୟମର ବାହାରେ କେତେକ ବ୍ୟତିକ୍ରମ ମଧ୍ୟ ପରିଲକ୍ଷିତ ହୁଏ । ଅସମୀୟା ଭାଷାରେ ନିମ୍ନଲିଖିତ ପ୍ରଥମାବିଭକ୍ତିର ଚିହ୍ନ ପରିଲକ୍ଷିତ ହୁଏ ।

୧— e — ଏ
୨— i — ଇ
୩— 0 — ଶୂନ୍ୟ,

(ଘ) ଏହା ଦ୍ରଷ୍ଟବ୍ୟ ଯେ ଅସମୀୟା ଭାଷାରେ ପ୍ରାୟ ସମସ୍ତ ବିଶେଷ୍ୟପଦ ଗୁଡ଼ିକ ବ୍ୟଞ୍ଜନାନ୍ତ; କିନ୍ତୁ ଓଡ଼ିଆ ଭାଷାର ପ୍ରାୟ ସମସ୍ତ ବିଶେଷ୍ୟ ପଦ ସ୍ୱର-ବର୍ଣ୍ଣାନ୍ତକ । ଅସମୀୟା ଭଷାରେ ସକର୍ମକ କ୍ରିୟାଯୁକ୍ତ ବ୍ୟଞ୍ଜନାନ୍ତ ପଦଗୁଡ଼ିକରେ କର୍ତ୍ତା କାରକରେ 'ଏ' ଯୁକ୍ତ ହୁଏ ।

ଉଦାହରଣ ସ୍ୱରୂପ—ରାମେ ଭାତ୍ ଖାଏ (ରାମ ଭାତ ଖାଏ)

'ଈଶ୍ୱରେ ଅମ୍ହାକ ସୃଜଛେ (ଈଶ୍ୱର ଆମ୍ଭଙ୍କୁ ସୃଜିଛନ୍ତି ? ଓଡ଼ିଆ ଭାଷାରେ ବ୍ୟଞ୍ଜନାନ୍ତ ଶବ୍ଦ ବିରଳ ହେତୁ ଏଭଳି ଦୃଷ୍ଟାନ୍ତ ପରିଦୃଷ୍ଟ ହୁଏ ନାହିଁ ।

(ଙ) ସକର୍ମକ କ୍ରିୟା କ୍ଷେତ୍ରରେ 'ଅ' କାରାନ୍ତ ଓ ଆକାରାନ୍ତ ବିଶେଷ୍ୟ ପଦଗୁଡ଼ିକ କର୍ତ୍ତାକାରକରେ 'ଇ' ଯୁକ୍ତ ହୁଅନ୍ତି ।

ଅସମୀୟା ଭାଷାରେ ଶବ୍ଦଗୁଡ଼ିକର ଶେଷରେ ଯୁକ୍ତାକ୍ଷର ରହିଲେ ତାହା 'ଅ' ଯୁକ୍ତ ହୋଇ ଉଚ୍ଚାରିତ ହେବ ।

ଉଦାହରଣ—ପାରଇ କନି ପାରେ (ପାରା ଅଣ୍ଡାଦିଏ)
ମିଶ୍ରଇ ଶିକ୍ଷକତା କରେ (ମିଶ୍ରେ ଶିକ୍ଷକତା କରନ୍ତି)
ରଜାଇ ରାଜ୍ୟ ଶାସନ କରେ (ରଜା ରାଜ୍ୟ ଶାସନ କରନ୍ତି)
ଲତାଇ ଗାଖୀର ବେଚେ (ଲତା ଦୁଧ ବିକ୍ରି କରେ)

(ଓଡ଼ିଆ ଭାଷାରେ କେତେକ ସ୍ଥାନରେ ମାନ୍ୟାର୍ଥରେ ଉପନାମ ସହିତ 'ଏ' କାର ଯୁକ୍ତ ହୁଏ ଯଥା—ମିଶ୍ରେ କହିଲେ; ରଥେ ବସିଛନ୍ତି)

(ଚ) ସକର୍ମକ କ୍ରିୟାକ୍ଷେତ୍ରରେ ଇ-କାରାନ୍ତ ବିଶେଷ୍ୟପଦଗୁଡ଼ିକ କର୍ତ୍ତାକାକରେ 'ଏ' ଯୁକ୍ତ ହୁଅନ୍ତି । ଏବଂ ଇ-କାରାନ୍ତ ଓ ଉ କାରନ୍ତ ଶବ୍ଦ ଗୁଡ଼ିକର ବିଭକ୍ତି-ଯୁକ୍ତ ପୂର୍ବରୁ ଯଥାକ୍ରମେ 'ୟ' ଓ ୱ୍‌ର ଆଗମ ହୁଏ ।

ଯଥା--ହରିୟେ କରେ (ହରି କରେ)
ଯଦୁୱେ ଖାଏ (ଯଦୁ ଖାଏ)

(ଛ) ଅସମୀୟା ଭାଷାରେ ଅତି ଅଳ୍ପସଂଖ୍ୟକ ଏକାରାନ୍ତ ଓ ଓକାରାନ୍ତ ବିଶେଷ୍ୟ ପଦ ପରିଲକ୍ଷିତ ହୁଏ । ସକର୍ମକ କ୍ରିୟାରେ କର୍ତ୍ତାକାରକ ସହିତ ଏ-କାରାନ୍ତ ଶବ୍ଦ ସହିତ ଏବଂ ଓକାରାନ୍ତ ଶବ୍ଦ ସହିତ 'ୱେ' ଯୁକ୍ତ ହୁଏ ।

ଉଦାହରଣ—ହରେ ଭାତ ଖାଏ—(ହରେ ଭାତ ଖାଏ)
ମାଧୋଏଁ ଭାତ୍ ଖାଏ ମାଧୋ ଭାତ ଖାଏ)

(ଓଡ଼ିଆ ଭାଷାରେ ପ୍ରାୟ ସମସ୍ତପଦ ବ୍ୟଞ୍ଜନାନ୍ତ ହେଲେ ହେଁ କର୍ତ୍ତାକାରକରେ କୌଣସି ବିଭକ୍ତିର ଚିହ୍ନ ପ୍ରୟୋଗ କରାଯାଏ ନାହିଁ । ମୂଳ ପଦହିଁ କର୍ତ୍ତାରୂପେ ବ୍ୟବହୃତ ହୁଏ)

(ଜ) ଅକର୍ମକ କ୍ରିୟାକ୍ଷେତ୍ରରେ କର୍ତ୍ତା କୌଣସି ବିଭକ୍ତି-ଚିହ୍ନ ଗ୍ରହଣ କରେ ନାହିଁ । କିନ୍ତୁ ଏଥିରେ ମଧ୍ୟ କେତୋଟି ବ୍ୟତିକ୍ରମ ରହିଛି ।

ଯଥା—ଗରଜ, କାନ୍ଦ୍, ନାଚ୍, ହାଁ ହ (ହସ)

ସମ୍ଭବତଃ ଏଗୁଡ଼ିକ କ୍ରିୟାର ଅର୍ଥ ସକର୍ମକ ପ୍ରକୃତି ହେତୁ ଏଭଳି ହୋଇଥାଏ ।

ଯଥା—ତେଓଁ ଏଟା ଭାଲ୍ ନାଚ୍ ନାଚିଲେ ।
(ସେ ଗୋଟିଏ ଭଲ ନାଚ ନାଚିଲେ)

ତା'ଇ ଏଟା ମିଠା ହାହି ହାହିଲେ (ସେ ଟିକିଏ ମିଠା ହସ ହସିଲେ)

(ଝ) ଯଦି ଦୁଇଟି ବାକ୍ୟ ସଂଯୋଜକ ବା ବିଯୋଜକ ଅବ୍ୟୟ ଦ୍ୱାରା ଯୁକ୍ତ ହୁଏ ତେବେ ଅକର୍ମକ କ୍ରିୟା ଅସମାପିକା ହୋଇ ରହେ ଓ ଅନ୍ୟ କ୍ରିୟା ସକର୍ମକ ହେଲେ ସେଇ ଅନୁସାରେ କର୍ତ୍ତା ମଧ୍ୟ ସକର୍ମକ ହୁଏ ।

ଯଥା—'ରାମେ ଘରଲେ ଆହି ଭାତ୍ ଖାଲେ;
ଓଡ଼ିଆ—(ରାମ ଘରକୁ ଆସି ଭାତ ଖାଇଲା)
ଅସମୀୟା—ଛାତ୍ରର ସ୍କୁଲଲୈ ପାଠ ପଢ଼େ;
ଓଡ଼ିଆ—(ଛାତ୍ର ସ୍କୁଲକୁ ଯାଇ ପାଠ ପଢ଼େ)

(ଘ) ଯେବେ ଗୋଟିଏ ବିଶେଷ୍ୟ ପଦ ସଂଯୋଜକ ଅବ୍ୟୟଦ୍ୱାରା ଯୁକ୍ତ ହୋଇଥିବା ଦୁଇଟି କ୍ରିୟାର କର୍ତ୍ତା ହୁଏ ତେବେ ପ୍ରଥମ କ୍ରିୟା ଅକର୍ମକ ହେଲେ କର୍ତ୍ତା ମଧ୍ୟ ଅକର୍ମକ କ୍ରିୟାର କର୍ତ୍ତା ହେବ ।

ଯଥା-- ରାମ ଦୌଡ଼ି ଆହିଲ୍ ଆରୁ ଏଟା ଅଚରିତ୍ ଖବର୍ ଦିଲେ ।

(ରାମ ଦୌଡ଼ି ଆସିଲା ଏବଂ ଗୋଟିଏ ଆଶ୍ଚର୍ଯ୍ୟ ଖବର ଦେଲା)

(ଙ) ପୁରୁଷବାଚକ ସର୍ବନାମର ଏକ ତାଲିକା (table) ନିମ୍ନରେ ପ୍ରଦତ୍ତ ହେଲା

ଅସମୀୟା—ଏକବଚନ		ବହୁବଚନ
ପ୍ରଥମପୁରୁଷ	ମଇ	ଆମି
୨ୟ ପୁରୁଷ	ତଇ	ତହଁତେ
	ତୁମି	ତୋମାଲୋକେ
	ଆପୁନି	ଆପୋନ ଲୋକେ
୩ୟ ପୁରୁଷ		
	ତାଇ (ସ୍ତ୍ରୀଲୋକ)	ସି ହଁତେ

(ଓଡ଼ିଆ —ଏକବଚନ		ବହୁବଚନ
ପ୍ରଥମ ପୁରୁଷ	ମୁଁ	ଆମେ
୨ୟ ପୁରୁଷ	ତୁ	ତୁମ୍ଭେ
	ତୁମ୍ଭେ	ତୁମ୍ଭେମାନେ
	ଆପଣ	ଆପଣମାନେ
୩ୟ ପୁରୁଷ	ସେ	ସେମାନେ

୨-(କ) **କର୍ମକାରକ ୨ୟା ବିଭକ୍ତି**

ଅସମୀୟା ଓ ଓଡ଼ିଆ ଦୁଇଟି ମଧ୍ୟରେ ୨ୟା ବିଭକ୍ତିର ଘନିଷ୍ଠ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଉଭୟ ଭାଷାରେ କର୍ମ କାରକରେ ବ୍ୟକ୍ତି-

ବାଚକ ବିଶେଷ୍ୟ ଓ ସର୍ବନାମ କ୍ଷେତ୍ରରେ ଦ୍ୱିତୀୟା ବିଭକ୍ତିର ଚିହ୍ନ ଯୁକ୍ତ ହୁଏ । ଅନ୍ୟସ୍ଥଳେ କୌଣସି ବିଭକ୍ତି ଚିହ୍ନ ଦିଆଯାଏ ନାହିଁ । କେବଳ ମୂଳଶବ୍ଦ କର୍ମକାରକ ରୂପେ ବ୍ୟବହୃତ ହୁଏ ।

ଉଦାହରଣସ୍ୱରୂପ—

୧) 'ସି ଭାତ ଖାଇଛେ' (ସେ ଭାତ ଖାଉଛି)

୨) 'ରାମେ ରାବଣକ୍ ମାରିଲେ' ରାମ ରାବଣକୁ ମାରିଲେ)

୩) 'ଲତାଇ ମୋକ ମାତି ଛେ' (ଲତା ମୋତେ ଡାକୁଛି)

ପ୍ରଥମ ବାକ୍ୟରେ କର୍ମ ଅନ୍ୟଶବ୍ଦ [ବ୍ୟକ୍ତିବାଚକ ବିଶେଷ୍ୟ ଓ ସର୍ବନାମ ବ୍ୟତୀତ] ହୋଇଥିବା ହେତୁ ଦ୍ୱିତୀୟା ବିଭକ୍ତିର ଚିହ୍ନ ଯୁକ୍ତ ହୋଇ ନାହିଁ ।

[ଖ] ୨ୟା ବିଭକ୍ତିରେ ଅସମୀୟା ଭାଷାରେ 'କ୍' ଏବଂ ଓଡ଼ିଆ ଭାଷାରେ 'କୁ' ବିଭକ୍ତି ଚିହ୍ନଯୁକ୍ତ ହୁଏ । ଅସମୀୟା ଭାଷାରେ ୨ୟା ବିଭକ୍ତି ଯୁକ୍ତ ହେଲେ ବ୍ୟଞ୍ଜନାନ୍ତ ପଦଗୁଡ଼ିକ ସାମାନ୍ୟ ପରିବର୍ତ୍ତିତ ହୁଅନ୍ତି ।

ଯଥା—'ମଇ ତୋମାକ୍ ଭାଲ ପାଓଁ' [ମୁଁ ତୁମକୁ ଭଲ ପାଏ]
'ଶିକ୍ଷକେ ଛାତ୍ରକୁ ପାଠ ପଢ଼ାଏ' [ଶିକ୍ଷକ ଛାତ୍ରକୁ ପାଠ ପଢ଼ାନ୍ତି]

[ଗ] ଅସମୀୟା ଭାଷାରେ କୌଣସି ଗୁରୁତ୍ୱ ଆରୋପ କରାଗଲେ 'କ୍' ସ୍ଥାନରେ 'କେ' ଯୁକ୍ତ ହୁଏ ।

'ତୁମି ଏଇଖିନି ଭାତକେ ଖାବ ନୋଆରାନେ ?
ଓଡ଼ିଆ—[ତୁମେ ଏତକ ଟିକିଏ ଭାତ ଖାଇ ପାରିବ କି ?]

ଓଡ଼ିଆ ଭାଷାରେ ମଧ୍ୟ କେତେକ ସ୍ଥଳରେ ଗୁରୁତ୍ୱ ଦିଆଯିବା ସମୟରେ ୨ୟା ବିଭକ୍ତିର ଚିହ୍ନ ଏପରି ଭାବରେ ବ୍ୟବହୃତ ହୋଇଥାଏ ।

[ଘ] ପୁରୁଷବାଚକ ସର୍ବନାମଗୁଡ଼ିକରେ ୨ୟା ବିଭକ୍ତି ଯୁକ୍ତ ହେଲେ ନିମ୍ନମତେ ପରିବର୍ତ୍ତିତ ହୁଏ ।

ଅସମୀୟା	ଓଡ଼ିଆ
ମଇ-ମୋକ୍	ମୁଁ-ମୋତେ [ମୁକୁ ପୁରାତନ ବ୍ୟବହାର]
ତଇ-ତୋକ୍	ତୁ-ତୋତେ
ତୁମି-ତୋମାକ୍	ତୁମେ-ତୁମକୁ
ଆପୁନି ଆପୋନାକ୍	ଆପଣ-ଆପଣଙ୍କୁ
ସି-ତାକ୍, ତାଇ-ତାଇକ୍ [ସ୍ତ୍ରୀ]	ସେ-ତାଙ୍କୁ, ତାକୁ

୩-[କ] କରଣକାରକ (ତୃତୀୟା ବିଭକ୍ତି)

ଅସମୀୟା ଏବଂ ଓଡ଼ିଆ ଉଭୟ ଭାଷାରେ କରଣକାରକ ଓ ୩ୟା ବିଭକ୍ତିର ବହୁତ ସାମଞ୍ଜସ୍ୟ ରହିଛି । ଦୁଇ ଭାଷାର ପ୍ରଧାନ ବିଭକ୍ତି ହିଲ-'ରେ' ।

[ଖ] ଓଡ଼ିଆ ଭାଷାରେ ପ୍ରତ୍ୟେକ ଶବ୍ଦ ସ୍ୱରବର୍ଣ୍ଣାନ୍ତକ ହୋଇଥିବାରୁ 'ରେ' ମୂଳପଦରେ ଯୁକ୍ତ ହୁଏ; କିନ୍ତୁ ଅସମୀୟା ଭାଷାରେ ଉଭୟ ସ୍ୱରବର୍ଣ୍ଣାନ୍ତ ଓ ବ୍ୟଞ୍ଜନାନ୍ତ ବିଶେଷ୍ୟ ଓ ବିଶେଷଣ ପଦ ରହିଛି । ଓଡ଼ିଆ ଭାଷା ପରି 'ରେ' ସ୍ୱରବର୍ଣ୍ଣାନ୍ତକ ପଦକ୍ଷେତ୍ରରେ ମୂଳ ଶବ୍ଦରେ ଯୁକ୍ତ ହୁଏ; କିନ୍ତୁ ବ୍ୟଞ୍ଜନାନ୍ତ ଶବ୍ଦରେ ପଦଗୁଡ଼ିକ 'ରେ' ଯୁକ୍ତ ହେବାର ପୂର୍ବେ ରୂପ ପରିବର୍ତ୍ତନ କରି 'ଏ' ଯୁକ୍ତ ହୁଅନ୍ତି । ଅନ୍ୟ କଥାରେ କହିଲେ ବ୍ୟଞ୍ଜନାନ୍ତ ପଦଗୁଡ଼ିକ ୩ୟ ବିଭକ୍ତିରେ 'ଏରେ' (ere) ଯୁକ୍ତ ହୁଅନ୍ତି ।

ଯଥା-'ମଇ ହାତରେ ଭାତ୍ ଖାଓଁ, 'ମଇ ପ୍ଲେନରେ ଯାମ୍'	ଅସମୀୟା
ମୁଁ ହାତରେ ଭାତ ଖାଏ ମୁଁ ପ୍ଲେନରେ ଯିବି	ଓଡ଼ିଆ

[ଗ] ଅସମୀୟା ଭାଷାରେ ଷଷ୍ଠୀ ବିଭକ୍ତି ସ୍ୱରୂପରେ 'ଏ' ମଧ୍ୟ ଯୁକ୍ତ ହୁଏ ।
ଯଥା-'ହାତେ କଟା ସୂତା'
'ଲୋକେ କୋଆ କଥା'

[ଘ] ଉଭୟ ଭାଷାରେ ଷଷ୍ଠୀ ବିଭକ୍ତିର ଚିହ୍ନ ସ୍ୱରୂପେ 'ଦ୍ୱାରା' ବ୍ୟବହୃତ ହୁଏ; କିନ୍ତୁ ଅସମୀୟା ଭାଷାରେ ଏହା ବ୍ୟବହୃତ ହେବା ପୂର୍ବରୁ ମୂଳ ଶବ୍ଦେ ଷଷ୍ଠୀ ବିଭକ୍ତି ଯୁକ୍ତ ହୁଏ ଏବଂ ପରେ ପରେ 'ଦ୍ୱାରା' ବ୍ୟବହୃତ ହୁଏ ।

ଯଥା-"ଏଇ କାମ୍‌ଟୋ ଯଦୁର ଦ୍ୱାରା କାରା ହୋଇଛେ ।" [ଅସମୀୟା]
"ଏଇ କାମଟି ଯଦୁଦ୍ୱାରା କରା ହୋଇଛି ।" [ଓଡ଼ିଆ]

[ଚ] ଅସମୀୟା ଭାଷାରେ ଅନ୍ୟ ଗୋଟିଏ ଷଷ୍ଠୀ ବିଭକ୍ତିର ଚିହ୍ନ-'ଦି' । ବ୍ୟଞ୍ଜନାନ୍ତ ଶବ୍ଦଗୁଡ଼ିକରେ 'ଏଦି' (Edi) ଯୁକ୍ତ ହୁଏ । ଅନ୍ୟ ସ୍ଥଳରେ 'ଦି' ମାତ୍ର ଯୋଗ ହୁଏ ।

ଯଥା-'ତେଓ ଏଇ ବାଟେ ଦି ବାଜାର୍‌ଲୈ ଯାୟ ।"

ଓଡ଼ିଆ ଭାଷାରେ 'ଦି' ପରିବର୍ତ୍ତେ ଷଷ୍ଠୀ ବିଭକ୍ତିରେ 'ଦେଇ' ବ୍ୟବହୃତ ହୁଏ । ଯଥା-ତୋ ହାତଦେଇ କିଛି କାମ ହେବ ନାହିଁ ।

[ଛ] ପୁରୁଷବାଚକ ସର୍ବନାମ କ୍ଷେତ୍ରରେ 'ଦ୍ୱାରା' କିଭଳି ପ୍ରୟୋଗ କରାହୁଏ ନିମ୍ନରେ ପ୍ରଦତ୍ତ ହେଲା ।

ଅସମୀୟା	**ଓଡ଼ିଆ**
ମଇ-ମୋର ଦ୍ୱାରା	ମୁଁ—ମୋଦ୍ୱାରା
ତଇ-ତୋର ଦ୍ୱାରା	ତୁ—ତୋ' ଦ୍ୱାରା
ତୁମି-ତୋମାର ଦ୍ୱାରା	ତୁମେ—ତୁମଦ୍ୱାରା
ଆପୁନି-ଆପୋନାର ଦ୍ୱାରା	ଆପଣ—ଆପଣଙ୍କ ଦ୍ୱାରା
ସି-ତାର ଦ୍ୱାରା	ସେ—ତାଦ୍ୱାରା
ତାଇ-ତାଇର ଦ୍ୱାରା	ତାଙ୍କ ଦ୍ୱାରା

୪। (କ) ଅସମୀୟା ଭାଷାରେ ୪ର୍ଥୀ ବିଭକ୍ତିର ଚିହ୍ନ ସ୍ୱରୂପେ 'କ' ଏବଂ 'ଲେଇ' ବ୍ୟବହୃତ ହୁଏ। 'କ' ର ବ୍ୟବହାର ୨ୟା ବିଭକ୍ତିର 'କ' ଭଳି ବ୍ୟବହୃତ ହୁଏ। ଅନ୍ୟାନ୍ୟ ନିୟମ ଭଳି ବ୍ୟଞ୍ଜନାନ୍ତ ପଦରେ 'ଲେଇ' ବ୍ୟବହୃତ ହେବାବେଳେ ସେହି ପଦର ରୂପାନ୍ତର ହୋଇ 'ଅ' ଯୁକ୍ତ ହୁଏ। ଅନ୍ୟ କଥାରେ—ବ୍ୟଞ୍ଜନାନ୍ତ ଶବ୍ଦଗୁଡ଼ିକରେ ଲେଇ ଯୁକ୍ତ ନ ହୋଇ 'ଅଲେଇ' ଯୁକ୍ତ ହୁଏ।

ଯଥା—(ବଜ୍‌ରଲେଇ ଗୋଇଛେ।)

(ଖ) ଓଡ଼ିଆ ଭାଷା ୪ର୍ଥୀ ବିଭକ୍ତି—'କୁ', ନିମନ୍ତେ, ପାଇଁ

ଯଥା—ଭିକାରୀକୁ ଦିଅ।
ସ୍ୱର୍ଗକୁ ନିଶୁଣୀ ନାହିଁ।

(ଗ) ପୁରୁଷ ବାଚକ ସର୍ବନାମ କ୍ଷେତ୍ରରେ ଉଭୟ ଭାଷାର ପାର୍ଥକ୍ୟ ପ୍ରଦତ୍ତ ହେଲ—

ଅସମୀୟା	**ଓଡ଼ିଆ**
ମଇ-ମୋଲେଇ	ମୁଁ-ମୋପାଇଁ
ତଇ-ତୋଲେଇ	ତୁ-ତୋ ପାଇଁ
ତୁମି-ତୋମାଲେଇ	ତୁମ୍ଭେ-ତୁମ୍ଭ ପାଇଁ
ଆପୁନି-ଆପୋନାଲେଇ	ଆପଣ-ଆପଣଙ୍କ ପାଇଁ
ସି-ତା ଲେଇ	ସେ ତା' ପାଇଁ, ତାଙ୍କ ପାଇଁ
ତାଇ-ତାଇଲେଇ	

୫। ଅପାଦାନ କାରକ-ପଞ୍ଚମୀ ବିଭକ୍ତି।

ଅସମୀୟା ଭାଷାର ଏକ ବୈଶିଷ୍ଟ୍ୟ ଯେ ପଞ୍ଚମୀ ବିଭକ୍ତି ସୂଚକ କୌଣସି ଚିହ୍ନ ଏହି ଭାଷାରେ ପରିଦୃଷ୍ଟ ହୁଏ ନାହିଁ। ଅପାଦାନ କାରକ ବା ପଞ୍ଚମୀ ବିଭକ୍ତି ସୂଚାଇବାକୁ ମୂଳ ପଦରେ 'ର' ଯୁକ୍ତ ହୁଏ ଓ ପରେ ପରେ 'ପରା' ବିଭକ୍ତି ସୂଚକ ଶବ୍ଦ ହୋଇ ବ୍ୟବହୃତ ହୁଏ।

ଯଥା--ଭୁବନେଶ୍ୱରର ପରା ଗୌହାଟୀ କିମାନଇ ଦୂର୍ ?

ଓଡ଼ିଆ ଭାଷାରେ ଏହା ସମ୍ପୂର୍ଣ୍ଣ ଭିନ୍ନ । ପଞ୍ଚମୀ ବିଭକ୍ତି ସୂଚକ ପଦ ରୁ, ଠାରୁ । ଏହି ବିଭକ୍ତି ସୂଚକ ଶବ୍ଦ ମୂଳ ପଦ ସହିତ ସିଧା ସଳଖ ଯୁକ୍ତ ହୁଏ ।

ଯଥା-(୧) ଭୁବନେଶ୍ୱରଠାରୁ ଗୌହାଟୀ କେତେ ମାଇଲ୍ ?

(୨) ଆଦର୍ଶ ଦିଗରୁ ଏହା ବିବେଚ୍ୟ ।

୬ । ସମ୍ବନ୍ଧ ପଦ-ଷଷ୍ଠୀ ବିଭକ୍ତି ।

(କ) ଓଡ଼ିଆ ଓ ଅସମୀୟା ଉଭୟ ଭାଷାର ଷଷ୍ଠୀ-ବିଭକ୍ତି ସୂଚକ ଚିହ୍ନ 'ର' । ଯେହେତୁ ଓଡ଼ିଆ ଭାଷାରେ ବ୍ୟଞ୍ଜନାନ୍ତ ଶବ୍ଦର ବିଶେଷ ପ୍ରୟୋଗ ନାହିଁ 'ର' ସିଧା ସଳଖ ମୂଳ ପଦରେ ଯୁକ୍ତ ହୁଏ । ଅସମୀୟା ଭାଷାରେ ସ୍ୱରବର୍ଣ୍ଣାତ୍ମକ ମୂଳ ଶବ୍ଦରେ 'ର' ଯୁକ୍ତ ହେବ । ବ୍ୟଞ୍ଜନାନ୍ତ ପଦ କ୍ଷେତ୍ରରେ ସେହିପଦର ସାମାନ୍ୟ ରୂପ ପରିବର୍ତ୍ତନ କରି 'ଅ' ଯୁକ୍ତ ହୁଏ । ଅନ୍ୟ କଥାରେ ସମ୍ବନ୍ଧ ପଦରେ ବ୍ୟଞ୍ଜନାନ୍ତ ଶବ୍ଦଗୁଡ଼ିକ 'ର' ସ୍ଥାନରେ 'ଅର୍' ଯୁକ୍ତ ହୁଏ ।

(ଖ) Personal Pronoun (ପୁରୁଷବାଚକ ସର୍ବନାମ) କ୍ଷେତ୍ରରେ

ଉଭୟ ଭାଷାରେ ଥିବା ପାର୍ଥକ୍ୟ ନିମ୍ନରେ ପ୍ରଦତ୍ତ ହେଲା ।

ଅସମୀୟା	**ଓଡ଼ିଆ**
ମଇ-ମୋର୍	ମୁଁ-ମୋର
ତଇ-ତୋର୍	ତୁ-ତୋର
ତୁମି-ତୋମାର୍	ତୁମେ-ତୁମର
ଆପୁନି-ଆପୋନାର୍	ଆପଣ-ଆପଣଙ୍କର
ସି-ତାର	ସେ-ତାର, ତାଙ୍କର
ତାଇ-ତାଇର୍	

୭। (କ) ଅଧିକରଣ କାରକ, ୭ମୀ ବିଭକ୍ତି ।

ଅସମୀୟା ଭାଷାରେ ଅଧିକରଣ କାରକରେ ସପ୍ତମୀ ବିଭକ୍ତିର ଚିହ୍ନସ୍ୱରୂପ 'ତ' ଏବଂ ଅତି ଅଳ୍ପ ସ୍ଥଳରେ 'ଏ' ବ୍ୟବହୃତ ହୁଏ । ବ୍ୟଞ୍ଜନାନ୍ତ ପଦଗୁଡ଼ିକ ବିଭକ୍ତି ଯୁକ୍ତ ହେଲେ ରୂପାନ୍ତର ଗ୍ରହଣ କରି 'ଅ' ଯୁକ୍ତ ହୁଅନ୍ତି । ଅନ୍ୟ କଥାରେ ବ୍ୟଞ୍ଜନାନ୍ତ ପଦଗୁଡ଼ିକ ତ୍ ଯୁକ୍ତ ହେବା ସ୍ଥଳେ 'ଅତ୍' ଯୁକ୍ତ ହୁଅନ୍ତି ।

ଉଦାହରଣ—ରାମ୍ ଘରତ୍ ନାଇଁ (ରାମ ଘରେ ନାହିଁ)

ଘରେ ଘରେ ରଂଘେ ମାଳର୍‌ହାଟ୍ ।

(ଘରେ ଘରେ ହସ ତାମସାର ହାଟ)

(ଖ) ଓଡ଼ିଆ ଭାଷାରେ ଅଧିକରଣ କାରକରେ ୭ମୀ ବିଭକ୍ତିର ଚିହ୍ନସ୍ୱରୂପ ରେ, ଠାରେ, ବ୍ୟବହୃତ ହୁଏ । ବ୍ୟଞ୍ଜନାନ୍ତ ବା ସ୍ୱରବର୍ଣ୍ଣାନ୍ତ ଶବ୍ଦରେ ବିଭକ୍ତି ପ୍ରୟୋଗ ହେତୁ କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ ।

(ଗ) ଉଭୟ ଭାଷାରେ ପୁରୁଷ ବାଚକ ସର୍ବନାମର ରୂପ ନିମ୍ନମତେ ହେବ ।

ଅସମୀୟା	**ଓଡ଼ିଆ**
ମଇ-ମୋତ୍	ମୁଁ-ମୋଠାରେ
ତଇ-ତୋତ୍	ତୁ-ତୋଠାରେ
ତୁମି-ତୋମାତ୍	ତୁମେ-ତୁମଠାରେ
ଆପୁନି-ଆପୋନାତ୍	ଆପଣ-ଆପଣଙ୍କଠାରେ
ସି-ତାତ୍	ସେ-ତାଠାରେ, ତାଙ୍କଠାରେ
ତାଇ-ତାଇତ୍	

[ଘ] ଓଡ଼ିଆ ଭାଷାରେ କେତେକ ସ୍ଥଳରେ ସପ୍ତମୀ ବିଭକ୍ତିର ଚିହ୍ନ ସ୍ୱରୂପ 'ଏ' ବ୍ୟବହୃତ ହୁଏ ।

ଯଥା-ଘରେ ଘରେ ଉତ୍ସବ ଲାଗିଅଛି ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଉଭୟ ଭାଷା ମଧ୍ୟରେ କିଭଳି ସାମଞ୍ଜସ୍ୟ ଓ ପ୍ରଭେଦ ରହିଛି ସହଜରେ ଅନୁମେୟ । ସହଜ ଅବଗତି ନିମନ୍ତେ ଉଭୟ ଭାଷାରେ ବିଭକ୍ତି-ଚିହ୍ନର ଏକ 'ଟେବୁଲ୍' ପ୍ରଦତ୍ତ ହେଲା-

ଓଡ଼ିଆ

ବିଭକ୍ତି	ଏକବଚନର ଚିହ୍ନ	ବହୁବଚନର ଚିହ୍ନ
ପ୍ରଥମା-	ସାଧାରଣତଃ କିଛି ଯୋଗ କରାଯାଏ ନାହିଁ	ଏ, ମାନ, ମାନେ ଗୁଡ଼ାକ, ଗୁଡ଼ିକ, ଟାଏ, ଟିଏ
ଦ୍ୱିତୀୟା-	କୁ, ଙ୍କୁ, ଠାକୁ	ଙ୍କୁ, ମାନଙ୍କୁ, ମାନଙ୍କଠାକୁ
ତୃତୀୟା-	ରେ, ଦ୍ୱାରା, ଦେଇ, କର୍ତ୍ତୃକ	ମାନଙ୍କରେ, ମାନଙ୍କଦ୍ୱାରା, ମାନଙ୍କକର୍ତ୍ତୃକ
ଚତୁର୍ଥୀ-	କୁ, ଙ୍କୁ, ନିମନ୍ତେ	ଙ୍କୁ, ମାନଙ୍କୁ, ନିମନ୍ତେ
ପଞ୍ଚମୀ-	ରୁ, ଠାରୁ, ଠୁଁ	ମାନଙ୍କଠୁ ମାନଙ୍କଠାରୁ
ଷଷ୍ଠୀ-	ର, ଙ୍କର, ଙ୍କ	ଙ୍କ, ମାନଙ୍କ, ମାନଙ୍କର
ସପ୍ତମୀ-	ରେ-ଠାରେ, ଏ	ମାନଙ୍କରେ, ମାନଙ୍କଠାରେ

ଅସମୀୟା		
୧ମା	ଏ, ଇ, ୦ (ଏ୍ୱେ, ୟେ)	ଏ, ଇ, ୦
୨ୟା	କ, ୦	କ, ୦
୩ୟା	ରେ, ଏ (ର ଦ୍ୱାରା), ଦି-	ରେ, ଏ, (ର-ଦ୍ୱାରା), ଦି
୪ର୍ଥୀ	କ, ଲୈ	କ, ଲୈ
୫ମୀ	(ର-ପରା)	(ର-ପରା)
୬ଷ୍ଠୀ	ର	ର
୭ମୀ	ତ, ଏ	ତ, ଏ

ଆସାମିଜ ଏବଂ ଓଡ଼ିଆର ଧାତୁରୂପ ତୁଳନା

ଆସାମିଜ ଅପେକ୍ଷା ଓଡ଼ିଆର ଧାତୁରୂପ ପ୍ରକ୍ରିୟା ଯେ **ଅତି ଜଟିଳ** ନିମ୍ନ ଆଲୋଚନାରୁ ଏହା ସ୍ପଷ୍ଟ ଜଣା ପଡ଼ିବ ।

୧ । ଆସାମିଜ ଓ ଓଡ଼ିଆ-ଉଭୟର ବଚନ ଦୁଇଟି; ଯଥା:— ଏକବଚନ ଓ ବହୁବଚନ । ଆସାମିଜର ଧାତୁରୂପ କ୍ଷେତ୍ରରେ ଏକବଚନ ଏବଂ ବହୁବଚନ ମଧ୍ୟରେ କିଛି ପ୍ରଭେଦ ନାହିଁ; କିନ୍ତୁ ଓଡ଼ିଆର ଦୁଇଟି ବଚନର ମଧ୍ୟରେ ପ୍ରଭେଦ ରହିଛି ଯଥା:—

ଅସାମିଜ

	ଏକବଚନ	ବହୁବଚନ
ପ୍ରଥମ ପୁ:	ମଇ ଖାଓଁ	ଆମି ଖାଓଁ
ଦ୍ୱିତୀୟ ପୁ:	ତଇ ଖାଅ	ତହଁତେ ଖାଅ
	ତୁମି ଖୋଆ	ତୋମାଲୋକେ ଖୋଆ
	ଆପୁନି ଖାୟ	ଆପୋନାଲୋକେ ଖାୟ
ତୃତୀୟ ପୁ:	ସିଁଚାଇ ଖାୟ	ସିହଁତେ ଖାୟ

ଓଡ଼ିଆ

	ଏକବଚନ	ବହୁବଚନ
ପ୍ରଥମ ପୁ:	ମୁଁ ଖାଏ	ଆମେ ଖାଉ
ଦ୍ୱିତୀୟ ପୁ:	ତୁ ଖାଉ	ତୁମେମାନେ ଖାଅ
	ତୁମେ-ତମେ ଖାଅ-	,, ,,
	ଆପଣ ଖାନ୍ତି	ଆପଣମାନେ ଖାନ୍ତି
ତୃତୀୟ ପୁ:	ସେ ଖାଏ; (ମାନ୍ୟାର୍ଥେ)ଖାନ୍ତି;	ସେମାନେ ଖାନ୍ତି

ଉପରର ଆଲୋଚନାରୁ ଏହା ଜଣାପଡୁଛି ଯେ ଓଡ଼ିଆର ମଧ୍ୟ ବଚନ ଜନିତ ପ୍ରଭେଦ କେବଳ ପ୍ରଥମ ପୁରୁଷ ଏବଂ ଦ୍ୱିତୀୟ ପୁରୁଷର ଅବଜ୍ଞାର୍ଥେ ସୀମିତ ରହିଛି ।

୨ । ଆସାମିଜରେ କେବଳ 'ଯା' ଏବଂ 'ଆଛ' ଧାତୁ ବ୍ୟତୀତ ଅନ୍ୟ ଧାତୁଗୁଡ଼ିକ ଅତୀତ କିମ୍ବା ଭବିଷ୍ୟତ କାଳର ରୂପ କରିବା ସମୟରେ କୌଣସି ଭିନ୍ନ ରୂପ ଲାଭ କରିବା ଦୃଷ୍ଟାନ୍ତ ନାହିଁ । ଅର୍ଥାତ୍ କେବଳ 'ଯା' ଏବଂ 'ଆଛ' ଧାତୁ ଅତୀତ କାଳର ରୂପ କରିବା ସମୟରେ ଏକ ଭିନ୍ନ ରୂପ ଲାଭ କରି କ୍ରମେ 'ଗ' ଏବଂ 'ଥାକ' ହୁଏ ।

ବର୍ତ୍ତମାନ	**ଭବିଷ୍ୟତ**	**ଅତୀତ**
ମଇ ଯାଏଁ	ମଇ ଯାମ	ମଇ ଗଲୋ
ମଇ ଆଗ୍ଛେ	ମଇ ଥାକମ	ମଇ ଆଛିଲେ

କିନ୍ତୁ ଓଡ଼ିଆରେ 'ଯା' ଧାତୁର ଭବିଷ୍ୟତ ଏବଂ ଅତୀତ କାଳର ରୂପ କରିବା ପାଇଁ ଦୁଇଟି ଭିନ୍ନ ରୂପର ବ୍ୟବହାର ଦେଖାଯାଏ । ଯଥା :—

ବର୍ତ୍ତମାନ	**ଭବିଷ୍ୟତ**	**ଅତୀତ**
ମୁଁ ଯାଏ	ମୁଁ ଯିବ	ମୁଁ ଗଲି

ଅନ୍ୟ କେତୋଟି ଧାତୁ ମଧ୍ୟ ଏହିପରି ସ୍ୱତନ୍ତ୍ର ରୂପ ନେବାର ନିୟମ ଅଛି । ଯେପରି —

ଧାତୁ	**ବର୍ତ୍ତମାନ**	**ଭବିଷ୍ୟତ**	**ଅତୀତ**
'ନି'	ତୁମେ ନିଅ	ନେବ	ନେଲ
	ଆପଣ ନିଅନ୍ତି	ନେବେ	ନେଲେ
'ଦି'	ତୁମେ ଦିଅ	ଦେବ	ଦେଲ
	ଆପଣ ଦିଅନ୍ତି	ଦେବେ	ଦେଲେ
'ରହ'	ତୁମେ ରହ/ରୁହ	ରହିବ	ରହିଲ
	ଆପଣ ରହନ୍ତି/ରୁହନ୍ତି	ରହିବେ	ରହିଲେ
'ଅଛ'	ତୁ ଅଛୁ	ଥିବୁ	ଥିଲୁ
	ତୁମେ ଅଛ	ଥିବ	ଥିଲ
	ଆପଣ ଅଛନ୍ତି	ଥିବେ	ଥିଲେ
କହ	ତୁମେ କୁହ	କହିବ	କହୁଥିଲ
	ଆପଣ କହନ୍ତି	କହିବେ	କହୁଥିଲେ

୩ । ଆସାମିଜ ଏବଂ ଓଡ଼ିଆ ଉଭୟ ଭାଷାରେ କ୍ରିୟାର ତିନୋଟି ପ୍ରଧାନ କାଳ । ବର୍ତ୍ତମାନ, ଭବିଷ୍ୟତ ଏବଂ ଅତୀତ ।

୪। ବର୍ତ୍ତମାନ କାଳର ଦୁଇଟା ପ୍ରଧାନ ରୂପ ହେଉଛି—ନିତ୍ୟ ବର୍ତ୍ତମାନ ଏବଂ ଅସମାପ୍ତ ବର୍ତ୍ତମାନ କାଳ।

୪ (କ) ନିତ୍ୟ ବର୍ତ୍ତମାନ କାଳ

ଆସାମିକରେ ଧାତୁ ଯୋଗ ହେଉଥିବା ବିଭକ୍ତିଗୁଡ଼ିକ ହେଉଛି—

	ଏକବଚନ ଏବଂ ବହୁବଚନ
ପ୍ରଥମ ପୁରୁଷ—	ଓଁ
ଦ୍ୱିତୀୟ ପୁରୁଷ	—ଅ; ଅନୁଜ୍ଞାରେ—(ଶୂନ୍ୟ)
	—ଆ; ,, —ଆ
	—ଏ; ,, —ଅକ
ତୃତୀୟ ପୁରୁଷ—	—ଏ; ,, —ଅକ

୪। (ଖ) ଅନେକ ସମୟରେ ଆସାମିକ ଲୋକମାନେ ମଧ୍ୟ ଦ୍ୱିତୀୟ ପୁରୁଷର ଅବଜ୍ଞାର୍ଥେ କିଛି ବିଭକ୍ତି ଯୁକ୍ତ ହୁଏ ନାହିଁ ବୋଲି ହିଁ ଭୁଲ କରିଥାନ୍ତି। ତା'ର କାରଣ ହେଉଛି ଅନୁଜ୍ଞା କ୍ରିୟା ରୂପର ପ୍ରଭାବ। ତଳଲିଖିତ ଉଦାହରଣରୁ ଏହା ସହଜରେ ଅନୁମେୟ ହେବ। ଯଥା :--

ଅସ୍ତିବାଚକ

ତଇ ତାତ ଆଛ ବୁଲି ମଇ ଜାନୋ।
(ତୁ ସେଠି ଅଛୁ ବୋଲି ମୁଁ ଜାଣେ)
ମଇ ଜାନୋ, ତଇ ତାକ ଭାଲ ପାଅ।
[ମୁଁ ଜାଣେ ତୁ ତାକୁ ଭଲ ପାଉ]

ପ୍ରଶ୍ନ ବୋଧକ।

ତଇ ଖାଅନେ ନେଖାଅ ? ତଇ ପଢ଼ନେ ନପଢ଼ ?
ତଇ ଲିଖ (ଅ) ନେ ନାଇ ?
(ତୁ ଖାଉ କି ନ ଖାଉ। ତୁ ପଢୁ କି ନ ପଢୁ।
ତୁ ଲେଖୁ କି ନ ଲେଖୁ ?
ତଇ ଲଅ ନେ ନଲଅ ? ତୁ ନେଉ କି ନ ନେଉ)

ନାସ୍ତି ବୋଧକ |
ତଇ ନାଯାଅ ନେକା ? ତଇ ନେଖେଲ (ଅ] ନେକା ?
ତଇ ନ ପଢ ?
ତୁ ଯାଉନୁ କି ? ତୁ ଖେଳୁନୁ କି ? ତୁ ପଢୁନୁ କି ?

ଦୁଇଟି ବାକ୍ୟ ସଂଯୋଜକ ଅବ୍ୟୟଦ୍ୱାରା ଯୁକ୍ତ କରାଗଲେ ଦ୍ୱିତୀୟ ପୁରୁଷର ଅବଜ୍ଞାର୍ଥେ-ଅ କ୍ରିୟା ବିଭକ୍ତି ଯୁକ୍ତ ହେବା ସ୍ପଷ୍ଟ ଜଣାଯାଏ । ଯଥା:-

ତଇ ଯଦି ସୋନକାଲେ ଆହ [ଅ] ବର ଭାଲ ହେବ ।
[ତୁ ଯଦି ଶୀଘ୍ର ଆସୁ ଖୁବ୍ ଭଲ ହବ ।]

୪ । (ଗ) ଓଡ଼ିଆରେ ନିତ୍ୟବର୍ତ୍ତମାନ କାଳର ବିଭକ୍ତିଗୁଡ଼ିକ ହେଉଛି-

	ଏକବଚନ	ବହୁବଚନ
ପ୍ରଥମ ପୁ:	ଏ;-ଇ	-ଉ
ଦ୍ୱିତୀୟ ପୁ:	-ଉ; ଅନୁଜ୍ଞାରେ-୍ (ହଳନ୍ତ)	-ଅ ଅନୁଜ୍ଞାରେ-ଅ
	-ଅ ,, -ଅ	-ଅ
	-ଅନ୍ତ ,, -ଅନ୍ତୁ	-ଅନ୍ତ ଅନୁଜ୍ଞାରେ-ଅନ୍ତୁ
ତୃତୀୟ ପୁ:	ଇ-ଏ, ଅନ୍ତି	-ଅନ୍ତି

(* କେବଳ 'ଅଛ ଧାତୁର ନିତ୍ୟ ବର୍ତ୍ତମାନ କାଳରେ ପ୍ରଥମ ଓ ତୃତୀୟ ପୁରୁଷର ଏକବଚନରେ 'ଇ' ଯୁକ୍ତ ହୁଏ ।)

୪ । (ଘ) **ଅସମ୍ପନ୍ନ ବର୍ତ୍ତମାନ**

୪ । (ଙ) ବର୍ତ୍ତମାନକାଳର କ୍ରିୟାର କାମ ଚାଲୁଥିବା ବୁଝାଇବା ପାଇଁ ଆସାମିଜ ଏବଂ ଓଡ଼ିଆ ମଧ୍ୟରେ ପ୍ରାୟ ଏକା ନିୟମ । ପ୍ରଥମେ ଅସାମିଜରେ ମୂଳ ଧାତୁ ଶେଷରେ 'ଇ' ଏବଂ ଓଡ଼ିଆରେ 'ଉ' ଯୁକ୍ତ କରାହୁଏ; ତା'ପରେ 'ଅସ୍' ଧାତୁ ଯୁକ୍ତ କରି ତା'ର ପୁରୁଷାନୁସାରେ ରୂପ କରାଯାଏ । ସୂତ୍ରରେ କହିବାକୁ ହେଲେ—

ଆସମିଜ : ମୂଳଧାତୁ + ଇ + ଅସ୍ + ବର୍ତ୍ତମାନ୍ କାଳର ପୁରୁଷ ବିଭକ୍ତି ।
ଓଡ଼ିଆ : ମୂଳଧାତୁ + ଉ + ଅସ୍ + ,, ,, ,, ,,

୪ । (ଚ) ତଳେ 'କର୍' ଧାତୁର ଆସାମିଜ ଏବଂ ଓଡ଼ିଆର ରୂପ-କରଣର ନିୟମ ଦିଆଗଲା ।

ଆସାମିଜ

	ଏକବଚନ	ବହୁବଚନ
ପ୍ରଥମ ପୁରୁଷ	ମଇ କରିଆଛୋ	ଆମି କରିଆଛୋ
ଦ୍ୱିତୀୟ ପୁରୁଷ	ତଇ କରିଆଛ (ଅ)	ତହଁତେ କରିଆଛ [ଅ]
	ତୁମି କରିଆଛ	ତୋମାଲୋକେ କରିଅଛୋ
	ଆପୁନ କରିଆଛେ	ଆପୋନାଲୋକେ କରିଅଛେ ।
ତୃତୀୟ ପୁରୁଷ	ସି/ ତାଇକରି ଆଛେ	ସିହଁତେ କରି ଆଛେ

ଓଡ଼ିଆ

ପ୍ରଥମ ପୁରୁଷ	ମୁଁ କରୁଅଛି	ଆମ୍ଭେ କରୁଅଛୁ
ଦ୍ୱିତୀୟ ପୁରୁଷ	ତୁ କରୁଅଛୁ	ତୁମେମାନେ କରୁଅଛ
	ତୁମେ କରୁଅଛ	ତୁମେମାନେ କରୁଅଛ
	ଆପଣ କରୁଅଛନ୍ତି	ଆପଣମାନେ କରୁଅଛନ୍ତି ।
ତୃତୀୟ ପୁରୁଷ	ସେ କରୁଅଛି—ଅଛନ୍ତି	ସେମାନେ କରୁଅଛନ୍ତି ।

ଅବଶ୍ୟ 'କରୁଅଛି' ସ୍ଥାନରେ 'କରୁଛି', 'କରୁଅଛି', ସ୍ଥାନରେ 'କରୁଛି' କରୁଅଛନ୍ତି' ସ୍ଥାନରେ କରୁଛନ୍ତି' ବ୍ୟବହାର ପ୍ରଚଳିତ ହେଉଛି ।

୫ । ଓଡ଼ିଆରେ ଆନୁମାନିକ ବର୍ତ୍ତମାନ ଓ ସମ୍ଭାବ୍ୟ ବର୍ତ୍ତମାନ କାଳ ନାମରେ ଦୁଇଟି କାଳ ଅଛି । ଆନୁମାନିକ ବର୍ତ୍ତମାନ ଗଠନର ନିୟମ ହେଉଛି—

ଧାତୁ+ଉ+ଅଛ ଧାତୁର ଭବିଷ୍ୟତ କାଳର ରୂପ+ପୁରୁଷ ବିଭକ୍ତି । ଯଥା—ସେ ଖେଳୁଥିବ; ସେମାନେ ପଢୁଥିବେ ।

୬ । [କ] ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ ପ୍ରଥମ ଏବଂ ଦ୍ୱିତୀୟ ପୁରୁଷରେ ଆନୁମାନିକ ବର୍ତ୍ତମାନ କାଳର ବ୍ୟବହାର ନାହିଁ । ଆସାମିଜରେ ଏହି ଭାବ ବୁଝାଇବାପାଇଁ ନିମ୍ନଲିଖିତ ଧରଣରେ କ୍ରିୟା ଗଠନ କରାଯାଏ ।

ଧାତୁ+ଇବ+ପାସୁ । ଯଥା--ସି ଖେଳିବ ପାସୁ

ବା

ଧାତୁ+ଇ+ଥାକ+ଇବ+ପାସୁ । ଯଥା--ସିଖେଲି ଥାକିବ ପାସୁ ।

୫ । [ଖ] ଓଡ଼ିଆ ବ୍ୟାକରଣରେ ଦେଖାଇଥିବା ଆନୁମାନିକ ବର୍ତ୍ତମାନର ଗଠନ ପ୍ରଣାଳୀକୁ ଭବିଷ୍ୟତ କାଳ ମଧ୍ୟରେ ଗ୍ରହଣ କରାଯାଇ ପାରେ ।

ମୁଁ ପଢୁଥିବି (I shall be reading)
ତୁମେ ପଢୁଥିବ (You shall be reading)
ସେ ପଢୁଥିବ (He will be reading)

୬ । ଇଂରେଜୀରେ ଯାହାକୁ Present perfect ବୋଲି କୁହା-ଯାଇଛି, ତାକୁ ଆସାମିଜ ଏବଂ ଓଡ଼ିଆ ବ୍ୟାକରଣରେ କୁହାଯାଇଛି ବର୍ତ୍ତମାନ ସାମୀପ୍ୟଭୂତ କାଳ । ଏହାକୁ ପ୍ରକୃତରେ ବର୍ତ୍ତମାନ କାଳ ଭିତରେ ଧରିବା ଉଚିତ । ଏହି କାଳ ଅନେକ ସମୟରେ ବର୍ତ୍ତମାନ ଚାଲିଥିବା କାମର ସୂଚନା ଦିଏ । I am doing ବୁଝାଇବା ପାଇଁ ପ୍ରାୟ କ୍ଷେତ୍ରରେ ମୁଁ କରୁଅଛି, ସ୍ଥାନରେ 'ମୁଁ କରୁଛି' । ଆସାମିଜରେ ମଧ୍ୟ ଅବିକଳ ସେହି ନିୟମ । ଯଥା-

ମଇ କରିଆଛୋ ସ୍ଥାନରେ ମଇ କରିଛୋ ହୁଏ ।

୭ । ଆସାମିଜର ସମ୍ପନ୍ନ ବର୍ତ୍ତମାନ ବା Present perfect କାଳର ବିଭକ୍ତିଗୁଡ଼ିକ ହେଲ—

	ଏକ ବଚନ	ଏବଂ	ବହୁବଚନ
ପ୍ରଥମ ପୁରୁଷ—	ଇଛ+ଓ		ମଇ, ଆମି ଶୁନିଛୋ
	ଇଛ+ଅ		ତଇ, ତହଁତେ ଶୁନିଛ
ଦ୍ୱିତୀୟ ପୁରୁଷ	ଇଛ+ଆ	ଯଥା	ତୁମି, ତୋମାଲୋକେ ଶୁନିଛା
	ଇଛ+ଏ		ଆପୁନ, ଆପୋନାଲୋକେ ଶୁନିଛେ
ତୃତୀୟ ପୁରୁଷ	ଇଛ+ଏ		ସି/ତାଇ/ସିହଁତେ ଶୁନିଛେ

ଧାତୁ ଇକାରାନ୍ତ ହେଲେ କ୍ରିୟା ବିଭକ୍ତି—'ଇଛ' ସ୍ଥାନରେ କେବଳ—'ଛ' ଯୁକ୍ତ ହୁଏ । ଯେପରି=ମଇ ନିଛୋ (ନି+ଛ+ଓ) ତୁମି ନିଛା (ନି+ଛ ଆ)

ଓଡ଼ିଆରେ ସମ୍ପନ୍ନ ବର୍ତ୍ତମାନ କାଳ ଗଠନ କରିବାପାଇଁ ଦୁଇଟି ପ୍ରକ୍ରିୟା ରହିଛି । ପ୍ରଥମ ପ୍ରକ୍ରିୟାନୁସାରେ ଧାତୁ ସହିତ ଅସମାପିକାରେ ଯୋଗ ହୋଇଥିବା ଉପରୋଲ୍ଲିଖିତ କ୍ରିୟା ବିଭକ୍ତି ଗୁଡ଼ିକ ଯୁକ୍ତ ହେବାପରେ, ଓଡ଼ିଆ ପୁରୁଷ ବିଭକ୍ତିଗୁଡ଼ିକ ଯୁକ୍ତ ହୁଏ । ଯଥା—

	ଏକବଚନ	ବହୁବଚନ
ପ୍ରଥମ ପୁ:	ମୁଁ ଶୁଣିଛି [ଶୁନ୍+ଇଛ+ଇ]	ଆମେ ଶୁଣିଛୁ ।
ଦ୍ୱିତୀୟ ପୁ:	ତୁ ଶୁଣିଛୁ [ଶୁନ୍+ଇଛ+ଉ]···	ତୁମେମାନେ ଶୁଣିଛ
	ତୁମେ/ତମେ ଶୁଣିଛ [ଶୁନ୍+ଇଛ+ଅ]	,, ,,
	ଆପଣ ଶୁଣିଛନ୍ତି [ଶୁନ୍+ଇଛ+ଅନ୍ତି]	ଆପଣମାନେ ଶୁଣିଛନ୍ତି
ତୃତୀୟ ପୁ:	ସେ ଶୁଣିଛନ୍ତି [ଶୁନ୍ +ଇଛ+ଅନ୍ତି]	,, ,,

ଅନ୍ୟ ପ୍ରକାର ଅସମ୍ପନ୍ନ ବର୍ତ୍ତମାନ କାଳଗଠନର ନିୟମ ହେଉଛି ଧାତୁ+ଇ+ସାର+ଇଛ+ପୁରୁଷ ବିଭକ୍ତି । ତଳେ ଦୁଇ ତିନୋଟି ଉଦାହରଣ ଦିଆଗଲା ।

ଯଥା:—ମୁଁ ଶୁଣି ସାରିଛି; ଆମେ ଶୁଣି ସାରିଛୁ ।
ତୁମେ/ତମେ ଶୁଣି ସାରିଛ; ତୁମେମାନେ ଶୁଣିସାରିଛ ।
ଆପଣ ଶୁଣି ସାରିଛନ୍ତି; ଆପଣମାନେ ଶୁଣିସାରିଛନ୍ତି ।

୮ । ଅତୀତକାଳ

ପୁରାତନ ବୈୟାକରଣମାନେ 'ଅତୀତକାଳ' ଆଠ ପ୍ରକାର ବୋଲି କହିଛନ୍ତି । ସେଥିରୁ ଏଠାରେ ଅତୀତକାଳର ମାତ୍ର ତିନୋଟି ପ୍ରଧାନ ପ୍ରକାର ଆଲୋଚନା କରାଯିବ । କହିବାକୁ ଗଲେ ଏହି ତିନୋଟି ପ୍ରକାର ଦ୍ୱାରା ଅତୀତ କାଳର ସମସ୍ତ ଭାବ ପ୍ରକାଶ କରାଯାଇ ପାରେ । ସେହି ତିନୋଟି କାଳ ହେଉଛି-ଅପୂର୍ଣ୍ଣଭୂତ, ପୂର୍ଣ୍ଣଭୂତ ଏବଂ ସମ୍ଭାବ୍ୟ ଭୂତ ।

ଅପୂର୍ଣ୍ଣଭୂତ କାଳ (Simple past)

ଅପୂର୍ଣ୍ଣଭୂତ କାଳର ରୂପ କରିବାକୁ ହେଲେ ଉଭୟ ଭାଷାରେ ଧାତୁ ଶେଷରେ 'ଇଲ' କିମ୍ବା ବିଭକ୍ତି ଯୁକ୍ତ ହୁଏ, ପରେ ପରେ ବର୍ତ୍ତମାନ କାଳରେ ଯୁକ୍ତ ହୋଇଥିବା ବିଭିନ୍ନ ପୁରୁଷ ବିଭକ୍ତିଗୁଡ଼ିକ (ଗୋଟିଏ ବ୍ୟତିକ୍ରମ ବ୍ୟତୀତ) ଯଥାଯଥଭାବରେ ଯୁକ୍ତ ହୁଏ । କେବଳ ଆସାମିଜର ଦ୍ୱିତୀୟ ପୁରୁଷରେ ଅବଜ୍ଞାର୍ଥେ—'ଓ'ର—'ଅ' ସ୍ଥାନରେ—ଇ ପୁରୁଷ ବିଭକ୍ତି ଯୁକ୍ତ ହୁଏ ।

ଏଥିରେ ଗୋଟିଏ କଥା ଉଲ୍ଲେଖ କରିବା ଉଚିତ ହେବ ଯେ ଆସାମିଜର ବ୍ୟଞ୍ଜନାନ୍ତ ଧାତୁର ରୂପ, ସ୍ୱରାନ୍ତ ଧାତୁ-ରୂପକରଣ ପ୍ରଣାଳୀ ସାମାନ୍ୟ ଅଲଗା । ଓଡ଼ିଆରେ ବ୍ୟଞ୍ଜନାନ୍ତ ଧାତୁ ପ୍ରାୟ ନାହିଁ । ଆସାମିଜର ବ୍ୟଞ୍ଜନାନ୍ତ ଧାତୁକ୍ଷେତ୍ରରେ ଯେଉଁ ନିୟମ ଓଡ଼ିଆର ପ୍ରାୟ ସବୁ ପ୍ରକାର ଧାତୁର ରୂପକରଣରେ ସେହି ନିୟମ ଅଛି ।

ତଳେ ଦୁଇଟି ଭାଷାର କେତୋଟି ଧାତୁର ରୂପକରଣର ଉଦାହରଣ ଦିଆଗଲା ।

ଆସାମିକ ବ୍ୟଞ୍ଜନାନ୍ତ ଧାତୁ 'କର'

	ଏକବଚନ	ବହୁବଚନ
ପ୍ରଥମ ପୁରୁଷ	ମଇକରିଲୋ	ଆମିକରିଲେ (କର୍+ଇଲ୍+ଓ)
ଦ୍ୱିତୀୟ ପୁରୁଷ	ତଇ କରିଲି	ତହଁତେ କରିଲି କର+,,+ଇ)
	ତୁମି କରିଲା	ତୋମାଲୋକେ କରିଲା (,,+,,+ଆ)
	ଆପୁନି କରିଲେ	ଆପୋନାଲୋକେ କରିଲେ (କର+ଇଲ+ଏ)
ତୃତୀୟ ପୁରୁଷ	ସିଁତାଇକରିଲେ	ସହିତେ କରିଲେ (,,+,,+ଏ)

ଓଡ଼ିଆ ଧାତୁ (ଲିଖିତ)

	ଏକବଚନ	ବହୁବଚନ
ପ୍ରଥମ ପୁରୁଷ	ମୁଁ କରିଲି	ଆମେ କରିଲୁ

ଦ୍ୱିତୀୟ ପୁରୁଷ	ତୁ କରିଲୁ	ତୁମେମାନେ କରିଲ
	ତୁମେ କରିଲ	,, ,,
	ଆପଣ କରିଲେ	ଆପଣମାନେ କରିଲେ
ତୃତୀୟ ପୁରୁଷ—	ସେ କରିଲେ	ସେମାନେ କରିଲେ ।

କିନ୍ତୁ ଅଧୁନିକ କଥିତ ଓଡ଼ିଆରେ 'କରିଲର ମଧ୍ୟବର୍ତ୍ତୀ ଅକ୍ଷରଟି ଉଚ୍ଚାରଣ କରାଯାଏ ନାହିଁ । ଫଳରେ "ମୁଁ କଲି' "ସେ କଲେ" "ତୁମେ କଲ" ଇତ୍ୟାଦି ରୂପ ପ୍ରଚଳିତ ହେଉଛି ।

ସ୍ୱରାନ୍ତ ଧାତୁ କ୍ଷେତ୍ରରେ ଆସାମିଜରେ ଅତୀତ କାଳସୂଚକ ବିଭକ୍ତି 'ଇଲ' ସ୍ଥାନରେ କେବଳ "—ଲ' ଯୁକ୍ତ ହୁଏ । ଓଡ଼ିଆରେ କିନ୍ତୁ ପୂର୍ବ ନିୟମ ଅକ୍ଷୁଣ୍ଣ ଥାଏ ଯଥା :—

ଆସାମିଜ	'ଖା'	ଓଡ଼ିଆ
ମଇ/ଆମି ଖାଲୋ		ମୁଁ ଖାଇଲି—ଆମେ ଖାଇଲୁ
ତଇ/ତହଁତେ ଖାଲି		ତୁ ଖାଇଲୁ—ତୁମେମାନେ ଖାଇଲ
ତୁମି/ତୋମାଲୋକେ ଖାଲା		ତୁମ୍ଭ ଖାଇଲ—,, ,,
ଆପୁନି/ଆପୋନାଲୋକେ ଖାଲେ		ଆପଣ ଖାଇଲେ—ଆପଣମାନେ ଖାଇଲେ
ସି/ତାଇ/ସିହଁତେ ଖାଲେ		ସେ ଖାଇଲେ—ସେମାନେ ଖାଇଲେ

ପୂର୍ଣ୍ଣଭୂତ କାଳ

ପୂର୍ଣ୍ଣଭୂତ କାଳରେ ଆସାମିଜ ଏବଂ ଓଡ଼ିଆରେ ଧାତୁ ସହିତ କ୍ରମେ —'ଇଛିଲ ଏବଂ 'ଇଥିଲ ଯୁକ୍ତ ହୁଏ, ପରେ ପରେ ଓଡ଼ିଆରେ ବର୍ତ୍ତମାନ କାଳରେ ପୁରୁଷ ଚିହ୍ନ ଗୁଡ଼ିକ ଯୁକ୍ତ ହୁଏ । ଆସାମିଜ ଦ୍ୱିତୀୟ ପୁରୁଷ ଅବଜ୍ଞାର୍ଥେ 'ଇ' ଏବଂ ଦ୍ୱିତୀୟ ପୁରୁଷ ମାନ୍ୟାର୍ଥେ ଓ ତୃତୀୟ ପୁରୁଷରେ—୦ (ଶୂନ୍ୟ) ଯୁକ୍ତ ହୁଏ ଯେପରି—

ଆସାମିକ **‘ଶୋ’** **ଓଡ଼ିଆ**

ମଇ ଶୁଇଛିଲୋ) ଶୁ+ଇଛିଲ୍+ଓ। ମୁଁ ଶୋଇଥିଲି ଶୋ+ଇଥିଲ୍+ଇ
ଆମେ ଶୋଇଥିଲୁ
ତଇ ତହଁତେ ଶୁଇଛିଲ (ଶୁ+”+ଇ) ତୁ ଶୋଇଥିଲୁ (ଶୋ+ଇଥିଲ୍+ଉ
ତୁମେମାନେ ଶୋଇଥିଲ
ତୁମି/ତୋମାଲୋକେ ଶୁଇଛିଲା (ଶୁ+ଇଛିଲ୍+ଆ) ତମେ/ତୁମେ ଶୋଇଥିଲ
(ଶୋ+ଇଥିଲ୍+ଅ) ତୁମେମାନେ ଶୋଇଥିଲ
ଆପୁନିଆପୋନାଲୋକେ ଶୁଇଛିଲେ (”+”+ଏ) ଆପଣ ଶୋଇଥିଲେ
(”+”+ଏ) ଆପଣମାନେ ଶୋଇଥିଲେ
ସିତାଇସି ହଁତେ ଶୁଇଛିଲ୍ (”+”+०) ସେ ଶୋଇଥିଲେ ”+”+”)
ସେମାନେ ଶୋଇଥିଲେ

ଅସମୀୟା ଓ ଓଡ଼ିଆଭାଷାର ଏକ ତୁଳନାତ୍ମକ ବିଶ୍ଳେଷଣ

ଆସାମିଜରେ ଇକାରନ୍ତ ଧାତୁ ସହିତ “-ଇଛିଲ୍” ସ୍ଥାନରେ କେବଳ “ଛିଲ୍” ଯୁକ୍ତ ହୁଏ ! ପରେ ପରେ ପୁରୁଷ ବିଭକ୍ତି ଯୁକ୍ତ ହୁଏ । ଯଥା:— ମଇ ପିଛିଲେ ‘ତଇପିଛିଲ’ ସି ପିଛିଲ୍ ଇତ୍ୟାଦି । କଥିତ ଓଡ଼ିଆରେ ଏପରି ନିୟମ ପ୍ରଚଳିତ ହେଉଛି । ଯଥା:—

ମୁଁ ପିଥିଲି କିନ୍ତୁ ଲେଖିବାବେଳେ—ମୁଁ ପିଇଥିଲି
ସେ ପିଥିଲେ ” ” —ସେ ପିଇଥିଲେ ।

ସାମ୍ଭାବ୍ୟ ଭୂତକାଳ

ଦୁଇଟି ଭାଷାରେ ଅଜ୍ଞାତ କାଳର ଭବିଷ୍ୟତ ଅର୍ଥ ବୁଝାଇବାପାଇଁ ବ୍ୟବସ୍ଥା ରହିଛି । ଉଭୟ ଭାଷାରେ ତାକୁ ସାମ୍ଭାବ୍ୟ ଭୂତକାଳ ବୋଲି କୁହାଯାଇଛି । ସାମ୍ଭାବ୍ୟ ଭୂତକାଳସୂଚକ ବିଭକ୍ତି ହେଉଛି ଆସାମିଜରେ “ହେତେନ୍” ଏବଂ ଓଡ଼ିଆରେ—ଅନ୍ତି ।

ଆସାମିଜର ସମ୍ଭାବ୍ୟ—ଭୂତକାଳର ରୂପ କରିବା ଅତି ସହଜ । ପ୍ରଥମେ ମୂଳଧାତୁ ଅସମ୍ପୂର୍ଣ୍ଣଭୂତକାଳରେ ରୂପକରା ହୁଏ, ତା'ପରେ ସକଳ ପୁରୁଷରେ 'ହେତେନ୍' ଯୋଗ କରାଯାଏ । ଯଥା:—

ମଇ ଖାଲୋ ହେତେନ୍

ତୁମି ଖାଲା ହେତେନ୍

ସି ଖାଲେ ହେତେନ୍

କିନ୍ତୁ ଓଡ଼ିଆରେ ଧାତୁ ଅତୀତ କାଳରେ ଛଂଧ୍ୟକ୍ ରୂପ ଲାଭକରିବା ପରେ—ଅନ୍ୟଯୁକ୍ତ ହୁଏ; ପରେ ପରେ ସମସ୍ତ ପଦ ପୁରୁଷାନୁସାରେ ରୂପ ହୁଏ । ଯଥା:—

ମୁଁ ଖାଇ ଥାନ୍ତି

ତମେ ଖାଇଥାନ୍ତ

ସେ ଖାଇଥାନ୍ତେ

ତଳର ଧାତୁ ଗୁଡ଼ିକର ଗଠନ ଏହି ଶ୍ରେଣୀଭୁକ୍ତ ବୋଲି ଧରିଲେ ବୋଧହୁଏ ଭୁଲ ହେବ ନାହିଁ । ଯେପରି—

ସେ ଆସିଥିଲେ ଭଲ ହୋଇଥାନ୍ତା

ଯଦି ସେ ଆସିଥାନ୍ତେ ଭଲ ହୋଇଥାନ୍ତା

ଯଦି ତୁମେ ଆସିଥାନ୍ତ ମୁଁ ଯାଇ ଥାନ୍ତି ।

ତୁମେ ଆସିଥିଲେ ସେ ଯାଇଥାନ୍ତେ ।

ଭବିଷ୍ୟତକାଳ

ଆସାମିଜ ଏବଂ ଓଡ଼ିଆର ଭବିଷ୍ୟତ କାଳ ଗଠନର ସାଧାରଣ ନିୟମ ହେଉଛି ଧାତୁ ଶେଷରେ 'ଇବ୍'' ନିୟାବିଭକ୍ତି ଯୋଗ କରିବାପରେ ପୁରୁଷ ବିଭକ୍ତିଗୁଡ଼ିକର ସଂଯୋଗ । ଅବଶ୍ୟ ଆସାମିଜର ପ୍ରଥମ ପୁରୁଷରେ 'ଇବ୍' ସ୍ଥାନରେ 'ଇମ୍' ହୁଏ ।

ଆସାମିଜର ଭବିଷ୍ୟତ କାଳ ସହିତ ଆସିବା ପୁରୁଷ ବିଭକ୍ତିଗୁଡ଼ିକ ଓଡ଼ିଆଠାରୁ ଅଲଗା । ଓଡ଼ିଆରେ ବର୍ତ୍ତମାନ ଏବଂ ଅତୀତକାଳ ସହିତ ଯୋଗହୋଇଥିବା ପୁରୁଷ ବିଭକ୍ତିଗୁଡ଼ିକ ଭବିଷ୍ୟତ କାଳ ସହିତ ମଧ୍ୟ ଯୁକ୍ତ ହେବା ନିୟମ ରହିଛି । କିନ୍ତୁ ତୃତୀୟ ପୁରୁଷ କ୍ଷେତ୍ରରେ ଏହି ନିୟମର ସାମାନ୍ୟ ବ୍ୟତିକ୍ରମ ଦେଖାଯାଏ । ଭବିଷ୍ୟତ କାଳର ରୂପକଳ୍ପବେଳେ ତୃତୀୟ ପୁରୁଷର ଅବଜ୍ଞାର୍ଥେ କେବଳ 'ଅ' ପୁରୁଷ ବିଭକ୍ତି ଯୁକ୍ତ ହୁଏ । 'ଅନ୍ତି' ପୁରୁଷ ବିଭକ୍ତି ଯୁକ୍ତ ହୁଏ । 'ଅନ୍ତ' ପୁରୁଷ ବିଭକ୍ତି କେବଳ ବର୍ତ୍ତମାନ କାଳରେ ସୀମାବଦ୍ଧ ବୋଲି ଏଠାରେ ଯୁକ୍ତ ହେବା ପ୍ରଶ୍ନ ଉଠେ ନାହିଁ । ଯଥା:—

ଆସାମିକ "ନାଚ୍‌ଧାତୁ"

	ଏକବଚନ	ବହୁବଚନ
ପ୍ରଥମ ପୁରୁଷ =	ମଇନାଚିମ୍ (ନାଚ୍ + ଇମ୍ + .)	; ଆମି ନାଚିମ୍
ଦ୍ୱିତୀୟ ପୁରୁଷ	ତଇ ନାଚିବ (" + ଇବ୍ + ଇ)	; ତହଁତେ ନାଚିବ
	ତୁମି ନାଚିବା (" + ଇବ୍ + ଆ),	ତୋମାଲୋକେ ନାଚିବା
	ଆପୁନି ନାଚିବ(" + ଇବ୍ + ଅ),	ଆପୋନାଲୋକେ ନାଚିବ
ତୃତୀୟ ପୁରୁଷ—	ସି ନାଚିବ (ନାଚ୍ + ଇବ୍ + ଅ ,	ସିହଁତେ ନାଚିବ

ଓଡ଼ିଆ

	ଏକବଚନ	ବହୁବଚନ
ପ୍ର: ପୁ:—	ମୁଁ ନାଚିବି (ନାଚ୍ + ଇବ + ଇ)	ଆମେ ନାଚିବା/ବୁ (ନାଚ୍ + ଇବ + ଆ/ଉ)
ଦ୍ୱି: ପୁ:	ତୁ ନାଚିବୁ (" + " + ଉ)	ତୁମେମାନେ ନାଚିବ (" + " + ଅ)
	ତୁମେ ନାଚିବ(" + " + ଅ)	" " (" + " + ଅ)
	ଆପଣ ନାଚିବେ (" + " + ଏ)	ଆପଣମାନେ ନାଚିବେ (" + " + ଏ)
ତୃତୀୟ ପୁ !	ସେ ନାଚିବ/ବେ(" + " + ଅ/ଏ)	ସେମାନେ ନାଚିବେ (" + " + ")

ଭବିଷ୍ୟତ କାଳର କାମ ଚାଲୁଥିବା ବୁଝାଇବାପାଇଁ ଓଡ଼ିଆରେ ଧାତୁ ଶେଷରେ ଇଥିବ ଯୁକ୍ତ ହୁଏ । ଯଥା:—ସେ ଖାଇଥିବ, ମୁଁ ଖାଇଥିବି; ଆସାମିଜରେ ସେ ଖେଦରେ ହବ ବସି ଖାଇଥାକିବ; ମଇ ଖାଇ ଥାକିମ୍ ଇତ୍ୟାଦି ।

ବ୍ୟାକରଣରେ ଏହା ବ୍ୟତୀତ ଆହୁରି ଅନେକ ଉପବିଭାଗ ଦିଆଯାଇଛି; କିନ୍ତୁ ସେ ସବୁ ଉପବିଭାଗ ନ ଜାଣିଲେ ମଧ୍ୟ ଜଣେ ଆସାମିଜ ଏବଂ ଓଡ଼ିଆରେ ଭବିଷ୍ୟତ କାଳର ରୂପ କରିପାରେ ।

—❋—

ଓଡ଼ିଆ ଭାଷାରେ ପର୍ତ୍ତୁଗୀଜ ପ୍ରଭାବ

ଅଧ୍ୟାପକ ଶ୍ରୀ ଖଗେଶ୍ୱର ମହାପାତ୍ର

୧ । ଭାସ୍କୋଦା ଗାମା ଖ୍ରୀ: ୧୪୯୮ରେ ଭାରତକୁ ଜଳପଥ ଆବିଷ୍କାର କରିବାପରେ ପର୍ତ୍ତୁଗୀଜ ବଣିକଦଳ ବାଣିଜ୍ୟ ପ୍ରସାର ନିମିତ୍ତ ଭାରତ ଅଭିମୁଖରେ ଅଭିଯାନ ଆରମ୍ଭ କରିଦେଲେ । ପୂର୍ବ ଉପକୂଳରେ ତାଙ୍କର ପ୍ରଥମ ବାଣିଜ୍ୟକେନ୍ଦ୍ର ଖ୍ରୀ: ୧୫୧୪ରେ ସୁବର୍ଣ୍ଣରେଖା—ମୁହାଣରେ ପିପିଳିଠାରେ ପ୍ରତିଷ୍ଠିତ ହେଲା । ଓଡ଼ିଶାର ଶାସକ ସେତେବେଳେ ଗଜପତି ସମ୍ରାଟ୍ ପ୍ରତାପରୁଦ୍ରଦେବ । ଅଳ୍ପକାଳ ମଧ୍ୟରେ ସେଠାରେ ସେମାନଙ୍କର ଆସ୍ଥାନ ଗଢ଼ି ଉଠିବାପରେ ସେମାନେ କ୍ରମେ ବାଣିଜ୍ୟ-ବିସ୍ତାରପାଇଁ ବଙ୍ଗଦେଶରେ ହିଜଲି, ହୁଗୁଳି, ଚଟ୍ଟଗ୍ରାମ ପ୍ରଭୃତି ପେଣ୍ଠ ସ୍ଥାନମାନଙ୍କରେ କାରବାର ଆରମ୍ଭ କଲେ । ବଙ୍ଗଦେଶରେ ସେତେବେଳେ ଶାସନଶୃଙ୍ଖଳା ଖୁବ୍ ଶିଥିଳ, ପ୍ରାୟ ଅରାଜକତା ସୃଷ୍ଟି ହୋଇଥାଏ । ଖ୍ରୀ: ୧୫୧୯ରେ ସୁଲ୍ତାନ ଅଲ୍ଲାଉଦ୍ଦୀନ ହୋସେନ ସାହାଙ୍କ ରାଜତ୍ୱର ଅବସାନ ହେବା ପରେ, ତାଙ୍କର ପୁତ୍ର ନାସିରୁଦ୍ଦୀନ ନସରତ୍‌ଶାହା ଓ ଗିୟାସୁଦ୍ଦୀନଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହେଲା ଏବଂ ଶେଷରେ ଗିୟାସୁଦ୍ଦୀନ ଭ୍ରାତୃଷ୍ପୁତ୍ରଙ୍କୁ ହତ୍ୟାକରି ରାଜତ୍ୱଲାଭ କଲେ । ଏହି ସମୟରେ ଗୃହବିବାଦର ସୁଯୋଗ ନେଇ ଶେରଖାଁ (ବିଖ୍ୟାତ ଶେରସାହା) ବଙ୍ଗ ଆକ୍ରମଣ କଲେ । ପର୍ତ୍ତୁଗୀଜ୍ ବଣିକଦଳ ସେହି ଯୁଦ୍ଧରେ ଗିୟାସୁଦ୍ଦୀନଙ୍କୁ ସାହାଯ୍ୟ ପ୍ରଦାନକରି ତାଙ୍କର ପ୍ରୀତିଭାଜନ ହୋଇ ପଡ଼ିଲେ ଓ ଅଚିରେ ବଙ୍ଗଦେଶରେ ପ୍ରଭାବ ବିସ୍ତାର କଲେ । ଏହିପରି ଭାବରେ ବଙ୍ଗଦେଶର ଆଭ୍ୟନ୍ତରୀଣ ରାଜନୈତିକ ସମସ୍ୟାମାନଙ୍କରେ ସମ୍ପୃକ୍ତ ହୋଇ, ପର୍ତ୍ତୁଗୀଜ୍ ବଣିକଦଳ ପିପିଲି ଅପେକ୍ଷା ଚଟ୍ଟଗ୍ରାମ (ତାଙ୍କ ଭାଷାରେ ,'Porto Grando"

ବି ହୁଗୁଳି ("Port Pequeno") ସ୍ଥିତ ତାଙ୍କର ବାଣିଜ୍ୟକେନ୍ଦ୍ର ଦୁଇଟିକୁ ସମ୍ପୃକ୍ତ କରିବାରେ ଲାଗିଲେ । ଓଡ଼ିଶାର ଶୃଙ୍ଖଳିତ ଶାସନ ବ୍ୟବସ୍ଥା ମଧ୍ୟରେ ଭବିଷ୍ୟତ ସାମ୍ରାଜ୍ୟ ବିସ୍ତାରର ସମ୍ଭାବନା ଓ ଦୁର୍ନୀତି-ପ୍ରଣୋଦିତ ବାଣିଜ୍ୟ ବ୍ୟବସାୟର ସଂପ୍ରସାରଣପାଇଁ ଅନୁକୂଳ ପରିବେଶ ନ ଦେଖି, ବଙ୍ଗଦେଶପ୍ରତି ସେମାନଙ୍କର ଆକର୍ଷଣ ସ୍ୱଭାବତଃ ବୃଦ୍ଧି ପାଇଥିଲା । ତଥାପି ସେମାନେ ପିପିଲିର ବାଣିଜ୍ୟକେନ୍ଦ୍ରକୁ ସମ୍ପୂର୍ଣ୍ଣରୂପେ ଅବହେଳା କରିନଥିଲେ । Joannes-Det Leat ୧୬୩୧ରେ, Bruton ୧୬୮୩ରେ ଓ Bishop Laines ୧୭୨୩ରେ ପ୍ରଦତ୍ତ ବିବରଣୀ ମଧ୍ୟରେ ପିପିଲିଠାରେ ପର୍ତ୍ତୁଗୀଜ୍ ବାଣିଜ୍ୟକେନ୍ଦ୍ରର ଉଲ୍ଲେଖ କରିଛନ୍ତି । ସେଠାରେ ଜଣେ ସ୍ଥାନାଧିପତି ରାଜ-ପ୍ରତିନିଧି (resident) ଅବସ୍ଥାନ କରୁଥିଲେ ଓ our Lady of Rosary ନାମରେ ଉତ୍ସର୍ଗୀକୃତ ଏକ ଗୀର୍ଜା ପ୍ରତିଷ୍ଠିତ ହୋଇଥିଲା । ଇତ୍ୟବସରରେ ବାଲେଶ୍ୱରଠାରେ ମଧ୍ୟ ତାଙ୍କର ଏକ କ୍ଷୁଦ୍ର ବସତି ଗଢି ଉଠିଥିଲା । (ଦ୍ରଷ୍ଟବ୍ୟ-ଫକୀରମୋହନଙ୍କ "ବାଲେଶ୍ୱର-ବନ୍ଦରରେ ଓଲନ୍ଦାଜ ଜାତି") ଖ୍ରୀ: ୧୬୩୩ରେ ହରିଶ୍-ପୁରଠାରେ ଇଂରେଜ ବଣିକଦଳ ସହିତ ତାଙ୍କର କଳହ ସମଗ୍ର ଓଡ଼ିଶା ଉପକୂଳରେ ପର୍ତ୍ତୁଗୀଜମାନଙ୍କର ପଦସଞ୍ଚାର ପ୍ରମାଣିତ କରେ, ଷୋଡ଼ଶ ସପ୍ତଦଶ ଶତାବ୍ଦୀରେ ଯଥାର୍ଥରେ ବଙ୍ଗୋପସାଗରରେ ପର୍ତ୍ତୁଗୀଜ୍‌ମାନେ ହିଁ ରାଜତ୍ୱ କରୁଥିଲେ । (ଦ୍ରଷ୍ଟବ୍ୟ—
Campos ପୃ:୧୧୬—"The portuguese ships Commanded the whole sea-board from orissa to chitagong from about 1537, when they had founded their settlements on both the arms of the Bay of Bengal") ଷୋଡଶ ଶତାବ୍ଦୀରେ ଲିଖିତ କବିକଙ୍କଣ ମୁକୁନ୍ଦରାମଙ୍କ ଚଣ୍ଡୀକାବ୍ୟରେ ଏହାର ସୂଚନା ମିଳେ । ଏଣେ ଦକ୍ଷିଣପ୍ରାନ୍ତରେ ବିଜୟନଗରରେ ମଧ୍ୟ ସେମାନଙ୍କର ଗୋଟିଏ କେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା । ପୁଣି ଖ୍ରୀ: ୧୬୩୨ରେ ହୁଗୁଳିରୁ ଏବଂ ଖ୍ରୀ: ୧୬୬୮ରେ ଚଟ୍ଟ-ଗ୍ରାମରୁ ବିତାଡ଼ିତ ହେବା ସମୟରେ ପର୍ତ୍ତୁଗୀଜ୍‌ମାନେ ପିପିଲିକୁ ସାମୟିକଭାବେ ପ୍ରଧାନ କେନ୍ଦ୍ରରୂପେ ବ୍ୟବହାର କରିଥିବାର ପ୍ରମାଣ ମିଳେ । ଅତଏବ ଏହି ସମସ୍ତ ବିବରଣୀ ଭିତ୍ତିରେ ଦୀର୍ଘକାଳ ପର୍ଯ୍ୟନ୍ତ ଓଡ଼ିଶା ସହିତ ପର୍ତ୍ତୁଗୀଜ୍-ମାନଙ୍କର ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା ବୋଲି ଅନୁମିତ ହୁଏ ।

୨ । ଓଡ଼ିଶା ଉପକୂଳରେ ପର୍ତ୍ତୁଗୀଜ୍ ମାନଙ୍କର ପଦସଞ୍ଚାର ଏବଂ ପିପିଲି ଓ ବାଲେଶ୍ୱରଠାରେ ବାଣିଜ୍ୟକେନ୍ଦ୍ର ସ୍ଥାପନ ଦୀର୍ଘକାଳ ସ୍ଥାୟୀ ହୋଇଥିବା ଯୋଗୁଁ ପର୍ତ୍ତୁଗୀଜ ବଣିକଦଳ ଓ ଦେଶୀୟ ଲୋକମାନଙ୍କର ଭାବର ଆଦାନ-ପ୍ରଦାନପାଇଁ କ୍ଷେତ୍ର ପ୍ରସ୍ତୁତ ହେବା ସ୍ୱାଭାବିକ । ପ୍ରଥମେ ବ୍ୟାବସାୟ ବ୍ୟବହାରରେ ପର୍ତ୍ତୁଗୀଜ୍ ଭାଷା, ସଭ୍ୟତା ଓ ସଂସ୍କୃତି ସହିତ ଯେଉଁ ପରିଚୟର ସୂତ୍ରପାତ ହୋଇଥିଲା ପରବର୍ତ୍ତୀକାଳରେ ଧର୍ମପ୍ରଚାରକ ପାଦ୍ରୀମାନଙ୍କଦ୍ୱାରା ତାହା ବିସ୍ତାରିତ ହୋଇଥିଲା । କେରି, ମାର୍ଶମାନ ପ୍ରଭୃତି ଇଂରେଜ ପ୍ରଚାରକମାନଙ୍କର ପଥପ୍ରଦର୍ଶକ ଥିଲେ; ପର୍ତ୍ତୁଗୀଜ୍ ପାଦ୍ରୀ ଦୋମିନିକ୍ ଦା ସୁଜା, ଫ୍ରାନ୍‌ସିସ୍କୋ ଫେରନାଣ୍ଡେସ ପ୍ରଭୃତି । ଇଂରେଜ, ଡଚ, ଫରାସୀ-ବଣିକଦଳ ଓ ଧର୍ମପ୍ରଚାରକଗଣ ଊନବିଂଶ ଶତାବ୍ଦୀର ତୃତୀୟଦଶକ ପର୍ଯ୍ୟନ୍ତ ପର୍ତ୍ତୁଗୀଜ୍ ଭାଷାକୁ ପ୍ରଧାନ ମାଧ୍ୟମରୂପେ ଗ୍ରହଣ କରିଥିବା ଜଣାଯାଏ । ମାର୍ଶମାନଙ୍କ ପ୍ରଦତ୍ତ ବିବରଣୀ ଅନୁସାରେ [History of Sri RamPur mission. vol—I page 21:22] ଖ୍ରୀ, ୧୮୨୮ରେ ଶ୍ରୀରାମପୁରସ୍ଥିତ ଜଣେ ନରୱେଜୀୟ ସେନାପତି ତାଙ୍କର ଭାରତୀୟ ଅଧସ୍ତନ କର୍ମଚାରୀଙ୍କ ଠାରୁ ପର୍ତ୍ତୁଗୀଜ୍ ଭାଷାରେ ଦୈନିକ ବିବରଣୀ ଗ୍ରହଣ କରୁଥିଲେ । ସପ୍ତଦଶ ଏବଂ ଅଷ୍ଟାଦଶ ଶତାବ୍ଦୀରେ ପୂର୍ବ-ଭାରତରେ କାରବାର କରୁଥିବା ୟୁରୋପୀୟ ବଣିକ ମାନଙ୍କର Lingua franca ଥିଲାଯଥାର୍ଥରେ ପର୍ତ୍ତୁଗୀଜ୍ । ComPos ଲେଖିଛନ୍ତି ଯେ—In Calcutta, Hooghly, Balasore and other settlements the East India Company employecs made themselves undhrstood only in Portuguese; even their servants spoke no other language but Portuguese" [Page-204] ସୁତରାଂ କେବଳ ପର୍ତ୍ତୁଗୀଜ୍ ନୁହେଁ ଅନ୍ୟାନ୍ୟ ୟୁରୋପୀୟ ବଣିକମାନଙ୍କଦ୍ୱାରା ବଙ୍ଗଳା ଓ ଓଡ଼ିଶା ଉପକୂଳରେ ପର୍ତ୍ତୁଗୀଜ୍ ଭାଷାର ବହୁଳ ପ୍ରଚାର ହୋଇଥିଲା ଏବଂ ପରିଣାମତଃ ସେମାନଙ୍କ ସହିତ ସଂପୃକ୍ତ ଦେଶୀୟ ଲୋକମାନଙ୍କର ଭାଷାରେ ତା'ର ପ୍ରଭାବ ଅନିବାର୍ଯ୍ୟ ହୋଇ ପଡ଼ିଥିଲା । ବିଶେଷତଃ ଦେଶୀୟ ଖ୍ରୀଷ୍ଟାନଗଣ ପର୍ତ୍ତୁଗୀଜ୍‌ଭାଷା, ସଭ୍ୟତା ଓ ସଂସ୍କୃତିର ପ୍ରଧାନ ବାହକରୂପେ ଦେଖା ଦେଇଥିଲେ । ତେଣୁ ଭାରତର ବିଭିନ୍ନ ପ୍ରାଦେଶିକ ଭାଷାରେ ପର୍ତ୍ତୁଗୀଜ୍ ପ୍ରଭାବ ଅଳ୍ପ-ବହୁତଭାବରେ ପ୍ରାୟ ପରିଲକ୍ଷିତ ହୁଏ ।

୩ । ଭାରତୀୟ ଭାଷାମାନଙ୍କ ମଧ୍ୟରେ କୋଙ୍କଣୀ, ତାମିଲ୍ ହିନ୍ଦୀ, ବଙ୍ଗଳା ପ୍ରଭୃତି ଭାଷାରେ ପର୍ତ୍ତୁଗୀଜ୍ ପ୍ରଭାବ ଅଧିକ ପରିମାଣରେ ପରିଦୃଷ୍ଟ ହୁଏ । ତା'ର କାରଣ, ଏହି ଭାଷାଭାଷୀ ଅଞ୍ଚଳ ସହିତ ପର୍ତ୍ତୁଗୀଜ୍ ସମ୍ପର୍କ ସୁପ୍ରତିଷ୍ଠିତ ହୋଇଥିଲା । ପୂର୍ବ-ଉପକୂଳରେ ଓଡ଼ିଶାରେ ପ୍ରଥମେ ପର୍ତ୍ତୁଗୀଜ୍ ମାନେ ପାଦ ଦେଇ ଥିଲେ ମଧ୍ୟ ବଙ୍ଗଦେଶ ତୁଳନାରେ ଓଡ଼ିଶା ସହିତ ସେମାନଙ୍କର ଯୋଗାଯୋଗ ବିଶେଷଭାବରେ ଘଟି ନ ଥିବାରୁ ସେହି ଅନୁପାତରେ ଓଡ଼ିଆ ଭାଷାରେ ପର୍ତ୍ତୁଗୀଜ୍ ପ୍ରଭାବ ସ୍ୱଳ୍ପ । ବିଶେଷତଃ ପର୍ତ୍ତୁଗୀଜ ପାଦ୍ରୀମାନଙ୍କର ପ୍ରଚାର କାର୍ଯ୍ୟ ଓଡ଼ିଶାରେ ପ୍ରାୟ ହୋଇ ନ ଥିଲା । ସୁତରାଂ କେବଳ ବଣିକ ଓ ଜଳଦସ୍ୟୁମାନଙ୍କ ସମ୍ପର୍କରୁ ହୁଏତ କେତେକ ଶବ୍ଦ ସିଧା ସଳଖଭାବରେ ଓଡ଼ିଆ ଭାଷାରେ ପ୍ରବେଶ ଲାଭ କରିଥିବ । କିନ୍ତୁ ପରବର୍ତ୍ତୀ କାଳରେ ଇଂରେଜମାନଙ୍କ ମାଧ୍ୟମରେ ବହୁ ଶବ୍ଦ ଓଡ଼ିଶାରେ ପରିଚୟ ଲାଭ କରି ନୂତନ ଓଡ଼ିଆ ଭାଷାରେ ସ୍ଥାନ ଲାଭ କରିଛି ଏବଂ ବଙ୍ଗ ଓ ଓଡ଼ିଶା ମଧ୍ୟରେ ଶାସନଗତ ସମ୍ପର୍କ ପ୍ରତିଷ୍ଠିତ ହେବା ପରେ ବଙ୍ଗଳା ମାଧ୍ୟମରେ ବି କେତେକ ଶବ୍ଦ ଗୃହୀତ ହୋଇଛି । ସେଥିପାଇଁ Dalgado କହିଛନ୍ତି ଯେ— The Portuguese influence on Oriya is chiefly mediate, through the intervention of Telugu in the south and Bengali in the north, though in former times there was commercial intercourse between the portuguese and Orissa" (IpVAL,- LXVI) କିନ୍ତୁ ପ୍ରତ୍ୟକ୍ଷଭାବେ ହେଉ କିମ୍ବା ପରୋକ୍ଷଭାବେ ହେଉ, ଓଡ଼ିଆ ଭାଷା ଉପରେ ପର୍ତ୍ତୁଗୀଜ୍ ପ୍ରଭାବ ଏକାନ୍ତ ଲକ୍ଷଣୀୟ ।

୪ । ଓଡ଼ିଆ ଉପରେ ପର୍ତ୍ତୁଗୀଜ୍ ପ୍ରଭାବର ପରିମାଣ ସଠିକଭାବରେ ନିରୂପିତ ହୋଇପାରି ନାହିଁ । Dalgado (୧୯୧୩) ମାତ୍ର ୬୦ଟି ଓ Campos (୧୯୧୯) ମାତ୍ର ୩୪ଟି ଶବ୍ଦର ତାଲିକା ପ୍ରଦାନ କରିଛନ୍ତି । ପୁଣି ଏହି ତାଲିକାରୁ ୩୪ଟି ଶବ୍ଦର ପ୍ରକୃତରେ ଓଡ଼ିଶାରେ ପ୍ରଚଳନ ନାହିଁ । ଓଡ଼ିଆ ଅଭିଧାନ ସଂକଳକମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଗୋପାଳଚନ୍ଦ୍ର ପ୍ରହରାଜ ଅଧିକାଂଶ ପର୍ତ୍ତୁଗୀଜ୍ ଶବ୍ଦକୁ ଯାବନିକ ଓ ଇଂରାଜୀ ଶବ୍ଦଭାବରେ କିମ୍ବା ତଦ୍‌ଭବ ଓ ଦେଶୀ ଶବ୍ଦଭାବରେ ଗ୍ରହଣ କରିବାଦ୍ୱାରା ମାତ୍ର ଅଳ୍ପସଂଖ୍ୟକ

ପର୍ତ୍ତୁଗୀଜ୍ ଶବ୍ଦ ନିରୂପଣ କରାଯାଇଛନ୍ତି । ଗୋପୀନାଥ ନନ୍ଦଙ୍କ ଶବ୍ଦତତ୍ତ୍ୱବୋଧ ଅଭିଧାନରେ ପର୍ତ୍ତୁଗୀଜ ଶବ୍ଦମାନଙ୍କର ପରିଚୟ କ୍ୱଚିତ୍ ମିଳିପାରେ । ପ୍ରମୋଦ ଅଭିଧାନରେ ମଧ୍ୟ ସେହି ଅବସ୍ଥା । ଆଧୁନିକ ସମୟରେ ପ୍ରକାଶ ପାଉଥିବା ସଂକ୍ଷିପ୍ତ ଅଭିଧାନମାନଙ୍କରେ ବରଂ କେତେକ ଶବ୍ଦ ପରିଦୃଷ୍ଟ ହୁଏ । ଅନ୍ୟ ପକ୍ଷରେ, ଓଡ଼ିଆ ଭାଷାର ଆଲୋଚକମାନେ ମଧ୍ୟ ପର୍ତ୍ତୁଗୀଜ୍ ପ୍ରଭାବସମ୍ପର୍କରେ ନୀରବ । ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱରେ ବିଦେଶୀ ପ୍ରଭାବ ବିଚାରପ୍ରସଙ୍ଗରେ କେବଳ ଦ୍ରାବିଡ଼ପ୍ରଭାବ ଆଲୋଚିତ ହୋଇଛି । ବିନାୟକ ମିଶ୍ରଙ୍କ ଓଡ଼ିଆ ଭାଷାର ଇତିହାସରେ କେବଳ ଯାବନିକ ଓ ଇଂରାଜୀ ପ୍ରଭାବ ବର୍ଣ୍ଣିତ ହୋଇଛି । ସୁଖର କଥା, ୧୯୬୨ରେ ପ୍ରକାଶିତ ମୃତ୍ୟୁଞ୍ଜୟ ରଥଙ୍କ 'ଓଡ଼ିଆ ରଚନା ଓ ଅନୁବାଦ' ପୁସ୍ତକରେ, ପନ୍ଦରଟି ପର୍ତ୍ତୁଗୀଜ୍ ଶବ୍ଦର ତାଲିକା ପ୍ରଦତ୍ତ ହୋଇଛି । ଫକୀରମୋହନଙ୍କ ରଚନାରେ ବହୁ ପର୍ତ୍ତୁଗୀଜ ଶବ୍ଦ ବ୍ୟବହୃତ ହୋଇଥିଲେ ମଧ୍ୟ, ଅଧ୍ୟାପକ ସିଦ୍ଧେଶ୍ୱର ହୋତା ଫକୀରମୋହନଙ୍କ ଭାଷାବିଭବ ଆଲୋଚନାରେ (ଫକୀରମୋହନପରିକ୍ରମା) ମାତ୍ର ଗୋଟିଏ ଶବ୍ଦର ଉଲ୍ଲେଖ କରିଛନ୍ତି; କିନ୍ତୁ ବାସ୍ତବିକ ଓଡ଼ିଆ ଭାଷାରେ ଶତାଧିକ ପର୍ତ୍ତୁଗୀଜ୍ ଶବ୍ଦ ଗୃହୀତ ହୋଇଛି ।

୭ । ଓଡ଼ିଆରେ ପ୍ରଚଳିତ ଖାଣ୍ଟି ପର୍ତ୍ତୁଗୀଜ୍ ଶବ୍ଦମାନଙ୍କୁ ଚିହ୍ନିବା କଷ୍ଟସାଧ୍ୟ ବ୍ୟାପାର ନୁହେଁ । କାରଣ ମୂଳ ଶବ୍ଦ ପ୍ରାୟ ଅବିକୃତଭାବେ ଗୃହୀତ ହୋଇଥିବାର ଦେଖାଯାଏ । ସ୍ଥଳବିଶେଷରେ ଅବଶ୍ୟ ଆଞ୍ଚଳିକ ଧ୍ୱନିତତ୍ତ୍ୱରେ ତାରତମ୍ୟ ହେତୁ ଏବଂ ଲୋକନିରୁକ୍ତି (folk entymology) ହେତୁ ସାମାନ୍ୟ ପରିବର୍ତ୍ତନ ଲକ୍ଷଣୀୟ । ଯଥା— Igreja-ଗୀର୍ଜା, Prego-ପିରେକ, Cintra-ସନ୍ତରା । ଇଂରାଜୀ ଭାଷା ପରି ଆମ ଭାଷାର ରୂପତତ୍ତ୍ୱ (morphology) ଉପରେ ଏହାର ପ୍ରଭାବ କିଛି ନାହିଁ । ପର୍ତ୍ତୁଗୀଜ୍‌ମାନଙ୍କର ଆଗମନ ସଙ୍ଗେ ସଙ୍ଗେ ଯେଉଁ କେତେକ ନୂତନ ବ୍ୟବହାର୍ଯ୍ୟ ପଦାର୍ଥ, ଖାଦ୍ୟପେୟ, ବେଶଭୂଷା ବୃକ୍ଷଲତା ଓ ଆଚାର-ଅନୁଷ୍ଠାନବିଶେଷର ଆବିର୍ଭାବ ହେଲା ସେସବୁର ନାମ ମୁଖ୍ୟତଃ ଓଡ଼ିଆ ଶବ୍ଦଭଣ୍ଡାରରେ ସଞ୍ଚିତ ହୋଇଛି । ଏତଦ୍‌ବ୍ୟତୀତ ଆଉ କେତେକ ଜାହାଜାଦି ଶବ୍ଦ (nautical) ଗୃହୀତ ହୋଇଛି । ତଥାପି ଅନେକ ସମୟରେ ପର୍ତ୍ତୁଗୀଜ୍ ଶବ୍ଦ ନିରୂପଣ କରିବାରେ ପ୍ରତିବନ୍ଧକ ପରିଦୃଷ୍ଟ

ହୋଇଥାଏ; ତା'ର ପ୍ରଥମ କାରଣ କେତେକ ଶବ୍ଦ ମୂଳତଃ ପର୍ତ୍ତୁଗୀଜ୍ ହେଲେ ମଧ୍ୟ ତାହା ଇଂରାଜୀ ବା ଯାବନିକ ଭାଷା ମାଧ୍ୟମରେ ଗୃହୀତ ଏବଂ ଅପରକାରଣ କେତେକ ଶବ୍ଦ ମୂଳତଃ ପର୍ତ୍ତୁଗୀଜ୍ ନ ହେଲେ ମଧ୍ୟ ଏହି ଭାଷା ମାଧ୍ୟମରେ ସୁପ୍ରଚାରିତ । ଏଠାରେ ଦୃଷ୍ଟାନ୍ତ ଦେଇ ଏପରି କେତେକ ସମସ୍ୟାର ଚିତ୍ରଣ କରାଯାଉଛି । ପର୍ତ୍ତୁଗୀଜ୍ ଶବ୍ଦ Calafate ଓ Pato ଓଡ଼ିଆରେ କଳାପାତି ଓ ପାତିହଂସ ଭାବରେ ଗୃହୀତ ବୋଲି Dalgado ତଥା Gampos ଉଲ୍ଲେଖ କରିଛନ୍ତି; କିନ୍ତୁ କଳାପାତି କୃଷ୍ଣପକ୍ଷୀ ଶବ୍ଦଜ ଏବଂ Colfatae ଜାହାଜରେ ଫାଟ ବନ୍ଦ କରିବାପାଇଁ ପୁଟ ଦେବା ଅର୍ଥରେ ବ୍ୟବହୃତ ହେଉଥିବାରୁ ଉଭୟ ଶବ୍ଦମଧ୍ୟରେ ଧ୍ୱନିଗତ ସାଦୃଶ୍ୟ ଥିଲେ ମଧ୍ୟ ଅର୍ଥ ସାଦୃଶ୍ୟ ନାହିଁ । ସେପରି Pato ର ପ୍ରତିଶବ୍ଦ ପାତିହଂସର-ପାତି ଅଂଶଟି କ୍ଷୁଦ୍ରାର୍ଥକ ଦେଶୀ ଶବ୍ଦ । ଏହାର ବ୍ୟବହାର ପାତିମାଙ୍କଡ଼, ପାତିଛିଆଳୀ, ପାତିମୁହିଁ ଇତ୍ୟାଦି ଶବ୍ଦ ରୂପରେ ମିଳେ । Botelha, capitao, toalha' bomba କିମ୍ବା bottle,captain,towel,bomb ଯଥାକ୍ରମେ ବୋତଲ, କାପ୍ତାନ, ତଉଲିଆ ଓ ବୋମା ଶବ୍ଦର ମୂଳ, ତାହା ନିରୂପଣ କରିବାରେ ସଂଶୟ ଜାତ ହୁଏ । ସେପରି କୁଲୁପ, ମୋଜା, ମସୁର, ମାଲ ଆଦି ଶବ୍ଦର ମୂଳ ପାରସୀ, ଆରବୀ କିମ୍ବା ପର୍ତ୍ତୁଗୀଜ୍ ଓ କେଉଁ ଭାଷା ମାଧ୍ୟମରେ ଏହି ଶବ୍ଦଗୁଡ଼ିକ ଓଡ଼ିଶାରେ ପ୍ରସାର ଲାଭକଲା ତାହା ଠିକ୍ ଭାବେ ନିରୂପିତ ହୋଇ ପାରେ ନାହିଁ । ପୁଣି ଚା, କଫି, ତମାଖୁ ଭାରତରେ ପ୍ରଥମେ କେଉଁମାନଙ୍କ-ଦ୍ୱାରା ପରିଚିତ ହେଲା ତାହା ଏବେ ସୁଦ୍ଧା ସିଦ୍ଧାନ୍ତ ହୋଇପାରି ନାହିଁ । ଏହି ସମସ୍ତ ପ୍ରତିବନ୍ଧକସତ୍ତ୍ୱେ ଯେଉଁ କେତେକ ଶବ୍ଦ ପର୍ତ୍ତୁଗୀଜ୍-ମୌଳିକ ଭାବରେ ଭାଷାବିତ୍‌ମାନଙ୍କଦ୍ୱାରା ସ୍ୱୀକୃତ ହୋଇଛି ଏବଂ ଏ ଦିଗରେ ଓଡ଼ିଆରେ ପ୍ରଚଳିତ ଅଛି ସେହିପରି ଶବ୍ଦଗୁଡ଼ିକର ସାମାନ୍ୟ ପରିଚୟ ପ୍ରଦାନ କରାଗଲା ।

୭ । ଶବ୍ଦ-ସୂଚୀ—

ଟିପ୍ପଣୀ—ଶବ୍ଦ ସଂଗ୍ରହପାଇଁ ସହାୟକ ଗ୍ରନ୍ଥ-( ) Influence of Portuguese Vocables in Asiatic Languages—monsignor Sebastia Rodolfo Dalgada, Translated, by A. X. Soares,

Oriental Institute, Baroda, 1963 ସଂକ୍ଷିପ୍ତନାମ IPVAL. (୨) History of the Portuguese in Bengal—J. J. A Campos, Crlcutta, 1919 (୩) ବଙ୍ଗେ ପର୍ତ୍ତୁଗୀଜ୍ ପ୍ରଭାବ ଓ ବଙ୍ଗଭାଷାୟ ପର୍ତ୍ତୁଗୀଜ-ପଦାଙ୍କ-ଅବିନାଶ-ଚନ୍ଦ୍ର ଘୋଷ, ବଙ୍ଗୀୟ ସାହିତ୍ୟପରିଷଦ୍ ପତ୍ରିକା, ସନ ୧୩୧୮, ୧ମ ସଂଖ୍ୟା (୪)Origin and Development of the Bengali Language—Dr.- S. K.. Chatterji part I Calcutta Univcrsity Press, 1962 (୫) ଭାଷାର ଇତିବୃତ୍ତ—ସୁକୁମାର ସେନ, ବର୍ଦ୍ଧମାନ ସାହିତ୍ୟ ସଭା, ୧୯୫୦ (୬) ହିନ୍ଦୀ ଭାଷାକା ଇତିହାସ-ଧୀରେନ୍ଦ୍ର ବର୍ମା, ହିନ୍ଦୁସ୍ଥାନ ଏକାଡେମୀ ୧୯୫୩ (୭) Bengali Grammar-Manoel Da Assumpcam, Translated by Dr, S, K. Chatterji & P, R. Sen, Calcatta University Press, 1931 (୮) ଫକୀରମୋହନ ଗ୍ରନ୍ଥାବଳୀ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୬୭ (୯, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ- ସଂକ୍ଷିପ୍ତ ନାମ-ଭା:କୋ: (୧୦) A Portuguese English Dictionary-James L. Taylor' Stanford University Press, 1958.

ଓଡ଼ିଆରେ ଭାଷାକୋଷ ଏକ ମାନ୍ୟ ଅଭିଧାନ ଗ୍ରନ୍ଥ, ତେଣୁ ଶବ୍ଦ-ସୂଚୀରେ ଭାଷାକୋଷକାରଙ୍କ ମନ୍ତବ୍ୟମାନ ଆବଶ୍ୟକ ସ୍ଥଳରେ ଉଦ୍ଧାର କରାଯାଇଛି । ପର୍ତ୍ତୁଗୀଜ୍ ଶବ୍ଦର ଇଂରାଜୀ ଅର୍ଥ ପ୍ରଧାନତଃ IPVAL ରୁ ଗୃହୀତ; କିନ୍ତୁ ସଂଶୟାତ୍ମକ ସ୍ଥଳରେ Taylor ଙ୍କ ଅଭିଧାନରୁ ଉଦ୍ଧୃତି ଦିଆଯାଇଛି ।

ଅକାରାନୁକ୍ରମରେ ଓଡ଼ିଆ ଶବ୍ଦ ସଜ୍ଜିତ ଏବଂ ପାର୍ଶ୍ୱରେ ଇଂରାଜୀ ବଡ଼ ଅକ୍ଷରରେ ପର୍ତ୍ତୁଗୀଜ୍ ଶବ୍ଦ ଓ ବନ୍ଧନୀ ମଧ୍ୟରେ ଇଂରାଜୀ ଅର୍ଥ ପ୍ରଦତ୍ତ ହୋଇଛି ।

୧ । ଆଚାର—ACHAR (Pickles) ସମ୍ଭବତଃ ମୂଳ ଶବ୍ଦଟି ଫାରସୀ; କିନ୍ତୁ ପର୍ତ୍ତୁଗୀଜ୍‌ମାନଙ୍କଦ୍ୱାରା ଗୃହୀତ ଓ ପ୍ରଚଳିତ । ସ୍ମରଣୀୟ, ଏମାନେ ଅତ୍ୟନ୍ତ ଆଚାରପ୍ରିୟ ଓ ନାନାପ୍ରକାରର ଆଚାର ପ୍ରସ୍ତୁତ କରିବାରେ ଦକ୍ଷ ଥିଲେ । ଭା:କୋ: ଫା. ଆଚାର ମୂଳଶବ୍ଦ ।

୨ । ଆତ—ATA (Custard apple) ଅନେକ ମତରେ ଆତ ଏକ ଭାରତୀୟ ଫଳ ଏବଂ ସଂସ୍କୃତ ନାମ-ଆତୃପ୍ୟ; କିନ୍ତୁ ଏହା ସ୍ୱୀକାର୍ଯ୍ୟ ଯେ

ଅନେକ ଅଭାରତୀୟ ପଦାର୍ଥ ନିମିତ୍ତ ପରବର୍ତ୍ତୀକାଳରେ ସଂସ୍କୃତ ନାମ ସୃଷ୍ଟ ହୋଇଥିଲା । ଉଦ୍ୟାନପ୍ରିୟ ପର୍ତ୍ତୁଗୀଜ୍ ଜାତି ଅନେକ ନୂତନ ଫଳ ଓ ପୁଷ୍ପ ବୃକ୍ଷ ପର ଆଡ ଏଦେଶକୁ ଆଣିଥିବା ଅସମ୍ଭବ ନୁହେଁ ।

୩ । ଆନାରସ—ANANAS (Pineapple) ଆମେରିକାରୁ ଆଗତ, ବ୍ରାଜିଲରେ ଏହାର ନାମ ନାନା ।

୩ କ । ଆବୋଲ୍—AVO (grandmother) କେବଳ ଖ୍ରୀଷ୍ଟାନ୍-ସମାଜରେ ଚଳେ । ଭା: କୋ:, ବାଲେଶ୍ବର ଓ ବାଙ୍କି ଅଞ୍ଚଳର କରଣଙ୍କ ଗୋଷ୍ଠୀରେ ପ୍ରଚଳିତ । ବୃଦ୍ଧ, ଦେଠେଇ ଅର୍ଥରେ ପ୍ରୟୋଗ ହୁଏ ।

୪ । ଆୟା—AIA (dry-nurse) ଫାରସୀ ଆରବୀ 'ଦାୟା' ଭ୍ରମାତ୍ମକ । ଭା: କୋ: ଦେଶଜ ଶବ୍ଦ ଏବଂ ଇଂରାଜୀରେ ଏବେ ଗୃହୀତ ।

୫ ଆଲକାତରା—ALCATRAO (tar) ଶବ୍ଦଟି ଅରବୀ; କିନ୍ତୁ ପର୍ତ୍ତୁ-ଗୀଜ୍‌ଦ୍ୱାରା ଏ ଦେଶରେ ପ୍ରଚଳିତ ।

୬ । ଆଲପିନ୍—ALFINETE (pin) ଭା: କୋ: ଆରବୀ ପିନ୍ ଓ ଇଂରାଜୀ wall pin ର ସମନ୍ୱୟ, କିନ୍ତୁ ଶବ୍ଦଟି ପ୍ରକୃତରେ ପର୍ତ୍ତୁଗୀଜ୍ ।

୭ । ଆଲମାରି—ARMARIO (cupboard)

୮ । ଇସ୍ତ୍ରି—ESTIRAR/ESTICAR (Ironing) ପର୍ତ୍ତୁଗୀଜ୍ ଶବ୍ଦଟିର ସାଧାରଣ ଅର୍ଥ ପ୍ରସାରଣ ବା ବିସ୍ତାର କରିବା । ଏହା ଇସ୍ତ୍ରି ଶବ୍ଦର ମୂଳ ବୋଲି ଅନୁମିତ ହୁଏ ।

୯ । ଇସ୍ପାତ—ESPADA (sword) ପର୍ତ୍ତୁଗୀଜ୍ ଖଣ୍ଡାର ସୁନାମ ଅନୁସାରେ ଶକ୍ତଲୁହା ଅର୍ଥରେ ଇସ୍ପାତ ଶବ୍ଦର ପ୍ରଚଳନ ହୋଇଅଛି ।

୧୦ । ଇଂରେଜ—INGRES (English)

୧୧ । ଏରିଆ—ARREAR (to ease off a rope) ଜାହାଜୀ ଶବ୍ଦ, ସାଧାରଣତଃ ଆଜ୍ଞାରେ ବ୍ୟବହୃତ । ମାଝି ବା କାପ୍ତାନ ନଙ୍ଗର

ଉଠାଇବାପାଇଁ ଏହି ଶବ୍ଦ ଉଚ୍ଚାରଣ କରି ନିର୍ଦ୍ଦେଶ ଦିଅନ୍ତି । ଦ୍ରଷ୍ଟବ୍ୟ- ଫକୀରମୋହନଙ୍କ "କମଳାପ୍ରସାଦ ଗୋଲାପ ।"

୧୨ । ଓଲନ୍ଦାଜ—HALLANDEZ (Dutch)

୧୩ । କର୍ତ୍ତାବନ୍—CARABINA (Carabine) ପର୍ତ୍ତୁଗୀଜ୍ ଜଳ- ଦସ୍ୟୁମାନଙ୍କଦ୍ୱାରା ବ୍ୟବହୃତ ହେଉଥିବା ଏକପ୍ରକାର କ୍ଷୁଦ୍ର ବନ୍ଧୁକ ।

ଦ୍ରଷ୍ଟବ୍ୟ—ଫକୀରମୋହନଙ୍କ "କାଳିକାପ୍ରସାଦ ଗୋଲାପ ।" ଭା:- କୋ: ତୁର୍କୀ ଶବ୍ଦ-କରାବନ୍ ।

୧୪ । କଫି—CAFE (coffe) ଶବ୍ଦଟି ଭାରତକୁ କପରି ଆସିଲା କହିବା ଖୁବ୍ ଶକ୍ତ । ଅନେକ ମନେକରନ୍ତି ଆରବୀ-କହ୍ୱେଆ (ମଦ) ମୂଳ । ଭା: କୋ: ତୁର୍କୀ ଶବ୍ଦର ଇଂରାଜୀ ରୂପ ।

୧୫ । କଳାପାତି—CALAFATE (caulker) ଅାଖିର କଜ୍ଜଳପାଇଁ ବ୍ୟବହୃତ ପାନୀ ଅର୍ଥରେ କଳାପାତି ଶବ୍ଦ ଚଳେ, ମାତ୍ର ତାହା ତଦ୍ଭବ ଶବ୍ଦ । ଜାହାଜର ଫାଟ ବନ୍ଦ କରିବାପାଇଁ ପିଚ୍, ଖୁଟିନ୍, ତରଳ ଚୂଣ ଢାଳିବା ଅର୍ଥରେ ଯେଉଁ କଳାପିଟିଆ ଶବ୍ଦର ବ୍ୟବହାର ଫକୀରମୋହନ କରିଛନ୍ତି (ବାଲେଶ୍ୱରୀ ପଙ୍ଗାଲୁଣ) ତା'ର ମୂଳ ପର୍ତ୍ତୁଗୀଜ୍ । ଭା: କୋ: ଏହି ବିଶିଷ୍ଟ ଅର୍ଥଟି ମଧ୍ୟ ଗୃହୀତ ।

୧୬ । କାକାତୁଆ—CATATUA (Parrot) ମାଲୟ ଭାଷାରେ କାକାତୁଆ । ଭା: କୋ: କାକା ଯୁକ୍ତ ଫାରସୀ ତୋତା ଶବ୍ଦଟିର ମୂଳ ।

୧୭ । କାଜ—CASA (button-hole) ଦରଜୀମାନଙ୍କଦ୍ୱାରା କେବଳ ବ୍ୟବହୃତ । ଭା: କୋ: ଫାରସୀ ।

୧୮ । କାଜୁ—CAJU (Casheed-nut) ଦେଶୀଭାଷାରେ ଲଙ୍କାଆମ୍ବ, ବାଜାଆମ୍ବ, ହିଜଳି ବାଦାମ ନାମରେ ପରିଚିତ ।

୧୯ । କାନେସ୍ତରା—C A N A S T R A (Canister) ଭା: କୋ: ମୂଳ ଶବ୍ଦ ଇଂରାଜୀ ।

୨୦ । କାପ୍ତାନ—CAPITAO (coptain) ସାମରିକ ଶବ୍ଦଟିର ମୂଳ ଇଂରାଜୀ ହୋଇପାରେ; କିନ୍ତୁ ତାହା ତାଡ ଶବ୍ଦଟିର ମୂଳ ପର୍ତ୍ତୁଗୀଜ୍ ।

୨୧ । କାଫଲ—ACAFELAR (to Plaster) ଶବ୍ଦଟିର ଭାରତୀୟ-ପର୍ତ୍ତୁଗୀଜ୍ ରୂପ କାଫଲ । ଶବ୍ଦଟି ଓଡ଼ିଆରେ ଅପ୍ରଚଳିତ । କଟକର କାଫଲ ବଜାର ମୂଳତଃ ଏକ ରାଜମିସ୍ତ୍ରୀ ବସ୍ତି ଅଥବା ତୀର୍ଥଯାତ୍ରୀଙ୍କ ଅବସ୍ଥିତିସ୍ଥଳ (ଆରବୀ କାଫିଲ-ତୀର୍ଥଯାତ୍ରୀ ଦଳ) ଥିଲା ଜଣା ନ ଗଲେ ଶବ୍ଦଟି ପର୍ତ୍ତୁଗୀଜ୍ କି ଆରବୀ ସ୍ଥିର କରିବା ସଂଶୟପୂର୍ଣ୍ଣ ।

୨୨ । କାବାର—ACABAR (to finish) ଶବ୍ଦଟିର ଭାରତୀୟ-ପର୍ତ୍ତୁଗୀଜ୍ ରୂପ କାବାର । ବିଶେଷତଃ ତାସ୍ ଖେଳରେ ଏକ ମାସକ ବାର ଇତ୍ୟାଦି ବ୍ୟବହାରରେ ଶବ୍ଦଟି ପରିଦୃଷ୍ଟ ହୁଏ ଭା: କୋ: ଆରବୀ ।

୨୩ । କାମରା—CAMARA (Room)

୨୪ । କାମିଜ—CAMISA (shirt)

୨୫ । କରାଣୀ—CARRANE (clerk) ମୂଳଅର୍ଥ ସମୁଦ୍ରଯାତ୍ରା ସମ୍ପର୍କରେ ଜାହାଜର ମାଲପତ୍ର ଓ ବ୍ୟବସାୟ କାରବାର ଦାୟିତ୍ୱରେ ଥିବା ବ୍ୟକ୍ତି । ଶବ୍ଦଟିର ଇଂରାଜୀ ଭାରତୀୟ ରୂପ Cranny, ଅର୍ଥ ଇଂରାଜୀ ଜ୍ଞାନ ସମ୍ପନ୍ନ ଭାରତୀୟ ଲେଖନକାର । ପୂର୍ବେ ଫିରିଙ୍ଗି ବା ୟୁରୋପୀୟ ଅର୍ଥରେ ମଧ୍ୟ ଶବ୍ଦଟି ବ୍ୟବହୃତ ହେଉଥିଲା । ତେଣୁ ଶବ୍ଦଟିର ମୂଳ-Christian—ବୋଲି ଅନୁମାନ କରାଯାଇଥାଏ । ଲେଖନକାର ଅର୍ଥରେ ଭାରତୀୟ କରଣ-ଶବ୍ଦରୁ କରାଣୀ ଆସିଥିବାର ସମ୍ଭାବନା ଅଛି । ଇଂରେଜମାନେ ଇଂରାଜୀ ଭାଷାଭିଜ୍ଞ ଦେଶୀ ଖ୍ରୀଷ୍ଟାନ୍ ସମାଜରୁ ଲେଖନକାର ରଖୁଥିଲେ, କାରଣ ହିନ୍ଦୁମାନେ ଇଂରାଜୀ ଶିକ୍ଷା କରୁ ନ ଥିଲେ କିମ୍ବା ଇଂରେଜମାନଙ୍କ ଅଧୀନରେ ଭୃତ୍ୟ ହେବାକୁ ଧର୍ମଭୟରୁ କୁଣ୍ଠିତ ହେଉଥିଲେ । ତେଣୁ ହିନ୍ଦୁମାନେ ସେହି ଲେଖନକାରମାନଙ୍କୁ 'କରଣ' ନ କହି ତୁଚ୍ଛାର୍ଥରେ କରାଣୀରୂପେ ଆଖ୍ୟାତ କରୁଥିଲେ । ଶବ୍ଦଟି କ୍ରମେ ଅର୍ଥ-ସଂପ୍ରସାରଣବଳରେ ଖ୍ରୀଷ୍ଟିଆନ୍ ଅର୍ଥରେ

ଓ ପରେ ସମସ୍ତ ୟୁରୋପୀୟ ଅର୍ଥରେ ପ୍ରଯୁକ୍ତ ହୋଇଥିଲା । ଅନ୍ୟ ପକ୍ଷରେ ଶବ୍ଦଟି ପର୍ତ୍ତୁଗୀଜ୍ ବୋଲି ଯୁକ୍ତି କରାଯାଏ । ଭାଷାତତ୍ତ୍ୱବିଦ୍ ଅଧ୍ୟାପକ ଡ଼ା: ଶିବନାଥଙ୍କ ଆଲୋଚନା ଏ ସ୍ଥଳରେ ଉଲ୍ଲେଖଯୋଗ୍ୟ - ପର୍ତ୍ତୁଗୀଜ ଭାଷାରେ ESCRIVAOର ଅର୍ଥ କ୍ଲର୍କ । ଏହି ଶବ୍ଦର କର୍ତ୍ତୃବାଚକ— ENTE— ପ୍ରତ୍ୟୟ ସଂଯୁକ୍ତ କରି ESCREVENTE ଶବ୍ଦର ପ୍ରୟୋଗ ପରିଦୃଷ୍ଟ ହୁଏ । କରାଣୀ ଶବ୍ଦଟି ଏଥିରୁ ହିଁ ନିଷ୍ପନ୍ନ । (ନାଗରୀପ୍ରଚାରିଣୀ ପତ୍ରିକା, ବର୍ଷ—୬୬, ଅଙ୍କ ୨-୪, ପୃଷ୍ଠା-୩, ୬) ଭା: କୋ: ଏସ୍କ୍ରେଭେନ୍ତୀ ମୂଳ ।

୨୬ । କିରିଚ—CRIS (bayonet) ଶବ୍ଦଟିର ମୂଳ ମାଲୟ-KR.S । ବଙ୍କାଛୁରୀ, ସଙ୍ଗୀନ୍ ଅର୍ଥରେ ପ୍ରୟୋଗ ହୁଏ ।

୨୭ । କେଦାରା—CADEIRA (chair) ଓଡ଼ିଶାରେ ବ୍ୟାପକ ବ୍ୟବହାର ନାହିଁ, କେବଳ ବଙ୍ଗୀୟ ସମାଜରେ ଚଳେ ।

୨୮ । କୋବି—COUVE (Cabbage

୨୯ । କ୍ରୁଶ—CRUZ (cross) ଭା: କୋ: ଇଂରାଜୀ ମୂଳ, କିନ୍ତୁ ଧ୍ୱନି ବିଚାରରୁ ଏବଂ ପର୍ତ୍ତୁଗୀଜ୍ ପାଦ୍ରୀମାନେ ପ୍ରଥମ ପ୍ରଚାରକ ହେତୁରୁ ପର୍ତ୍ତୁଗୀଜ୍-ମୂଳ ସମ୍ଭାବ୍ୟ ।

୩୦ । ଗରନାଲ—GRANADA (grenade) ଭା: କୋ: ଦେଶୀ ।

୩୧ । ଗାମଲା – GAMELA (wooden bowl, porringer) ଓଡ଼ିଶାରେ ଏକ ବିଶେଷ ଆକୃତିର ତମ୍ବାପାତ୍ର ଅର୍ଥରେ ବ୍ୟବହୃତ । ବଙ୍ଗଳାରେ ଗାମ୍‌ଲା, ଗାମଲା ।

୩୨ । ଗାରଦ—GRADE (grating, railing) ଭା:କୋ: ଇଂରାଜୀ ଗାର୍ଡ ଶବ୍ଦ ମୂଳ ।

୩୩ । ଗୀର୍ଜା—IGREJA (church)

୩୪ । ଗୁଦୁଡ଼ି—ଖ୍ରୀ: କୋ:, ପର୍ତ୍ତୁଗୀଜ୍ ଗୋଦୟସ୍ ମୂଳ । କନ୍ଥା ଅର୍ଥରେ ଏହାର ବ୍ୟବହାର ବାଲେଶ୍ୱର ଅଞ୍ଚଳରେ ପ୍ରଚଳିତ ।

୩୫ । ଗୋଦାମ—GUDANO (Ware-house) ଏହା ଭାରତୀୟ ପର୍ତ୍ତୁଗୀଜ୍ ନୁହେ । ଖ୍ରୀ:କୋ: ଇଂରାଜୀ ଗୋଡ଼ାଉନ୍ ମୂଳ । Taylorଙ୍କ ଅଭିଧାନରେ ନାହିଁ ନାହିଁ ।

୩୬ । ଗୋରାପ—GAROPO [a kind of Sailing Vessel from Malasia—IPVAL] ଖ୍ରୀ:କୋ: ଦେଶୀ ।

୩୭ । ଚା CHA [tea] ଏହିଟି ଚୀନ୍ ଦେଶୀୟ ପର୍ତ୍ତୁଗୀଜ୍‌ମାନେ ଏହାଟିର ପ୍ରଚଳନ ଭାରତରେ ଆରମ୍ଭ କରିଥିବା ସମ୍ଭବ ।
IPVAL ରେ ପ୍ରଦତ୍ତ ବିସ୍ତୃତ ଆଲୋଚନାରୁ ଏହାର ସୂଚନା ମିଳେ ।

୩୮ । ଚାବି—CHAVE, key

୩୯ । ଚୁଆ-COA [liquid that is strained] ଖ୍ରୀ: କୋ:, ସଂସ୍କୃତ ଚ୍ୟୁ=କ୍ଷରିତ ହେବା ମୂଳ, ଭାରତରେ ଚୁଆର ବ୍ୟବହାର ପ୍ରାଚୀନ କାଳରୁ ଅଛି ତେଣୁ ପର୍ତ୍ତୁଗୀଜ୍ ମୂଳ ସଂଶୟାତ୍ମକ ।

୪୦ । ଛାପା-CHAPA[Seal, impression, Print ete, ଛାପା ଶବ୍ଦଟି ଭାରତୀୟ, କିନ୍ତୁ ମୁଦ୍ରଣ ଅର୍ଥରେ ଏହାର ପ୍ରୟୋଗ ପର୍ତ୍ତୁଗୀଜ୍ ଶବ୍ଦଟି ସହ ସମ୍ବନ୍ଧାନ୍ୱିତ କରେ । ପର୍ତ୍ତୁଗୀଜ୍‌ମାନେ ପ୍ରଥମେ ଛାପା କାର୍ଯ୍ୟ ଏ ଦେଶରେ ଆରମ୍ଭ କରିଥିଲେ ଖ୍ରୀ: ୧୫୭୭ରେ ପାଦ୍ରୀ Joannes Gonsa-lves ତାମିଲ ଅକ୍ଷରରେ ପ୍ରଥମେ ଛାପା ଆରମ୍ଭ କରିଥିଲେ । [Linguistic Surveyof India-vol-Iv, Page-301] ଶ୍ରୀରାମପୁରରେ ଛାପାଖାନା ବସିବା ପୂର୍ବରୁ ଖ୍ରୀ: ୧୭୭୮ରେ Nathaniel Brassey Halhed ହୁଗୁଳିଠାରେ ଛାପା କାର୍ଯ୍ୟ ଆରମ୍ଭ କରିଥିଲେ । ତେଣୁ ମନେହୁଏ ଏହି ବିଶେଷ ଅର୍ଥରେ ଛାପା ଶବ୍ଦଟି ପର୍ତ୍ତୁଗୀଜ୍ ।

୪୧ । ଜନା—ZEAMAYS [maize] ମକ୍‌କା ଆଦିବାସୀ ଓ କୋରାପୁଟ ଭାଷାରେ ଜନା । ଚର୍ଯ୍ୟାଗୀତିରେ ଶବରୀପାଦ ଜହ୍ନା ଶବ୍ଦର

ପ୍ରୟୋଗ କରିଛନ୍ତି । ସୁତରାଂ Composଙ୍କର ମନ୍ତବ୍ୟ-"9 + 10 probable That this important Plant was introduced in India by the Portuguese" (ପୃ:-୨୪୮) ଭିତ୍ତିହୀନ । ଏହା ଏକ ଦେଶୀ ଶବ୍ଦ ବା ସଂସ୍କୃତ ଜାବନାଳ ଶବ୍ଦଜ ।

୮୨ । ଜାନଲା —JANELA [window]

୮୩ । ଜାଫ୍ରାନ୍—A.CAFRAO saffron] ସ୍ପେନୀୟ-ପର୍ତ୍ତୁଗୀଜ୍ ରୂପ ସାଫ୍ରାନ୍ । ଏହା ଦକ୍ଷିଣ ୟୁରୋପରୁ ଏ ଦେଶକୁ ଆନୀତ । ଭା: କୋ: ଆରବୀ ଜାଫରାନ୍ ମୂଳ ।

୮୪ । ଜୁଆ —JOGAR [game of chance gambling] ମୂଳ ସଂସ୍କୃତ-ଦ୍ୟୂତ ୭ ପ୍ରାକୃତଦୂତ । ଭାରତରେ ଜୁଆଖେଳର ପ୍ରବଳତା ପର୍ତ୍ତୁଗୀଜ୍‌ମାନଙ୍କର ଆଗମନ ପରେ ଦେଖା ଯାଇଥିଲା । ତେଣୁ ଶବ୍ଦଟି ପର୍ତ୍ତୁଗୀଜ୍-ମୂଳ ବୋଲି ଅନୁମାନ କରାଯାଏ ।

୮୫ । ଜୁଲାପ—JALAP [Purgative] ମେକ୍ସିକୋର Xalapa ନଗରୀ ନାମାନୁସାରେ ବୃକ୍ଷର ନାମ ପର୍ତ୍ତୁଗୀଜ୍‌ମାନେ ପ୍ରଦାନ କରିଛନ୍ତି । ଭା: କୋ: ଆରବୀ ଫାରସୀ ଶବ୍ଦ, ଗୁଲାବ ଶବ୍ଦ ମୂଳ, କିନ୍ତୁ ବିରେଚକ ଅର୍ଥରେ ଓଡ଼ିଆରେ ଜୁଲାପର ପ୍ରୟୋଗ ପର୍ତ୍ତୁଗୀଜ୍-ମୌଳିକ ।

୮୬ । ଟାଙ୍କି —TANQUE [Gistern, reservoir] ଭା: କୋ: ଇଂରାଜୀ ଟାଙ୍କ୍ ମୂଳ ।

୮୭ । ଡିଙ୍ଗା—ALFANDEGA [Custom house] ୟୁରୋପୀୟ ବଣିକ ବସନ୍ତମାନ ଡିଙ୍ଗା ନାମରେ ପରିଚିତ । ଯଥା-ଫରାସୀ ଡିଙ୍ଗା, ଓଲନ୍ଦାଜ ଡିଙ୍ଗା ଇତ୍ୟାଦି । ଭା: କୋ: ଶବ୍ଦଟିର ମୂଳ ସମ୍ପର୍କରେ ସୂଚନା ନାହିଁ ।

୮୮ । ତଉଲିଆ —TOALHA [Towel] ଅନେକ ପଦାର୍ଥ ଠିକ୍ ଇଂରେଜ ବା ପର୍ତ୍ତୁଗୀଜ୍ କିଏ ପ୍ରଥମେ ଏ ଦେଶରେ ପ୍ରଚଳନ କଲେ ନିର୍ଣ୍ଣୟ

କରିବା କଷ୍ଟକର । ସୁନୀତି କୁମାର ଚାଟୁର୍ଜ୍ୟାଙ୍କ ପ୍ରମୁଖ ଭାଷା ବିତ୍‌ଗଣ ଏ ସ୍ଥଳେ ପର୍ତ୍ତୁଗୀଜ୍ ଶବ୍ଦକୁ ମୂଳରୂପେ ଗ୍ରହଣ କରିଛନ୍ତି । O. D. B. L. S. 371, page--631]

୪୯ । ତମାଖୁ---TABACO (Tobacco) ମେକ୍ସିକୋ ଦେଶରୁ ଏହା ପ୍ରଥମେ ପର୍ତ୍ତୁଗୀଜ୍‌ମାନଙ୍କ ଦ୍ୱାରା ଆମଦାନି ହୋଇଥିଲା । ଧୂଆଁ ପତ୍ର ନାମରେ ଆମ ଦେଶରେ ବୋଧହୁଏ ପୂର୍ବରୁ ଥିଲା । କାରଣ ପର୍ତ୍ତୁଗୀଜ୍ ଭାଷାଦ୍ୱାରା ବହୁ ପରିମାଣରେ ପ୍ରଭାବିତ କୋଙ୍କଣୀ ଭାଷାରେ ଏହା ପତ୍ର ନାମରେ ତମାଖୁ ପରିଚିତ । ସଂସ୍କୃତ ତାମ୍ରକୂଟ ଶବ୍ଦ କୃତ୍ରିମ ଉଦ୍ଭାବିତ ।

୫୦ । ତସଲା—TIGELA (Shallow earthen pot to boil rice, small bowl) ବଙ୍ଗଳାରେ ତିଜେଲ । ଭା: କୋ: ଫାରସୀ ତସ୍ତ ଯୁକ୍ତ ଓଡ଼ିଆ -ଲା, ଶବ୍ଦଟି ଓଡ଼ିଆ ।

୫୧ । ତୁରୁଙ୍ଗ--TRONCO (Prison, gowl) ଭା: କୋ: ମୂଳ ଶବ୍ଦ ପର୍ତ୍ତୁଗୀଜ୍ ଟ୍ରଙ୍କ୍, ଅର୍ଥ—ଅପରାଧୀର ଗୋଡ଼ହାତକୁ କାଠମଧ୍ୟସ୍ଥ ଛିଦ୍ରରେ ପୂରାଇ ବନ୍ଦକରି ରଖିବା ଯନ୍ତ୍ରବିଶେଷ । ମରାଠୀ, ଗୁଜୁରାଟୀରେ ତୁରୁଙ୍ଗ ପ୍ରଚଳିତ ।

୫୨ । ତୁରୁପ—TRUNFO (trump , ତାସଖେଳ ବିଷୟକ ବହୁ ଶବ୍ଦ ଓଲନ୍ଦାଜ ଭାଷାରୁ ଗୃହୀତ ହୋଇଥିଲେ ମଧ୍ୟ କାବାର, ତୁରୁପ ଆଦି ଶବ୍ଦ ପର୍ତ୍ତୁଗୀଜ୍‌ରୁ ଆଗତ । ତାସଖେଳବିଷୟକ ଆଉ କେତେକ ଶବ୍ଦ ବଙ୍ଗଳାରେ ମିଳେ, ଯଥା—କୋରେଲା ପ୍ରଭୃତି ।

୫୩ । ତେଲଣି—TALHA (large earthen ware jug or pot ବଙ୍ଗଳାରେ ତୋଲୋ (ହାଣ୍ଡି); ତଲ୍ହା (ଜଳ, ତୈଳ ରଖିବା ବୃହତ୍ ମାଟି ପାତ୍ର) ପର୍ତ୍ତୁଗୀଜ୍ ଶବ୍ଦଭାବରେ ସ୍ୱୀକୃତ । ଓଡ଼ିଆ ଶବ୍ଦ ତେଲଣି, ତେଲଢ଼ଣି, ତଲ୍‌ଆଣି ଦେଶୀ ଶବ୍ଦଭାବରେ ଗୃହୀତ ହେଲେ ମଧ୍ୟ ଏ ସ୍ଥଳରେ ବିଚାର୍ଯ୍ୟ ।

୫୪ । ନୀଳ—Anil [Indigo] ସଂସ୍କୃତ ନୀଳ ଶବ୍ଦ ମୂଳ । Campos ଲେଖନ୍ତି, ଜନୀ ଏହି ଏ ଶବ୍ଦଟି ପର୍ତ୍ତୁଗୀଜ୍ ପ୍ରଦତ୍ତ ବୋଲି କହୁଛନ୍ତି । Watt ତାଙ୍କର The Dictionary of the Economical Products of India ଗ୍ରନ୍ଥରେ ଲେଖିଛନ୍ତି ଯେ—" It nowhere exists in a wild state in India and was probably introduced during tne period of Portuguese ascendacy in the western and Southern Presidencies."

୫୫ । ନିଲାମ—LEILAO [auction sale] ଭା: କୋ: ଆରବୀ ମୂଳ, କିନ୍ତୁ ପ୍ରକୃତରେ ପର୍ତ୍ତୁଗୀଜ୍‌ମାନଙ୍କର ଆଗମନ ପରେ ଯେଉଁ କେତେକ ନୂତନ ଅନୁଷ୍ଠାନ ଓ ରୀତି ପରିଦୃଷ୍ଟ ହେଲା, ନିଲାମଦ୍ୱାରା ବିକ୍ରୟ କରିବା ତହିଁରେ ଅନ୍ୟତମ । ସେମାନେ ପ୍ରାୟ ତାଙ୍କର ବାଣିଜ୍ୟକେନ୍ଦ୍ରମାନଙ୍କରେ ନିଲାମ ଡାକୁଥିଲେ ଓ ଲଟେରୀ କରୁଥିଲେ (ଦ୍ରଷ୍ଟବ୍ୟ—ଅବିନାଶଚନ୍ଦ୍ର ଘୋଷ ବ. ସା. ପ. ପତ୍ରିକା)

୫୬ । ନୋଉଆ—ANONA [bullock's heart, Taylor —sugar apple] ବଙ୍ଗଳାରେ ନୋନା, ଆତର ସଗୋତ୍ରୀୟ ଏହି ଫଳ ଉଦ୍ୟାନପ୍ରିୟ ପର୍ତ୍ତୁଗୀଜ୍‌ମାନଙ୍କ ମାଧ୍ୟମରେ ଏ ଦେଶରେ ପରିଚିତ ।

୫୭ । ପପେୟା—PAPAIA [papaw ଏହି ଆମେରିକାର ଫଳ ପର୍ତ୍ତୁଗୀଜ୍‌ମାନେ ପ୍ରଥମେ ଏସିଆ ଓ ଆଫ୍ରିକା ମହାଦେଶକୁ ଆଣିଲେ । ଓଡ଼ିଶାରେ ଅମୃତଭଣ୍ଡା ନାମ ବିଶେଷ ପ୍ରଚଳିତ ।

୫୮ । ପରାତ—PRATO [plate] ଧାତୁନିର୍ମିତ ବଡ଼ଥାଳୀ । ବଙ୍ଗଳା, ହିନ୍ଦୀ, ମରାଠୀ, କୋଙ୍କଣୀରେ ମଧ୍ୟ ପ୍ରଚଳିତ ।

୫୯ । ପାଉଁରୁଟି—PAO [bread, loaf]

୬୦ । ପାତିହଂସ—PATO [goose] ଭା:କୋ: ପାତି ଦେଶଜ ଓ କ୍ଷୁଦ୍ରାର୍ଥକ ପ୍ରତ୍ୟୟ । ଏହାର ମୂଳ ସଂସ୍କୃତ—ପତ୍ରୀ ବା ପତ୍ରକ । କେହି

କେହି ମନେକରନ୍ତି ଆରବୀ bat ମୂଳ ଯାହା କ୍ଷୁଦ୍ରାର୍ଥରେ--ବତକ ହୁଏ । ଗ୍ରୀକ ହଂସ ଅର୍ଥରେ ପାତି ହଂସର ପ୍ରୟୋଗ ସମ୍ଭବତଃ ପର୍ତ୍ତୁଗୀଜ୍ ପ୍ରଭାବିତ ।

୬୧ । ପାଦ୍ରୀ---PADRE [priest] ଏ ଦେଶରେ ଖ୍ରୀଷ୍ଟଧର୍ମର ଭିତ୍ତିସ୍ଥାପନ ପର୍ତ୍ତୁଗୀଜ୍ ପ୍ରଚାରକମାନେ କରିଥିବାରୁ ସେ ସମ୍ବନ୍ଧୀୟ ଅନେକ ପର୍ତ୍ତୁଗୀଜ୍ ଶବ୍ଦ ପରବର୍ତ୍ତୀ କାଳରେ ଆଉ ପରିତ୍ୟକ୍ତ ହୋଇ ପାରିନାହିଁ ।

୬୨ । ପିମ୍ପା---PIPA [barrel, cal]

୬୩ । ପିରକ---PREGO [nail] ଭା: କୋ: ଇଂରାଜୀ ପ୍ରିକ୍ ମୂଳ ।

୬୪ । ପିରିଚ---PIRES [saucer] ଗ୍ରୀକ ଆକାର । ହିନ୍ଦୀ-ପିରିଚ, ଆସାମୀ-ପିରିସ, ବଙ୍ଗଳା-ପିରିଜ ତୁଳନୀୟ ।

୬୫ । ପିସ୍ତଲ---PISTOLA [pistol] ଇଂରାଜୀ ବ୍ୟତୀତ ଡଚ୍ pistool ମଧ୍ୟ ମୂଳ ବୋଲି ଅନୁମାନ କରାଯାଏ । ପର୍ତ୍ତୁଗୀଜ୍ ବଣିକ ଦଳ ଅଗ୍ରଦୂତ ଥିବାରୁ ସେମାନଙ୍କଠାରୁ ଶବ୍ଦଟି ଗୃହୀତ ହୋଇଥିବା ଅସମ୍ଭବ ନୁହେଁ ।

୬୬ । ପେଡ଼ା---PERA [guava] ବିକଳ୍ପରେ ପେଏଡ଼ା, ପେରା, ପିଜୁଳି । ଏହା ଏକ ଆମେରିକାନ୍ ଫଳ ଏବଂ ପର୍ତ୍ତୁଗୀଜ୍ମାନଙ୍କ ଦ୍ୱାରା ଆନୀତ ଓ ନାମିତ । ଭା:କୋ: ସଂସ୍କୃତ---ପାରେବତ । ଏହି ଶବ୍ଦଟି ନିଶ୍ଚୟ ପରବର୍ତ୍ତୀକାଳୀନ ସୃଷ୍ଟି, ମୂଳଶବ୍ଦ ପେଡ଼ା ।

୬୭ । ପେରୁ---PERU [turkey] ଏକଜାତୀୟ କୁକୁଡ଼ାର ନାମ । ଓଡ଼ିଆରେ ଶବ୍ଦଟି ବର୍ତ୍ତମାନ ପ୍ରାୟ ଅପ୍ରଚଳିତ, କିନ୍ତୁ IPVAL, ଭା: କୋ: ଓ Campos ଙ୍କ ବହିରୁ ଏହା ଓଡ଼ିଆରେ ପ୍ରଚଳିତ ଥିବା ଜଣାଯାଏ ।

୬୮ । ଫଟକା-- FOQUETE [cracker, firecrackers] ଭା:କୋ: ଦେଶୀ ଶବ୍ଦ, ଫଟ୍ଧ୍ୱନି ଅନୁସରଣରେ ନିଷ୍ପନ୍ନ । ଶବ୍ଦଟି କିନ୍ତୁ ଆସାମୀ,

ହିନ୍ଦୀ, ତାମିଲ, ମାଲୟାଲମ ଓ ତେଲୁଗୁରେ ମିଳେ । ତେଣୁ ପର୍ତ୍ତୁଗୀଜ---ମୂଳ ସମ୍ଭାବ୍ୟ ।

୬୯ । ଫର୍ମା---FORMA [form] Taylor-mould, appearance.

୭୦ । ଫରାସୀ---FRANGES [French] ଅନ୍ୟାନ୍ୟ ବିଦେଶୀ ବଣିକମାନଙ୍କର ପରିଚୟ ପର୍ତ୍ତୁଗୀଜ୍‌ମାନଙ୍କଠାରୁ ଲାଭ କରିଥିବା ସମ୍ଭବ ।

୭୧ । ଫିତା---FITA [ribbon]

୭୨ । ଫୁଲର---FUNIL [funnel] ସ୍ଥାନ-ବିଶେଷରେ ଫୁନେଲ କୁହାଯାଏ ।

୭୩ । ବଇଆଁ—BOIAO (a large mouthed jar—Taylor) ବୟମ୍, ବୟାମ ବୈକଳ୍ପିକ ନାମ । ଭା: କୋ: ସ-ବନ୍ଧ୍ ଧାତୁ ନିଷ୍ପନ୍ନ ।

୭୪ । ବଙ୍କଶାଳ—BANGACAL (warehouse, customs house) ଦ୍ରଷ୍ଟବ୍ୟ—ଫକୀର ମୋହନଙ୍କ “ବାଲେଶ୍ୱର ବନ୍ଦରରେ ଓଲନ୍ଦାଜ କୁଠି” ଓ ଆତ୍ମଜୀବନୀ : ଅଷ୍ଟାଲ ସିଲ୍ଲଇ ଓ ନିମକ-ମାହାଲ ।

୭୫ । ବଟା—BATAO (difference in exchange) ବିକଳ୍ପରେ ବଟି । ଭା: କୋ: ସଂସ୍କୃତ ‘ବାର୍ତ୍ତା’ ମୂଳ । ବ୍ୟବସାୟ କାରବାରରେ ଶବ୍ଦଟି ବିଶେଷ ବ୍ୟବହୃତ ହେଉଥିବାରୁ ପର୍ତ୍ତୁଗୀଜ୍-ମୂଳ ହୋଇପାରେ IPVL — ହିନ୍ଦୁସ୍ଥାନୀ ବଟ୍ଟା ମୂଳ ।

୭୬ । ବତାଲି— BATEL (Life-boat) ଦ୍ରଷ୍ଟବ୍ୟ ଫକୀର ମୋହନଙ୍କ “କମଳା ପ୍ରସାଦ ଗୋରାପ ।”

୭୭ । ବମ୍ବା—BOMBA (water-Pump) ଭା:କୋ: ବମ୍ବର, ମୂଳ ସଂସ୍କୃତ ବର୍ବର । ଶବ୍ଦଟି ଗଭୀର ଗର୍ତ୍ତ ଅର୍ଥରେ ବ୍ୟବହୃତ ହୁଏ ।

୭୮ । ବୟାଁ—BOIA (buoy)

୭୯ । ବରଗା—VERGA (rod, rafter) ଭା:କୋ: ସଂସ୍କୃତ 'ବର୍ଗ' ଓ ପର୍ତ୍ତୁଗୀଜ୍ 'ଭର୍ଗା' ଉଭୟ ନିର୍ଦ୍ଦେଶିତ ।

୮୦ । ବଳଙ୍ଗା—BALAO (a species of rowing vessel) ବାଲେଶ୍ୱର ନିକଟରେ ପ୍ରବାହିତ ନଦୀର ନାମ ମୂଳରେ ଏ ଶବ୍ଦଟି ଅଛି କି ?

୮୧ । ବାଇ - BAILADEIRA (dancing girl) ଭାରତୀୟ-- ଇଂରାଜୀ ରୂପ--Bayadere ଅନ୍ୟ ଏକ ପର୍ତ୍ତୁଗୀଜ୍ ଶବ୍ଦ Bailar (to dance) ଶବ୍ଦଟିର ମୂଳ । ଏହା ପର୍ତ୍ତୁଗୀଜ୍‌ରୁ ଗୃହୀତ କି ନୁହେଁ, କହିବା କଷ୍ଟକର । ଭା: କୋ: ବାଈ ଶବ୍ଦଟି ବୈଦେଶିକ ।

୮୨ । ବାଫ---BAFO (vapour) ଭା:କୋ: ସଂ: ବାଷ୍ପମୂଳ ।

୮୩ । ବାରଣ୍ଡା---VARANDA (verand h) IPVAL ରେ ଶବ୍ଦଟି ସମ୍ପର୍କରେ ବିସ୍ତାରିତ ଆଲୋଚନା କରାଯାଇଛି ଓ ସଂସ୍କୃତ ବରଣ୍ଡ-ମୂଳ ଅସ୍ୱୀକୃତ ହୋଇଛି । ଭା: କୋ: ସଂ ବରଣ୍ଡ, ବାରୁଣ୍ଡୀ, ମୂଳ ।

୮୪ । ବାଲ୍‌ଟି---BALDE (bucket)

୮୫ । ବାସନ---BACIA (Plate, Taylor-basin, wash bowl) ଶବ୍ଦଟିର ମୂଳ ସଂସ୍କୃତ ବାସ+ଅନ କିମ୍ବା ଭାଜନ ବୋଲି ଅନୁମାନ କରାଯାଏ । IPVAL ରେ ଓ Campos ଙ୍କ ତାଲିକାରେ ଏହି ଶବ୍ଦଟି ପର୍ତ୍ତୁଗୀଜ୍‌ରୁ ଓଡ଼ିଆରେ ଗୃହୀତ ବୋଲି ଉଲ୍ଲେଖ ହୋଇଛି ।

୮୬ । ବିନ୍ତି—VINTE (twenty) ତୁଳନୀୟ ସଂସ୍କୃତ-ବିଂଶତି, ପ୍ରସ୍ତନୀୟ--ବିନ୍ତେ । ବିନ୍ତିନାମକ ତାସ ଖେଳରେ ଏକପକ୍ଷ ବିନ୍ତି ଦେଖାଇଲେ ଅପରପକ୍ଷକୁ କୋଡ଼ିଏ ପୁଷ୍ପା ଅଧିକା ଦେଖାଇବାକୁ ପଡ଼େ । ଖେଳର ନାମ 'ବିନ୍ତି' ଏହି ଦୃଷ୍ଟିରୁ ଦିଆଯାଇଛି ଖେଳଟି ପର୍ତ୍ତୁଗୀଜ୍‌ମାନେ ପ୍ରଚାର କରିଥିବା ସମ୍ଭବ ।

୮୭ । ବିସ୍କୁଟ—Biscoito (biscuit) ଇଂରାଜୀ-ମୂଳ ହେବା ଅସମ୍ଭବ ନୁହେଁ । ତଥାପି ଭାଷାତତ୍ତ୍ୱବିତ୍‌ଗଣ ପର୍ତ୍ତୁଗୀଜ୍ ଶବ୍ଦକୁ ମୂଳ ବୋଲି ଗ୍ରହଣ କରନ୍ତି ।

୮୮ । ବେହେଲା—V I O L A (violin) ପର୍ତ୍ତୁଗୀଜ୍‌ମାନେ ବେହେଲା ବାଦକ ଭାବରେ ଖୁବ୍ ବିଖ୍ୟାତ । ଆମଦେଶରେ ବେହେଲାର ପ୍ରଚଳନ ସେମାନେ କରିଥିଲେ । ଭା: କୋ: ସଂ-ବହ୍ଲିକା ।

୮୯ । ବୋତଲ—BOTELHA (bottle) ଭା: କୋ. ଇଂରାଜୀ ମୂଳ ।

୯୦ । ବୋତାମ—BOTAO (button) ଭା! କୋ: ଇଂରାଜୀ ମୂଳ ।

୯୧ । ବୋମା—BOMB (bomb) ଓଡ଼ିଆରେ 'ବୋମ୍ବା' ମଧ୍ୟ କୁହାଯାଏ ।

୯୨ । ବୋମ୍ବାଟିଆ—BOMBARDEIRO (Pirate) ଭା:କୋ: ଇଂରାଜୀ ବମ୍ବାର୍ଡିଆର ମୂଳ ।

୯୩ । ଭତ୍ତା—BATA (ration) ସଂସ୍କୃତ ଭୃତି ମୂଳ; କିନ୍ତୁ allowance ଅର୍ଥରେ ଏହାର ପ୍ରୟୋଗ ପର୍ତ୍ତୁଗୀଜ୍‌ମାନଙ୍କଦ୍ୱାରା କରାଯାଇଥିଲା ଏବଂ ସେହି ଅର୍ଥରେ କେବଳ ଶବ୍ଦଟି ବର୍ତ୍ତମାନ ପ୍ରୟୋଗ ହେଉଛି ।

୯୪ । ମଲାଇ—MALAO (Sauce, graxy) ମାଲୟ ଦେଶର ବିଶିଷ୍ଟ ଖାଦ୍ୟ ହେତୁ ଏପରି ନାମିତ, ସୁଖାଦ୍ୟ ପ୍ରିୟ ପର୍ତ୍ତୁଗୀଜ୍‌ମାନେ ଏହାର ବ୍ୟାପକ ପ୍ରଚାର କରିଥିବା ଅନୁମେୟ । ଭା. କୋ: ଫାରସୀ-ବ ଲାଇ ମୂଳ ।

୯୫ । ମସୁର—MOSTRA (Sample, pattern) ବିକଳ୍ପରେ ମୁସର । ଭା: କୋ: ଦେଶଜ ।

୯୬ । ମାର୍କା--MARCA (mark) ଭା: କୋ: ଇଂରାଜୀ ମୂଳ । ସୁକୁମାର ସେନପ୍ରମୁଖ ପର୍ତ୍ତୁଗୀଜ୍-ମୂଳ ସ୍ୱୀକାର କରିଛନ୍ତି ।

୯୭ । ମାର୍ତେଲ---MARTELO (hammer) ବଡ଼ ହାତୁଡ଼ି ।

୯୮ । ମାସ୍ତୁଲ--MASTRO (mast)

୯୯ । ମିସ୍ତ୍ରୀ---MESTRE (master, expert) ଭା: କୋ: ଇଂରାଜୀ ମିଷ୍ଟର, ମାଷ୍ଟର ମୂଳ ।

୧୦୦ । ମୁଡା---M U R A (a measure-735 litres) ମାଲ୍ୟୁଡ଼ି-ମୁଡା । ଗୁଡ଼, ଆଖୁରସ ମାପରେ ଏହା ଏବେ ମଧ୍ୟ ବାଲେଶ୍ୱର ଜିଲ୍ଲାରେ ପ୍ରଚଳିତ । ଭା: କୋ: ଧାନଗୋଲା, କୋଠା ଅର୍ଥରେ ଗଞ୍ଜାମ ଅଞ୍ଚଳରେ ଚଳେ । ଶବ୍ଦଟି ପ୍ରକୃତରେ ପର୍ତ୍ତୁଗୀଜ୍ କି ନୁହେଁ ନିର୍ଣ୍ଣୟ କରିବା କଷ୍ଟକର ।

୧୦୧ । ମେଜ---MESA (table) ଭା: କୋ: ! ପାରସୀ ।

୧୦୨ । ମୋଜା---MEIA/MEIAS (sock) ତୁଳନୀୟ ତେଲୁଗୁ ମେଜୋଡ୍ । ଭା: କୋ: ପାରସୀ ।

୧୦୩ । ଯୀଶୁ---JESU (Jesus) ଭା: କୋ: ଇଂରାଜୀ ମୂଳ ।

୧୦୪ । ରସିଦ-- REGIBO (reccipt) ପାରସୀରେ ପହଞ୍ଚିଛି ଅର୍ଥରେ ରସିଦ ଶବ୍ଦ ମିଳେ; କିନ୍ତୁ ବର୍ତ୍ତମାନ ପ୍ରଚଳିତ ଅର୍ଥରେ ରସିଦ ଶବ୍ଦର ମୂଳ ଇଂରାଜୀ କି ପର୍ତ୍ତୁଗୀଜ୍ ଠିକ୍ ନିର୍ଣ୍ଣୟ କରି ହେବ ନାହିଁ ।

୧୦୫ । ରାମେଶ୍ୱ—ARMADA (a fleet of war vessel) ଆରମଦ, ହରମାଦ ଶବ୍ଦ ବଙ୍ଗଳାରେ ମିଳେ । ଦସ୍ୟୁ ଜାହାଜର ସୈନ୍ୟମାନଙ୍କୁ ଆରମାଡ଼-ସିପାହୀ କୁହାଯାଉଥିଲା । ରାମେଶ୍ୱ ଏହି ଶବ୍ଦର ସଙ୍କୋଚିତ ଓ ସଶ୍ଳିଷ୍ଟ ଧ୍ୱନି-ରୂପ ।

୧୦୬ । ଲଡ଼ା—LATA (tin) ଲୁହା ଲଡ଼ା ଶବ୍ଦ ମଧ୍ୟରେ ଲଡ଼ା ସମ୍ଭବତଃ ଟିଣ ଅର୍ଥରେ ପ୍ରଯୁକ୍ତ ।

୧୦୭ । ଶଙ୍ଖିଆ—ARSENICO (arsenic) ଏକ ପ୍ରକାର ବିଷ । ଭା: କୋ: ମୂଳ ସଂସ୍କୃତ-ଶଙ୍ଖବିଷ । ଗୋପୀନାଥ ନନ୍ଦଙ୍କ ଶବ୍ଦତତ୍ତ୍ୱ ବୋଧରେ ସାରଳା ମହାଭାରତରେ ଶବ୍ଦଟିର ଉଲ୍ଲେଖ ଦର୍ଶାଇ ଦିଆଯାଇଛି । ଅନ୍ୟ-ପକ୍ଷରେ ଏହି ଅର୍ଥରେ ବଙ୍ଗଳାରେ ପ୍ରଚଳିତ ସେଁକୋ ଶବ୍ଦର ମୂଳ ପର୍ତ୍ତୁଗୀଜ୍ ଶବ୍ଦଟି ବୋଲି ପ୍ରମାଣିତ । (O D.B.L. 355, Page—622)

୧୦୮ । ସନ୍ତ୍ରା—CINTRA (orange, a type of) ପର୍ତ୍ତୁଗୀଜ୍ ସନ୍ଦର Santara ମୂଳ କି ଭୂଟନାର ପାହାଡ଼ିଆ ଗ୍ରାମ ସାନ୍ତାବାଡ଼ି ମୂଳ ଏ ସମ୍ପର୍କରେ ମତ ବିରୋଧ ଦେଖାଯାଏ । ଓଡ଼ିଆରେ ସନ୍ତ୍ରା ଅପେକ୍ଷା ସିଲେଟ୍ କମଳା ନାମଟି ସୁପରିଚିତ ।

୧୦୯ । ସପେଟା—ZAPOTA (sapote) ଏହା ମେକ୍ସିକୋ ଦେଶୀୟ ଫଳଗଛ । ପର୍ତ୍ତୁଗୀଜ୍‌ମାନେ ଭାରତରେ ପ୍ରଚାର କରିଥିଲେ । 'ଭା: କୋ! ଇଂରାଜୀ ମୂଳ ।

୧୧୦ । ସାଗୁ—SAGU (Sagu flour) ମାଳୟରୁ ପର୍ତ୍ତୁଗୀଜ୍‌ମାନେ ଗ୍ରହଣ କରି ପରେ ଭାରତରେ ପ୍ରଚାର କରିଥିଲେ ।

୧୧୧ । ସାଙ୍ଗଡ଼ା—JANGADA (a raft two boats lashed together) Taylor- "a raft, esp, a very seaworthy kind of Catamaran used by fisherman off the coast of north eastern Brazil (The typical jangada consists of 5 extraordinarily light tibourbou logs lashed together)" ତାମିଲ୍, କଙ୍କଣୀ, ମରାଠୀରେ ଶବ୍ଦଟି ପ୍ରଚଳିତ । ଫକୀରମୋହନ "କାକପ୍ରସାଦ ଗୋରାପ"ରେ ଏହା ପ୍ରୟୋଗ କରିଛନ୍ତି ଏହାର ମୂଳ ସଂସ୍କୃତ-ସଂଘଟ୍ଟ ବୋଲି କେହି କେହି ସ୍ଥିର କରନ୍ତି । ଭା: କୋ: ସଂ-ସଂଘାଟ ମୂଳ । ପ୍ରକୃତରେ ଶବ୍ଦଟି ଓଡ଼ିଆରେ ଅନ୍ୟ ଅର୍ଥରେ ମଧ୍ୟ ଚଳେ—ହଳ ବଳଦ ସଙ୍ଗାଡ଼ିବା । ତେବେ ଜାହାଜାଡି ଅର୍ଥରେ ଶବ୍ଦଟି ପର୍ତ୍ତୁଗୀଜ୍‌ମାନଙ୍କଠାରୁ ଗୃହୀତ ହୋଇଥାଇ ପାରେ ।

୧୧୨ । ସାବୁନ—SABAO (soap)

୧୧୩ । ସାୟା—SAIA (petticoat, skirt)

୧୧୪ । ସାଲସା—SALSA (sauce, salsaparilla) Taylor—Commen Parsley: Condiment.

୧୧୫ । ସୁର୍ତ୍ତ—SORTE (lottery Coupon) Taylor-fate, destiny—ଲଟେରୀ ଅର୍ଥରେ ଏହି ଶବ୍ଦଟି ପୂର୍ବରୁ ଚଳୁଥିଲା ଏବଂ ପର୍ତ୍ତୁଗୀଜ୍‌ମାନେ ଏପ୍ରକାର ଅନୁଷ୍ଠାନର ସ୍ରଷ୍ଟା ଥିଲେ ।

୧୧୬ । ସ୍ଲୁପ୍—CHALUPA (sloop) ବଙ୍ଗଳାରେ ସ୍ଲୋପ (ଫକୀରମୋହନ-ବାଲେଶ୍ୱର ପଙ୍ଗାଲୁଣ) ଭା: କୋ: ଇଂରେଜୀ ମୂଳ ।

୧୧୭ । ଶବ୍ଦ-ସୂଚୀରେ ଉଲ୍ଲିଖିତ ୧୧୬ ଶବ୍ଦ ମଧ୍ୟରୁ ପ୍ରାୟ ୮[illegible] ଶବ୍ଦ ନିଃସନ୍ଦେହରେ ପର୍ତ୍ତୁଗୀଜ୍ ଭାଷାରୁ ଗୃହୀତ; ଅବଶିଷ୍ଟ ଶବ୍ଦ ସମ୍ବନ୍ଧରେ ସନ୍ଦେହାତ୍ମକ । ଏହି ତାଲିକା ଆଦୌ ସମ୍ପୂର୍ଣ୍ଣ ନୁହେଁ । ପୁଣି ନୂତନ ଉପାଦାନ ବଳରେ ଅଧିକ ଶବ୍ଦ ସଂଗୃହୀତ ହେବାର ସମସ୍ତ ସମ୍ଭାବନା ରହିଛି । ବିଶେଷତଃ ପର୍ତ୍ତୁଗୀଜ୍‌ମାନେ ବିଚକ୍ଷଣ ଚାଷୀ ଓ ଅତ୍ୟନ୍ତ ଉଦ୍ୟାନପ୍ରିୟ ଥିବାରୁ ଏତଦ୍‌ସମ୍ପର୍କୀୟ ଅଧିକ ଶବ୍ଦ ମିଳିପାରେ । ଅବିନାଶ ଚନ୍ଦ୍ର ଘୋଷ ଲେଖିଛନ୍ତି ଯେ ସୂର୍ଯ୍ୟମୁଖୀ, ରଜନୀଗନ୍ଧା, ଗେଣ୍ଡୁ, ପୀତ କରବୀ, ବିଲାତି ତୁଳସୀ, [illegible]ନାତ୍ରକାରର ଅମ୍ବ ଓ ଲେମ୍ବୁ ପର୍ତ୍ତୁଗୀଜ୍‌ମାନେ ପାଶ୍ଚାତ୍ୟଦେଶରୁ ଆଣି ଆମ ଦେଶରେ ଉଦ୍ୟାନ ବାଟିକାସବୁ ସମୃଦ୍ଧ ଓ ସୁନ୍ଦର କରିଥିଲେ । ପର୍ତ୍ତୁଗୀଜ୍ ରନ୍ଧଣାର ବୈଶିଷ୍ଟ୍ୟ ରକମାରି ଖାଦ୍ୟର ନାମ ପ୍ରସ୍ତୁତ ଶବ୍ଦ-ସୂଚୀରେ ଆଦୌ ନାହିଁ । ତେଣୁ ଏପରି ଶବ୍ଦ ମିଳିବା ଏକାନ୍ତ ସମ୍ଭବ । ସେପରି ଅନ୍ୟ କେତେ ଜାହାଜୀ ଶବ୍ଦ ମିଳିବାର ଆଶା ରହିଛି ।

ଫକୀରମୋହନ ଲେଖିଯାଇଛନ୍ତି---"ପର୍ତ୍ତୁଗୀଜ୍ ବଣିକ୍‌ଦଳର ବଳ୍ୟପ୍ରାପ୍ତି ଆମ୍ଭମାନଙ୍କର ସୌଭାଗ୍ୟର ବିଷୟ ବୋଲିବାକୁ ହେବ । ଏପରି ଅମଳେଟ ନ ଜାତି ସହିତ ଦୀର୍ଘକାଳ ସଂସର୍ଗରେ ଯେ ନିତାନ୍ତ ଅଶୁଭ ଫଳ ଲାଭ ହୋଇଥାନ୍ତା, ଏ କଥାର ପ୍ରମାଣ ନିମନ୍ତେ ବାକ୍ୟବ୍ୟୟ ଅନାବଶ୍ୟକ ।" (ବାଲେଶ୍ୱର ବନ୍ଦରରେ ଓଲନ୍ଦାଜ ଜାତି) ଧର୍ମ ଓ ସମାଜଭିତ୍ତିକ ଆଲୋଚନାରେ ଏପରି ମନ୍ତବ୍ୟ ଗ୍ରହଣୀୟ ହୋଇପାରେ, ମାତ୍ର ଭାଷା ବିଚାରରେ ଏହାର କୌଣସି ସମୀଚୀନତା ନାହିଁ । ବିଦେଶରେ ବାଣିଜ୍ୟ କରି ଦେଶର ସମ୍ପତ୍ତି ପରିବର୍ଦ୍ଧନ କରିବାପରି ବିଦେଶୀ ଭାଷାର ଆହରଣ କରିବା ବଡ଼ ଲାଭଜନକ । ଓଡ଼ିଆ ଶବ୍ଦ ଭଣ୍ଡାରର ସମୃଦ୍ଧି ନିମିତ୍ତ ପର୍ତ୍ତୁଗୀଜ୍‌ମାନଙ୍କର ଅବଦାନ ଚିରସ୍ମରଣୀୟ ।